


▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-329 ♦THURSDAY ♦28 MAY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୨୯ ♦ଗୁରୁବାର ♦୨୮ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ହଁ-ନା'ରେ ଫସିଛି ହର୍ମୁଜ

## ଇରାନ କହୁଛି ଅବରୋଧ ହଟିବ
## ସହମତି ହୋଇନାହିଁ: ଆମେରିକା

■ତେହେରାନ, ୨୭।୫ (ଏଜେନ୍ସି): ହର୍ମୁଜ ଖୋଲିବ। ଇରାନ କଟକଣା ଉଠାଇବ ଏବଂ ଆମେରିକା ସାମରିକ ଅବରୋଧ ମଧ୍ୟ ହଟାଇବ। ଏହାକୁ ନେଇ ଉଭୟ ଆମେରିକା ଏବଂ ଇରାନ ସହମତ ହୋଇଛନ୍ତି। ଖୁବଶୀଘ୍ର ବୁଝାମଣା ସ୍ୱାକ୍ଷରିତ ହେବ। ଆଜି ସକାଳେ ଇରାନ ପକ୍ଷରୁ ଏହି ଘୋଷଣା କରାଯିବା ପରେ ବିଶ୍ୱବାସୀ ଆଶ୍ୱସ୍ତ ହୋଇଯାଇଥିବା ବେଳେ ସନ୍ଧ୍ୟା ବେଳେ ଏହାକୁ ଖଣ୍ଡନ କରି ଆମେରିକା ପୁଣି ଥରେ




ହର୍ମୁଜକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଛି। ଆମେରିକା ପକ୍ଷରୁ କୁହାଯାଇଛି ଯେ ଇରାନ କଥାରେ କୌଣସି ସତ୍ୟତା ନାହିଁ। ଏଭଳି କୌଣସି ରାଜିନାମା ହୋଇନାହିଁ। ଆଲୋଚନା ଚାଲିଛି। ଚଳିତ ସପ୍ତାହ ଶେଷ ଆଡ଼କୁ ବୁଝାମଣା ଚୂଡ଼ାନ୍ତ ରୂପ ନେବାର ସମ୍ଭାବନା ରହିଛି ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ସାରା ବିଶ୍ୱକୁ ପ୍ରଭାବିତ କରିଛି। ଗତ ୧୨ ସପ୍ତାହରୁ ଊର୍ଦ୍ଧ୍ୱକାଳ ଧରି ଚାଲିଥିବା ଯୁଦ୍ଧ ବିଶ୍ୱରେ ତୈଳ ସଙ୍କଟ ସୃଷ୍ଟି କରିଛି। ଏହି ସମୟରେ ଆମେରିକା ହର୍ମୁଜ ଅବରୋଧ ହଟାଇବାକୁ ସମ୍ମତ ହୋଇଛି ▶ପୃଷ୍ଠା-୭

# ରାଜ୍ୟସଭା ଉପନିର୍ବାଚନ: ଜୁନ୍ ୧୮ରେ ଭୋଟ୍

■ଭୁବନେଶ୍ୱର, ୨୭।୫ (ସମିସ): ଓଡ଼ିଶାରେ ଖାଲି ପଡ଼ିଥିବା ଗୋଟିଏ ରାଜ୍ୟସଭା ଆସନରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ

**ଜୁନ୍ ୧ରେ ବିଜ୍ଞପ୍ତି, ୮ରେ ପ୍ରାର୍ଥିପତ୍ର ଦାଖଲ**

ଆୟୋଗ। ସୂଚନା ଅନୁସାରେ, ଉପନିର୍ବାଚନ ବିଜ୍ଞପ୍ତି ଆସନ୍ତା ୧ ତାରିଖରେ ପ୍ରକାଶ ପାଇବ। ଜୁନ୍ ୮ ପ୍ରାର୍ଥିପତ୍ର ଦାଖଲ କରିବାର ଶେଷ ତାରିଖ ଓ ୯ ତାରିଖରେ ▶ପୃଷ୍ଠା-୭

## ପାରାଦୀପରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ଶିଳାନ୍ୟାସ

# ଓଡ଼ିଶା ହେବ ଦେଶର ଇସ୍ପାତ ରାଜଧାନୀ: ମୁଖ୍ୟମନ୍ତ୍ରୀ




■ ଭୁବନେଶ୍ୱର/ପାରାଦୀପ/ଏରସମା, ୨୭।୫ (ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ଢିଙ୍କିଆଠାରେ ଜେଏସ୍‌ଡବ୍ଲ୍ୟୁ (ଉତ୍କଳ) ସମନ୍ୱିତ ଇସ୍ପାତ କାରଖାନାର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଓ ତାଙ୍କର ଜାପାନ ସହଯୋଗୀ କମ୍ପାନୀର ଉପସ୍ଥିତିରେ ଏହି ପ୍ରକଳ୍ପ ପାଇଁ ସବୁ ସରକାରୀ ସହଯୋଗ ଯୋଗାଇ ଦିଆଯିବ ଓ ୨୦୨୮ ସୁଦ୍ଧା ଇସ୍ପାତ ଉତ୍ପାଦନ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ୨୪ ନିୟୁତ ଟନ୍ ଇସ୍ପାତ ଉତ୍ପାଦନକ୍ଷମ ପ୍ରସ୍ତାବିତ କାରଖାନା ପାଇଁ ଜେଏସ୍‌ଡବ୍ଲ୍ୟୁ ଦୁଇଟି ପର୍ଯ୍ୟାୟରେ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏହା ସହିତ କମ୍ପାନୀ ପକ୍ଷରୁ ଏଠାରେ ଏକ ସିମେଣ୍ଟ କାରଖାନା ଓ ୯୦୦ ମେଗାୱାଟ କ୍ଷମତାବିଶିଷ୍ଟ ତାପଜ ବିଦ୍ୟୁତ୍ ପ୍ରକଳ୍ପ, ଏକ ସ୍ୱତନ୍ତ୍ର ଜେଟି ନିର୍ମାଣ କରାଯିବ।

**୨୦୨୮ ସୁଦ୍ଧା ଉତ୍ପାଦନ ଆରମ୍ଭ**

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2026
Empowering students for a brighter future
LAW PROGRAMMES
■ B.A. LL.B. (H) - Integrated
■ BBA LL.B. (H) - Integrated
■ LL.B. (H) - 3 Years
■ LL.M. - 1 Year
APPROVAL & RECOGNITIONS
■ Approved by UGC and BCI
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
NIRF INDIA RANKINGS 2025
■ 10th Best in Law Category
■ 15th Best in University Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in





## ପୋଖରୀରେ ବୁଡ଼ି ୬ ବର୍ଷର ନାବାଳିକା ମୃତ

ବ୍ରହ୍ମଗିରି,୨୭।୫(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ କୁରୁପାଳ ଗାଁରେ ଏକ ଅଘଟଣ ଘଟିଯାଇଛି। ପୋଖରୀରେ ବୁଡ଼ି ୬ ବର୍ଷର ନାବାଳିକାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ବଡ଼ଝାଡ଼ ପଞ୍ଚାୟତ କୁରୁପାଳ ଗ୍ରାମର କବିରାଜ ଖୁଣ୍ଟିଆଙ୍କ ଝିଅ ସାଇତୃଷ୍ଣା ଖୁଣ୍ଟିଆ(୬)।

ଖବର ନେବାରେ ଜଣାପଡ଼ିଛି, ମଙ୍ଗଳବାର ସନ୍ଧ୍ୟା ୫ଟାରେ ସେ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ପାହାଚରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲା। ସନ୍ଧ୍ୟା ସମୟରେ ପୋଖରୀରେ କେହି ଲୋକ ନ ଥିବାରୁ ଏଭଳି ଏକ ଅଘଟଣ ଘଟିଗଲା। ଦୀର୍ଘ ସମୟ ଧରି ଝିଅ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ପୋଖରୀରେ ଭାସୁଥିବା ଲୋକମାନେ ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଶିଶୁକନ୍ୟାକୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ଏନେଇ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲେ। ସାଇତୃଷ୍ଣା ନିକଟସ୍ଥ ମର୍ଦ୍ଦରାଜପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପାଠ ପଢୁଥିବା ଜଣାପଡ଼ିଛି।

## ପ୍ରଚଣ୍ଡ ରୌଦ୍ରତାପରେ ସରପଞ୍ଚଙ୍କ ଜଳଦାନ



ଗମ୍ଭାରୀପଦା,୨୭।୫(ସମିସ): ଏଲ୍‌ନିନୋ ପ୍ରଭାବରେ ପ୍ରଚଣ୍ଡ ରୌଦ୍ରତାପକୁ ଭ୍ରୁକ୍ଷେପ ନ କରି କାକଟପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଅଭୟ କୁମାର ସେଠୀ ନିଜ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର କରି ନିଜେ କର୍ମଜୀବୀ ମହିଳାଙ୍କ ସମେତ ତୃଷାର୍ତ୍ତମାନଙ୍କୁ ଦହି, ଲେମ୍ବୁ ମିଶ୍ରିତ ଜଳ ବଣ୍ଟନ କରି ଅନ୍ୟ ପଞ୍ଚାୟତର ସରପଞ୍ଚଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। କାକଟପୁର ବ୍ଲକ୍ ଅନ୍ତର୍ଗତ ୧୬ଟି ପଞ୍ଚାୟତର ପ୍ରାୟ ପଞ୍ଚାୟତରେ ନାମକୁ ମାତ୍ର କେତେକ ସ୍ଥାନରେ ଗଛ ମୂଳେ, ପାନ ଦୋକାନ କଡ଼ରେ ମାଠିଆ ଥୋଇ ତା' ଉପରେ ନାଲି କନା ଗୁଡ଼ାଇ ଦେଇ ସରପଞ୍ଚମାନେ ପ୍ରତିକାତ୍ମକ ଭାବରେ ଜଳଛତ୍ର ଫଟୋ ଉଠାଇ ପିଇଓଙ୍କ ମାଧ୍ୟମରେ ବିଲ୍ କରାଇବା ଚକରରେ ଅଛନ୍ତି। କିନ୍ତୁ କାକଟପୁର ସରପଞ୍ଚ ନିଜର ଜନସେବା କାର୍ଯ୍ୟକୁ ଚଳାଇ ରଖିଥିବାରୁ ବୁଦ୍ଧିଜୀବୀମାନେ ତାଙ୍କୁ ପ୍ରଶଂସା କରିଛନ୍ତି।

## ଶ୍ରୀପୁରୁଷୋତ୍ତମ ଏକାଦଶୀରେ ଶ୍ରୀ ଗୀତଗୋବିନ୍ଦ ଆସର

ଚାରିଛକ,୨୭।୫(ସମିସ): ଚଳିତ ଶ୍ରୀପୁରୁଷୋତ୍ତମ ମାସର ଶୁକ୍ଳପକ୍ଷ ଶ୍ରୀପୁରୁଷୋତ୍ତମ ଏକାଦଶୀ ପାବନ ଅବସରରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ଦ୍ୱାରା ପବିତ୍ର ପ୍ରାଚୀନଦୀ ତଟ ପଦ୍ମସମ୍ଭବ ପୀଠରେ ଶ୍ରୀ ଗୀତଗୋବିନ୍ଦ ଆସର ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ଆରତୀ ପରେ ପରେ ଦେବସ୍ଥଳୀରେ ସାମୂହିକ ଶ୍ରୀ ଗୀତଗୋବିନ୍ଦ ଗାୟନ ସହ ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଓ ବିଷ୍ଣୁଙ୍କ ସହସ୍ରନାମ ଗାୟନ କରାଯାଇଛି। ପରେ ପଣ୍ଡିତଙ୍କଠାରୁ ସମସ୍ତେ ପ୍ରାଚୀ ମାହାତ୍ମ୍ୟ ଶ୍ରୀପୁରୁଷୋତ୍ତମଙ୍କ ମାହାତ୍ମ୍ୟ ଓ ଶ୍ରୀପୁରୁଷୋତ୍ତମ ଏକାଦଶୀ ମାହାତ୍ମ୍ୟ ଶ୍ରବଣ କରିଛନ୍ତି। ବୈଠକରେ ବରିଷ୍ଠ ଶିକ୍ଷାବିତ୍ ଡ. ସନ୍ତୋଷ କୁମାର ମିତ୍ର, ପ୍ରାଚୀ ମଣ୍ଡଳ ନାବାର୍ଡ କୃଷକ କ୍ଲବ୍ ମହାସଂଘର ସପଭାପତି ରାଧାଶ୍ୟାମ ପ୍ରଧାନ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପଣ୍ଡିତ ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ନିଜେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅଧିମାସକୁ ଶ୍ରୀପୁରୁଷୋତ୍ତମ ମାସ ନାମ ପ୍ରଦାନ କରିଥିବା କହିଥିଲେ। ଏହି ମାସରେ କରାଯାଉଥିବା ପୁଣ୍ୟଫଳ ସହସ୍ର ଗୁଣରେ ଭକ୍ତଙ୍କୁ ମିଳିଥିବାରୁ ଦେବସ୍ଥଳୀରେ ଦାନ, ଧର୍ମ, ଦେବଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି।

## ଗ୍ରାମ କୋଠ ଜାଗାରୁ ମାଟି ଉଠାକୁ ନେଇ ଉତ୍ତେଜନା



ନିମାପଡ଼ା,୨୭।୫(ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ଧଲେଶ୍ୱର ପଞ୍ଚାୟତ ଅରିଲୋ ଗ୍ରାମର ଠାକୁରାଣୀଙ୍କ ଜମିରୁ ମଙ୍ଗଳବାର ରାତିରେ ସାଲବେଗ ଜେନା ଓ ତାଙ୍କ ପୁଅ ଗ୍ରାମ୍ୟ କମିଟିର ବିନା ଅନୁମତିରେ ମାଟି ଖୋଳି ନେଇ ଯାଉଥିଲେ। ଗ୍ରାମ୍ୟ କମିଟି ସମ୍ପାଦକ ପବିତ୍ର ବେହେରା ଅଭିଯୋଗ ପାଇ ଘଟଣାସ୍ଥଳକୁ ଯାଇ ପ୍ରତିବାଦ କରିଥିଲେ। ମାଟି ଉଠାଉଥିବା ବ୍ୟକ୍ତି ସାଲବେଗ ଜେନା ଏବଂ ସମ୍ପାଦକ ପବିତ୍ର ବେହେରାଙ୍କ ମଧ୍ୟରେ କଥା କଟାକଟି ହୋଇ ଶେଷରେ ପରସ୍ପରଙ୍କୁ ଆକ୍ରମଣ ପ୍ରତି ଆକ୍ରମଣ କରିଥିବା ନେଇ ଉଭୟେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହି ଆକ୍ରମଣ ଘଟଣାରେ ସାଲବେଗ ଜେନା ଆହତ ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଗ୍ରାମ୍ୟ କମିଟି ସମ୍ପାଦକ ପବିତ୍ର ବେହେରାଙ୍କୁ ଥାନାରେ ଅଟକ ରଖିଥିଲା। ଏହି ଖବର ଅରିଲୋ ଗ୍ରାମରେ ପହଞ୍ଚିବା ପରେ ଗ୍ରାମର ଶତାଧିକ ମହିଳା, ପୁରୁଷ ସମ୍ପାଦକଙ୍କୁ ପୁଲିସ ଅନ୍ୟାୟ ଭାବେ ଅଟକ ରଖିଥିବା ଅଭିଯୋଗ କରି ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀମାନେ ଧାରଣାରୁ ଉଠିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।

### ଶୈକ୍ଷିକ ସମୀକ୍ଷା ବୈଠକ

# ଏ-୧ ଗ୍ରେଡ୍ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱାରୋପ

ପୁରୀ,୨୭।୫(ସମିସ)



ଜିଲ୍ଲା ସମଗ୍ର ଶିକ୍ଷା ସଭାଗୃହରେ ୨୦୨୬-୨୭ ଶିକ୍ଷା ବର୍ଷର ପ୍ରଥମ ଶୈକ୍ଷିକ ସମୀକ୍ଷା ବୈଠକ ମଙ୍ଗଳବାର ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଶୈକ୍ଷିକ ସଂଯୋଜକ ସୁଶୀଲ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଗତ ୩ ବର୍ଷର ମାଟ୍ରିକ ଫଳର ବିଶ୍ଳେଷଣ କରାଯାଇଥିଲା। ଚଳିତ ବର୍ଷର ମାଟ୍ରିକ୍ ଛାତ୍ରଛାତ୍ରୀଙ୍କ ପାଇଁ ଦଶମ ୩.୦ କାର୍ଯ୍ୟକ୍ରମ ମାଧ୍ୟମରେ ଏ-୧ ଗ୍ରେଡ୍ ସଂଖ୍ୟା ବୃଦ୍ଧି, ଶତ ପ୍ରତିଶତ କୃତକାର୍ଯ୍ୟ ଓ ସମସ୍ତ ପଞ୍ଜିକୃତ ଛାତ୍ରଛାତ୍ରୀ ପରୀକ୍ଷା ଦେବା ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଶୈକ୍ଷିକ ମାନବୃଦ୍ଧି ନିମନ୍ତେ ଏକ ବିସ୍ତୃତ ବିବରଣୀ ଶ୍ରୀ ମହାପାତ୍ର ଉପସ୍ଥାପନ କରିଥିଲେ। ଏହା ଉପରେ ଦିନସାରା ପର୍ଯ୍ୟାପ୍ତ ଆଲୋଚନା କରାଯିବା ସହ ସୁଚିନ୍ତିତ ମତାମତ ଗ୍ରହଣ କରାଯାଇଥିଲା, ଯଉଁଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ଶିକ୍ଷକ ପ୍ରଶିକ୍ଷକ ସ୍ୱାଧୀନ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ସତ୍ୟବାଦୀ ଦାଶ ଏବଂ ବରିଷ୍ଠ ଶିକ୍ଷକଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାରେ ଖାନ୍ ଏକାଡେମୀର କାର୍ଯ୍ୟକାରିତା ଉପରେ ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପରିଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଢ଼ୀ ଜିଲ୍ଲାପାଳଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ଦଶମ ୩.୦ର ସଫଳତାର ସହିତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ନୂତନ ଭାବେ ଜିଲ୍ଲା ଶୈକ୍ଷିକ କମିଟି ଗଠନ, ବରିଷ୍ଠ ଶିକ୍ଷକଶିକ୍ଷୟିତ୍ରୀଙ୍କ ମତକୁ ଆଧାର କରି ଏକ ନୂତନ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ପରାମର୍ଶ ଦେଇଥିଲେ। ବିଷୟଭିତ୍ତିକ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଆଭାସୀ ବୈଠକ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ, ପ୍ରତି ମାସରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦ୍ୱାରା ବ୍ଲକ୍‌ସ୍ତରୀୟ ଶୈକ୍ଷିକ ସମୀକ୍ଷା ବୈଠକ ଆୟୋଜନ ତଥା ପ୍ରତି ଶନିବାର ଦିନ ଏ-୧ ଗ୍ରେଡ୍ ଆଶାୟୀ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତି ବ୍ଲକ୍‌ରେ ବିଷୟଭିତ୍ତିକ ସଂଶୟ ମୋଚନ କ୍ଲାସ୍ ଆୟୋଜନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଜ୍ଞାନ ନିରୀକ୍ଷକ ଉମାକାନ୍ତ ମିଶ୍ର ଏବଂ ଶିକ୍ଷାବିଜ୍ଞାନ ସଂଯୋଜକ ରମେଶ ବଲ୍ଲଭ ସାହୁ ପରିଚାଳନା କରିଥିଲେ। ପରିଶେଷରେ ଅତିରିକ୍ତ ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜୀବନୀ ପୁସ୍ତକ ଉନ୍ମୋଚିତ



ସାକ୍ଷୀଗୋପାଳ,୨୭।୫(ସମିସ): ଐତିହାସିକ ବକୁଳ ବନସ୍ଥିତ ପଞ୍ଚସଖା ସ୍ମୃତି ପାଠାଗାର ସମ୍ମୁଖରେ ଚିନ୍ତାମଣି ସ୍ମୃତି ପରିଷଦ ତରଫରୁ ବୁଧବାର ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜୀବନୀ ଅନାଲୋଚିତ ଅଧ୍ୟାୟ ଆଲୋଚନା ଓ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଦାୟାଦ ଜାନକୀ ନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ, ମୁଖ୍ୟବକ୍ତା ରୂପେ ଦୈନିକ ସମାଜର ପ୍ରକାଶକ ଓ ମୁଦ୍ରାକର ରାଜେଶ କୁମାର ଜେନା ଓ ସମ୍ମାନିତ ଅତିଥି ରୂପେ ପ୍ରଫେସର ବୃନ୍ଦାବନ ଚନ୍ଦ୍ର ରଥ, ପ୍ରଫେସର ଲକ୍ଷ୍ମୀକାନ୍ତ ମିଶ୍ର ଓ ପଣ୍ଡିତ ଶ୍ରୀନିବାସ ରଥ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଆଚାର୍ଯ୍ୟ କହିଥିଲେ, ପୂର୍ବ ଜନ୍ମକୃତ ପୁଣ୍ୟ ଫଳ ବଳରେ ସତ୍ୟବାଦୀ ଭଳି ଦେବଭୂମି ଓ ଐତିହାସିକ ସତ୍ୟବାଦୀରେ ପ୍ରତିଷ୍ଠିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱରେ ରହିଛି। ସତ୍ୟବାଦୀ ଯୁଗର ପଞ୍ଚସଖା ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖ ସତ୍ୟବାଦୀରେ ବନ ବିଦ୍ୟାଳୟ ସ୍ଥାପନ କରି ଓଡ଼ିଆ ଭାଷା ଓ ଶିକ୍ଷାର ବିକାଶ ଏବଂ ପ୍ରସାର କରିଥିଲେ। ସତ୍ୟବାଦୀ ମାଟିରେ ପ୍ରତିଷ୍ଠିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ପଞ୍ଚସଖାଙ୍କର ଓଡ଼ିଆ ଭାଷା ଶିକ୍ଷାର ସ୍ୱପ୍ନ ପୂରଣ କରୁଛି। ସତ୍ୟବାଦୀ ଅଞ୍ଚଳର ସମସ୍ତ ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ବହୁଳ ଭାବରେ ଓଡ଼ିଆ ଭାଷା ବିକୃତ ହେଉଛି। ଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମାଜର ପ୍ରକାଶକ ଓ ମୁଦ୍ରାକର ଶ୍ରୀ ଜେନା ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶ୍ରୀ ଜେନାଙ୍କ ସମେତ ଅତିଥିମାନେ ପଞ୍ଚସଖାଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରଶ୍ମି ରଞ୍ଜନ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଗ୍ରାମ କେଶରୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଅଶୋକ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଯୁକ୍ତ ୨ରେ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଶତପ୍ରତିଶତ ସଫଳତା

ଚାରିଛକ,୨୭।୫(ସମିସ): ଚଳିତ ବର୍ଷ +୨ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଚାରିଛକ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସଫଳତା ହାର ଶତ ପ୍ରତିଶତ ହୋଇଥିବା ଶିକ୍ଷାବିତ୍ ତଥା ରାଜ୍ୟ ଘରୋଇ କଲେଜ ସଙ୍ଘର ସଭାପତି ସୁବାସ ଚନ୍ଦ୍ର ଦାସ କହିଛନ୍ତି। ଛାତ୍ର ରୁଦ୍ରପ୍ରସାଦ ବେହେରା +୨ ପରୀକ୍ଷାରେ ଏଠାରେ ଶିକ୍ଷା ଲାଭ କରି ୫୨୭ ନମ୍ବର ରଖିଥିବାରୁ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସେହିଭଳି ଉକ୍ତ ଶିକ୍ଷାନୁଷ୍ଠାନରୁ ମଧ୍ୟ ଶିବ ପ୍ରସାଦ ପ୍ରଧାନ, ପ୍ରଶାନ୍ତ ସେଠୀ, ମଧୁସ୍ମିତା ସାହୁ, ସ୍ମୃତିରେଖା ବେହେରା, ସୋନାଲିକା ବେହେରା, ବେଣୁଧର କିମ୍ବିରା, ସୁଭଦ୍ରା ପ୍ରିୟଦର୍ଶିନୀ ମହାପାତ୍ର, ସୂର୍ଯ୍ୟକିରଣ ମହାନ୍ତି, ଆନନ୍ଦ ସ୍ୱାଇଁ, ଅଭିଦୀପ୍ତି ମଲ୍ଲିକ ପ୍ରମୁଖ ସର୍ବୋଚ୍ଚ ନମ୍ବର ରଖିଛନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଏହି ସଫଳତାରେ ଉକ୍ତ ଅନୁଷ୍ଠାନର ଅଧ୍ୟକ୍ଷଙ୍କ ସହିତ ନିର୍ଦ୍ଦେଶକ ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗର ହାତ ରହିଛି ବୋଲି ଅନୁଷ୍ଠାନର ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଦାସ କହିଛନ୍ତି। ଆଗାମୀ ବର୍ଷ ଏହି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଅଧ୍ୟକ୍ଷ ଅଜୟ କୁମାର ମହାନ୍ତି କହିଛନ୍ତି। ଚଳିତ ବର୍ଷ ଉକ୍ତ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ଅନୁଷ୍ଠାନରେ ଖୁସିର ଲହରୀ ଖେଳିଯାଇଛି।

## +୨ କଳା ପରୀକ୍ଷାରେ ସ୍ମୃତିରେଖାଙ୍କ କୃତିତ୍ୱ



ସାକ୍ଷୀଗୋପାଳ,୨୭।୫(ସମିସ): ଚଳିତ ବର୍ଷ +୨ କଳା ପରୀକ୍ଷାରେ ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ବାଁବରଡ଼ା ଗ୍ରାମର ଅବସରପ୍ରାପ୍ତ ବିଦ୍ୟାଳୟ ଉପଶିକ୍ଷା ନିରୀକ୍ଷକ ଗୌତମ ଚରଣ ପ୍ରଧାନଙ୍କ ନାତୁଣୀ ତଥା ଶିକ୍ଷକ ସଚିକାନ୍ତ ପ୍ରଧାନ ଓ ରଶ୍ମିତା ପ୍ରଧାନଙ୍କ କନ୍ୟା ସ୍ମୃତିରେଖା ପ୍ରଧାନ ୫୭୮ ନମ୍ବର ରଖି ରାଜ୍ୟରେ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ସେ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱରରେ ଅଧ୍ୟୟନରତ ଥିଲେ। ତାଙ୍କର ଏହି ସଫଳତାର ଶ୍ରେୟ ପିତାମାତା ତଥା ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ସାମ୍ବାଦିକଙ୍କ ମାତୃ ବିୟୋଗ



ସାକ୍ଷୀଗୋପାଳ,୨୭।୫(ସମିସ): ବରିଷ୍ଠ ସାମ୍ବାଦିକ ଅମର ଶତପଥିଙ୍କ ମାଆ ପଦ୍ମାରାଣୀ ଶତପଥିଙ୍କର ୮୬ ବର୍ଷ ବୟସରେ ପରଲୋକ ହୋଇଛି। ବାର୍ଦ୍ଧକ୍ୟ ଯୋଗୁଁ ସେ ଶଯ୍ୟାଶାୟୀ ରହିଥିଲେ। ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଜୟପୁର ଗ୍ରାମସ୍ଥିତ ତାଙ୍କ ବାସଭବନରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଜୟପୁର ଗ୍ରାମ ପଞ୍ଚାୟତ ସମିତିସଭ୍ୟ ଦୀପକ ଶତପଥି, ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ, ସତ୍ୟବାଦୀ ପ୍ରେସ୍ କ୍ଲବ୍ ସମ୍ପାଦକ ଅଶୋକ ବେହେରା ଓ ଅନ୍ୟ ସଦସ୍ୟମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପ୍ରସାଦ ହରିଚନ୍ଦନ ଓ ରମାରଞ୍ଜନ ବଳିୟାରସିଂହ ଶୋକବ୍ୟକ୍ତ କରିଛନ୍ତି। ଜୟପୁର ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରିଯାଇଛି। ଏକମାତ୍ର ପୁତ୍ର ଅମର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ କନ୍ୟା, ପୁତ୍ର, ପୁତ୍ରବଧୂ, ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନର ତୃତୀୟ ପର୍ଯ୍ୟାୟ ପ୍ରସ୍ତୁତି




ପୁରୀ,୨୭।୫(ସମିସ): ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର୍ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଗତ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ବିଏଲ୍‌ଓମାନଙ୍କୁ ପ୍ରଶିକ୍ଷଣ ସହ ଆବଶ୍ୟକୀୟ ଫର୍ମ ପ୍ରସ୍ତୁତ କରାଯାଇଛି। ଇତିମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟଜ୍ୟୋତି ପରିଡ଼ା ଆଲୋଚନା ବୈଠକ ମାଧ୍ୟମରେ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ୍ ସୂଚନା ପ୍ରଦାନ ସହ ପ୍ରତ୍ୟେକ ବୁଥ୍‌ରେ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୋଜନ କରିବାକୁ ଅନୁରୋଧ କରିଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ଏସ୍‌ଆଇଆର୍ ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ଧାର୍ଯ୍ୟ କରାଯାଇଛି। ମେ' ୩୦ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ବିଏଲ୍‌ଓମାନେ ଘରକୁ ଘର ପରିଦର୍ଶନ କରିବେ। ୨୮ ଜୁନ୍ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଂଗତ ପୁନର୍ବିନ୍ୟାସ କରାଯିବ। ଜୁଲାଇ ୫ରେ ଖସଡ଼ା ଭୋଟର ତାଲିକା ପ୍ରକାଶ କରାଯିବ। ଦାବି ଓ ଆପତ୍ତି ଦାଖଲ ସମୟସୀମା ଜୁଲାଇ ୫ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ୍ ପର୍ଯ୍ୟାୟ, ଦାବି ଓ ଆପତ୍ତିର ନିଷ୍ପତ୍ତି ଗ୍ରହଣ କରାଯିବ। ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ଏହି ଜାତୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ଜିଲ୍ଲା ପ୍ରଶାସନ କାମନା କରିଛନ୍ତି। ବିଏଲ୍‌ଓମାନେ ଭୋଟରମାନଙ୍କ ଘରକୁ ଘର ପରିଦର୍ଶନ କରିବେ ଓ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ କରିବେ। ସେମାନେ ଭୋଟରମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଇବେ। ପରିଶେଷରେ ବିଏଲ୍‌ଓ ଭୋଟରଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରିବେ ଓ ଭୋଟରମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକ୍‌ନଲେଜ୍‌ମେଣ୍ଟ ରସିଦ୍ ପ୍ରଦାନ କରିବେ। ଏ ସମସ୍ତ କାର୍ଯ୍ୟରେ ଭୋଟରମାନେ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

## ଯୁକ୍ତ ୨ ପରୀକ୍ଷାରେ ଟପ୍ପର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ନିମାପଡ଼ା,୨୭।୫(ସମିସ): ଚଳିତ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷାରେ ନିମାପଡ଼ାରେ ଥିବା ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି। କଳା ବିଭାଗରେ ଛାତ୍ରୀମାନଙ୍କ ସଫଳତା ହାର ୯୮ ପ୍ରତିଶତ ରହିଥିବାବେଳେ ୫୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଦୀପାଳିତା ମହାରଣା, ସମୀକ୍ଷା ସମର୍ପିତା ଓ ଶ୍ରୀପର୍ଣ୍ଣା ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ଛାତ୍ରୀମାନଙ୍କ ପାସ୍‌ହାର ଶତପ୍ରତିଶତ ରହିଥିବାବେଳେ ମୋଟ ୩୩ ଜଣ ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉକ୍ତ ବିଭାଗରେ ଛାତ୍ରୀ ମଧୁସ୍ମିତା ପରିଡ଼ା ପ୍ରଥମ ହୋଇଥିବାବେଳେ ପ୍ରାଚୀ ପ୍ରିୟଦର୍ଶିନୀ କାଣ୍ଡି ଓ ଅଙ୍କିତା ପ୍ରିୟଦର୍ଶିନୀ ପତି ଯୁଗ୍ମ ଦ୍ୱିତୀୟ, ସାହିଦା ଅକ୍‌ତାର ତୃତୀୟ ଓ ଲୋପାମୁଦ୍ରା ପ୍ରଧାନ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ଆରତୀ ଦାଶ, ପରୀକ୍ଷା ପରିଚାଳନା ଅଧିକାରୀ ଅଧ୍ୟାପିକା ସବିତା ଜେନା, ବରିଷ୍ଠ ଅଧ୍ୟାପିକା ମଧୁସ୍ମିତା ସ୍ୱାଇଁ, ସୁଶ୍ରୀୟା ଦାଶ, ରଞ୍ଜିତା ପ୍ରଧାନ, ନମିତା ପଟ୍ଟନାୟକ, ବରିଷ୍ଠ ଅଧ୍ୟାପକ ଅରବିନ୍ଦ ସ୍ୱାଇଁ, ସତ୍ୟଜିତ୍ ସାହୁ, ଶ୍ରୀମନ୍ତ ମହାପାତ୍ର, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ସମସ୍ତ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅଧ୍ୟାପିକା ଓ ଅଧ୍ୟାପକମାନେ ବିଦ୍ୟାଳୟରେ ପିଲାମାନଙ୍କୁ ପଢ଼ାଇବାର ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ଏହି ଛୋଟିଆ ପୁରସ୍କାର ସେମାନଙ୍କୁ ଆଗକୁ ବଢ଼ିବାରେ ଅଧିକ ଉତ୍ସାହିତ କରିବ ବୋଲି କହିଥିଲେ। ମେଧାବୀ ଛାତ୍ରୀମାନେ ପୁରସ୍କାର ଗ୍ରହଣ ସମୟରେ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ।

## ଓସିଏସ୍ ପରୀକ୍ଷାରେ ଶୁଭଲକ୍ଷ୍ମୀ ଓ ରୋଜାଲିନ୍‌ଙ୍କ ସଫଳତା





ନିମାପଡ଼ା,୨୭।୫(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ କଳାପାଞ୍ଚଣ ପଞ୍ଚାୟତ ଗଡ଼ ଇଟାପୋଖରୀ ଗ୍ରାମର ସର୍ବେଶ୍ୱର ପାତ୍ର ଓ ସସ୍ମିତା ପାତ୍ରଙ୍କ ଝିଅ ଶୁଭଲକ୍ଷ୍ମୀ ପାତ୍ର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାରେ ୩୪ତମ ର୍‍ୟାଙ୍କ ପାଇ ଗୌରବ ଅର୍ଜନ କରିଛନ୍ତି। ଶୁଭଲକ୍ଷ୍ମୀଙ୍କ ଏହି ସଫଳତା ଖବର ଶୁଣି ତାଙ୍କ ନିକଟକୁ ନିଜ ଗ୍ରାମ ଓ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ଶୁଅ ଛୁଟିଛି। ସେହିପରି ବାହାରଣା ପଞ୍ଚାୟତ ଦିନେଇଲ ଗ୍ରାମର ଶଙ୍କରେଶ୍ୱର ରାଉତ ଓ ମନୋରମା ରାଉତଙ୍କ ଝିଅ ରୋଜାଲିନ୍ ପ୍ରିୟଦର୍ଶିନୀ ରାଉତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୦୦ତମ ର୍‍ୟାଙ୍କ ପାଇ ସଫଳତା ଅର୍ଜନ କରିଛନ୍ତି। ଏହି ଦୁଇ ଛାତ୍ରୀଙ୍କ ସଫଳତା ଖବର ଶୁଣି ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ଶୁଅ ଛୁଟିଛି।

# ଆଇଆଇଜି ଆର୍ଟ୍ସ ଏକାଡେମୀ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ବ୍ରହ୍ମଗିରି,୨୭।୫(ସମିସ)




ପୁରୀ ଜିଲ୍ଲାର ଐତିହାସିକ ବ୍ରହ୍ମଗିରିଠାରେ ଆଇଆଇଜି ଆର୍ଟ୍ସ ଏକାଡେମୀ ପକ୍ଷରୁ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରୁ ଉଦୀୟମାନ ପ୍ରତିଭାମାନଙ୍କ ଲୁକ୍କାୟିତ କଳାକୁ ଲୋକଲୋଚନକୁ ଆଣିବା ସହ ଛାତ୍ରଛାତ୍ରୀଙ୍କୁ ଏକ ବଡ଼ ମଞ୍ଚ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ଓଡ଼ିଶୀ, ଲୋକନୃତ୍ୟ, ଆଧୁନିକ ନୃତ୍ୟ, ସଙ୍ଗୀତ ଏବଂ ଚିତ୍ରକଳା ଭଳି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୁନିକୁନି ପ୍ରତିଯୋଗୀମାନେ ନିଜର ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ଉପସ୍ଥିତ ଦର୍ଶକ ଓ ଅତିଥିମାନଙ୍କର ମନ ଜିତିଥିଲେ। ସମସ୍ତ ବର୍ଗ ଓ ବିଭାଗର କୃତୀ ପ୍ରତିଭାମାନଙ୍କ ସହିତ ବ୍ରହ୍ମଗିରି ଅଞ୍ଚଳର କୁନି ପ୍ରତିଭା ବୈଭବ କୁମାର ସାହୁ ନିଜ ବର୍ଗର ଗାୟନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାର ସୁଯୋଗ ଲାଭ କରିଛନ୍ତି। କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀ ଭାବେ ବିଶିଷ୍ଟ ଓଡ଼ିଶୀ ଗୁରୁ ଗନ୍ଧର୍ବ ପଲାଇ, ମାହାରୀ ନୃତ୍ୟଶିଳ୍ପୀ ମନସ୍ମିତା ସାହୁ, ଓଡ଼ିଶୀ ସଙ୍ଗୀତ ଶିଳ୍ପୀ ସ୍ମୃତିରେଖା ପ୍ରତିହାରୀ ଏବଂ ଗୋଟିପୁଅ ଗୁରୁ ପ୍ରିୟବ୍ରତ ପଲାଇ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ମୂଲ୍ୟାୟନ କରିଥିଲେ। ସେମାନେ କୁନି ପ୍ରତିଭାମାନଙ୍କର ଦକ୍ଷତା ଦେଖି ପ୍ରଶଂସା କରିବା ସହ ଆଗାମୀ ଦିନରେ ଅଧିକ ଅଭ୍ୟାସ ଓ ନିଷ୍ଠା ସହ ଆଗେଇବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ବ୍ରହ୍ମଗିରିର ପ୍ରିନ୍ସପାଲ ବିଜୟା ଯାନମ, ଉତ୍କଳ ସଂଗୀତ କଳା ପ୍ରତିଷ୍ଠାନ, ବ୍ରହ୍ମଗିରିର ସଭାପତି ସୁଶାନ୍ତ ସାମଲ ଏବଂ ବରିଷ୍ଠ ନୃତ୍ୟଶିଳ୍ପୀ ଅନିତା ରାଉତ ଉପସ୍ଥିତ ଥିଲେ।

ସେମାନେ ଏହି ପ୍ରୟାସକୁ ସ୍ୱାଗତ କରି କହିଥିଲେ ଯେ, ଏଭଳି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଥିବା ପ୍ରତିଭାମାନଙ୍କୁ ନୂତନ ପରିଚୟ ଦେବା ସହ ତାଙ୍କର ଆତ୍ମବିଶ୍ୱାସ ବଢ଼ାଇବାରେ ସହାୟକ ହେଉଛି। ଏହି କାର୍ଯ୍ୟକ୍ରମକୁ ଉତ୍କଳ ସଙ୍ଗୀତ କଳା ପ୍ରତିଷ୍ଠାନ ଏବଂ ସୃଷ୍ଟି ଓ ସମ୍ଭାବନା କଳା କେନ୍ଦ୍ର ବ୍ରହ୍ମଗିରିଙ୍କ ସହଯୋଗିତାରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ଉଭୟ ଅନୁଷ୍ଠାନର ସଦସ୍ୟମାନଙ୍କ ସୁପରିଚାଳନାରେ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇଆଇଜି ଆର୍ଟ୍ସ ଏକାଡେମୀ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ଯେ, ବିଭିନ୍ନ ବ୍ଲକ୍ ଓ ଜିଲ୍ଲାସ୍ତରରେ କୃତକାର୍ଯ୍ୟ ହେଉଥିବା ପ୍ରତିଭାଶାଳୀ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଦିନରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସୁଯୋଗ ଦିଆଯିବ। ଏହା ଦ୍ୱାରା ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାମାନେ ନିଜ କୌଶଳ ପ୍ରଦର୍ଶନ କରି ଜିଲ୍ଲା ଏବଂ ରାଜ୍ୟସ୍ତରରେ ପରିଚିତ ହେବାର ସୁଯୋଗ ପାଇବେ। ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଏପରି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆୟୋଜକ ପ୍ରଦୀପ କୁମାର ଦାସ ସୂଚନା ଦେଇଥିଲେ।

# ପାରିବାରିକ ବିବାଦ ଲାଗି ପଡ଼ି ରହିଲା ମା'ର ଶବ

ରାଜଘାଟ, ୨୭।୫ (ସମିସ)

ଭାଇ ଭାଇ ମଧ୍ୟରେ ବିବାଦ ଲାଗି ରହିଥିବା ଯୋଗୁଁ ନିଜ ଜନ୍ମ କଲା ମା'ର ମୃତ୍ୟୁ ପରେ କଲେନି ଶବ ସତ୍କାର। ଫଳରେ ଘରେ ପଡି ରହିଲା ଶବ, ଖବର ପାଇ ଦୀର୍ଘ ୧୦ ଘଣ୍ଟା ପରେ ସ୍ଥାନୀୟ ପୋଲିସ ଅଧିକାରୀ ପହଞ୍ଚି ନିଜେ କାନ୍ଧରେ ବୋହି ନେଇ ମଶାଣି ରେ କଲେ ଶବ ସତ୍କାର। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପୋଲିସ ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ଲୋକେ। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ ଲୋକନାଥପୁର ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ



ଏହି ଗ୍ରାମର ସ୍ୱର୍ଗତ ବଂଶୀଧର ଦାସ ଙ୍କ ପତ୍ନୀ ତୁଳସୀ ଦାସ (୮୦) ଙ୍କ ତିନି ଜଣ ପୁଅ ଅଛନ୍ତି, ବଡ ପୁଅ ନିଖୋଜ ଥିବା ବେଳେ ତୁଳସୀ ସାନ ପୁଅ ପାଖରେ ରହୁଥିଲେ। ଗତକାଲି ସକାଳେ ତୁଳସୀଙ୍କ ମୃତ୍ୟୁ ହୋଇଥିଲା। ଶବସତ୍କାର କରିବାକୁ ନେଇ ମଝିଆ ଏବଂ ସାନ ପୁଅ ମଧ୍ୟରେ ବିବାଦ ଯୋଗୁଁ ରାତି ୯ ଟା ପର୍ଯ୍ୟନ୍ତ

**ସତ୍କାର କଲା ବସ୍ତା ପୁଲିସ**

ଘର ବାରଣ୍ଡାରେ ଶବ ପଡିରହିଥିଲା। ଖବର ପାଇ ଅମର୍ଦ୍ଦା ରୋଡ୍ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ଏବଂ ଅନ୍ୟ ପୁଲିସ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଘରଠାରୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ନିଜ କାନ୍ଧରେ ଶବ ବୋହିନେଇ ସୁବର୍ଣ୍ଣରେଖା ନଦୀ ପଠାରେ ଶବ ସତ୍କାର କରିଥିଲେ। ସ୍ୱାର୍ଥପର ଦୁନିଆରେ ନିଜର ମଣିଷ ପର ହୋଇ ଯାଉଥିବା ବେଳେ ପୋଲିସ ଅଧିକାରୀଙ୍କ ଏଭଳି ମହାନତା ଯୋଗୁଁ ସବୁ ମହଲରେ ପ୍ରଶଂସାର ସୁଅ ଛୁଟୁଛି।

# ବସ୍ତାରୁ ଶଙ୍ଖା ଭଙ୍ଗାକୁ ରେଳପଥ ସଂଯୋଗୀକରଣ ପାଇଁ ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ନଗର ଉନ୍ନୟନ ମନ୍ତ୍ରୀ

ବସ୍ତା ବ୍ଲକ, ୨୭।୫ (ସମିସ): ବାଲେଶ୍ୱର ସୀମାନ୍ତ ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ଏକ ନୂତନ ସମ୍ଭାବନା ଚେଇଁ ଉଠିଛି। ବାଲେଶ୍ୱର ଜିଲ୍ଲା ବସ୍ତା ରୁ ମୟୂରଭଞ୍ଜ ଜିଲ୍ଲା ଶଙ୍ଖା ଭଙ୍ଗାକୁ ରେଳ ସଂଯୋଗୀକରଣ ପାଇଁ ନଗର ନୂତନ ରେଳପଥ ନିର୍ମାଣ ପାଇଁ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ସରକାର ତଥା ମୋରଡା ନିର୍ବାଚନ ମଣ୍ଡଳୀ ର ବିଧାୟକ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ଚିଠି ଜରିଆରେ ନିବେଦନ କରିବା ପରେ ବାଲେଶ୍ୱର ମୟୂରଭଞ୍ଜ ଦୁଇ ଜିଲ୍ଲା ଅଞ୍ଚଳ ବାସୀଙ୍କ ନୂତନ ଆଶା ଦେଇଛି। ମନ୍ତ୍ରୀ ଶ୍ରୀ ମହାପାତ୍ର ଗତ ୨୫ ମେ ରେ ଚିଠି ନମ୍ବର ୩୨୬ ମୂଳେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ଏହି ପ୍ରସ୍ତାବ କୁ ଅନୁମୋଦନ କରି ସର୍ଭେ ସହିତ ଅର୍ଥ ମଞ୍ଜୁର ପାଇଁ ନିବେଦନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ରେଳ ଷ୍ଟେସନ୍ ବସ୍ତା ହୋଇଥିବା ବେଳେ ସେହିଠାରୁ ଶଙ୍ଖାଭଙ୍ଗା (ବାରିପଦା) ପର୍ଯ୍ୟନ୍ତ ୩୫ କିଲୋମିଟର ନୂତନ ରେଳପଥ ନିର୍ମାଣ ହେଲେ ରାସଗୋବିନ୍ଦପୁର, ଚିତ୍ରଡ଼ା, ଝିଙ୍କରିଆ, ମୋରଡା, ବାର ମାଇଲ ସଂଯୋଗ କରିବା ର ଚିଠି ରେ ଦର୍ଶା ଯାଇଛି। ଏହି ରେଳପଥ ମଞ୍ଜୁରୀ ମିଳିଲେ ଆଞ୍ଚଳିକ ବିକାଶ ହେବ। ଶିକ୍ଷା, ସ୍ୱାସ୍ଥ୍ୟ, ବଜାର, ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ଯୋଗାଯୋଗ, ବନ୍ୟ ଜାତ ସାମଗ୍ରୀ ର ପରିବହନ, କୃଷି ର ଉନ୍ନତି ସହିତ ଅର୍ଥନୀତି ସୁଦୃଢ଼ ହେବା ଆକଳନ କରାଯାଇଛି। ଅନ୍ୟପକ୍ଷେ ବାରିପଦା ରୁ ଏହି ରୁଟ୍ ଦେଇ ଅଧିକ ଟ୍ରେନ ମଧ୍ୟ ଚଳାଚଳ କରିପାରିବ। ଯାହା ଦ୍ୱାରା ଯାତ୍ରୀ ଉପକୃତ ହୋଇ ପାରିବେ। ଆଗକୁ ଯଦି ସରକାର ରାସଗୋବିନ୍ଦପୁର ସ୍ଥିତ ଅମର୍ଦ୍ଦା ଏୟାରଷ୍ଟ୍ରିପକୁ ପୁନରୁଦ୍ଧାନ ହୁଏ ତାହାଲେ ବିଶେଷ ଫଳପ୍ରଦ ହେବ। ସେହିପରି ବସ୍ତା ଷ୍ଟେସନ ଜଂସନ ମାନ୍ୟତା ଲାଭ କରିବ। ଯାହା ଦ୍ୱାରା ଦୁଇ ଜିଲ୍ଲା ର ସୀମାନ୍ତ ବାସୀଙ୍କ ବିକାଶ ର ଅଭିବୃଦ୍ଧି ହେବା ନେଇ ଆଲୋଚନା ହେଉଛି। ମନ୍ତ୍ରୀ ଙ୍କ ଏହି ଭଳି ପଦକ୍ଷେପକୁ ସବୁ ମହଲ ରୁ ସ୍ୱାଗତ କରାଯାଇଛି। କେନ୍ଦ୍ର ରେଳବାଇ ମନ୍ତ୍ରୀ ଏହି ପ୍ରସ୍ତାବିତ ରେଳପଥ ନିର୍ମାଣ ଉପରେ ମୋହର ଲଗାଇବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବଟବୃକ୍ଷ ସୁରକ୍ଷା ଦାବି

ବାଲେଶ୍ୱର, ୨୭।୫ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଛି ଐତିହ୍ୟ ସମ୍ପନ୍ନ ପୁରାତନ ବଟବୃକ୍ଷ। ଏବେ ଏହି ବଟବୃକ୍ଷର ଚାରିପଟେ ଥିବା ପିଣ୍ଡିଟି ଭାଙ୍ଗିରୁଜି ଗଲାଣି। ଏଣୁ ଏହାକୁ ମରାମତି କରିବା ପାଇଁ ଆଜି ବଟବୃକ୍ଷ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ସାକ୍ଷାତ କରାଯାଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ମଂଚ ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲାପାଳଙ୍କ ପୁରାତନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ରହିଛି ଐତିହ ସମ୍ପନ୍ନ ବଟବୃକ୍ଷ। ଏହି ବଟ ବୃକ୍ଷର ସୁରକ୍ଷା ସହ ଏହାର ଚାରିପାଖରେ ଥିବା ପିଣ୍ଡି ଗୁଡିକ ଭାଙ୍ଗିରୁଜି ଗଲାଣି। ଏହାଛଡା ସେଠାରେ ଲାଗିଥିବା ଟାଇଲ ମଧ୍ୟ ଭାଙ୍ଗି ଗଲାଣି। ଏହି ବଟବୃକ୍ଷ ତଳେ ଦୈନିକ ହଜାର ହଜାର ଲୋକେ ଆଶ୍ରୟ ନେଉଛନ୍ତି। ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ



ଆସୁଥିବା ଦୂରଦୁରାନ୍ତରୁ ଲୋକେ ଏଠାରେ ଟିକେ ବିଶ୍ରାମ ନେଉଛନ୍ତି। ଏଣୁ ଏହି ପିଣ୍ଡିକୁ ପୁନରୁଦ୍ଧାର କରାଯିବା ନୂତନ ଭାବେ ଟାଇଲ ଲଗାଇବା ପାଇଁ ଦାବି କରାଯାଇଛି। ଏଣୁ ଜନସାଧାରଣଙ୍କ ପାଇଁ ଅତିଆବଶ୍ୟକ ଥିବା ଏହି ବିଶ୍ରାମ ପିଣ୍ଡିର ସୁବନ୍ଦୋବସ୍ତ ଓ ନିର୍ମାଣ ପାଇଁ ଅନୁରୋଧ କରାଯାଇଛି। ସେହିପରି ଏହି ସୁରକ୍ଷା ମଂଚ ପୌରପରିଷଦ ଅଧକ୍ଷା ସବିତା ବେହେରାଙ୍କୁ ସାକ୍ଷାତ କରାଯାଇ ସେଇ ବଟ ବୃକ୍ଷ ନିକଟରେ ପ୍ରତିଦିନ ସଫେଇ କରାଯିବା ସହ ସେଠାରେ ୩ରୁ୪ଟି ଚେୟାର ପ୍ରଦାନ କରାଯିବା ପାଇଁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ଧୀରଜ ଦାସ, ତପନ ଦାସ, କଞ୍ଜମଣୀ ସ୍ୱାଇଁ, ଭାଗବତ ଚନ୍ଦ୍ର ଦାସ, ଚିତରଞ୍ଜନ ନାୟକ, ବିନାୟକ ମହାପାତ୍ର, ହିତ୍ରିକ ନାୟକ, ମନୋଜ ବିଶ୍ୱାଳ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦକ୍ଷିଣ ଭୋଗରାଇ ଓଷ୍ଟା ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ

ବାଲେଶ୍ୱର (ଉତ୍ତର), ୨୭।୫ (ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଦକ୍ଷିଣ ଭୋଗରାଇ ପକ୍ଷରୁ ଏକ ପ୍ରତିଭା ସମ୍ମାନ ସମାରୋହ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ଏହି

**ସମ୍ବର୍ଦ୍ଧିତ ହେଲେ ୩୯ ମାଟ୍ରିକ ମହକ, ୨୩ ପ୍ରଧାନ ଶିକ୍ଷକ**

ସମାରୋହରେ ଭୋଗରାଇର ୩୯ ଜଣ ମାଟ୍ରିକ ମହକ ଓ ୨୩ ଜଣ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଭୋଗରାଇ ହେରମ୍ବ ଚନ୍ଦ୍ର ଏକାଡେମୀ ପରିସରରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀରେ ଆୟୋଜିତ ସଭାକୁ ଓଷ୍ଟାର ସଭାପତି ମହେଶ୍ୱର ଗିରି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଯୋଗଦେଇ କହିଲେ, ସମ୍ପ୍ରତି ସମାଜରୁ ସମ୍ବେଦନଶୀଳତା ମରି ଯାଉଥିବା ବେଳେ ପିଲାଙ୍କ ମଧୁର ଶୈଶବକୁ ଛଡ଼ାଇ ନିଆ ଯାଉଛି। ମୁଖ୍ୟ ବକ୍ତା ବରିଷ୍ଠ ସାମ୍ବାଦିକ ତଥା ରାଜନେତା ସତ୍ୟଶିବ ଦାସ ଯୋଗଦେଇ ଶିକ୍ଷା ଏକ ଅଶାନ୍ତ ସମୁଦ୍ର ହେଲେ, ପ୍ରତିଟି ବ୍ୟକ୍ତି ସଭା ହୁଲି ଡଙ୍ଗା ବୋଲି କହିଥିଲେ। ବିଶିଷ୍ଟ ଅତିଥି ଓଷ୍ଟାର ରାଜ୍ୟ



ସଭାପତି ତଥା ସ୍ତମ୍ଭକାର ଅକ୍ଷୟ କୁମାର ମିଶ୍ର, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ସଭାପତି ମନୋରଞ୍ଜନ ଦାସ, ପୂର୍ବତନ ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ଭୋଗରାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ପୂର୍ବତନ ସଭାପତି ଶ୍ରୀନିବାସ ଚନ୍ଦ୍ର ପ୍ରଧାନ, ସମ୍ପାଦକ ନଟ ରଞ୍ଜନ ଘରାଇ, ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଧଳ, ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ କୁମାର ଦତ୍ତ ପ୍ରମୁଖ ଯୋଗଦେଇ ଆ।। ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ଦେବାଂଶୀ ଭଞ୍ଜ ମଞ୍ଚ ଆହ୍ୱାନ, ଜିଲ୍ଲା ଇସି ସଭ୍ୟ ଦେବ ଶଙ୍କର ଦାଶ ବେଦପାଠ, ସମ୍ପାଦକ ଶାଶ୍ୱତ କୁମାର ଜେନା ଉଦ୍ଦେଶ୍ୟ ଜ୍ଞାପନ ଓ ଶେଷରେ କୋଷାଧ୍ୟକ୍ଷ ମନୋରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚାଳନା ସମିତିର ସଦସ୍ୟମାନେ ସହଯୋଗ କରିଥିଲେ।

# ଝିଅକୁ ବିକ୍ରି କରିଥିବା ପୀଡ଼ିତା ପରିବାର ପାଖରେ ପହଞ୍ଚିଲା ପ୍ରଶାସନ

ଜଳେଶ୍ୱର, ୨୭।୫ (ସମିସ): ସରକାର ବହୁ ଜନ କଲ୍ୟାଣ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ତୃଣମୂଳ ସ୍ତରରେ ସଫଳ ରୂପାୟନ ହୋଇପାରୁନାହିଁ। ଫଳରେ



ବହୁ ଗରିବ ପରିବାର ଅବହେଳିତ ହୋଇ ଦୁଃଖ ଦୈନ୍ୟ ମଧ୍ୟରେ କାଳାତିପାତ କରୁଛନ୍ତି। ଜଳେଶ୍ୱର ପୌରପାଳିକାର ୮ ନଂ ୱାର୍ଡ ଫଚୁଘଣ୍ଟା ସ୍ଥିତ ଶଂକର ସିଂ ଓ ସରସ୍ୱତୀ ସିଂ ପ୍ରତିପୋଷଣ କରି ନପାରି ଶିଶୁ କନ୍ୟାକୁ ବିକ୍ରି କରିଥିବା କହିଛନ୍ତି। ରୋଗାଗ୍ରସ୍ତ ଶଂକରର ସେପରି କୌଣସି ରୋଜଗାର ନ ଥିବା ବେଳେ ସ୍ୱାମୀ ସ୍ତ୍ରୀ ପରଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ବୁଢ଼ୀ ମା ଓ ଦୁଇ ଝିଅ ସହ ରହୁଥିବା ବେଳେ ଦାରୁଣ ଅଭାବରୁ କୁନି ସାନ ଝିଅକୁ ଭଦ୍ରକ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଛନ୍ତି। ଘଟଣା ପ୍ରଘଟ ପରେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ପିଡୀତ ପରିବାର ନିକଟରେ ପହଞ୍ଚି ସମସ୍ତ କଥା ଶୁଣୁଥିଲେ। ସରସ୍ୱତୀ ଓ ଦୁଇ ଝିଅର ରାସନ୍ ମିଳୁନଥିବା ବେଳେ ଆବାସ ଘର ଯୋଜନା ରୁ ବଞ୍ଚିତ ହୋଇ ଦଦରା କୁଡ଼ିଆ ରେ ଦୟନୀୟ ଭାବେ ରହୁଛନ୍ତି। ସନ୍ଧ୍ୟାରେ ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂ ପୀଡ଼ିତ ପରିବାର ନିକଟରେ ପହଞ୍ଚି ରାସାନ କାର୍ଡ ସଂଯୋଗ କରିବା ସହ ଆବାସ ଯୋଜନାରେ ସାମିଲ୍ ଓ ଭଦ୍ରକ ଯାଇ କୁନି ଝିଅକୁ ଫେରେଇ ଆଣିବାକୁ ପ୍ରୟାସ କରିବେ ବୋଲି ସାମ୍ବାଦିକ ମାନଙ୍କୁ କହିଛନ୍ତି।

# ଶୀତଳ ଭଣ୍ଡାର ନ ଥିବାରୁ ରବି ପରିବା ଚାଷରେ କ୍ଷତି ସହୁଛନ୍ତି ଚାଷୀ

କାଳିପଦା, ୨୭।୫ (ସମିସ): ବାଲିଆପାଳ ବ୍ଲକ ଅଞ୍ଚଳରେ କୌଣସି ଶୀତଳ ଭଣ୍ଡାର ନ ଥିବାରୁ ରବି ପରିବା ଚାଷରେ ବର୍ଷ ବର୍ଷ ଧରି ଚାଷୀ କ୍ଷତି ସହୁଛନ୍ତି। ସରକାରୀ ସ୍ତରରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବା ନେଇ କୌଣସି ଯୋଜନା ନାହିଁ। ଘରୋଇ ଉଦ୍ୟମରେ ଯେଉଁ ଶୀତଳ ଭଣ୍ଡାର ହେବା କଥା ତାହା ମଧ୍ୟ ହେଉ ନାହିଁ। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ବାଲିଆପାଳ ବ୍ଲକର ସୁବର୍ଣ୍ଣ ରେଖା ନଦୀ ଅବବାହିକା ଓ ବଙ୍ଗୋପ ସାଗର ଉପକୂଳରେ ଶୀତ ଦିନରେ ଚିନା ବାଦାମ, ଡାଲି ଜାତୀୟ ଫସଲ, କୋବି, ବିଲାତି ବାଇଗଣ, କଲରା, କଖାରୁ, ପୋଟଳ, ଶିମ୍ବ, ଆଳୁ, ପିଆଜ, ରସୁଣ ଆଦି ପ୍ରଚୁର ପରିମାଣରେ ଚାଷ ହୁଏ। ଅମଳ ସମୟରେ ଉତ୍ପାଦିତ ଫସଲ ଗୁଡିକର ମୂଲ୍ୟ ଅତି କମ ରହୁଛି। ମାର୍କେଟିଙ୍ଗର ସେମିତି କିଛି ସୁବିଧା ନାହିଁ। ଫଳରେ ଚାଷୀମାନେ ଅଭାବୀ ବିକ୍ରିର ସାମ୍ନା କରନ୍ତି। ଶୀତଳ ଭଣ୍ଡାର ଥିଲେ ଉତ୍ପାଦିତ



ଶସ୍ୟ ଓ ପନିପରିବାକୁ ଚାଷୀମାନେ ସାଇତି ଅନ୍ୟ ସମୟରେ ଅଧିକ ଦରରେ ବିକ୍ରି କରି ପାରନ୍ତେ। ଫଳରେ ଚାଷୀମାନେ ଅଧିକ ଲାଭବାନ ହୋଇ ପାରନ୍ତେ। ପଶ୍ଚିମବଙ୍ଗ ସରକାର ଓଡିଶାକୁ ଆଳୁ ଯୋଗାଇବା ନେଇ କଟକଣା ଲାଗୁ କରୁଥିବା ବେଳେ ଏ ଅଞ୍ଚଳର ଚାଷୀ ମାନଙ୍କ ପାଇଁ ଶୀତଳ ଭଣ୍ଡାର ହୋଇ ପାରିଲେ ସମସ୍ୟା ଅନେକାଂଶ ସମାଧାନ ହୋଇ ପାରନ୍ତା ମନମୋହନ ବେହେରା, ଗୁଣନିଧି ବିଶ୍ୱାଳ, ଫକୀର ମୋହନ ସାହୁ, ସଦାନନ୍ଦ ଦେହୁରୀ, ସୁବ୍ରତ କୁମାର ଦେବ ଦାସ, ମନ୍ମଥ କୁମାର ପାତ୍ର, ମଦନ ମୋହନ ମହାନ୍ତି, ଗଣେଶ୍ୱର ବେହେରା, ସୁବୋଧ କୁମାର ପାତ୍ର, ସନ୍ୟାସୀ କୁମାର ପ୍ରଧାନ, ଭୀଷ୍ମ ଚରଣ ସାହୁ, ପରମାନନ୍ଦ ପଟ୍ଟାୟତ, କାଳି ଚରଣ ମୁଖି ପ୍ରମୁଖ ପ୍ରକାଶ କରିଛନ୍ତି। ସରକାର ଚାଷୀଙ୍କ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଲେ ଚାଷୀ ଅଧିକ ଲାଭବାନ ହୋଇ ପାରିବେ, ସରକାରଙ୍କ ମଧ୍ୟ ରାଜସ୍ୱ ବୃଦ୍ଧି ହେବ।

# ସିଂଲାରୁ ଶ୍ରୀକ୍ଷେତ୍ର ସାଇକଲରେ ଯାତ୍ରା

ବାଲେଶ୍ୱର, ୨୭।୫ (ସମିସ): ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପ୍ରତି ଶ୍ରଦ୍ଧା ରଖି ଦୀର୍ଘ ୩୫ବର୍ଷ ପୂର୍ବରୁ କରିଥିବା ପରିକଳ୍ପନା ଏବେ ଶେଷ ହେବାକୁ ଯାଉଛି। ସିଂଲାରୁ ଶ୍ରୀ କ୍ଷେତ୍ର ପୁରୀ ୩ଶହରୁ କିଲୋମିଟରରୁ ଅଧିକ ରାସ୍ତା ସାଇକେଲରେ ଯିବେ ବୋଲି ଆଜି ଶ୍ରୀ ଜଗନ୍ନାଥଙ୍କ ଜଣେ ଭକ୍ତ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ସେ ହେଉଛନ୍ତି ସଦର ବ୍ଲକ



ସିଂଲା ଥାନା ଅର୍ନ୍ତଗତ ଆଳମଦା ଗ୍ରାମର ସ୍ୱର୍ଗତ ଲକ୍ଷ୍ମୀଧର ଦାସଙ୍କ ପୁଅ କୈଳାସ ଦାସ। ବୟସ ଏବେ ତାଙ୍କୁ ୬୧ଛୁଇଁ ଲାଣି। ହେଲେ ଭଗବାନଙ୍କୁ ଟିକିଏ ଦେଖିବା ପାଇଁ ସେ ଅଭିନବ ଉପାୟ ତଥା ସାଇକେଲ ଯୋଗେ ୨୮ ତାରିଖ ଠାରୁ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ତାଙ୍କ ଘର ଠାରୁ ବାହାରିବେ। ଆଉ ତାହା ପୁଣି ୩ଶହରୁ ଅଧିକ କିଲୋମିଟର ରାସ୍ତା। ସେ କହିଛନ୍ତି ଯେ, ୩୫ବର୍ଷ ତଳେ ସେ ଇଛା ପ୍ରକାଶ କରିଥିଲେ ଯେ ପୁରୀ ଯିବେ ସେ ପୁଣି ସାଇକେଲ ଯୋଗେ। ଏବେ ବୟସ ୬୧ହୋଇଥିଲେ ମଧ୍ୟ ସେ ନିଜକୁ ନିଜେ ଦୁର୍ବଳ ନଭାବି ସେଇ ଠାକୁରଙ୍କ ଡାକି ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିବେ। ସାଙ୍ଗରେ ନିଜର ଆବଶ୍ୟକ ସାମଗ୍ରୀ ସହ ଖାଦ୍ୟ ପ୍ରଦାର୍ଥ ମଧ୍ୟ ସାଙ୍ଗରେ ନେଇ ଯିବେ ବୋଲି କହିଛନ୍ତି।

# ଓସିଏସ୍ ପରୀକ୍ଷାରେ ଆଦିତ୍ୟ ସିଂଦେଓଙ୍କ ସଫଳତା

ନୀଳଗିରି, ୨୭।୫ (ସମିସ): ଓସିଏସ୍ ପରୀକ୍ଷାରେ ନାତୁଣୀର ୫୩ ରାଙ୍କ ରହିଥିବା ଶୁଣି ନୀଳଗିରି ଘାଟଘରସାହି ଗ୍ରାମର ଅଜା ସତ୍ୟପ୍ରକାଶ ବୀରବର ଖୁସିରେ ବିଭୋର ହୋଇଛନ୍ତି। ନାତୁଣୀର ଖୁସିରେ ଘରେ ଘରେ ମିଠା ଖୁଆଇ ଥିବାର ଦେଖିବାକୁ ମିଳିଛି। ନୀଳଗିରି ଘାଟଘରସାହି ଗ୍ରାମର ସତ୍ୟ ପ୍ରକାଶ ବୀରବରଙ୍କର ଝିଅ



ରତ୍ନକାନ୍ତିଙ୍କୁ କେନ୍ଦୁଝର ର ମାଇନିଙ୍ଗ କଲୋନୀ ନିବାସୀ ଜଗନ୍ନାଥ ସିଂଦେଓଙ୍କୁ ବିବାହ ଦେଉଥିଲେ। ତାଙ୍କର ଝିଅ ଆଦିତ୍ୟ ସିଂଦେଓ ୨୦୨୪ମସିହାରେ ଓ.ଏ.ଏସ ପରୀକ୍ଷା ଦେଇଥଲେ। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଆଦିତ୍ୟ ୫୩ରେଙ୍କ୍ ରେ ରହିଥିବା ବେଳେ ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ନାତୁଣୀର ସଫଳତା ଖବର ପାଇ ଅଜା ଘର ଲୋକେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ପାଇଁ ବାପା ମାଆ ଅଜା, ଆଈ, ମାମୁଁ ମାଇଁ ଙ୍କ ଆଶୀର୍ବାଦ, ମୋର ପରିଶ୍ରମ ହିଁ ସଫଳତା ଆଣି ଦେଇଛି ବୋଲି ଆଦିତ୍ୟ ସିଂଦେଓ ପ୍ରକାଶ କରିଛନ୍ତି।

# ଶ୍ରୀରାମ କଲେଜରେ ରବୀନ୍ଦ୍ରଙ୍କୁ ସମ୍ବର୍ଦ୍ଧନା




ସୋର, ୨୭।୫ (ସମିସ): ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ ନୂଆପାଟଣା ଗ୍ରାମର ରବୀନ୍ଦ୍ର ରାଉତ ଚଳିତ ଓସିଏସ ପରୀକ୍ଷାରେ ୧୦୭ ରେଙ୍କରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସୋରସ୍ଥିତ ଶ୍ରୀରାମ ଯୁକ୍ତ ୨ ବିଜ୍ଞାନ ଆବାସିକ କଲେଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଲେଜ ଚେୟାରମ୍ୟାନ ଇଂ. ଇନ୍ଦ୍ରଜିତ ଦେ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ରବିନ୍ଦ୍ରଙ୍କ ବାପା ଓ ମା ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ ନୂଆପାଟଣା ଗ୍ରାମର କୈଳାସ ରାଉତ ଏବଂ ଅମ୍ବିକା ରାଉତଙ୍କ ପୁଅ ରବୀନ୍ଦ୍ର ଗତ ୨୦୧୫ ମସିହାରେ ସୋରସ୍ଥ ଶ୍ରୀରାମ ଯୁକ୍ତ ଦୁଇ ବିଜ୍ଞାନ କଲେଜରେ ପଢୁଥିଲେ। ଯୁକ୍ତ ଦୁଇ ବିଜ୍ଞାନରେ ସେ ୮୦ ପ୍ରତିଶତ ନମ୍ବର ରଖିବା ସହିତ ପରବର୍ତ୍ତୀ ସମୟରେ ରେଭେନ୍ସା ୟୁନିଭରସିଟିରୁ ଫିଜିକ୍ସରେ ଏମଏସସି ହାସଲ କରିଥିଲେ। ଏବେ ରବୀନ୍ଦ୍ର ଷ୍ଟାଫ ସିଲେକ୍ସନ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ତିନି ବର୍ଷ ହେଲା କେଉଁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଲେବରେଟାରି ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ବାପା ଜଣେ ଚାଷୀ ହୋଇଥିବା ବେଳେ ଅନେକ ଅଭାବ ଅସୁବିଧାକୁ ସମ୍ମୁଖୀନ ହୋଇ ସେ ପାଠପଢ଼ା ଜାରି ରଖିଥିଲେ। ସେତେବେଳେ ଶ୍ରୀରାମ ଯୁକ୍ତ ୨ ବିଜ୍ଞାନ କଲେଜର ଚେୟାରମେନ ଇନ୍ଦ୍ରଜିତ ଦେ ତାଙ୍କୁ ପାଠ ପଢିବାରେ ଅନେକ ସାହାଯ୍ୟ କରିଥିବାରୁ ଓଏଏସ ପାଇବା ପରେ ରବୀନ୍ଦ୍ର ତାଙ୍କୁ ଆର୍ଶୀବାଦ ଭିକ୍ଷା କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଜି କଲେଜର ଚେୟାରମେନ ଶ୍ରୀ ଦେ ତାଙ୍କୁ ସମ୍ବର୍ଦ୍ଧିତ କରି ରବିନ୍ଦ୍ରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି। ଚାକିରୀ କରିଥିଲେ ବି ସେ କଲେଜ ଡ୍ୟୁଟି ସମୟରେ ଫୁରସତ ମିଳିଲେ ପାଠ ପଢ଼ନ୍ତି। କଲେଜରୁ ଆସି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ପ୍ରଭୁ ଜଗନ୍ନାଥ, ବାପା, ମାଆ, ଗୁରୁ, ଗୁରୁଜନ ଏବଂ ବିଶେଷ କରି ତାଙ୍କର ପାଞ୍ଚ ଜଣ ସାଙ୍ଗଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଆଇଏଏସ ହେବାର ଲକ୍ଷ୍ୟ ରଖିଥିବା ରବିନ୍ଦ୍ର କହିଛନ୍ତି। ସରକାରୀ ଯୋଜନା ଗରିବ ସାଧାରଣ ଜନତା ଯେମିତି ପାଇବେ ସେ ଦିଗରେ ବିଶେଷ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ବିଷପିଇ ଯୁବକର ଆତ୍ମହତ୍ୟା

ଚନ୍ଦନେଶ୍ୱର, ୨୭।୫ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତର ବରବରିଆ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ଗୋପାଳ ଚନ୍ଦ୍ର ମଲ୍ଲିକ (୪୦) ବିଷ ପାନ କରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଗୋପାଳ କୌଣସି କାରଣବଶତଃ ଘରେ ବିଷ ପାନ କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ସଙ୍ଗେସଙ୍ଗେ ଚନ୍ଦନେଶ୍ୱର ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରଥମିକ ଚିକିତ୍ସା ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଅଧିକ ସଙ୍କଟାପନ୍ନ ହୋଇପଡ଼ିଥିବାରୁ ଡାକ୍ତରମାନେ ତାଙ୍କୁ ତୁରନ୍ତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ଗୋପାଳଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ଆଜି ମୃତଦେହ ଗାଁକୁ ଆଣାଯାଇଥିଲା। ଗୋପାଳଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର ଓ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ହୃଦୟବିଦାରକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମବାସୀମାନେ ମଧ୍ୟ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଅଧପନ୍ତରିଆ ପାନୀୟ ଜଳ ପ୍ରକଳ୍ପ, ଲୋକେ ହନ୍ତସନ୍ତ

ନୀଳଗିରି, ୨୭।୫ (ସମିସ)

ବର୍ତ୍ତମାନ ତାତିର ପ୍ରକୋପ ଜନଜୀବନ କୁ ଅସ୍ତବ୍ୟସ୍ତ କରି ପକାଉଛି। କେବଳ ବାହାରେ ନୁହେଁ, ଘରେ ରହିଲେ ମଧ୍ୟ ଜୀବନ ଦହଗଞ୍ଜ ହୋଇ ପଡୁଛି। ଏଭଳି ସ୍ଥିତିରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ର ସରୁଚମ୍ପା, ଟିକିରିବିଲ୍, ଭୁଡରୁବଣି, ସୟମ୍ବରଡୁବା, ମାଙ୍କିଡିଆସାହି, ଭଗାବନ୍ଧ ଓ ଚତ୍ରୀପଡା ରେ ପାନୀୟ ଜଳ ଘୋର ସଙ୍କଟ ଦେଖାଦେଇଛି। ସୂଚନା ଅନୁଯାୟୀ ସରୁଚମ୍ପା, ଟିକିରିବିଲ୍, ଭୁଡରୁବଣି, ସୟମ୍ବରଡୁବା, ମାଙ୍କିଡିଆସାହି, ଭଗାବନ୍ଧ ଓ ଚତ୍ରୀପଡା ଗ୍ରାମରେ ଆନୁମାନିକ ୪୦୦ ରୁ ଉର୍ଦ୍ଧ୍ୱ ପରିବାରରେ ୧୬୦୦ ଲୋକ ବାସ କରନ୍ତି। କିଛି ବର୍ଷ ପୂର୍ବେ ବସୁଧା ଯୋଜନାରେ ଗାଁ ଭିତରକୁ ପାଇପ୍ ପାଣି ଆସୁଥିଲା। ହେଲେ ଗତ ୩ ବର୍ଷ ହେବ ଗାଁକୁ ଯେଉଁ ପାଣି ଆସୁଛି ତାହା ସୂତା ଧାରରେ ପାଣି ବାହାରୁଥିଲା। ଫଳରେ ଗୋଟିଏ ଗରା ପାଣି ପାଇଁ ଦୀର୍ଘ





ସମୟ ଅପେକ୍ଷା କରିବାକୁ ପଡୁଥିଲା ତୋ ଆଉ କିଛି ଲୋକଙ୍କ ଘରେ ପହଞ୍ଚୁ ନଥିଲା। ଏଭଳି ଜଳ ସଙ୍କଟକୁ ଏଡ଼ାଇବା ପାଇଁ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ପାନୀୟଜଳ ଯୋଗାଣ ପାଇଁ ଛତ୍ରପୁର ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ୪ କୋଟି ଟଙ୍କାର ବିନିଯୋଗରେ ପାନୀୟ ଜଳ ପ୍ରକଳ୍ପ ଜିନ୍ଦଲ ଆସୋସିଏଟ ନାମକ ଠିକାସଂସ୍ଥା ଓ ପ୍ରକଳ୍ପର ଦେଖରେଖ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପରୁ ଭଲ ଭାବେ ପାଣି ମିଳିବ ଏବଂ

**ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍**

ଗ୍ରାମବାସୀଙ୍କୁ ଆଉ ଜଳକଷ୍ଟରେ ରହିବାକୁ ପଡ଼ିବ ନାହିଁ ବୋଲି ଭାବିଥିଲେ। ହେଲେ ଜିନ୍ଦଲ ଆସୋସିଏଟ ପକ୍ଷରୁ କିଛି ଗତ କିଛି ବର୍ଷ ଭିତରେ ପାଞ୍ଚଟି ପାଣିଟାଙ୍କିରୁ ତିନୋଟି ପାଣିଟାଙ୍କି କରିଥିବା ବେଳେ କିଛି ଗାଁ ଭିତରେ ପାଇପ୍ ବିଛାଯାଇ ବାଡ ଉପରେ ପାଇପ୍ ଝୁଲାଇ ଦେଇ ଠିକାସଂସ୍ଥା ଦେଖା ନାହିଁ। ପ୍ରକଳ୍ପ ନାଁରେ ଥରକୁ ଥର ଲକ୍ଷାଧିକ ଟଙ୍କା ଠିକାଦାର ନେଇଗଲାଣି। ହେଲେ ଆଜିକୁ ତିନିବର୍ଷ ବିତି ଯାଇଥିଲେ ମଧ୍ୟ ଗ୍ରାମରେ ପାନୀୟଜଳ ସମସ୍ୟା ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ତେବେ ଏହି ସମସ୍ୟା ସ୍ଥାନୀୟ ବିଧାୟକ ଓ ସାଂସଦ ଙ୍କୁ ଅଜଣା ଅଛପା ନାହିଁ, ତା ପରେ ମଧ୍ୟ ନେତା ଚେଇଁ ଶୋଇଛନ୍ତି। ସ୍ଥାନୀୟ ଲୋକେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିସାରିଛନ୍ତି। ଏ ନେଇ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏହାର କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ। ଅଧାପନ୍ତରିଆ ହୋଇ ପଡିରହିଥିବା ପ୍ରକଳ୍ପ କେବେ କାର୍ଯ୍ୟକାରୀ ହେବ ଓ ଲୋକଙ୍କୁ କେବେ ମିଳିବ ପାଣି ଚାହିଁ ବସିଛନ୍ତି ଲୋକମାନେ। ଏବେ ଗାଁରେ ଥିବା ପୋଖରୀ ଶୁଖିଗଲାଣି, ଶୌଚ ସ୍ନାନ ଦୂର କଥା ନିତ୍ୟ ବ୍ୟବହାର ପାଇଁ ପାଣି ମିଳୁନାହିଁ। ଏବାବଦରେ ଗ୍ରାମ୍ୟ ଜଳ ବିଭାଗ ର ଏସ୍.ଡି.ଓ ପୁଣ୍ୟମୟୀ ପଟ୍ଟନାୟକ, ଅଧପନ୍ତରିଆ ବିଷୟ ସେ ମାନିବା ସହ ଯଥା ସିଘ୍ର କିପରି ପାନୀୟ ଜଳ ପ୍ରକଳ୍ପ ଆଗେଇ ନେଇ ହେବ ଚେଷ୍ଟା କରିବା ସହ, ଉକ୍ତ ଠିକାସଂସ୍ଥା ଜିନ୍ଦଲ ଆସୋସିଏଟ ବିରୁଦ୍ଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଲୋପ ପାଉଛି ବାତ୍ୟା ବଜ୍ରପାତର ରକ୍ଷାକବଚ ତାଳ ଗଛ

ପଟ୍ଟାମୁଣ୍ଡାଇ,୨୭।୫(ସମିସ)

ପ୍ରାକୃତିକ ବିପର୍ଯ୍ୟୟ ରୋକିବା ପାଇଁ ପ୍ରକୃତିର ବରଦାନ ତାଳ ଗଛ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବାତ୍ୟା ସମୟରେ ଭୟଙ୍କର ପବନ ଓ ବଜ୍ରପାତକୁ ବହୁ ପରିମାଣରେ ରୋକିଥାଏ। ଗାଁ ସହର ଠାରୁ ଆରମ୍ଭ କରି ନଈ ସମୁଦ୍ର ନିକଟରେ ତାଳ ଗଛ ହିଁ ବାତ୍ୟା ସମୟରେ ପବନର ଗତିକୁ ରୋକିବା ସହିତ ବଜ୍ରପାତ ତାଳ ଗଛ ଉପରେ ହେବା ଫଳରେ ଜୀବଜଗତ ରକ୍ଷା ପାଇଥାଏ। ପରିବେଶ ସୁରକ୍ଷା ଓ ସନ୍ତୁଳନ ଅଭାବରୁ ପ୍ରାୟତଃ ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହୁଛି। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ଓଡ଼ିଶାର ନାଁ ରହିଛି ଓ ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଶ୍ୱର ବିଭିନ୍ନ ଦେଶର ମଡେଲ ଅନୁକରଣ କରୁଛନ୍ତି ଓ ତାହା ସତ୍ତ୍ୱେ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ହୋଇପାରୁନାହିଁ। ବିଭିନ୍ନ ସତର୍କତା ମୂଳକପଦକ୍ଷେପ ଯୋଗୁଁ ମୃତ୍ୟୁ ହାର କମିଥିଲେ ମଧ୍ୟ ଜିରୋ କାଜୁଆଲିଟି ସମ୍ଭବ ହେଉନାହିଁ ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରକୃତିର ବରଦାନ ତାଳ ଗଛ ଦିନକୁ ଦିନ ଲୋପ ପାଉଥିବା ବେଳେ ଜୀବ ଜଗତ ପାଇଁ ଉପକାରୀ ବିଭିନ୍ନ ଗଛ କଟା ଚାଲିଛି ଓ ଯାହାଫଳରେ ପ୍ରାକୃତିକ ବିପର୍ଯ୍ୟୟ ହାର ବଢ଼ି ଚାଲିଛି। ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା



ବହୁ ଧନଜୀବନ ହାନି ଘଟୁଛି। ବିଭିନ୍ନ ଗଛ କଟାଯିବା ଯୋଗୁଁ ପ୍ରକୃତି ଉପରେ ପ୍ରଭାବ ପଡୁଛି ଓ ପ୍ରକୃତିର କୋପରୁ ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ପ୍ରଚଣ୍ଡ ରୌଦ୍ର ତାପରେ ଜୀବଜଗତ କଳବଳ ହେଉଛି ଓ ପ୍ରାକୃତିକ ବିପର୍ଯ୍ୟୟ ବଜ୍ରପାତ ଓ ପ୍ରଚଣ୍ଡ ରୌଦ୍ର ତାପକୁ ରୋକିବା ପାଇଁ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ଅଂଚଳରେ ତାଳ ଗଛ ଲଗାଇବା ପାଇଁ ନିଷ୍ପତ୍ତି ନେଇ ତାଳ ମିଶନ ଆରମ୍ଭ କରିଥିଲେ। ତାଳ ମିଶନ କାର୍ଯ୍ୟକ୍ରମ ହାତକୁ ନେଇ ସରକାର ନିଜ ମିଶନରେ

**ସରକାରଙ୍କ ତାଳ ମିଶନ ଫେଲ୍**

ପହଞ୍ଚିବା ପୂର୍ବରୁ ତାଳ ଗଛ ସବୁ ଲୋପ ପାଇବାକୁ ବସିଛି। ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଲୋକମାନେ ଭୟ ଓ ଆଶଙ୍କା ମଧ୍ୟରେ ଜୀବନ ବିତାଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ସହିତ ପ୍ରକୃତିର ବରଦାନ ତାଳ ଗଛ ଓ ତାଳ ଓଡ଼ିଆ ସଂସ୍କୃତିର ପ୍ରତୀକ ଭାବେ ଠିଆ ହୋଇଛି। ବିଶେଷ କରି ରଜ ଓ ସାବିତ୍ରୀ ସମୟରେ ତାଳକୁ ଭୋଗ ଭାବେ ବ୍ୟବହାର କରାଯାଇଥାଏ। ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ତାଳ ଫଳ ଫଟାଇ ତା ରସ ଓ ସୁସ୍ୱାଦୁ ପାଣିରେ ପଥଚାରୀ ଭୋକ ଶୋଷ ମେଣ୍ଟାଇ ଥାଏ ଓ ତାଳ ଗଛ ପତ୍ରରେ ଚଟ ବିଞ୍ଚଣା ପକ୍ଷୀଆ ଛତା ଆଦି ପ୍ରସ୍ତୁତ କରାଯାଇଥାଏ ଓତାଳ ରସରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ ଓ ସାବିତ୍ରୀ ରଜ ସହ ଗ୍ରୀଷ୍ମ ପ୍ରବାହ ସମୟରେ ବିଭିନ୍ନ ଅଂଚଳରେ ତାଳର ପସରା ଦେଖିବାକୁ ମିଳିଥାଏ ଓ ସମ୍ପ୍ରତି ପ୍ରକୃତିର ଅନନ୍ୟ ବରଦାନ ତାଳ ଗଛ ଲୋପ ପାଇବାକୁ ବସିଥିବା ବେଳେ ଆଧୁନିକ ସଭ୍ୟତାରେ ପ୍ରଭାବିତ ଲୋକମାନେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ବିଭିନ୍ନ କେମିକାଲ ଯୁକ୍ତ ଥଣ୍ଡା, ଆଇସକ୍ରିମ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ମୁକ୍ତିଦାତା ଲେମ୍ବୁ ପାଣି, ତରଭୁଜ ଓ ତାଳ ବ୍ୟବହାର କମି କମି ଯାଉଛି ଓ ଆଧୁନିକତାରେ ପ୍ରକୃତି ଉପରେ ଅତ୍ୟାଚାର ବଢ଼ି ଚାଲିଛି। ରଜ ସାବିତ୍ରୀ ଦୁର୍ଗା ପୂଜା ଆଦି ବିଭିନ୍ନ ପୂଜା ଉତ୍ସବରେ ପ୍ରକୃତିରାଣୀ ସଜେଇ ହୋଇଥାଏ ଓ ଏ ପ୍ରକୃତି ମାଟି ପାଣି ପବନ ଜୀବଜଗତର ସୁରକ୍ଷା ପାଇଁ ଅଭିପ୍ରେତ ଓ ପ୍ରକୃତି ବିଭିନ୍ନ ବରଦାନକୁ ବିଭିନ୍ନ ଭାବରେ ଧ୍ୱଂସ କରି ଚାଲିଥିବାରୁ ବିପର୍ଯ୍ୟୟ ଆଶଙ୍କା ବଢ଼ି ଚାଲିଛି। ରଜ ସାବିତ୍ରୀର ମାହୋଲକୁ ରଙ୍ଗୀନ କରିବା ଓ ଗ୍ରୀଷ୍ମ ପ୍ରବାହରୁ ସାମୟିକ ତ୍ରାହି ଦେବା ପାଇଁ ପଟ୍ଟାମୁଣ୍ଡାଇ ଅଂଚଳର ଗାଁ ଠୁ ସହର ପର୍ଯ୍ୟନ୍ତ ରାସ୍ତାକଡରେ ତାଳ ସଜ ବେପାରୀମାନେ ପସରା ମେଲାଇ ଥାନ୍ତି। କିନ୍ତୁ ଦିନକୁ ଦିନ ଏହା ଲୋପ ପାଇବାକୁ ବସିଛି ଓ ତାଳ ଗଛ ସଂଖ୍ୟା ହ୍ରାସ ପାଉଥିବାରୁ ତାଳ ସଜ ପସରା ଆଗ ଭଳି ଦେଖିବାକୁ ମିଳୁନାହିଁ ଓ ପ୍ରକୃତିର ବରଦାନ ତାଳ ଗଛ ଓଡ଼ିଆ ସଂସ୍କୃତି ପରମ୍ପରା ରଜ ସାବିତ୍ରୀ ସହ ବିଭିନ୍ନ ପର୍ବପର୍ବାଣୀକୁ ରଙ୍ଗୀନ କରୁଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ ବାତ୍ୟା ବଜ୍ରପାତ ଓ ବନ୍ୟା ଆତଙ୍କରୁ ରକ୍ଷା କରିଥାଏ ଓ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ବ୍ୟାପକ ତାଳ ଗଛ ରୋପଣ ଓ ରକ୍ଷଣାବେକ୍ଷଣ କରି ବହୁ ଚର୍ଚ୍ଚିତ ତାଳ ମିଶନକୁ ସଫଳ କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

**ପଟ୍ଟାମୁଣ୍ଡାଇ,୨୭।୫(ସମିସ):** ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମ ବିଶ୍ୱ ଶାନ୍ତି ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ। ସେଥିପାଇଁ ଗଣମାଧ୍ୟମର ପ୍ରତିନିଧିମାନେ ସତ୍ୟକୁ ନିର୍ଭୀକ ଭାବରେ ପ୍ରକାଶ କରିବାର ଆବଶ୍ୟକତା ରହିଛି। ସେଥିପାଇଁ ନିଜକୁ ଆଜିକ ଭାବେ ସ୍ୱଚ୍ଛ, ନିରପେକ୍ଷ ରହିବା ଉଚିତ। ଭୁଲ ଖବର ସମାଜକୁ ଭୁଲ ବାଟରେ ପ୍ରଭାବିତ କରିବାର ଅନେକ ନଜିର ରହିଛି। ଭୁଲ ଖବର ଏବେ ବିଶ୍ୱଶାନ୍ତି ପ୍ରତିଷ୍ଠାରେ ବଡ ବାଧକ ସାଜିପାରେ ବୋଲି ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍? ବିଦ୍ୟାଳୟ ପଟ୍ଟାମୁଣ୍ଡାଇ ଶାଖା ଆଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାବନା ଗୃହରେ ଆଶ୍ରମର ମୁଖ୍ୟ ବ୍ରହ୍ମାକୁମାରୀ ଶଶିରେଖାଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚାଚକ୍ରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜାତୀୟ ସଂଯୋଜକ ବି କେ ଶ୍ରୀକାନ୍ତ ଭାଇ,"ମୁଖ୍ୟଅତିଥି, ବି କେ କିରନ୍ ଓ ବରିଷ୍ଠ କଥାକାର ପ୍ରଦୀପ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ଓ ପ୍ରମୋଦ କୁମାର ଜେନା ଯୋଗଦେଇ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ତେବେ ସମ୍ମାନିତ ଅତିଥି ପ୍ରଦୀପ ନାୟକ ଗଣମାଧ୍ୟମ ସଂଗଠନ ଓ ସଂସ୍ଥା ଗୁଡ଼ିକ ସତ୍ୟଠାରୁ ଦୂରେଇ ଯାଇ ମିଥ୍ୟା ଖବର ପରିବେଷଣରେ ବେସ୍ତ ରହୁଛନ୍ତି ବୋଲି ଆକ୍ଷେପୋକ୍ତି କରିବାରୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।ଏହି କାର୍ଯକ୍ରମରେ ବହୁ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ବିଶ୍ୱର ସାମ୍ପ୍ରତିକ ସ୍ଥିତିରେ ସାମାଜିକ ଶାନ୍ତିର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ବିକେ ବିହିତ ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓଏହି ଅବସରରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ଶାଖା ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଶ୍ୱଶାନ୍ତି ପାଇଁ ସମୂହ ପ୍ରାର୍ଥନା ପରେ ବି କେ ବିଜୟ ଧନ୍ୟବାଦ ଦେଇଥିଲେ।

● ତାଳଚୁଆ ସାମୁଦ୍ରିକ ଥାନାରେ ପୋଲିସର ଥାର୍ଡ ଡିଗ୍ରୀ ଘଟଣା

## ଥାନାରେ ପହଞ୍ଚି ତଦନ୍ତ କଲେ ଏସ୍‌ପି, ଏସ୍‌ଡିପିଓ

**ରାଜନଗର,୨୭।୫(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ମହିଳା ଓ ତାଙ୍କ ପୁଅଙ୍କ ଠାରୁ ଅଭିଯୋଗ ନରଖି ଥାନା ଭିତରେ ନିର୍ମମ ମାଡ଼ ମରାଯାଇଥିଲା। ପୁଅ ଆଗରେ ମାଆର ଚୁଟି ଘୋଷାଡ଼ି ଅର୍ଦ୍ଧ ଉଲଗ୍ନ କରି ନିର୍ମମ ମାଡ଼ ମରାଯାଇଥିବା ବେଳେ ମାଆ ଆଗରେ ପୁଅକୁ ପାଇଖାନା ଭିତରେ ପୂରାଇ ମାଡ଼ ମରାଯାଇଥିଲା। ପୁଲିସ ମାଡ଼ରେ ଆହତ ମାଆ ପୁଅ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଗତକାଲି ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କୁ ଭେଟି ଆଇଆଇସିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଆଜି ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସାରା ଓଡ଼ିଶାରେ ଆଲୋଡନ ସୃଷ୍ଟି ହୋଇଛି। ଆଜି କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ କୁମାର ପାତ୍ର ତାଳଚୁଆ ସାମୁଦ୍ରିକ ଥାନାରେ ପହଞ୍ଚି ତଦନ୍ତ କରିଛନ୍ତି। କେଉଁ ଅଭିଯୋଗ ଉପରେ କେରୁଆପାଳ ପଞ୍ଚାୟତ ଗିରିଆପାହୀ ଗାଁର ପବନ କୁମାର ମଣ୍ଡଳଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ମଣ୍ଡଳ (୫୮) ଓ ପୁଅ ଅନନ୍ତ କୁମାର ମଣ୍ଡଳଙ୍କୁ ଥାନାକୁ ଡକାଯାଇଥିଲା ଓ କାହିଁକି ତାଙ୍କ ଉପରେ ଥାର୍ଡ ଡିଗ୍ରୀ ପ୍ରୟୋଗ କରାଗଲା ସେ ନେଇ ତଦନ୍ତ କରିଛନ୍ତି। ଆଇଆଇସି ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ପଚରାଉଚରା କରି ଫେରିଛନ୍ତି ଏସ୍‌ପି ଓ ଏସ୍‌ଡିପିଓ।

## ଧର୍ମପରାୟଣ ବୃଦ୍ଧଙ୍କ ପରଲୋକ

**ଡେରାବିଶ, ୨୭।୫(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ଅନ୍ତର୍ଗତ ଜଣ୍ଟିଲୋ ଗ୍ରାମର ଧର୍ମପରାୟଣ ଶୁକଦେବ ବାରିକ (୮୩)ଙ୍କ ଗତକାଲି ନିଜ ବାସଭବନରେ ପରଲୋକ ହୋଇଯାଇଛି। ଶୁକଦେବ ସଦାସର୍ବଦା ଗ୍ରାମଦେବତୀଙ୍କର ସେବା କରିଆସୁଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ରହିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଏକମାତ୍ର ପୁତ୍ର ଆଦର୍ଶ ଶିକ୍ଷକ ମନୋଜ କୁମାର ବାରିକ ମୁଖାଗ୍ନି ଦେଇଥିଲେ।

## ୪ ଚୋରି ଅଭିଯୁକ୍ତ କୋର୍ଟ ଚାଲାଣ

**ରାଜକନିକା,୨୭।୫(ସମିସ):** ରାଜକନିକା ଥାନା ହାଟସାହି ଗାଁରେ ଗତ କିଛିଦିନ ଧରି ଲଗାତର ଚୋରି ହୋଇଥିବା ବେଳେ ଗାଁ ଲୋକେ ୩ ଜଣ ଚୋରଙ୍କୁ ଧରି ପୁଲିସ ଜିମା ଦେବା ପରେ ପୁଲିସ ଚୋରି ଘଟଣାରେ ଅଧିକ ଖୋଳତାଡ଼ ଜାରି ରଖି ଆଜି ୪ଜଣଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। କଣ୍ଡିଆଫାଣ୍ଡିରେ ଅଭିଯୋଗ ମୁତାବକ ହାଟସାହି ଗାଁର ବିଭିନ୍ନ ବ୍ୟକ୍ତିଙ୍କ ଘରୁ କବାଟ, ଝରକା ତାଡ଼ି, ଆଲମାରୀ, ବ୍ୟାଗରୁ ଟଙ୍କା ଓ ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ତେବେ ଏହି ଚୋରି ଘଟଣାରେ ୪ ଜଣଙ୍କ ପାଖରୁ ୪୨୦୦ଟଙ୍କା, ଗୋଟିଏ ଗ୍ୟାସ ସିଲିଣ୍ଡର, ଗୋଟିଏ ଟୁଲୁ ପମ୍ପ ଜବତ କରି କୋର୍ଟ ଚାଲାଣ କରିଥିବା ବେଳେ



ଚୋରା ମାନେ ପ୍ରଳୟ କୁମାର ଜେନା(୨୭), କିଷାନ କୁମାର ରାଉତ (୩୦) ଏମାନଙ୍କ ଘର ହାଟସାହି ହୋଇଥିବା ବେଳେ ସ୍ମୃତିରଞ୍ଜନ ମଲିକ (୨୭), ଅମୂଲ୍ୟ କୁମାର ମଲିକ (୩୪)ଙ୍କ ଘର ଅହମଦପୁର ହୋଇଥିବା ସୂଚନା ରହିଛି। ତେବେ ରାଜକନିକା ପୁଲିସ କେଶ ନମ୍ବର -୩୩୭/୨୬ରେ କୋଟ ଚାଲାଣ କରିଥିବା ସୂଚନା ଦେଇଛି।

## ଓଏଏସ୍‌ରେ ସୁଚିସ୍ମିତା, ଶଶିକାନ୍ତ, ଅଭିପ୍ସାଙ୍କ ସଫଳତା

**ମାର୍ଶାଘାଇ,୨୭।୫(ସମିସ):** କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ୩ଜଣ ସୁଚିସ୍ମିତା, ଶଶିକାନ୍ତ ଓ ଅଭିପ୍ସା ଦାସ ଓଡ଼ିଶା ପ୍ରଶାସନିକ ସେବା କୃତକାର୍ଯ୍ୟ ହୋଇ ମାର୍ଶାଘାଇ ପାଇଁ ଗୌରାବ ଆଣିଛନ୍ତି। ମାର୍ଶାଘାଇ ବ୍ଲକ ଶାସନିପଡ଼ା ଗ୍ରାମର ଜିତେନ୍ଦ୍ର ନାୟକ, ମାତା ପ୍ରେମଲତା ନାୟକଙ୍କ ଝିଅ ସୁଚିସ୍ମିତା ନାୟକ ଓପିଏସ୍‌ରେ ୩୨ର୍‌ୟାଙ୍କରେ କୃତକାର୍ଯ୍ୟ





ହୋଇଛନ୍ତି। କେନ୍ଦ୍ରାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଥମିକ ଶିକ୍ଷା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଉଚ୍ଚ ଶିକ୍ଷା ସମ୍ପନ୍ନକରି ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇନ୍ ଛାତ୍ରୀ ଭାବେ ଅଧ୍ୟୟନ କରୁଥିଲେ। ସୁଚିସ୍ମିତା ଓଏଏସ୍ ସଫଳତା ହାସଲପରେ ପିତା,ମାତା ଆର୍ଶିବାଦ ଯୋଗୁ ଏହା ସମ୍ଭବ ହୋଇଥିବା କହିଛନ୍ତି। ଦ୍ୱିତୀୟ ମାର୍ଶାଘାଇ ବ୍ଲକ କୁହୁଡ଼ି ପଞ୍ଚାୟତ ନେମ୍ବର ଅମିତାଭ ଦାସ ମାତା ଇନ୍ଦୁମତୀ ଦାସଙ୍କ କନ୍ୟା ଅଭିପ୍ସା ଦାସ ୫୪ତମ ରାଙ୍କ ଓ ମହିଳା ବର୍ଗରେ ୧୧ତମ ର୍‌ୟାଙ୍କରେ ସଫଳତା ହାସଲକରିଛନ୍ତି। ବ୍ଲିସ୍ ସାକ୍ରାମେଣ୍ଟ ହାଇସ୍କୁଲ ପୁରୀ ମାଟ୍ରିକ ଶିକ୍ଷା, ମଦର୍ସ ପବ୍ଲିକ୍ ସ୍କୁଲ ଭୁବନେଶ୍ୱର ଯୁକ୍ତଦୁଇ, ଓୟୁଏଟିରେ କୃଷି ବିଜ୍ଞାନରେ ଡ଼ିଗ୍ରୀ ହାସଲ କରିଛନ୍ତି। କୁହୁଡ଼ି ପଞ୍ଚାୟତ ପୂର୍ବତନ ସରପଞ୍ଚ କ୍ଷେତ୍ର ମୋହନ ଦାସଙ୍କ ପ୍ରପୌତ୍ରୀ ଅଭିପ୍ସା ଜେଜେଙ୍କ ପରି ସୁଯୋଗ ମିଳିରେ ଅଞ୍ଚଳର ସେବା କରିବେ ବୋଲି କହିଛନ୍ତି। ଏହି ବ୍ଲକ ଗରଜଙ୍ଗା ପଞ୍ଚାୟତ ବଡ଼ପାଳ କାର୍ତ୍ତିକ ବେହେରା ଓ ମାତା ଭାନୁମତି ବେହେରାଙ୍କ ପୁତ୍ର ଶଶିକାନ୍ତ ବେହେରା ପିପିଏସ୍‌ରେ ୧୪୨ତମ ରାଙ୍କ ହାସଲକରିଛନ୍ତି। ଆଶ୍ରମବାଲିକୁ ଶ୍ରୀ ଲକ୍ଷ୍ମୀନାରାୟଣ ବିଦ୍ୟାପୀଠ, ଯୁକ୍ତଦୁଇ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିଜେବି ମହାବିଦ୍ୟାଳୟ ଭୁବନେଶ୍ୱରରୁ ଯୁକ୍ତତିନ ଡିଗ୍ରୀ ହାସଲକରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ କଟକରେ କର୍ତ୍ତବ୍ୟରତଥିଲେ। ଏହି ସଫଳତା ପାଇଁ ପିତା, ମାତାଙ୍କୁ ଶ୍ରେୟ ଦେବେ ବୋଲି କହିଛନ୍ତି। ସୁଯୋଗ ମିଳିଲେ ଅଞ୍ଚଳ ବିକାଶ କରିବାକୁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ଅସହାୟ ପରିବାରକୁ ସମାଜସେବୀଙ୍କ ସହାୟତା



**ଡେରାବିଶ,୨୭।୫(ସମିସ):** ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅଢ଼ଙ୍ଗା ଗ୍ରାମର ସ୍ୱର୍ଗତ ଗୌତମ ଜେନାଙ୍କ ପରିବାର ନିକଟରେ ଆଜି ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ଗୌତମ ଗତ ଏକ ବର୍ଷ ହେବ ଦୂରାରୋଗ୍ୟରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆର୍ଥିକ ଅନାଟନ ଯୋଗୁ ଆବଶ୍ୟକୀୟ ଚିକିତ୍ସା ହୋଇନପାରି ଗତ ପାଂଚଦିନ ହେବ ତାଙ୍କର ମୃତ୍ୟୁ ଘଟିଛି। ଏକମାତ୍ର ରୋଜଗାରକ୍ଷମ ଗୌତମଙ୍କ ମୃତ୍ୟୁପରେ ତାଙ୍କ ବିଧବା ପତ୍ନୀ ଓ ଓ ଦୁଇଟି ନାବାଳିକା ଝିଅ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛି"। ଏହି ଖବର ପାଇ ଆପୂର୍ବାହ୍ନରେ ପ୍ରାଧ୍ୟାପକ ଶ୍ରୀ ରାଉତ ଗୌତମ ପରିବାର ନିକଟରେ ପହଂଚି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## କୃତୀ ଛାତ୍ରୀ ସୁପ୍ରିୟା ପ୍ରଧାନଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ,୨୭।୫(ସମିସ):** କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ +୨ ବାଣିଜ୍ୟରେ ୫୮୪ ନମ୍ବର ୯୭.୪ପ୍ରତିଶତ ମାର୍କ ରଖି ପଟ୍ଟାମୁଣ୍ଡାଇ ବ୍ଲକ୍ ଗୁଣ୍ଠି ଗ୍ରାମର ଭରତ ପ୍ରଧାନ ଓ ସତ୍ୟବତୀ ପ୍ରଧାନଙ୍କ କନ୍ୟା ସୁପ୍ରିୟା ପ୍ରଧାନ ଅନନ୍ୟ ସଫଳତା ହାସଲ କରିବା ସହିତ



ପଟ୍ଟାମୁଣ୍ଡାଇ ଅଂଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ଓ ଏହି ଖବର ମିଳିବା ପରେ ପଟ୍ଟାମୁଣ୍ଡାଇ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି ଓ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ। ଶରତ ବିଶ୍ୱାଳ ପ୍ରମୁଖ ଗୁଣ୍ଠି ଗ୍ରାମରେ ପହଞ୍ଚି କୃତୀ ଛାତ୍ରୀ ସୁପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସାଇକଲରେ ଯାଇ ସଚେତନତାର ବାର୍ତ୍ତା ଦେଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୨୭।୫(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଏକ ସରଳ ପଦକ୍ଷେପ ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ସେ ସାଇକଲରେ ନିଜ ଆବାସିକ କାର୍ଯ୍ୟାଳୟରୁ ଜିଲ୍ଲା କାର୍ଯ୍ୟାଳୟକୁ ଯାଇ ସାଧାରଣ ଲୋକଙ୍କ ପାଇଁ ଏକ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି। ଗରାପୁର କୋଠିଛକସ୍ଥିତ ଆବାସିକ କାର୍ଯ୍ୟାଳୟରୁ ପୁରୁଣା ବସଷ୍ଟାଣ୍ଡସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ସାଇକଲରେ ଯାତ୍ରା କରିବା ସହ ସମସ୍ତ କାର୍ଯ୍ୟ ସମାପନ ପରେ ସେ ପୁଣି ସାଇକଲରେ ଫେରିଥିଲେ। ତୈଳ ସଙ୍କଟ ଓ ଇନ୍ଧନ ଦରବୃଦ୍ଧି ନେଇ ସାରା ଦେଶରେ ଚିନ୍ତା ବଢୁଥିବା ବେଳେ ଜିଲ୍ଲାପାଳଙ୍କ ଏହି ପଦକ୍ଷେପ କେବଳ ଏକ ଯାତ୍ରା ନୁହେଁ, ବରଂ ସଚେତନତାର ଏକ ଉଦାହରଣ ହୋଇଛି। ଜିଲ୍ଲାପାଳ ଶ୍ରୀ ଆୟର କହିଛନ୍ତି ଯେ, ଅତ୍ୟାବଶ୍ୟକ ନଥିଲେ ଲୋକମାନେ ଛୋଟ ଦୂରତା ପାଇଁ ଗାଡ଼ି ବଦଳରେ ସାଇକଲ ବ୍ୟବହାର କରିବା ଉଚିତ। ପନିପରିବା,



ମାଛ, ଫଳମୂଳ କିମ୍ବା ନିତ୍ୟବ୍ୟବହାରୀ ସାମଗ୍ରୀ କିଣିବାକୁ ଯାଉଥିବା ବେଳେ ସାଇକଲ ବ୍ୟବହାର କଲେ ଇନ୍ଧନ ସଞ୍ଚୟ ସହ ପରିବେଶ ମଧ୍ୟ ସୁରକ୍ଷିତ ରହିପାରିବ। ତାଙ୍କ ମତରେ, 'ଅଳ୍ପ ଦୂରତା ପାଇଁ ଗାଡ଼ି ବ୍ୟବହାର କରିବା ଅଭ୍ୟାସ ଆମକୁ ଧୀରେ ଧୀରେ ଇନ୍ଧନ ଉପରେ ଅଧିକ ନିର୍ଭରଶୀଳ କରୁଛି କ୍ଷ ସାଇକଲ କେବଳ ଏକ ଯାନ ନୁହେଁ, ଏହା ସ୍ୱାସ୍ଥ୍ୟ, ପରିବେଶ ଓ ସଞ୍ଚୟର ଏକ ସୁନ୍ଦର ମାଧ୍ୟମ।' ଜିଲ୍ଲାପାଳଙ୍କ ଏହି ସରଳ ଓ ବ୍ୟବହାରିକ ପଦକ୍ଷେପକୁ ସାଧାରଣ ଲୋକ ସ୍ୱାଗତ କରିଛନ୍ତି। ଅନେକଙ୍କ ମତରେ, ଯଦି ପ୍ରଶାସନିକ ଅଧିକାରୀମାନେ ନିଜେ ଏଭଳି ଉଦାହରଣ ସୃଷ୍ଟି କରନ୍ତି, ତେବେ ସମାଜରେ ସଚେତନତା ଅଧିକ ବୃଦ୍ଧି ପାଇବ। ଏକପଟେ ଇନ୍ଧନ ସଙ୍କଟ ଓ ଅନ୍ୟପଟେ ବଢୁଥିବା ପ୍ରଦୂଷଣ ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସାଇକଲ ଯାତ୍ରା ଏବେ ଏକ ସାମାଜିକ ସନ୍ଦେଶ ଭାବେ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛି।

## ବନ୍ଧପଡା ଏଏନ୍‌ଏମ୍ କେନ୍ଦ୍ରର ଶୋଚନୀୟ ଅବସ୍ଥା; ପ୍ରତିକାର ଦାବି

**ପଟ୍ଟାମୁଣ୍ଡାଇ,୨୭।୫(ସମିସ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ୨୦ନଂ ୱାର୍ଡ ଏଏନ୍‌ଏମ୍ କେନ୍ଦ୍ରଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହି ୱାର୍ଡ ସମେତ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାର ଏଏନ୍‌ଏମ୍ କେନ୍ଦ୍ର ଖୋଲିଛନ୍ତି। ଏଠାରେ ଜଣେ ଏଏନ୍‌ଏମ୍ ଜଣେ ଫାର୍ମାସିଷ୍ଟ ଓ ଅଙ୍ଗନବାଡ଼ି କର୍ମୀ କାମ କରୁଛନ୍ତି ଓ ପ୍ରତ୍ୟହ ସ୍ଥାନୀୟ ଅଞ୍ଚଳର ରୋଗୀମାନେ ବିଭିନ୍ନ ରୋଗ ପରୀକ୍ଷା ସହ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ଗ୍ରହଣ କରୁଛନ୍ତି। ଦୀର୍ଘ ଦିନ ହେବ ଏଏନ୍‌ଏମ୍ କେନ୍ଦ୍ର ଗୃହ ମରାମତି ହୋଇନଥିବାରୁ ଶୋଚନୀୟ ହୋଇପଡ଼ିଛି। ମରାମତି ଦୂରରେ ଥାଉ ସାମାନ୍ୟ ରଙ୍ଗ ଦିଆଯାଉନାହିଁ। କର୍ମଚାରୀମାନେ ନିୟମିତ ଦରମା ପାଉନଥିବାରୁ ସ୍ୱାସ୍ଥ୍ୟ ସେବା ଯୋଗାଇବା କଷ୍ଟକର ହୋଇପଡ଼ିଛି। ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଉଥିବା ରାଜ୍ୟ ସରକାର ବନ୍ଧପଡ଼ା ଏଏନ୍‌ଏମ୍ କେନ୍ଦ୍ର ଗୃହ ମରାମତି ସହିତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିୟମିତ ଦରମା ପ୍ରଦାନ କରିବାକୁ ଶିକ୍ଷକନେତା ସୁନାମଣି ଦାଶ ଦାବି କରିଛନ୍ତି।

## ମହୁମାଛି ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଗୁରୁତର

**ଡେରାବିଶ,୨୭।୫(ସମିସ):** ଡେରାବିଶ ବ୍ଲକ ପଲେଇ ପଂଚାୟତ ଡିହସାହିରେ ମହୁମାଛି ଆକ୍ରମଣରେ ୧୦ ଜଣ ଆହତ ହେବା ସହ ୨ ଜଣ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ଚାନ୍ଦୋଳ-ଗୋଲରାହାଟ ପୂର୍ତ୍ତବିଭାଗ ରାସ୍ତା କଡ଼ରେ ପଲେଇ ଠାରେ ଥିବା ଏକ ଚାଖୁଣ୍ଡା ଗଛରେ ଏକ ବାଘୁଆ ମହୁମାଛି ୫ଫୁଟ ଗୋଲେଇର ଏକ ବିରାଟ ମହୁଫେଣା କରି ରହିଛନ୍ତି। ଗତ ତିନିଦିନ ହେବ ଏହି ମହୁମାଛି ଗୁଡ଼ିକ ଉଗ୍ର ହୋଇ ଏହି ରାସ୍ତାରେ ଯାଉଥିବା ଲୋକମାନଙ୍କ ସମେତ ସ୍ଥାନୀୟ ଦୋକାନୀଙ୍କୁ ଆକ୍ରମଣ କରିବାରେ ଲାଗିଛି। ଏହି ମହୁମାଛିମାନଙ୍କ ଆକ୍ରମଣରେ ୧୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ଜଣାଯାଇଛି। ଯାହା ଫଳରେ ଏହି ରାସ୍ତାରେ ଏକ ପ୍ରକାର ଯାତାୟାତ ବନ୍ଦ ହେବା ସହ ସ୍ଥାନୀୟ ବଜାର ମଧ୍ୟ ବନ୍ଦ ହୋଇରହିଛି। ସେଠାରେ ରହିଥିବା ଏକ ମହାପୁରୁଷଙ୍କ ପୀଠକୁ ସକାଳ ଓ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ପୂଜା କରିବାକୁ ଯିବା ବନ୍ଦ କରିଦେଇଛନ୍ତି। ତେବେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରୁ ନଟବର ଓଝା, ଅରକ୍ଷିତ ଓଝା, ଯଦୁମଣି ଦାସ, ଖଗେଶ୍ୱର ସାହୁ, ଉତମ ଚରଣ ଓଝା, ନାରାୟଣ କୁମାର ଦାସ ପ୍ରମୁଖ ମହୁମାଛିମାନଙ୍କ ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ବନବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ମହୁଫେଣାକୁ ଭାଙ୍ଗିବାକୁ ଅଂଚଳବାସୀ ଦାବି କରିଛନ୍ତି।

## ଶତାୟୁ ମହିଳାଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୨୭।୫(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍ ସାନଜରିଆ ଗ୍ରାମର ଶତାୟୁ ଧର୍ମ ପ୍ରାଣା ମହିଳା ପ୍ରେମଲତା ନାୟକଙ୍କ ପରଲୋକ ହୋଇଯାଇଛି ଓ ମୃତ୍ୟୁବେଳକୁ ତାଙ୍କୁ ୧୦୪ବର୍ଷ ବୟସ ହୋଇଥିଲା। ଓ ସେ ଜଣେ ମିଷ୍ଟଭାଷୀ ଧର୍ମପ୍ରାଣା ପରୋପକାରୀ ମହିଳା ଭାବେ ସାଧାରଣରେ ପରିଚିତ ଥିଲେ ଓ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଅଂଶ ଗ୍ରହଣ କରିଆସୁଥିଲେ ଓ ଦୈନିକ ଗୀତା ଭାଗବତ ପାଠ କରିବା ସହିତ ଭିକାରୀଙ୍କୁ ଅନ୍ନଦାନ କରିଥାନ୍ତି। ନିଜେ ପାଉଥିବା ବାର୍ଦ୍ଧକ୍ୟ ଭତ୍ତା ଅର୍ଥକୁ ଗରିବ ଲୋକମାନଙ୍କୁ ବାଣ୍ଟି ଦେଉଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଗ୍ରାମ ଶଷ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠ ପୁତ୍ର ବଂଶୀଧର ନାୟକ ମୁଖାଗ୍ନି ଦେଇଥିଲେ ଓ ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

## ବଢୁଛି ଅନ୍‌ଲାଇନ୍ ମାଧ୍ୟମରେ ଦେହ ବ୍ୟବସାୟ; ପଥଭ୍ରଷ୍ଟ ହେଉଛନ୍ତି ଯୁବପିଢ଼ି

କେନ୍ଦ୍ରାପଡ଼ା,୨୭।୫(ସମିସ)

ଜିଲ୍ଲାରେ ଦିନକୁ ଦିନ ବଢୁଥିବା ଅନୈତିକ କାର୍ଯ୍ୟକଳାପକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। ବିଶେଷକରି ସୋସିଆଲ ମିଡିଆ ଓ ଇଣ୍ଟରନେଟକୁ ଆଧାର କରି ଚାଲୁଥିବା ଗୁପ୍ତ ଦେହ ବ୍ୟବସାୟ ନେଇ ଜିଲ୍ଲାର ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ କେତେକ ଦଲାଲ ସକ୍ରିୟ ହୋଇଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ, ହ୍ୱାଟସଆପ, ଟେଲିଗ୍ରାମ, ଫେସବୁକ ଭଳି ସୋସିଆଲ ମିଡିଆ ମାଧ୍ୟମରେ ଯୁବତୀ ଓ ମହିଳାଙ୍କ ଫଟୋ ପଠାଇ ଗ୍ରାହକଙ୍କୁ ପ୍ରଲୋଭିତ କରାଯାଉଛି। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଭଡ଼ା ଘର, ହୋଟେଲ କିମ୍ବା ଏକୁଟିଆ ସ୍ଥାନରେ ଯୋଗାଯୋଗ କରାଯାଉଥିବା କୁହାଯାଉଛି। କେତେକ ମାମଲାରେ ଅନ୍ୟ ଜିଲ୍ଲାରୁ ଯୁବତୀମାନଙ୍କୁ ଆଣି ଏହି ଚକ୍ରରେ ସମ୍ପୃକ୍ତ କରାଯାଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ଅଭିଯୋଗ ଅନୁଯାୟୀ, ଅର୍ଥ ଲୋଭ ଦେଖାଇ ଅସହାୟ ମହିଳା, ଯୁବତୀ ଓ କେତେକ ଛାତ୍ରୀଙ୍କୁ ଦଲାଲମାନେ ଟାର୍ଗେଟ କରୁଛନ୍ତି। ଦେହ ବ୍ୟବସାୟ ମାଧ୍ୟମରେ ସହଜରେ ଅଧିକ ଟଙ୍କା ମିଳିବ ବୋଲି ଲୋଭ ଦେଇ ସେମାନଙ୍କୁ ଏହି ଅନୈତିକ କାର୍ଯ୍ୟରେ ଟାଣି ଅଣାଯାଉଥିବା ସାମାଜିକ କର୍ମୀମାନେ କହିଛନ୍ତି। ସବୁଠାରୁ ଚିନ୍ତାର ବିଷୟ ହେଉଛି, ଏହି ଚକ୍ର ଧୀରେ ଧୀରେ ଗ୍ରାମାଞ୍ଚଳକୁ ମଧ୍ୟ ପ୍ରବେଶ କରୁଛି। କେତେକ ଭଡ଼ାଘର ଓ ଗୁପ୍ତ ସ୍ଥାନରେ ଏଭଳି କାର୍ଯ୍ୟ ଚାଲୁଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଇଣ୍ଟରନେଟରେ ଭିନ୍ନ ଭିନ୍ନ ନକଲି ପ୍ରୋଫାଇଲ ଓ ୱେବସାଇଟ ଖୋଲି ଏହି ଅବୈଧ ବ୍ୟବସାୟ ଚଳାଇଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ସାମାଜିକ କର୍ମୀ ଓ ବୁଦ୍ଧିଜୀବୀଙ୍କ ମତରେ, ଏଭଳି ଅନୈତିକ କାର୍ଯ୍ୟ ସମାଜରେ ଖରାପ ପ୍ରଭାବ ପକାଉଛି। ଯୁବପିଢ଼ି ଭ୍ରମିତ ହେବା ସହିତ ଅପରାଧ ପ୍ରବୃତ୍ତି ମଧ୍ୟ ବଢ଼ିବାର ଆଶଙ୍କା ରହିଛି। ଅନ୍ୟପଟେ ମହିଳା ଶୋଷଣ, ମାନବ ଚାଲାଣ ଓ ସାଇବର ଠକେଇ ଭଳି ଅପରାଧ ସହ ଏହାର ସମ୍ପର୍କ ଥିବାରୁ ଘଟଣାକୁ ଗୁରୁତ୍ୱର ସହ ନେବାକୁ ଦାବି ହେଉଛି। ସ୍ଥାନୀୟ ଲୋକମାନେ ପୁଲିସ ଓ ପ୍ରଶାସନ ତୁରନ୍ତ ଏହି ଚକ୍ର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସନ୍ଦେହଜନକ ହୋଟେଲ, ଭଡ଼ା ଘର ଓ ସୋସିଆଲ ମିଡିଆ ନେଟୱର୍କ ଉପରେ ନଜରଦାରି ବଢ଼ାଇବା ସହିତ ସାଇବର ସେଲକୁ ସକ୍ରିୟ କରିବାକୁ ମତ ପ୍ରକାଶ ପାଇଛି। ସମାଜର ସୁସ୍ଥ ପରିବେଶ ଓ ଆଗାମୀ ପିଢ଼ିର ଭବିଷ୍ୟତକୁ ରକ୍ଷା କରିବା ପାଇଁ ସରକାର, ପ୍ରଶାସନ ଓ ସାଧାରଣ ଲୋକଙ୍କ ସମନ୍ୱିତ ପଦକ୍ଷେପ ଏବେ ସମୟର ଆବଶ୍ୟକତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ସକାଳ THE SAKALA



## ବାଟବଣା ହେଉଛି ମାଗଣା ଉଜ୍ଜ୍ୱଳା ଗ୍ୟାସ୍ ଯୋଜନା

# ହିତାଧିକାରୀଙ୍କଠାରୁ ୨୫୦୦ ଟଙ୍କା ଶୋଷଣ

- ଗ୍ୟାସ୍ ଗ୍ରାମୀଣ ବିତରକ ନାମରେ ଆସିଲା ସଙ୍ଗୀନ ଅଭିଯୋଗ
- ପୁଲିସ ଉପସ୍ଥିତିରେ ମହିଳାଙ୍କୁ ଦୁର୍ବ୍ୟବହାର; ୩ ଅଟକ
- ଡହଡହ ଖରାରେ ମହିଳା ହିତାଧିକାରୀଙ୍କ ହୋ-ହାଲ୍ଲା

ବାସୁଦେବପୁର,୨୭।୫(ସମିସ): ସରକାରଙ୍କ ଯୋଜନାକୁ ଫୁ କରୁଛନ୍ତି ଗ୍ୟାସ୍ ବିତରକ। ପୁଲିସ ଉପସ୍ଥିତିରେ ମହିଳାଙ୍କୁ ଗ୍ୟାସ୍ କର୍ମଚାରୀଙ୍କ ନାଲି ଆଖି। ହିତାଧିକାରୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଶୋଷଣ କରୁଛନ୍ତି ଗ୍ୟାସ୍ ଗ୍ରାମୀଣ ବିତରକ। ମାଗଣା ଉଜ୍ଜ୍ୱଳା ଯୋଜନାର ଗ୍ୟାସ୍‌କୁ ହିତାଧିକାରୀଙ୍କଠାରୁ ୨୫୦୦ ଟଙ୍କା ଆଦାୟ କରୁଛନ୍ତି। ୨୫୦୦ ନ ଦେଲେ ଗ୍ୟାସ୍ ମିଳିବନି କହି ବିଭିନ୍ନ ଆଳ ଦେଖାଉଛନ୍ତି। ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି ମହିଳା ହିତାଧିକାରୀମାନଙ୍କୁ। ଡହଡହ ଖରାରେ ହିତାଧିକାରୀଙ୍କୁ ଡକାଇ ବିଭିନ୍ନ ଆଳ ଦେଖାଇ ଫେରାଇ ଦେଉଛନ୍ତି। ହିତାଧିକାରୀ ଜାଣିବା ପୂର୍ବରୁ ତିନି ଗ୍ୟାସ୍ ବ୍ଲାକ୍‌ରେ ବିକ୍ରି ହୋଇ ସବ୍‌ସିଡି ଟଙ୍କା ଖାତାକୁ ଆସୁଛି। ମୋବାଇଲ୍‌କୁ ଆସିବା ପରେ ଗ୍ୟାସ୍ ବିତରକର ଅସଲି କଳାକାରନାମା ପଦାକୁ ଆସିଲା। ଏମିତି ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ରାଜଘରପୋଖରୀ ପଞ୍ଚାୟତର ଭାସ୍କର ଇଣ୍ଡେନ୍ ଗ୍ୟାସ୍ ଗ୍ରାମୀଣ ବିତରକଙ୍କ ନାମରେ।




ଡହଡହ ଖରାରେ ଠିଆ କରାଇ ଲୁଟିଲେ ଉଜ୍ଜ୍ୱଳା ଗ୍ୟାସ୍ ହିତାଧିକାରୀଙ୍କୁ। ନା ଅଛି ପାଣିର ବ୍ୟବସ୍ଥା ନା ଅଛି ଉପରେ ପଙ୍ଖା। କହିଥିଲେ ମାଗଣାରେ ଯୋଗାଇ ଦେବେ ଗ୍ୟାସ୍। ଏବେ ଗ୍ୟାସ୍ ବଣ୍ଟନ ନାମରେ ହିତାଧିକାରୀଙ୍କୁ ଡକାଇ ୨୫୦୦ ଟଙ୍କା ଦାବି କରୁଛନ୍ତି ଭାସ୍କର ଇଣ୍ଡେନ ଗ୍ୟାସ୍ ଗ୍ରାମୀଣ ବିତରଣ ସଂସ୍ଥା। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ର ରାଜଘରପୋଖରୀ ପଞ୍ଚାୟତର ଭାସ୍କର ଇଣ୍ଡେନ ଗ୍ୟାସ୍ ଗ୍ରାମୀଣ ବିତରକ। ହେଲେ ଗୋଦାମ ଘର ବିଦେଇପୁର କଣ୍ଟିଆନାଳୀରେ କରି ବଣ୍ଟନ କରୁଛନ୍ତି ଗ୍ୟାସ୍। କିଏ ଆସିଛି ୪୦ କି.ମି. ଦୂର ଧାମରାରୁ ତ ପୁଣି କିଏ ୩୦ କି.ମି. ଦୂରରୁ। ଛୋଟଛୋଟ ଛୁଆ ଧରି ମୁଣ୍ଡଫଟା ଖରାରେ ଅପେକ୍ଷା କରିଛନ୍ତି ମହିଳା। ଡହଡହ ଖରାରେ ହୋ-ହାଲ୍ଲା କରି ଧାରଣା ଦେଇଛନ୍ତି ମହିଳାମାନେ। ଛୁଆ ପିଲା ଧରି ସକାଳୁ ମହିଳାମାନେ ଆସିଥିଲେ। କିନ୍ତୁ ମାଗଣାରେ ଉଜ୍ଜ୍ୱଳା ଗ୍ୟାସ୍ ପାଇବା ଆଶା ମଉଳିଗଲା। ମହିଳାମାନେ ଅଭିଯୋଗ କଲେ କର୍ମଚାରୀ ଦୁର୍ବ୍ୟବହାର କରୁଛନ୍ତି ବୋଲି କହିଛନ୍ତି। ମହିଳାଙ୍କଠାରୁ ଅର୍ଥ ନେଇ ଗ୍ୟାସ୍ ନ ଦେବାରୁ ମହିଳାମାନେ ଗୋଦାମ ଆଗରେ ହୋ-ହାଲ୍ଲା କରିଥିଲେ। ହିତାଧିକାରୀ ପାଇନାହାନ୍ତି ଗ୍ୟାସ୍ କାର୍ଡ। ସେହି କାର୍ଡରୁ ପ୍ରତି ମାସ ଗ୍ୟାସ୍ ସିଲିଣ୍ଡର ଉଠାଇ ବ୍ଲାକ୍‌ରେ ବିକୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ହିତାଧିକାରୀ। ଖବର ପାଇ କସିଆ ସାମୁଦ୍ରିକ ଥାନାର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଫିସରୁ କର୍ମଚାରୀଙ୍କୁ ପଚରାଉଚରା ପାଇଁ ନେଇ ଥାନାରେ ଅଟକ ରଖିଛନ୍ତି।

## ଆଶ୍ୱସ୍ତି ଦେଲା କାଳବୈଶାଖୀ

ବାରିକପୁର,୨୭।୫(ସମିସ): ଗତ ୧୫ ଦିନ ଧରି ସାରା ଓଡ଼ିଶା ଗରମ ଗୁଳୁଗୁଳିରେ ସିଝୁଛି। ପ୍ରବଳ ରୌଦ୍ରତାପ ଓ ଝାଞ୍ଜି ପବନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ସକାଳ ୮ଟା ପରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏଥିଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ଲୋକେ ଏକପ୍ରକାର ତ୍ରାହି ତ୍ରାହି ଡାକୁଛନ୍ତି। ବାହାରକୁ ଗଲେ ଝାଞ୍ଜି ପବନ, ଘରେ ରହିଲେ ଗୁଳୁଗୁଳି ସାଙ୍ଗକୁ ପ୍ରବଳ ତାତି। ନଦୀ, ନାଳ, ବଡ଼ବଡ଼ ପୁଷ୍କରିଣୀ ଏକପ୍ରକାର ଶୁଷ୍କ ହୋଇ ଯାଇଥିବାବେଳେ ବୁଲା ଗାଈଗୋରୁ ପାଣି ଟୋପାଏ ପାଉନାହାନ୍ତି। ଏହାରି ଭିତରେ ବୁଧବାର ଅପରାହ୍ଣରେ ବ୍ଲକ୍ ଅଞ୍ଚଳରେ କାଳବୈଶାଖୀ ଦେଖାଦେଇଛି। ଅପରାହ୍ଣ ୫ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ରହଣିଆ, ମାଳଦା, ଷୋଳମପୁର, କୁରିଗାଁ, ଦକ୍ଷିଣବାଡ଼, ରଣଜିତ, ବାଲିପୋଖରୀ, ନପଙ୍ଗ, ମଞ୍ଜୁରୀରୋଡ୍, ଆଖୁଆପଦା, ବିଷ୍ଣୁପୁର, ଛତାବର, ଷୋଳମପୁର, ନପଙ୍ଗ, ବାରିକପୁର, ପାଟୁଳି ପ୍ରମୁଖ ଅଞ୍ଚଳରେ ପବନ ଓ ବର୍ଷା ହୋଇଛି। ପବନର ବେଗ ସାମାନ୍ୟ ଅଧିକ ଥିବାରୁ କେତେକ ଅଞ୍ଚଳରେ ଗଛ ଡାଳ ମଧ୍ୟ ଭାଙ୍ଗିଯାଇଥିବା ଖବର ହସ୍ତଗତ ହୋଇଛି। ପ୍ରାୟ ସମସ୍ତ ସ୍ଥାନରେ ବର୍ଷା ବେଳେ ଝାଞ୍ଜିରେ ଆଉଟୁପାଉଟୁ ହେଉଥିବା ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

## ମିଳୁନି ଆବାସ ନିର୍ମାଣ ଅର୍ଥ

ଦୋଳସାହି,୨୭।୫(ସମିସ): ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ କରାଯାଉଥିବା ହିତାଧିକାରୀଙ୍କୁ ନିର୍ମାଣ ଅର୍ଥ ମିଳୁ ନ ଥିବା ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ପ୍ରଥମ କିସ୍ତି ପାଇ ଗୃହ ନିର୍ମାଣ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ୧୩୧ ଜଣ ପ୍ରଥମ କିସ୍ତି ପାଇ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଏହି ହିତାଧିକାରୀଙ୍କୁ ୨ ମାସରୁ ଅଧିକ ସମୟ ଧରି ନିର୍ମାଣ ଅର୍ଥ ମିଳୁ ନ ଥିବା ନେଇ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ହିତାଧିକାରୀଙ୍କୁ ବକେୟା ପାଉଣା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## କଂକ୍ରିଟ୍ ୱାଲ୍ ନିର୍ମାଣ ନାଁରେ କେନାଲ ରାସ୍ତା ନଷ୍ଟ



ବାରିକପୁର,୨୭।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଜଳ ସମ୍ପଦ ବିଭାଗ ପକ୍ଷରୁ ୪ ନମ୍ବର କେନାଲ ଗର୍ଭରେ କଂକ୍ରିଟ ୱାଲ୍ ନିର୍ମାଣ କାର୍ଯ୍ୟ ହେଉଛି। କେନାଲ ଆରମ୍ଭରୁ ପ୍ରାୟ ୫୦୦ ମିଟର ଯାଏଁ ଚଳିତ ବର୍ଷ ୱାଲ୍ ନିର୍ମାଣ ହେଉଥିବା ସୂଚନା ମିଳିଛି। ଦୁଃଖ ଓ ପରିତାପର ବିଷୟ ଏଥିଯୋଗୁଁ ନବନିର୍ମିତ କେନାଲ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ଯାଉଛି।

ଗତବର୍ଷ ପ୍ରାୟ ୨୯ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ କେନାଲ ରାସ୍ତାର ୧୨୦୦ ମିଟର ପିଚୁ ନିର୍ମାଣ ହୋଇଥିଲା। ଏହି ରାସ୍ତା ଦେଇ ବାହାଦଲପୁର, ବଣସାହି, ଡଗରପଡ଼ା, ପାଟୁଳି, ଜୋରାଗଡ଼ିଆ ପ୍ରମୁଖ ଗ୍ରାମର ହଜାର ହଜାର ଜନସାଧାରଣ ଦୈନିକ ଗମନାଗମନ କରିଥା'ନ୍ତି। ବିଶେଷ କରି ଏହି ବାଟ ଦେଇ ଲୋକେ ଜାତୀୟ ରାଜପଥକୁ ଯାଇ ନିଜନିଜ ଗନ୍ତବ୍ୟସ୍ଥଳକୁ ଗମନ କରନ୍ତି। ଏହାଛଡ଼ା ଭଣ୍ଡାରିପୋଖରୀ ସରକାରୀ ଶିଳ୍ପ ଶିକ୍ଷାନୁଷ୍ଠାନ ସମେତ ବାରିକପୁର କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଯାତାୟାତ କରିଥା'ନ୍ତି। ଏବର୍ଷ କେନାଲ ଭିତରେ ୱାଲ୍ ନିର୍ମାଣ ହେବା ପାଇଁ ଦୀର୍ଘ ଦୁଇ ମାସ ହେବ ପିଚୁ ରାସ୍ତାରେ ବାଲି ଓ ଚିପ୍ସ ବୋଝେଇ ଭାରିଯାନ ଟ୍ରକ୍ ଯାତାୟାତ କରୁଛି। ଯେଉଁଥିପାଇଁ ପିଚୁ ରାସ୍ତା ଏବେ ଜରାଜୀର୍ଣ୍ଣ ପାଲଟିଛି। ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବାବେଳେ ପିଚୁ ଓ ଡଷ୍ଟ ମେଣ୍ଟାଲ ଉଠିଯାଇ ପାଣି କାଦୁଅରେ ପଥଟି ପରିପୂର୍ଣ୍ଣ ହୋଇଛି। କେନାଲ ରାସ୍ତାର ଅର୍ଦ୍ଧାଧିକ ଭାଗ ଅତ୍ୟନ୍ତ ଖରାପ ହୋଇଛି। ୱାଲ୍ ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ସମ୍ପୂର୍ଣ୍ଣ ରାସ୍ତା ନଷ୍ଟ ହେବ ବୋଲି ସ୍ଥାନୀୟ ଲୋକମାନେ ଜଣାଇଛନ୍ତି। ଏହାଛଡ଼ା ୱାଲ୍ ନିର୍ମାଣ କାର୍ଯ୍ୟର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗୋଦଡ଼ା ହାଣେ ଯେତେ ମାଡ଼େ ସେତେ ନ୍ୟାୟରେ ଜଳସମ୍ପଦ ବିଭାଗ ଗୋଟିଏ ପଟେ କିଛି ଉନ୍ନୟନମୂଳକ କାର୍ଯ୍ୟ କରୁଥିବାବେଳେ ଅନ୍ୟପଟେ ନବନିର୍ମିତ କେନାଲ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହେଉଛି। ତେଣୁ ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

● ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଫଳ ପ୍ରକାଶ

## ମନସ୍ତତ୍ୱ ବିଭାଗ ଛାତ୍ରୀ ଅଭିଲିପ୍ସା ନାୟକ ଶ୍ରେଷ୍ଠ ସ୍ନାତକ



ଭଦ୍ରକ,୨୭।୫(ସମିସ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ବାର୍ଷିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ସ୍ନାତକୋତ୍ତରରେ ମୋଟ୍ ୧୦୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲାବେଳେ ୮୬୩ ଜଣ କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି। ଚଳିତ ବର୍ଷର ପାସ୍‌ହାର ୭୯.୧ପ୍ରତିଶତ। କଳା ବିଭାଗରେ ପାସ୍‌ହାର ୮୮.୬ ପ୍ରତିଶତ, ବିଜ୍ଞାନରେ ୭୦.୨ ପ୍ରତିଶତ, ବାଣିଜ୍ୟରେ ୭୩.୪ ପ୍ରତିଶତ ଓ ସେଲ୍ଫ ଫାଇନାନ୍ସରେ ପାସ୍‌ହାର ୮୦.୪ ପ୍ରତିଶତ। ସାଇକୋଲୋଜିରେ ଛାତ୍ରୀ ଅଭିଲିପ୍‌ସା ନାୟକ, କମ୍ପ୍ୟୁଟର ସାଇନ୍ସରେ ଛାତ୍ର ପ୍ରୀତିଶ ପୀୟୂଷ ରଞ୍ଜନ ନାୟକ, ବାଣିଜ୍ୟରେ ଗୀତାଞ୍ଜଳି ପୃଷ୍ଟି, ସେଲ୍ଫ ଫାଇନାନ୍ସରେ ଅଶ୍ୱିନୀ କୁମାର ସାହୁ କଲେଜ ଟପ୍ପର ହୋଇଛନ୍ତି। ଉକ୍ତ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ଭାବେ ମନସ୍ତତ୍ୱ ବିଭାଗ ଛାତ୍ରୀ ଅଭିଲିପ୍ସା ନାୟକ ବିବେଚିତ ହୋଇଛନ୍ତି ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ପରୀକ୍ଷା ନିୟନ୍ତ୍ରକ ଡ. ଅଜିତ କୁମାର ଦାସ, ଡ. ପ୍ରତାପ ଚନ୍ଦ୍ର ସାହୁ, ଡ. ପଦ୍ମକାର ମହାନ୍ତି, ଡ. ସନ୍ତୋଷ କୁମାର ସେଠୀ, ଡ. ଲକ୍ଷ୍ମୀକାନ୍ତ ନାୟକ, ଡ. ସରୋଜ କୁମାର ଦାସ, ଡ. ମନୋରଞ୍ଜନ ସେଠୀ, ଡ. ବ୍ରହ୍ମାନନ୍ଦ ପଣ୍ଡା ପ୍ରମୁଖ ପରୀକ୍ଷା ଫଳ ପ୍ରକାଶ କରିଥିଲେ।

## ଯୁବ ସମାଜକୁ କବଳିତ କରି ରଖିଛି ଧଳାଜହର

ଅସୁରାଳି,୨୭।୫(ସମିସ): ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଚୋରା ନିଶା ବେପାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଅବକାରୀ ବିଭାଗର ସ୍ଥାଣୁତାର ସୁଯୋଗ ନେଇ ଏହି ନିଶା ବେପାରୀମାନେ ସେମାନଙ୍କ କାରବାର ବଢ଼ାଇ ଚାଲିଛନ୍ତି। ଯୁବପିଢ଼ିଙ୍କୁ ପ୍ରଭାବିତ କରି ସେମାନଙ୍କ କାରବାର ଖୁଲମ୍‌ଖୁଲା ଚଳାଉଛନ୍ତି। ଫଳରେ ଏହି ସ୍ଥାନ ଏବେ ଅସାମାଜିକଙ୍କ ଚରାଭୂଇଁ ପାଲଟିଲାଣି। ସରକାର ଅନୁମତି ଥାଉ କି ନ ଥାଉ, ବିନା ଲାଇସେନ୍ସରେ ବୋତାଳି ଗାଁ, ଧୂଷୁରୀ, ନନ୍ଦବଜାର, କୋଠାର, ଶ୍ରୀରାମପୁର, ମାଙ୍କିଡ଼ିଆ, ନଦୀଗାଁ ଆଦି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଏକାଧିକ ଚୋରା ମଦ ଦୋକାନ ଖୋଲିଛି। ଏହାଛଡ଼ା ବ୍ରାଉନ୍‌ସୁଗର କାରବାର ମଧ୍ୟ ବିଭିନ୍ନ ସ୍ଥାନରେ ଚାଲିଥିବା ଅଭିଯୋଗ ହୋଇଛି। ଶିକ୍ଷିତ ଯୁବକ, ଦିନମଜୁରିଆ, ଏମିତିକି ବହୁ ନାବାଳକ ମଧ୍ୟ ଏହାର ଶିକାର ପାଲଟିଛନ୍ତି। ଅଭାବଗ୍ରସ୍ତ ନିଶା ସେବନକାରୀ ଯୁବକମାନେ ନିଶା କବଳିତ ହେବା ପରେ ଆଉ ପଛକୁ ଫେରିପାରୁନାହାନ୍ତି। ଅର୍ଥାଭାବରୁ ବାଧ୍ୟ ହୋଇ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ଯଥା- ରାହାଜାନୀ, ଚୋରି ଆଦି କରିବାକୁ ପଛାଉ ନାହାନ୍ତି। ଦୋକାନଠାରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ଚୋରି ହେବା ଏ ଅଞ୍ଚଳରେ ନିତିଦିନିଆ ଘଟଣା ପାଲଟିଛି। ମନ୍ଦିରର କଂସା, ପିତ୍ତଳ ପୂଜା ସାମଗ୍ରୀ, ଠାକୁରଙ୍କ ଗହଣା, ହୁଣ୍ଡିରୁ ଟଙ୍କା ଚୋରି, ହାଟବଜାର ଓ ଭିଡ଼ ସ୍ଥାନରୁ ମୋବାଇଲ୍, ମନିପର୍ସ ଆଦି ଲୁଟ୍ ହେଉଛି। ଏହି ନିଶା ପାଇଁ ପାରିବାରିକ ବିବାଦ ଏବେ ଏକ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଅବକାରୀ ବିଭାଗ କିମ୍ବା ପୁଲିସ କାହାରି ଏଥିପ୍ରତି ସାମାନ୍ୟ ଗୁରୁତ୍ୱ ମଧ୍ୟ ନାହିଁ। ମଝିରେ ମଝିରେ ଅବକାରୀ ବିଭାଗ ପକ୍ଷରୁ ନିଜର ଉପସ୍ଥିତି ଜାହିର୍ କରିବା ପାଇଁ କିଛି ଛୋଟମୋଟ ମଦ ବେପାରୀଙ୍କୁ ଧରି ନିଜର ବାହାଦୁରି ଦେଖାଇ ପ୍ରଶଂସା ସାଉଁଟିବାକୁ ପ୍ରୟାସ କରୁଛନ୍ତି ଓ ସେମାନଙ୍କୁ ଧରି ନେଇ ଥାନାରେ କିଛି ସମୟ ଅଟକାଇ ପୁଣି ଛାଡ଼ି ଦିଆଯାଉଛି। ଏ ଦିଗରେ ଉଚ୍ଚ ପଦାଧିକାରୀ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

## ୨୩ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ



ଧାମନଗର,୨୭।୫(ସମିସ): ଧାମନଗର ଥାନା ଅଧୀନ କଲ୍ୟାଣୀ ନଗରୀ ଅଞ୍ଚଳରେ ପୁଲିସ ଜଣେ ଯୁବକକୁ ଗିରଫ କରିବା ସହ ତା' ନିକଟରୁ ୨୩ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୪୦ ହଜାର ଟଙ୍କା ହେବ। ଏଥିସହ ନଗଦ ୪୩୦୦ ଟଙ୍କା, ଗୋଟିଏ ବାଇକ୍ ଓ ଗୋଟିଏ ମୋବାଇଲ୍ ଜବତ କରାଯାଇଥିବା ନେଇ ଧାମନଗର ଥାନାରେ ଆଇଆଇସି ସୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ତହସିଲ୍‌ଦାର ପଲ୍ଲୀଭାରତ ମାହାଳିକ ପ୍ରକାଶ କରିଛନ୍ତି। ଏସ୍‌ଆଇ ନାରାୟଣ ନାୟକଙ୍କ ଅଭିଯୋଗ ମୂଳେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବା ସହ ଏସ୍‌ଆଇ ମହେଶ୍ୱର ପ୍ରଧାନଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ଏଏସ୍‌ପି ଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଧୂଷୁରୀ ଥାନା ଅଧୀନ ଖପରାପଦା ଗାଁର ମଣିଭଦ୍ର ସାହୁ(୫୩)। ମେଙ୍ଗଳବାର ଗାବିନ୍ଦପୁର ଅଞ୍ଚଳ ଆଡୁ ବ୍ରାଉନ୍‌ସୁଗର ନେଇକି ଆସୁଥିବା ବେଳେ ପୁଲିସକୁ ଦେଖି ଦ୍ରୁତଗତିରେ ପଳାଇବାକୁ ଉଦ୍ୟମ କରିଥିଲେ। ପରେ ପୁଲିସ ପିଛା କରି କଲ୍ୟାଣୀନଗରୀ କେଶସାହି ପଡ଼ିଆ ନିକଟରେ ତାଙ୍କୁ କାବୁ କରିଥିଲା। ପଚରାଉଚରାବେଳେ ସେ ଭଦ୍ରକ ବଉଳପୋଖରୀ ଗ୍ରାମର ରାଜା ମଲ୍ଲିକଙ୍କ ନିକଟରୁ ବ୍ରାଉନ୍‌ସୁଗର କିଣିଥିବା ପୁଲିସ ପାଖରେ ସ୍ୱୀକାର କରିଥିବା ସୂଚନା ମିଳିଛି।

● ଭଦ୍ରକ ଜିଲ୍ଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

## ଗାନ୍ଧୀ ପରିବାରର ତ୍ୟାଗ, ବଳିଦାନ ଅବିସ୍ମରଣୀୟ: ଏସ୍ ଜୟକୁମାର

ଭଦ୍ରକ,୨୭।୫(ସମିସ): ଜିଲ୍ଲା, ବ୍ଲକ୍, ନଗର, ପଞ୍ଚାୟତ ଓ ସର୍ବୋପରି ବୁଥ୍ କଂଗ୍ରେସ କମିଟିକୁ ସଂଗଠିତ କରି ଅଧିକ କ୍ରିୟାଶୀଳ ଓ ମଜଭୁତ୍ କରିବାକୁ ଭଦ୍ରକ ଜିଲ୍ଲା ପରିବର୍ଦ୍ଧିତ କମିଟିର କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଆଇସିସି ସମ୍ପାଦକ ତଥା ପିସିସିର ସହପ୍ରଭାରୀ ମୟୂର ଏସ୍ ଜୟକୁମାର ଆହ୍ୱାନ ଦେଇଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଓ ପିସିସି ଉପସଭାପତି ତଥା ଭଦ୍ରକ ପ୍ରଭାରୀ ଦେବାଶିଷ ପଟ୍ଟନାୟକ, ଉପସଭାପତି ସସ୍ମିତା ବେହେରାଙ୍କ ଉପସ୍ଥିତିରେ ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ବୁଧବାର ଅପରାହ୍ଣରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶ୍ରୀ ଜୟକୁମାର ଆଗାମୀ ପଞ୍ଚାୟତ, ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ସହ ଦଳକୁ ଅଧିକ ସୁଦୃଢ଼ ଓ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଥିଲେ। ଦଳୀୟ ପଦାଧିକାରୀଙ୍କୁ ସମ୍ବୋଧନ କରି ନିଜ ବକ୍ତବ୍ୟରେ ଶ୍ରୀ ଜୟକୁମାର କହିଥିଲେ ଯେ, ଗାନ୍ଧୀ ପରିବାରର ଦେଶ ପ୍ରତି ତ୍ୟାଗ ଓ ବଳିଦାନ ଅବିସ୍ମରଣୀୟ। କିନ୍ତୁ ଆଜିର ବିଜେପି ସରକାର କେବଳ କ୍ଷମତାକୁ ଉପଭୋଗ କରିବାରେ ବ୍ୟସ୍ତ। ବିଜେପି କିମ୍ବା ଆର୍‌ଏସ୍‌ଏସ୍‌ର ସଦସ୍ୟମାନେ କୌଣସି ସ୍ୱାଧୀନତା ସଂଗ୍ରାମ ଓ ସ୍ୱତନ୍ତ୍ର ସେନାନୀରେ ଯୋଗଦେଇ ନ ଥିଲେ। ଏପରିକି ଆର୍‌ଏସ୍‌ଏସ୍ କାର୍ଯ୍ୟାଳୟରେ ଜାତୀୟ ପତାକା ଉଡ଼ାଉ ନ ଥିଲେ। କଂଗ୍ରେସର ତ୍ୟାଗ, ବଳିଦାନ ଓ ବାବା ସାହେବ ଆମ୍ବେଦକରଙ୍କ ସମ୍ବିଧାନକୁ ବିଜେପି ନଷ୍ଟଭ୍ରଷ୍ଟ କରି ଚାଲିଛି। ବୈଠକରେ ସଭାପତିତ୍ୱ କରୁଥିବା ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ ରାହୁଲଙ୍କ ନୀତି ଆଦର୍ଶରେ ଆମେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା ସହ ଦଳକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ପଞ୍ଚାୟତ ଓ ନଗର ନିର୍ବାଚନରେ ସମସ୍ତ କର୍ମୀ ବୁଥ୍‌ସ୍ତରରୁ ଦଳକୁ ବିଜୟର ଟିକା ପିନ୍ଧାଇବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସାଂସଦ ମୁରଲୀଧର ଜେନା, ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ରାଜ୍ୟ ଏସ୍‌ସି ସେଲ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଜେନା, ପିତବାସ ଧଳ, ଅବ୍‌ଦୁଲ ମୁକିତ ଖାନ, ପିତାମ୍ବର ନାୟକ, ଗୋଲକ ଚନ୍ଦ୍ର ବେହେରା, ରଜନୀକାନ୍ତ ଚାନ୍ଦ, ସତ୍ୟବାନ ଦାସ, କାର୍ତ୍ତିକ ଚରଣ ଜେନା, ପ୍ରଦ୍ୟୁମ୍ନ ଦାସ, ବ୍ଲକ୍ ସଭାପତି ଅଜୟ ସାହୁ, ସୁଭାଶିଷ ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ମନୋଜ ବିଶ୍ୱାଳ, ଅଭିଷେକ ରାଉତ, ଦେବବ୍ରତ ମହାନ୍ତି, ଦିଗମ୍ବର ଦାସ, ଅକ୍ଷୟ ମଲ୍ଲିକ, ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ମହିଳା ସଭାପତି ଅମିତାବାଳା ଆଚାର୍ଯ୍ୟ, ସବିତା ଚାନ୍ଦ, ଶର୍ମିଷ୍ଠା ପଣ୍ଡା, ବିଦ୍ୟାଧର ଜେନା, ରାଜୁ ପ୍ରସାଦ ରାୟ, ସୁଶାନ୍ତ ବାରିକ, ପ୍ରସନ୍ନ ଧଳ, ରଞ୍ଜନ ଜେନା, ରାଜକିଶୋର ପଣ୍ଡା, ଇଲିୟାସ ଅଲ୍ଲୀ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।




## ରାସ୍ତା, ବାଇପାସ୍ ପ୍ରକଳ୍ପ ପରିଦର୍ଶନ କଲେ ମନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ



ଧୂଷୁରୀ/କୋଠାର,୨୭।୫(ସମିସ): ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଧାମନଗର ଗସ୍ତ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ବିଭିନ୍ନ ରାସ୍ତା ଓ ବାଇପାସ୍ ପ୍ରକଳ୍ପର ସମୀକ୍ଷା କରିଥିଲେ। ଚିଫ୍ ଇଞ୍ଜିନିୟର ଧ୍ୟାନଚାନ୍ଦ ନାୟକ, ଇଞ୍ଜିନିୟର ଦେବୀପ୍ରସନ୍ନ ଘୋଷ ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଧାମନଗର ଅଞ୍ଚଳର ଦୀର୍ଘଦିନର ରାସ୍ତା ସମସ୍ୟା ଓ ଯାତାୟାତ ବ୍ୟବସ୍ଥା ସୁଧାର ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସମୀକ୍ଷା ହୋଇଥିବା ପ୍ରମୁଖ ପ୍ରକଳ୍ପ ମଧ୍ୟରେ କୋଠାର ବାଇପାସ୍, କୋଠାର-ଧାମନଗର ରାସ୍ତା, ଧାମନଗର-ବାରିକପୁର ରାସ୍ତା (ଧାମନଗର ଛକ) ଓ ଧାମନଗର-ଫଳପୁର ରାସ୍ତା ଓ ବେତାଳିଗାଁଠାରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାର ପୁନଃ ଉଦ୍ଧାର ରହିଥିଲା। ବିଶେଷକରି କୋଠାର-ନସଲାପୁର ବାଇପାସ୍ ରାସ୍ତା ଦୀର୍ଘଦିନ ଧରି ଲୋକଙ୍କ ମୁଖ୍ୟ ଦାବି ହୋଇଆସୁଥିଲା। ରାସ୍ତାର ସାଧାରଣ ଲୋକ ଓ ଯାତ୍ରୀମାନେ ବହୁତ ହଇରାଣ ହେଉଥିବା ବେଳେ, ଏହି ବାଇପାସ୍ ନିର୍ମାଣ ପାଇଁ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ରହିଥିଲା। ମନ୍ତ୍ରୀ ଶ୍ରୀ ସୂରଜ ସୂଚନା ଦେଇଥିଲେ ଯେ, ବିଭିନ୍ନ ରାସ୍ତା ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତି କାମ ସରିଛି। ଜମି ଅଧିଗ୍ରହଣ ପ୍ରକ୍ରିୟା ସମାପ୍ତ ହେବା ପରେ ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇ କାମ ଆରମ୍ଭ କରାଯିବ ବୋଲି ସେ କହିଥିଲେ। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତା ହେଲେ ଧାମନଗର ଅଞ୍ଚଳର ଯାତାୟାତ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆସିବା ସହ ସାଧାରଣ ଲୋକଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ଏହି ସମୀକ୍ଷା ବୈଠକରେ ବରିଷ୍ଠ ନେତା ଚତୁର୍ଭୁଜ ନାୟକ, ରାଜେନ୍ଦ୍ର ସାହୁ, ସରପଞ୍ଚ ମହେଶ୍ୱତା ମହାଳିକ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ସଭ୍ୟ ହିମାଦ୍ରୀ ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦ ପ୍ରତିନିଧି ମନୋଜ ମଲ୍ଲିକ, ଅନିରୁଦ୍ଧ ସାହୁ, ରାମଚନ୍ଦ୍ର ମିଶ୍ର, ମନୋଜ ଦାସ, ରଞ୍ଜନ ମହାନ୍ତ, ସୁଶାନ୍ତ ନାୟକ ଓ ହିତେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି ମରାମତି କାମକୁ ନେଇ ବିବାଦ; ଥାନାରେ ଅଭିଯୋଗ



ଦୋବଲ,୨୭।୫(ସମିସ): ମୁସ୍ତଫାପୁର ପଞ୍ଚାୟତ ଅଧୀନ ଗୋବିନ୍ଦାଗଡ଼ିଆ ଅଙ୍ଗନବାଡ଼ି ଘର ମରାମତି କାମକୁ ନେଇ ବିବାଦ ଦେଖାଦେଇଛି। ଏହି ଘଟଣାରେ ଜଗବନ୍ଧୁ ପ୍ରଧାନଙ୍କ ନାମରେ ମଙ୍ଗଳବାର ଧାମନଗର ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ପ୍ରାୟ ୨ବର୍ଷ ପୂର୍ବରୁ ଗୋବିନ୍ଦାଗଡ଼ିଆ ଅଙ୍ଗନବାଡ଼ି କେନ୍ଦ୍ରର ଘର ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇ ନ ଥିଲା। ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଥିବା ଘରଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀମାନେ ବାରମ୍ବାର ଦାବି କରିଆସୁଥିଲେ। ପରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଅବଶିଷ୍ଟ କାମ ଆରମ୍ଭ ପାଇଁ ପଦକ୍ଷେପ ନିଆଯାଇଥିଲା। ସ୍ଥାନୀୟ ଲୋକଙ୍କ ଜରିଆରେ ମାଲ୍‌ମ୍ୟାଟେରିଆଲ ଢଳାଯାଇ କାମ ଚାଲିଥିବାବେଳେ ଜଗବନ୍ଧୁ ପ୍ରଧାନ କାମ ବନ୍ଦ କରିଥିବା ଅଭିଯୋଗ ହୋଇଛି। ଏହାସହ ଅଙ୍ଗନବାଡ଼ି କେନ୍ଦ୍ର ଚାରିପାଖରେ ବାଡ଼ ଘେରାଇ ଜବରଦଖଲ କରି ରଖାଯାଇଥିବା ନେଇ ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ଏନେଇ ଗ୍ରାମର ଗୌରାଙ୍ଗ ରାଉତ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜଗବନ୍ଧୁ ପ୍ରଧାନ କହିଛନ୍ତି ଯେ, ପୂର୍ବରୁ ସେ ନିଜେ ଏଷ୍ଟିମେଣ୍ଟ ଅନୁଯାୟୀ କାମ ଆରମ୍ଭ କରିଥିଲେ ଓ ମିଳିଥିବା ଅର୍ଥ ଅନୁଯାୟୀ କାର୍ଯ୍ୟ କରାଯାଇଥିଲା। ହେଲେ କାମ ସମ୍ପୂର୍ଣ୍ଣ ହୋଇ ନ ଥିଲା। ବର୍ତ୍ତମାନ ଅବଶିଷ୍ଟ କାମ ପାଇଁ ପୁଣି ମାଲ୍‌ମ୍ୟାଟେରିଆଲ ଢଳାଯାଉଥିବା ବେଳେ ପୂର୍ବରୁ ପଡ଼ିଥିବା ସାମଗ୍ରୀ ଉଠାଯାଇ ନ ଥିବାରୁ ସମସ୍ୟା ଉପୁଜିଥିବା ସେ କହିଛନ୍ତି। ଘଟଣାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ବୁଧବାର ଧାମନଗର ଥାନାଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ମାଧ୍ୟମରେ ସମାଧାନ ହୋଇଥିବା ଜଣାପଡ଼ିଛି।

### ୧୭.୫୦ କୋଟି ଟଙ୍କାର ଅଟଳ ମାର୍ଗ ଓ ୪କୋଟି ଟଙ୍କାର ଚରମ୍ପା ଫିଡର ରୋଡ୍ କାର୍ଯ୍ୟ

# ନିମ୍ନମାନର ଓ ବିଳମ୍ବିତା ନେଇ ଜନଅସନ୍ତୋଷ

**ଭଦ୍ରକ ବିଧାୟକ, ମୁଖ୍ୟଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର କ୍ଷେତ୍ରୀୟ ପରିଦର୍ଶନ**



ଭଦ୍ରକ,୨୭।୫(ସମିସ): କଚେରୀ ବଜାର ମୁଖ୍ୟରାସ୍ତା "ଅଟଳ ମାର୍ଗ' (ମହତାବ ଛକରୁ ଶନିମନ୍ଦିର ଛକ) ଓ ଭଦ୍ରକ ଷ୍ଟେସନକୁ ସଂଯୋଗ କରୁଥିବା ଚରମ୍ପା ଫିଡର୍ ରୋଡ୍‌ର ସମ୍ପ୍ରସାରଣ, ସୌନ୍ଦର୍ଯ୍ୟକରଣ ଓ ଡ୍ରେନେଜ୍ (ଜଳ ନିଷ୍କାସନ) କାର୍ଯ୍ୟ ଅତି ନିମ୍ନମାନର ହେବା ଓ ବିଳମ୍ବିତା ନେଇ ଜନଅସନ୍ତୋଷ ତେଜିଛି। ବିଶେଷ କରି ଏହି ୨ଟି ମୁଖ୍ୟ କାର୍ଯ୍ୟକୁ ପୂର୍ତ୍ତ (ଆର୍‌ଏଣ୍ଡବି) ବିଭାଗ ପକ୍ଷରୁ କରାଯାଉଥିବାବେଳେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଆଉ ଏହି ଜନଅସନ୍ତୋଷ ପରେ ଉକ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ତ୍ତ ବିଭାଗର ଇଆଇସି (ସର୍ବୋଚ୍ଚ ଯନ୍ତ୍ରୀ) ଧ୍ୟାନଚାନ୍ଦ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ, କନିଷ୍ଠ ଯନ୍ତ୍ରୀ ଉତ୍ତମ ନାୟକଙ୍କ ସହ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ କାର୍ଯ୍ୟାଦେଶ ପାଇଥିବା ଠିକାଦାର କ୍ଷେତ୍ରୀୟ ପରିଦର୍ଶନ କରିଥିଲେ।

ସୂଚନାଯୋଗ୍ୟ, ସହରରେ ଜବରଦଖଲ ଉଚ୍ଛେଦ ପରେ ଏବେ ସହରର ମୁଖ୍ୟ ରାସ୍ତା କାମ ଆରମ୍ଭ ହୋଇଥିଲା। ୧୭ କୋଟି ୫୦ ଲକ୍ଷ ଟଙ୍କାର ରାସ୍ତା କାମ ପାଇଁ ଗତ ୬ ମାସ ତଳେ ଟେଣ୍ଡର ହୋଇ କାମ ଆରମ୍ଭ ହେଉଛି। ନିର୍ମାଣ କାମ ନେଇ ଲୋକେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଲୋକଙ୍କ ଅଭିଯୋଗ ହେଉଛି ଯେ, ଭଦ୍ରକ ସହରର ମୁଖ୍ୟ ରାସ୍ତାକୁ ବହୁ ବର୍ଷ ଧରି ଜବରଦଖଲ କରି କିଛି ମୁଷ୍ଟିମେୟ ଲୋକ ରଖିବା ପରେ ସରକାରଙ୍କ ନିର୍ଦ୍ଦେଶ ପରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଜବରଦଖଲ ହଟିବା ପରେ ଏବେ ରାସ୍ତା କାମ ଆରମ୍ଭ ହୋଇଥିଲା। ଯେଉଁ ଠିକାଦାର କାମ ଆରମ୍ଭ କରୁଛନ୍ତି, ସେହି କାମ ଆରମ୍ଭରୁ ବାଟବଣା ହୋଇଛି। ସାଢ଼େ ୧୭ କୋଟିର କାମ ଯେଉଁଳି ଢଙ୍ଗରେ ଆରମ୍ଭ ହେବା କଥା ତାହା ହେଉନାହିଁ ବୋଲି ଅଭିଯୋଗ ଫର୍ଦ୍ଦ ଲମ୍ବିବାରେ ଲାଗିଛି। ସ୍ଥାନୀୟ ଲୋକ ଓ ଭଦ୍ରକର ବୁଦ୍ଧିଜୀବୀ ଏଭଳି ରାସ୍ତା କାମକୁ ନାପସନ୍ଦ କରିଛନ୍ତି। ନିମ୍ନମାନର କାମ ଓ ବିଳମ୍ବିତା ନେଇ ଲୋକେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାସ୍ତା କାମ ପାଇଁ ମୁଖ୍ୟ ରାସ୍ତା ମଝିରେ ଥିବା ବହୁ ବଡ଼ବଡ଼ ଗଛ ସବୁ କଟାଯାଇଛି। ରାସ୍ତା ପାଇଁ ଗଛ କଟା ଯାଉଥିବାବେଳେ ରାସ୍ତା ଉପରେ ଥିବା ପୁରୁଣା ବିଦ୍ୟୁତ୍ ଖୁଣ୍ଟ ଅଦ୍ୟାବଧି ଉଠାଯାଉନାହିଁ। ରାସ୍ତାରୁ ମାଟି ଖୋଳାଯାଇ ବାଲି ଫିଲିଂ ହେବା ଜାଗାରେ ଡଷ୍ଟ ପକାଯାଉଛି। ରାସ୍ତାକାମରେ ପ୍ରଥମେ ବାଲି ଓ ପରେ ମୋରମ୍ ପକାଯାଇ ରୋଲିଂ କରାଯିବା କଥା ଏହାପରେ ମେଣ୍ଟାଲ ପକାଯାଇ ରୋଲିଂ କରାଯିବା କଥା। ମାତ୍ର ଏହାର ବ୍ୟତିକ୍ରମ କରାଯାଇ ନିମ୍ନମାନର କାମକୁ ନେଇ ସହରବାସୀ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ସେହିଭଳି ଚରମ୍ପା ଷ୍ଟେସନକୁ ଯାଇଥିବା ଫିଡର ରାସ୍ତା କାମ ପାଇଁ ୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟରେ ନିର୍ମିତ ଡ୍ରେନ୍ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ନେଇ ବଣିକ ସଂଘ ସଭାପତି ଗୌରଚନ୍ଦ୍ର ପଣ୍ଡା ଖୋଦ୍ ଅଭିଯୋଗ କରିଛନ୍ତି। ଶ୍ରୀ ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ନିମ୍ନମାନର କଳା ସିମେଣ୍ଟ ଓ ଅନ୍ୟ ମ୍ୟାଟେରିଆଲ ବ୍ୟବହାର କରି କାର୍ଯ୍ୟ ହେଉଛି। ଗୁଣବତ୍ତା ନ ଥିବା ସରଞ୍ଜାମରେ ହେଉଛି ନିର୍ମାଣ। ୧୦ କଡ଼େଇ ବାଲିରେ ଗୋଟିଏ ବସ୍ତା ସିମେଣ୍ଟରେ କାମ ହେବା ସହ ୧୦ ଫୁଟ୍‌ର ସରକାରୀ ଜମିକୁ ବାଦ୍ ଦେଇ ଡ୍ରେନ୍‌କୁ ବଙ୍କା କରି ନିର୍ମାଣ କରାଯାଉଥିବା ଭଳି ଅଭିଯୋଗ ଆଗତ କରିଥିଲେ। ଏନେଇ ବିଧାୟକ ଶ୍ରୀ ମହାପାତ୍ର ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ତୁରନ୍ତ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଠିକାଦାର ୫ ମାସ ମଧ୍ୟରେ କାମ ଶେଷ କରିବେ ବୋଲି ପ୍ରକାଶ କରିଥିବା ଜଣାଯାଇଛି। ତେବେ ଏହି ୨ଟି ପ୍ରମୁଖ କାର୍ଯ୍ୟରେ ବିଳମ୍ବିତା ଓ ନିମ୍ନମାନର କାର୍ଯ୍ୟକୁ ନେଇ ସହରବାସୀ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି।

ଏସ୍‌ଭିଏମ୍ ସ୍ୱୟଂଶାସିତ କଲେଜ ସ୍ନାତକ ପରୀକ୍ଷା ଫଳ ପ୍ରକାଶିତ

# ମୈତ୍ରୀମୟୀ ମହାନ୍ତି ବେଷ୍ଟ ଗ୍ରାଜୁଏଟ୍



**କଳାରେ ୮୬.୭ %, ବିଜ୍ଞାନରେ ୯୮.୨%, ବାଣିଜ୍ୟରେ ୮୯% ପାସହାର**

**ଜଗତସିଂହପୁର,୨୭।୫(ସମିସ):** ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକ ଶ୍ରେଣୀର ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଜାତା ଓଡ଼ା, ପରୀକ୍ଷା ନିୟନ୍ତ୍ରକ ଅସିତ ରଞ୍ଜନ ମହାପାତ୍ର, ଉପ ପରୀକ୍ଷା ନିୟନ୍ତ୍ରକ କିରଣ କୁମାର ସୁତାର, ଅଧ୍ୟାପକ ବିବେକାନନ୍ଦ ରଣା, ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ ଏବଂ ପ୍ରାଧ୍ୟାପକ ସତ୍ୟଜିତ ସାହୁ ଏହି ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ। ଚଳିତବର୍ଷ ସ୍ନାତକ ଶ୍ରେଣୀ କଳା ବିଭାଗରେ ୮୬.୭ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନ ବିଭାଗରେ ୯୮.୨ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ପାସହାର ରହିଛି ୮୯ ପ୍ରତିଶତ। କଳାରେ ମୋଟ ୨୭୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୧୯୧ ଜଣ ପ୍ରଥମ ଶ୍ରେଣୀ ଏବଂ ୪୩ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି। ସେହିପରି ବିଜ୍ଞାନରେ ୨୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୯୫ ଜଣ ଏବଂ ଦ୍ୱିତୀୟ ଶ୍ରେଣୀରେ ୨୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟରେ ମୋଟ ୨୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୯ ଜଣ ପ୍ରଥମ ଶ୍ରେଣୀ ଓ ୬୭ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟପକ୍ଷରେ ବିବିଏ ବିଭାଗରେ ପାସ ହାର ୮୧.୧ ପ୍ରତିଶତ ରହିଥିବା ବେଳେ ବିସିଏ ବିଭାଗରେ ପାସହାର ୯୫ ପ୍ରତିଶତ ରହିଛି। ବିବିଏରେ ମୋଟ ୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୨୪ ଜଣ ପ୍ରଥମ ଶ୍ରେଣୀ ଏବଂ ୬ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି। ବିସିଏରେ ମୋଟ ୬୦ ଜଣ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୫୬ ଜଣ ପ୍ରଥମ ଶ୍ରେଣୀ ଏବଂ ଜଣେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଆଇଟିଏମ ବିଭାଗରେ ପାସହାର ରହିଛି ୮୯.୭ ପ୍ରତିଶତ। ଏହି ବିଭାଗରେ ପରୀକ୍ଷା ଦେଇଥିବା ମୋଟ ୩୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧ ଜଣ ପ୍ରଥମ ଶ୍ରେଣୀ ଓ ୪ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗର ଟପର ମୈତ୍ରୀମୟୀ ମହାନ୍ତି ବେଷ୍ଟ ଗ୍ରାଜୁଏଟ ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।



ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିକାଶ ସ୍ୱାଇଁ, ଦେବେନ୍ଦ୍ର ସାମଲ, ବିଶ୍ୱରଞ୍ଜନ ବାରିକ, ଦିଗମ୍ବର ପରିଡ଼ା ଏବଂ ଅରୂପାନନ୍ଦ ସାହୁ ପ୍ରମୁଖ ଏହି ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ବିଜୁ ମହିଳା ଜନତା ଦଳ ପକ୍ଷରୁ ମହିଳା ସମାବେଶ



**ଜଗତସିଂହପୁର,୨୭।୫(ସମିସ):** ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ମହିଳା ଜନତା ଦଳ ତରଫରୁ ଆଜି ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଏକ ବିଶାଳ ମହିଳା ସମାବେଶ ଆୟୋଜିତ ହୋଇଯାଇଛି। ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଲୋରା ମହାପାତ୍ରଙ୍କ ନେତୃତ୍ୱରେଆୟୋଜିତ ଏହିସମାବେଶରେ ୨୦୨୩ମସିହାରେ ସଂସଦରେ ପାରିତ ଏବଂ ପରେ ରାଷ୍ଟ୍ରପତିଙ୍କ ଦ୍ୱାରା ଗୃହୀତ ମହିଳା ସଂରକ୍ଷଣ ଅଧିନିୟମ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଥିଲା। ସେହିପରି ଦିନକୁ ଦିନ ନାରୀମାନଙ୍କ ପ୍ରତି ବଢ଼ି ଚାଲିଥିବା ଅତ୍ୟାଚାର ଏବଂ ନିର୍ଯାତନା ବନ୍ଦ ପାଇଁ ପ୍ରଶାସନିକ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବା ତଥା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ପାଇଁ ମହିଳା ବିଜେଡି କର୍ମକର୍ତ୍ତାମାନେ ଦାବି ଉଠାଇଥିଲେ। ଶେଷରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ ଭେଟି ଆଲୋଚନା କରିବା ସହିତ ଉପରୋକ୍ତ ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତାଙ୍କୁ ପ୍ରଦାନ କରିଥିଲେ। ଆଜିର ଏହି ସମାବେଶରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ରାଜ୍ୟ ମହିଳା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପ୍ରୀତିନନ୍ଦା ରାଉତରାୟ, ପୂର୍ବତନ ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ଉଭୟ ବ୍ଲକ ମହିଳା ବିଜେଡି ସଭାପତି, ସମସ୍ତ କାଉନସିଲର, ଜିଲ୍ଲାପରିଷଦ ସଭ୍ୟା, ସମସ୍ତ ପଞ୍ଚାୟତର ମହିଳା ବିଜେଡି ସଭାପତି, ସରପଞ୍ଚ, ସମିତି ସଭ୍ୟା ଓ ସମସ୍ତ ମାନ୍ୟଗଣ୍ୟ ମହିଳା ବିଜେଡିର ନେତୃତ୍ୱ ମାନେ ସାମିଲ ହୋଇଥିଲେ।

# ସଂକୁଚିତ ହୋଇଗଲାଣି ହଂସୁଆ ନଦୀ



**ଏରସମା,୨୭।୫(ସମିସ):** ହଂସୁଆ ନଦୀ ଜଗତସିଂହପୁର ଜିଲ୍ଲାର ଏକ ପ୍ରମୁଖ ନଦୀ ଭାବେ ପରିଚିତ। ଏହି ନଦୀ ଜିଲ୍ଲାର କୃଷି, ମାଛଚାଷ ଓ ଜଳ ନିଷ୍କାସନ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ବିଶେଷକରି ବର୍ଷା ଜଳ ନିଷ୍କାସନ ଓ ଚାଷ ଜମିକୁ ପାଣି ଯୋଗାଇବାରେ ଏହା ଅଞ୍ଚଳବାସୀଙ୍କ ପାଇଁ ଜୀବନରେଖା ସଦୃଶ। ହଂସୁଆ ନଦୀ କଟକ ଜିଲ୍ଲାର କନ୍ଦରପୁର ନିକଟରୁ ବାହାରି ଜଗତସିଂହପୁର ଜିଲ୍ଲା ମଧ୍ୟରେ ପ୍ରବେଶ କରିଛି। ପରେ ଏହା ରଘୁନାଥପୁର, ବିରିଡ଼ି, ତିର୍ତ୍ତୋଲ ଓ ଏରସମା ଅଞ୍ଚଳ ଦେଇ ପ୍ରବାହିତ ହୋଇଛି। ଏରସମା ବ୍ଲକର ସୋମପୁର, ପଞ୍ଚପଲ୍ଲୀ ଓ ଜପା ଅଞ୍ଚଳ ଦେଇ ଏହି ନଦୀ ଶେଷରେ ବଙ୍ଗୋପସାଗରରେ ମିଶିଯାଇଛି। ପ୍ରାୟ ୯୮ କିଲୋମିଟର ଲମ୍ବା ଏହି ନଦୀ ଉପରେ ଜିଲ୍ଲାର ହଜାର ହଜାର ଚାଷୀ ନିର୍ଭର କରିଥାନ୍ତି। ବର୍ଷା ଦିନରେ ଏହା ଜଳ ନିଷ୍କାସନର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ଖରା ସମୟରେ ଚାଷ କାମ ପାଇଁ ମଧ୍ୟ ଏହି ନଦୀର ପାଣି ବ୍ୟବହୃତ ହୁଏ। ତେବେ ବର୍ତ୍ତମାନ ହଂସୁଆ ନଦୀ ଧିରେ ଧିରେ ସଂକୁଚିତ ହେବାରେ ଲାଗିଛି। ଅନେକ ସ୍ଥାନରେ ପଙ୍କ ଜମିଯାଇଥିବା ବେଳେ ଜଳଜ ଗଛ ଭରିଯାଇଛି। ନଦୀ ପାଶ୍ୱର୍ରେ ଅତିକ୍ରମଣ ମଧ୍ୟ ବଢ଼ିବାରୁ ଜଳ ପ୍ରବାହ ବାଧାପ୍ରାପ୍ତ ହେଉଛି। ଫଳରେ ବର୍ଷା ଦିନରେ ଚାଷ ଜମି ଜଳମଗ୍ନ ହେଉଥିବା ବେଳେ ଗ୍ରୀଷ୍ମ ଦିନରେ ନଦୀ ପ୍ରାୟ ଶୁଖିଲା ଅବସ୍ଥାକୁ ଚାଲିଯାଇଛି। ପରିବେଶବିତ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ହଂସୁଆ ନଦୀର ପୁନରୁଦ୍ଧାର ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରୁଛନ୍ତି। ନଦୀର ପଙ୍କ ସଫା, ଅତିକ୍ରମଣ ହଟାଇବା ଓ ଜଳ ପ୍ରବାହ ସ୍ୱାଭାବିକ କରିବା ପାଇଁ ଯୋଜନାବଦ୍ଧ କାର୍ଯ୍ୟ ନ ହେଲେ ଆଗାମୀ ଦିନରେ ଏହି ନଦୀ ନିଜର ଅସ୍ତିତ୍ୱ ହରାଇବା ଆଶଙ୍କା ରହିଛି।

■ ପରିବା ବଜାରରେ ନିଆଁ

# ଚାଷୀଙ୍କୁ ମିଳୁନି ପ୍ରାପ୍ୟ

**କୁଜଙ୍ଗ,୨୭।୫(ସମିସ):** ଏବେ କେତେକ ପନିପରିବା ଅମଳ ସମୟ। କଟକ ଭୁବନେଶ୍ୱରରେ ପନିପରିବା ବେଶ ଶସ୍ତା। ମାତ୍ର କୁଜଙ୍ଗର ପରିବା ବଜାରରେ ନିଆଁ ଲାଗିବାର ପରିସ୍ଥିତି ଦେଖାଦେଇଛି। ଚାଷୀ ହେଉ କି ବ୍ୟବସାୟୀ ହେଉ ପରିବା ବଜାରରେ ପହଞ୍ଚିବାକୁ ସମସ୍ୟା ଦେଖା ଦେଇଥିବା ବେଳେ ଗତ କିଛିଦିନ ହେବ ପରିବା ଦର ବୃଦ୍ଧି ହୋଇଥିବା ଲକ୍ଷ୍ୟ କରାଯାଇଛି। ମାତ୍ର ଯଦି ଏହି ପରି ଧାରା ଚାଲୁ ରହେ ଆଗାମୀ ଦିନରେ ବିକଟ ରୂପ ନେବ ବୋଲି ଆଶଙ୍କା କରାଯାଇଛି। କୁଜଙ୍ଗରେ ନୋଧି ୭୦ ଟଙ୍କା ହୋଇଥିବା ବେଳେ ପୋଟଳ ୬୦ ଟଙ୍କା ବିକ୍ରି କରାଯାଉଥିବା ଲକ୍ଷ୍ୟ କରାଯାଇଛି। ସେହିପରି ବାଇଗଣ, ଭେଣ୍ଡି ମଧ୍ୟ ୫୦ରୁ ଊର୍ଦ୍ଧ୍ୱ ଦରରେ ବିକ୍ରି କରାଯାଉଥିବା ବେଳେ କାକୁଡି ଦର ମଧ୍ୟ ୬୦ ଛୁଇଁଲାଣି। ପରିବା ଦର ବଢିବା ଯୋଗୁ ଚାଷୀ ଲାଭନ୍ୱିତ ହୋଇପାରୁନାହାଁନ୍ତି ବୋଲି ଯୁବ ଚାଷୀ କିଶୋର ପରିଡ଼ା ଅଭିଯୋଗ କରିଛନ୍ତି। ଚାଷୀଙ୍କ ଠାରୁ କିଣାଯାଉଥିବା ପରିବା ବଜାରରେ ଉଚ୍ଚ ଦରରେ ବିକ୍ରି କରାଯାଉଥିବା ବେଳେ ଚାଷୀ ଯଦି ଏହି ପ୍ରାପ୍ୟ ପାଆନ୍ତେ ତେବେ ଅଧିକ ଚାଷ କରିବାକୁ ଉଦ୍‌ବୃଦ୍ଧ ହୁଅନ୍ତି। ମାତ୍ର ଗତ ବର୍ଷ କେତେକ ପରିବାର ଅଭାବି ବିକ୍ରି ଚାଷୀଙ୍କୁ ଚାଷରୁ ମୋହ ଫେରାଉ ନେଉଥିବା ବେଳେ ଏବେ ଖାଉଟି ହନ୍ତସନ୍ତ ହେବା ସାର ହେଉଛି।

୮ ମୃତକଙ୍କ ଭତ୍ତା ଲୁଟ ଘଟଣା

# ସଂଗ୍ରାମପୁର ପଞ୍ଚାୟତରେ ସ୍ୱତନ୍ତ୍ର ଟିମ୍‌ର ତଦନ୍ତ



**ବାଲିକୁଦା,୨୭।୫(ସମିସ):** ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତରେ ୮ ମୃତକଙ୍କ ଭତ୍ତା ଦୀର୍ଘଦିନ ଧରି ହରିଲୁଟ କରିବା ଘଟଣା ଜଣାପଡିବା ପରେ ଘଟଣାର ତଦନ୍ତ ପାଇଁ ବିଡିଓ ଏକ ଟିମ୍ ଗଠନ କରିଥିଲେ। ହେଲେ ଆଜି ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ ଏହି ତଦନ୍ତ ଟିମ୍ ସହ ସଂଗ୍ରାମପୁର ପଞ୍ଚାୟତ କାର୍ଯ୍ୟାଳୟ ଯାଇ ସେଠାରେ ପିଇଓ ଓ ଏଡିଇଓଙ୍କ ସହ ଉକ୍ତ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ଭତ୍ତା ପ୍ରଦାନର ଡକ୍ୟୁମେଣ୍ଟ ଯାଞ୍ଚ କରିଥିଲେ। ଦିନ ୧୧ ଟାରୁ ୩ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ପରିସରରେ ଟିମ୍ ରହି ଏଡିଇଓଙ୍କୁ ମାରାଥନ ପଚରାଉଚରା କରିବା ପରେ କିଛି କାଗଜପତ୍ର ଧରି ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରକୁ ଯାଇଥିଲେ। ଏନେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ କହିଥିଲେ କି ତଦନ୍ତ ଶେଷ ହୋଇନାହିଁ। ଆଗକୁ ଆହୁରି ତଦନ୍ତ କରାଯିବ। ଏଣୁ ବର୍ତ୍ତମାନ କିଛି କହିହେବ ନାହିଁ। ତେବେ ମୃତ ବ୍ୟକ୍ତିଙ୍କ ପରିବାର ଲୋକେ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ବେଳେ ଏଡିଇଓ ଯେଉଁଭଳି ଭାବେ ତରବରିଆ ହୋଇ ସେମାନଙ୍କ ଜାଲି ଦସ୍ତଖତ କରି ପଞ୍ଚାୟତ ଆକାଉଣ୍ଟରେ ଟଙ୍କା ପୈଠ କରିଛନ୍ତି ତାହା ମଧ୍ୟ ତଦନ୍ତ ହେବା ଆବଶ୍ୟକ ବୋଲି ଦାବି କରିଛନ୍ତି।

ତେବେ ବାଲିକୁଦା ଥାନାରେ ମୃତକଙ୍କ ପରିବାର କରିଥିବା ଅଭିଯୋଗରେ ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଏହା ବ୍ଲକ ପ୍ରଶାସନର ଦାୟିତ୍ୱ। ଯଦି ତଦନ୍ତ ରିପୋର୍ଟ ଆଧାରରେ ବିଡିଓ କୌଣସି କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଆକାରରେ ପ୍ରଦାନ କରନ୍ତି, ତେବେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଏନେଇ ବିଡିଓ ସାଗର କୁମାର ନନ୍ଦ କହିଛନ୍ତି ଆଜି ଗଠନ ହୋଇଥିବା ଟିମ୍ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଏବିଡିଓ ସ୍ମାରକ ରଞ୍ଜନ ମହାନ୍ତି, ପୂର୍ବରୁ ବାଲିକୁଦା ବ୍ଲକ ସାମାଜିକ ସୁରକ୍ଷା ଦାୟିତ୍ୱରେ ଥିବା ତଥା ବର୍ତ୍ତମାନର ଅତିରିକ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ବେହେରା ତଦନ୍ତ ଆରମ୍ଭ କରିଛନ୍ତି। ହେଲେ ତଦନ୍ତ ଅଧାରେ ଥିବାରୁ ମୋତେ ଫାଇନାଲ ରିପୋର୍ଟ ପଠାଇ ନାହାନ୍ତି। ମୁଁ ତାଙ୍କୁ ଜରୁରୀ ଡକ୍ୟୁମେଣ୍ଟ ସିଜ୍ କରିବା ପାଇଁ କହିଥିଲି। କାରଣ କାଳେ ଡକ୍ୟୁମେଣ୍ଟ ହେରେଫେର କରିବେ ସେନେଇ ନେଇ ମୁଁ ପରାମର୍ଶ ଦେଇଛି। ଫାଇନାଲ ରିପୋର୍ଟ ଆସିବା ପରେ ହିଁ ମୁଁ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ ପ୍ରସ୍ତାବ ଦେବି।

# ଭୂତମୁଣ୍ଡାଇରେ ଟ୍ରାଫିକ୍ ସମସ୍ୟା ଉକ୍ଟ ପ୍ରଶାସନର ସ୍ୱତନ୍ତ୍ର ପଦକ୍ଷପ ପାଇଁ ଦାବି

**କୁଜଙ୍ଗ,୨୭।୫(ସମିସ):** ଦୁଇଜିଲ୍ଲାରସଂଯୋଗସ୍ଥଳୀ ଭୂତମୁଣ୍ଡାଇରେ ଏବେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଗୁରୁତର ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଭୂତମୁଣ୍ଡାଇ ବଜାର କମିଟିର ସଭାପତି ସୁରେଶ ଖଟାଇ। କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ସଂଯୋଗସ୍ଥଳି ସହ ରାଜ୍ୟ ରାଜପଥ ଓ ୫(କ) ଜାତୀୟ ରାଜପଥର ସଂଯୋଗ ସ୍ଥଳି ଏହି ସ୍ଥାନ ରାଜ୍ୟ ରାଜ୍ୟ ରାଜପଥରୁ ଉପରଲାଇନ୍ ତଥା ଜାତୀୟ ରାଜପଥକୁ ଯାତାୟାତ ଅଥବା ବିପରୀତ ଯାତାୟତ ବେଳେ ଏବେ ଗୁରୁତର ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ବହୁ ସମୟରେ ଗାଡି ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବା ସହ ଧନଜୀବନ ହାନୀ ପରିସ୍ଥିତି ଦେଖା ଦେଇଥିବା ଅଭିଯୋଗ ହୋଇଛି। ଜାତୀୟ ରାଜପଥ ଏବେ ସଂପ୍ରସାରିତ ହେଉଥିବା ବେଳେ ଏହି ସମସ୍ୟା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। ଫଳରେ ସଂକୀର୍ଣ୍ଣ ସଂଯୋଗକାରୀ ରାସ୍ତାରେ ଅଧିକ ଚାପ ସୃଷ୍ଟି ହେବା ସହ ବହୁ ସମୟରେ ଗାଡ଼ି ଅତିକ୍ରମକୁ ନେଇ ଗଣ୍ଡଗୋଳ ହେଉଛି। ଜିଲ୍ଲାପାଳ ଓ ଏସ୍‌ପି ଏହି ସଂଯୋଗକାରୀ ତଥା ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ସ୍ଥିତି ସମୀକ୍ଷା କରି ଯଦି ସ୍ୱତନ୍ତ୍ର ଭାବେ ଟ୍ରାଫିକ୍ ପାଇଁ ପୁଲିସ ଓ ଅନ୍ୟାନ ବ୍ୟବସ୍ଥା ମୁତୟନ କରନ୍ତେ ତେବେ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ସହ ଧନଜୀବନ ହାନୀ ଘଟନ୍ତାନାହିଁ ବୋଲି ଶ୍ରୀ ଖଟେଇ କହିଛନ୍ତି। ଫତେପୁର ନିକଟରେ ବେଆଇନ ମାଟି ଉଠାଣ ନେଇ ଖୋଦ ଏସ୍‌ପି ଓ ଜିଲ୍ଲାପାଳ ହସ୍ତକ୍ଷପ କରିଥିବା ବେଳେ ଏବେ ଏହି ଅଞ୍ଚଳରୁ ଦିବାଲୋକରେ ରାଜସ୍ୱ କାର୍ଯ୍ୟାଳୟ ନିକଟରୁ ମାଟି ଉଠାଣ ଏହି ସମସ୍ୟାକୁ ଆହୁରି ବଢାଉଛି।

# ଢିଙ୍କିଆବାସୀଙ୍କ ନ୍ୟାୟ ପ୍ରଦାନ ଦାବିରେ କଂଗ୍ରେସର ଧାରଣା



**ଜଗତସିଂହପୁର,୨୭।୫(ସମିସ):** ଏରସମା ବ୍ଲକ ଢିଙ୍କିଆରେ ପ୍ରସ୍ତାବିତ କାରଖାନା ଯୋଗୁଁ ମୌଳିକ ସୁବିଧାରୁ ବଞ୍ଚିତ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଗତ ୬ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ଢିଙ୍କିଆରୁ ଭୁବନେଶ୍ୱର ରାଜଭବନ ପର୍ଯ୍ୟନ୍ତ ଶତାଧିକ କଂଗ୍ରେସ କର୍ମୀ ପଦଯାତ୍ରା କରି ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଏହାର କୌଣସି ସମାଧାନ ହୋଇନଥିବା ତଥା ଏବେ ମଧ୍ୟ ଉକ୍ତ ଦାବି ସମୂହ ବିଚାରଧୀନ ଥିବା ସମୟରେ ମୁଖ୍ୟମନ୍ତ୍ରୀ ଆଜି ପ୍ରକଳ୍ପର ଉଦ୍‌ଘାଟନ କରିବାକୁ ଆସିବା ଅତ୍ୟନ୍ତ ନିନ୍ଦନୀୟବୋଲିକଂଗ୍ରେସପକ୍ଷରୁକୁହାଯାଇଛି। ଏହାକୁ ବିରୋଧ କରି ଆଜି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ନାୟକଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀ ମାନେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଥିଲେ। ଏଥିରେ ପାରାଦୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଶାନ୍ତ ଦାସ, ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ସାଧାରଣ ସମ୍ପାଦକ ବିଦ୍ୟାଧର ବାରିକ, ଧନଞ୍ଜୟ ସୂତାର, ସମ୍ପାଦକ ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ବୃନ୍ଦାବନ ପ୍ରଧାନ, ପବିତ୍ର ମନ୍ତ୍ରୀ, ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ବସନ୍ତ ଦାସ, ନାରାୟଣ ନାୟକ, ଡ. ଜଗଦାନନ୍ଦ, ଶିବ ପ୍ରସାଦ ସାହୁ, ସେଖ୍ ହିଦାୟତ ଅଲ୍ଲୀ, ଅଭିମନ୍ୟୁ ବରାଳ, ସମ୍ରାଟ ସ୍ୱାଇଁ, ବ୍ରଜକିଶୋର ମଲ୍ଲିକ, ସତ୍ୟନାରାୟନ ଦାଶ, ଦେବ ପ୍ରସାଦ ମହାପାତ୍ର, ସୁଶୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟପଟେ ଆଜି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଜିଲ୍ଲା ଯୁବ କଂଗ୍ରସ ସଭାପତିଙ୍କୁ ପୁଲିସ ଅଟକ ରଖିବା ଘଟଣାକୁ ସଭାପତି ଶ୍ରୀ ନାୟକ ନିନ୍ଦା କରିଛନ୍ତି।

# ଜପା କ୍ରିକ୍ ପୋଲ ବିପଦସଙ୍କୁଳ

**ଏରସମା,୨୭।୫(ସମିସ):** ଏରସମା ବ୍ଲକ ଅଧୀନ ଜପା କ୍ରିକ୍ ଉପରେ ନିର୍ମିତ ପୋଲଟି ବର୍ତ୍ତମାନ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ପହଞ୍ଚିଛି। ପୋଲର ରେଲିଂ ଏବଂ ଡଲେଇର ଅନେକ ସ୍ଥାନ ଭାଙ୍ଗିଯାଇଥିବା ବେଳେ ଲୁହା ରଡ୍ ବାହାରକୁ ଦେଖାଯାଉଛି।



ପ୍ରତିଦିନ ଏହି ପୋଲ ଦେଇ ସ୍ଥାନୀୟ ଲୋକ, ଚାଷୀ ଓ ଗୋରୁ ଗାଈ ଯାତାୟାତ କରୁଥିବାରୁ ସଦାସର୍ବଦା ଦୁର୍ଘଟଣାର ଆଶଙ୍କା ଲାଗି ରହିଛି। ଦୀର୍ଘଦିନ ଧରି ପୋଲର ମରାମତି କାମ ହୋଇନଥିବାରୁ ଏହାର ଅବସ୍ଥା ଦିନକୁ ଦିନ ଅଧିକ ଜର୍ଜରିତ ହେବାରେ ଲାଗିଛି। ସ୍ଥାନୀୟ ଲୋକମାନେ ଏହାକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିଥିବା ସହ ଶୀଘ୍ର ପୋଲର ମରାମତି କରିବାକୁ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ପୋଲର ମରାମତି କାମ ଆରମ୍ଭ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

# ଆବର୍ଜନାରେ ପୋତି ହେଲାଣି ତାଳଦଣ୍ଡା କେନାଲ

**କୁଜଙ୍ଗ,୨୭।୫(ସମିସ)**

ରାଜ୍ୟର ଏକ ପ୍ରମୁଖ କେନାଲ ତାଳଦଣ୍ଡା କେନାଲ ଏବେ ଖୁଖିଲା ପଡିଛି। କେନାଲର ଉପରିଭାଗରେ ମରାମତି ହେଉଥିବା ବେଳେ ନିମ୍ନଭାଗରେ ଏହି କେନାଲରେ କଟକ-ପାରାଦୀପ ରାସ୍ତାର ତାଳଦଣ୍ଡା ସନ୍ନିକଟ ଚୌଧୁରୀଗଡ଼ା ନିକଟରୁ ପାରାଦୀପ ବନ୍ଦରକୁ ବଡ଼ବଡ଼ ପମ୍ପ ଯୋଗେ ପାଣି ଯୋଗାଣ କରାଯାଉଛି। ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପାରାଦୀପ ବନ୍ଦରର ଜୀବନରେଖା କୁହାଯାଉଥିବା ତାଳଦଣ୍ଡା କେନାଲ ଏବେ ଅଳିଆ ଆବର୍ଜନାରେ ପ୍ରଦୂଷିତ ହୋଇ ପଡିଲାଣି। ମହାନଦୀରେ ଯୋବ୍ରା ଆନ୍ଲିକଟ ନିକଟରୁ ପାରଦୀପ ପର୍ଯ୍ୟନ୍ତ ଲମ୍ବିଥିବା ଉକ୍ତ କେନାଲରେ ସ୍ଥାନୀୟ ହାଟବଜାରର ବର୍ଜ୍ୟବସ୍ତୁ, ମାଛ, ମାଂସ ପରିତ୍ୟକ୍ତ ସାମଗ୍ରୀ, ହୋଟେଲ ମାନଙ୍କର ପଚାସଢ଼ା ପାଣି ଓ ଅଇଁଠାଖାଦ୍ୟ ସାଙ୍ଗକୁ ଉଠା ଦୋକାନିମାନଙ୍କର ସୋଲ ଠୋଲା, ଶୁଖିଲା କଦଳୀ ପତ୍ର ସମେତ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ବୁଲା ଗାଈଗୋରୁ, କୁକୁର ପ୍ରଭୃତି ବେଧଡ଼କ ଭାବେ ପକା ଯାଉଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ତାଳଦଣ୍ଡା କେନାଲ ପାଣି ପ୍ରଦୂଷିତ ହୋଇ ପଡିଲାଣି। କନ୍ଦରପୁର, ଜଇପୁର, ରାହାମା, କୁଜଙ୍ଗ, ଭୂତମୁଣ୍ଡାଇ, ପାରାଦୀପ ଗଡ଼ର ହାଟ ବଜାରରୁ ଦୈନିକ ଟ୍ରାକ୍ଟର ଟ୍ରାକ୍ଟର ପନିପରିବା, କୋବି ପତ୍ର, କଦଳୀ କାନ୍ଦି ତାଳଦଣ୍ଡା କେନାଲରେ ପକା ଯିବା ଦ୍ୱାରା ପାଣି ପଚି ପୋକ ସାଲୁବାଲୁ ହେବା ସାଙ୍ଗକୁ ପାଣି ଦୂଷିତ ହେବାରେ ଲାଗିଛି। ପ୍ରତିବର୍ଷ ଜଳସମ୍ପଦ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ପଟୁମାଟି ଓ ଦଳ ସଫା ନାଁରେ କେବଳ ଠିକାଦାର ପୋଷା ଚାଲିଛି। ହେଲେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା ଦେଖିବାକୁ ମିଳୁଛି। ଯାହାଦ୍ୱାରା କେନାଲ କୂଳିଆ ଅଧିବାସୀମାନେ ଆଉ କେନାଲରେ ଶୌଚ ହେବକୁ କି କେନାଲ ଜଳ ବ୍ୟବହାର କରିବାକୁ ଉଚିତ ମଣୁନାହାନ୍ତି। ଏଣୁ ଜିଲ୍ଲାପାଳ ତାଳଦଣ୍ଡା କେନାଲକୁ ପ୍ରଦୂଷିତ କରୁଥିବା ବ୍ୟକ୍ତିମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିକ୍ଷାବିତ୍ ଅଶୋକ କୁମାର ମହାନ୍ତିଙ୍କ ସମେତ ବୁଦ୍ଧିଜୀବୀଙ୍କ ମହଲରେ ଦାବିହେଉଛି।



# ୨୯ରେ ଖୋଲିବ ମଦ ଦୋକାନୀଙ୍କ ଭାଗ୍ୟ

ନୟାଗଡ଼,୨୭।୫(ସମିସ)

ନୟାଗଡ଼ ଜିଲ୍ଲାରେ ୩୫ଟି ମଦ ଦୋକାନ ନିଲାମ ପାଇଁ ଆବେଦନ ଶେଷ ହୋଇଛି। ଏହି ୩୫ ଦୋକାନ ମଧ୍ୟରେ ୧୧ଟି ଦେଶୀ ଏବଂ ୨୪ଟି ବିଦେଶୀ ମଦ ଦୋକାନ ରହିଛି। ୨୯ ତାରିଖ ଟେଣ୍ଡର ଖୋଲାଯିବ ବୋଲି ସୂଚନା ମିଳିଛି। ଜିଲ୍ଲାର ବାହାଡ଼ାଝୋଲା ଦୋକାନ ପାଇଁ ୩ଟି ଆବେଦନ ହୋଇଥିବା ବେଳେ, ବାଲୁଗାଁ ପାଇଁ ୮, ଭାପୁର ପାଇଁ ୧୫, ଚାନ୍ଦପୁର ପାଇଁ ୧୧, ଦର୍ପନାରାୟଣପୁର ପାଇଁ ୨, ଦଶପଲ୍ଲା ପାଇଁ ୧୯, ଗଣିଆ ପାଇଁ ୧୧, ଗୋଡ଼ିପଡ଼ା ପାଇଁ ୨୩, ଗୋପାଳପୁର ପାଇଁ ୬, ଇଟାମାଟି ପାଇଁ ସର୍ବାଧିକ ୨୮ଟି ଆବେଦନ ହୋଇଛି। ଏହାସହ କଣ୍ଟିଲୋ ପାଇଁ ୨୫, କେରେଣ୍ଡାଟାଙ୍ଗି ପାଇଁ ୧୩, ଖଣ୍ଡପଡ଼ା ପାଇଁ ୨୩, ଲେଙ୍କୁଡ଼ିପଡ଼ା ପାଇଁ ୯, ନୟାଗଡ଼ ୧ ନମ୍ବର ଦୋକାନ ପାଇଁ ୧୮, ନୟାଗଡ଼ ୨ନଂ ଦୋକାନ ପାଇଁ ୨୦, ନୟାଗଡ଼ ୩ନଂ ଦୋକାନ ପାଇଁ ୯, ନୂଆଗାଁ ପାଇଁ ୪, ଓଡ଼ଗାଁ ପାଇଁ ୧୯, ରାଜପାଟଣା ପାଇଁ ଗୋଟିଏ, ରାଜସୁନାଖଳା ପାଇଁ ୨୮, ରଣପୁର ପାଇଁ ୧୪, ଶରଣକୁଳ ପାଇଁ ୪, ସିଧାମୂଳା ପାଇଁ ୪ ଆବେଦନ ହୋଇଛି। ୨୪ଟି ବିଦେଶୀ ମଦ ଦୋକାନ ପାଇଁ ୩୧୭ ଜଣ ଆବେଦନ କରିଥିବା ସୂଚନା ମିଳିଛି। ୯ କୋଟି ୫୧ ଲକ୍ଷ ଅମାନତ ରାଶି ଅବକାରୀ ବିଭାଗକୁ ଆସିଛି। ଏହି ମଦ ଦୋକାନ ମଧ୍ୟରୁ ବିରଞ୍ଚି ନାରାୟଣ ସାହୁ ନାମକ ବ୍ୟକ୍ତି ରାଜପାଟଣା ପାଇଁ ଏକାକୀ ଆବେଦନ କରିଛନ୍ତି। ଏହା ବାଦ ଅନ୍ୟ ୨୩ ଦୋକାନ

- ୨୪ ବିଦେଶୀ ମଦ ଦୋକାନ ପାଇଁ ୩୧୭ ଆବେଦନ
- ରାଜପାଟଣା ପାଇଁ ଜଣଙ୍କ ଆବେଦନ
- ଇଟାମାଟି ଓ ରାଜସୁନାଖଳା ପାଇଁ ସର୍ବାଧିକ ୨୮

ପାଇଁ ଲଟେରୀ କରାଯିବ ବୋଲି ସୂଚନା ମିଳିଛି। ସେହିଭଳି ଦର୍ପନାରାୟଣପୁର ଦୋକାନ ପାଇଁ ଆବେଦନ କରିଥିବା ହୁଲାସ ପ୍ରଧାନ ଏବଂ ଚିତ୍ତରଞ୍ଜନ ପ୍ରଧାନ ଗୋଟିଏ ପରିବାରର। ଏହି ଦୋକାନ ଲଟେରୀ ହେବାକୁ ଥିଲେ ମଧ୍ୟ ଏହା ଏକପ୍ରକାର ସମ୍ପୃକ୍ତ ପରିବାର ହାତେଇବ ବୋଲି ନିଶ୍ଚିତ ହୋଇଛି। ଜିଲ୍ଲାରେ ଦେଶୀ ମଦ ଦୋକାନ ଆବେଦନ ସମ୍ପର୍କରେ ଅବକାରୀ ବିଭାଗ ମୁହଁ ଖୋଲୁ ନ ଥିବା ବେଳେ ଶତାଧିକ ଆବେଦନ ହୋଇଥିବା ଅନୁମାନ କରାଯାଉଛି। ଜିଲ୍ଲାରେ ବିଦେଶୀ ଓ ଦେଶୀ ମଦ ଦୋକାନଗୁଡ଼ିକ ୨୦୨୧ରେ ନିଲାମ କରାଯାଇଥିଲା। ୨୬ଟି ବିଦେଶୀ ମଦ ଦୋକାନ ମଧ୍ୟରୁ ରୋହିବାଙ୍କ ଏବଂ ମଧ୍ୟଖଣ୍ଡ ମଦ ଦୋକାନ ପୁନଃ ନିଲାମ ହୋଇଥିବାରୁ ଏହାକୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯାଇଛି। ସେହିଭଳି କିଛି ଦେଶୀ ମଦ ଦୋକାନ ମଧ୍ୟ ୫ ବର୍ଷ ପୂରଣ ହୋଇ ନ ଥିବାରୁ ବାଦ ପଡ଼ିଥିବା ସୂଚନା ମିଳିଛି। ଗ୍ରାମାଞ୍ଚଳଗୁଡ଼ିକରେ ରହିଥିବା ବିଦେଶୀ ମଦ ଦୋକାନଗୁଡ଼ିକ ଅପେକ୍ଷା ସହରାଞ୍ଚଳରେ ଥିବା ଦୋକାନଗୁଡ଼ିକର ବ୍ୟବସାୟ ଅଧିକ ଥିବାରୁ ସେଗୁଡ଼ିକର ଏମଜିକ୍ୟୁ ମଧ୍ୟ ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି କିଛି ଦୋକାନ ପାଇଁ ସଂଖ୍ୟାଧିକ ବ୍ୟବସାୟୀ ଆବେଦନ କରିଥିବା ସୂଚନା ମିଳିଛି।

● ୮୧ ବର୍ଷୀୟ ବୃଦ୍ଧାଙ୍କ ମୃତ୍ୟୁ

# ସମ୍ପର୍କୀୟ ହତ୍ୟା କରିଥିବା ଅଭିଯୋଗ

ରଣପୁର,୨୭।୫(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ମଝିଆଁ ଖଣ୍ଡ ମଧୁପୁର ଗ୍ରାମର ଏକ ଘରୁ ବୁଧବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ମଧୁପୁର ଗ୍ରାମର ହାଡ଼ି ଦେଇ (୮୧)। ପଡ଼ୋଶୀଙ୍କ କହିବା ଅନୁସାରେ ଭୋର୍ ସାଢ଼େ ୪ଟାରେ ବୃଦ୍ଧା ଜଣଙ୍କ ଘରେ ଚିତ୍କାର କରୁଥିଲେ। ମତେ ବଞ୍ଚାଅ, ଏମାନେ ମତେ ମାରିଦେଲେ ବୋଲି କହୁଥିଲେ। ସେହି ବାଟ ଦେଇ କିଛି ବ୍ୟକ୍ତି ଗାଧେଇବାକୁ ଯାଉଥିବା ବେଳେ ଚିତ୍କାର ଶୁଣି କବାଟ ବାଡ଼େଇଥିଲେ। ତେବେ କେହି କବାଟ ଖୋଲି ନ ଥିଲେ। ପ୍ରାୟ ୧୫ ମିନିଟ ପରେ କବାଟ ଖୋଲିଥିଲା। ସେତେବେଳକୁ ହାଡ଼ି ଦେଇଙ୍କ ପାଟିରୁ ରକ୍ତ ବାହାରୁଥିଲା। ଏ ନେଇ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପାଇଁ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏ ସମ୍ପର୍କରେ ମୃତକଙ୍କ ଭାଇ ରାଜ ବଲ୍ଲଭପୁରର ସୁବଳ ବେହେରା ଥାନାରେ ଅଭିଯୋଗ କରିଛନ୍ତି।

**ସାଇଣ୍ଟିଫିକ ଟିମର ତଦନ୍ତ**

ପୁଅ-ବୋହୂ ଭଉଣୀକୁ ମାରିଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ ହାଡ଼ି ଦେଇଙ୍କ ପୁଅ ନୃସିଂହ ଚରଣ ବେହେରା ଓ ବୋହୂ ରଶ୍ମିତା ବେହେରାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗ୍ରାମବାସୀଙ୍କ କହିବା ଅନୁସାରେ ହାଡ଼ିଙ୍କର ଜନ୍ମିତ ପୁଅଝିଅ ନ ଥିବାରୁ ବେଗୁନିଆ ଥାନା କଡ଼ବ ଗ୍ରାମର ନିଜ ବଡ଼ ଭଉଣୀର ପୁଅ ନୃସିଂହଙ୍କୁ ସେ ପୋଷ୍ୟପୁତ୍ର କରିଥିଲେ। ସବୁ ସମୟରେ ପୁଅବୋହୂ ତାଙ୍କ ସହ ଝଗଡ଼ା କରୁଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ରାସ୍ତା ଉନ୍ନତୀକରଣ ଦାବି

ଖଣ୍ଡପଡ଼ା,୨୭।୫(ସମିସ): ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ଗ୍ରାମ ପୂର୍ତ୍ତବିଭାଗ ରାସ୍ତାଠାରୁ ତେନ୍ତୁଳିଆପଲ୍ଲୀ ଗ୍ରାମକୁ



ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଦୀର୍ଘବର୍ଷ ଧରି ଦାବି କରି ଆସୁଛନ୍ତି। ମାତ୍ର ଏଥିପ୍ରତି ପ୍ରଶାସନିକ ଅଧିକାରୀ ନତୁବା ପଞ୍ଚାୟତ ପ୍ରତିନିଧିମାନେ କେହି ହେଲେ ଧ୍ୟାନ ଦେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟ ରାସ୍ତାଠାରୁ ୧ନଂ ୱାର୍ଡ ଓ ୪ନଂ ୱାର୍ଡ ଦେଇ ତିନିଟି ବିଦ୍ୟାଳୟ, ସୋସାଇଟି ଗୃହ, ଅଙ୍ଗନବାଡ଼ି କେନ୍ଦ୍ର, କୃଷକ କେନ୍ଦ୍ର ଏବଂ ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ପୁରୁଣା କଂକ୍ରିଟ ରାସ୍ତା ଦେଇ ଶତାଧିକ ଛାତ୍ରଛାତ୍ରୀ ସମେତ ହଜାର ହଜାର ଜନସାଧାରଣ ଯାତାୟାତ କରୁଛନ୍ତି। ରାସ୍ତାର କିଛି ସ୍ଥାନ ଖାଲଖମା ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମା ହେବା ସହ ରାସ୍ତା ସାରା କାଦୁଅରେ ପୋତି ହୋଇପଡୁଛି। ଫଳରେ ଛାତ୍ରଛାତ୍ରୀ ଓ ଲୋକମାନେ କାଦୁଅ ପଙ୍କ ରାସ୍ତାରେ ଯାତାୟାତ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ବର୍ଷାଦିନ ପୂର୍ବରୁ ବେଣାଗାଡ଼ିଆ ଠାରୁ ତେନ୍ତୁଳିଆପଲ୍ଲୀକୁ ସଂଯୋଗ କରୁଥିବା ରାସ୍ତାର ସିମେଣ୍ଟ କଂକ୍ରିଟକରଣ ନିମନ୍ତେ ବେଣାଗାଡ଼ିଆ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ କର୍ତ୍ତୃପକ୍ଷଙ୍କ ସମେତ ଖୋଦ ବିଧାୟକଙ୍କ ଗ୍ରାମ ହୋଇଥିବାରୁ ସେ ନିଜେ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଏସି ବସ୍ ସେବାର ସୁଯୋଗ ନେଉନାହାନ୍ତି ଲୋକେ

ଭାପୁର,୨୭।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ଓ ଖଣ୍ଡପଡ଼ା ବ୍ଲକ ଦେଇ ଅନେକ ସରକାରୀ ଶୀତତାପ ନିୟନ୍ତ୍ରିତ ବସ ଯାତାୟାତ କରୁଥିଲେ ହେଁ ସ୍ଥାନୀୟ ଜନସାଧାରଣ ଏହାର ସୁଯୋଗ ନେଉ ନ ଥିବା ଦେଖିବାକୁ ମିଳୁଛି। ଭାପୁର ଓ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ଭୁବନେଶ୍ୱର ଓ କଟକ ଯିବା ଆସିବା କରିବା ପାଇଁ ଆରାମଦାୟକ ଦ୍ରୁତଗାମୀ ବସର ଆବଶ୍ୟକତା ଥିବାରୁ ଏ ନେଇ ବହୁବାର ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇ ଆସୁଥିଲା। ବର୍ତ୍ତମାନ ଭାପୁର ଓ ଖଣ୍ଡପଡ଼ା ବ୍ଲକ ମୁଖ୍ୟାଳୟ ଦେଇ ରାଜ୍ୟ ସରକାରଙ୍କ ପରିବହନ ନିଗମର ଦୁଇଟି ଶୀତତାପ ନିୟନ୍ତ୍ରିତ ଦ୍ରୁତଗାମୀ ବସ ଯାତାୟାତ କରୁଛି। ଏହି ବସ ଦୁଇଟି ମଧ୍ୟରୁ ଗୋଟିଏ ବୌଦ୍ଧ ଓ ଭୁବନେଶ୍ୱର ଓ ଅନ୍ୟଟି ଗଣିଆ ଓ ଭୁବନେଶ୍ୱର ମଧ୍ୟରେ ଯାତାୟାତ କରୁଛି। ଭୋର ୫ଟା ୧୫ରେ ବୌଦ୍ଧରୁ ବସ ବାହାରି ଖଣ୍ଡପଡ଼ା ସହରରେ ୯ଟା ୨୦ରେ ଓ ଭାପୁରରେ ୯ଟା ୫୦ରେ ପାସ କରି ଭୁବନେଶ୍ୱରରେ ୧୧ଟା ୩୦ରେ ପହଞ୍ଚୁଛି। ଅପରାହ୍ଣ ୪ଟାରେ ଭୁବନେଶ୍ୱରରୁ ଏହା ବାହାରି ରାତି ୧୧ ଟାରେ ବୌଦ୍ଧରେ ପହଞ୍ଚୁଛି। ସେହିପରି ଅନ୍ୟ ଏକ ବସ ଭୋର ୫ଟା ୩୦ରେ ଗଣିଆରୁ ବାହାରି ଖଣ୍ଡପଡ଼ା ସହରରେ ୭ଟା ଓ ଭାପୁର ବଜାରରେ ୭ଟା ୩୦ରେ ପାସ କରି ଭୁବନେଶ୍ୱର ଯାଇଥାଏ। ସେହି ବସ ସନ୍ଧ୍ୟା ୫ଟା୧୫ରେ ଭୁବନେଶ୍ୱରରୁ ବାହାରି ସାଢ଼େ ୭ଟାରେ ଭାପୁର ଦେଇ ଗଣିଆରେ ରାତି ୧୦ରେ ପହଞ୍ଚିଥାଏ। ଏହି ଦୁଇ ସରକାରୀ ବସ ଶୀତତାପ ନିୟନ୍ତ୍ରିତ ଓ ଦ୍ରୁତଗାମୀ ହୋଇଥିବା ସହ ଖୁବ ଅଳ୍ପ ରହଣି ଥିବାରୁ ଜନସାଧାରଣ ଆରାମରେ ଯାତାୟାତ କରିପାରୁଛନ୍ତି। ମାତ୍ର ଅନେକ ଯାତ୍ରୀ ଏହାର ସଦୁପଯୋଗ କରୁ ନ ଥିବା ଦେଖିବାକୁ ମିଳୁଛି।

**୩ଟି ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ**

**ଖଣ୍ଡପଡ଼ା:** ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯାତାୟାତ ନିମନ୍ତେ ୩ଟି ମୁଖ୍ୟମନ୍ତ୍ରୀ ବସ ସେବା ବୁଧବାରଠାରୁ ଆରମ୍ଭ ହୋଇଛି। ଭାପୁରଠାରେ ପତାକା ଦେଖାଇ ପ୍ରଥମେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟମନ୍ତ୍ରୀ ବସ ସେବାର ଶୁଭାରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ଖଣ୍ଡପଡ଼ାଠାରେ ବସ ସେବାର ଶୁଭାରମ୍ଭ କରାଯାଇଛି। ଏ ଅବସରରେ ରାଜ୍ୟ ସଡ଼କ ପରିବହନ ନିଗମ କର୍ମଚାରୀଙ୍କ ସମେତ ପଞ୍ଚାୟତ ଲୋକପ୍ରତିନିଧି ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ବସ ସେବା ଦ୍ୱାରା ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦ, ଗଡ଼ିଆସାହି, ସିଂଘାପଡ଼ା ପଞ୍ଚାୟତ ସମେତ ଭାପୁର ବ୍ଲକର ବାଘୁଆପଲ୍ଲୀ, ବାଇଗୁଣିଆ ସମେତ ଏକାଧିକ ପଞ୍ଚାୟତର ବାସିନ୍ଦା ଉପକୃତ ହେବେ ବୋଲି ଜଣାପଡ଼ିଛି।

# ଆମ୍ବତୋଟାରୁ ନରକଙ୍କାଳ ଉଦ୍ଧାର



ଭାପୁର,୨୭।୫(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଗୋଳାପୋଖରୀ ଗ୍ରାମ ନିକଟ ରାଇବେଣୀ ଆମ୍ବ ତୋଟାରେ ଏକ ଲଙ୍କାଆମ୍ବ ଗଛରେ ନରକଙ୍କାଳ ଓହଳିଥିବା ଦେଖିବାକୁ ମିଳିଛି। ପାଖରେ ଏକ ମଣିଷ ଖପୁରୀ ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଛି। ପ୍ରାୟ ୭ ଫୁଟ ଉଚ୍ଚରେ ଏକ ଲାଲ ଗାମୁଛାରେ କଙ୍କାଳ ଓହଳିଥିବା ଖବର ପାଇ ଥାନା ଅଧିକାରୀ ଅଜୟ ସାହୁ, ଭାପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ନୟାଗଡ଼ରୁ ସାଇଣ୍ଟିଫିକ ଟିମ ପହଞ୍ଚି ଅନୁସନ୍ଧାନ କରିଥିଲେ। ଓହଳିଥିବା କଙ୍କାଳଠାରୁ କିଛି ଦୂରରେ ଏକ ଖପୁରି ଓ ହାଡ଼ ପଡ଼ିଥିବା ଦେଖିବାକୁ ମିଳିଥିଲା। ସମସ୍ତ ହାଡ଼ ଓ ଖପୁରିକୁ ଏକତ୍ରିତ କରି ପୁଲିସ ପରୀକ୍ଷା ପାଇଁ ନେଇଛି। ଏହା କୌଣସି ଯୁବକଙ୍କ କଙ୍କାଳ ହୋଇପାରେ ଓ ଏହି ଘଟଣା ମାସେ ଭିତରେ

**ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ପୁଲିସର ଛାନଭିନ୍**

ଘଟିଥାଇ ପାରେ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଏହି ସ୍ଥାନ ନିଶାଡ଼ିଙ୍କ ଆଡ୍ଡା ହୋଇଥିବାରୁ ନିଶାଡ଼ିମାନେ ଏପରି କାଣ୍ଡ ଘଟାଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ଆଖପାଖ ଅଞ୍ଚଳ କିମ୍ବା ନିକଟସ୍ଥ କୌଣସି ଥାନା ଅଞ୍ଚଳର କୌଣସି ବ୍ୟକ୍ତି ନିଖୋଜ ଥିଲେ ପୁଲିସକୁ ଜଣାଇବାକୁ ଅନୁରୋଧ କରାଯାଇଛି।

# ଗୀତା ଓ ବିଷ୍ଣୁ ସହସ୍ରନାମ ପାଠ



ଓଡ଼ଗାଁ,୨୭।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ଝୁଲଣ ମଣ୍ଡପରେ ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶ ମଧ୍ୟରେ ମଳମାସର ପ୍ରଥମ ପୁରୁଷୋତ୍ତମ ଏକାଦଶୀ ତିଥିରେ ବୈଦିକ ବ୍ରାହ୍ମଣ ସମାଜ ଦ୍ୱାରା ଗୀତା ଓ ବିଷ୍ଣୁ ସହସ୍ରନାମ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଦିକ ବ୍ରାହ୍ମଣ ସମାଜ ଓଡ଼ଗାଁ ପକ୍ଷରୁ ଆୟୋଜିତ ଏହି ଧାର୍ମିକ କାର୍ଯ୍ୟକ୍ରମରେ ପ୍ରଥମେ ପବିତ୍ର କଳଶ ସ୍ଥାପନା କରାଯାଇ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ବିଧିବଦ୍ଧ ପୂଜାର୍ଚ୍ଚନା ଓ ମନ୍ତ୍ରୋଚ୍ଚାରଣ କରାଯାଇଥିଲା। ପରେ ସମୁହ ଭାବେ ହନୁମାନ ଚାଳିଶା ପାଠ ହୋଇଥିବା ବେଳେ ପରିବେଶ ଭକ୍ତିରସରେ ମୁଖରିତ ହୋଇଉଠିଥିଲା। ପରବର୍ତ୍ତୀ ସମୟରେ ଭଗବଦ୍ଗୀତା ପାଠ, ବିଷ୍ଣୁ ସହସ୍ରନାମ, ଦଶାବତାର ସ୍ତୋତ୍ର ଓ ଜଗନ୍ନାଥ ସ୍ତୋତ୍ର ପାଠ ମାଧ୍ୟମରେ ଶ୍ରୀହରିଙ୍କ ମହିମାକୁ ସ୍ମରଣ କରାଯାଇଥିଲା। ଭକ୍ତମାନଙ୍କର ଏକତ୍ର ସ୍ୱରରେ ନାମସଙ୍କୀର୍ତ୍ତନ ଓ ପାଠ ଶ୍ରବଣ କରି ଉପସ୍ଥିତ ଶ୍ରଦ୍ଧାଳୁମାନେ ଆଧ୍ୟାତ୍ମିକ ଶାନ୍ତିର ଅନୁଭୂତି ଲାଭ କରିଥିଲେ। ବୈଦିକ ବ୍ରାହ୍ମଣ ସମାଜର ସମ୍ପାଦକ ଫକୀର ମୋହନ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ବ୍ରାହ୍ମଣ ସମାଜ ଗ୍ରାମଣୀ ତଥା ଶ୍ରୀ ରଘୁନାଥ ଜିଉଙ୍କ ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀଙ୍କ ସହ ବିଜୟ କୁମାର ରଥ, ମହେଶ୍ୱର ମହାପାତ୍ର, ରଞ୍ଜନ କୁମାର ଦାଶ, ସାରସ କୁମାର ମିଶ୍ର, ରଶ୍ମି ରଞ୍ଜନ ଷଡ଼ଙ୍ଗୀ, ଶେଷଦେବ ଷଡ଼ଙ୍ଗୀ ଓ ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରୀଜିଉଙ୍କ ନିକଟରେ ଭୋଗ ଅର୍ପଣ କରାଯାଇ ସମସ୍ତ ଭକ୍ତଙ୍କୁ ପ୍ରସାଦ ସେବନ କରାଯାଇଥିଲା।

# ଯୁକ୍ତ ୨ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୨୭।୫(ସମିସ): ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧିନ ୬ ଟି ମହାବିଦ୍ୟାଳୟ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀର ୧୧ ଜଣ ଟପ୍ପର ଛାତ୍ରଛାତ୍ରୀଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ସ୍ୱାଗତ, ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ଅବସରରେ ଖଣ୍ଡପଡ଼ା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ



ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍?ଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲ୍ଲା ସାଂସଦ ପ୍ରତିନିଧି ଗୟାଧର ପରିଡା, ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ସଭାପତି ଚିତ୍ତରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ଯୁକ୍ତ ୨ କଳା ପରୀକ୍ଷାରେ ସମଗ୍ର ନୟାଗଡ ଜିଲ୍ଲାସ୍ତରରେ ସର୍ବାଧିକ ୫୬୪ ନଂ ରଖିଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟା ଶେଫାଳିକା ମହାପାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବିଜ୍ଞାନ ପରୀକ୍ଷାରେ ଟପ୍ପର ହୋଇଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ଛାତ୍ରୀ ତୁଳସୀ ନାୟକ, କଳା ପରୀକ୍ଷାରେ ଟପ୍ପର ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ ଶ୍ରାବଣୀ ପ୍ରଧାନ, କଳା ଓ ବିଜ୍ଞାନରେ ଟପ୍ପର ହୋଇଥିବା ନୀଳମାଧବ ମହାବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ବେହେରା, ଦିପ୍ତିକ୍ରିଷ୍ଣା ପୃଷ୍ଟି, କଳାରେ କୁମ୍ଭାରପଡ଼ା ମହାବିଦ୍ୟାଳୟର ଛାତ୍ର ଅଭିଷେକ ନାୟକ, କଳାରେ ଭାପୁର ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ର ଚିଣ୍ଟୁ ଖୁଣ୍ଟିଆ, ବାଣିଜ୍ୟ ଓ ବିଜ୍ଞାନରେ ଟପ୍ପର ହୋଇଥିବା ପ୍ରହଲ୍ଲାଦ ମହାବିଦ୍ୟାଳୟ ପଦ୍ମାବତୀର ଛାତ୍ରୀ ସାଇସ୍ମିତା ସାହୁ ଓ ଫିଜଲି ମଲ୍ଲିକଙ୍କ ସମେତ ବିଜ୍ଞାନରେ ଟପ୍ପର ହୋଇଥିବା ନୟାଗଡ ସହରସ୍ଥିତ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଛାତ୍ରୀ ଶ୍ରୁତିକିରଣ ଦାଶଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହି ପରି ଛାତ୍ର ରାଜେଶ ବିଶୋଇ ଓ ଗାଇଡ ଶିକ୍ଷକ ଧନେଶ୍?ର ମଲ୍ଲଙ୍କୁ ମଧ୍ୟ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ହରିଶ୍ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଅଜିତ କୁମାର ବସନ୍ତରାୟଙ୍କ ସମେତ ବରିଷ୍ଠ ସାମ୍ବାଦିକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଓସିଏସ ପରୀକ୍ଷାରେ ଶ୍ୱେତାଙ୍କ ସଫଳତା

ରଣପୁର,୨୭।୫(ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ୧୫୯ ରାଙ୍କରେ ସଫଳତା ହାସଲ କରିଛନ୍ତି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ସୁର୍କାବାଡ଼ି ଗ୍ରାମର ପ୍ରମୋଦ କୁମାର ସେଠୀ ଓ ଜାନକୀ ସେଠୀଙ୍କ ଝିଅ ଶ୍ୱେତା ସୁଚରିତା। ଶ୍ୱେତା ନିଜ ତୃତୀୟ ପ୍ରଚେଷ୍ଟାରେ ସଫଳତା ହାସଲ କରିଛନ୍ତି। ଶ୍ୱେତା ସୁର୍କାବାଡ଼ି ସରକାରୀ



ନୋଡାଲ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ କରିଥିଲେ। ନୟାଗଡ଼ କଲେଜ ବିଜ୍ଞାନ ବିଭାଗରେ ଯୁକ୍ତ ଦୁଇ ଏବଂ ରାସାୟନିକ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ସେ ଇଗ୍ନୋରରେ ଲୋକ ପ୍ରଶାସନରେ ପିଏଚ୍‌ଡି କରିଥିଲେ। ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ରଖି ପ୍ରସ୍ତୁତି ଆରମ୍ଭ କରିଥିଲେ। ଘରେ ଦୈନିକ ୧୦/୧୨ ଘଣ୍ଟା ପରିଶ୍ରମ କରି ଏହି ସଫଳତା ପାଇଥିବା ସେ ପ୍ରକାଶ କରିଛନ୍ତି। ଶ୍ୱେତା ଏହି ସଫଳତା ପଛରେ ବାପା ଏବଂ ମାଆଙ୍କ ସମେତ ଗୁରୁଜନମାନଙ୍କ ଆଶୀର୍ବାଦ ଥିବା କହିଛନ୍ତି। ତାଙ୍କ ବାପା ଏବେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି।

# କଣ୍ଟିଲୋ ରାମଲୀଳା, ଶ୍ରୀରାମାଭିଷେକ ସମ୍ପନ୍ନ



କଣ୍ଟିଲୋ,୨୭।୫(ସମିସ): କଣ୍ଟିଲୋ ମାଧବ ଚୌଧୁରୀ ପାଟଣା ରଘୁନାଥ ଜୀଉ ନାଟ୍ୟ ସମିତି ଆନୁକୂଲ୍ୟରେ ମଞ୍ଚସ୍ଥ ରାମଲୀଳା ଅନ୍ତିମ ଦିବସରେ ଶ୍ରୀରାମ ଅଭିଷେକ ଭକ୍ତିମୟ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ଲଙ୍କାପତି ରାବଣ ସୀତା ହରଣ ଦୃଶ୍ୟ ବେଶ ଦର୍ଶକୀୟ ଆଦୃତି ହାସଲ କରିଥିଲା। ଅନୁଷ୍ଠାନ କଳାକାର କଳାକାହ୍ନୁ ରାବଣ ଓ ମହିରାବଣ ଭୂମିକାରେ ବାସୁଦେବ ଆକର୍ଷଣୀୟ ଅଭିନୟ କରିଥିଲେ। ହନୁମାନ ଚିତ୍ତରଞ୍ଜନ, ମକରଧ୍?ଜ ରାକେଶ, ବିଭୀଷଣ ଶିଶିର,ରାମ ଭୂମିକାରେ ଦୀପକ, ଲକ୍ଷ୍ମଣ ଶୁଭମ, ସୀତା ଓମ, ତ୍ରିଜଟା ଦୀପକ ଅନୁଜ, ଶ୍ରୀକାନ୍ତ, ବିଧାନ, ରାହୁଲ, ଶ୍ରୀକାନ୍ତ, ସୁଶାନ୍ତ, ଆଶୀର୍ବାଦ, ପକିନି, ମିଥୁନ, ମାନସ, ପୁପୁନ ଓ ଆଶିଷ ମିଶ୍ର ପ୍ରମୁଖଙ୍କ ଅଭିନୟ ହୃଦୟସ୍ପର୍ଶୀ ହୋଇଥିଲା। ରାଧାକାନ୍ତ ମହାରଣା ପୋଥି ପାଠ କରିଥିଲେ। ଅନ୍ତିମ ଦିବସରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେ ଥିଲେ। ଜିଲ୍ଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ସାମାଜିକ କର୍ମୀ ଅଖିଳ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଥିଲେ। ରାମଲୀଳା ସମିତି ସଭାପତି ପବିତ୍ର ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ଚିତ୍ତରଞ୍ଜନ ମହାରଣା, ଶିଶିର. ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ଅରୁଣଙ୍କ ପରିକଳ୍ପନା, ପ୍ରଶାସନର ଉଦ୍ୟମ**

# ଜିଲ୍ଲାପାଇଁ ଗୌରବ ଆଣିଲା 'ଅଧ୍ୟୟନ'

ନୟାଗଡ଼,୨୭।୫(ସମିସ)




ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ପରିକଳ୍ପନା ଓ ଦୂରଦୃଷ୍ଟିରେ ନିର୍ମାଣ ହୋଇଥିବା ଜିଲ୍ଲା ପାଠାଗାର "ଅଧ୍ୟୟନ' ଆଜି ଜିଲ୍ଲା ପାଇଁ ଗୌରବ ଆଣିଦେଇଛି। ଏହି ପାଠାଗାରରେ ପାଠ ପଢ଼ି ୩ ଜଣ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଶାସନର ଉଦ୍ୟମକୁ ମଧ୍ୟ ଏଠାରେ ଗୌଣ କରାଯାଇପାରିବ ନାହିଁ। ତତ୍କାଳୀନ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଏବେକାର ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉଦ୍ୟମ ଏବଂ ଅଧ୍ୟୟନକୁ ଆଗକୁ ନେବାର ପ୍ରଚେଷ୍ଟା ମଧ୍ୟ ପ୍ରଶଂସାଯୋଗ୍ୟ। ଜିଲ୍ଲା ପାଠାଗାରର ଲାଇବ୍ରେରିଆନ୍ ସସ୍ମିତା ମହାନ୍ତିଙ୍କ ନିଷ୍ଠା ଓ ପରିଶ୍ରମ ମଧ୍ୟ ବେଶ୍ ପ୍ରଶଂସାଯୋଗ୍ୟ।

ଜିଲ୍ଲା ପାଠାଗାରରେ ପାଠପଢ଼ି ନୟାଗଡ଼ ଯଦୁମଣିନଗରର ଆଦିତ୍ୟ ନାରାୟଣ ବରାଡ଼, ପୁରୁଣା ସହରର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ନୋତର ଆଦର୍ଶ ବିଦ୍ୟାଳୟ ଛାତ୍ରୀ ରାଜଶ୍ରୀ ଜାଲି ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ସଫଳତା ପାଇଛନ୍ତି। ନଜିଲ୍ଲାରେ ଏକ ଅତ୍ୟାଧୁନିକ ତଥା ସୃଜନଶୀଳ ପାଠାଗାର ନିର୍ମାଣ ପାଇଁ ବିଧାୟକ ଡ. ସାହୁ ପରିକଳ୍ପନା କରିଥିଲେ। ବିଧାୟକଙ୍କ ପରିକଳ୍ପନାକୁ ବାସ୍ତବ ରୂପ ଦେବାକୁ ରାଜ୍ୟ ସରକାର ଅନୁମୋଦନ ଦେଲେ। ନୟାଗଡ଼ରେ ଶାନ୍ତ ପରିବେଶ ତଥା ଏକ ବ୍ୟବସ୍ଥିତ ପାଠାଗାର ନିର୍ମାଣ ପାଇଁ ଯୋଜନା ଆରମ୍ଭ ହୋଇଥିଲା। କରୋନା ମହାମାରୀ ସମୟରୁ ନୟାଗଡ଼ ପୁରୁଣା ସହରରେ ଅବ୍ୟବହୃତ ଅବସ୍ଥାରେ ଥିବା ଟାଉନ୍ ହଲ୍‌କୁ ରୂପାନ୍ତରିତ କରି ଜିଲ୍ଲା ପାଠାଗାର ନିର୍ମାଣ କରାଯାଇଛି। ଏଠାରେ ପୂର୍ବରୁ ଥିବା ଜିମ୍ ସେଣ୍ଟର ପାଇଁ ଅନ୍ୟ ଏକ ଗୃହ ନିର୍ମାଣ କରାଯାଇଥିଲା। ପୁରୁଣା ସହର ଯୁବକମାନେ ଏହି ଜିମ୍ ସେଣ୍ଟର ନିର୍ମାଣ ପାଇଁ ଆନ୍ତରିକତାର ସହ ସହଯୋଗର ହାତ ବଢ଼ାଇଥିଲେ। ତତ୍କାଳୀନ ଜିଲ୍ଲାପାଳଙ୍କ ପ୍ରଚେଷ୍ଟା ତଥା ପୌର ପରିଷଦ ତତ୍ତ୍ୱାବଧାନରେ ଜିଲ୍ଲା ପାଠାଗାର ନିର୍ମାଣ ପାଇଁ କାର୍ଯ୍ୟ କରାଯାଇଥିଲା। ଅବ୍ୟବହୃତ ଅବସ୍ଥାରେ ଥିବା ଟାଉନ୍ ହଲ୍‌ର ରୂପାନ୍ତରଣ କରାଗଲା। ଲାଇବ୍ରେରୀ ପାଇଁ ଆବଶ୍ୟକ ସରଞ୍ଜାମ, ବିଦ୍ୟୁତ୍ ବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବା ସହ ଟାଉନ ହଲକୁ ନୂଆରୂପ ଦିଆଯାଇଛି। ଏହାସହ ପାଠକଙ୍କୁ ଆକୃଷ୍ଟ କରିବା ଭଳି ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଉକ୍ତ ପାଠାଗାରରେ ଗଳ୍ପ, କବିତା, ଉପନ୍ୟାସଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ଯୁବକଙ୍କ ପାଇଁ ଆବଶ୍ୟକ ପୁସ୍ତକ ବ୍ୟବସ୍ଥା କରାଯାଇଛି। ପାଠାଗାରକୁ ୪ ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ଏଥିପାଇଁ ଟାଉନ ହଲକୁ ଲାଗି ଅନ୍ୟ ଏକ କୋଠା ମଧ୍ୟ ନିର୍ମାଣ କରାଯାଇଛି। ଉକ୍ତ ସ୍ଥାନରେ ୨ଟି ହଲ୍ ଏବଂ ଟାଉନ ହଲ୍ ଉପର ଓ ତଳ ମହଲାକୁ ୨ ଭାଗରେ ବିଭକ୍ତ କରାଯାଇଛି। ରାଜ୍ୟର ସମସ୍ତ ଜିଲ୍ଲା ମଧ୍ୟରୁ ନୟାଗଡ଼ ଜିଲ୍ଲା ପାଠାଗାର ଅନ୍ୟତମ ଏବଂ ଆକର୍ଷଣୀୟ ହୋଇଛି। ଏହି ପାଠାଗାର ନିର୍ମାଣ ପାଇଁ ୧ କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜଣେ ଲାଇବ୍ରେରିଆନ୍ ସହ ପୌର ପରିଷଦର କିଛି କର୍ମଚାରୀ ଏହି ଦାୟିତ୍ୱରେ ରହିଛନ୍ତି। "ଅଧ୍ୟୟନ' ପାଇଁ ଆଜି ୩ ଜଣ ଛାତ୍ରଛାତ୍ରୀ ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି।

**ପୌର ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା**

**ନୟାଗଡ଼:** ପୁରୁଣା ସହରରେ ପ୍ରତିଷ୍ଠା କରାଯାଇଥିବା ଜିଲ୍ଲା ପାଠାଗାରରେ ଦୈନିକ ଦୁଇଓଳି ଅଧ୍ୟୟନ କରି ଓଡ଼ିଶା ପ୍ରଶାସିନକ ସେବା ପରୀକ୍ଷାରେ ନୟାଗଡ଼ ସହରର ତିନି ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ର୍ୟାଙ୍କ ୧୦୩ ପାଇଥିବା ଯଦୁମଣି ନଗରର ଆଦିତ୍ୟ ନାରାୟଣ ବରାଡ଼, ର୍ୟାଙ୍କ ୧୪୫ ପାଇଥିବା ପୁରୁଣା ସହରର ପ୍ରତୀକ୍ଷା



ପ୍ରିୟଦର୍ଶିନୀ ଓ ର୍ୟାଙ୍କ ୧୬୨ରେ ରହିଥିବା ନୋତର ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ରାଜଶ୍ରୀ ଜାଲିଙ୍କୁ ପୌର ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ, ପୌର ଯନ୍ତ୍ରୀ ରଞ୍ଜନ ମହାରଣା, ସହକାରୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ, କନିଷ୍ଠ ଯନ୍ତ୍ରୀ ଫୁଲମଣି କିସ୍କୁ, ଗଜେନ୍ଦ୍ର କୁମାର ମହାରଣା, ରଞ୍ଜନ ମହାପାତ୍ର ଏବଂ କୁମରଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଉକ୍ତ ପାଠାଗାରାରେ ୧୫୮ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଦେଖାଯାଇଥିଲା। ଶେଷରେ ଲାଇବ୍ରେରିଆନ୍ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀ ଛାତ୍ର ସଂଘ ପକ୍ଷରୁ ଦାବିପତ୍ର



ବାଲେଶ୍ୱର,୨୭।୫ (ସମିସ): ଆଦିବାସୀ ଛାତ୍ର ସଂଘ ଓ ସାନ୍ତାଳୀ ଗାଁଓ୍ତା ବାଲେଶ୍ୱରଙ୍କ ଏକ ପ୍ରତିନିଧି ଦଳ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହିତ ଭେଟି ସାନ୍ତାଳୀ ଭାଷାରେ ବି.ଏ ପାଠ୍ୟକ୍ରମ ଆରମ୍ଭ କରିବା ସହ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଡିଗ୍ରୀ କଲେଜରେ ସାନ୍ତାଳୀକୁ ଏମଆଇଏଲ (ମଡର୍ଣ୍ଣ ଇଣ୍ଡିଆନ ଲାଙ୍ଗୁଏଜ) ବିଷୟ ଭାବେ ଚାଲୁ କରିବାକୁ ଦାବି କରିଛନ୍ତି। ଏହି ସନ୍ଦର୍ଭରେ ଏକ ସ୍ମାରକପତ୍ର ଉପକୁଳପତିଙ୍କୁ ଦିଆଯାଇଥିଲା। ଯେଉଁଥିରେ ସାନ୍ତାଳୀ ଭାଷାର ଶିକ୍ଷାଗତ ଓ ସାଂସ୍କୃତିକ ଗୁରୁତ୍ୱକୁ ଉଲ୍ଲେଖ କରାଯାଇଛି। ପ୍ରତିନିଧିମାନେ କହିଛନ୍ତି ଯେ,ସାନ୍ତାଳୀ ଭାଷାକୁ ଉଚ୍ଚ ଶିକ୍ଷାରେ ସମ୍ମିଳିତ କରିଲେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଲାଭ ମିଳିବ ଓ ସେମାନଙ୍କର ଭାଷା,ସଂସ୍କୃତି ଓ ପରିଚୟକୁ ସୁରକ୍ଷିତ ଓ ସମ୍ବର୍ଦ୍ଧିତ କରିପାରିବ। ସେମାନେ ଶୀଘ୍ର ଏହି ପଦକ୍ଷେପ ନେବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବଶ୍ୟକ କାର୍ଯ୍ୟକଳାପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। କୁଳପତି ଏହି ଦାବିକୁ ସକାରାତ୍ମକ ଭାବେ ବିଚାର କରିବେ ବୋଲି ଆଶ୍ୱାସନ ଦେଇଛନ୍ତି। ଏହି ଅବସରରେ ବାଲେଶ୍ୱର ଆଦିବାସୀ ଛାତ୍ର ସଂଘର ସଭାପତି ଶିବରାମ ମୁର୍ମୁ, ପ୍ରଦୀପ ମାରାଣ୍ଡି, ଯମୁନା ମାଝି, ଦୁଲାରୀ ହେମ୍ବ୍ରମ, ସନତ ମାଝୀ, ଗଣେଶ ଚନ୍ଦ୍ର ସୋରେନ ଓ ସାନ୍ତାଳୀ ଗାଁଓ୍ତା ର ସଭାପତି ଯଦୁନାଥ ହାଁସଦା, ରାଇକାନ୍ ବେସ୍ରା, ଜୟକୃଷ୍ଣ କିସ୍କୁ, ରାମଚନ୍ଦ୍ର ହାଁସଦା, ମହେଶ୍ୱର ମୁର୍ମୁ, ଲଖିରାମ୍ ହାଁସଦା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ବାଲେଶ୍ୱର,୨୭।୫(ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ପ୍ରୟାସରେ ଚିଓ୍ଡେଇ ଗ୍ରାମ ପଂଚାୟତ ଅନ୍ତର୍ଗତ ସଭା ଗୃହ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଆର.ଡି.ସି, ବାହାନଗା ଓ ବାହାନଗା ପଞ୍ଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି। ଏହି ଶିବିରରେ ବାହାନଗା ବ୍ଲକର ଚିଓ୍ଡେଇ ପଞ୍ଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଅବନୀକାନ୍ତ ଭୂୟାଁ, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ଉପସ୍ଥିତ ଥିଲେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି। ଶିବିର ଆସନ୍ତା ଜୁନ ୧ ତାରିଖ ଯାଏ ଚାଲିବ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି।

## ଜିଲ୍ଲାର ୮ଟି ନିର୍ବାଚନ ମଣ୍ଡଳୀରେ ବିଧାୟକ ଉନ୍ନୟନ ପାଣ୍ଠିର ସ୍ଥିତି

# ଅଧିକାଂଶ ପ୍ରକଳ୍ପ ଖାତା ଖୋଲିନି

ବାଲେଶ୍ୱର,୨୭।୫(ସମିସ)

ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ୮ଟି ନିର୍ବାଚନ ମଣ୍ଡଳୀରେ ଚଳିତ ମାସ ୨୨ତାରିଖ ସୁଦ୍ଧା ବିଧାୟକ ଉନ୍ନୟନ ପାଣ୍ଠିର ତାଲିକା ପ୍ରଦାନ କରାଯାଇଛି। ଏହି ତାଲିକା ଅନୁସାରେ ଅଧିକାଂଶ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକଳ୍ପର ଖାତା ଖୋଲାଯାଇ ପାରି ନଥିବା ବେଳେ କିଛି ନିର୍ବାଚନ ମଣ୍ଡଳୀରେ କାଁ ଭାଁ ପ୍ରକଳ୍ପ ନିର୍ମାଣ ଶେଷ ହୋଇଥିବା ନେଇ ତଥ୍ୟ ପ୍ରଦାନ କରାଯାଇଛି।

ତାଲିକା ଅନୁସାରେ, ବସ୍ତା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ବସ୍ତା ବିଡିଓଙ୍କ ଜରିଆରେ ଏମଏଲଏ ଲ୍ୟାଡରୁ୨୧ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୪୪.୫୦କୋଟି ଟଙ୍କା ରହିଛି। ସେଥିରୁ ୨ଟି ପ୍ରକଳ୍ପ ବାତିଲ ହୋଇଥିବା ୧୯ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ଦୁଇଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ୧୭ଟି ପ୍ରକଳ୍ପ ଏ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ମାତ୍ର ଦୁଇଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ବାଲିଆପାଳ ବିଡିଓ ଜରିଆରେ ଏମଏଲଏ ଲ୍ୟାଡରୁ ୮ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ୨୫କୋଟି ଟଙ୍କା ରହିଛି। ସେଥିରୁ୨ଟି ପ୍ରକଳ୍ପ ବାତିଲ ହୋଇଥିବା ୮ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୪ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ ୪ଟି ପ୍ରକଳ୍ପ ଏ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୪ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ସେହିପରି ଭୋଗରାଇ ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ଭୋଗରାଇ ବିଡିଓ ଜରିଆରେ ଏମଏଲଏ ଲ୍ୟାଡରୁ ୨୪୪ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୪୧୩.୨୦କୋଟି ଟଙ୍କା ରହିଛି। ସେଥିରୁ ୩୦ଟି ପ୍ରକଳ୍ପ ବାତିଲ ହୋଇଥିବା ୨୧୪ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୭୦ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ ୧୪୪ଟି ପ୍ରକଳ୍ପ ବର୍ତ୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୧୯ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ସେହିପରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ଜଳେଶ୍ୱର ବିଡିଓଙ୍କ ଜରିଆରେ ଏମଏଲଏ ଲ୍ୟାଡରୁ୧୧୯ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୦୬.୭୫କୋଟି ଟଙ୍କା ରହିଛି। ସେଥିରୁ ଦୁଇଟି ପ୍ରକଳ୍ପ ବାତିଲ ହୋଇଥିବା ୧୧୭ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୯୫ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ ୨୨ଟି ପ୍ରକଳ୍ପ ବର୍ତ୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୯୫ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ କେବଳ ୧୯.୫୦କୋଟି ଟଙ୍କାର ଦୁଇଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ସେହିପରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ବସ୍ତା ବ୍ଲକର କିଛି ଅଂଶରେ ବିଡ଼ିଓଙ୍କ ଜରିଆରେ ଏମଏଲଏ ଲ୍ୟାଡରୁ ୪୫ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୧୩୨.୨୫କୋଟି ଟଙ୍କା ରହିଛି। ସେଥିରୁ ୪ପ୍ରକଳ୍ପ ବାତିଲ ହୋଇଥିବା ୪୧ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୨୧ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ ୨୦ଟି ପ୍ରକଳ୍ପ ବର୍ତ୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୨୧ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଗୋଟିଏ ବି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ସେହିପରି ନୀଳଗିରି ନିର୍ବାଚନ ମଣ୍ଡଳୀରେ ଏମଏଲଏ ଲ୍ୟାଡରୁ ମୋଟ ୧୭୫ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୯୬.୮୮କୋଟି ଟଙ୍କା ରହିଛି। ସେଥିରୁ ୧୪ଟି ପ୍ରକଳ୍ପ ବାତିଲ ହୋଇଥିବା ୧୬୦ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୯୧ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ ୬୯ଟି ପ୍ରକଳ୍ପ ବର୍ତ୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୯୧ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ କେବଳ ୧୦କୋଟି ଟଙ୍କାର ଦୁଇଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ସେହିପରି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଏମଏଲଏ ଲ୍ୟାଡରୁ ମୋଟ ୧୯୬ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୨୯.୫୦କୋଟି ଟଙ୍କା ରହିଛି। ସେଥିରୁ ୯ଟି ପ୍ରକଳ୍ପ ବାତିଲ ହୋଇଥିବା ୧୮୭ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୧୫୯ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ୨୮ଟି ପ୍ରକଳ୍ପ ବର୍ତ୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୧୪୮ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଗୋଟିଏ ବି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇପାରି ନାହିଁ। ସେହିପରି ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଏମଏଲଏ ଲ୍ୟାଡରୁ ମୋଟ ୮ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୫୧କୋଟି ଟଙ୍କା ରହିଛି। ସେଥିରୁ ୭ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିବା ବେଳେ ୨ଟି ପ୍ରକଳ୍ପର ରିପୋର୍ଟ ଆସିଛି। ୫ଟି ପ୍ରକଳ୍ପ ବର୍ତ୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୨ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ୧୦କୋଟି ଟଙ୍କା ମୂଲ୍ୟର ଗୋଟିଏ ପ୍ରକଳ୍ପ ଶେଷ ହୋଇଛି। ସେହିପରି ସୋର ନିର୍ବାଚନ ମଣ୍ଡଳୀରେ ଏମଏଲଏ ଲ୍ୟାଡରୁ ମୋଟ ୧୯୫ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୫୦୭.୫୯କୋଟି ଟଙ୍କା ରହିଛି। ସେଥିରୁ ୭ଟି ପ୍ରକଳ୍ପ ବାତିଲ ହୋଇଥିବା ବେଳେ୧୮୮ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଛି। ସେଥିମଧ୍ୟରୁ ୧୦୨ଟି ପ୍ରକଳ୍ପର ରିପୋର୍ଟ ଆସିଛି। ୮୬ଟି ପ୍ରକଳ୍ପ ବର୍ତ୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୧୦୨ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ୧୧କୋଟି ଟଙ୍କା ମୂଲ୍ୟର ଦୁଇଟି ପ୍ରକଳ୍ପ ଶେଷ ହୋଇଛି। ସେହିପରି ରେମୁଣା ନିର୍ବାଚନ ମଣ୍ଡଳୀରେ ଏମଏଲଏ ଲ୍ୟାଡରୁ ମୋଟ ୧୬୯ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୫୨.୭କୋଟି ଟଙ୍କା ରହିଛି। ସେଥିରୁ ୧୧ଟି ପ୍ରକଳ୍ପ ବାତିଲ ହୋଇଥିବା ବେଳେ୧୫୮ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଛି। ସେଥିମଧ୍ୟରୁ ୪୦ଟି ପ୍ରକଳ୍ପର ରିପୋର୍ଟ ଆସିଛି। ୧୧୮ଟି ପ୍ରକଳ୍ପ ବର୍ତ୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୨୨ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଗୋଟିଏ ବି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇ ପାରି ନାହିଁ।

# ଆରପିଟି ପୁରସ୍କାର କାର୍ଯ୍ୟକ୍ରମ



ବାଲେଶ୍ୱର,୨୭।୫(ସମିସ): ଜିଲ୍ଲା ଶିକ୍ଷାଅଧିକାରୀ ବସନ୍ତ କୁମାର ନାୟକ,ଡିପିଇଓ ଚନ୍ଦ୍ରକାନ୍ତ ଘୋଡାଇ ଏବଂ ଏମପିଏସର ଗାଇଡ କ୍ୟାପଟେନ ଜ୍ୟୋସ୍ନାରାଣୀ ପାଣିଗ୍ରାହୀଙ୍କ ମାଗଦର୍ଶନରେ ଗତ ୨୧ତାରିଖରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟପାଳଙ୍କ ଆରପିଟି ପୁରସ୍କାର ବିତରଣୀ ଉତ୍ସବରେ ପ୍ରତିନିଧିତ୍ୱ ଏବଂ ପୁରସ୍କାର ଗ୍ରହଣ କରିବା ପାଇଁ ସମଗ୍ର ଜିଲ୍ଲାରୁ ୫୨୬ଜଣ ରାଜ୍ୟ ପୁରସ୍କାର ପରୀକ୍ଷାରେ ଉତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମଡର୍ଣ୍ଣ ପବ୍ଲିକ ସ୍କୁଲର ୧୩ଜଣ ମଡର୍ଣ୍ଣାଇଟ ସ୍କାଉଟ ଏବଂ ଗାଇଡର ଛାତ୍ରଛାତ୍ରୀଙ୍କୁ ମନୋନିତ କରାଯାଇଥିଲା। ସେମାନେ ହେଲେ ଚନ୍ଦନ ପଟ୍ଟନାୟକ, ଧ୍ରୁବ ସଙ୍କଳ୍ପ ମଲ୍ଲିକ, ଖୀରୋଦ ବେହେରା, ସୌମ୍ୟରଞ୍ଜନ ଦାସ,ସିଦ୍ଧାର୍ଥ ବେହେରା,ସୃଜଲ ଦାଶ,ସ୍ୱାଧୀନଦାସ ସ୍ୱାଇଁ,ସ୍ୱାଧୀନ ସ୍ୱନ୍ଦନ ପଣ୍ଡା,ଆକାଂକ୍ଷା ଗୌଧୁରୀ, ପଦ୍ମଜା ବିଶ୍ୱାଳ,ରାଜଲକ୍ଷ୍ମୀ ମହାପାତ୍ର,ଶ୍ରେୟସି ରାଉତ ଏବଂ ସୁକନ୍ୟା ଦାସ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କାମ୍ଭମ୍ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟନନ୍ଦ ଗଣ୍ଡ ଏବଂ ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ପରେ ରାଜ୍ୟପାଳ ମଡର୍ଣ୍ଣ ପବ୍ଲିକ ସ୍କୁଲର ମଡର୍ଣ୍ଣାଇଟ ସ୍କାଉଟ୍ସ ଓ ଗାଇଡ୍ସର ପାଟ୍ରୋଲ ଲିଡର ସ୍ୱାଧୀନ ସ୍ୱନ୍ଦନ ପଣ୍ଡା ଏବଂ ସୁକନ୍ୟା ଦାସଙ୍କ ହାତରେ ରାଜ୍ୟ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସ୍କୁଲର ଅଧ୍ୟକ୍ଷା ନୀତା ଖଣ୍ଡେଲୱାଲ ବ୍ୟକ୍ତିଗତ ଭାବେ ତାଙ୍କ ଦଳକୁ ଭେଟିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ।

# ଟ୍ରେନରୁ ଖସିପଡ଼ି ଯୁବକ ମୃତ

ରାଜଘାଟ, ୨୭।୫ (ସମିସ): ଦକ୍ଷିଣପୂର୍ବ ରେଳପଥର ରାଜଘାଟ ରେଳ ଷ୍ଟେସନ ଅନତି ଦୂର ଗଳାପୋଲ ନିକଟରେ ଟ୍ରେନରୁ ଖସିପଡ଼ି ଜନୈକ ଯୁବକର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ପଶ୍ଚିମବଙ୍ଗ ରାୟପୁର ବାଙ୍କୁରା ଅଞ୍ଚଳର ସୁଶାନ୍ତ ହାଁସଦା(୧୮)। ସୁଶାନ୍ତ ଚେନ୍ନାଇ-ହାୱଡ଼ା କରମଣ୍ଡଳ ଏକ୍ସପ୍ରେସ୍ ଟ୍ରେନରେ ଘରକୁ ଫେରୁଥିଲେ। ଆଜି ସକାଳେ ଟ୍ରେନଟି ରାଜଘାଟ ଷ୍ଟେସନ ଅତିକ୍ରମ କରିବା ପରେ ସୁଶାନ୍ତ ଉକ୍ତ ଗଳାପୋଲ ନିକଟରେ ଅସାବଧାନତା ବସତଃ ଟ୍ରେନରୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଆରପି ପୁଲିସ ପହଞ୍ଚି ଅପମୃତ୍ୟୁ ମାମଲା ୪୬/୨୬ ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଭାସ୍କର୍ଯ୍ୟ ଶିଳ୍ପୀ ଉପେନ୍ଦ୍ରଙ୍କ ନାମରେ ବ୍ୟବସାୟ କରୁଛନ୍ତି ଅନ୍ୟ ଶିଳ୍ପୀ

ରେମୁଣା, ୨୭।୫ (ସମିସ): ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ଉପେନ୍ଦ୍ର ଗିରିଙ୍କ ନାମ ଧରି ବ୍ୟବସାୟ କରୁଛନ୍ତି ଅନ୍ୟ ଶିଳ୍ପୀ, ଏମିତି ଏକ ଅଭିଯୋଗ ହେଇଛି ସଦର ଥାନାରେ। ଉପେନ୍ଦ୍ର କୁରୁଡ଼ାସ୍ଥିତ ନୋଡି ଠାରେ ଏକ ପଥର ଖୋଦେଇ କାରଖାନା କରିଛନ୍ତି। ସେ ତାଙ୍କର ବହୁ ଦିନର ପରିଶ୍ରମ କଷ୍ଟ ଫଳରେ ସେ ଆଜି ପଥର ଖୋଦେଇ ବ୍ୟବସାୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହାର ଫାଇଦା ଉଠାଉଛନ୍ତି ତାଙ୍କର ପରିଚୟ ଦେଇ ଅନ୍ୟ ବ୍ୟବସାୟୀ। ଉପେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ କୁରୁଡ଼ା ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଅନ୍ୟ ଏକ ପଥର ଖୋଦେଇ କାରଖାନାର ମାଲିକ ଉପେନ୍ଦ୍ରଙ୍କ ଗ୍ରହକଙ୍କୁ ଫୋନ୍ କରି ନିଜ ଭାଇ ବୋଲି ପରିଚୟ ଦେଇ ମୋତେ କାମ ଦିଅନ୍ତୁ ବୋଲି କହୁଛନ୍ତି। କିଛି ଗ୍ରାହକ ମାନେ ସତ ଜାଣିପାରି ଉପେନ୍ଦ୍ରଙ୍କ ଉପରେ ବିରକ୍ତି ପ୍ରକାଶ କରୁଛନ୍ତି। ଯାହା ଫଳରେ ଉପେନ୍ଦ୍ରଙ୍କ ବହୁ ଗ୍ରାହକ ଭାଙ୍ଗି ଯାଉଥିବାବେଳେ ଆଉ କିଛି ଠକାମୀର ଶିକାର ହେଉଥିବାର ଜଣାପଡୁଛି। ଏ ନେଇ ଉପେନ୍ଦ୍ର ଆଜି ସଦର ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଏ ନେଇ ସଦର ଥାନା ଆଇ ଆଇ ସି ଅଜୟ ମୁର୍ମୁଙ୍କୁ ପଚାରିବାରୁ ପ୍ରାଥମିକ ସ୍ତରରେ ଆପୋଷ ବୁଝାମଣା କରାଯିବାର ପ୍ରୟାସ ରହିଥିବାବେଳେ ଯଦି ଏଥିରେ ସମାଧାନ ନ ହୁଏ ତେବେ ପରବର୍ତ୍ତୀ ମୁହୂର୍ତ୍ତରେ କେଶ କରାଯାଇ ତଦନ୍ତ କରାଯିବ ବୋଲି କହିଛନ୍ତି।

# ମୋଟର ସାଇକଲ ଚୋରି ଅଭିଯୋଗ

ବାଲେଶ୍ୱର,୨୭।୫(ସମିସ): ବାଲେଶ୍ୱର ସହରରେ ଏବେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଆଜି ମଧ୍ୟାହ୍ନରେ ଫାଣ୍ଡିଛକ ସ୍ଥିତ ଜିଲ୍ଲା ଦୌରାଜଜଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବାଇକ ଚୋରି ହୋଇଛି। ଏ ନେଇ ସହଦେବଖୁଂଟା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନନ୍ତପୁର ଥାନା ଅର୍ନ୍ତଗତ ଗୋପାଳପୁର ଅଂଚଳର ଅକ୍ଷୟ କୁମାର ନାୟକ କୋର୍ଟ ସମ୍ମୁଖରେ ଓଡ଼ି୦୧ଏଏଫ ୩୧୫୨ନମ୍ବର ବିଶିଷ୍ଟ ତାଙ୍କର ବାଇକ ରଖି କୋର୍ଟକୁ କୌଣସି ଏକ କାର୍ଯ୍ୟରେ ଯାଇଥିଲେ। କୋର୍ଟ କାର୍ଯ୍ୟ ସାରି ଫେରିବା ପରେ ସେଠାରେ ତାଙ୍କ ଗାଡି ନଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ସେ ତାଙ୍କୁ ଗାଡି ନପାଇବାରୁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ଛାତ୍ରଙ୍କ କୃତିତ୍ୱ



ଶ୍ରୀ ମାନସ ରଂଜନ ସାହୁ ବାଲେଶ୍ୱର ଜିଲ୍ଲା, ବସ୍ତା ବ୍ଲକ, ଚଣ୍ଡିପୁର ଗ୍ରାମର ପ୍ରଥମ ଛାତ୍ର ହିସାବରେ ସର୍ବ ଭାରତୀୟ ସ୍ତରରେ IIT JAM ପରୀକ୍ଷାରେ ୩୦୮ Rank ରଖି IIT Madras ରେ ପଢ଼ିବା ପାଇଁ ମନୋନୀତ ହୋଇଛନ୍ତି । ଏହା ପୂର୍ବରୁ ସେ ରାଉରକେଲା N I T ରେ ଅଧ୍ୟୟନରତ ଥିଲେ । ଶ୍ରୀ ମାନସ ରଂଜନ ସାହୁ ଏକ ମଧ୍ୟବିତ ପରିବାରରୁ ଆସି ଏହି ସଫଳତା ଅର୍ଜନ କରିଛନ୍ତି । ସେ ବାଲେଶ୍ୱର ଜିଲ୍ଲା, ବସ୍ତା ବ୍ଲକ ଚଣ୍ଡିପୁର ଗ୍ରାମନିବାସୀ ଶ୍ରୀଯୁକ୍ତ ବଂଶୀଧର ସାହୁଙ୍କ ନାତି (ବଡ଼ପୁଅ ଭାନୁ ଚରଣ ସାହୁ ଏବଂ ସସ୍ମିତାରାଣୀ ସାହୁଙ୍କ ଏକମାତ୍ର ପୁତ୍ର) ଅଟନ୍ତି । ତାଙ୍କର ଏହି ସଫଳତା ପାଇଁ ନିଜର ଅଧ୍ୟବସାୟ, ପରିଶ୍ରମ ଏବଂ ଜେଜେ ବାପା-ଜେଜେମା, ଅଜା-ଆଈ, ଦାଦା-ଖୁଡ଼ୀ, ମାମୁଁ-ମାଇଁ ଏବଂ ସର୍ବୋପରି ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅଂଚଳବାସୀ ଗର୍ବଅନୁଭବ କରିଛନ୍ତି ।

# ଅସହାୟଙ୍କ ମୁହଁରେ ଆହାର ଯୋଗାଉଛନ୍ତି ମନୋରଞ୍ଜନ

ବାଲେଶ୍ୱର,୨୭।୫ (ସମିସ)



"ମାନବ ସେବା ହିଁ ପରମ ଧର୍ମ'। ଏହି ଉକ୍ତିକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି ବାଲେଶ୍ୱର ବାଲିଆ ଅଞ୍ଚଳର ମନୋରଞ୍ଜନ ସ୍ୱାଇଁ। ଦୀର୍ଘ ୧୫ ବର୍ଷ ହେବ ନିଜର ଏକ ଛୋଟ ପୋଷାକ ଦୋକାନରୁ ଯାହା କିଛି ରୋଜଗାର ହୁଏ, ସେଥିରୁ ପ୍ରତିଦିନ ରାସ୍ତା କଡ଼ରେ ଥିବା ଅସହାୟ, ବୃଦ୍ଧ, ଭିନ୍ନକ୍ଷମ ଏବଂ କ୍ଷୁଧାର୍ଥ ଲୋକଙ୍କ ପାଇଁ ଅନ୍ନ ସଂସ୍ଥାନ କରିଆସୁଛନ୍ତି ଏହି ବ୍ୟକ୍ତି। ୨୦୧୧ ମସିହାରୁ ଆରମ୍ଭ ହୋଇଥିବା ଏହି ମହତ କାର୍ଯ୍ୟ ଆଜି ବି ନିରନ୍ତର ଜାରି ରହିଛି। ମନୋରଞ୍ଜନଙ୍କ ଏହି ସେବା କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତି ତାଙ୍କ ଧର୍ମପତ୍ନୀ ମାଣିକମାଳା ସ୍ୱାଇଁ। ପ୍ରତିଦିନ ସେ ବଜାରରୁ ତାଜା ପନିପରିବା ଆଣିବା ପରେ, ତାଙ୍କ ପତ୍ନୀ ଅତି ଶ୍ରଦ୍ଧାର ସହ ପ୍ରାୟ ୩୦ ରୁ ୪୦ ଜଣଙ୍କ ପାଇଁ ସ୍ୱାଦିଷ୍ଟ ଡାଲମା ଏବଂ ଭାତ ପ୍ରସ୍ତୁତ କରନ୍ତି। ଦ୍ୱିପ୍ରହର ୧୨ଟାରୁ ୧ଟା ମଧ୍ୟରେ ରୋଷେଇ ସରିବା ପରେ ମନୋରଞ୍ଜନ ନିଜ ବାଇକ୍‌ରେ ବାହାରି ପଡ଼ନ୍ତି ସେହି ଅସହାୟମାନଙ୍କ ସନ୍ଧାନରେ ଯେଉଁମାନଙ୍କର ଏ ଦୁନିଆରେ କେହି ନାହାନ୍ତି। ସହରର ବିଭିନ୍ନ ଛକ, ଓଭରବ୍ରିଜ୍ ତଳ ଏବଂ କୁଡ଼ିଆ ଘରେ ରହୁଥିବା ଅତି ଗରିବ, ଚାଲିବାକୁ ଅକ୍ଷମ ଥିବା ବୃଦ୍ଧା ଏବଂ କୋଳରେ ଶିଶୁ ଧରି ବସିଥିବା ମାଆମାନଙ୍କ ପାଖକୁ ଯାଇ ସେ ନିଜ ହାତରେ ଗରମ ଗରମ ଅନ୍ନ ପରଷି ଦିଅନ୍ତି। ଏନେଇ ସେ କହିଛନ୍ତି ଯେ,ଏସବୁ ମହାପ୍ରଭୁ ଜଗନ୍ନାଥଙ୍କ ଇଚ୍ଛାରେ ହିଁ ଚାଲିଛି। ଯେପର୍ଯ୍ୟନ୍ତ ମୋ ଶରୀରରେ ଶକ୍ତି ଅଛି, ମୁଁ ଏହି ସେବା କାର୍ଯ୍ୟ ଜାରି ରଖିବି। ଏଥିରେ ମୁଁ କେବେ ହେଲେ କ୍ଳାନ୍ତି ଅନୁଭବ କରେନାହିଁ, ବରଂ ଏହା ମୋତେ ଆଗକୁ ବଢ଼ିବା ପାଇଁ ଆଇବଳ ଦିଏ। ପରିବାରର ସମସ୍ତେ ମୋତେ ଏଥିରେ ସାହାଯ୍ୟ କରନ୍ତି। ମନୋରଞ୍ଜନଙ୍କ ପତ୍ନୀ ମାଣିକମାଳାଙ୍କ କହିବା ଅନୁସାରେ, ରାସ୍ତା କଡ଼ରେ ଥିବା ଅସହାୟ ଲୋକମାନେ ଖାଇବାକୁ ପାଉ ନଥିବା ବେଳେ, ସେମାନଙ୍କ ପାଇଁ ନିଜ ହାତରେ ରୋଷେଇ କରି ଅନ୍ନ ଯୋଗାଇବାରେ ମୋତେ ଅଶେଷ ସନ୍ତୋଷ ଓ ଖୁସି ମିଳିଥାଏ। ଆମର ଏହି ପ୍ରୟାସରେ କେବେ ବି କୌଣସି ଅଭାବ କିମ୍ବା ଅସୁବିଧା ଦେଖାଦେଇ ନାହିଁ। ଏହିଭଳି ନିସ୍ୱାର୍ଥପର କାର୍ଯ୍ୟ ପାଇଁ ମନୋରଞ୍ଜନଙ୍କୁ ପୂର୍ବରୁ 'ହେଲୋ କିଡ୍‌ଜ ସାଇ କୃଷ୍ଣା ସ୍କୁଲ୍' ପକ୍ଷରୁ "ଅନ୍ନ ସେବା ସମ୍ମାନ'ରେ ମଧ୍ୟ ସମ୍ମାନିତ କରାଯାଇଛି। ଆଜିର ସ୍ୱାର୍ଥପର ସମାଜରେ ମନୋରଞ୍ଜନ ଏବଂ ତାଙ୍କ ପରିବାରର ଏହି ମହତ ପ୍ରୟାସ ସତରେ ସମସ୍ତଙ୍କ ପାଇଁ ଏକ ପ୍ରେରଣା।






# ମଞ୍ଜୁରୀପ୍ରାପ୍ତ ସମନ୍ୱିତ ବହୁମୁଖୀ ପ୍ରକଳ୍ପ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ନିର୍ମାଣ ଦାବି

ବାଲେଶ୍ୱର,୨୭।୫(ସମିସ): ବାଲେଶ୍ୱରରେ ମଞ୍ଜୁରୀପ୍ରାପ୍ତ ସମନ୍ୱିତ ବହୁମୁଖୀ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରେମୁଣା ତହସିଲ ଅଧିନ ଦହପଡା ମୌଜାର ଖାତା ନମ୍ବର ୧୪୫,ପ୍ଲଟ ନମ୍ବର ୩୪୮/୯୭୦ରେ ୯ଏକର ଏବଂ ପ୍ଲଟ ନମ୍ବର ୩୮୭/୯୭୧ରେ ୧୧ଏକରକୁ ମିଶାଇ ମୋଟ ୨୦ଏକର ପରିମିତ ଜମିକୁ ବାଲେଶ୍ୱର ସବଡିଭିଜନସ୍ତରୀୟ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ୨୦୧୯ମସିହା ଜୁନ ମାସ ୨୦ତାରିଖରେ ତାହା ଉପଯୁକ୍ତ ବୋଲି ଦର୍ଶାଇବା ସହ ଏହାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନାମରେ ୨୦୧୯ମସିହାରେ କରାଯାଇଥିଲା। ହେଲେ ତାହା ଏବେ ନୀଳଗିରିକୁ ସ୍ଥାନାନ୍ତରିତ କରାଯାଉଛି। ଏହାକୁ ବିରୋଧ କରି ଆଜି ଜିଲ୍ଲା ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଭଟେି ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କୁହାଯାଇଛି ଯେ,୨୦୨୦ମସିହା ଜୁଲାଇ ମାସ ୫ତାରିଖରେ ରେମୁଣା ତହସିଲଦାରଙ୍କୁ ଜମିର ସୀମା ନିର୍ଦ୍ଧାରଣ ଓ ହସ୍ତାନ୍ତର ଏବଂ ଇଡକୋ ବାଲେଶ୍ୱର ଡିଭିଜନର ମୁଖ୍ୟଙ୍କୁ ଜମିର ଅଧିକାର ଦେବା ପାଇଁ କୁହାଯାଇଥିଲା। ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ପତ୍ରସଂଖ୍ୟା ୬୮୧୦ ଅନୁସାରେ ତାହା ଜିଲ୍ଲା ଖଣି ପାଣ୍ଠି ଉପଯୋଗ କରି ଏହି ପ୍ରକଳ୍ପ ନିର୍ମାଣ କରିବାକୁ ଜିଲ୍ଲାପାଳଙ୍କୁ କୁହାଯାଇଥିଲା। ଏପରିକି ତତକାଳୀନ ଜିଲ୍ଲାପାଳ ଉକ୍ତ ପାଣ୍ଠିରେ ଆବଶକୀୟ ଅର୍ଥ ନଥିବାରୁ ପ୍ରକଳ୍ପ ନିର୍ମାଣ ପାଇଁ ପାଣ୍ଠି ଯୋଗାଇଦେବାକୁ ଅନୁରୋଧ କରିଥିଲେ। ହେଲେ ପରବର୍ତି ସମୟରେ ବିଭିନ୍ନ କାରଣ ଦର୍ଶାଇ ଦହପଡା ଜମି ଅନୁପଯୁକ୍ତ ଦର୍ଶାଇ ସମଲପୁରରେ ପ୍ରକଳ୍ପ ପାଇଁ ୧୨ଏକର ୫୦ଡିସିମିଲ ଚୟନ କରାଯାଇଥିଲା। ପରବର୍ତି ସମୟରେ ତାହାକୁ ମଧ୍ୟ ଅନୁପଯୁକ୍ତ ଦର୍ଶାଇ ଏବେ ନୀଳଗିରି ସବଡିଭିଜନର ନୀଳଗିରି ତହସିଲ ଅର୍ନ୍ତଗତ ସଜନାଗଡ ଆରଆଇ ସର୍କଲର ଜାମୁଡିହା ଗ୍ରାମରେ ପ୍ରକଳ୍ପ ପାଇଁ ଜିଲ୍ଲାପ୍ରଶାସନ ନିଷ୍ପତି ନେଇଛି। ଦହପଡା ଠାରେ ଏହି ପ୍ରକଳ୍ପଟି ଉପଯୁକ୍ତ ହୋଇଥିବା ବେଳେ ନୀଳଗିରିରେ ହେଲେ ବରିଷ୍ଠ ନାଗରିକ,ଭିନ୍ନକ୍ଷମମାନଙ୍କ ସହିତ ଅନ୍ୟାନ୍ୟ ବର୍ଗର ହିତାଧିକାରୀମାନେ ଏବଂ ସେମାନଙ୍କ ପରିବାର ବହୁ ଅସୁବିଧାରେ ସମ୍ମୁଖିନ ହେବେ ବୋଲି କୁହାଯାଇଛି। ଏଣୁ ତୁରନ୍ତ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ କରାଯିବାକୁ ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ସୁଦର୍ଶନ ଦାସ, କାମିନିକାନ୍ତ ପାଢ଼ୀ, ଶରତ କୁମାର ବିଶ୍ୱାଳ, ଶଶାଙ୍କ ଶେଖର ଦତ୍ତ, ଦେବେନ୍ଦ୍ରନାଥ ଚୌଧୁରୀ, ରବିନାରାୟଣ ବେହେରା, ରବି କୁମାର ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଭରତଚନ୍ଦ୍ର ସେଠୀ ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।





ବୌଦ୍ଧ ଜିଲ୍ଲା ବିଳାସପୁର ପଞ୍ଚାୟତରେ ବିଭାଗୀୟ କର୍ମଚାରୀ ପ୍ରବଳ ଖରାରେ ମଧ୍ୟ ନଳକୂପ ମରାମତି କରୁଛନ୍ତି

### କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି

# ଭାଙ୍ଗିଲା ଗଛ; ଢଳିଲା ଟ୍ରାନ୍ସଫର୍ମର



■ ପ୍ରବଳ ବେଗରେ ପବନ ବହିବା ସହ ମୂଷଳଧାରାରେ ବର୍ଷା
■ ତାତିରୁ ଆଶ୍ୱସ୍ତି ମିଳିଲା; ହେଲେ ଘରଦ୍ୱାର ଉଜୁଡ଼ିଗଲା

**ଶଗଡ଼ା,୨୭ ।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଅନେକ ଅଞ୍ଚଳରେ ଆଜି ଅପରାହ୍ନ ୪ଟାରେ କାଳ ବୈଶାଖୀ ହୋଇଛି । ଏହା ପ୍ରଭାବରେ ପ୍ରବଳ ବର୍ଷା ସହ ପବନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ପ୍ରବଳ ବେଗରେ ପବନ ବହିବା ସହ ମୂଷଳଧାରାରେ ବର୍ଷା ହୋଇଥିଲା । ଗୋଟେ ପଟେ ଲୋକେ ପ୍ରବଳ ଖରାରୁ ଆଶ୍ୱସ୍ତି ପାଇଥିବା ବେଳେ ଅନ୍ୟପଟେ କାଳ ବୈଶାଖୀ ବର୍ଷା ସହ ପବନରେ ଅନେକ କ୍ଷୟକ୍ଷତି ମଧ୍ୟ ହୋଇଛି । ଅନେକ ମାଟି ଘର ଭାଙ୍ଗି ଯିବା ସହ ନଡା, ଟିଣ ଓ ଆଜବେଷ୍ଟେସ ଉଡାଇ ନେଇଛି ତ ପୁଣି ଭାଙ୍ଗି ଯାଇଛି । ପବନରେ ଅନେକ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଉପରେ ପଡିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଅନେକ ସ୍ଥାନରେ ଡାଳ ପଡିଯିବାରୁ ତାର ଛିଣ୍ଡି ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଲମ୍ବସରି ପଞ୍ଚାୟତ ବଡ଼ଝାରମୁଣ୍ଡା ଗ୍ରାମର ଅନେକ ମାଟି ଘରର ଚାଳ ଛପର ଉଡି ଯିବା ସହ ଘର ଭାଙ୍ଗି ଯାଇଛି । ମଲିକୁଦ ନିକଟରେ ଏକ ବିଦ୍ୟୁତ ତାର ଉପରେ ଗଛ ଡାଳ ପଡି ତାର ଛିଣ୍ଡି ଯାଇଛି । ଗୁଡଭେଲି ପଦର ଗ୍ରାମରେ ମଧ୍ୟ ଅନେକ ମାଟି ଘରର ଆଜବେଷ୍ଟସ ପବନରେ ଉଡି ଯିବା ସହ ଅନେକ ଗଛ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡିଛି ।



**କଣ୍ଟାମାଳ:** କାଳବୈଶାଖୀ ପ୍ରଭାବରେ କଣ୍ଟାମାଳ ଅଞ୍ଚଳରେ ପବନବର୍ଷା ଓ କୁଆପଥର ମାଡ଼ ହୋଇଛି । ଘରଦ୍ୱାର ଭାଙ୍ଗି ଲୋକଙ୍କ ଜିନିଷପତ୍ର ପାଣିରେ ଭିଜିଛି । ଗଛଭାଙ୍ଗି ରାସ୍ତା ଅବରୋଧ ହୋଇଛି । କଣ୍ଟାମାଳ ଅଗ୍ନିଶମ ବାହିନୀ ରାସ୍ତା ଅବରୋଧ ହଟାଇବାରେ ଲାଗିଛନ୍ତି । କୁମାଲପାଲିରେ ଟ୍ରାନ୍ସଫର୍ମର ନଷ୍ଟ ହୋଇଛି । ତୁମାପାଲିରେ ହେମବତୀ ଷାଣ୍ଡଙ୍କ ଗୋଡ ଭାଙ୍ଗି ଯାଇଛି । କଣ୍ଟାମାଳ, କଲରାଖୋଠା, ଉଦୟପୁର, କାନିକୁପା, କିନିକୁପା, ବନ୍ଧପାଲି, ଟିକିରାପଡ଼ା, ଖଲଆପାଲି, ଝଗୁଡୁପାଲି, ଘଣ୍ଟୁପାଲି ଓ ନୂଆପାଲି ଅଞ୍ଚଳରେ ପ୍ରବଳ କ୍ଷୟକ୍ଷତି ହୋଇଛି ।

## ବିଜୁଳି ବିଭ୍ରାଟ ନେଇ ତାତିଲେ ଉପଭୋକ୍ତା

**ତରଭା,୨୭ ।୫(ସମିସ):** ତରଭା ସହର ସମେତ ଅଞ୍ଚଳରେ ଦେଖା ଦେଉଥିବା ଘନଘନ ବିଜୁଳି ବିଭ୍ରାଟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ବୁଧବାର ତରଭା ଅଞ୍ଚଳର ବିଜୁଳି ଉପଭୋକ୍ତାଙ୍କ ତରଫରୁ ସ୍ଥାନୀୟ ଏନଏସି ପାଠାଗାରରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁଳି ବିଭାଗ ପ୍ରତି ଲୋକଙ୍କ ଭିତରେ ଥିବା ଅସନ୍ତୋଷ ପରିଲକ୍ଷିତ ହୋଇଛି ।

ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଉପଭୋକ୍ତା ମାନଭଞ୍ଜନ ମିଶ୍ର, ଆକାଶ ସାହୁ, ଓକିଲ ଦୁର୍ଯ୍ୟୋଧନ ରାଉତ, ସତ୍ୟନାରାୟଣ ନାଏକ, ପବିତ୍ର ମିଶ୍ର, ଅଜିତ ମେହେର, ଲୋଚନ ସାହୁ, ତ୍ରିବିକ୍ରମ ସାହୁ ପ୍ରମୁଖ ତରଭା ଅଞ୍ଚଳରେ ମନମୁଖୀ ବିଜୁଳି କାଟ୍‌ର ତୀବ୍ର ଭର୍ତ୍ସନା କରିଥିଲେ । ମରାମତି ଆଳ ଦେଖାଇ ମନମୁଖୀ ବିଜୁଳି କାଟ୍, ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ଘଣ୍ଟା ଘଣ୍ଟା ଧରି ବିଜୁଳି ବିଭ୍ରାଟକୁ ଆଉ ସହି ହେବନାହିଁ ବୋଲି ଉପଭୋକ୍ତା ପ୍ରକାଶ କରିଥିଲେ । ପୂର୍ବରୁ ସୋନପୁରରୁ ତରଭାକୁ ଜଙ୍ଗଲ ଭିତର ଦେଇ ବିଜୁଳି ଆସୁଥିଲା । ସେ ସମୟରେ ବିଜୁଳି ବିଭ୍ରାଟ ଘଟିଲେ ଜଙ୍ଗଲ ଭିତରେ ତାର ଉପରେ ଗଛ ଡାଳ ପଡିଛି । ଖୋଜା ଚାଲିଛି ବୋଲି ବିଭାଗ ତରଫରୁ ସଫେଇ ଦେଇ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ୍ କରାଯାଉଥିଲା । ଏବେ ତରଭାରୁ ୩ କିମି ଦୂର ଶିବତୁଲାରେ ୧୩୨/୩୩ ଗ୍ରୀଡ଼ ସ୍ଥାପନ ପରେ କାର୍ଯ୍ୟକ୍ଷମ ହେବା ସତ୍ତ୍ୱେ ତରଭା ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା କାହିଁକି କମ୍ ହେଉନାହିଁ ବୋଲି ଆବାହକ ମାନଭଞ୍ଜନ ମିଶ୍ର ପ୍ରଶ୍ନ କରିଥିଲେ । ତେବେ ତରଭା ଅଞ୍ଚଳରେ ଚାଲିଥିବା ଅଘୋଷିତ ବିଜୁଳି କାଟ୍‌ର ସ୍ଥାୟୀ ସମାଧାନ ସକାଶେ ବିଭାଗୀୟ ମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ, ବଲାଙ୍ଗୀର ସାଂସଦ, ସୋନପୁର ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ଉପଭୋକ୍ତା ନିଷ୍ପତ୍ତି ନେଇଛନ୍ତି ।

ଆବଶ୍ୟକ ପଡ଼ିଲେ ତରଭା ବନ୍ଦ ଭଳି ପଦକ୍ଷେପ ନିଆଯିବ ବୋଲି ଉପଭୋକ୍ତା ଏହି ସାମ୍ବାଦିକରେ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ, ମଙ୍ଗଳବାର ମରାମତି ପାଇଁ ସକାଳ ୬ଟାରୁ ୯ ଟା ପର୍ଯ୍ୟନ୍ତ ବିଜୁଳି କାଟ ହେବ ବୋଲି ବିଭାଗ ତରଫରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରାଯାଇଥିଲା; ହେଲେ ଅପରାହ୍ନ ସାଢେ ୨ରେ ଆସି ୨ଟା ୪୦ରେ ପୁଣି ବିଜୁଳି ଗଲା ଯେ ୪ଟାରେ ଆସିଥିଲା । ତାହା ସତ୍ତ୍ୱେ ବିଜୁଳି ଯିବା ଆସିବା ଲାଗି ରହିଥିଲା । ପୁଣି ସନ୍ଧ୍ୟା ୬ ଟାରେ ଯାଇ ରାତି ୮ଟା ୩୩ରେ ଆସିଥିଲା । ଏଭଳି ବିଜୁଳି ବିଭ୍ରାଟ ଯୋଗୁଁ ଅଞ୍ଚଳର ଲକ୍ଷାଧିକ ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗିଥିଲେ ।

## ସଫାହେଲା ମଝିମୁଣ୍ଡା ବରିହା କଟା

**ଡୁଙ୍ଗୁରିପାଲି,୨୭ ।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମଝିମୁଣ୍ଡା ଗ୍ରାମରେ ଏକ ମାତ୍ର ବରିହା କଟା ଶେଷରେ ସଫା ହୋଇଛି । ଅନେକ ବର୍ଷ ହେବ ଏହି କଟାଟି ଅବ୍ୟବହୃତ ହୋି ପଡିରହିଥିଲା । ଏଣୁ ଗ୍ରାମବାସୀ ଗାଧେଇବା ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ଏ ବିଷୟରେ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅବଗତ କଲେ ମଧ୍ୟ କାମ ହେଉ ନ ଥିଲା । ଶେଷରେ ସାଂସଦ ପ୍ରତିନିଧି ସାନନ୍ଦ ମେହେରଙ୍କୁ ଲୋକେ ପୋଖରୀର ପୁନରୁଦ୍ଧାର ପାଇଁ ଜଣାଇଥିଲେ । ସଙ୍ଗେ ସଙ୍ଗେ ସେ ଏ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ । ଶେଷରେ ଆଜି ଶତାଧିକ ଲୋକଙ୍କ ସହଯୋଗରେ ପୋଖରୀ ସଫା କାମ ଆରମ୍ଭ ହୋଇଛି । ସ୍ଥାନୀୟ ସରପଞ୍ଚ କ୍ଷୀରୋଦ୍ର ବୁଡ଼େକଙ୍କ ଉପସ୍ଥିତିରେ କାମ କରାଯାଇଛି ।



## ରାଜ୍ୟ କୃଷକ ମୋର୍ଚ୍ଚା ସଭାପତିଙ୍କ ମଣ୍ଡି ପରିଦର୍ଶନ



**ଡୁଙ୍ଗୁରିପାଲି,୨୭ ।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସିଥିବା ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ସୁଭ୍ରାଂଶୁ ମୋହନ ପାଢୀ ଡୁଙ୍ଗୁରିପାଲି ପାକ୍ସ ଓ ଆରଏମସି ପରିଦର୍ଶନ କରଛନ୍ତି । ଡୁଙ୍ଗୁରିପାଲି ମଣ୍ଡଳର ପୂର୍ବତନ ମଣ୍ଡଳ ସଭାପତି ନିତେଇ ପାଲ, କୃଷକ ମୋର୍ଚ୍ଚା ମଣ୍ଡଳ ସଭାପତି ଗଣେଶ୍ୱର ନାଏକ ଓ ଡୁଙ୍ଗୁରିପାଲି ପାକ୍ସ ସମ୍ପାଦକ ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର, ଆର୍ତ୍ତତ୍ରାଣ ପୃଷ୍ଟି ଓ ସମ୍ପାଦକ ଦିବ୍ୟକିଶୋର ଭୋଇ, ରଥ ସାହୁ, ଚରଦା ମଣ୍ଡଳ ସଭାପତି ଉଦ୍ଧବ ମହାକୁର, ବାବୁଲୁ ବିଶି, ସୁନିଲ ବେହେରା, ବାସୁଦେବ ନାଏକ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ପାଢୀ କୃଷକଙ୍କୁ ଭେଟି ଧାନବିକ୍ରିରେ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାରମ୍ଭିକ ବର୍ଗ କାର୍ଯ୍ୟକ୍ରମ

**ବୌଦ୍ଧ/ପୁରୁଣାକଟକ,୨୭ ।୫(ସମିସ):** ପୁରୁଣାକଟକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାରମ୍ଭିକ ବର୍ଗ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । ୪୮ ଜଣ ସ୍ୱୟଂ ସେବକ ଏହି କାର୍ଯକ୍ରମରେ ଭାଗ ନେଇଥିଲେ । ଶାରୀରିକ, ବୌଦ୍ଧିକ, ମାନସିକ ବିକାଶ ଓ ଦେଶପ୍ରେମ ଭାବ ଜାଗ୍ରତ ପାଇଁ ଯୋଗ, ପ୍ରାଣାୟାମ, ବ୍ୟାୟାମ, ଖେଳ ଓ ଦେଶ ଭକ୍ତି ଗୀତ ଅଭ୍ୟାସ ମାଧ୍ୟମରେ ସ୍ୱୟଂ ସେବକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ବୌଦ୍ଧ ନଗର ସଂଘ ଚାଳକ ସୁଦର୍ଶନ ମେହେର ଏବଂ ହରଭଙ୍ଗା ଖଣ୍ଡର ସଂଘ ଚାଳକ ରାଜକିଶୋର ଅଗ୍ରୱାଲ ସେବକମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ଦ୍ୱିତୀୟ ଦିବସରେ ବୌଦ୍ଧ ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗଦେଇ ସ୍ୱୟଂ ସେବକମାନଙ୍କୁ ଅନୁଶାସନ, ଶୃଙ୍ଖଳା ଓ ରାଷ୍ଟ୍ରଭକ୍ତି ସହ ଭାରତ ମାତାଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବା ପାଇଁ ପରାମର୍ଶ ଦେଇଥିଲେ । ରଘୁନାଥ ଷଡ଼ଙ୍ଗୀ, ଶିବରାମ ସାହୁ, ବିଜୟ ସାହୁ, ନିରଞ୍ଜନ ମେହେର, ଲକ୍ଷ୍ମୀକାନ୍ତ ଜାନୀ, ବ୍ରଜକିଶୋର ରଣା, ପଦ୍ମ ମେହେର, ଦିଲ୍ଲୀପ ସାହୁ, କୋକୋ ଭାଇ ଓ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପୁରୁଣାକଟକର ପରିଚାଳନା ସମିତି, ଗୁରୁଜୀ, ଗୁରୁମା, ସେବକ, ସେବିକା ସହଯୋଗ କରିଥିଲେ ।

## ସାପକାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ

**ଜହ୍ନାପଙ୍କ,୨୭ ।୫(ସମିସ):** ବୌଦ୍ଧ ବ୍ଲକ୍ ବଘିଆପଡା ପଞ୍ଚାୟତ ମାଝିସାହି ଗ୍ରାମରେ ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି । ଏହି ନାବାଳିକା ଜଣକ ହେଲେ ବୈକୁଣ୍ଠନାଥ ସାହୁଙ୍କ ଝିଅ ବର୍ଷାରାଣୀ ସାହୁ (୧୭) । ସେ ଘରେ କାର୍ଯ୍ୟ କରୁଥିବା ସମୟରେ ଏକ ନାଗ ସାପ କାମୁଡି ଦେଇଥିଲା । ଏହାପରେ ପରିବାର ଲୋକେ ସଙ୍ଗେ ସଙ୍ଗେ ଡାକ୍ତରଖାନା ନେଇଥିଲେ; କିନ୍ତୁ ଗୁରୁତର ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା; ହେଲେ ବୁର୍ଲା ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ସୁବର୍ଣ୍ଣପୁରରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ

## ଦୁର୍ଘଟଣା ହ୍ରାସ, ସୁରକ୍ଷିତ ଯାତାୟାତ ଉପରେ ଗୁରୁତ୍ୱ



**ତରଭା,୨୭ ।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ଏକ ବୈଠକ ବୁଧବାର ଆୟୋଜିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି ଅଧ୍ୟକ୍ଷତା କରିଥିଲେ । ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି ବୈଠକ ପରିଚାଳନା କରିଥିଲେ । ବୈଠକରେ ଜିଲ୍ଲା ହାଇୱେ ସୁରକ୍ଷା ଟାସ୍କଫୋର୍ସ ଗଠନ କରିବା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସାମ୍ନା ରାସ୍ତା ପାର୍ଶ୍ୱରୁ ବିକାଳିଙ୍କୁ ହଟାଇବା ନେଇ ମୁନିସିପାଲିଟି ଦ୍ୱାରା ଡିମାର୍କେସନ୍ କାମ ସମ୍ପନ୍ନ କରାଯାଇଥିବା ନିର୍ବାହୀ ଅଧିକାରୀ ଋଷି ମାଝୀ ସୂଚନା ଦେଇଥିଲେ । ବଢୁଥିବା ସଡ଼କ ଦୁର୍ଘଟଣାକୁ କମାଇବା ଏବଂ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା ଉପରେ ଆଲୋଚନା ହୋଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ ଯେ, ଏପ୍ରିଲ୍‌ରେ ବିରମହାରାଜପୁର, ବିନକା ଏବଂ ସୁବାଳୟରେ ରେସ୍ ଡ୍ରାଇଭିଂ କାରଣରୁ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି । ଏ ବର୍ଷ ମୋଟ ୧୩ଟି ଦୁର୍ଘଟଣାରେ ୧୪ଜଣଙ୍କ ମୃତ୍ୟୁ ଘଟିଛି । ଏପ୍ରିଲ୍‌ରେ ୬୯୩ଟି ଚାଲାଣ ଜାରି ହୋଇଥିଲା । ୧୩୨ଟି ସମାଧାନ ହୋଇଛି । ୫୬୧ଟି ବାକି ରହିଛି । ୧୦୬୮୭୬୦ ଟଙ୍କା ଆଦାୟ ହୋଇଥିବାବେଳେ ୨୩୨୮୪୨୯ ଟଙ୍କା ବାକି ଅଛି ବୋଲି ସୂଚନା ମିଳିଛି । ଭାରୀ ଯାନବାହନକୁ ସହରରେ ପ୍ରବେଶ ନିଷେଧ ପାଇଁ ଠିକ୍ ସାଇନେଜ୍, ସହରରେ ଯାତାୟାତ ଜାମ୍ କମାଇବା ପାଇଁ ସଡ଼କ ପ୍ରସାରଣ, ସ୍କୁଲଗୁଡ଼ିକରେ ସଚେତନତା ଅଭିଯାନ ଏବଂ ଅପରାଧ, ଲୁଟ୍ ଓ ଦୁର୍ଘଟଣାକୁ ନିୟନ୍ତ୍ରଣ ପାଇଁ ସିସିଟିଭି କ୍ୟାମେରା ସ୍ଥାପନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ବସ୍ ଆସୋସିଏସନ୍, ଟ୍ରକ୍ ଆସୋସିଏସନ୍, ପିଡବ୍ଲ୍ୟୁଡି ଅଧିକାରୀ ପ୍ରମୁଖ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉପସ୍ଥିତ ଥିଲେ ।

## ଚେରୁପାଲି ପଞ୍ଚାୟତରେ କ୍ଷେତ୍ର ଦିବସ



**ଡୁଙ୍ଗୁରିପାଲି,୨୭ ।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଚେରୁପାଲି ପଞ୍ଚାୟତ ପରିସରରେ ଡୁଙ୍ଗୁରିପାଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କ୍ଷେତ୍ର ଦିବସ ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିଲୀପ ଶତପଥୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଧାନଚାଷ ପରବର୍ତ୍ତୀ ପଡିଆ ଜମିର ପରିଚାଳନା, ୟୁରିଆ, ଡିଏପି ସାରର ଉପଯୁକ୍ତ ବ୍ୟବହାର, ଜୈବିକ ପ୍ରଣାଳି ଓ ଆଧୁନିକ ପ୍ରଣାଳିରେ ଚାଷ ତଥା କୃଷକ ପଞ୍ଜୀକରଣ ଓ ଡାଲିଜାତୀୟଫସଲ ଉପରେ ଉପସ୍ଥିତ ଚାଷୀଙ୍କୁ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ବ୍ଲକ୍‌ର ଜିଲ୍ଲା କୃଷି ଅଧିକାରୀ ମନରଞ୍ଜନ ସେଠି, ବ୍ଲକ୍ କୃଷି ଅଧିକାରୀ ରାକେଶ ପାଣ୍ଡେ, ସରକାରୀ କୃଷି ଅଧିକାରୀ ସରୋଜ୍ରୀ ମିଶ୍ର, ଗ୍ରାମ କୃଷି କର୍ମଚାରୀ ପ୍ରତାପ ଦୀପ ଓ କୃଷକ ସାଥି ଶ୍ରବଣ ବାଗ ଆଲୋଚନାରେ ଅଂଶଗ୍ରହ କରି ନିଜ ନଜର ମତାମତ ଦେଇଥିଲେ । ଚେରୁପାଲି, ବଡ଼ ନୂଆପାଲି, ଖୁସାମଲ ଗ୍ରାମର ଶତାଧିକ ଚାଷୀ ଯୋଗ ଦେଇଥିଲେ ।

## ଜବାହରଲାଲ୍ ନେହରୁଙ୍କ ତିରୋଧାନ ଦିବସ




**ବୌଦ୍ଧ,୨୭ ।୫(ସମିସ):** ବୌଦ୍ଧ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହରୁଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ କଲିମ୍ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇ ନେହେରୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବରିଷ୍ଠ କଂଗ୍ରେସ ନେତା ଶାନ୍ତନୁ ମହାପାତ୍ର, ସମରେଶ ମିଶ୍ର, ଜେନି ମହାପାତ୍ର, ପ୍ରତ୍ୟୁଷ ମହାନନ୍ଦ, ପ୍ରିୟଦତ୍ତ ଦେହୁରୀ, ଶେଖ ସାହିଲ୍ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ନାମଯଜ୍ଞ ସକାଶେ କଳସ ଶୋଭାଯାତ୍ରା

**ମନମୁଣ୍ଡା,୨୭ ।୫(ସମିସ):** ମନମୁଣ୍ଡା ପଞ୍ଚାୟତ ଭାଲିଆପଦର ଗ୍ରାମରେ ଗୁରୁବାରଠାରୁ ଅନୁଷ୍ଠିତ ହେବାକୁ ଥିବା ନାମଯଜ୍ଞ ସକାଶେ ଆଜି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଜି ଭୋର୍‌ରେ ମନମୁଣ୍ଡା ତେଲ ନଦୀ ସେତୁ ଘାଟରେ ଏନେଇ ବ୍ରାହ୍ମଣ ଜ୍ୟୋତି ରଞ୍ଜନ ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ଏଥିରେ କର୍ତ୍ତା ଭାବେ ଅବନିକାନ୍ତ ପ୍ରଧାନ ଓ ତାଙ୍କ ପତ୍ନୀ କ୍ରିଷ୍ଣା ପ୍ରଧାନ କାର୍ଯ୍ୟ ନିର୍ବାହ କରିଥିଲେ ।



## ପଦୋନ୍ନତି ପାଇଁ ଶିକ୍ଷକଙ୍କ ଦାବି



**ବୌଦ୍ଧ,୨୭ ।୫ (ସମିସ):** ବୌଦ୍ଧ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଅତିରିକ୍ତ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି । ବର୍ତ୍ତମାନ ରାଜ୍ୟରେ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହୋଇଛି । ବୌଦ୍ଧ ଜିଲ୍ଲାରେ ପୂର୍ବ ବର୍ଷର ପଦୋନ୍ନତି ତାଲିକାରେ ଥିବା ଅସଂଗତିକୁ ଦୂର କରିବା ସହ ନିୟମାୟ ଅନୁଯାୟୀ ଏକ ତ୍ରୁଟିଶୂନ୍ୟ ଏବଂ କାର୍ଯ୍ୟକ୍ଷମ ତାଲିକା ପ୍ରସ୍ତୁତି ସହ ଅନୁମୋଦନ କରାଇବା ପାଇଁ ସଂଘ ନିବେଦନ କରିଛି । ଜିଲ୍ଲା ପ୍ରାଥମିକ ଶିକ୍ଷକ (ନୂତନ ପେନସନ ଯୋଜନା ଭୁକ୍ତ) ସଂଘର କାର୍ଯ୍ୟକାରୀ ସଭାପତି ଶମ୍ଭୁ ଗିରି, ଜିଲ୍ଲା ସମ୍ପାଦକ ମହେଶ ସେଠି, ଉପସଭାପତି ବସନ୍ତ ବିଶ୍ୱାଳ, ବୌଦ୍ଧ ବ୍ଲକ୍ ସଭାପତି ରାଜକୁମାର ପ୍ରଧାନ ଉପସଭାପତି ଅଶୋକ ଘିବେଲା, ବୌଦ୍ଧ ବ୍ଲକ୍ ଉପଦେଷ୍ଟା ହୃଦାନନ୍ଦ ପ୍ରଧାନ, ସଦସ୍ୟା ରେଣୁପ୍ରଭା ବେହେରା, କାତ୍ୟାୟିନୀ ପାଢ଼ୀ, ସୁଦ୍ଧା ହୋତା, ରସିତାରାଣୀ ସିଂ, ରମାକାନ୍ତ ବେହେରା, ଦୁର୍ଗାମାଧବ ଆଚାର୍ଯ୍ୟ, ସୁଶାନ୍ତ ପ୍ରଧାନ, ବୃନ୍ଦାବନ ଶତପଥୀ, ନିରଞ୍ଜନ ମହାକୁଡ଼, ପରମେଶ୍ୱର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧବାସୀଙ୍କୁ ସ୍ୱପ୍ନ ଦେଖାଇଲେ ମନ୍ତ୍ରୀ

**ବୌଦ୍ଧ,୨୭ ।୫(ସମିସ):** ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ ଯୋଗ ଦେଇଥିଲେ । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସ୍ୱାଗତ କରିଥିଲେ । ଜିଲ୍ଲାର ସମସ୍ତ ଗ୍ରାମ ଓ ସହରକୁ ୨୪ ଘଣ୍ଟିଆ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ । ବୌଦ୍ଧଗଡ଼ ମୁନିସିପାଲିଟିର ବିଭିନ୍ନ ସ୍ଥାନର ନବୀକରଣ, ସ୍ୱର୍ଗଦ୍ୱାର ନିର୍ମାଣ, ନୂତନ ଟାଉନ ହଲ୍ ନିର୍ମାଣ, ସ୍ମାର୍ଟ ରୋଡ୍, ସ୍ମାର୍ଟ ପାର୍କ ଓ ଆଧୁନିକ ଆଲୋକୀକରଣ କାର୍ଯ୍ୟ ଶୀଘ୍ର କରାଯିବ । ଜିଲ୍ଲାରେ ମନୋରଞ୍ଜନ ଭିତ୍ତିକ ପ୍ରକଳ୍ପ ଓ ରେଭିନ୍ୟୁ ଉତ୍ସ ସୃଷ୍ଟି କରାଯିବ । ରାସ୍ତାକଡ଼ରେ ଥିବା ଷ୍ଟ୍ରିଟ ଭେଣ୍ଡରଙ୍କ ଆର୍ଥିକ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ । ଜିଲ୍ଲାର ସୁରକ୍ଷା ବ୍ୟବସ୍ଥା ସୁଦୃଢ କରିବା ପାଇଁ ସିସିଟିଭି ବ୍ୟବସ୍ଥା କରାଯିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଯେଉଁ ଯୋଗ୍ୟ ହିତାଧିକାରୀ ଘର ନିର୍ମାଣ କରିପାରୁନାହାନ୍ତି ସେମାନଙ୍କ ଘର ପ୍ରଶାସନ ପକ୍ଷରୁ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ମିଶନ ଶକ୍ତି ମାଧ୍ୟମରେ ଅଧିକରୁ ଅଧିକ ମହିଳାଙ୍କୁ ଲକ୍ଷପତି ଦିଦି ରୂପେ ଗଢ଼ି ତୋଳିବାକୁ ଗୁରୁତ୍ୱ ଦିଆଯିବ ବୋଲି ମଧ୍ୟ କହିଥିଲେ । ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ସେ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ଯୋଗ୍ୟ ହିତାଧିକାରୀଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭ ପହଞ୍ଚାଇବା ପାଇଁ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମସ୍ତ ଉନ୍ନୟନ ମୂଳକ କାମରେ ଜନ ପ୍ରତିନିଧିଙ୍କୁ ସାମିଲ କରି ସେମାନଙ୍କ ପରାମର୍ଶ ନେବା ପାଇଁ କହିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ ଭୋଇ, ଆଡିସନାଲ ଏସ୍‌ପି ସାର୍ଥକ ରାୟଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଉପସ୍ଥିତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମନ୍ତ୍ରୀ ସାକ୍ଷାତକାର ଦେଇ ବୌଦ୍ଧଗଡ଼କୁ ଏକ ଆଦର୍ଶ ମୁନିସିପାଲିଟି ଭାବେ ଗଢ଼ି ତୋଳିବା ସହିତ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ସୂଚନା ଦେଇଥିଲେ ।



# ଦେଓଗାଁ ଚିନିକଳ ପୁନଃ ଚାଲୁ ପାଇଁ ସଂକେତ

ଦେଓଗାଁ, ୨୭।୫(ସମିସ)



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ସାଗରପାଲିରେ ୨୦୧୪ରୁ ବିଜୟାନନ୍ଦ ସମବାୟ ଚିନିକଳ ବନ୍ଦ ରହିଛି। ଋଣଟଙ୍କା ପରିଶୋଧ କରି ନ ପାରିବାରୁ ସମବାୟ ମାମଲାରେ ଛନ୍ଦିହୋଇ ଆର୍ଥିକ ଅନିୟମିତତା ଦର୍ଶାଇ ଚିନିକଳରେ ତାଲା ପଡ଼ିଛି। ବନ୍ଦ ପଡ଼ିଥିବା ଜିଲ୍ଲାର ଏହି ଏକମାତ୍ର କୃଷିଭିତ୍ତିକ ଶିଳ୍ପର ପୁନରୁଦ୍ଧାର ପାଇଁ ଜିଲ୍ଲାବାସୀଙ୍କ ବାରମ୍ବାର ଦାବି ପରେ କେନ୍ଦ୍ର ସରକାର ଓ ବର୍ତ୍ତମାନର ରାଜ୍ୟ ସରକାର ଚିନିକଳକୁ ପୁନଃ ଚାଲୁ କରିବା ପାଇଁ ଅଣ୍ଟା ଭିଡିଛନ୍ତି।

କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିର୍ଦ୍ଦେଶ କ୍ରମେ

- ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଟିମ୍‌ର ପରିଦର୍ଶନ
- ଚିନିକଳ ସହ ଇଥାନଲ୍ ଓ ବାୟୋଗ୍ୟାସ ଉତ୍ପାଦନ ହେବ

ବୁଧବାର ପୂର୍ବାହ୍ନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ବନ୍ଦ ପଡ଼ିଥିବା ଚିନିକଳ ପରିଦର୍ଶନରେ ଆସି ପାରିପାର୍ଶ୍ୱିକ ସ୍ଥିତି ପରଖିଛନ୍ତି। ତାଙ୍କ ସହ ଆସିଥିବା ଇଣ୍ଡିଆନ ପଟାସ ଲିମିଟେଡ(ଆଇପିଏଲ)ର ପ୍ରୋଜେକ୍ଟ ମ୍ୟାନେଜର ଦ୍ୱିବେଦି ଜି, ରାଜ୍ୟ ସମବାୟ ବିଭାଗ ସମ୍ପାଦକ ରାଜିବ ପ୍ରଭାକର ପାଟିଲ, ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ଡିଆରସିଏସ୍ ପ୍ରମୋଦ ବରିହା, ଚିନିକଳର ଜିଏମ୍ ଶତଦଳ ମିଶ୍ରଙ୍କ ସହ ଚିନିକଳର ସ୍ଥିତି ଉପରେ ଆଲୋଚନା କରିଥିଲେ। ଅଚଳ ହୋଇ ପଡ଼ିରହିଥିବା ସମସ୍ତ ମେସିନଗୁଡିକୁ ଏହି ଟିମ୍ ବୁଲି ଦେଖିଥିଲେ। ଏହାସହ କେମିତି ଚିନିକଳ ପୁନଃ ଚାଲୁ କରାଯାଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ପରେ ଚିନିକଳ କର୍ମଚାରୀ ସଂଘର ସୁବଳ ରଣା ଓ ଅନ୍ୟାନ୍ୟ ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ଚିନିକଳ ପୁନଃ ଚାଲୁ ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ସରକାର ଚିନିକଳ ପୁନଃ ଚାଲୁ କରିବା ପାଇଁ ନିଷ୍ପତ୍ତି ନେଇ ସାରିଛନ୍ତି। ଏଥିପାଇଁ ଅମିତ ଶାହାଙ୍କ ନିର୍ଦ୍ଦେଶ ଅନୁସାରେ ଇଣ୍ଡିଆନ ପଟାସ ଲିମିଟେଡ ମାଧ୍ୟମରେ ଏହି ଚିନିକଳକୁ ପୁନଃ ଚାଲୁ କରାଯିବ। କେବଳ ଚିନି ନୁହେଁ; ଏହି କାରଖାନାରୁ ଇଥାନଲ ଉତ୍ପାଦନ ଓ କମର୍ସିଏଲ ବାୟୋ ଗ୍ୟାସ (ସିବିଜି)କୁ ଗୁରୁତ୍ୱ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଚିନିକଳ ପୁନଃ ଚାଲୁ ପାଇଁ ଆବଶ୍ୟକ ପାଣି ଉପରେ ପ୍ରଶ୍ନ ଉଠିବାରୁ କାରଖାନାରେ ରହିଥିବା ୮ଟି ଗଭୀର ନଳକୂଅ ବର୍ଷର ଅପ୍ରେଲ ମାସ ପର୍ଯ୍ୟନ୍ତ ଠିକ୍ ରହିଥାଏ। ଅପ୍ରେଲ ପରେ ଅସୁବିଧା ପରିଲକ୍ଷିତ ହୋଇଥାଏ। ଏହାପରେ ନିକଟରେ ରହିଥିବା ସୁନାଆଡକି ପ୍ରକଳ୍ପରେ ବର୍ଷା ସମୟରେ ଗଚ୍ଛିତ ପାଣି ଅନେକାଂଶରେ ସହାୟକ ହୋଇଥାଏ ବୋଲି ଜିଏମ୍ ମିଶ୍ର କହିଥିଲେ। ତେବେ ୧୨ବର୍ଷ ମଧ୍ୟରେ ସେ ଜଳାଶୟଟି ମଧ୍ୟ ଶୁଖିଯାଇଛି ବୋଲି ଦୃଷ୍ଟି ଆକର୍ଷଣ କରିବାରୁ ଏହାର ପୁନରୁଦ୍ଧାର ପାଇଁ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜିଲ୍ଲା ପରିଷଦ ସିଡିଓ ତଥା ଡିଆରଡିଏ ପିଡି ତରଣୀସେନ ସୁନା, ସ୍ଥାନୀୟ ବିଡିଓ ପ୍ରିୟରଞ୍ଜନ କୁମାର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରି, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପୋନ୍ନି ସୁଗରରୁ ଯାତ୍ରା ଆରମ୍ଭ ହୋଇଥିଲା

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଗରପାଲି ନିକଟରେ ୧୯୯୨-୯୩ ମସିହାରେ ପୋନ୍ନି ସୁଗର ଲିଃ ନାମରେ ଚିନିକଳ ଆରମ୍ଭ ହୋଇଥିଲା। ଦିନକୁ ୨୫ଶହ ମେଟ୍ରିକ ଟନ ଆଖୁ ପେଡ଼ିବା କ୍ଷମତା ସମ୍ପନ୍ନ ଚିନିକଳ ମାତ୍ର ୬ବର୍ଷ ସୂଚାରୁ ରୂପେ ଚାଲିବା ପରେ କ୍ଷତି ଦର୍ଶାଇ ବନ୍ଦ କରି ଦିଆଗଲା। ୨୦୦୦ ମସିହାରେ କ୍ଷତି ଦର୍ଶାଇ ପୋନ୍ନି ଚାଲିଯିବା ପରେ ଋଣ ଦେଇଥିବା ଆଇସିଆଇସିଆଇ ବ୍ୟାଙ୍କ ହାତକୁ ଚାଲିଯାଇଥିଲା। ଅନେକ ବାଦ ବିବାଦ ପରେ ୨୦୦୫ ମସିହାରେ ବିଜୟାନନ୍ଦ ଚିନିକଳ ନାମରେ ଏହି କାରଖାନାକୁ ପୁନରୁଦ୍ଧାର କରାଯାଇଥିଲା। ୨୦୧୩-୧୪ ଆର୍ଥିକ ବର୍ଷରେ ମିଡ ନାଇଟ ଅପରେସନ ପରେ ରାଜନୈତିକ ଚକ୍ରବ୍ୟୁହରେ ଛନ୍ଦି ହୋଇ ଆର୍ଥିକ ଅନିୟମିତତା ଦର୍ଶାଇ ଚିନିକଳକୁ ବନ୍ଦ କରିଦିଆଗଲା। ଏହା ଫଳରେ ଏଠି କାର୍ଯ୍ୟରତ ପ୍ରାୟ ୩ଶହ କର୍ମଚାରୀ, ୬ହଜାରରୁ ଊର୍ଦ୍ଧ୍ୱ ଆଖୁଚାଷୀ, ୧ ହଜାର ଟ୍ରାନ୍ସପୋର୍ଟର ପରିବାରର ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇ ଯାଇଥିଲା।

## ଛଟେଇ କର୍ମଚାରୀଙ୍କ ବିକ୍ଷୋଭ




ବନ୍ଦ ପଡ଼ିଥିବା ବିଜୟାନନ୍ଦ ସମବାୟ ଚିନିକଳକୁ ଉପମୁଖ୍ୟମନ୍ତ୍ରୀ ପରିଦର୍ଶନରେ ଆସିବା ଖବର ପାଇବା ପରେ ଚିନିକଳରୁ ଛଟେଇ ହୋଇଥିବା କର୍ମଚାରୀ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୧୪ରେ କର୍ମଚାରୀଙ୍କୁ ହଠାତ ଛଟେଇ କରିବା ସମୟରେ କିଛି ମାସର ଦରମା ବାକି ରହି ଯାଇଛି। ପ୍ରାପ୍ୟ ନ ଦେଇ ଚାକିରିରୁ ଛଟେଇ କରାଯାଇଥିବା ବେଳେ ବାରମ୍ବାର ଦାବି ପରେ ମଧ୍ୟ କେହି ଶୁଣି ନ ଥିଲେ। ସେଦିନଠାରୁ ଛଟେଇ କର୍ମଚାରୀ ସଂଘ ତରଫରୁ ବିଭିନ୍ନ ସମୟରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଆସୁଛି। ଏଣୁ ଛଟେଇ କର୍ମଚାରୀ କର୍ମସଂସ୍ଥାନ ପାଇବା ଆଶା ସହ ପୂର୍ବ ବକେୟା ପ୍ରାପ୍ୟ ମଧ୍ୟ ପାଇବାକୁ ଆଶା ବାନ୍ଧିଛନ୍ତି। ଉପମୁଖ୍ୟମନ୍ତ୍ରୀ ସେମାନଙ୍କ ସହ କଥା ହୋଇଥିଲେ। ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କୁ ଏହି ସମସ୍ୟାର ସମାଧାନ ଲାଗି ସେ ନିର୍ଦ୍ଦେଶ ଦେଇଥିବା ବିକ୍ଷୋଭକାରୀଙ୍କୁ କହିଥିଲେ। ସମସ୍ୟା ଉପରେ ଶିଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେବା ପରେ କର୍ମଚାରୀ ସଂଘର ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଆଖୁଚାଷୀଙ୍କୁ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଜରୁରି

ଚିନିକଳ ପୁନଃ ଚାଲୁ କଲେ ପ୍ରଥମେ କଞ୍ଚା ମାଲ୍ ଆବଶ୍ୟକ। ଏଣୁ ଦୀର୍ଘ ୧୨ ବର୍ଷ ହେଲା ବନ୍ଦ ପଡ଼ିଥିବା ଚିନିକଳକୁ ଚାଲୁ କରିବା ପାଇଁ ସରକାର ପ୍ରଥମେ ଜିଲ୍ଲା ତଥା ଆଖପାଖ ଜିଲ୍ଲାର ଅଗ୍ରଣୀ ଆଖୁଚାଷୀଙ୍କୁ ଚିନି ପାଇଁ ସ୍ୱତନ୍ତ୍ର ଆଖୁଚାଷ କରିବା ପାଇଁ ସମସ୍ତ ପ୍ରକାରର ପ୍ରୋତ୍ସାହନ ଦେବା ଜରୁରୀ ବୋଲି ଚାଷୀ ମହଲରେ ମତ ପ୍ରକାଶ ପାଇଛି। ଉତ୍କୃଷ୍ଟ ମାନର ଚିନି ଉତ୍ପାଦନ ପାଇଁ ସ୍ୱତନ୍ତ୍ର ଆଖୁ ଚାଷ କରାଯାଇଥାଏ।; ଯାହାକି ଏବେ ଅଞ୍ଚଳର କୌଣସୀ ଆଖୁଚାଷୀ ଆଉ ସେ ଆଖୁ ଚାଷ କରୁନାହାନ୍ତି। ଏଥିପାଇଁ ଚାଷୀଙ୍କୁ ଆବଶ୍ୟକ ଜଳସେଚନ ସୁବିଧା ସହ ପ୍ରଶିକ୍ଷଣ ଓ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଏଣୁ ପ୍ରଥମେ ଏ ଦିଗରେ ସରକାର ଯତ୍ନବାନ ହେଲେ ଚାଷୀ ଆଖୁଚାଷ ପାଇଁ ଆଗ୍ରହୀ ହେବେ ଓ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।

## ନାବାଳିକାଙ୍କୁ ଅପହରଣ, ଦୁଷ୍କର୍ମ ଅଭିଯୋଗ

କଣ୍ଟାବାଞ୍ଜି, ୨୭।୫(ସମିସ): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅପହରଣ ଏବଂ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ସିନ୍ଧେକେଲା ଥାନା ଭୁର୍ଷାଗୁଡା ଗ୍ରାମର ଏହି ନାବାଳିକା ଜଣକ ତାଙ୍କ ଘର ପଛ ପଟକୁ ଯାଇଥିବା ବେଳେ ୩ ଜଣ ବ୍ୟକ୍ତି ହଠାତ୍ ତାଙ୍କୁ ଗାଡ଼ିରେ ଅପହରଣ କରି ନେଇଥିଲେ। ଗୋଟିଏ ଦିନ ଓ ଗୋଟିଏ ରାତି ରଖି ଦୁଷ୍କର୍ମ କରିଥିଲେ। ନାବାଳିକାଙ୍କ ଚେତା ଆସିବା ପରେ ସେ ସେଠାରୁ କୌଶଳକ୍ରମେ ଘରକୁ ଫେରିଥିଲେ। ପରିବାର ଲୋକ ଘଟଣା ବିଷୟରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କୁ ଡାକ୍ତରୀମାଇନା କରାଇଛି। କିଛି ଲୋକଙ୍କୁ ଅଟକ ରଖି ପଚରାଉଚରା କରୁଛି।

- ଟିଟିଲାଗଡ଼ ମହାରାଜ ସାଗରରୁ ମୃତଦେହ ଉଦ୍ଧାର ମାମଲା

## ଅଂଶୁଘାତରୁ ମୃତ୍ୟୁ ଘଟିଥିବା ଏସ୍‌ପିଙ୍କ ସୂଚନା

ବଲାଙ୍ଗିର, ୨୭।୫(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ସହର ମହାରାଜ ସାଗରରୁ ଗତ ୨୫ ତାରିଖରେ ମିଳିଥିବା ଅଜଣା ମୃତଦେହ ବିଷୟରେ ଏସ୍‌ପି ଅଭିଳାଷ ଜି. ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ମୃତଦେହ ଉଦ୍ଧାର ହେବା ପରେ ବିଭିନ୍ନ କଥା ଆଲୋଚନା ହେଉଥିଲା। ତେବେ ତାହା କୌଣସି ଅପରାଧିକ ମୃତ୍ୟୁ ମାମଲା ହୋଇ ନ ଥିବା ଏସପି ଅଭିଳାଷ ଜି. ସ୍ପଷ୍ଟ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଥିବା ସେ କହିଛନ୍ତି। ମୁହଁରୁ ରକ୍ତ ବାହାରୁଥିବାରୁ ଲୋକଙ୍କ ମଧ୍ୟରେ ନାନା ସନ୍ଦେହ ସୃଷ୍ଟି ହୋଇଥିଲା। ତେବେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ପାଟିରୁ ରକ୍ତ ବାହାରୁଥିବା ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଘଟଣା ଦିନ ସୂଚନା ପାଇ ପୁଲିସ ପହଞ୍ଚି ତୁରନ୍ତ ଡାକ୍ତରଖାନା ନେଇଥିଲା। ଆମ୍ବୁଲାନ୍ସକୁ ଅପେକ୍ଷା ନ କରି ପୁଲିସ ଯେଉଁଭଳି ଭାବେ ମୃତଦେହ ନେଇଥିଲା ତାକୁ ନେଇ ବିଭିନ୍ନ କଥା ଆଲୋଚନା ହୋଇଥିଲା। ନିକଟରେ କାମ ଚାଲୁଥିବା ବେଳେ ସେ ସେଠାରେ ଶ୍ରମିକ ଭାବେ କାମ କରୁଥିବା, ଜେସିବି ମେସିନ ଧକ୍କାରେ ତାଙ୍କ ମୃତ୍ୟୁ ଘଟିଥିବା କିମ୍ବା କେହି ତାଙ୍କୁ ହତ୍ୟା କରିଥିବା ନେଇ ଚର୍ଚ୍ଚା ହୋଇଥିଲା।

## ପ୍ରସ୍ତାବିତ କୃଷି ମହାବିଦ୍ୟାଳୟ ପାଇଁ କ୍ଷେତ୍ର ପରିଦର୍ଶନ

ପାଟଣାଗଡ଼, ୨୭।୫ (ସମିସ): ବଲାଙ୍ଗିର ଜିଲ୍ଲାରେ ହେବାକୁ ଥିବା ପ୍ରସ୍ତାବିତ କୃଷି ମହା ବିଦ୍ୟାଳୟ ସ୍ଥାପନ ପାଇଁ ବୁଧବାର ଏକ ଟିମ୍ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କୃଷି ସଚିବ, ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ ମେହେର, ତହସିଲଦାର ରୁଦ୍ରମୋହନ ନାୟକଙ୍କ ସହ ଆନ୍ୟନ୍ୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ତେବେ ପାଟଣାଗଡ଼ ବ୍ଲକ ତମିଆଁ ଗ୍ରାମର କଳାଡୁଙ୍ଗୁରି ବାମ ପାର୍ଶ୍ୱକୁ ଯାଇଥିବା ରାସ୍ତାରେ ଏହି ପ୍ରକଳ୍ପ ଲାଗି ହାରାହାରି ୧୭୨ ଏକର ଜାଗା ଚିହ୍ନଟ ହୋଇଛି।

ବିଜେଡିର ବିକ୍ଷୋଭ ପ୍ରଦର୍ଶନ

## ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ବିରୋଧ



ପାଟଣାଗଡ଼, ୨୭।୫(ସମିସ): ସାରା ଦେଶରେ ପେଟ୍ରୋଲ, ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧିକୁ ନେଇ ବୁଧବାର ପାଟଣାଗଡ଼ ବିଜେଡି ପକ୍ଷରୁ ବିଜେପି ସରକାର ବିରୋଧରେ ପ୍ରତିବାଦ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୁଧବାର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ବିଜୁ ଯୁବ ଓ ଛାତ୍ର ଜନତାଦଳ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ବିଜେପି ସରକାର ବିରୋଧରେ ପ୍ରବଳ ନାରାବାଜି କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧିକୁ ନିନ୍ଦା କରାଯିବା ସହ ସରକାର ସିଧାସଳଖ ଲୋକଙ୍କ ପେଟରେ ଲାତ ମାରୁଥିବା କହିଥିଲେ। ବିଜେପି ଦରଦାମ ବୃଦ୍ଧିକୁ ଢାଲ କରି ସରକାରକୁ ଆସିଥିଲା; କିନ୍ତୁ ବର୍ତ୍ତମାନ ସେହି ଦଳ ଦରଦାମ ବୃଦ୍ଧି କରି ଚାଲିଛି। ଶ୍ରୀ ମେହେର ବିଜେପି ଡବଲ ଇଞ୍ଜିନ ଡବଲ ଦର ବୋଲି କଟାକ୍ଷ କରିଛନ୍ତି। ଲୋକେ ଆଗାମୀ ଦିନରେ ବିଜେପିକୁ ଉଚିତ ଜବାବ ଦେବେ ବୋଲି ଶ୍ରୀ ମେହେର କହିଥିଲେ।

## ନିଖିଳ ଓଡ଼ିଶା ବୈଶ୍ୟ ଶୁଣ୍ଡି ସମାଜର ସାଧାରଣ ପରିଷଦ ବୈଠକ



ବଲାଙ୍ଗିର, ୨୭।୫(ସମିସ): ହରିଶଙ୍କର ମନ୍ଦିର ଅତିଥି ଭବନରେ ନିଖିଳ ଓଡ଼ିଶା ବୈଶ୍ୟ ଶୁଣ୍ଡି ସମାଜ (ପଶ୍ଚିମାଞ୍ଚଳ)ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଣୁଗୋପାଳ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଘନଶ୍ୟାମ ବେହେରା, ଭାରତୀ ବେହେରା, ଯୁବରାଜ ବେହେରା, ଅମାଠୋଲା ସଭାପତି ରମେଶ ବେହେରା, ମୋହନଗିରି ସଭାପତି ମକରଧ୍ୱଜ ବେହେରା, ଲାଞ୍ଜିଗଡ଼ ସଭାପତି ଗଜେନ୍ଦ୍ର ସାହୁ, କଣ୍ଟାବାଞ୍ଜି ସଭାପତି ରାଜେନ୍ଦ୍ର ବେହେରା, ସଭାକର ବିଶୋଇ, ଅନନ୍ତ ବେହେରା, ଅନିରୁଦ୍ଧ ବେହେରା, ଜଳନ୍ଧର ବେହେରା, ଦୈତାରୀ ଚଲାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଲକ୍ଷ୍ମୀକାନ୍ତ ବେହେରା, ରାଜେନ୍ଦ୍ର ବେହେରା, କୈଳାଶ ବେହେରା, ମକାରୁ ବେହେରା, ଡୋଳାମଣି ବେହେରା, ବିରଞ୍ଚି ବେହେରା, ଗୁପ୍ତେଶ୍ୱର ବେହେରା, ସୁଦର୍ଶନ ବେହେରା, ନୀଳକଣ୍ଠ ବେହେରା, ନିରଞ୍ଜନ ବେହେରା ପ୍ରମୁଖଙ୍କୁ ନେଇ ନୂତନ କମିଟି ଗଠିତ ହୋଇଛି। ଦୈତାରୀ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଗୋକୁଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

- ସ୍ୱାସ୍ଥ୍ୟମନ୍ତ୍ରୀ ପାଇ ମଧ୍ୟ ବଲାଙ୍ଗିରବାସୀ ଚିକିତ୍ସା ସୁବିଧାରୁ ବହୁ ଦୂରରେ

## ବିବିଏମ୍‌ସିଏଚ୍‌କୁ ଅବହେଳା ନେଇ ତାତିଲେ ନରସିଂହ



ବଲାଙ୍ଗିର, ୨୭।୫(ସମିସ): ବଲାଙ୍ଗିରବାସୀଙ୍କ ବହୁଦିନର ସଂଘର୍ଷ ପରେ ଭୀମଭୋଇ ମେଡିକାଲ କଲେଜ ଆରମ୍ଭ ହୋଇଛି; କିନ୍ତୁ ଆଜି ପର୍ଯ୍ୟନ୍ତ ସ୍ଥିତିରେ କୌଣସି ସୁଧାର ଆସିନାହିଁ। ଏହା ଏକ ରେଫରାଲ ସେଣ୍ଟର ଭାବେ କୁଖ୍ୟାତି ପାଇଲାଣି। ଅନେକ ବିଭାଗରେ ଅନେକ ପଦବୀ ଖାଲି ପଡ଼ିଛି। ବିନା ପାରାମେଡିକାଲ ଷ୍ଟାଫରେ ମେଡିକାଲ କଲେଜ ଓ ହସପିଟାଲ ଚାଲିବା ଅସମ୍ଭବ। ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏହି ପ୍ରତିକ୍ରିୟା ରଖିଛନ୍ତି। ବୁଧବାର ସେ ଡିନ୍ ଡା. ସ୍ୱର୍ଣ୍ଣପ୍ରଭା ପ୍ରଧାନଙ୍କୁ ଭେଟି ଏହି ସବୁ ସମସ୍ୟା ନେଇ ଆଲୋଚନା କରିଛନ୍ତି। ହୃଦ୍‌ରୋଗ ବିଶେଷଜ୍ଞ ନିଯୁକ୍ତ ନ ହେବା, ଖାଲି ଥିବା ୨୦୨ ପାରା ମେଡିକାଲ ପଦବୀ ପୂରଣ ନ ହେବା, ଟ୍ରମା କେୟାରରେ ୧୯ଟି ପଦବୀରୁ ସମ୍ପୂର୍ଣ୍ଣ ଖାଲି ନେଇ ନରସିଂହ କ୍ଷୋଭ ପ୍ରକାଶ କରିଥିଲେ। ସିଟି ସ୍କାନ ଓ ଏମ୍‌ଆରଆଇ ମେସିନ ନ ଥିବା, ରକ୍ତ ଭଣ୍ଡାର ଖୋଲା ନ ଯିବା, ବିଭିନ୍ନ ବିଭାଗର ସିନିୟର ରେସିଡେନ୍ସ ଡକ୍ଟର, ଜୁନିୟର ରେସିଡେନ୍ସ ଡକ୍ଟର ପଦବୀ ମଧ୍ୟ ଅନେକ ଖାଲି ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଦୀପ ତଳ ଅନ୍ଧାର ପରି ସ୍ୱାସ୍ଥ୍ୟମନ୍ତ୍ରୀ ପାଇ ମଧ୍ୟ ଆଜି ବଲାଙ୍ଗିର ଜିଲ୍ଲାବାସୀ ସ୍ୱାସ୍ଥ୍ୟସେବା ସୁବିଧାରୁ ବହୁ ଦୂରରେ ବୋଲି ନରସିଂହ କହିଥିଲେ। ଏହି ସବୁ ସମସ୍ୟାର ସମାଧାନ ନ କଲେ ସେ ଆନ୍ଦୋଳନ ଲାଗି ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଆଲୋଚନା ବେଳେ କଂଗ୍ରେସ ନେତା ମନୀଷ ମିଶ୍ର, ହିମାଂଶୁ ନାୟକ, ଜୁଲୁ ପଟ୍ଟନାୟକ, ସାନନ୍ଦ ମିଶ୍ର, ସମୀର କୁମ୍ଭାର, କୈଳାସ ମିଶ୍ର, ରବୀନ୍ଦ୍ର ଖମାରି ଏବଂ ଭୀମଭୋଇ ମେଡିକାଲ କଲେଜର ବିଭିନ୍ନ ବିଭାଗର ଏଚ୍‌ଓଡି ଓ ହସ୍‌ପିଟାଲ ମ୍ୟାନେଜର ଉପସ୍ଥିତ ଥିଲେ।

- ବିନା ପାରା ମେଡିକାଲ ଷ୍ଟାଫ୍‌ରେ ଚାଲିଛି ମେଡିକାଲ କଲେଜ
- ସିଟି ସ୍କାନ, ଏମ୍‌ଆରଆଇ ମେସିନ, ସ୍ୱତନ୍ତ୍ର ରକ୍ତ ଭଣ୍ଡାର ନାହିଁ

ବଡ଼ବାଙ୍କି ପଞ୍ଚାୟତ

## ମାସକରେ ଫାଟିଗଲା କଂକ୍ରିଟ୍ ରାସ୍ତା




ତୁରେକେଲା, ୨୭।୫(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଏବେ ଦୁର୍ନୀତି ଗନ୍ତାଘର ପାଲଟିଛି। କିଛି କୁଜି ନେତା ସରକାରୀ ଅଧିକାରୀଙ୍କୁ ଅକ୍ତିଆରରେ ରଖି ନିମ୍ନମାନର କାମ କରୁଛନ୍ତି। ଏହାଫଳରେ ମିଳିମିଶି ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହେଉଛି। ବଡ଼ବାଙ୍କିରୁ ଏଭଳି ଏକ ଦୁର୍ନୀତିର ଚିତ୍ର ସାମ୍ନାକୁ ଆସିଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପାଣ୍ଠିରୁ ୨୦୨୪-୨୫ ଆର୍ଥିକ ବର୍ଷରେ ବଡବାଙ୍କି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରୁ ମନ୍ଦିର ଛକ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ୭ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା।



ତୁରେକେଲା ପଞ୍ଚାୟତ ସମିତି ପକ୍ଷରୁ ଏହି କାମ କରାଯାଇଛି। ୨୦୨୬ ଏପ୍ରିଲ ୨୩ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମାତ୍ର ମାସକରେ ଏହି ରାସ୍ତା ଫାଟି ଯାଇଛି। ଏଣୁ ନିମ୍ନମାନର କାମ ହୋଇଥିବା ଏହା ସ୍ପଷ୍ଟ କରୁଛି। ଅନ୍ୟପକ୍ଷେ ଏହି ରାସ୍ତାର ସ୍ଥାୟିତ୍ୱକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଦାୟିତ୍ୱରେ ଥିବା ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅତି ନିମ୍ନମାନର କାମ କରାଯାଇଛି। ଗୋଟିଏ ପଟେ ପଶ୍ଚିମ ଓଡ଼ିଶାରେ ଗ୍ରାମାଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଉଛି। ସରକାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରି କୋଟି କୋଟି ଟଙ୍କା ଅନୁଦାନ ଦେଉଛନ୍ତି; ହେଲେ ବିକାଶ ବଦଳରେ ନିମ୍ନମାନର କାମ କରି ଠିକାଦାର ପୋଷା ଚାଲାଛି। ତୁରେକେଲା ବ୍ଲକରେ ଚାଲିଥିବା ଦୁର୍ନୀତିକୁ ନେଇ କୌଣସି ଲୋକ ସ୍ୱର ଉତ୍ତୋଳନ କଲେ ରାଜନୈତିକ ଚାପ ପ୍ରୟୋଗ କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ତେବେ ତୁରେକେଲା ବ୍ଲକ ମୁଖିଆ ଚାଲିଥିବା ବ୍ୟାପକ ଦୁର୍ନୀତି ପ୍ରତି ଅବଗତ ଥିଲେ ମଧ୍ୟ କାହା ଚାପରେ ଚୁପ୍ ରହିଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି।

## ବଦଳିବ ବଲାଙ୍ଗିର ଟାଉନ୍ ହଲ୍ ଭାଗ୍ୟ

ବଲାଙ୍ଗିର, ୨୭।୫(ସମିସ)



- ପୌରାଧ୍ୟକ୍ଷାଙ୍କୁ ଭେଟିଲେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା
- ଜୁନ୍‌ରୁ କାମ ଆରମ୍ଭ ହେବ, ଅଗଷ୍ଟରେ ଉଦ୍‌ଘାଟନ ପାଇଁ ପ୍ରତିଶ୍ରୁତି

ବଲାଙ୍ଗିର ସହରର ସାଂସ୍କୃତିକ ପ୍ରାଣକେନ୍ଦ୍ର କୁହାଯାଉଥିବା ଏକମାତ୍ର ଟାଉନ୍ ହଲ୍‌ର ପୁନରୁଦ୍ଧାର ପାଇଁ ଶେଷରେ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। ଦୀର୍ଘ ୩ ବର୍ଷରୁ ଅଧିକ ସମୟ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ଏହି ଐତିହ୍ୟ ସମ୍ପନ୍ନ ଗୃହର ଭାଗ୍ୟ ବଦଳିବାକୁ ଯାଉଛି। ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କରାଯାଇଥିବା ଦୃଢ ଦାବି ଏବଂ ଆନ୍ଦୋଳନର ଚେତାବନୀ ପରେ ପୌର ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଜୁନ୍‌ରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ। ଅଗଷ୍ଟ ଶେଷ ସୁଦ୍ଧା ଏହା ଉଦ୍‌ଘାଟନ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ ସ୍ପଷ୍ଟ ପ୍ରତିଶ୍ରୁତି ମିଳିଛି। ସହର ମଧ୍ୟଭାଗରେ ଥିବା ଏହି ଏକମାତ୍ର ସାଂସ୍କୃତିକ ଗୃହଟିର ଦୁରାବସ୍ଥା ଯୋଗୁଁ ଦୀର୍ଘ ଦିନ ହେବ ସହରରେ କୌଣସି ବଡ଼ ଧରଣର ସଭାସମିତି ବା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରୁ ନ ଥିଲା। ସରକାରଙ୍କ ପକ୍ଷରୁ ଅନୁଦାନ ମିଳିଥିବା ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ସରିଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ କାର୍ଯ୍ୟ ଆରମ୍ଭ ହେବାରେ ବିଳମ୍ବ ହେଉଥିଲା। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଗୋବିନ୍ଦ ଚନ୍ଦ୍ର ଶତପଥୀ, ଉତ୍ତମ ନନ୍ଦ, ରବୀନ୍ଦ୍ର ପ୍ରଧାନ, ଦେବରାଜ ନାଗ, ସରୋଜ ଜାଲ, ପ୍ରଦୀପ ଯୁଏଡ ଓ ଶିବ ବେହେରା ପ୍ରମୁଖ ବଲାଙ୍ଗିର ପୌର ପରିଷଦର ପୌରାଧ୍ୟକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସଂଗଠନ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଥିଲା ଯେ, ଯଦି ତୁରନ୍ତ କାର୍ଯ୍ୟ ଆରମ୍ଭ ନ ହୁଏ ତେବେ ସହରବାସୀ ଗଣତାନ୍ତ୍ରିକ ପନ୍ଥାରେ ବଡ଼ ଧରଣର ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ଦାବିପତ୍ର ଗ୍ରହଣ କରିବା ପରେ ପୌରାଧ୍ୟକ୍ଷା ସଂଗଠନର ସଦସ୍ୟମାନଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ସହରବାସୀଙ୍କ ଭାବନାକୁ ସମ୍ମାନ ଜଣାଇ ସେ କହିଛନ୍ତି ଯେ, ଜୁନ୍ ମଧ୍ୟରେ ଟାଉନ୍ ହଲ୍‌ର ପୁନରୁଦ୍ଧାର କାର୍ଯ୍ୟ ନିଶ୍ଚିତ ଭାବେ ଆରମ୍ଭ କରାଯିବ। ଠିକ୍ ୩ ମାସ ମଧ୍ୟରେ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ। ପୌର ପରିଷଦର ନିର୍ବାହୀ ଅଧିକାରୀ ମଧ୍ୟ ଏହି ପ୍ରକଳ୍ପକୁ ଗୁରୁତର ସହ ନେଇ ଅଗଷ୍ଟ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରି ଏହାକୁ ଉଦ୍‌ଘାଟନ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୌର ପ୍ରଶାସନର ଏହି ସକାରାନକ ପ୍ରତିଶ୍ରୁତି ପରେ ସହରର ବୁଦ୍ଧିଜୀବୀ ଓ କଳାକାର ମହଲରେ ଖୁସିର ଲହରି ଖେଳିଯାଇଛି। ଏବେ ସମସ୍ତଙ୍କ ନଜର ପ୍ରଶାସନର କାର୍ଯ୍ୟକାରିତା ଉପରେ ରହିଛି।

## ଓଏସ୍ଆରଟିସି ଜେନେରାଲ ମ୍ୟାନେଜରଙ୍କ ଜୟପୁର ଗସ୍ତ

# ଜୟପୁର ଡିପୋରୁ ଗଡ଼ିବ ୫୦ ଇ-ବସ୍

ଜୟପୁର, ୨୭ ।୫(ସମିସ):



ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି)ର କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଡିପୋକୁ ଆଜି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ତଥା ଓଏସଆରଟିସିର ସାଧାରଣ ପରିଚାଳକ (ଜିଏମ) ସଞ୍ଜିବ ବିଶ୍ୱାଳ ଆସିଥିବା ବେଳେ ବସ୍ଷ୍ଟାଣ୍ଡ ପରିଦର୍ଶନ କରିବା ବେଳେ ବସ୍ଷ୍ଟାଣ୍ଡର ନିର୍ମାଣ ଓ ମରାମତି କାର୍ଯ୍ୟର ତଦାରଖ କରିଥିଲେ। ଜୟପୁର ବସଷ୍ଟାଣ୍ଡର ଆଧୁନିକ ବସଷ୍ଟାଣ୍ଡ ଭାବେ ବିକାଶ କରାଯିବା ସହିତ ପୁରାତନ ତଥା କାର୍ଯ୍ୟକ୍ଷମ ହେଉନଥିବା ୨୪ଟି ବସକୁ ଆସନ୍ତା ଏକ ମାସ ମଧ୍ୟରେ ସ୍କ୍ରାପ୍ କରାଯାଇ ବିକ୍ରି କରାଯିବ। ସେହିପରି ଅବିଭକ୍ତ କୋରାପୁଟ ଜିଲ୍ଲା ମଧ୍ୟରେ ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ ଯୋଜନାରେ ୫୦ଟି ବ୍ୟାଟେରୀ ଚାଳିତ ବସ ଚଳାଚଳ କରିବ। ସେଥିପାଇଁ ଉକ୍ତ ବସ ଗୁଡିକର ଚାର୍ଜିଂ ପାଇଁ ବିଦ୍ୟୁତ ଟ୍ରାନ୍ସଫରମ ସ୍ଥାପନା ସହିତ ସବ୍ଷ୍ଟେସନର ଆବଶ୍ୟକତା ରହିଛି, ତେଣୁ ଆସନ୍ତା ୬ ମାସ ମଧ୍ୟରେ ବସଷ୍ଟାଣ୍ଡ ଭିତରେ ସବଷ୍ଟେସନ ନିର୍ମାଣ କରାଯିବ। ଇ-ବସ ଗୁଡିକ ଗୋଟିଏ ଥର ଚାର୍ଜିଂ କରାଗଲେ ଦୀର୍ଘ ୨୦୦ କିଲୋମିଟର ଯାତାୟାତ କରିବ। ତେଣୁ ଜୟପୁର ଅବିଭକ୍ତ କୋରାପୁଟ ଜିଲ୍ଲାର କେନ୍ଦ୍ରୀୟ ସହର ହୋଇଥିବା ଯୋଗୁଁ ୨୦୦ କିଲୋମିଟର ପରିଧିରେ ଇ-ବସ ଗୁଡିକ ଯାତାୟାତ ସୁବିଧାରେ କରିପାରିବ। ଆନ୍ତଃରାଜ୍ୟ ବସ ସେବା ବର୍ତ୍ତମାନ ଓଏସଆରଟିସି ପକ୍ଷରୁ ଜୟପୁରୁ ଡିପୋରୁ ପଡୋଶୀ ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଛତିଶଗଡକୁ ଭଲ୍ଭୋ ଏବଂ ଅନ୍ୟାନ୍ୟ ବସ ଚଳାଚଳ କରୁଛି। ଏହି ଆନ୍ତଃରାଜ୍ୟ ବସ ଚଳାଚଳକୁ ବୃଦ୍ଧି କରାଯିବ ଏବଂ ସେଥିପାଇଁ ଅଧିକ ବସ୍ ଜୟପୁର ଡିପୋକୁ ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ବସ୍ ଯୋଜନାରେ କୋରାପୁଟ ଜିଲ୍ଲାର ସମୁଦାୟ ୧୪୪ଟି ଗ୍ରାମପଞ୍ଚାୟତ ମଧ୍ୟରୁ କେବଳ ୬ଟି ପଞ୍ଚାୟତର ସଦରକୁ ଏହି ବସ ଚଳାଚଳ ହେଉନାହିଁ। ଆସନ୍ତା ୨ ମାସ ମଧ୍ୟରେ କୋରାପୁଟ ଜିଲ୍ଲାକୁ ଏହି ଯୋଜନାରେ ୧୦ଟି ବସ ପ୍ରଦାନ କରାଯିବ। ଫଳରେ ସମସ୍ତ ପଞ୍ଚାୟତ ସଦର ମହକୁମାରୁ ଜିଲ୍ଲା ସଦର ମହକୁମା ବସ ଚଳାଚଳ ସଂଯୋଗୀକରଣ ହୋଇପାରିବ। ସେହିପରି ବସ୍ ଚଳାଚଳ ନେଇ ରାସ୍ତା ଘାଟର ନିର୍ମାଣ ଓ ମରାମତି ନେଇ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯିବ। ସେହିପରି ଜୟପୁର ବସଷ୍ଟାଣ୍ଡର ବସଗୁଡିକର ସଫେଇ ପାଇଁ ଏକ ଅଟୋମେଟିକ ପ୍ଲାଣ୍ଟ ସ୍ଥାପନା କରାଯିବ। ଏଥିରେ କୌଣସି ଲୋକଙ୍କ ଆବଶ୍ୟକ ନଥିବା ବଳେ ଅଳ୍ପ ପାଣିରେ ବସ ଗୁଡିକ ଧୂଆଯିବ। ପୂର୍ବରୁ ଗୋଟିଏ ବସ ଧୂଆଯିବା ପାଇଁ ଗୋଟିଏ ଡ୍ରମ ପାଣି ଲାଗୁଥିଲା। କିନ୍ତୁ ଏହି ପ୍ଲାଣ୍ଟରେ ଗୋଟିଏ ଡ୍ରମରେ ୩୦ଟି ବସ ଧୂଆ ଯାଇ ପାରିବ। ଏହା ପୂର୍ବରୁ ବସ୍ ଧୂଆ ହେବା ପରେ ପାଣ ଡ୍ରେନକୁ ଚାଲିଯାଉଥିଲା। କିନ୍ତୁ ବର୍ତ୍ତମାନ ଉକ୍ତ ଧୂଆ ପାଣିକୁ ଅଟୋମେଟିକ ମେସିନ ସହାୟତରେ ଟ୍ରିଟମେଣ୍ଟ କରାଯାଇ ପୁଣି ବସ ଧୂଆ ପାଇଁ ବ୍ୟବହାର କରାଯାଇ ପାରିବ। ଫଳରେ ଅଳ୍ପ ପାଣିରେ ଅଧିକ ସଂଖ୍ୟକ ବସ୍ ଧୂଆ ଯାଇ ଜଳ ସଂରକ୍ଷଣ କରାଯାଇପାରି ବୋଲି ଜିଏମ ଶ୍ରୀ ବିଶ୍ୱାଳ ପ୍ରକାଶ କହିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ




କାଲିମେଳା, ୨୭।୫(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଏମଭି-୬୬ ଅଞ୍ଚଳରେ କାଲିମେଳା ପୁଲିସ୍ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ୬୫୦ କିଲୋ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ସାରିଗାଟା ଗ୍ରାମର ଅବସ୍କଣ୍ଡର ନାଗେଶ ସିରୁଗୁରୁ (୩୦) ବୋଲି ପୁଲିସ ସୂଚନା ଦେଇଛନ୍ତି। ସୂଚନା ମୁତାବକ ଏମଭି -୬୬ ଅଞ୍ଚଳରେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଦେହ ଜଣକ ଭାବେ ଯାଞ୍ଚ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲେ। ଏହାସହ ଅଭିଯୁକ୍ତଙ୍କ ଠାରୁ ଏକ କଳା ରଙ୍ଗର ବଜାଜ ପଲସର ବାଇକ୍ ଜବତ କରିଛି ପୁଲିସ। ଏନେଇ କାଲିମେଳା ଥାନା କେସ୍ ନମ୍ବର ୧୨୩/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ।

## ଜିଲ୍ଲା ବିଜେପିର ପ୍ରଶିକ୍ଷଣ ମହାସଭା



ରାୟଗଡ଼,୨୭।୫(ସମିସ): ରାୟଗଡ଼ ଜିଲ୍ଲା ବିଜେପିର ଦୁଇ ଦିନିଆ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାସଭା ଆଜିଠୁ ଆରମ୍ଭ ହୋଇଛି। ରାୟଗଡ଼ା ସହରର ବିଜୁ ପଟ୍ଟନାୟକ ଅଡିଟୋରିଅମ ଠାରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ସଭାପତି ଗୋପୀ ଆନନ୍ଦ ସଭାପତିତ୍ୱରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ବିଜେପି ଉପ ସଭାପତି ରମେଶ ଚନ୍ଦ୍ର ସାହୁ, ବିଜେପି ସାଂସଦ ପ୍ରାର୍ଥୀ କାଳୀରାମ ମାଝୀ, ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ କୋରଡ଼ା ରଞ୍ଜୀତା, ଜିଲ୍ଲା ସମ୍ପାଦକ ଦେବାଶିଷ ପଣ୍ଡା, ସାଧାରଣ ସମ୍ପାଦକ ପୃଥିବୀ ରାଜ ଧନପତି, ପୂର୍ବତନ ଜିଲ୍ଲା ସଭାପତି ଶିବ ପଟ୍ଟନାୟକ, ଶିବ ଶଙ୍କର ଉଲାକା ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡ଼ା ଜିଲ୍ଲାରେ ବିଜେପିର ସାଙ୍ଗଠନିକ ଶକ୍ତିର ଅଭିବୃଦ୍ଧି ନେଇ ଏହି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକ୍ ଓ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ଏହି ପ୍ରଶିକ୍ଷଣରେ ଯୋଗଦାନ କରିଛନ୍ତି।

## ବିଲୁପ୍ତ ହେଲାଣି କମାର ଶାଳ, ଚିନ୍ତାରେ ପାରମ୍ପରିକ କାରିଗର

ଉମରକୋଟ,୨୭।୫(ସମିସ):



ଯୁଗ ପରିବର୍ତ୍ତନ ସହ ପରିବର୍ତ୍ତନ ହେବାରେ ଲାଗିଛି କିଛି ପାରମ୍ପରିକ ଜୀବିକା। ଯାହା ଫଳରେ ଆଜି ଅନେକ କୌଳିକ ବୃତ୍ତି ହଜିଯିବାକୁ ବସି ଲାଣି ।ଅନ୍ୟସବୁ କୌଳିକ ବୃତ୍ତି ପରି କମାର ପରିବାର ଏବେ ଚିନ୍ତାରେ । ତେଣୁ ଜୀବନ ଜୀବିକାକୁ ନେଇ ସୃଷ୍ଟି ହେଇଛି ପ୍ରଶ୍ନବାଚୀ। ଚାଷୀ ମାନେ ତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଲୁହାର କୋଦାଳ, ଲଙ୍ଗଳ, ଶଗଡ଼ ବଳା, ଟାଙ୍ଗିଆ, ଧାନକଟା ଦାଆ ଆଉ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ପନିକି, ତୁଆ, ଲୁହା ଖଡିକା, ଚଟୁ ଓ ଛୁରୀ ଆଦି କମାର ମାନେ ତିଆରି କରି ବଜାରରେ ବିକ୍ରୀ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଏକ ବ୍ୟବସାୟୀକ ପେଣ୍ଠସ୍ଥଳୀ ତଥା କୃଷିଭିତ୍ତିକ ସହର। ଉମରକୋଟ ସହର ଠାରେ ବିଭିନ୍ନ ବର୍ଗର ଜନଜାତି ବସବାସ କରିଥାନ୍ତି। ଉମରକୋଟ ସହରର ବିଭିନ୍ନ ପଞ୍ଚାୟତ ବା ଗ୍ରାମ ଠାରେ ବିଭିନ୍ନ ସମୟରେ ଜାନୀ ଯାତ୍ରା ସହ ହାଟ ବଜାର ହୋଇଥାଏ। ଉମରକୋଟ ବ୍ଲକର ବିଭିନ୍ନ ଗ୍ରାମରେ ହେଉଥିବା ହାଟ ବଜାର ଠାରେ ବିଭିନ୍ନ ପ୍ରକାରର ଜଙ୍ଗଲ ଜାତ ଦ୍ରବ୍ୟ ସହ ବିଭିନ୍ନ ପ୍ରକାରର କୃଷିଭିତ୍ତିକ ଓ ସାମଗ୍ରୀ ମିଳିଥାଏ। ଉମରକୋଟ ସହର ହେଉଛି କୃଷିଭିତ୍ତିକ ସହର । ଏଠାକାର ଆଦିବାସୀ ମାନେ ବର୍ଷ ସାରା ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟକୁ ସଂଗ୍ରହ କରି ହାଟ ବଜାରରେ ବିକ୍ରି କରିଥାନ୍ତି। ସେଭଳି ନବରଙ୍ଗପୁର ଜିଲ୍ଲା ଠାରେ ସମସ୍ତ ପ୍ରକାରର ଚାଷ ହେଉଥିବା ବେଳେ ଚାଷକାର୍ଯ୍ୟରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ମଧ୍ୟ ବିକ୍ରି ହୋଇଥାଏ। ଏସବୁ ଯନ୍ତ୍ରପାତି କମାର ବହୁ କଷ୍ଟରେ ତିଆରି କରି ହାଟ ବା ବଜାର ଠାରେ ବିକ୍ରି କରି ସେହି ଦି ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ବୁଦ୍ଧିଜୀବୀଙ୍କ ମତରେ ଏଗୁଡିକୁ ମରଣାସ୍ତ୍ର ନୁହେଁ, ଏ ହେଉଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ। ଏହା ସମାଜରେ ନିହାତି ଦରକାରୀ ଅଟେ । କିନ୍ତୁ ଏହି ଯନ୍ତ୍ରପାତୀ ପ୍ରତ୍ୟେକ ଚାଷୀ, ସାଧାରଣ ଲୋକଙ୍କ ଘରେ ଦେଖାଯାଉଛି। କେଉଁ ଆବାହନ କାଳରୁ ଏହି କୌଳିକ ବୃତ୍ତି ଚାଲି ଆସୁଥିଲା। ଏବେ ଆଉ ଗାଁ ଗହଳିରେ କମାର ଶାଳ ଦେଖିବାକୁ ମିଳୁନାହିଁ କି କମାର ଶାଳରୁ ଶୁଭୁନାହିଁ ଟନ ଟନ ଶବ୍ଦ। ଆଜି ବିଜ୍ଞାନ ଯୁଗରେ ମେସିନ ତିଆରି ଜିନିଷ ପତ୍ରର ଲୋକପ୍ରିୟତା ଦିନକୁ ଦିନ ବଢିବାରେ ଲାଗିଛି। ଯାହାଫଳରେ ପୂର୍ବପୁରୁଷ ଧରି ଏହିକାମ କରି ଆସୁଥିବା କମାର ମାନଙ୍କ କାମ କମି କମି ଆସୁଛି। ବିଲୁପ୍ତ ହେବାକୁ ବସିଥିବା କମାର ଶାଳର କାରିଗର ମାନଙ୍କୁ ପ୍ରୋତ୍ସାହନ ଦେଇ ସରକାର ଏହି କଳାକୁ ବଞ୍ଚାଇ ନ ରଖିଲେ ଆଗାମୀ ଦିନରେ କମାର ଶାଳ ଇତିହାସ ପୃଷ୍ଠାରେ ସାମିଲ ହୋଇ ରହିଯିବ ବୋଲି କୁହାଯାଉଛି।

## କାଜୁ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ



ସୁନାବେଡା,୨୭।୫(ସମିସ); ବୁଧବାର ସକାଳ ସାଢେ ୫ଟା ସମୟରେ ଗୋଟିଏ କାଜୁ ବୋଝେଇ ଟ୍ରକ ବିଶାଖାପାଟଣାରୁ ଜୟପୁର ଯିବା ସମୟରେ ସୁନାବେଡ଼ା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖ ୨୬ ନଂ ଜାତୀୟ ରାଜପଥରେ ଆଉ ଗୋଟିଏ ୧୪ ଚକିଆ ଟ୍ରକ ସମ୍ମୁଖରୁ ଧକ୍କା ଦେଇଥିଲା। କାଜୁ ବୋଝେଇ ଟ୍ରକଟି ଏଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଲାଗିଥିବା ନାମ ଫଳକ ସହିତ ଧକ୍କା ହୋଇଛି। ଟ୍ରକ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି।

## ଶ୍ୱେତ ସୁବର୍ଣ୍ଣ କ୍ଷେତ୍ରରେ ରଥଯାତ୍ରା ପ୍ରସ୍ତୁତି



ଦାମନଯୋଡ଼ି/କୋରାପୁଟ ,୨୭।୫(ସମିସ) : ଆଗାମୀ ଶ୍ରୀଗୁଣ୍ଡିଚା ରଥଯାତ୍ରା ନିମନ୍ତେ ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ଦାମନଯୋଡ଼ିର ନାଲ୍କୋ ଟାଉନ୍‌ସିପ ଶ୍ରୀଜଗନ୍ନାଥ ମନ୍ଦିରରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର କମିଟି ସଭାପତି ତଥା ନାଲ୍କୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରଥଯାତ୍ରା ପ୍ରସ୍ତୁତି ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି। ରଥ ପ୍ରସ୍ତୁତି, ସ୍ନାନ ପୂର୍ଣ୍ଣିମା ପୂଜାନୀତି, ଶୃଙ୍ଖଳିତ ରଥଯାତ୍ରା ଓ ନୀତି ନିର୍ଘଣ୍ଟ ଆଦି ପାଇଁ ବିଭିନ୍ନ ସବ୍ କମିଟି ଗଠିତ ହୋଇଥିଲା। ଡ. ଅଶୋକ କୁମାର ମହାନ୍ତିଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସଂପାଦକ କୈଳାସ ସେନାପତି, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାରଣା, ଯୁଗ୍ମସଂପାଦକ ତ୍ରିଲୋଚନ ଚୌଧୁରୀଙ୍କ ସହିତ ସଦସ୍ୟ ଦୀନେଶ ପଟ୍ଟନାୟକ, ଶିଶିର ପରିଡ଼ା, ପ୍ରଫୁଲ୍ଲ କୁମାର ମୁନି, ରଞ୍ଜନ କୁମାର ବେହେରା, ହରେନ୍ଦ୍ର ନାଥ ଗିରି, ନକୁଳ ଚରଣ ପତି, ବିମଳ ନାୟକ, ସଞ୍ଜୟ କୁମାର ସାହୁ, ମୂରଲୀଧର ଦାସ, ଶୁଭ୍ରକାନ୍ତ ସାହୁ, ଚନ୍ଦ୍ରକାନ୍ତ କର, ସଦାଶିବ ବେହେରା, ଖଦାଳ ନାୟକ ଓ ଆର.ଏନ.ମୁଦୁଲି, ସୁଶାନ୍ତ କୁମାର ଦାଶ, ଜଳେନ୍ଦ୍ର ତ୍ରିପାଠୀ, ସନ୍ତୋଷ କୁମାର ପଣ୍ଡା, ସନ୍ତୋଷ କୁମାର ଦାସ, ସୁଶାନ୍ତ କୁମାର ବେହେରା, କିରଣ ମହାନ୍ତି ଓ ବିଜୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

ଗୁଣୁପୁର, ୨୭।୫(ସମିସ): ରାୟଗଡ଼ ଜିଲ୍ଲା ଗୁଣୁପୁର ସହର ଜଗନ୍ନାଥନଗର ସ୍ଥିତ ଏକ ଅଙ୍ଗନବାଡି କେନ୍ଦ୍ର ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବେବର୍ତା ଢେପସାହିର ସନ୍ତୋଷ ବାଉରୀ (୪୦)। ଖବର ପାଇ ଗୁଣୁପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତେବେ ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହୋଇନଥିବା ବେଳେ ପ୍ରାଥମିକ ଭାବେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ସନ୍ତୋଷ ବାଉରୀଙ୍କ ସ୍ୱାସ୍ଥ୍ୟ ଦୀର୍ଘ ଦିନ ଧରି ଠିକ୍ ରହୁନଥିଲା। ଏହି କାରଣରୁ ମୃତ୍ୟୁ ହୋଇଥିବା ସନ୍ଦେହ କରି ସେମାନେ ଶବ ବ୍ୟବଚ୍ଛେଦ ନ କରିବା ପାଇଁ ପୁଲିସ୍‌କୁ ଲିଖିତ ଭାବେ ଜଣାଇଥିଲେ। ପରେ ପୁଲିସ ପରିବାରକୁ ମୃତଦେହ ହସ୍ତାନ୍ତର କରିଥିବା ଗୁଣୁପୁର ଆଇଆଇସି କେ.କେ. ବି.କେ କଅଁର ସୂଚନା ଦେଇଛନ୍ତି।

● କାଶୀପୁରରେ ବିକାଶର ବିକଳ ଚିତ୍ର

## ଖଟିଆରେ ୩ କିଲୋମିଟର ବୁହାହେଲେ ଗର୍ଭବତୀ



କାଶୀପୁର, ୨୭।୫(ସମିସ) ପୁଣି ଜନନୀ ଯନ୍ତ୍ରଣା। ପକ୍କା ରାସ୍ତା ନ ଥିବାରୁ ଖଟିଆରେ ବୁହା ହେଲେ ଗର୍ଭବତୀ। ରାୟଗଡା ଜିଲ୍ଲା କାଶୀପୁର ବ୍ଲକରୁ ପୁଣି ସାମ୍ନାକୁ ଆସିଲା ବିକାଶର ବିକଳ ଚିତ୍ର। କାଶୀପୁର ବ୍ଲକ କୋଡିପାରି ପଞ୍ଚାୟତ ଅନ୍ତର୍ଗତ ଅଡଜାଲର ଗର୍ଭବତୀ ମହିଳାଙ୍କୁ ବିପଦସଙ୍କୁଳ ଅବସ୍ଥାରେ ଖଟିଆରେ ବୋହି ପାହାଡିଆ ପଥୁରିଆ ରାସ୍ତାରେ ନଦୀ ପାର କରି ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ନେଲେ ପରିବାର ଲୋକେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ଅଡଜାଲ ଗ୍ରାମର ଜମାଧାର ମାଝୀଙ୍କ ସ୍ତ୍ରୀ ଫଗୁନଦେଇ ମାଝୀ ପ୍ରସବଜନିତ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ପରିବାର ଲୋକେ ଫଗୁନଦେଇ ମାଝୀଙ୍କୁ ଖଟିଆରେ ବୋହି ପ୍ରାୟ ୩ କିଲୋମିଟର ଦୂର ପାହାଡିଆ ପଥୁରିଆ ରାସ୍ତାରେ ନଦୀ ପାର କରି ଦୁଡିଘାଟ ଛକ ନିକଟକୁ ଆଣିଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କାଶୀପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଓସିଏସ୍ ପରୀକ୍ଷାରେ ମାଲକାନଗିରି ଛାତ୍ରୀଙ୍କ ସଫଳତା

ମାଲକାନଗିର,୨୭।୫(ସମିସ): ଓଡିଶା ସିଭିଲ ସର୍ଭିସ ପରୀକ୍ଷା ୨୦୨୪ ପରୀକ୍ଷାରେ ମାଲକାନଗିରିର ଛାତ୍ରୀ ଓଡିଶା ପ୍ରଶାସନିକ ସେବାରେ ୫୭ ର୍‍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଯାହା ମାଲକାନଗିରି ଜିଲ୍ଲା ପାଇଁ ଗୌରବ ଆଣିଦେଇଛି। ମାଲକାନଗିରି ସଦର ବ୍ଲକ ସତୀଗୁଡା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶିକ୍ଷୟିତ୍ରୀ ସରିତା ଲେଙ୍କାଙ୍କ କନ୍ୟା ଇପ୍ସିତା ବିଶ୍ୱାଳ ୨୦୨୪ ମସିହାରେ ଓଡ଼ିଶା ପ୍ରଶାସନିକ ସେବା ନିମନ୍ତେ ପରୀକ୍ଷା ଦେଇଥିଲେ।



ଇପ୍ସିତା ମାଲକାନଗିରି ସଦର ମହକୁମା ଜବାହର ନବୋଦୟ ବିଦ୍ୟାଳୟ-୧ରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଅଧ୍ୟୟନ କରିବା ପରେ ଭୁବନେଶ୍ୱର ମହର୍ଷି କଲେଜ ଅଫ୍ ନେଚୁରାଲ ରେ ଉଚ୍ଚ ଶିକ୍ଷା କରିଥିଲେ। ପରେ ପରେ ସେ ସେଣ୍ଟ୍ରାଲ ୟୁନିଭରସିଟି ଅଫ୍ ପଞ୍ଜାବରେ ପିଜି କରିଥିଲେ। ତାଙ୍କ ପିତା ପ୍ରଦୀପ କୁମାର ବିଶ୍ୱାଳ ମାଲକାନଗିରି ବିଏସ୍‌ଏଫ୍ ଇନ୍ସପେକ୍ଟର୍ ଭାବେ କାର୍ଯ୍ୟରତ ଅଛନ୍ତି। ସେ ୟୁନିଅନ ପବ୍ଲିକ କମିଶନ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ଓଡିଶା ପ୍ରଶାସନିକ ସେବାରେ ନିୟୋଜିତ ହେବା ପରେ ମହିଳା, ଶିଶୁ ଓ ଆଦିବାସୀଙ୍କ ଉନ୍ନତି ପାଇଁ ଗୁରୁତ୍ୱ ଦେବି ବୋଲି ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ସ୍ପର୍ଶରେ ରାଜମିସ୍ତ୍ରୀ ମୃତ

କଲ୍ୟାଣସିଂହପୁର,୨୭।୫(ସମିସ): ଆବାସ ଘର ଛାତ ଉପରେ ରଡ୍ କାମ କରୁଥିବା ବେଳେ ହାତରେ ଧରିଥିବା ଲୁହା ରଡ଼ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲଖଣ ମାଝୀ (୩୦)। ଏହି ଅଘଟଣ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ଡଙ୍ଗାମୁଣ୍ଡି ଗାଁରେ ଘଟିଛି। ସୂଚନା ଅନୁଯାୟୀ, ଲଖଣ ମାଝୀ, ଇନ୍ଦ୍ର ମାଝୀଙ୍କ ଆବାସ ଘର ଛାତ ଉପରେ ରଡ଼ କାମ କରୁଥିବା ସମୟରେ ତାଙ୍କ ହାତରେ ଥିବା ଲୁହା ରଡ଼ ହଠାତ୍ ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ସେ



ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଭର୍ତ୍ତି କରିଥିଲେ। ହେଲେ ସେଠାରେ କାର୍ଯ୍ୟରତ ଡାକ୍ତର ପବନ କୁମାର ବଛା ତାଙ୍କୁ ମୃତ ଘୋଷଣା କରିଥିଲେ। ସକାଳ ପ୍ରାୟ ୯ଟା ସମୟରେ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି। ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ବିଜେପୁର ପୋଲିସ ଖବର ପାଇ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରିଥିବା ବେଳେ ଅଧିକ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## କାଶୀପୁରରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

# ବେଆଇନ କ୍ଲିନିକ୍‌ରେ ଦାଦାଗିରି, ବିପଦରେ ରୋଗୀଙ୍କ ଜୀବନ

ଟିକିରି,୨୭।୫(ସମିସ): ରାୟଗଡା ଜିଲ୍ଲା କାଶୀପୁର ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଅବ୍ୟବସ୍ଥା ଦିନକୁ ଦିନ ଗମ୍ଭୀର ରୂପ ନେଉଥିବା ବେଳେ, ସାଧାରଣ ଲୋକଙ୍କ ଜୀବନ ସହ ଖେଳୁଥିବା ବେଆଇନ କ୍ଲିନିକ ଓ ନକଲି ଡାକ୍ତରମାନଙ୍କ ଦାଦାଗିରି ବଢ଼ିବାରେ ଲାଗିଛି। ସରକାରୀ ହସ୍ପିଟାଲରେ ଡାକ୍ତର ଅଭାବ, ଠିକ୍‌ଠାକ ଚିକିତ୍ସା ସୁବିଧା ନ ମିଳିବା ଓ ଦୂରଦୂରାନ୍ତର ଗ୍ରାମରେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଥିବାର ସୁଯୋଗ ନେଇ ଅଞ୍ଚଳରେ ଛତୁ ଫୁଟିଲା ପରି ବେଆଇନ କ୍ଲିନିକ ଗଢ଼ିଉଠିଛି। ଅଭିଯୋଗ ଅନୁସାରେ, ଦୋରାଗୁଡା ଅନ୍ତର୍ଗତ ନୂଆପଡା ଛକରେ 'ଇସାନି କ୍ଲିନିକ' ନାମରେ ଏକ କ୍ଲିନିକ୍ ଦୀର୍ଘଦିନ ଧରି ବିନା ପ୍ରମାଣପତ୍ର ଓ ବିନା ଅନୁମତିରେ ଚାଲିଆସୁଛି। ସେଠାରେ ଚିକିତ୍ସା କରୁଥିବା ବ୍ୟକ୍ତିଙ୍କ ପାଖରେ ଆବଶ୍ୟକ ଡାକ୍ତରୀ ଯୋଗ୍ୟତା ଓ ସରକାରୀ ଅନୁମୋଦନ ନଥିବା ଅଭିଯୋଗ ହୋଇ ଆସୁଛି। ତଥାପି ନିରୀହ ଓ ଗରିବ ଲୋକଙ୍କୁ ଭୁଲ ଔଷଧ, ଇଞ୍ଜେକ୍ସନ ଦେଇ ଟଙ୍କା ଆଦାୟ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ବେଆଇନ କ୍ଲିନିକ ସମ୍ପର୍କରେ ଖବର ସଂଗ୍ରହ କରିବା ପାଇଁ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚିଥିବା ବେଳେ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଖବର ପ୍ରକାଶ ହେବା ଭୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧମକ ଓ ଦୁର୍ବ୍ୟବହାର କରାଯାଇଥିବା ଘଟଣାକୁ




ନେଇ ସାମ୍ବାଦିକମାନେ ଦୋରାଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ଅନ୍ୟପଟେ ଜିଲ୍ଲାର କିଛି ପ୍ରଭାବଶାଳୀ ଅଧିକାରୀଙ୍କ ଛତ୍ରଛାୟା ତଳେ ଏପରି ବେଆଇନ କ୍ଲିନିକ ଚାଲୁଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଯାହା ଫଳରେ ସ୍ୱାସ୍ଥ୍ୟ ବିଭାଗର ନିରୀକ୍ଷଣ ଓ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହିପରି ନକଲି ଡାକ୍ତରମାନଙ୍କ ଭୁଲ ଚିକିତ୍ସା ଓ ଅବୈଧ ଔଷଧ ବ୍ୟବହାର କାରଣରୁ ପୂର୍ବରୁ ମଧ୍ୟ ଅନେକ ରୋଗୀଙ୍କ ଜୀବନ ଯାଇଥିବା ଅଭିଯୋଗ ରହିଛି। କିନ୍ତୁ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଏମାନଙ୍କ ବିରୋଧରେ କୌଣସି କଠୋର ପଦକ୍ଷେପ ନିଆଯାଉନାହିଁ। ଲୋକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ସହ ଖେଳୁଥିବା ଏହିପରି ବେଆଇନ କାରବାର ବିରୋଧରେ ଲଢ଼େଇ ଜାରି ରହିବ ବୋଲି ସାମ୍ବାଦିକମାନେ କହିଛନ୍ତି। ରାୟଗଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ଏହି ବେଆଇନ କ୍ଲିନିକ୍ ଓ ନକଲି ଡାକ୍ତରଙ୍କ ବିରୋଧରେ କେବେ ଓ କେମିତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହାକୁ ଦେଖିବାକୁ ବାକି ରହିଛି।

# କଟକ ସିଟି











ଢାଳିଲା ବର୍ଷା; ମିଳିଲା ତାତିରୁ ଆଶ୍ୱସ୍ତି: ବର୍ଷା ପବନ ଯୋଗୁଁ କମିଲା ତାପମାତ୍ରା

## ଟେରାକୋଟା କାରିଗରଙ୍କୁ ଆଧୁନିକ ଯନ୍ତ୍ରପାତି ବଣ୍ଟନ

**କଟକ,୨୭।୫(ସମିସ):** ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକର ଗଡ଼ମା ଠାରେ ଟେରାକୋଟା ହସ୍ତଶିଳ୍ପ କାରିଗରଙ୍କ ପାଇଁ ଏକ ଆଧୁନିକ ଯନ୍ତ୍ରପାତି ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କମ୍ପ୍ରେହେନ୍ସିଭ୍ ହାଣ୍ଡିକ୍ରାଫ୍ଟସ କ୍ଲଷ୍ଟର ଡେଭଲପମେଣ୍ଟ ସ୍କିମ୍ (ସିଏଚସିଡିଏସ) ଅନ୍ତର୍ଗତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କାରିଗରମାନଙ୍କ ଉନ୍ନତି ଓ ଆର୍ଥିକ ସଶକ୍ତିକରଣ କରିବା। ଏହି ଅବସରରେ କାରିଗରମାନଙ୍କ ଉତ୍ପାଦନ କ୍ଷମତା ବଢ଼ାଇବା ଏବଂ ସାମଗ୍ରୀଗୁଡ଼ିକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହ ବଜାର ଉପଯୋଗୀ କରିବା ଲାଗି ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି। ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଭା ଆୟୋଜିତ ହୋଇଥିଲା। ଏଥିରେ ହସ୍ତଶିଳ୍ପ ବିକାଶ ଅଧିକାରୀ ମାନସ ରଞ୍ଜନ ସେଠୀ, ଦୀପ୍ତିମୟୀ ପ୍ରଧାନ, ସ୍ୱାଗତିକା ନାୟକ ଏବଂ ଭୁବନେଶ୍ୱର ହସ୍ତଶିଳ୍ପ ବିଭାଗର ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରକାରଙ୍କ ଏହି ଲୋକାଭିମୁଖୀ ଯୋଜନା କାରିଗରମାନଙ୍କ କାର୍ଯ୍ୟଦକ୍ଷତା ଓ ଆୟ ବୃଦ୍ଧିରେ ବିଶେଷ ସହାୟକ ହେବ ବୋଲି ଉପସ୍ଥିତ ଶିଳ୍ପୀମାନେ ଆଶା ପ୍ରକାଶ କରିବା ସହ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

# ବଦଳିକୁ ନେଇ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ପକ୍ଷପାତିତା

- ୨ କର୍ମଚାରୀଙ୍କୁ ରିଲିଭ୍ ନ କରିବାକୁ ନେଇ ତୀବ୍ର ଅସନ୍ତୋଷ
- ମ୍ୟୁନିସିପାଲ୍ ପ୍ରଶାସନ ନିର୍ଦ୍ଦେଶକଙ୍କ କଡ଼ା ଚେତାବନୀକୁ ବେଖାତିର
- ଅଦାଲତର ଦ୍ୱାରସ୍ଥ ହେବାକୁ କର୍ମଚାରୀଙ୍କ ସଜବାଜ

**କଟକ,୨୭।୫(ସମିସ):** ରାଜ୍ୟ ପ୍ରଶାସନରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ କରାଯାଇଥିବା ବ୍ୟାପକ ବଦଳି ପ୍ରକ୍ରିୟା ଏବେ କଟକ ମହାନଗର ନିଗମ (ସିଏମସି)ରେ ବିବାଦର ରୂପ ନେଇଛି। ବିଭାଗୀୟ ସ୍ୱଚ୍ଛ ପ୍ରଶାସନ ନୀତିକୁ ଆଧାର କରି ମ୍ୟୁନିସିପାଲ ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ରାଜ୍ୟର ବିଭିନ୍ନ ପୌରସଂସ୍ଥା, ଏନଏସି ଓ ମହାନଗର ନିଗମଗୁଡ଼ିକରୁ ସର୍ବମୋଟ ୨୨୧ ଜଣ ପ୍ରଶାସନିକ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି। ଏହି କ୍ରମରେ ସାରା ରାଜ୍ୟରେ ୧୦୨ ଜଣ ସିନିୟର ଆସିଷ୍ଟାଣ୍ଟ ଓ ୧୧୯ ଜଣ ଜୁନିୟର ଆସିଷ୍ଟାଣ୍ଟଙ୍କ ବଦଳି କରାଯାଇଛି। ମାତ୍ର କଟକ ମହାନଗର ନିଗମରେ ଏହି ସରକାରୀ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ପକ୍ଷପାତିତା ଏବଂ ମନମୁଖୀ କାର୍ଯ୍ୟକଳାପ ଏବେ ସାମ୍ନାକୁ ଆସିଛି। ଯାହାକୁ ନେଇ ସିଏମସି କର୍ମଚାରୀ ମହଲରେ ଅସନ୍ତୋଷ ଜୋର ଧରିଛି। ସରକାରୀ ନିୟମ ଅନୁସାରେ ସମସ୍ତ କର୍ମଚାରୀଙ୍କୁ କେନ୍ଦ୍ରୀୟ ଭାବେ ତୁରନ୍ତ ରିଲିଭ୍ କରିବାକୁ କଡ଼ା ଆଦେଶ ଥିବା ସତ୍ତ୍ୱେ ସିଏମସି କର୍ତ୍ତୃପକ୍ଷ କିଛି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଅଟକାଇ ରଖିଥିବା ସଙ୍ଗୀନ ଅଭିଯୋଗ ଉଠିଛି।

ମିଳିଥିବା ସୂଚନା ମୁତାବକ, ଏହି ବଡ଼ ଧରଣର ବଦଳି ତାଲିକାରେ କଟକ ମହାନଗର ନିଗମରୁ ସର୍ବମୋଟ ୧୦ ଜଣ ସିନିୟର ଆସିଷ୍ଟାଣ୍ଟ ଅନ୍ତର୍ଭୁକ୍ତ ଥିଲେ। ସେଥିମଧ୍ୟରୁ ସିଏମସି କର୍ତ୍ତୃପକ୍ଷ ଚତୁରତାର ସହ ୯ ଜଣଙ୍କୁ ବିଧିବଦ୍ଧ ଭାବେ ରିଲିଭ୍ କରିଦେଇଥିବା ବେଳେ କର୍ମଚାରୀ ପନଙ୍ଗ ନାରାୟଣ ଖଟୁଆଙ୍କୁ ଏପର୍ଯ୍ୟନ୍ତ କାର୍ଯ୍ୟମୁକ୍ତ କରିନାହାନ୍ତି। ସେହିପରି ଜୁନିୟର ଆସିଷ୍ଟାଣ୍ଟ ପଦବୀରେ ସିଏମସିରୁ ୮ ଜଣ କର୍ମଚାରୀଙ୍କ ନାମ ବଦଳି ତାଲିକାରେ ରହିଥିବା ବେଳେ, କର୍ତ୍ତୃପକ୍ଷ ୭ ଜଣଙ୍କୁ ତୁରନ୍ତ ରିଲିଭ କରି ଦେଇଥିବା ବେଳେ ଅନ୍ୟତମ କର୍ମଚାରୀ ୱାଇ ରାମୁଡୁଙ୍କୁ କାର୍ଯ୍ୟ ମୁକ୍ତ କରିନାହାଁନ୍ତି। ବାକି ସମସ୍ତଙ୍କୁ ରିଲିଭ କରି କେବଳ ଏହି ଦୁଇ ଜଣ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ସିଏମସିରେ ରଖିବା ପଛରେ କେଉଁ ଅଦୃଶ୍ୟ ଶକ୍ତିର ହାତ ରହିଛି, ସେ ନେଇ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନର ଏଭଳି ଦୋମୁହାଁ ନୀତି ଯୋଗୁଁ ବଦଳି ହୋଇଥିବା ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପକ୍ଷପାତିତାର ଶିକାର ହୋଇଥିବା କିଛି କର୍ମଚାରୀ ଆସନ୍ତା ସୋମବାର ଦିନ ଭୁବନେଶ୍ୱର ସ୍ଥିତ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକଙ୍କୁ ସିଧାସଳଖ ଭେଟି ସିଏମସି କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଲିଖିତ ଅଭିଯୋଗ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଅପରପକ୍ଷରେ, ସିଏମସି କର୍ତ୍ତୃପକ୍ଷଙ୍କ ଏହି ବେଆଇନ ପଦକ୍ଷେପ ବିରୋଧରେ କିଛି କର୍ମଚାରୀ ଉଚ୍ଚ ଅଦାଲତର ଦ୍ୱାରସ୍ଥ ହେବାକୁ ଆଇନଗତ ପରାମର୍ଶ କରୁଥିବା ନେଇ ମଧ ଚର୍ଚ୍ଚା ଜୋର ଧରିଛି। ପ୍ରକାଶଥାଉ କି, ବିଭାଗୀୟ ପ୍ରଶାସନିକ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ରାଜ୍ୟର ସମସ୍ତ ମହାନଗର ନିଗମର କମିଶନର ଏବଂ ପୌରାଧିକାରୀଙ୍କୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ବଦଳି ହୋଇଥିବା କର୍ମଚାରୀମାନଙ୍କୁ ସେଣ୍ଟ୍ରାଲି ରିଲିଭ୍ କରାଯାଇ ସାରିଥିବାରୁ ସେମାନଙ୍କୁ ତୁରନ୍ତ ନୂତନ ସ୍ଥାନକୁ ପଠାଯାଉ। ସରକାର ଏହି ଚିଠିରେ ଅତି କଡ଼ା ଭାବେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯଦି କୌଣସି ବଦଳି ହୋଇଥିବା କର୍ମଚାରୀ ନିଜର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନୂତନ କର୍ମକ୍ଷେତ୍ରରେ ଯୋଗ ନ ଦିଅନ୍ତି, ତେବେ ପୁରୁଣା କାର୍ଯ୍ୟାଳୟରୁ ସେମାନଙ୍କର ମାସିକ ଦରମା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯିବ। ଯଦି ଏହି ନିର୍ଦ୍ଦେଶର ଉଲ୍ଲଂଘନ କରି କୌଣସି ସଂସ୍ଥା ବେଆଇନ ଭାବେ କର୍ମଚାରୀଙ୍କୁ ରଖି ଦରମା ପ୍ରଦାନ କରେ, ତେବେ ସମ୍ପୃକ୍ତ ପୌର କର୍ତ୍ତୃପକ୍ଷ କିମ୍ବା କମିଶନର ଏଥିପାଇଁ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ଏବଂ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବିଜେଡିର ବିଶାଳ 'ନାରୀ ଅଧିକାର ଅଭିଯାନ' ଶୋଭାଯାତ୍ରା




**କଟକ,୨୭।୫(ସମିସ):** ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଏବଂ ମହିଳାଙ୍କ ସୁରକ୍ଷାକୁ ନେଇ ଏକ ବିଶାଳ "ନାରୀ ଅଧିକାର ଅଭିଯାନ" ସଭା ଓ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। କଟକ ମେୟର ତଥା ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂହ ଏବଂ ନେତ୍ରୀ ଏ. ଶ୍ରୀଦେବୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ଶାସକ ବିଜେପି ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରାଯାଇଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ମହିଳାଙ୍କ ପ୍ରତି ଅତ୍ୟାଚାର, ନିର୍ଯାତନା ଓ ଦୁଷ୍କର୍ମ ମାମଲା ବଢ଼ିଚାଲିଛି ଏବଂ ନାରୀମାନେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଛନ୍ତି। ୱାର୍ଡ ନମ୍ବର ୧୭ ଅନ୍ତର୍ଗତ ପଟାପୋଲଠାରୁ ଶତାଧିକ ମହିଳାଙ୍କୁ ନେଇ ଏକ ବିଶାଳ ରାଲି ବାହାରି ୱାର୍ଡ ନମ୍ବର ୨୩ ଖେଳପଡ଼ିଆରେ ପହଞ୍ଚିଥିଲା, ଯେଉଁଠାରେ ଏହା ଏକ ବିଶାଳ ମହିଳା ସମାବେଶରେ ପରିଣତ ହୋଇଥିଲା। ସମାବେଶରେ ମହିଳାଙ୍କ ଉପରେ ହେଉଥିବା ହିଂସା ରୋକିବା ସହ ସମସ୍ତ କ୍ଷେତ୍ରରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଲାଗୁ କରିବାକୁ ଦାବି କରାଯାଇଥିଲା। ଏହି ସଭାରେ ରାଜ୍ୟ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ, ଜିଲ୍ଲା ମହିଳା ସଭାନେତ୍ରୀ ଅନିତା ବେହେରା, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ଅଂଶୁ ତ୍ରିପାଠୀ, ସଙ୍ଗୀତା ଦାସ, ପୁଷ୍ପିତା ମହାନ୍ତି, ସ୍ଥାନୀୟ କର୍ପୋରେଟର ଚନ୍ଦନ ଜେନା, ପ୍ରଦୀପ ସାହୁ, ରମଜାନ ଖାନ, ମହମ୍ମଦ ସକିଲ ଏବଂ ଜିଲ୍ଲା ଛାତ୍ର ସଭାପତି ସୁମନ ବେହେରାଙ୍କ ସମେତ ବିଜେଡିର ଶତାଧିକ ମହିଳା, କର୍ପୋରେଟର, ବରିଷ୍ଠ ଓ ଯୁବ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ ଓ ସଚେତନତା ରାଲି

**କଟକ,୨୭।୫(ସମିସ):** କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଭାରତ ସ୍କାଉଟ୍ ଓ ଗାଇଡ୍‌ର ରେଞ୍ଜର ଲିଡ଼ର ମଞ୍ଜୁସ୍ମିତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏକ ଗ୍ରୀଷ୍ମକାଳୀନ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଗୃହବିଜ୍ଞାନ ବିଭାଗୀୟ ମୁଖ୍ୟ ନିବେଦିତା ମହାନ୍ତି ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ ମେୟର ସୁବାଷ ସିଂ ଯୋଗଦେଇ ପ୍ଲାଷ୍ଟିକର ଭୟାବହତା ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ଯୋଗଦେଇ ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏହି ସଚେତନତା ବାର୍ତ୍ତାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ମହାବିଦ୍ୟାଳୟ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ନୟାସଡ଼କ, ଚୌଧୁରୀ ବଜାର ଓ ଗୌରୀଶଙ୍କର ପାର୍କ ପରିକ୍ରମା କରିଥିଲା। ଭାରତ ସ୍କାଉଟ୍ ଓ ଗାଇଡ୍‌ର ରେଞ୍ଜର୍ସ ଛାତ୍ରୀମାନେ ହାତରେ ପ୍ଲାଷ୍ଟିକ ବର୍ଜନର ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ସଚେତନ କରିବା ସହ ରାସ୍ତାକଡ଼ରେ ପଡ଼ିଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଗୋଟାଇ ସହରକୁ ସ୍ୱଚ୍ଛ କରିବାକୁ ପ୍ରୟାସ କରିଥିଲେ।




## ୱାର୍ଡ ନଂ ୨୯ରେ ବିଧାୟିକାଙ୍କ ପଦଯାତ୍ରା

**କଟକ,୨୭।୫(ସମିସ):** ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସଙ୍କ ନେତୃତ୍ୱରେ କଟକ ମହାନଗର ନିଗମ ୨୯ ନମ୍ବର ୱାର୍ଡରେ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ସ୍ଥାନୀୟ ପିଠାପୁର ଶିବ ମନ୍ଦିର ଛକରୁ ଆରମ୍ଭ ହୋଇ ମଦନମୋହନ କାଳୀୟ ଦଳନ ପୂଜା କମିଟି, କୋଠା ସାହି, ସ୍ୱାଇଁ ଗଳି, ହାଡ଼ିଆ ଗଳି, ଖୁଣ୍ଟିଆ ଗଳି, ଦାସ ସାହି, ମୁନ ଲାଇଟ୍ ଲେନ, ଅନ୍ନପୂର୍ଣ୍ଣା ଲେନ ଏବଂ ଡାଲି ମିଲ୍ ଲେନ ଦେଇ ପରିକ୍ରମା କରିଥିଲା। ଏହି ସମୟରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଧାୟିକା ଶ୍ରୀମତୀ ଫିରଦୋସ ୱାର୍ଡବାସୀଙ୍କ ଘରକୁ ଘର ଯାଇ ନିୟମିତ ଡ୍ରେନ୍ ସଫା ନ ହେବା, ପାନୀୟ ଜଳ ସଙ୍କଟ, ବାରମ୍ବାର ବିଦ୍ୟୁତ୍ କାଟ, ବାର୍ଦ୍ଧକ୍ୟ ଭତ୍ତା ଓ ଆବାସ ଯୋଜନା ଭଳି ବିଭିନ୍ନ ମୌଳିକ ସମସ୍ୟା ବାବଦରେ ଆଲୋଚନା କରିଥିଲେ ଏବଂ ଏହାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ପଦଯାତ୍ରା କମିଟି ଅଧ୍ୟକ୍ଷ ବିରେନ୍ଦ୍ର ଦାସ, କେଦାର ପୃଷ୍ଟି, କର୍ପୋରେଟର ଲିଜାରାଣୀ ରାଉତ ଓ ଚନ୍ଦନ ଦାସଙ୍କ ସମେତ ବହୁ ସ୍ଥାନୀୟ ନେତା ଓ କର୍ମୀ ସାମିଲ ଥିଲେ।



### ସେଣ୍ଟ ଜାଭିୟର୍ସ ହାଇସ୍କୁଲର ମାଲିକାନା ବିବାଦ ଉଗ୍ର

# ବହିଷ୍କୃତ ପ୍ରିନ୍ସିପାଲ ଓ ସହଯୋଗୀଙ୍କ ବିରୋଧରେ ଥାନାରେ ଏତଲା

### ଆର୍ଥିକ ଅନିୟମିତତା ପାଇଁ ବିଦା ହୋଇଥିବା ପୂର୍ବତନ ପ୍ରିନ୍ସିପାଲ୍ ଓ ସହଯୋଗୀଙ୍କ ଗୁଣ୍ଡାରାଜ

**କଟକ,୨୭।୫(ସମିସ):** ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ମାଲିକାନା ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। ସ୍କୁଲର ପରିଚାଳନାକୁ ନେଇ ସୃଷ୍ଟି ହୋଇଥିବା ଦୁଇ ଗୋଷ୍ଠୀର କନ୍ଦଳ ଯୋଗୁଁ ଏବେ ଶହ ଶହ ନିରୀହ ଛାତ୍ରଛାତ୍ରୀଙ୍କ ଶିକ୍ଷା ସହ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହେବାକୁ ଯାଉଛି। ଦୀର୍ଘ ଦିନ ଧରି ସ୍କୁଲର ମ୍ୟାନେଜମେଣ୍ଟକୁ ନେଇ ଅଭିଭାବକ ଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିବା ବେଳେ ଆଜି ଏହା ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ସ୍କୁଲ୍ ପରିସରରେ ଉପସ୍ଥିତ ଥିବା କିଛି ପୂର୍ବତନ ପ୍ରଶାସନିକ କର୍ମଚାରୀ ସ୍କୁଲକୁ ଆସିଥିବା ଅଭିଭାବକମାନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ସାଙ୍ଘାତିକ ଅଭିଯୋଗ ଆସିଛି। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଅଭିଭାବକମାନଙ୍କ ପକ୍ଷରୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଠଗଡ଼ ଥାନାରେ ଏକ ଲିଖିତ ଏତଲା ଦିଆଯାଇଛି। ଅଭିଯୋଗ ପାଇବା ସଙ୍ଗେ ସଙ୍ଗେ ଆଠଗଡ଼ ପୁଲିସ ତୁରନ୍ତ ସ୍କୁଲ୍ ପରିସରରେ ପହଞ୍ଚି ଘଟଣାର ଅନୁସନ୍ଧାନ ଓ ତଦନ୍ତ ଆରମ୍ଭ କରିଛି। ତେବେ ଏହି ସମ୍ବେଦନଶୀଳ ମାମଲାରେ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ସମ୍ପୂର୍ଣ୍ଣ ଘଟଣା ଅନୁଯାୟୀ, ଆଜି ବିଦ୍ୟାଳୟରେ ପିଲାମାନଙ୍କ ପାଠପଢ଼ା ଏବଂ ଶିକ୍ଷାର ମାନ ସମ୍ପର୍କରେ ବୁଝିବା ପାଇଁ ଦେବସ୍ମିତା ରଥ ଓ ସ୍ୱାତି ପଟ୍ଟନାୟକଙ୍କ ସମେତ ଅନେକ ଅଭିଭାବକ ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ଆସିଥିଲେ। ହେଲେ ସେଠାରେ ବିଭିନ୍ନ ପ୍ରକାର ବଡ଼ ଧରଣର ଆର୍ଥିକ ଅନିୟମିତତା ଏବଂ ଦୁର୍ନୀତି କାରଣରୁ ବିଦ୍ୟାଳୟରୁ ପୂର୍ବରୁ ବହିଷ୍କୃତ ହୋଇଥିବା ପୂର୍ବତନ ପ୍ରିନ୍ସିପାଲ ପ୍ରେମରାଜ ପାତ୍ରୋ ବେଆଇନ ଭାବେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଜଣେ ବହିଷ୍କୃତ ବ୍ୟକ୍ତି ସ୍କୁଲ୍ କାର୍ଯ୍ୟାଳୟରେ କିପରି ଅଛନ୍ତି, ସେ ନେଇ ସ୍ୱାତି ପଟ୍ଟନାୟକ ଓ ଅନ୍ୟ ଅଭିଭାବକମାନେ ପ୍ରେମରାଜଙ୍କୁ ତାଙ୍କର ପୁନଃ ନିଯୁକ୍ତି ସମ୍ପର୍କିତ ବୈଧ କାଗଜପତ୍ର ମାଗିଥିଲେ। ମାତ୍ର ପ୍ରେମରାଜ କୌଣସି ସନ୍ତୋଷଜନକ ଉତ୍ତର କିମ୍ବା ଦସ୍ତାବିଜ ଦେଖାଇ ପାରି ନ ଥିଲେ। ଏହାପରେ "ବହିଷ୍କୃତ ହେବା ପରେ ମଧ୍ୟ ଆପଣ ଏଠାରେ କ'ଣ କରୁଛନ୍ତି" ବୋଲି ଅଭିଭାବକମାନେ ପ୍ରଶ୍ନ କରିବାରୁ ପୂର୍ବତନ ପ୍ରିନ୍ସିପାଲଙ୍କ ସହଯୋଗୀ ସୁହାସିନୀ ସାହୁ ହଠାତ୍ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ ଏବଂ ଅଭିଭାବକ ଦେବସ୍ମିତା ରଥଙ୍କ ସ୍ୱାମୀଙ୍କୁ ଅତ୍ୟନ୍ତ ଅଶାଳୀନ ଭାବେ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିଥିଲେ। ଏହି ହଟହଟା ପରେ ବିଦ୍ୟାଳୟ ପରିସରରେ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଅଭିଭାବକମାନେ ଏକତ୍ରିତ ହୋଇ ଆଠଗଡ଼ ଥାନାରେ ଏକ ମାମଲା ରୁଜୁ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

**ଅଭିଭାବକଙ୍କୁ ଦୁର୍ବ୍ୟବହାର; ଆଠଗଡ଼ ପୁଲିସର ତଦନ୍ତ**

**ଶହ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରରେ**

ସୂଚନାଯୋଗ୍ୟ ଯେ ସେଣ୍ଟ ଜାଭିୟର୍ସ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସୁପରିଚାଳନା ଏବଂ ଶୈକ୍ଷିକ ବାତାବରଣକୁ ସୁଧାରିବା ପାଇଁ ନିକଟରେ ଏକ ନୂତନ ଏବଂ ବୈଧ ପରିଚାଳନା କମିଟି ଗଠନ କରାଯାଇଛି। ଏହି ନୂତନ କମିଟିରେ ଚିଫ୍ ମ୍ୟାନେଜିଂ ଟ୍ରଷ୍ଟି ତଥା ସେକ୍ରେଟେରୀ ଭାବେ ସମ୍ୟକ ମହାନ୍ତି, ଚେୟାରମ୍ୟାନ ଭାବେ ଆୟଶା ଦାସ, ଟ୍ରେଜରର ଭାବେ ସମର୍ଥ ମହାନ୍ତି ଏବଂ ଟ୍ରଷ୍ଟି ଭାବେ ଶୁଭେନ୍ଦୁ ଶେଖର ସ୍ୱାଇଁ ଓ ସନ୍ଧ୍ୟା ମହାନ୍ତି କାର୍ଯ୍ୟଭାର ସମ୍ଭାଳିଛନ୍ତି। ଏହା ସହିତ ସ୍କୁଲର ନୂତନ ଆଡମିନିଷ୍ଟ୍ରେଟର କମ୍ ପ୍ରିନ୍ସିପାଲ ଭାବେ ଅନିଲ କୁମାର ମହାନ୍ତି ଏବଂ ସିବିଏସଇର ପ୍ରିନ୍ସିପାଲ ଇନ୍-ଚାର୍ଜ ଭାବେ ମୀନାକ୍ଷୀ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ନୂତନ କମିଟି ସ୍କୁଲର ଶିକ୍ଷା ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଚେଷ୍ଟା କରୁଥିବା ବେଳେ ବହିଷ୍କୃତ ପୂର୍ବତନ କର୍ମଚାରୀମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ପୁରୁଣା ଆଧିପତ୍ୟ ଜାହିର କରିବାକୁ ଯାଇ ଏଭଳି ଗଣ୍ଡଗୋଳ ଘଟାଉଥିବା ସାଧାରଣରେ ଆଲୋଚନା ହେଉଛି। ପୁଲିସ ବିଦ୍ୟାଳୟର ସିସିଟିଭି ଫୁଟେଜ୍ ଓ ଉପସ୍ଥିତ ସାକ୍ଷୀଙ୍କ ବୟାନକୁ ଆଧାର କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି।

## ହାଇକୋର୍ଟ ଲିଗାଲ ଆସିଷ୍ଟାଣ୍ଟ ଆସୋସିଏସନର ବାର୍ଷିକ ଉତ୍ସବ




**କଟକ,୨୭।୫(ସମିସ):** ହାଇକୋର୍ଟ ଲିଗାଲ ଆସିଷ୍ଟାଣ୍ଟ ଆସୋସିଏସନର ଦୁଇ ଦିନିଆ ବାର୍ଷିକୋତ୍ସବ ସ୍ଥାନୀୟ ଜୁଡିସିଆଲ ଏକାଡେମୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ହାଇକୋର୍ଟର ବିଚାରପତି ଜଷ୍ଟିସ ଶଶୀକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଚାର ପକ୍ରିୟାରେ ବିଚାରପତି, ଆଇନଜୀବୀ ଓ ମୋହରୀର ହେଉଛନ୍ତି ଗୋଟିଏ ପରିବାର। ମାମଲା ଦାଖଲ ଠାରୁ ଆରମ୍ଭ କରି ତ୍ରୁଟି ସୁଧାରିବା ଓ ତାଲିକାଭୁକ୍ତ କରାଇବା ଆଦି କାର୍ଯ୍ୟକୁ ସଠିକ ଭାବେ ମୋହରୀର ମାନେ ତୁଲାଇଥାନ୍ତି। ହାଇକୋର୍ଟ ମୋହରୀର ମାନଙ୍କ ପକ୍ଷରୁ କ୍ରମାଗତ ଭାବେ ୪୧ ବର୍ଷ ଧରି ବାର୍ଷିକୋତ୍ସବ ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ୍ ପ୍ରଶଂସିତ ବୋଲି ଜଷ୍ଟିସ ମିଶ୍ର ମତବ୍ୟକ୍ତ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ, ଆଇନଜୀବୀ ସୁକାନ୍ତ କୁମାର ଦଳେଇ ଯଥାକ୍ରମେ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ମୋହରୀର ମାନଙ୍କ ପକ୍ଷରୁ ସାମ୍ପ୍ରତିକ ପରିସ୍ଥିତିରେ ପାରିବାରିକ ବିଶୃଙ୍ଖଳାର ସୁଧାର ଆଣିବା ଲାଗି ବିଷୟବସ୍ତୁ ଉପରେ ଆଧାରିତ ନାଟ୍ୟ ଲେଖକ ରାଜେନ୍ଦ୍ର ରାଉଳଙ୍କ "ଦରିଆ କୂଳର ଦରଦୀ ବନ୍ଧୁ' ଓ ନାଟ୍ୟ ଲେଖକ ଅରୁଣ କୁମାର ବାରିକଙ୍କ "ଚାଲିବା ଆଗରୁ ବାଟ ସରିଲା' ସାମାଜିକ ନାଟକ ଦ୍ୱୟ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ନିର୍ଦ୍ଦେଶକ ଶିଶିର ମହାନ୍ତି ଓ ସହ ନିର୍ଦ୍ଦେଶକ ସଞ୍ଜିତ୍ ପିହାନଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକ ଦର୍ଶକଙ୍କ ମନମୋହିଥିଲା।

## ରାତିଅଧରେ ଚମ୍ପୁଆ ସହରରେ ପଶିଲା ଦନ୍ତା ହାତୀ



ଚମ୍ପୁଆ, ୨୭।୫(ସମିସ): ଚମ୍ପୁଆ ବନାଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଏକ ବଣୁଆ ହାତୀ ବର୍ତ୍ତମାନ ସହର ମୁହାଁ ହୋଇଥିବା ଦେଖାଯାଇଛି। ପୂର୍ବରୁ ଗ୍ରାମାଞ୍ଚଳରେ ଉପଦ୍ରବ ଚଳାଇଥିବା ଦନ୍ତା ହାତୀ ବର୍ତ୍ତମାନ ଗ୍ରାମାଞ୍ଚଳ ଛାଡି ସହର ମଧ୍ୟକୁ ପ୍ରବେଶ କଲେଣି। ଗତ ୨୬ ତାରିଖ ରାତି ୧୧ଟାରେ ଗୋଟିକିଆ ଦନ୍ତା ହାତୀ ଚମ୍ପୁଆ ସଦର ମହକୁମାରେ ବ୍ଲକ କଲୋନୀ, ମୁସଲିମ ବସ୍ତି ଅଞ୍ଚଳରେ ପ୍ରବେଶ କରିଥିବା ବେଳେ ସହରବାସୀ ଆତଙ୍କିତ ହୋଇପଡ଼ିଥିଲେ। ଖବର ପାଇ ବନପାଳ ଜ୍ୟୋତିରୂପା ପାଣି ସଦଳବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ହାତୀଟିକୁ ଘଉଡ଼ାଇବାରେ ସଫଳ ହୋଇଥିଲେ। ବନପାଳଙ୍କ କହିବା ଅନୁଯାୟୀ, ଦନ୍ତା ହାତୀଟି ଝାଡଖଣ୍ଡ ଅଞ୍ଚଳରୁ ଗୋଧୂଳି ଦେଇ ପାଞ୍ଚପୋଖରୀଆ ଅଞ୍ଚଳରେ ପ୍ରବେଶ କରିବା ପରେ ମୌଲାନାଗୋଡ଼ା ଓ ପରେ ବ୍ଲକ କଲୋନୀ ମଧ୍ୟରେ ପ୍ରବେଶ କରିଥିଲେ। ଫଳରେ ସହରବାସୀ ସହର ମଧ୍ୟରେ ହାତୀଟିକୁ ଦେଖି ଭୟଭୀତ ହେବା ସହିତ ବନ ବିଭାଗକୁ ଖବର ଦେଇଥିଲେ। ହାତୀଟି ବାଟବଣା ହୋଇ ସହର ମଧ୍ୟକୁ ପ୍ରବେଶ କରିଥିବା ବନପାଳ ଶ୍ରୀମତୀ ପାଣି କହିଥିବା ବେଳେ ପ୍ରାୟ ୨ ଘଣ୍ଟା ପରିଶ୍ରମ ପରେ ହାତୀଟିକୁ ଝାଡଖଣ୍ଡ ଅଞ୍ଚଳକୁ ଘଉଡ଼ାବାରେ ସଫଳ ହୋଇଥିଲେ।

## ପଡୁଆ ଗ୍ରାମରେ ଭାଗବତ ଆସର



ଚମ୍ପୁଆ, ୨୭।୫(ସମିସ): ପଡୁଆ ଗ୍ରାମରେ "ଭାଗବତ ଆସର'ର ୨୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ଅନାଦି ଚରଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଇଞ୍ଜିନିୟର କ୍ଷେତ୍ରମୋହନ ମହାନ୍ତ, ମୁଖ୍ୟବକ୍ତା ଭାବରେ ପ୍ରବଚକ ତଥା ପାଲା ଗାୟକ ଭାବଗ୍ରାହୀ ମହାନ୍ତ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ଦିବାକର ମହାନ୍ତ, ଅନ୍ୟତମ ସମ୍ମାନିତ ଅତିଥି ଗ୍ରାମର ଦେହୁରୀ ତଥା ଭାଗବତ ଆସରର ପ୍ରତିଷ୍ଠାତା ଦୁର୍ବାଶା ମହାନ୍ତ ମଞ୍ଚାସୀନ ହୋଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଦଶରଥ ମହାନ୍ତ। ଉକ୍ତ ଉତ୍ସବକୁ ସହଯୋଗ କରିଥିଲେ ପଡୁଆ ଓ ବାଙ୍ଗୁରିପଶିର ଗ୍ରାମବାସୀ ଓ ଭାଗବତ ପ୍ରେମୀଗଣ। ନିକଟସ୍ଥ ମଙ୍ଗଳପୁର, ବାଲିପଶି, ରାଉତରାପୁର, ନିଶାଗଡିଆ ଗ୍ରାମବାସୀ କଥାମୃତ ଶୁଣିଥିଲେ। ଶେଷରେ ଡ଼ଃ ସୁଧାଂଶୁ ଶେଖର ଗିରିଙ୍କ ଦ୍ୱାରା ଭାଗବତ ସମ୍ବନ୍ଧୀୟ ପାଲା ପରିବେଷଣ କରାଯାଇଥିଲା।

## ଆନନ୍ଦପୁର ଘରୋଇ ବସ୍ ମାଲିକ ସଂଘର ନୂଆ କର୍ମକର୍ତ୍ତା



ଆନନ୍ଦପୁର, ୨୭।୫ (ସମିସ): ଆନନ୍ଦପୁର ଘରୋଇ ବସ ମାଲିକ ସଂଘର ଆସନ୍ତା ଦୁଇବର୍ଷ କାର୍ଯ୍ୟକାଳ ପାଇଁ ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ସଂଘର ଆଇନ ପରାମର୍ଶଦାତା ଚିତ୍ତରଞ୍ଜନ ଦାଶଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ଦିଆଯିବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୩ ପଦ ପାଇଁ ୧୩ ଜଣ ନାମାଙ୍କନ ଦାଖଲ କରିବାରୁ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଶ୍ରୀ ଦାଶ ଘୋଷଣା କରିଥିଲେ। ଦିଲୀପ କୁମାର ସ୍ୱାଇଁ ସଭାପତି, ମାଳତୀ ସାହୁ ଉପସଭାପତି, ନିର୍ମଳଚନ୍ଦ୍ର ମିଶ୍ର ସମ୍ପାଦକ, କ୍ଷୀରୋଦ ନାୟକ ଯୁଗ୍ମ ସମ୍ପାଦକ, କୁଳମଣି ସାମଲ ଷ୍ଟାଣ୍ଡ ସମ୍ପାଦକ, ସୁନନ୍ଦ ସାହୁ କୋଷାଧ୍ୟକ୍ଷ ଏବଂ କାର୍ଯ୍ୟକାରୀ କମିଟିକୁ ଚିନ୍ମୟ ମିଶ୍ର, ରଞ୍ଜନ ସାହୁ, ଦୀପକଜ୍ୟୋତି ସାହୁ, ସନାତନ ସାହୁ, ଲକ୍ଷ୍ମୀଧର ସାହୁ, ପ୍ରମୋଦ ସାହୁ, ସୁଦୀପ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରେ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ବରିଷ୍ଠ ସଦସ୍ୟ ଚତୁର୍ଭୂଜ ନାୟକ, ସରୋଜକାନ୍ତ ବେହେରା, ତ୍ରିଲୋଚନ ସାହୁଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିବା ପରେ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସଭାପତି ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ମାନସ ରଞ୍ଜନ ହୋତା ଓ ବିଭୂଦତ୍ତ ସାହୁ ଏବଂ କାର୍ଯ୍ୟାଳୟ ତତ୍ତ୍ୱାବଧାରକ ଅଚ୍ୟୁତାନନ୍ଦ ଦାଶ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

# ଆମ୍ବୋ ପଞ୍ଚାୟତରେ ପିଏମ୍ ଆବାସ ଯୋଜନାର ଚଞ୍ଚକତା

### ଜଣକୁ କାର୍ଯ୍ୟାଦେଶ, ଅନ୍ୟ ଜଣକ ଘର ଦେଖାଇ ଟଙ୍କା ହଡ଼ପ୍

ହାଟଡ଼ିହୀ,୨୭।୫(ସମିସ)

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଆମ୍ବୋ ଗ୍ରାମରେ ପିଏମ୍ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଦେଖାଯାଇଛି। ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଥିଲା ବେଳେ, ଅନ୍ୟ ଜଣକ ଘର ଦେଖାଇ ଗୃହ ନିର୍ମାଣ ବାବଦକୁ ଆସିଥିବା ଟଙ୍କା ହଡ଼ପ୍ କରି ନିଆଯାଇଥିବା ଜଣାପଡ଼ିଛି। ତଥ୍ୟ ଅନୁସାରେ, ହାଟଡ଼ିହୀ ବ୍ଲକ୍ ଆମ୍ବୋ ପଞ୍ଚାୟତ ଆମ୍ବୋ ଗ୍ରାମର ରାଧାକୃଷ୍ଣ ମହାପାତ୍ରଙ୍କ ସ୍ତ୍ରୀ ଭାରତୀମହାପାତ୍ରଙ୍କୁଆର୍ଥିକବର୍ଷ୨୦୨୩/୨୪ ପିଏମ୍ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ଯେଉଁଥିରେ ଭାରତୀଙ୍କ ଶଶୁର ସୁବାସ ଛୋଟରାୟ ମହାପାତ୍ରଙ୍କ ନାମ ଉଲ୍ଲେଖ ଅଛି। ଯାହାର ଆଇଡ଼ି ନଂ-ଓଆର /୧୫୪୫୩୬୮୦୦ ହୋଇଥିଲା ବେଳେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ହିତାଧିକାରୀଙ୍କ ଜମା ଖାତାକୁ ପ୍ରଥମ କିସ୍ତି ୨୫ହଜାର, ଦ୍ୱିତୀୟ କିସ୍ତି ୬୫ହଜାର ସହ ତୃତୀୟ କିସ୍ତିରେ ୪୦ ହଜାର ଟଙ୍କା ଦିଆଯାଇଛି। ପିଇଓଙ୍କ କାଗଜପତ୍ର ଅନୁସାରେ, ଗୃହ ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ସରିବା ପରେ ହିତାଧିକାରୀଙ୍କ ବ୍ୟାଙ୍କ ଜମା ଖାତାକୁ ମୋଟ୍ ୧ ଲକ୍ଷ ୩୦,୦୦୦ ଟଙ୍କା ଯାଇଛି।

ସୂଚନା ଅନୁସାରେ, ହିତାଧିକାରୀ ଭାରତୀ ମହାପାତ୍ର ଦୀର୍ଘଦିନ ଧରି ଗାଁରେ ରହୁ ନଥିବା ବେଳେ ପରିବାର ସହ ଅନ୍ୟତ୍ର ରହୁଛନ୍ତି। ଏପରିକି ସେ କୌଣସି ଗୃହ ନିର୍ମାଣ କରି ନଥିବା ବେଳେ, ଅନ୍ୟ ଜଣଙ୍କ ନିର୍ମାଣାଧୀନ ଗୃହ ସମ୍ମୁଖରେ ପରିବାରର ଜଣେ ମହିଳାଙ୍କ ଫଟୋ ଉଠାଇ ନିଜ ନାମରେ ଟଙ୍କା ଉଠାଇ ନେଇଛନ୍ତି। ଫଟୋ ଉଠେଇଥିବା ମହିଳା ଜଣଙ୍କ 'ଆମ କଳିକା' ସଂସ୍ଥାର କର୍ମଚାରୀ ହୋଇଥିବା ବେଳେ



ତାଙ୍କ ନାମ ସଂଘମିତ୍ରା ମହାପାତ୍ର ବୋଲି ଜଣାପଡ଼ିଛି। ସମ୍ପୃକ୍ତ ପିଇଓ ତୁଳାରାମ ମୁର୍ମୁ ଏଥିରେ ବଡ଼ ଚଞ୍ଚକତା କରି ହିତାଧିକାରୀଙ୍କ ସ୍ଥାନରେ ଜଣେ ବେତନଭୋଗୀ କର୍ମଚାରୀଙ୍କ ଫଟୋ ଲଗାଇ ସମ୍ପୂର୍ଣ୍ଣ ଟଙ୍କା ହଡ଼ପ୍ କରିନେଇଥିବା କୁହାଯାଇଛି। ଏହି କାରନାମାର ପୃଷ୍ଠଭୂମିରେ ନିର୍ବାଚିତ କୌଣସି ପଞ୍ଚାୟତ ଜନପ୍ରତିନିଧିଙ୍କ ହାତ ରହିଥିବା ମଧ୍ୟ ଗ୍ରାମବାସୀ କହିଛନ୍ତି। ଏହି ପଞ୍ଚାୟତରେ ଏଭଳି ଅନେକ ହିତାଧିକାରୀ ନାମ କାଗଜପତ୍ରରେ ଦର୍ଶାଇ ଅଭିନବ ଉପାୟରେ ଅନ୍ୟ ଫଟୋ ଅପଲୋଡ କରାଯାଇ ସରକାରୀ ଅର୍ଥ ଆତ୍ମସାତ୍ ହୋଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପିଏମ୍ ଆବାସ ଯୋଜନା ଉପରେ ସଠିକ୍ ଯାଞ୍ଚ କରାଗଲେ ଏହାର ସମ୍ପୂର୍ଣ୍ଣ ସତ୍ୟତା ପଦାକୁ ଆସିପାରନ୍ତା ବୋଲି କୁହାଯାଇଛି। ସେହିପରି ବିଡ଼ିଓ ଏବଂ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୃହ ନିର୍ମାଣର ଆବଶ୍ୟକ କାଗଜପତ୍ର ସହିତ ଉଠାଣ ହେଉଥିବା ଫଟୋଗୁଡ଼ିକୁ ସଠିକ୍ ଭାବେ ଯାଞ୍ଚ ନକରିବାରୁ ଏହି ଯୋଜନାରୁ ଅନେକ ଯୋଗ୍ୟ ହିତାଧିକାରୀ ବାଦ୍ ପଡୁଥିବା ଦେଖାଯାଇଛି। ଏଣୁ ପିଏମ୍ ଆବାସ ଯୋଜନାରେ ଚଞ୍ଚକତାକୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ଜିଲ୍ଲାରେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କିତ ତାଲିମ ପ୍ରକ୍ରିୟା



କେନ୍ଦୁଝର/ଆନନ୍ଦପୁର,୨୭।୫(ସମିସ): ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅଧୀନରେ କେନ୍ଦୁଝର ଜିଲ୍ଲାର ୨୩-ପାଟଣା ବିଧାନସଭାମଣ୍ଡଳୀ ପାଇଁ ପାଟଣା ବ୍ଲକ ସମ୍ମିଳନୀ କକ୍ଷ ଏବଂ ସାହାରପଡ଼ା ବ୍ଲକ ସମ୍ମିଳନୀ କକ୍ଷଠାରେ ସ୍ୱତନ୍ତ୍ର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦୁଝରର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ମନ୍ଦରଧର ମହାଳିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହ ଆଇଏଏସ ପ୍ରୋବେସନର ଡକ୍ଟର ଜିତେନ୍ଦ୍ର କୁମାର, ପାଟଣା ଓ ସାହାରପଡ଼ା ବ୍ଲକର ବିଡିଓ ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମ ଓ ନିର୍ଦ୍ଦେଶାବଳୀକୁ ଅତି କଠୋର ଭାବେ ପାଳନ କରିବା ସହ ଭୋଟର ତାଲିକାରେ କୌଣସି ତ୍ରୁଟି ଯେପରି ନ ରହେ ଏବଂ ତାହା ସମ୍ପୂର୍ଣ୍ଣ ସଠିକ ହୁଏ, ସେଥିପାଇଁ ବିଶେଷ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ଯୋଗ୍ୟ ଭୋଟରଙ୍କ ନାମ ଯୋଡ଼ିବା, ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ତଥ୍ୟ ସଂଶୋଧନ ଭଳି କାର୍ଯ୍ୟକୁ ସ୍ୱଚ୍ଛତାର ସହ କରିବାକୁ କୁହାଯାଇଥିଲା। "ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬' ପାଇଁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଶିବିରରେ ୨୩-ପାଟଣା ନିର୍ବାଚନ ମଣ୍ଡଳୀର ଏବଂ ସାହାରପଡା ବ୍ଲକର ବିଏଲଓ ଏବଂ ସୁପରଭାଇଜର ସକ୍ରିୟ ଅଂଶଗ୍ରହଣ କରିଥିଲେ।

ସେହିପରି ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁଗମ ଓ ବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ୨୧-ଘସିପୁରା ଏବଂ ୨୨-ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ସମସ୍ତ ବୁଥସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନଙ୍କ ପାଇଁ ଏକ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟକ ମହିଳା ଓ ପୁରୁଷ ବିଏଲଓ ଏବଂ ସୁପରଭାଇଜର ଯୋଗ ଦେଇଥିଲେ। ଆଗାମୀ ଦିନରେ ନିର୍ବାଚନୀ କାର୍ଯ୍ୟକୁ କିପରି ତ୍ରୁଟିଶୂନ୍ୟ ଏବଂ ଦାୟିତ୍ୱବାନ ଭାବେ ସମ୍ପାଦନ କରାଯାଇପାରିବ, ସେ ନେଇ ସମସ୍ତ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଗୁରୁମନ୍ତ୍ର ଦିଆଯାଇଥିଲା। ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଅତି ଗମ୍ଭୀରତାର ସହ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ରାଇସୁଆଁରେ ଗ୍ରୀଷ୍ମ କ୍ରିକେଟ ଟୁର୍ଣ୍ଣାମେଣ୍ଟ



କେନ୍ଦୁଝର, ୨୭।୫(ସମିସ): କେନ୍ଦୁଝର ସଦର ବ୍ଲକ ରାଇସୁଆଁ ଖେଳପଡ଼ିଆରେ ୭ମ ଗ୍ରୀଷ୍ମକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଗୋବର୍ଦ୍ଧନ ଏବଂ ରାଇସୁଆଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଇସୁଆଁ ଦଳ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୧୧୧ ରନ କରିଥିଲେ। ଜବାବରେ ଗୋବର୍ଦ୍ଧନ ସମସ୍ତ ୱିକେଟ ହରାଇ ୫୩ ରନରେ ଅଲଆଉଟ୍ ହୋଇଥିଲେ। ଚିତ ଖଟୁଆ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି, ପପୁ ନାୟକ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟାର ଭାବେ ଅମିତ୍ କୁମାର ଓ ଯଶୋବନ୍ତ ପରିଚାଳନା କରିଥିଲେ। ସ୍କୋରର ଭାବେ ଶୁଭ୍ରାଂଶୁ, ଆର୍ଯ୍ୟନ, ଧାରା ବିବରଣୀ ବୁବୁନ୍ ଏବଂ କମିଟିର ସଦସ୍ୟ ଅନିଲ, ଭୋଳାନାଥ, ନୈତିକ, ରକି, ପପୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଯୁବ ସମାଜସେବୀ ଚନ୍ଦନ ମହାପାତ୍ର, ଶିକ୍ଷକ ଅମିତ ସେଠୀ, ପ୍ରମୋଦ କୁମାର ଦାସ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

▶▶ ଆନନ୍ଦପୁର ପୁଅ ବୁବୁନ

## ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଶାରେ ପ୍ରଥମ




ଆନନ୍ଦପୁର, ୨୭।୫ (ସମିସ): କେନ୍ଦୁଝର ଜିଲ୍ଲା, ବିଶେଷ କରି ଆନନ୍ଦପୁର ଉପଖଣ୍ଡ ପାଇଁ ଗୌରବ ଆଣିଲେ ଚାଷୀଙ୍କ ପୁଅ ବୁବୁନ ସାହୁ। ସେ ପ୍ରଶାସନିକ ସେବା ପରୀକ୍ଷାରେ ଦୁଇଶହ ପିଲାଙ୍କ ମଧ୍ୟରୁ ପ୍ରଥମ ସ୍ଥାନରେ କୃତକାର୍ଯ୍ୟ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଆନନ୍ଦପୁର ବ୍ଲକ ହରିଡାପାଳ ପଞ୍ଚାୟତ ଟୋଲଙ୍କପଡା ଗାଁର ଭଗବାନ ସାହୁ ଚାଷ କାମ କରି ପରିବାର ଚଳାଉଥିବା ବେଳେ ତାଙ୍କ ପୁଅ ବାବୁନ ସାହୁ ଓଡିଶା ପ୍ରଶାସନିକ ସେବାରେ ପ୍ରଥମ ସ୍ଥାନରେ କୃତକାର୍ଯ୍ୟ ହୋଇଛନ୍ତି। ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠା ତାଙ୍କୁ ଏହି ସ୍ଥାନରେ ପହଞ୍ଚାଇଛି। ତାଙ୍କ ମାଆ କୁଞ୍ଜଲତା ସାହୁ, ପତ୍ନୀ ବିଜୟିନୀ ସାହୁ ଓ ବନ୍ଧୁବାନ୍ଧବ ଏବଂ ଅଞ୍ଚଳବାସୀ ବୁବୁନଙ୍କୁ ଶୁଭେଚ୍ଛା ଦେଇ ଜନସାଧାରଣଙ୍କ ସୁଖ ଦୁଃଖରେ ରହି ସବୁବେଳେ ଜନସାଧାରଣଙ୍କୁ ସେବା ସହ ନ୍ୟାୟ ଦିଅନ୍ତୁ ବୋଲି ପ୍ରକାଶ କରିଛନ୍ତି।

## ତରିମୂଳ ଅଙ୍ଗନବାଡ଼ି ଶିକ୍ଷୟିତ୍ରୀଙ୍କ ବଦଳି ଦାବି



ଆନନ୍ଦପୁର, ୨୭।୫ (ସମିସ): ଘସିପୁରା ବ୍ଲକ ତରିମୂଳ ଗ୍ରାମ ଜେନାସାହି ଅଙ୍ଗନବାଡ଼ି ଦିଦି ସୁକାନ୍ତି ମଲ୍ଲିକଙ୍କ ବଦଳି ଦାବି ହୋଇଛି। ମାରିବାକୁ ଧମକ ଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ଦେବା, ଜୋତା ଉଠାଇବା ଭିଡିଓ ଭାଇରାଲ ହେବା ଘଟଣାରେ ଗ୍ରାମବାସୀ ଅଭିଯୋଗ ପରେ ସିଡିପିଓ ଘଟଣାର ତଦନ୍ତ କରିଥିଲେ। ପାଞ୍ଚ ଦିନ ବିତିଯାଇଥିଲେ ମଧ୍ୟ ଏହାଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରି ପୁଣି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଜିଲ୍ଲାପାଳ ଏକ ତଦନ୍ତ ଟିମ ପଠାଇ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ପକ୍ଷରୁ ଆସୁଥିବା ଅଙ୍ଗନବାଡି ସାମଗ୍ରୀ କେଶରୀ ବାଳିକା ଖାଦ୍ୟ ଗର୍ଭବତୀ ମହିଳାଙ୍କ ଖାଦ୍ୟ ଛତୁଆ, ଅଣ୍ଡା ଆଦି କୌଣସି ପିଲାଙ୍କୁ ଦୀର୍ଘ ଆଠ ମାସରୁ ଦିଆ ନ ଯିବା ଘଟଣାକୁ କେନ୍ଦ୍ରକରି ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଏନେଇ ଅଙ୍ଗନବାଡ଼ି ଦିଦି ଓ ସିଡ଼ିପିଓଙ୍କ ବଦଳି ଦାବିକରି ଉପଜଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଥିଲେ। ପୂର୍ବରୁ ମଧ୍ୟ ଏନେଇ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଆଜି ଉପଜିଲ୍ଲାପାଳ ମୌଖିକ ଭାବେ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀଙ୍କ ପକ୍ଷରୁ ସବିତା ପାତ୍ର, ପ୍ରତିମା ଦାଶ, ମମତା ପାତ୍ର ଭାଗୀରଥି ଦାସ ଗାୟତ୍ରୀ ଗୁରୁ, ସସ୍ମିତା ପାତ୍ର ପାୟଲ ନାୟକ ଭାନୁମତି ଜେନା ମୀରା ଜେନା, ଆରତୀ ମହୁରୀ ପ୍ରସନ ଦାଶ, ଅମିତ ଜେନା ବକୁଳି ଜେନା, ଲିପୁନ ମଲ୍ଲିକ, ଦିପୁ ଦାସ, ସରୋଜ କୁମାର ଦାସ ପ୍ରମୁଖ ଫେରିଯାଇଥିବା ଜଣାଯାଇଛି।

**ପୁଣି ଦବିଲା ବୈତରଣୀ ସେତୁ**

## ଭାରୀଯାନ ଚଳାଚଳ କଟକଣା କେବେ

ଆନନ୍ଦପୁର, ୨୭।୫ (ସମିସ)



ଆନନ୍ଦପୁରର ବୈତରଣୀ ସେତୁର ସ୍ଲାବ୍ ପୁଣି ଦବିବା ଫଳରେ ସେତୁ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଉକ୍ତ ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ବାଲିବସ୍ତା ଘେରି କରି ରଖାଯାଇଥିଲେ ମଧ୍ୟ ଭାରୀଯାନ ଚଳାଚଳରେ ଦୁର୍ଘଟଣା ଆଶଙ୍କା ରହିଛି। ଏନେଇ କଟକଣା ହେଉନଥିବାରୁ କେତେବେଳେ ଯେ ଅଘଟଣ ଘଟିବ ସେନେଇ ଆଶଙ୍କା ରହିଛି। ଏହି ସେତୁ ଗତ ୧୯୮୬ରେ ନିର୍ମାଣ କରାଯାଇଥିବା ବେଳେ ସେତେବେଳେ ସେତୁ ଉପରେ ମାତ୍ର ୪ରୁ ୫ଟନ୍ ଓଜନର ମାଲ ବୋଝେଇ ଯାନବାହନ ଯାତାୟାତ କରିବା ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା। ପ୍ରାୟ ୪୦ ବର୍ଷର ଏହି ସେତୁ ୨୫ବର୍ଷ ମଧ୍ୟରେ ପୁନରୁଦ୍ଧାର କରିବାକୁ ଥିବାବେଳେ ସେପରି କୌଣସି କରାଯାଇ ନଥିଲା। ବର୍ତ୍ତମାନ ସେତୁ ଉପରେ ୨୦ରୁ ୩୦ଟନ୍ ଓଜନର ମାଲବାହୀ ଗାଡ଼ି ଯାତାୟାତ କରୁଥିବାରୁ ସେତୁଟି ଦୁର୍ବଳ ହେବାସହ ସ୍ଲାବ୍‌ଗୁଡ଼ିକ ଦୁର୍ବଳ ହୋଇ ପଡିଛି। ଯାହାଫଳରେ ୨୦୧୮ ଜୁଲାଇରେ ସେତୁର ଏକ ପିଲର ବିୟରିଂ ଖସିବା ଫଳରେ ସ୍ଲାବ୍ ଦବି ଯାଇଥିଲା। ସେହିପରି ଗତ ୨୦୨୧ରେ ମଧ୍ୟ ସମାନ ଅବସ୍ଥା ହେବାରୁ ଆନୁମାନିକ କୋଟିଏରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ ୫ନଂ ଓ ୯ନଂ ସ୍ଲାବ୍‌ର ମରାମତି କରାଯାଇଥିଲା। ବର୍ତ୍ତମାନ ପୁଣି ଦବିବା ଭଳି ଘଟଣା ସାଧାରଣରେ ଭୟର ବାତାବରଣ ସୃଷ୍ଟି କରିଛି। ସେତୁର ଉପର ଦେଇ ଗୋଟିଏ ଭାରୀଯାନ ଅତିକ୍ରମ କରୁଥିବା ବେଳେ ପାର୍ଶ୍ୱଦେଇ ଯାଉଥିବା ବାଇକ୍ ଆରୋହୀ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ଏପରିକି ସେତୁଟି ଦୋହଲି ଯାଉଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବୈତରଣୀ ସେତୁର ଏଭଳି ପରିସ୍ଥିତିରେ ଆସନ୍ନ ବିପଦର ଆଶଙ୍କା ଦେଖାଦେଇଥିବା ବେଳେ ପୂର୍ବରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ପକ୍ଷରୁ ଦୁର୍ବଳ ସେତୁ ଉପରେ ଭାରୀ ଯାନ ଚଳାଚଳ ନିଷିଦ୍ଧ ବୋଲି ସୂଚନା ଫଳକ ଲଗାଯାଇଥିଲେ ମଧ୍ୟ ଭାରୀଯାନଗୁଡ଼ିକ ଅବାଧରେ ଯାତାୟାତ କରୁଥିବାର ପରିଲକ୍ଷିତ ହୋଇଛି। ଅପରପକ୍ଷେ ବିକଳ୍ପ ରାସ୍ତା ଭାବେ ଆନନ୍ଦପୁର ବ୍ୟାରେଜ ସେତୁ ରହିଥିବା ବେଳେ ଏଥିରେ ଭାରୀ ଯାନ ଯାତାୟାତ କରିବାର କଟକଣା ରହିଛି। ଏହି ଦୃଷ୍ଟିରୁ ବୈତରଣୀ ସେତୁ ଉପରେ ଭାରୀ ଯାନଠାରୁ ଆରମ୍ଭ କରି ସମସ୍ତ ଯାନବାହନ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ବୈତରଣୀ ସେତୁ ସଂଲଗ୍ନ ନୂତନ ସେତୁ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ନଥିବାରୁ ଏହି ପୁରୁଣା ସେତୁ ଏକମାତ୍ର ବିକଳ୍ପ ରାସ୍ତା ପାଲଟିଛି। ସେତୁର ସ୍ଲାବ୍ ଦବିବା ସ୍ଥିତି ଉପରେ ଗୁରୁତ୍ୱ ଦିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ବିପଦସଂକୁଳ ଅବସ୍ଥାରେ ରହିଥିବା ସେତୁର ମରାମତି କାର୍ଯ୍ୟ କେବେ ଶେଷ ହେବ ନା ବିଳମ୍ବ ହେବ ଏନେଇ ସାଧାରଣରେ ଉଦବେଗ ପ୍ରକାଶ ପାଉଛି।

■ ପାନୀୟଜଳ ସମସ୍ୟା

## ନଳକୂପରୁ ବାହାରିଲାନି ପାଣି; ଡହଳବିକଳ ସାହିବାସୀ

ତୁରୁମୁଙ୍ଗା, ୨୭।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧୀନ ତୁମୁରିଆ ପଞ୍ଚାୟତର ବଣମହୁଲଡିହା ଗ୍ରାମର ପାତୁଲୁସାହିରେ ଗୁରୁତର ପାନୀୟଜଳ ସମସ୍ୟା ଦେଖାଦେଇଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଗ୍ରାମବାସୀ ପିଇବା ପାଣି ଟୋପାଏ ପାଇଁ ଡହଳବିକଳ ହେଉଛନ୍ତି। ସମସ୍ୟାର ସମାଧାନ ଦାବିରେ ଗତ ସୋମବାର ଗ୍ରାମର ୨୦ରୁ ଅଧିକ ମହିଳା ଗରା, ବାଲଟି ଓ ଡେକଚି ଧରି ଟ୍ରାକ୍ଟର ଯୋଗେ ପ୍ରାୟ ୧୮ କିଲୋମିଟର ଯାତ୍ରା କରି ପାଟଣା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ମାନସ ଦଣ୍ଡପାଟଙ୍କୁ ଗ୍ରାମର ଜଳ ସଂକଟ ସମ୍ପର୍କରେ ଅଭିଯୋଗ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଅଭିଯୋଗ ପରେ ବିଡିଓଙ୍କ ନିର୍ଦ୍ଦେଶରେ ବିଭାଗୀୟ ଅଧିକାରୀମାନେ ଗ୍ରାମକୁ ପହଞ୍ଚି ନଳକୂପ ଖୋଳିବା କାମ ଆରମ୍ଭ କରିଥିଲେ। କିନ୍ତୁ ନଳକୂପରୁ ପାଣି ବାହାରି ନଥିବାରୁ ସମସ୍ୟା ଅବ୍ୟାହତ ରହିଛି। ପରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଉକ୍ତ ସାହିରେ ପାଣି ଯୋଗାଣ ହୋଇ ନଥିବା ଗ୍ରାମବାସୀ କହିଛନ୍ତି। ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ନାଳ ଓ ଚୁଆରୁ ପାଣି ସଂଗ୍ରହ କରି ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଦୂଷିତ ପାଣି



ପିଇବା ଫଳରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ବଢ଼ିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖୁବଶୀଘ୍ର ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଗଛକୁ ଧକ୍କା ଦେଲା ସ୍କୁଟି; ଚାଳକ ମୃତ

**ଦିଗପହଣ୍ଡି,୨୭ ।୫(ସମିସ):** ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ କୁକୁଟବନ୍ଧ ଛକରେ ରାସ୍ତାକଡ ଗଛକୁ ଧକ୍କା ଦେଇ ସ୍କୁଟି ଚାଳକ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବ୍ରହ୍ମପୁର ଗୋଲାପଲ୍ଲୀ ସାହିର ହରିଶ୍ ଚନ୍ଦ୍ର ଦାଶ(୬୨)। ମୃତକଙ୍କ ପୁଅ ଆକାଶ ଦାଶ କେ.ନୂଆଗାଁ ଥାନାରେ ଏତଲା ଦେବାପରେ ଆଇଆଇସି ବିଶ୍ୱଜିତ ନାୟକ ମାମଲା ନଂ.୧୨୨/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସଆଇ ଅତିଥିଚରଣ ନାୟକ ବୁଧବାର ସକାଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମଙ୍ଗଳବାର ବମୋକେଇ ଗ୍ରାମ ସ୍ଥିତ ଏକ ମଠରେ କାମ କରୁଥିବା ହରିଶ୍ ଏବଂ ବମୋକେଇ ଗ୍ରାମର ଆନନ୍ଦ ପଣ୍ଡା ସ୍କୁଟି (ନଂ. ଓଡ଼ି୦୭ ଟି -୮୩୧୮) ଯୋଗେ ଚାନ୍ଦପୁର ଗ୍ରାମ ଛକରୁ କିଛି ଖାଦ୍ୟ ସାମଗ୍ରୀ ଧରି ବମୋକେଇ ଫେରୁଥିବାବେଳେ ଅପରାହ୍ନ ପ୍ରାୟ ୨ଟାରେ କୁକୁଟବନ୍ଧ ଛକରେ ନିୟନ୍ତ୍ରଣ ହରାଇ ରାସ୍ତାକଡର ଗଛକୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଆହାତଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହରିଶ୍‌ଙ୍କ ମୃତ୍ୟୁ ଘଟିଥିଲା। ଆହାତ ଆନନ୍ଦଙ୍କୁ ସେଠାରେ ଚିକିତ୍ସା କରାଯାଉଛି। ତଦନ୍ତକାରୀ ଅଧିକାରୀ ଦୁର୍ଘଟଣାଗ୍ରସ୍ତ ସ୍କୁଟି ଜବତ କରିଛନ୍ତି।

# ଅଣ୍ଟାରୁ ଚାବି କାଟିନେଇ ଟଙ୍କା ଲୁଟିନେଲେ

**ଖଲ୍ଲିକୋଟ,୨୭ ।୫(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୋଟାଗାଁରେ ବୁଧବାର ବିଳମ୍ବିତ ରାତିରେ ଏକ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗାଁର ସୁରେଶ ପଣ୍ଡାଙ୍କ ଘରୁ ଦୁର୍ବୃତ୍ତମାନେ ଅତି ଚତୁରତାର ସହ ନଗଦ ୬୫ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ମଙ୍ଗଳବାର ରାତିରେ ସୁରେଶ ପଣ୍ଡାଙ୍କ ପରିବାର ଲୋକେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ସୁରେଶଙ୍କ ପତ୍ନୀ ଶୋଇଥିବା ସମୟରେ କିଛି ଦୁର୍ବୃତ୍ତ ଘରେ ପଶି ତାଙ୍କ ଅଣ୍ଟାରେ ବନ୍ଧା ହୋଇଥିବା ଚାବି ଗୁଛାର ସୂତାକୁ କାଟି ଚାବି ବାହାର କରି ନେଇଥିଲେ। ଏହାପରେ ଆଲମିରା ଖୋଲି ସେଥିରେ ଥିବା ନଗଦ ୬୫ ହଜାର ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଆଲମିରାରେ ସୁନା ଅଳଙ୍କାର ରହିଥିଲେ ମଧ୍ୟ ଦୁର୍ବୃତ୍ତ ମାନେ ସୁନା ଅଳଙ୍କାର ନେଇ ନାହାନ୍ତି। କେବଳ ନଗଦ ୬୫ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି।

# ଯୁବକଙ୍କ ଆତ୍ମହତ୍ୟା

**ପୁରୁଷୋତ୍ତମପୁର,୨୭ ।୫(ସମିସ):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୂତସରସିଙ୍ଗି ପଞ୍ଚାୟତର କଇଁଠଡା କାଜୁ ଜଙ୍ଗଲ ଗଛରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣା ପଡିଛି। ଯୁବକ ଜଣକ ହେଲେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ପୋଷ୍ଟ ଅଫିସ ସାହିବାସିନ୍ଦା ମୁକେଶ ସାହୁ(୩୦)। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବକ ଜଣକ ରାଧାକୃଷ୍ଣ ମନ୍ଦିର ବଜାର ଗୃହରେ ଲସି ଦୋକାନ କରିଥିଲେ। ୫ମାସ ତଳେ ବିବାହ କରିଥିଲେ। ମଙ୍ଗଳବାର ଅପରାହ୍ନରେ ମୁକେଶ ଲସି ଦୋକାନରୁ କେଉଁ ଆଡେ ଚାଲିଯାଇଥିଲେ। ପରିବାର ବର୍ଗ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ରାତିରେ ନିଖୋଜ ଥିବା ଥାନାରେ ଜଣାଇଥିଲେ। ବୁଧବାର ସକାଳେ ତାଙ୍କ ମୃତଦେହ କାଜୁ ଜଙ୍ଗଲ ଗଛରେ ଝୁଲିଥିବା ଜଣାପଡିଥିଲା। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡୁନି। ତେବେ ପାରିବାରିକ କଳହ ହୋଇପାରେ ଅନୁମାନ କରାଯାଉଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି।

# ଟିକାକରଣ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

**ଆସିକା,୨୭ ।୫(ସମିସ):** ଆସିକା ପୌରପରିଷଦର ବିଭିନ୍ନ ୱାର୍ଡ ମାନଙ୍କରେ ଥିବା ଗର୍ଭବତୀ ପ୍ରସୂତି ଏବଂ ଶିଶୁ ମାନଙ୍କୁ ନିମନ୍ତେ ଉଦ୍ଦିଷ୍ଟ ଟୀକାକରଣ କାର୍ଯ୍ୟକ୍ରମରେ ଘଣ୍ଟା ଘଣ୍ଟା ଧରି ଠିଆ ହେବା ସହ ଅବ୍ୟବସ୍ଥା ହେଉଥିବା ଦେଖିବାକୁ ମିଳିଛି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ବୁଧୁବାର ଦିନ ମାଗଣା ଓ ବାଧ୍ୟତାମୂଳକ ଭାବେ ଗର୍ଭବତୀ, ପ୍ରସୂତି ଏବଂ ଶିଶୁ ମାନଙ୍କୁ ଟୀକା ପ୍ରଦାନ କରାଯାଇଥାଏ। ଆଜି ମାସର ଶେଷ ବୁଧୁବାର ହେତୁ ୱାର୍ଡ ନମ୍ବର ୧୫ ଅର୍ଥାତ ତୋଟା ସାହି, ୱାର୍ଡ ନମ୍ବର ୧୬ ଲଛମନ ପଲ୍ଲୀ, ୧୭ ନଂ ୱାର୍ଡର ଲାଳଶାସନ, ୱାର୍ଡ ନମ୍ବର ୧୮ ପାକଲାପଲ୍ଲୀ ଅଞ୍ଚଳରୁ ପ୍ରାୟ ୬୦ରୁ ଉର୍ଦ୍ଧ ହିତାଧିକାରୀ ନିମନ୍ତେ ଟୀକାକରଣ କେନ୍ଦ୍ର ସହରାଞ୍ଚଳ ପ୍ରାଥମିକ କେନ୍ଦ୍ରରେ କରାଯାଇଥିଲା। ତେବେ ପ୍ରବଳ ଖରାରେ ଏଠାରେ ମା, ପିଲା, ଗର୍ଭବତୀ ମାନଙ୍କ ପାଇଁ ବସିବା, ଠିଆ ହେବା, ପାନୀୟ ଜଳ ବ୍ୟବସ୍ଥା, ଫ୍ୟାନର ସୁବିଧା ନଥିବା ହେତୁ ବହୁତ ମା, ପିଲା ଏବଂ ଅଭିଭାବକ ମାନେ ଖରାରେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ଖରାର ରୌଦ୍ର ତାପ ଅନ୍ୟପଟେ ଟୀକାକରଣ ଅବ୍ୟବସ୍ଥାକୁ ନେଇ ଅଭିଯୋଗ କରିଛନ୍ତି ବହୁ ମହିଳା।

# ବଣ୍ଟା ହୋଇନି ୯୩ ହଜାର ୩୫୦ ବହି

**ଶେରଗଡ଼,୨୭ ।୫(ସମିସ):**

ଗ୍ରୀଷ୍ମକାଳୀନ ଅବକାଶ ଅଧା ସରିଲାଣି। ଛାତ୍ରଛାତ୍ରୀ ବହି ନଥିବାରୁ ଘରେ ହାତବାନ୍ଧି ବସିଛନ୍ତି। ପାଠପଢା ଆଗେଇ ପାରୁନାହିଁ। ଛୁଟି ଖୋଲିବାକୁ ଛାତ୍ରଛାତ୍ରୀ ଚାହିଁ ବସିଛନ୍ତି। ଯାହାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବହି ବଦଳିବା ପରେ ନୂତନ ବହି ଆସିନଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଏଯାବତ, ଶେରଗଡ ଶିକ୍ଷା ମଣ୍ଡଳରେ ୯୩୩୫୦ ବହି ଛାତ୍ରଛାତ୍ରୀ ପାଇ ନ ଥିବା ବିଭାଗ କହୁଥିବା ବେଳେ ପ୍ରକୃତ ପକ୍ଷେ ଅଧିକାଂଶ ଛାତ୍ରଛାତ୍ରୀ ବହି ପାଇନଥିବା ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ପ୍ରତିବର୍ଷ ଗ୍ରୀଷ୍ମ ଅବକାଶ ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ସରକାରୀ ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥାଏ। ଯଦି



କେହି ଛାତ୍ରଛାତ୍ରୀ ବହି ନପାଇଥାନ୍ତି ତେବେ ପୂର୍ବ ବର୍ଷର ବହି ସଂଗ୍ରହ କରି ଗ୍ରୀଷ୍ମ ଛୁଟିରେ ପାଠପଢା ଜାରି ରଖିଥାନ୍ତି। ପ୍ରାୟ ୨ ମାସ ଛୁଟି ରହୁଥିବାରୁ ଏହି ମାସରେ ଛାତ୍ରଛାତ୍ରୀ କିଛି ପାଠ ଶେଷ କରିଦେଇଥାନ୍ତି। ଏପ୍ରେଲ ମାସରେ ପଢାଯାଇଥିବା ପାଠକୁ ମଧ୍ୟ ପୁନରାବୃତ୍ତି କରିଥାନ୍ତି। ଫଳରେ ବିଦ୍ୟାଳୟ ଖୋଲିବା ପରେ

## ଖରାଛୁଟିରେ ପାଠପଢ଼ା ଠପ୍

ପାଠପଢା ଆଗେଇ ନେବା ଲାଗି ସେମାନଙ୍କୁ ସହଜ ହୋଇଥାଏ। ଚଳିତ ଥର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ବଦଳିଛି। ନୂତନ ଢଙ୍ଗରେ ସମସ୍ତ ବହି ଆସିଛି। ମାତ୍ର ଏଯାବତ ସମସ୍ତ ବହି ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚି ପାରିନାହିଁ। ଶେରଗଡ ଶିକ୍ଷା ମଣ୍ଡଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩ ହଜାର ୮୮୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଯେଉଁଥିଲାଗି ୦୧ ଲକ୍ଷ ୬୫ ହଜାର ବହି ଆବଶ୍ୟକ। ଏଯାବତ ୭୧ ହଜାର ୬୫୦ ଖଣ୍ଡ ବହି ବଣ୍ଟା ଯାଇଥିବା ବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆହୁରି ୯୩ ହଜାର ୩୫୦ ଆବଶ୍ୟକ ରହିଛି। ମାତ୍ର ଅଧିକାଂଶ ବିଦ୍ୟାଳୟରେ ଛାତ୍ରଛାତ୍ରୀ ବହି ପାଇନଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଦୁଇରୁ ତିନି ଖଣ୍ଡ ବହି ପାଇଛନ୍ତି। ଗଣିତ, ଇଂରାଜୀ ଓ ବିଜ୍ଞାନ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ବହି ପାଇନାହାନ୍ତି। ଶିକ୍ଷା ବିଭାଗ ବିଦ୍ୟାଳୟକୁ କିଛି ବହି ଦେଇଥିବା କହୁଥିଲା ବେଳେ ସମସ୍ତ ବହି ବିଦ୍ୟାଳୟ କର୍ତ୍ତୃପକ୍ଷ ବାଣ୍ଟିଛନ୍ତି କି ନାହିଁ ତାହାର ତଦାରଖ କରାଯିବା ଉଚିତ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ସେହିପରି ଖୁବଶୀଘ୍ର ଛାତ୍ରଛାତ୍ରୀଙ୍କ ନିକଟରେ ବହି ପହଞ୍ଚିବା ବ୍ୟବସ୍ଥା କରିବାକୁ ଅଭିଭାବକ ମାନେ ଶିକ୍ଷା ବିଭାଗ ନିକଟରେ ଦାବି କରିଛନ୍ତି।

# ମୁଖ୍ୟ ରାସ୍ତାରେ ଭାଙ୍ଗିପଡ଼ିଲା ଗଛ ଡାଳ



**କୋଦଳା,୨୭ ।୫(ସମିସ):** ବେଗୁନିଆପଡ଼ା ଥାନା ଅନ୍ତର୍ଗତ ତିରିଡା ଗ୍ରାମର ପାଡାହ ମୁଖ୍ୟ ରାସ୍ତା ଉପରେ ଛିଡି ପଡିଲା ଏକ ବିରାଟକାୟ ଗଛଡାଳ। ବହୁ ପୁରାତନ ବରଗଛର ଡାଳଟି ଅଚାନକ ହଠାତ୍ ଛିଡି ପଡିଥିବା ଦେଖିବାକୁ ମିଳିଛି। ତେବେ ସୌଭାଗ୍ୟବଶତଃ ସେତେବେଳେ କୌଣସି ଲୋକ ସେହି ରାସ୍ତାରେ ଯାତାୟତ କରୁ ନଥିଲେ। ଫଳରେ କୌଣସି ଅଘଟଣ ଘଟିନି। ଗଛ ଡାଳଟି ପଡି ରାସ୍ତା ଅବରୋଧ ହୋଇଥିବାବେଳେ ସ୍ଥାନୀୟ ଲୋକେ କୋଦଳା ଅଗ୍ନିଶମ ବାହିନୀ କର୍ମଚାରୀ ମାନଙ୍କୁ ଖବର ଦେଇଥିଲେ। ବୁଧବାର ଅପରାହ୍ନରେ କୋଦଳା ଅଗ୍ନିଶମ କର୍ମଚାରୀ ମାନେ ପହଞ୍ଚି ଡାଳକୁ କାଟି ରାସ୍ତା ସଫା କରି ଅବରୋଧ ହଟାଇଥିଲେ।

ଓପିଏସ୍‌ସି ପରୀକ୍ଷା

# ୯୮ ର୍‍ୟାଙ୍କରେ ଖଗେଶ୍ୱର



**ଗଞ୍ଜାମ/ଛତ୍ରପୁର,୨୬ ।୫(ସମିସ):** ଓଡ଼ିଶା ପ୍ରଶାସନିକ ସେବା (ଓପିଏସ୍‌ସି) ପରୀକ୍ଷାରେ ଗଞ୍ଜାମ ବ୍ଲକ୍ ସାନରାମଚନ୍ଦ୍ରପୁର ପଞ୍ଚାୟତର ଖଗେଶ୍ୱର ବେହେରା ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବିଟେକ ଇଞ୍ଜିନିଅରରୁ ଓଏଏସ ପାଇଛନ୍ତି। ଖଗେଶ୍ୱର ହେଉଛନ୍ତି ଗୌରାଙ୍ଗପାଟଣାର ଶିକ୍ଷକ ଦେବରାଜ ବେହେରାଙ୍କ ପୁଅ। ଖଗେଶ୍ୱର ବାମଦେବ ହାଇସ୍କୁଲରୁ ମାଟ୍ରିକ ପାସ କରିଥିବା ବେଳେ, ପରବର୍ତ୍ତୀ ସମୟରେ ବି.ଟେକ ଇଞ୍ଜିନିଅରିଂ ପାସ କରିଥିଲେ। ଦ୍ୱିତୀୟ ଉଦ୍ୟମରେ ସେ ଏହି ସଫଳତା ହାସଲ କରିଥିବା ବେଳେ ଏହାର ଶ୍ରେୟ ଭଗବାନଙ୍କ ସହ ନିଜ ପରିବାର ବର୍ଗକୁ ଦେଇଛନ୍ତି। ଭବିଷ୍ୟତରେ ଆଇଏଏସ୍ ହେବାକୁ ଲକ୍ଷ୍ୟ ରଖିଥିବା ଖଗେଶ୍ୱର କହିଛନ୍ତି।

# ୫୬ ର୍‍ୟାଙ୍କରେ ସୋରଡ଼ାର କାହ୍ନୁ

**ସୋରଡ଼ା,୨୬ ।୫(ସମିସ):** ସୋରଡ଼ାର କାହ୍ନୁ ବେହେରା ଓସିଏସ୍ ପରୀକ୍ଷାରେ ୫୬ ର୍‍ୟାଙ୍କରେ ପାସ୍ କରିଛନ୍ତି। ପରିବାରର ରୋଜଗାର କହିଲେ ସ୍ଥାନୀୟ ସୋରଡ଼ା ଜଳ ଭଣ୍ଡାରରୁ ବାପା କଳିଆ ମାଛ ମାରିଲେ ପେଟ ପୋଷେ। ଏଣୁ ଅଭାବୀ କଷ୍ଟକୁ ଅତି ନିକଟରୁ ଦେଖି ନିଜର ଅଦମ୍ୟ ଚେଷ୍ଟା ଓ ଏହି ସୀମାନ୍ତ ଅଞ୍ଚଳରେ ଶିକ୍ଷାର ମାନକୁ ପହଞ୍ଚାଇବା ଲକ୍ଷ୍ୟରେ ନିଜେ ଅନବରତ ସାଧନ କରିବା ସହିତ ଶିକ୍ଷାରମୂଲ୍ୟ ବୁଝିବା ଉଦ୍ଦେଶ୍ୟରେ ପିଲା ମାନଙ୍କୁ ମାଗଣାରେ ଟ୍ୟୁସନ୍ କରି ଭଲ ପାଠ ପଢ଼ାଉ ଥିଲେ। ଯାହାକି ଆଜି ତାଙ୍କର ଏହି ସଫଳତା ଅନୁଗତ ସେହି ପିଲା ମାନଙ୍କୁ ବେଶ



ପ୍ରେରଣା ଯୋଗାଇବା ନେଇ କହିଛନ୍ତି। ସ୍ଥାନୀୟ ତହସିଲଦାର ଗୋପାଳ କୃଷ୍ଣ ରାଉତରାୟ, ବିଡିଓ ତନ୍ମୟ ପାତ୍ର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଏହି ଅଞ୍ଚଳର ବୁଦ୍ଧିଜୀବୀଙ୍କ ସହିତ ସହପାଠୀ ଓ ଅନୁଗତ ଛାତ୍ରଛାତ୍ରୀ କାହ୍ନୁଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

# ୧୦ମ ର୍‍ୟାଙ୍କରେ ଆସିକାର ଇତିଶ୍ରୀ

**ଆସିକା,୨୭ ।୫(ସମିସ):** ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୦ ତମ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି ଆସ୍କା ନୂଆଗାଁର ପ୍ରକାଶ ଜେନାଙ୍କ ଝିଅ ଇତିଶ୍ରୀ ଜେନା। ତାଙ୍କର ଏହି ସଫଳତା ପରେ ଶୁଭେଚ୍ଛାର ସୁଅ



ଛୁଟିଛି। ପିଲାଟି ଦିନୁ ଇତିଶ୍ରୀ ଉଚ୍ଚ ଅଭିଳାସି ସହ ମେଧାବୀ ଛାତ୍ରୀ ଥିଲେ। ଗୋଟିଏ ନିପଟ ଗ୍ରାମରୁ ଆସିଥିଲେ ମଧ୍ୟ ମନରେ କିନ୍ତୁ ଥିଲା ଓଡିଶା ପ୍ରଶାସନିକ ସେବାରେ କାମ କରିବା। ତେଣୁ ସବୁ ବାଧା ବିଘ୍ନ ପରେ ବି ଆଜି ସେ ସଫଳତାର ପାହାଚ ଚଢ଼ିଛନ୍ତି। ଆଉ ନିଜ ପରିବାର ସହ ଅଞ୍ଚଳ ପାଇଁ ଗର୍ବ ପାଲଟିଛନ୍ତି। ଭଗବାନଙ୍କ ଆଶିର୍ବାଦ ସହ ବାପା ମାଙ୍କ ଆଶିର୍ବାଦ ଯୋଗୁଁ ସେ ଏହି ସଫଳତା ପାଇଛନ୍ତି ବୋଲି ଇତିଶ୍ରୀ କହିଛନ୍ତି।

# ଥାନା ଅଧିକାରୀଙ୍କ ଝିଅ ହେଲେ ଓଏଏସ୍

**ବେଲଗୁଣ୍ଠା,୨୭ ।୫(ସମିସ):** ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୫୨ ର୍‍ୟାଙ୍କରେ ସଫଳତା ହାସଲ କରିଛନ୍ତି ପୂର୍ବତନ ବେଲଗୁଣ୍ଠା ଥାନା ଅଧିକାରୀ ତଥା ବର୍ତ୍ତମାନର ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ଝିଅ କ୍ଷଣପ୍ରଭା ପ୍ରଧାନ। କ୍ଷଣପ୍ରଭା ନିଜର ପ୍ରଥମ ପ୍ରଚେଷ୍ଟାରେ ଏହି ସଫଳତା ହାସଲ କରି ନିଜ ପରିବାର ଏବଂ ନିଜ ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। କ୍ଷଣପ୍ରଭାଙ୍କ ନିଜ ଘରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ହୋଇଥିବା ବେଳେ ସେ ନିମାପଡ଼ା କଲେଜ୍‌ରେ ଜଣେ ମେଧାବୀ ଛାତ୍ରୀ ଭାବେ ଯୁକ୍ତ ଦୁଇ ଏବଂ ସ୍ନାତକ ଶିକ୍ଷା ସମାପ୍ତ କରି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଏହାପରେ ସେ ନାଇଜର୍ ଅଧୀନରେ ପି.ଏଚ୍.ଡି କରିଥିଲେ ମଧ୍ୟ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ରଖି ନିଜର ପ୍ରସ୍ତୁତି ଆରମ୍ଭ କରିଥିଲେ। ସେ ଭୁବନଶ୍ୱରରେ ରହି ଦୈନିକ ୧୦ /୧୨ ଘଣ୍ଟା କଠିନ ପରିଶ୍ରମ କରି ଏହି ସଫଳତା ପାଇଥିବା କଥା ପ୍ରକାଶ କରିଛନ୍ତି। ତାଙ୍କ ସଫଳତା ପଛରେ ବାପା



ବନବିହାରୀ ଏବଂ ମାଆ ସସ୍ମିତାଙ୍କ ସମେତ ଗୁରୁଜନ ମାନଙ୍କ ପ୍ରେରଣା ରହିଛି ବୋଲି ସେ କହିଛନ୍ତି। କ୍ଷଣପ୍ରଭାଙ୍କ ସଫଳତା ପାଇଁ ଗାଙ୍ଗପୁର ଥାନାର ସମସ୍ତ ପୋଲିସ କର୍ମଚାରୀ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସଭାପତି ପ୍ରଭାତ ସାହୁ, ସମ୍ପାଦକ ଅଶ୍ୱିନୀ ମହାନ୍ତି, ଉପଦେଷ୍ଟା ସନ୍ତୋଷ କୁମାର ବିଷୋୟୀ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟନାରାୟଣ ତ୍ରିପାଠୀ, ସୁଶାନ୍ତ ବେହେରାଙ୍କ ସମେତ ସମସ୍ତ ସାମ୍ବାଦିକ, ଗାଙ୍ଗପୁର ଓ ବେଲଗୁଣ୍ଠା ଥାନାର ସମସ୍ତ କର୍ମଚାରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ ପୂର୍ବ ସରକାରଙ୍କ ଉନ୍ନୟନ କାର୍ଯ୍ୟରେ ପ୍ରତିବନ୍ଧକ

# ପ୍ରତିବାଦରେ ବିଜେଡିର ଦାବିପତ୍ର

**ଆସିକା,୨୭ ।୫(ସମିସ):** ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ମାନେ ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ କ୍ରମେ ପୂର୍ବ ସରକାରଙ୍କ ସମୟରେ ଆସିକା ବ୍ଲକର ୨୭ଟି ପଞ୍ଚାୟତରେ ଆମ ଓଡିଶା ଓ ନବୀନ ଓଡିଶା ଯୋଜନାରେ ବିଭିନ୍ନ ଉନ୍ନୟମ ମୂଳକ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବର୍ତମାନ ସୁଦ୍ଧା ସେମାନଙ୍କ ବିଲ୍ ପେମେଣ୍ଟ ହୋଇନି। ଫଳରେ ଠିକାଦାର ମାନେ ସେମାନଙ୍କ ପ୍ରାପ୍ୟ ପାଉନାହାନ୍ତି। ତେଣୁ ବିଜେପି ପକ୍ଷରୁ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମେତ ବିଡ଼ିଓ, ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ସରକାର ବଦଳିବାର ଦୁଇବର୍ଷ ବିତିଗଲାଣି ତଥାପି କୌଣସି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ହୋଇ ନଥିବା ଦାବିପତ୍ରରେ ଉଲେଖ କରାଯାଇଛି। ସାତ ଦିନ ଭିତରେ ସମସ୍ୟାର ସମାଧାନ ନ ହେଲେ ରାଜ ରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ



ଦେଇଛନ୍ତି ବିଜେଡିର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ବିଜେଡି ସମର୍ଥକ। ଦାବିପତ୍ର ପ୍ରଦାନ ବେଳେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, ଦକ୍ଷିଣାଞ୍ଚଳ ସରପଞ୍ଚ ସଙ୍ଘ ସଭାପତି ଭବାନୀ ଶଙ୍କର ମଲିକ, ବ୍ଲକ ସଭାପତି ବିଦ୍ୟନ୍ତ ଚର୍ଚ୍ଚି, ଜିଲ୍ଲା ପରିଷଦ ସଭ୍ୟ ଅନିମା ପରିଡା, ମନୋଜ ଦୋରା, ସୂର୍ଯ୍ୟକାନ୍ତ ପରିଡା, ଅନିଲ ନାହାକ, ଜୟସେନ ସ୍ୱାଇଁଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ଯୁବ ଛାତ୍ର ଆସିକା ପୌର ପରିଷଦ ଉପାଧ୍ୟକ୍ଷ ଜୟନ୍ତୀ ବିଷୋୟୀଙ୍କ ସମେତ ବହୁ ୱାର୍ଡ ମେମ୍ବର ଓ ଯୁବ ଛାତ୍ର ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ସରୋଜ ପାଢ଼ୀ ଛକ ଫଳକରେ କାଳିବୋଳାକୁ ନେଇ ଚର୍ଚ୍ଚା

**ଆସିକା,୨୭ ।୫(ସମିସ):** ଆସିକା କଇଁଫୁଲିଆ ଛକର ନାମ ପରିବର୍ତ୍ତନ ସରୋଜ ପାଢ଼ୀ ଛକ ପୌର ପରିଷଦ ଫଳକ ଗତ କିଛି ଦିନ ହେଲା ପୋତା ଯାଇଥିବା ବେଳେ ବୁଧବାର ଦିନ ସେହି ଫଳକରେ କାଳି ବୋଳିବାକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା ଜୋର ଧରିଛି। ଗତ ସପ୍ତାହ ତଳେ କଇଁଫୁଲିଆ ଛକର ନାମକୁ ସରୋଜ ପାଢ଼ୀ ଛକ ନାମରେ ତିନିଟି ଫଳକ ପୋତା ଯାଇଥିଲା। ସେବେଠାରୁ ବିବାଦ ମୁଣ୍ଡ ଟେକିଛି। ଶାସକ ଦଳର ବିଧାୟକ ନାମରେ ଏହା ନାମକରଣ ହୋଇଥିବାରୁ ବିଜେଡି ସମେତ ସବୁ ବର୍ଗର ବ୍ୟକ୍ତି ଏବଂ ସ୍ଥାନୀୟ ବାସିନ୍ଦା ମାନେ ଏହାର ତୀବ୍ର ବିରୋଧ କରିବା ସହ ଗଣମାଧ୍ୟମରେ ବିଭିନ୍ନ ପ୍ରତିକ୍ରିୟା ରଖିଥିଲେ ଏବଂ ଥାନାରେ ଏତଲା ମଧ୍ୟ ଦିଆଯାଇଥିଲା। ଏହାପରେ ଗଣମାଧ୍ୟମରେ ଏହାକୁ ନେଇ ବିଜେପି ଓ ବିଜେଡି ମଧ୍ୟରେ ବୟାନ ବାଜି ଚାଲିଥିଲା। ତେବେ ବୁଧବାର ଏହି ଫଳକରେ କାଳି ବୋଳିବା ଘଟଣା ଚର୍ଚ୍ଚା ଜୋର ଧରିଛି। ସୂଚନାଥାଉକି ଗତ କିଛି ମାସ ତଳେ ଆସିକା ଏନଏସିକୁ ମ୍ୟୁନିସିପାଲିଟି ଘୋଷଣା କରିବା ସହ ଏଥିରେ ପଞ୍ଚାୟତର କିଛି ଗ୍ରାମ ମିଶ୍ରଣ ପ୍ରକ୍ରିୟା ହୋଇଛି। ସେଭଳି କାଳକଣ୍ଟେପୁର ପଞ୍ଚାୟତର ଚିନିକଳ ନିକଟ କଇଁଫୁଲିଆ ଛକକୁ ସରୋଜ ପାଢ଼ୀ ଛକ ନାମିତ ଫଳକ ମରାଯିବାକୁ ନେଇ ବିଭିନ୍ନ ମହଲରେ ବିଭିନ୍ନ ଆଲୋଚନା ହୋଇଥିଲା। କେବଳ ସେତିକ ନୁହେଁ ରାଜନୈତିକ ସ୍ୱର ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ



ସହରବାସୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଅନ୍ୟପଟେ ବର୍ଷ ବର୍ଷର କଇଁ ଫୁଲିଆ ଛକର ନାମ ପରିବର୍ତ୍ତନକୁ ନେଇ ଆସିକାରେ ରାଜନୈତିକ ସରଗରମ ଜୋର ଧରିଛି। ହେଲେ କିଏ. ନାମ ଫଳକରେ କାଳୀ ମାରିଲା ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

## ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

# କେନାଲରେ ଭାସୁଛି ଭ୍ରୁଣ

**ଶେରଗଡ,୨୭ ।୫(ସମିସ):**

ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଛୋଟ ଛୋଟ କାରଣ ଲାଗି ବ୍ରହ୍ମପୁର ସ୍ଥାନାନ୍ତର, ବିଶେଷଜ୍ଞ ଡାକ୍ତରଙ୍କ ଅଭାବ, ଲେବର ରୁମରେ ନିଆଁ ଲାଗିବା, ୦୬ ମାସ ଧରି ୱାର୍ମର ବନ୍ଦ ରହିବା, ପରିବାର ନିୟୋଜନ ଅସ୍ତ୍ରୋପଚାରରେ ଅର୍ଥ ଆଦାୟ, ପରିବାର ନିୟୋଜନ ଅସ୍ତ୍ରୋପଚାର ଲାଗି ବ୍ୟବହୃତ ଛୁଞ୍ଚି ସୂତା ବାବଦରେ ଅର୍ଥ ଦେବା ଲାଗି ବାଧ କରିବା ଭଳି ଘଟଣାରେ ଚର୍ଚ୍ଚାରେ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଆଜି ପୁଣି ଏକ ନୂତନ ଅଘଟଣ ଯୋଡି ହୋଇଛି। ଘଟଣା କ୍ରମେ, ତାକରଡା ଗ୍ରାମର ସ୍ୱପ୍ନା ନାୟକ ୬ ମାସରୁ ଉର୍ଦ୍ଧ୍ୱ ହେବ ଗର୍ଭବତୀ ଥିଲେ। ମଙ୍ଗଳବାର ତାଙ୍କର ଗର୍ଭ ଯନ୍ତ୍ରଣା ହେବାରୁ ୧୦୨କୁ ଫୋନ କରିଥିଲେ। ୧୦୨ ଘରେ ପହଞ୍ଚି ସ୍ୱପ୍ନାଙ୍କୁ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତସ୍ରାବ ଆରମ୍ଭ ହୋଇଥିଲା। ଯଦିଓ ଏଠି କୌଣସି ଉତ୍ତମ ଚିକିତ୍ସା ସୁବିଧା ନଥିଲା, ତେବେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କାହିଁକି କରାଗଲାନି, ତାହା ପ୍ରଶ୍ନବାଚୀ ? ଦ୍ୱିତୀୟତଃ,ଯଦି ଏଠାରେ ତାଙ୍କର ଅପରେସନ କରାଗଲା ଏବଂ ମୃତ ଭ୍ରୁଣ ଜନ୍ମ ହେଲା ତାହେଲେ ମୃତ ଭ୍ରୁଣକୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ନଷ୍ଟ କରାନଯାଇ କାହିଁକି ଉକ୍ତ ମହିଳାଙ୍କୁ ପ୍ଲାସେଣ୍ଟା ଲାଗିଥିବା ଅବସ୍ଥାରେ କାହିଁକି ଦିଆଗଲା ଏବଂ ମହିଳା ଜଣଙ୍କ ନିଜର ମୃତ ଭ୍ରୁଣକୁ କେନାଲରେ ଫୋପାଡି ଦେଲେ, ଏହ। କଣ ମାନବିକତା କି, ଏହା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ ଦାୟିତ୍ୱହୀନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯଦି ମହିଳା ଜଣଙ୍କ ଏହି ମୃତଭ୍ରୁଣକୁ ନେବା ଲାଗି ଜିଦ ଧରିଲେ, ତେବେ ଦାୟିତ୍ୱରେ ଥିବା ସେବିକା ସ୍ମୃତିଲତା ନାୟକ କାହିଁକି ବାରଣ କଲେନି ବା ନିଜ କଥା ନଶୁଣିବାରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେନି କାହିଁକି ଏବଂ ଯଦି ଜବରଦସ୍ତ ନେଲେ ତେବେ ତାଙ୍କ ସମ୍ପର୍କୀୟଙ୍କ ଠାରୁ ଲିଖିତ ଭାବେ କିଛି ରଖିଲେ ନାହିଁ କାହିଁକି? ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଲାଗି ମୃତଭ୍ରୁଣ ତାକରଡା ନିକଟସ୍ଥ ରୂଷିକୂଲ୍ୟା କେନାଲରେ ଭାସୁଥିଲା। ଏହାକୁ ବୁଧବାର ସକାଳୁ ସ୍ଥାନୀୟ ଜନସାଧାରଣ ଦେଖି ନିକଟସ୍ଥ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ମୃତଭ୍ରୁଣକୁ ଉଦ୍ଧାର କରି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରିଥିଲେ। ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏଭଳି ଅବହେଳାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି, ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ, କେବେ ବଦଳିବ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାଗ୍ୟ।



## ରାଉରକେଲାରେ କାଳବୈଶାଖୀ ତାଣ୍ଡବ

# ଗଛ ଉପୁଡ଼ି ରାସ୍ତା ଅବରୋଧ, ଭାଙ୍ଗିଲା ଘର

ରାଉରକେଲା, ୨୭।୫(ସମିସ)

ସୋମବାର ଅପରାହ୍ଣରେ କାଳବୈଶାଖୀର ପ୍ରଭାବରେ ପ୍ରବଳ ପବନ ଏବଂ ବର୍ଷା ସହିତ କୁଆପଥର ବର୍ଷା ଯୋଗୁଁ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଅନେକ ଗଛ ଉପୁଡି ପଡ଼ି ରାସ୍ତା ଅବରୋଧ ହୋଇଥିଲା। କେତେକ ସ୍ଥାନରେ ଘର ଭାଙ୍ଗିଥିବା ନଜର ଆସିଥିଲା। ତେବେ ସୋମବାର କାଳବୈଶାଖୀ ତାଣ୍ଡବ ପରର ସ୍ଥିତି ସ୍ୱାଭାବିକ ହୋଇ ପାରି ନଥିବା ବେଳେ ଆଜି ପୁଣି ଅପରାହ୍ଣ ୪ଟାରେ କାଳବୈଶାଖୀ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ବହୁ ଗଛ ଭାଙ୍ଗିବା ସହ ବିଦ୍ୟୁତ ତାର ଛିଡି ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଛି। ସେପଟେ ଗତ ସୋମବାର ଅପରାହ୍ଣରେ ହୋଇଥିବା କାଳବୈଶାଖୀରେ ଛିନ୍ନଛତ୍ର ହୋଇଥିବା ବିଦ୍ୟୁତ ଖୁଣ୍ଟ ତାର ସ୍ୱାଭାବିକ ହୋଇନଥିବାରୁ ୪ ଦିନ ହେବ ସେକ୍ଟରବାସୀ ଅନ୍ଧକାରରେ ରହିଛନ୍ତି। ଗୋଟିଏ ପଟେ ପ୍ରବଳ ଗରମ ଗୁଳୁଗୁଳି ହେଉଥିବା ବେଳେ ବିଦ୍ୟୁତ ସଂଯୋଗ ନଥିବାରୁ ସହରବାସୀ ଗରମରେ ଛଟପଟ ହେଉଛନ୍ତି।





ସୂଚନାଯୋଗ୍ୟ ଆଜି ଅପରାହ୍ଣ ପ୍ରାୟ ସାଢେ ୪ଟାରେ ଘଡ଼ଘଡ଼ି ସହ ପ୍ରବଳ ପବନ ଓ ବର୍ଷା ମାଡି ଆସିଥିଲା। ଫଳରେ ରାଉରକେଲା ରିଙ୍ଗ ରୋଡରେ ଥିବା ବହୁ ସଂଖ୍ୟାରେ ଗଛ ଉପୁଡି ପଡ଼ିଥିଲା। ବିଶେଷକରି ସେକ୍ଟର-୨୧, ସେକ୍ଟର - ୧, ସେକ୍ଟର-୨ ଏବଂ ସେକ୍ଟର-୨୦ ଅଞ୍ଚଳରେ ବହୁ ସଂଖ୍ୟାରେ ଗଛ ଉପୁଡି ପଡ଼ି ରାସ୍ତା ଅବରୋଧ ହୋଇଥିବା ଜଣାପଡ଼ିଛି। ଗଛ ଉପୁଡ଼ି ବିଦ୍ୟୁତ ତାର ଉପରେ ପଡ଼ିଥିବାରୁ ବିଜୁଳି ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। କାଳବୈଶାଖୀରେ ଶହଶହ ସଂଖ୍ୟାରେ ଗଛ ରାସ୍ତା ଉପରେ ପଡ଼ିରହିବା ଦ୍ୱାରା ଯାତାୟାତ ପ୍ରଭାବିତ ହୋଇଛି। ଏପରିକି ଗଛ କାଟିବା ପାଇଁ ଜେସିବି ଘଟଣା ସ୍ଥଳରେ ପହଞ୍ଚି ପାରୁନଥିବା ସୂଚନା ମିଳିଛି। ସେହିପରି ଉଦିତନଗର ପୁରଣା କୋର୍ଟ, ପାୱାର ହାଉସ ରୋଡ, ପାନପୋଷ, ସେକ୍ଟର - ୨, ସେକ୍ଟର - ୧୩, ସେକ୍ଟର - ୧୮ ଛକ ପର୍ଯ୍ୟନ୍ତ ଅନେକ ଗଛ ଉପୁଡ଼ି ପଡ଼ିଥିଲା ଏବଂ ଗଛର ଡାଳ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ପୱାର ହାଉସ ରୋଡ, ନିର୍ମଳ ମାର୍କେଟଠାରେ ଏକ ବିରାଟ ବିଜ୍ଞାପନ ହୋର୍ଡିଂ ତଳେ ପଡ଼ି ରାସ୍ତା ଅବରୋଧ ହୋଇଥିବା ଜଣାପଡ଼ିଛି। ତେବେ ସୋମବାର ସେକ୍ଟର-୧, ଏନଆଇଟି ରୋଡ ଅଞ୍ଚଳରେ ମଧ୍ୟ ଗଛ ଡାଳ ପଡ଼ି ରାସ୍ତା ଅବରୋଧ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏପର୍ଯ୍ୟନ୍ତ ସ୍ୱାଭାବିକ ହୋଇ ପାରିନାହିଁ। ଏହାସହ ଯାତାୟାତ ଏବଂ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସେହିପରି ସେକ୍ଟର-୧ ଏବଂ ସେକ୍ଟର-୨ ମଧ୍ୟରେ ଅବସ୍ଥିତ ଖାରିଆ ବାହାଲ ବସ୍ତିରେ ଅନେକ ଅଞ୍ଚଳରେ ଗଛ ଉପୁଡ଼ି ପଡ଼ିଥିଲା ଏବଂ ଗଛର ଡାଳ ଭାଙ୍ଗି ଯାଇଥିଲା, ଯାହା ଫଳରେ ବହୁତ କ୍ଷତି ହୋଇଥିଲା। ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା ବେଳେ ସ୍ୱାଭାବିକ ହୋଇ ପାରିନାହିଁ।

### ୪ ଦିନ ହେଲା ଅନ୍ଧାରରେ ସେକ୍ଟରବାସୀ

ସେହିପରି ସେକ୍ଟର-୨ ସ୍ଥିତ ଦୁର୍ଗା ପୂଜା ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା 'ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର' କାର୍ଯ୍ୟକ୍ରମର ପ୍ରସ୍ତୁତି ମଧ୍ୟ ପ୍ରବଳ ପବନ ଏବଂ କାଳ ବୈଶାଖୀ ଝଡ଼ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ନିର୍ମାଣାଧୀନ ଯଜ୍ଞ ସେଡ୍ ଭାଙ୍ଗିଯିବାରୁ ଏହି କାର୍ଯ୍ୟକ୍ରମକୁ ୨୯ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ନଗର ପ୍ରଶାସନ ଏବଂ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସ୍ୱାଭାବିକତା ଫେରାଇ ଆଣିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଆରମ୍ଭ କରିଥିବା ଜଣାପଡ଼ିଛି।

# ବଣାଇଁର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ

ବଣାଇଁ: ବଣାଇଁ ସହର ସମେତ ସମଗ୍ର ଉପଖଣ୍ଡରେ ଆଜି ଅପରାହ୍ଣ ପ୍ରାୟ ୪ଟା ୩୦ ମିନିଟ ସମୟରେ ହଠାତ୍ କାଳବୈଶାଖୀ ଝଡ଼ ସହ ପ୍ରବଳ ବର୍ଷା, ପବନ ତାଣ୍ଡବ ରଚି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ପ୍ରବଳ ପବନରେ ଘରର ଆଜବେଷ୍ଟସ ଉଡିଯିବା ସହ ବହୁ ଘର ଛାତ କ୍ଷତିଗ୍ରସ୍ତ ହୋଇଛି। ବଣାଇଁ ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗଛ ଉପୁଡି ପଡ଼ିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଦେଓଗାଁ ଠାରୁ ଚର୍ଚ୍ଚ ଛକ ପର୍ଯ୍ୟନ୍ତ ରାସ୍ତାରେ ଥିବା ଅନେକ ଷ୍ଟ୍ରିଟ ଲାଇଟ ଭାଙ୍ଗି ପଡ଼ିଥିବା ବେଳେ ବିଦ୍ୟୁତ ତାର ଛିଡିଯାଇ ସମଗ୍ର ଅଞ୍ଚଳ ଅନ୍ଧକାରରେ ବୁଡି ଯାଇଥିଲା। ପବନର ବେଗ ୧୦୦ କିଲୋମିଟରରୁ ଅଧିକ ଥିବାରୁ ବଣାଇଁ ସହରର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ି ରାସ୍ତା ଜାମ ସୃଷ୍ଟି କରିଥିଲା। ଚର୍ଚ୍ଚଛକରୁ ଶୁଣ୍ଠିକୋଣ,



ଆରଡିଡି ଛକରୁ ଆଇଟିଡିଏ ହଲ, ବ୍ଲକ କଲୋନୀ, କଲେଜ ଛକରୁ କଲେଜ ପଛ ପାର୍ଶ୍ୱ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସର, ବଣାଇଁ କୋର୍ଟ ପରିସର, କଚେରୀ ଛକରୁ କାଠ ଗୋଦାମ, ହସ୍ପିଟାଲ ରୋଡ଼ରୁ ସିଂଟୋଲା, ବସ ଷ୍ଟାଣ୍ଡ, ପୋଷ୍ଟ ଅଫିସ ଛକ, କଂସାରୀ ସାହି ଛକ, ରାଜବାଟୀ, ଜଗନ୍ନାଥପୁର, ତେଲି ସାହି, ବାହାରିଗଡ଼ ଓ କନ୍ତଯୋଡି ସମେତ ବଣାଇଁର ପ୍ରାୟ ସମସ୍ତ ସାହି ଓ ଗଳିକନ୍ଦିରେ ଗଛ ପଡ଼ିଥିବା ଦେଖିବାକୁ ମିଳିଛି। ବହୁ ସ୍ଥାନରେ ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁଣ୍ଟ ଉପରେ ଗଛ ପଡ଼ିବାରୁ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ଅନେକ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ଉପରେ ମଧ୍ୟ ଗଛ ପଡ଼ି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେହିପରି ବଣାଇଁ ଉପଖଣ୍ଡର କେନ୍ଦ୍ରିକଳା, ଉପରପଡ଼ା, ଦରେଇକଳା, ବାବୁନୂଆଗାଁ, ବରହାମୂଷା, ପାଣ୍ଡୁରୀଶିଳା, ଗୋବିନ୍ଦପୁର, କେନାଭେଟା, ଜକେଇକଳା, ତଳିତା, ଗୋଗୁଆ, ଜାଙ୍ଗଳା, ରୁଗୁଡା, ସରସରା ଓ କଷଡ଼ା ଆଦି ଗ୍ରାମରେ ମଧ୍ୟ କାଳ ବୈଶାଖୀର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବହୁ କାଚା ଘର ଭାଙ୍ଗିଥିବା ବେଳେ ଚାଷଜମିରେ ମଧ୍ୟ କ୍ଷତି ହୋଇଥିବା ପ୍ରାଥମିକ ସୂଚନା ମିଳିଛି। ସ୍ଥାନୀୟ ପ୍ରଶାସନ, ଅଗ୍ନିଶମ ବିଭାଗ ଓ ବିଦ୍ୟୁତ ବିଭାଗର କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ପହଞ୍ଚି ରାସ୍ତାରୁ ଗଛ ହଟାଇବା ସହ ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ କାମ ମଧ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି।

## ଛାରଖାର୍ କୋଇଡ଼ା ଖଣି ଅଞ୍ଚଳ; ବହୁ ଗାଁ ବିଚ୍ଛିନ୍ନ



କୋଇଡା: ଆଜି କୋଇଡା ବ୍ଲକ ମାଲଦ ପଞ୍ଚାୟତ କଳମଙ୍ଗ, ମାଲଦା, ମଣ୍ଡଯୋଡା, ଗଣୁଆଁ ଆଦି ଅଞ୍ଚଳରେ କାଳବୈଶାଖୀ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ମିଲି ବେହେରା, ସମାଜ ସିଦ୍ଧୁ, ଡୁଗୁନ ମୁଣ୍ଡା, ସଲମାନ ସୋଏଙ୍କ ସମେତ ବହୁ ଘରର ଛାତ ଆଦି ଭାଙ୍ଗିବା ସହ ବଡବଡ ଗଛ ଉପୁଡି ପଡ଼ି ବିଭିନ୍ନ ରାସ୍ତା ଉପରେ ପଡ଼ିରହିଛି। ଗଛ ଭାଙ୍ଗିବା ସହ ମାଲଦା ପଞ୍ଚାୟତ ସମେତ ବିଦ୍ୟୁତ୍ ସଂଯୋଗ ସମ୍ପୂର୍ଣ୍ଣ ଭାବେ ଠପ୍ ରହିଛି। କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର ସହାୟତା ପ୍ରଦାନ କରାଯିବା ନେଇ ତହସିଲଦାର ଚିନ୍ମୟ ଦାସ ସୂଚନା ଦେବା ସହିତ କ୍ଷତିଗ୍ରସ୍ତ ଅଞ୍ଚଳକୁ ସ୍ୱତନ୍ତ୍ର ଟିମ୍ ପଠାଇଥିବା ଜଣାପଡ଼ିଛି।

## ଅକ୍ଷୟ ମହାନ୍ତି ଟ୍ରଷ୍ଟ ପ୍ରତିଷ୍ଠାତାଙ୍କ ବିୟୋଗ

ରାଉରକେଲା, ୨୭।୫(ସମିସ): ରାଉରକେଲା ସହରର ଜଣାଶୁଣା ସଙ୍ଗୀତ ଅନୁଷ୍ଠାନ ଅକ୍ଷୟ ମହାନ୍ତି ଟ୍ରଷ୍ଟର ଅନ୍ୟତମ ପ୍ରତିଷ୍ଠାତା ଦେବୀପଦ ମିଶ୍ରଙ୍କର ଗତକାଲି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା। ଆଜି ଅପରାହ୍ଣରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ତାଙ୍କ ବିୟୋଗରେ ସଙ୍ଗୀତ ପ୍ରେମୀ ଓ ତାଙ୍କ ଶୁଭେଚ୍ଛୁଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମିଶ୍ର ପ୍ରତି ବର୍ଷ ଅକ୍ଷୟ ମହାନ୍ତି ସଂଧ୍ୟା ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଥିଲେ। ତାଙ୍କ ବିୟୋଗରେ ଅକ୍ଷୟ ମହାନ୍ତି ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଆର୍ତ୍ତରଞ୍ଜନ ଘୋଷ, ଶୈଳେନ୍ଦ୍ର ସାହୁ, ସଞ୍ଜୟ ଜେନା, ସମରଜିତ ମହାନ୍ତି, ଶ୍ରୀନୟନ ବାରିକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ୨୩, ୦୦୦ ଲୋକଙ୍କୁ ବେଦାନ୍ତ ଆଲୁମିନିୟମର ଜଳ ଯୋଗାଣ

ରାଉରକେଲା, ୨୭।୫(ସମିସ): ଗ୍ରୀଷ୍ମଋତୁରେ ଗ୍ରାମୀଣ ଓଡ଼ିଶାରେ ଜଳ କଷ୍ଟ ଦୂର କରିବା ପାଇଁ ଭାରତର ସର୍ବବୃହତ୍ତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ଼ ଜିଲ୍ଲାର କୁରାଲୋଇ, ଜାମଖାନୀ ଏବଂ ଘୋଘରପାଲି ଅଞ୍ଚଳରେ ପାଣି ଟ୍ୟାଙ୍କର ଏବଂ ପାନୀୟ ଜଳ କିଓସ୍କ ମାଧ୍ୟମରେ ଜଳ ଯୋଗାଣ କରିଥିବା ସୂଚନା ମିଳିଛି। ଏହି ପଦକ୍ଷେପ ଦ୍ୱାରା ଦୈନିକ ଅତିରିକ୍ତ ୭୨, ୦୦୦ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି। ଯାହା କମ୍ପାନୀର ପ୍ରୋଜେକ୍ଟ ନିର୍ମଳ ପଦକ୍ଷେପ ଅଧୀନରେ ସ୍ଥାନୀୟ ସମ୍ପ୍ରଦାୟକୁ ଦୈନିକ ଯୋଗାଇ ଦିଆଯାଉଥିବା ୨.୪୬ ଲକ୍ଷ ଲିଟର ଜଳର ପରିପୂରକ ଅଟେ। ଏହି ପଦକ୍ଷେପରେ କୁରାଲୋଇ ଏବଂ ପିପିଲିମାଳ ଗ୍ରାମ ପଞ୍ଚାୟତ, ବେଲପାହାଡ଼ ପୌରପାଳିକାର ୱାର୍ଡ ନମ୍ବର ୧୭, ଝାରପାଲମ ଏବଂ ଗର୍ଜନଜୋର ପଞ୍ଚାୟତ ସମେତ ଚକ୍ର, ବିଲିମୁଣ୍ଡା, ଗର୍ଜନଜୋର, ଗିରିଶିମା ଏବଂ ଜାମଖାନୀର ଗ୍ରାମ ଏବଂ ଜନବସତିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ସମଗ୍ର ଅଞ୍ଚଳର ୨୩, ୦୦୦ରୁ ଅଧିକ ଲୋକ ଉପକୃତ ହୋଇପାରିଛନ୍ତି। ୨୦୨୫ ଏପ୍ରିଲ ମାସରେ କାର୍ଯ୍ୟକ୍ଷମ ହୋଇଥିବା ପ୍ରୋଜେକ୍ଟ ନିର୍ମଳରେ ୧୨ଟି ସୌର-ଚାଳିତ ବୋରୱେଲ୍ ଏବଂ ୨୦ଟି ଜଳ ବିଶୋଧନ ପ୍ରଣାଳୀ ରହିଛି। ସୌର ଶକ୍ତି ଚାଳିତ ପମ୍ପିଂ ବ୍ୟବସ୍ଥା ସାମୂହିକ ଭାବେ ବାର୍ଷିକ ଆନୁମାନିକ ୩୯, ୪୨୦




କିଲୋୱାଟ୍ ଶକ୍ତି ସଞ୍ଚୟ କରିଥାଏ। ପ୍ରତିବର୍ଷ ପାଖାପାଖି ୩୩.୫୦୭ ଟନ୍ ଅଙ୍ଗାରକାମ୍ଳ ନିର୍ଗମନକୁ ରୋକିଥାଏ। ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଅନେକ ଜନବସତି ୬ ରୁ ୧୨ ଏନ୍‌ଟିୟୁ (ନେଫେଲୋମେଟ୍ରିକ୍ ଟର୍ବିଡିଟି ୟୁନିଟ୍) ପର୍ଯ୍ୟନ୍ତ ଟର୍ବିଡିଟି ସ୍ତର ଥିବା ଜଳ ଉତ୍ସ ଉପରେ ନିର୍ଭର କରୁଥିଲା। ବୋରୱେଲ୍ ସହିତ ବିଶୋଧନ ପ୍ରଣାଳୀର କାର୍ଯ୍ୟକାରିତା ବର୍ତ୍ତମାନ ଅନୁମତିପ୍ରାପ୍ତ ସୀମା (୧ ଏନଟିୟୁ) ମଧ୍ୟରେ ବଜାୟ ରଖାଯାଇଛି। ଯାହା ଘରୋଇ ଜଳ ସୁରକ୍ଷାକୁ ସୁନିଶ୍ଚିତ କରୁଛି। ଅଧିକନ୍ତୁ, ଲୌହ ପରିସ୍କୃତ ପ୍ରଣାଳୀ ସହିତ ସଜ୍ଜିତ ଜଳ ବିଶୋଧକ ସ୍ଥାପନ ମାଧ୍ୟମରେ ପାନୀୟ ଜଳରେ ଲୌହ ପରିମାଣ ୧.୪୩ ମିଗ୍ରା/ଲିଟରରୁ ୦.୧ ମିଗ୍ରା/ଲିଟରକୁ ହ୍ରାସ କରାଯାଇଛି। ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର ମାଧ୍ୟମରେ ଯୋଗାଇ ଦିଆଯାଉଥିବା ପାଣି ଆମ ଲୋକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ହୋଇଛି। ଏହା ଆମର ଦୈନନ୍ଦିନ ଘରୋଇ କାର୍ଯ୍ୟକଳାପକୁ ଅଧିକ ପରିଚାଳନାଯୋଗ୍ୟ କରିଛି ଏବଂ ଜଳ ଅଭାବରୁ ସୃଷ୍ଟି ହୋଇଥିବା ଚାପକୁ ହ୍ରାସ କରିଛି। ଏହି ସମୟୋଚିତ ସହାୟତା ଆମର ଦିନଚର୍ଯ୍ୟାକୁ ସହଜ କରିଛି ଏବଂ ତୀବ୍ର ଜଳ ଅଭାବ ସମୟରେ ଆମର ଜୀବନଧାରଣ ସ୍ଥିତିରେ ଉନ୍ନତି ଆଣିଛି ବୋଲି ଗର୍ଜନଜୋର ଗାଁର ସରପଞ୍ଚ ସୁନନ୍ଦା କାଲୋ, ବେଲପାହାଡ଼ର ୧୭ ନମ୍ବର ୱାର୍ଡର କାଉନସିଲର ଆଶା ତ୍ରିପାଠୀ କହିଛନ୍ତି।

## ବିଏଲ୍‌ଓ, ସ୍ୱେଚ୍ଛାସେବୀଙ୍କୁ ଏସ୍‌ଆଇଆର ପ୍ରଶିକ୍ଷଣ



ଲହୁଣୀପଡ଼ା, ୨୭।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକରେ ଏସଆଇଆର୍ ଜନ ଗଣନା ନିମନ୍ତେ ୨ ଟି ଭେନୁ ଜରିଆରେ ୨ଟି ପର୍ଯ୍ୟାୟର ବିଏଲ ଓ ଏବଂ ଭଲେଣ୍ଟିଇର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନର ସୁବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।ମ୍ଇ ମାସର ଶେଷ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଏସ ଆଇ ଆର୍ ଜଣ ଗଣନା ପାଇଁ ଲହୁଣୀପଡ଼ା ବ୍ଲକ ବିଡିଓ ଅନୁରାଗ ମିଶ୍ର ଓ ତହସିଲଦାର ବାବୁଲ ପେରେଇଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ବି ଏଲ ଓ ଏବଂ ଭଲେଣ୍ଟିଇର ମାନଙ୍କୁ ଟ୍ରେନର ସହାୟତାରେ ପ୍ରଶିକ୍ଷଣ ଦିଆଯାଇଥିବା ଜଣାପଡ଼ିଛି। ତାଲିମ ଶିବିର ଅବସରରେ ବିଡିଓ ଏବଂ ତହସିଲଦାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବି ଏଲ ଓ ମାନଙ୍କୁ ଅବଗତ କରାଇବା ସହ ଜନ ଗଣନା କାର୍ଯ୍ୟକୁ ସୂଚାରୁ ରୁପେ ଏବଂ ସଠିକ୍ ଉପାୟରେ ନିର୍ଭୁଲ ତଥ୍ୟ ଉପରେ ଗୁରୁତାରୁପ କରିଥିଲେ।ହାଉସ ଲିଷ୍ଟି ଅପରେସନ (ଏଚ ଏଲ ଓ) ମୋବାଇଲ ଆପକୁ ବ୍ୟବହାର କରି ଘର ଘର ବୁଲି ୩୪ ଗୋଟି ପ୍ରଶ୍ନ ପଚାରିବେ ଏବଂ ତଥ୍ୟ ଗୁଡ଼ିକୁ ମୋବାଇଲ ଆପରେ ନିର୍ଭୁଲ ଭାବେ ଡାଉନଲୋଡ କରିବେ ସେ ନେଇ ଅବଗତ କରିଥିଲେ। ଏହି ୨ ଦିନିଆ ଏସ ଆଇ ଆର୍ ପ୍ରଶିକ୍ଷଣ ଶିବିରକୁ ବ୍ଲକ ଜି ପି ଡି ଓ ଏବଂ ସୁପରଭାଇଜର ପରିଚାଳନା କରିଥିବା ଜଣାପଡ଼ିଛି।

### ● ରାଉରକେଲା ହକର୍ସ ଆସୋସିଏସନ୍ ପକ୍ଷରୁ ହକର ଦିବସ

## ବିତରକଙ୍କ ଅଧିକାର ପାଇଁ ଆନ୍ଦୋଳନକୁ ତୀବ୍ର କରିବାକୁ ଆହ୍ୱାନ

ରାଉରକେଲା, ୨୭।୫(ସମିସ): ଅନ୍ତର୍ଜାତୀୟ ହକର ଦିବସ ରାଉରକେଲା ହକର୍ସ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ଶ୍ରମିକ ଭବନ, ସେକ୍ଟର -୧୬ ଠାରେ ଅନୁଷ୍ଠିତ ହୋଇଯାଇଛି। ଦିବସ ପାଳନ ପୂର୍ବରୁ ଆସୋସିଏସନର ସଭାପତି ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ତାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ରାଉରକେଲା ହକର୍ସ ଆସୋସିଏସନ୍‌ର ଉପସଭାପତି ମିହିର




ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସୋସିଏସନର ସାଧାରଣ ସମ୍ପାଦକ ତଥା ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଆଇନ୍ ଉପଦେଷ୍ଟା ରାଜ କିଶୋର ପ୍ରଧାନ, ଶରତ ପଣ୍ଡା, କିଶୋର ରାଉତ, ଅଶେଷ ବିଶ୍ୱାଳ, ଆର୍ତ୍ତତ୍ରାଣ ବେହେରା, ଶୁଭେନ୍ଦୁ ପାତ୍ର, ମନୋଜ ପଟ୍ଟନାୟକ, ଅନିରୁଦ୍ଧ ଜେନା, ବାଦଲ ଘୋଷ, ଆନନ୍ଦ କୋଲେ, ଅଶୋକ ସାହୁ, ସମୀର ରାଜହଂସ, ବ୍ରଜ କିଶୋର ନାୟକ, ସାମ୍ବାଦିକ ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ଖବରକାଗଜ ବିକ୍ରେତାମାନଙ୍କ ସମ୍ମାନଜନକ ଜୀବନ ଓ ବଞ୍ଚିବାର ଅଧିକାର ପାଇଁ ଆନ୍ଦୋଳନକୁ ଆଗାମୀ ଦିନରେ ତୀବ୍ର କରିବା ସହିତ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ୪ ଜଣ ଆସୋସିଏସନର ବରିଷ୍ଠ ସଦସ୍ୟ ହରେକୃଷ୍ଣ ମାଣିକ, କେଶବ ଜେନା, ଶିବାନନ୍ଦ ସାହୁ, ନିରଞ୍ଜନ ସାମଲ ପ୍ରମୁଖଙ୍କୁ ଆସୋସିଏସନର ସାଧାରଣ ସମ୍ପାଦକ ବିମାନ ମାଇତି ଓ ଅନ୍ୟାନ୍ୟ ନେତୃବୃନ୍ଦ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଆଗାମୀ ଦିନରେ ରାଉରକେଲା ହକରଙ୍କ ବିଭିନ୍ନ ସମସ୍ୟା, ସାମାଜିକ ସୁରକ୍ଷା, ସରକାରୀ ପ୍ରୋତ୍ସାହନ ଓ ଭତ୍ତା ପାଇଁ ଲଢ଼େଇକୁ ତୀବ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ଆର୍‌ଏସ୍‌ପିର ସମ୍ପ୍ରସାରଣ ପ୍ରକ୍ରିୟା

## ସ୍ଥାନାନ୍ତରିତ ୧୪୮ ପରିବାରକୁ ୬ କୋଟିରୁ ଅଧିକ ଟଙ୍କା ପ୍ରଦାନ

ରାଉରକେଲା, ୨୭।୫(ସମିସ)

ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ସ୍ଥାନାନ୍ତରିତ ହୋଇଥିବା ୧୪୭ଟି ପରିବାରକୁ ଏ ପର୍ଯ୍ୟନ୍ତ ୬ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିସାରିଛି। ସୂଚନାଯୋଗ୍ୟ, ସମ୍ପ୍ରସାରଣ ପରେ କାରଖାନାର ଉତ୍ପାଦନ କ୍ଷମତା

### ୪୧ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି



ଦ୍ୱିଗୁଣିତ ହେବାକୁ ଯାଉଛି। ଆର୍ଥିକ ସହାୟତା ବ୍ୟତୀତ କାରଖାନା ଏହି ପରିବାରଗୁଡ଼ିକର ଦୀର୍ଘକାଳୀନ ସ୍ଥିରତାକୁ ପ୍ରାଥମିକତା ଦେଉଛି। ଆରଏସପି ଏପର୍ଯ୍ୟନ୍ତ ୪୧ ଜଣ ବ୍ୟକ୍ତିଙ୍କୁ ଚୁକ୍ତିଭିତ୍ତିକ ଚାକିରି ମାଧ୍ୟମରେ ଅନ୍ତର୍ଭୁକ୍ତ କରିଛି। ଯାହା ପ୍ରଭାବିତ ପରିବାରଗୁଡ଼ିକୁ ସ୍ଥିର ରୋଜଗାରର ସୁଯୋଗ ଯୋଗାଇ ଦେଇଛି। ଦେଓଗାଁ ନିକଟସ୍ଥ ଏକ ପ୍ରମୁଖ ସ୍ଥାନରେ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। କାରଖାନା ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଥାଇ ପ୍ଲଟ୍ ଗୁଡ଼ିକୁ ପ୍ରସ୍ତୁତ କରାଯାଉଛି, ଯେଉଁଥିରେ ସଡ଼କ ସଂଯୋଗୀକରଣ, ଡ୍ରେନେଜ୍ ବ୍ୟବସ୍ଥା, ବିଦ୍ୟୁତ ଏବଂ ଜଳ ଯୋଗାଣ ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମି ସାମିଲ ରହିଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମାଲିକାନା ଦସ୍ତାବିଜ ସହିତ ଏହି ପ୍ଲଟ୍ ଗୁଡ଼ିକୁ ଆନୁଷ୍ଠାନିକ ଭାବେ ପରିବାରଗୁଡ଼ିକୁ ହସ୍ତାନ୍ତର କରାଯିବ। ସ୍ଥାନାନ୍ତର ପ୍ରକ୍ରିୟାକୁ ସୁଗମ କରିବା ପାଇଁ ୮୩ ଟି କୁଡ଼ିଆରେ ରହୁଥିବା ବ୍ୟକ୍ତିଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି। ସ୍ଥାନୀୟ ସମୁଦାୟର କଲ୍ୟାଣକୁ ସାଙ୍ଗରେ ନେଇ ଯେପରି ସମ୍ପ୍ରସାରଣ ପ୍ରକଳ୍ପ ଆଗକୁ ବଢ଼ିବ ସେଥିପାଇଁ ରାଉରକେଲା ଇସ୍ପାତ କାରଖାନା ସମସ୍ତ ପ୍ରକାର ପ୍ରଚେଷ୍ଟା କରୁଛି। ତତ୍କାଳ ଆର୍ଥିକ ସହାୟତା ଏବଂ ସ୍ଥାୟୀ ଦୀର୍ଘକାଳୀନ ଭିତ୍ତିଭୂମି ଉଭୟ ଯୋଗାଇଦେଇ କାରଖାନା ଏଥିରେ ସାମିଲ ଥିବା ପ୍ରତ୍ୟେକ ପରିବାର ପାଇଁ ଏକ ସକାରାତ୍ମକ ଏବଂ ସୁରକ୍ଷିତ ସ୍ଥାନାନ୍ତରଣ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି।

# ମଦ ଡାକରୁ ସରକାର ପାଇଲେ ୧୩ କୋଟି

**ପାରଳାଖେମୁଣ୍ଡି,୨୭ ।୫(ସମିସ):** ଗଜପତି ଜିଲ୍ଲାରେ ନୂତନ ଅବକାରୀ ନୀତି ଅଧୀନରେ ଠିପି ବନ୍ଦ ମଦ ଦୋକାନ ପାଇଁ ଆବେଦନ ପ୍ରକ୍ରିୟା ଶେଷ ହୋଇଛି । ଜିଲ୍ଲାର ୧୯ ମଦ ଦୋକାନ ମଧ୍ୟରୁ ୧୮ ଦୋକାନ ପାଇଁ ୪୬୨ ଜଣ ଆବେଦନ କରିଛନ୍ତି । ଦରଖାସ୍ତ ବାବଦରେ ସରକାରଙ୍କ ତହବିଲକୁ ୧୩ କୋଟି ୮୬ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ସର୍ବକାଳୀନ ରେକର୍ଡ ବୋଲି ବିଭାଗୀୟ ସୂତ୍ରରୁ ଜଣା ପଡିଛି । ଚଳିତଥର ଆବେଦନ ଫି ୧ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଥିବା ଦୋକାନ ପାଇଁ ପ୍ରବଳ ପ୍ରତିଯୋଗିତା ହୋଇଛି । ଚଳିତ ଥର ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଥିବା ମଦ ଦୋକାନ ପାଇଁ ଆବେଦନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଗାରବନ୍ଧାରେ ଥିବା ୭ ନମ୍ବର ମଦ ଦୋକାନ ପାଇଁ ସର୍ବାଧିକ ୯୨ ଜଣ ଆବେଦନ କରିଥିବା ବେଳେ ଉପଲଡାରେ ଥିବା ୧୧ ନମ୍ବର ମଦ ଦୋକାନ ପାଇଁ ୯୧ ଜଣ, ହାଡୁଭାଙ୍ଗିରେ ଥିବା ମଦ ଦୋକାନ ନମ୍ବର ୧୩ ପାଇଁ ୮୨ ଜଣ , ରାୟଗଡ ଗ୍ରାମରେ ଥିବା ୧୦ ନମ୍ବର ଦୋକାନ ପାଇଁ ୪୯ ,ଅଡବା ଦୋକାନ ନମ୍ବର ୧୫ ପାଇଁ ୧୦, ଆର.ଉଦୟଗିରିରେ ଥିବା ସପ ନମ୍ବର ୧୪ ପାଇଁ ୧୨, ମହେନ୍ଦ୍ରଗଡ଼ରେ ଥିବା ଦୋକାନ ନମ୍ବର ୧୬ ପାଇଁ ୨୩, ରାଣୀପେଣ୍ଠ ଦୋକାନ ନମ୍ବର ୧୭ ପାଇଁ ୧୨, କାଶୀନଗରରେ ଥିବା ୧୨ ନମ୍ବର ଦୋକାନ ପାଇଁ ୧୮ , ମୋହନାରେ ଥିବା ଦୋକାନ ନମ୍ବର ୧୯ ପାଇଁ ୩୮ , ଗୁରାଣ୍ଡିରେ ଥିବା ଦୋକାନ ନମ୍ବର ୧୮ ପାଇଁ ୬, ପାରଳାଖେମୁଣ୍ଡି ସହରର ୫ ନମ୍ବର ଦୋକାନ ପାଇଁ ୨ଜଣ, ୩ ନମ୍ବର ଦୋକାନ ପାଇଁ ମାତ୍ର ଜଣେ ଆବେଦନ କରିଥିବା ବେଳେ ୪ ନମ୍ବର ଦୋକାନ ପାଇଁ ୫ଜଣ, ୬ ନମ୍ବର ଦୋକାନ ପାଇଁ ୬ଜଣ,୧ ନମ୍ବର ଦୋକାନ ପାଇଁ ୨ଜଣ, ପାରଳାଖେମୁଣ୍ଡି ସହରର ୮ ନମ୍ବର ଦୋକାନ ପାଇଁ ୧୦ଜଣ, ସହରର ୯ ନମ୍ବର ଦୋକାନ ପାଇଁ ୨ଜଣ ଆବେଦନ କରିଥିବା ବେଳେ ପାରଳାଖେମୁଣ୍ଡି ସହରରେ ଥିବା ୨ ନମ୍ବର ମଦ ଦୋକାନ ପାଇଁ ଜଣେ ହେଲେ ବି ଆବେଦନ କରିନାହାନ୍ତି । ଅନ୍ୟ ପକ୍ଷରେ ପାରଳାଖେମୁଣ୍ଡି ସହରରେ ଥିବା ୮ ମଦ ଦୋକାନ ପାଇଁ ୨୮ ଜଣ ଆବେଦନ କରିଛନ୍ତି । ଏହା ସହିତ ଚଳିତ ବର୍ଷ ବହୁ ସଂଖ୍ୟାରେ ମହିଳା ଆବେଦନକାରୀ ରହିଛନ୍ତି । ଗଜପତି ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ଦେଇଥିବା ସୂଚନା ଅନୁଯାୟୀ ଆଜି ଆବେଦନପତ୍ର ଯାଞ୍ଚର ଶେଷଦିନ ରହିଥିଲା । ଆସନ୍ତାକାଲି ସ୍ୱଚ୍ଛତା ମାଧ୍ୟମରେ ଚୂଡାନ୍ତ ଦୋକାନ ବଣ୍ଟନ କରାଯିବ ।

# ଜି.ଉଦୟଗିରିରେ ମୀନବଜାର ଉଦ୍‌ଘାଟିତ



ଜି.ଉଦୟଗିରି,୨୭।୫(ସମିସ): ଫୁଲବାଣୀରେ ଠାକୁରାଣୀ ଯାତ୍ରା ସରିଥିବା ବେଳେ ମନୋରଞ୍ଜନ ପାଇଁ ଜିଲ୍ଲାର ପ୍ରମୁଖ ସହର ଜି.ଉଦୟଗିରିରେ ଆଜି ମୀନାବଜାର ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ଏନଏସି ଅଧ୍ୟକ୍ଷ ପି ସଞ୍ଜୀବ କୁମାର ପାତ୍ର ଯୋଗ ଦେଇ ମୀନାବଜାର ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରେସକ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀ, ରୁଦ୍ରକାଳୀ ପରିଚାଳନା କମିଟି ଅଧିକାରୀ ଜବାହରଲାଲ (ଲାଲୁ ) ପରିଚ୍ଛା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ବାରିକ, ନଗର ସଭାପତି ଜାକି ନାୟକ, ସାମ୍ବାଦିକ ଦୁର୍ଗାମାଧବ ପଟ୍ଟନାୟକ, ଏନ. ରାଜୁ ରାଓ ଓ ଅଭିମନ୍ୟୁ ପ୍ରଧାନ ଉପସ୍ଥିତ ଥିଲେ ।

# ଟେଲରିଂ ୟୁନିଟ ବୁଲି ଦେଖିଲେ ଗଞ୍ଜାମ ପ୍ରକଳ୍ପ ନିର୍ଦ୍ଦେଶକ



**ଖଲ୍ଲିକୋଟ,୨୭ ।୫(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଲଙ୍ଗଲେଶ୍ୱର ଗ୍ରାମର ମଣି ନାଗେଶ୍ୱର ଟେଲରିଂ ପିଜି ୟୁନିଟକୁ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସମୀର କୁମାର ଜେନା ପରିଦର୍ଶନ କରିଛନ୍ତି । ମହିଳା ସଶକ୍ତିକରଣ ସହିତ ଅଧିକ ସୁଦୃଢ ଓ ସଶକ୍ତ କରିବା ପାଇଁ ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ୟୁନିଟର ବିଭିନ୍ନ କାର୍ଯ୍ୟକଳାପକୁ ନେଇ ସମୀକ୍ଷା କରିବା ସହ ସନ୍ତୋଷ ପ୍ରକାଶ କରିଥିଲେ । ଆଗାମୀ ଦିନରେ ମହିଳା ମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜେନା ଓ ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲଙ୍କୁ ମହିଳା ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ପରିଦର୍ଶନ ସମୟରେ ଖଲ୍ଲିକୋଟ ବିଡିଓ ଓ ଲଙ୍ଗଲେଶ୍ୱର ସରପଞ୍ଚ ରମେଶ ଚନ୍ଦ୍ର ସାହୁ ଓ ବିପିଏମ୍ କାଦମ୍ବିନୀ ନାୟକ ଓ ମଣିନାଗେଶ୍ୱର ୟୁନିଟ ସଭାପତି ପ୍ରମିଳା ପଲାଇ ଓ ସମ୍ପାଦକ ନମିତା ସାହୁ ପ୍ରମୁଖ ମହିଳା ଉପସ୍ଥିତ ଥିଲେ ।

## ପୋଲସରା ବ୍ଲକର ସାଧାରଣ ଅଧିବେଶନ

# ଅଧିକାରୀଙ୍କ ଅନୁପସ୍ଥିତକୁ ନେଇ ଅସନ୍ତୋଷ

ପୋଲସରା,୨୭ ।୫(ସମିସ)



ପୋଲସରା ବ୍ଲକ ପରିସର କନଫରେନ୍ସ ହଲରେ ବୁଧବାର ୧୧ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ପୋଲସରା ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପଞ୍ଚାୟତରେ ଥିବା ସମସ୍ୟା ଉପରେ ଜନପ୍ରତିନିଧିଙ୍କ ସହ ଆଲୋଚନା କରି ସମସ୍ୟା ଗୁଡିକର କିଭଳି ସମାଧାନ ହେବ ସେ ନେଇ ମନ୍ତ୍ରୀ ମଲ୍ଲିକ କହିଥିଲେ । ଉକ୍ତ ଅଧିବେଶନରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଗମନାଗମନ, କୃଷି, ଉଦ୍ୟାନ, ବିଦ୍ୟୁତ, ଅଙ୍ଗନବାଡି ଆଦି ଉପରେ ଆଲୋଚନା ହୋଇଥିଲା । ପୂର୍ବରୁ ଅର୍ଥାତ ୧୮-୧୯, ୧୯-୨୦ ଆର୍ଥିକ ବର୍ଷର ଆଦର୍ଶ ଗାଇ ଗୁହାଳ କାର୍ଯ୍ୟର ବିଲ ହୋଇନଥିବା ନେଇ କିଛି ସରପଞ୍ଚ ଅଭିଯୋଗ କରିଥିଲେ । ଜବାବରେ ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ର ବର୍ତ୍ତମାନ ସୁଦ୍ଧା ୭୦% ସମାଧାନ ହୋଇଥିବା ନେଇ ସୂଚନା ଦେଇଥିଲେ । ଏବଂ ୧୮-୧୯ ଓ ୧୯-୨୦ ଆର୍ଥିକ ବର୍ଷ ପ୍ରୋଜେକ୍ଟର କିଛି କରିହେବନାହିଁ ତଥାପି ଚେଷ୍ଟା ଜାରିରହିଥିବା ବେଳେ ପଞ୍ଚାୟତ ସମିତିରେ ରେଜୁଲେସନ ପାସ କରି ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ଦିଆଯିବ ଏବଂ ଅନୁମତି ମିଳିଲେ ସେସବୁ କାର୍ଯ୍ୟ ହୋଇପାରିବ ବୋଲି ବିଡ଼ିଓ କହିଥିଲେ । ଅନ୍ୟପଟେ ପିଇବା ପାଣି ଉପରେ ଆଲୋଚନା କରି ପ୍ରତ୍ୟେକ ପଞ୍ଚାୟତରେ ୩ଟି ଲେଖାଏଁ ନଳକୂପ ଖନନ କରିବା ପାଇଁ ମନ୍ତ୍ରୀ ମଲ୍ଲିକ ପ୍ରକାଶ କରିଥିଲେ । ସେହିପରି ବଡ ପଙ୍କଳବାଡ଼ି କୁଡୁମି ନାଳର ପୁନଃରୁଦ୍ଧାର ଲାଗି ସାଂସଦ ପ୍ରତିନିଧି ଶରତ ପାଣିଗ୍ରାହୀ ପ୍ରସ୍ତାବ ଦେଇଥିଲେ । ଅଧିବେଶନରେ ବିଡ଼ିଓ ଶଶିଭୂଷଣ ମହାପାତ୍ର, ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ପରିଡା, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, ଝୁନୁ ଦାସ, ସାଂସଦ ପ୍ରତିନିଧି ଶରତ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ନାରୀ ଅଧିକାର ଅଭିଯାନ ନେଇ ବିଜେଡିର ପ୍ରସ୍ତୁତି



**ପୋଲସରା,୨୭ ।୫(ସମିସ):** ପୋଲସରା ମ୍ୟୁନିସିପାଲିଟି ସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ନାରୀ ଅଧିକାର ଅଭିଯାନକୁ ନେଇ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଫଳତା ଉପରେ ବକ୍ତବ୍ୟ ରଖି ନାରୀ ମାନଙ୍କ ସୁରକ୍ଷା ଉପରେ ଉଦବୋଧନ ଦେଇଥିଲେ । ରାଜ୍ୟ ସରକାର ମହିଳା ମାନଙ୍କୁ ୩୩ଧସଂରକ୍ଷଣ ଦେବାରେ ବିଫଳ ସାଙ୍ଗକୁ ନାରୀ ନିର୍ଯ୍ୟାତନା କୁ ନିୟନ୍ତ୍ରଣ କରିବାରେ ଅସମର୍ଥ ଅଟନ୍ତି । ତେଣୁ ଏହି ଅପାରଗ ସରକାରଙ୍କ ବିଫଳତା ପ୍ରତିବାଦରେ ଆସନ୍ତା ୨୯ତାରିଖ ଦିନ ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନକୁ କିଭଳି ସଫଳତା ମିଳିବ ଏବଂ ନାରୀ ମାନଙ୍କ ସଂରକ୍ଷଣ କିଭଳି ସ୍ଥାୟୀ ରହିବ ସେନେଇ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ବୈଠକରେ ବୁଗୁଡ଼ା ଓ ପୋଲସରା ବ୍ଲକର ଶତାଧିକ ବିଜେଡି କର୍ମୀ ସମେତ କିଶୋର ବେହେରା, ସୁଧାଂଶୁ ଶେଖର ପାଢ଼ୀ, ଖଦାଳ ଖଟେଇ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, ଝୁନୁ ଦାସ, ନଗର ବିଜେଡି ସଭାପତି ଗୋପାଳ ସାହାଣୀ, କେ ତ୍ରିଲୋଚନ ଦୋରା, ନାରୀ ନେତ୍ରୀ କନକ ରାଉତ, ମନ୍ଦାକିନୀ, ଗୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦିଗପହଣ୍ଡିରେ ଜନଜାତି ମହିଳା ସମାବେଶ

ଦିଗପହଣ୍ଡି,୨୭।୫(ସମିସ)



ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡା ମହେନ୍ଦ୍ରଗିରି ଆଦିମ ଅଧିବାସୀ କୁଇ ସମାଜ ପକ୍ଷରୁ ବୁଧବାର ଅନୁଷ୍ଠିତ ଜନଜାତି ମହିଳା ସମାବେଶରେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାବେଶ ସ୍ଥଳରେ ବିଧାୟକ ପହଞ୍ଚିବା ପରେ ଉପସ୍ଥିତ ମହିଳା ମାନେ ତାଙ୍କୁ ବନ୍ଦାପନା କରିବା ପରେ ବିରାଟ ଶୋଭାଯାତ୍ରାରେ ସମାବେଶ ସ୍ଥଳକୁ ପାଛୋଟି ନେଇଥିଲେ । ସମାବେଶରେ ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଏମ୍. ନିରଞ୍ଜନ ରେଡ୍ଡୀ, ଭୀଷ୍ମଗିରି ଭାଜପା ମଣ୍ଡଳ ସଭାପତି ଶଶାଙ୍କ ଶେଖର କର, ସୁଦାମ ବେହେରା, ବିକ୍ରମ ପାତ୍ର, ବାବୁଲା ମଲିକ, ରାମଚନ୍ଦ୍ର ପାତ୍ରଙ୍କ ସମେତ କୁଇ ସମାଜର ସଭାପତି ଅର୍ଜୁନ ମଲିକ ଓ କାର୍ଯ୍ୟକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ । ବିଭିନ୍ନ କ୍ଷେତ୍ରରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ମହିଳା ମାନଙ୍କ ବିକାଶ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିଧାୟକ ଉଦବୋଧନ ଦେଇଥିଲେ । ଏଥିସହ ଜନଜାତି କୁଇ ସମାଜ ଗୃହର ମରାମତି ଓ ପୁନଃ ନିର୍ମାଣ କରାଯିବା ସହ ଗ୍ରାମରେ ରହିଥିବା ବିବିଧ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ସଭା ଶେଷରେ ବହୁ ସଂଖ୍ୟକ ମେଧାବୀ ଛାତ୍ରୀ ଛାତ୍ର ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କୁ କୁଇ ସମାଜ ପକ୍ଷରୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ ।ପରେ ବିଧାୟକ ଦିଗପହଣ୍ଡି ସହର ଉପକଣ୍ଠ କମାପଡିଆ ଠାରେ ଚାଲିଥିବା ଶ୍ରୀ ନିଳକଣ୍ଠେଶ୍ୱର ମହାଦେବଙ୍କ ଜିର୍ଣ୍ଣୋଦ୍ଧାର ଏବଂ ନବନିର୍ମିତ ଶ୍ରୀ ହନୁମାନ ଓ ଶ୍ରୀ ବିଘ୍ନେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରି ଫେରିଥିଲେ ।

# ବିଲୁପ୍ତ ହେଲାଣି କମାର ଶାଳ, ଚିନ୍ତାରେ ପାରମ୍ପରିକ କାରିଗର

**ଉମରକୋଟ,୨୭।୫(ସମିସ):** ଯୁଗ ପରିବର୍ତ୍ତନ ସହ ପରିବର୍ତ୍ତନ ହେବାରେ ଲାଗିଛି କିଛି ପାରମ୍ପରିକ ଜୀବିକା । ଯାହା ଫଳରେ ଆଜି ଅନେକ କୌଳିକ ବୃତ୍ତି ହଜିଯିବାକୁ ବସି ଲାଣି । ଅନ୍ୟସବୁ କୌଳିକ ବୃତ୍ତି ପରି କମାର ପରିବାର ଏବେ ଚିନ୍ତାରେ । ତେଣୁ ଜୀବନ ଜୀବିକାକୁ ନେଇ ସୃଷ୍ଟି ହେଇଛି ପ୍ରଶ୍ନବାଚୀ । ଚାଷୀ ମାନେ ତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଲୁହାର କୋଦାଳ, ଲଙ୍ଗଳ, ଶଗଡ଼ ବଳା, ଟାଙ୍ଗିଆ, ଧାନକଟା ଦାଆ ଆଉ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ପନିକି, ଡୁଆ, ଲୁହା ଖଡିକା, ଚଟୁ ଓ ଛୁରୀ ଆଦି କମାର ମାନେ ତିଆରି କରି ବଜାରରେ ବିକ୍ରୀ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ତଥା କୃଷିଭିତ୍ତିକ ସହର । ଉମରକୋଟ ସହର ଠାରେ ବିଭିନ୍ନ ବର୍ଗର ଜନଜାତି ବସବାସ କରିଥାନ୍ତି । ଉମରକୋଟ ସହରର ବିଭିନ୍ନ ପଞ୍ଚାୟତ ବା ଗ୍ରାମ ଠାରେ ବିଭିନ୍ନ ସମୟରେ ଜାନୀ ଯାତ୍ରା ସହ ହାଟ ବଜାର ହୋଇଥାଏ । ଉମରକୋଟ ବ୍ଲକର ବିଭିନ୍ନ ଗ୍ରାମରେ ହେଉଥିବା ହାଟ ବଜାର ଠାରେ ବିଭିନ୍ନ ପ୍ରକାରର ଜଙ୍ଗଲ ଜାତ ଦ୍ରବ୍ୟ ସହ ବିଭିନ୍ନ ପ୍ରକାରର କୃଷିଭିତ୍ତିକ ଓ ସାମଗ୍ରୀ ମିଳିଥାଏ । ଉମରକୋଟ ସହର ହେଉଛି କୃଷିଭିତ୍ତିକ ସହର । ଏଠାକାର ଆଦିବାସୀ ମାନେ ବର୍ଷ ସାରା ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟକୁ ସଂଗ୍ରହ କରି ହାଟ ବଜାରରେ ବିକ୍ରି କରିଥାନ୍ତି । ସେଭଳି ନବରଙ୍ଗପୁର ଜିଲ୍ଲା ଠାରେ ସମସ୍ତ ପ୍ରକାରର ଚାଷ ହେଉଥିବା ବେଳେ ଚାଷକାର୍ଯ୍ୟରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ମଧ୍ୟ ବିକ୍ରି ହୋଇଥାଏ । ଏସବୁ ଯନ୍ତ୍ରପାତି କମାର ବହୁ କଷ୍ଟରେ ତିଆରି କରି ହାଟ ବା ବଜାର ଠାରେ ବିକ୍ରି କରି ସେହି ଦି ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି । କିନ୍ତୁ ବୁଦ୍ଧିଜୀବୀଙ୍କ ମତରେ ଏଗୁଡିକୁ



ମରଣାସ୍ତ୍ର ନୁହେଁ, ଏ ହେଉଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ । ଏହା ସମାଜରେ ନିହାତି ଦରକାରୀ ଅଟେ । କିନ୍ତୁ ଏହି ଯନ୍ତ୍ରପାତୀ ପ୍ରତ୍ୟେକ ଚାଷୀ, ସାଧାରଣ ଲୋକଙ୍କ ଘରେ ଦେଖାଯାଉଛି । କେଉଁ ଆବାହନ କାଳରୁ ଏହି କୌଳିକ ବୃତ୍ତି ଚାଲି ଆସୁଥିଲା । ଏବେ ଆଉ ଗାଁ ଗହଳିରେ କମାର ଶାଳ ଦେଖିବାକୁ ମିଳୁନାହିଁ କି କମାର ଶାଳରୁ ଶୁଭୁନାହିଁ ଟନ ଟନ ଶବ୍ଦ । ଆଜି ବିଜ୍ଞାନ ଯୁଗରେ ମେସିନ ତିଆରି ଜିନିଷ ପତ୍ରର ଲୋକପ୍ରିୟତା ଦିନକୁ ଦିନ ବଢିବାରେ ଲାଗିଛି । ଯାହାଫଳରେ ପୂର୍ବପୁରୁଷ ଧରି ଏହିକାମ କରି ଆସୁଥିବା କମାର ମାନଙ୍କ କାମ କମି କମି ଆସୁଛି । ବିଲୁପ୍ତ ହେବାକୁ ବସିଥିବା କମାର ଶାଳର କାରିଗର ମାନଙ୍କୁ ପ୍ରୋତ୍ସାହନ ଦେଇ ସରକାର ଏହି କଳାକୁ ବଞ୍ଚାଇ ନ ରଖିଲେ ଆଗାମୀ ଦିନରେ କମାର ଶାଳ ଇତିହାସ ପୃଷ୍ଠାରେ ସାମିଲ ହୋଇ ରହିଯିବ ବୋଲି କୁହାଯାଉଛି ।

## ▶▶ କାଶୀପୁରରେ ବିକାଶର ବିକଳ ଚିତ୍ର

# ଖଟିଆରେ ୩ କିଲୋମିଟର ବୁହାହେଲେ ଗର୍ଭବତୀ



କାଶୀପୁର,୨୭।୫(ସମିସ) ପୁଣି ଜନନୀ ଯନ୍ତ୍ରଣା । ପକ୍କା ରାସ୍ତା ନ ଥିବାରୁ ଖଟିଆରେ ବୁହା ହେଲେ ଗର୍ଭବତୀ । ରାୟଗଡା ଜିଲ୍ଲା କାଶୀପୁର ବ୍ଲକରୁ ପୁଣି ସାମ୍ନାକୁ ଆସିଲା ବିକାଶର ବିକଳ ଚିତ୍ର । କାଶୀପୁର ବ୍ଲକ କୋଡିପାରି ପଞ୍ଚାୟତ ଅନ୍ତର୍ଗତ ଅଡଜାଲର ଗର୍ଭବତୀ ମହିଳାଙ୍କୁ ବିପଦସଙ୍କୁଳ ଅବସ୍ଥାରେ ଖଟିଆରେ ବୋହି ପାହାଡିଆ ପଥୁରିଆ ରାସ୍ତାରେ ନଦୀ ପାର କରି ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ନେଲେ ପରିବାର ଲୋକେ । ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ ଅଡଜାଲ ଗ୍ରାମର ଜମାଧାର ମାଝୀଙ୍କ ସ୍ତ୍ରୀ ଫଗୁନଦେଇ ମାଝୀ ପ୍ରସବଜନିତ ଯନ୍ତ୍ରଣା ଅନୁଭବ କରିଥିଲେ । ଫଳରେ ପରିବାର ଲୋକେ ଫଗୁନଦେଇ ମାଝୀଙ୍କୁ ଖଟିଆରେ ବୋହି ପ୍ରାୟ ୩ କିଲୋମିଟର ଦୂର ପାହାଡିଆ ପଥୁରିଆ ରାସ୍ତାରେ ନଦୀ ପାର କରି ଦୁଡିଘାଟ ଛକ ନିକଟକୁ ଆଣିଥିଲେ । ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କାଶୀପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

# ମହେନ୍ଦ୍ରଗିରି ମେଳାରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ଦେଲେ ଦଣ୍ଡୀ ସ୍ୱାମୀ ଭାସ୍କର ତୀର୍ଥ

ପାରଳାଖେମୁଣ୍ଡି,୨୭ ।୫(ସମିସ)



ରାୟଗଡ ବ୍ଲକ ମହେନ୍ଦ୍ରଗିରିରେ ଆୟୋଜିତ ହେବାକୁ ଥିବା ମହେନ୍ଦ୍ରମେଳା ତଥା ପୁରୁଷୋତ୍ତମ ମେଳାକୁ ସଭିଏଁଙ୍କୁ ନିମନ୍ତ୍ରଣ କରାଯାଇଛି । ଆଜି ଏନେଇ ପାରଳାଖେମୁଣ୍ଡି ସ୍ଥିତ ବଡରାଧାକାନ୍ତ ମଠ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତୀୟ ସନ୍ଥ ସମିତିର ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଓଡ଼ିଶାର ଅଧ୍ୟକ୍ଷ ତଥା ମହେନ୍ଦ୍ରଗିରି ପୁରୁଷୋତ୍ତମ ମେଳାର ମୁଖ୍ୟ ଉଦ୍ୟୋକ୍ତା ଦଣ୍ଡୀ ସ୍ୱାମୀ ଭାସ୍କର ତୀର୍ଥ ସରସ୍ୱତୀ (ଲକ୍ଷ୍ମୀବାବା) ଏହି ପବିତ୍ର ମେଳା ସମ୍ପର୍କରେ ବିସ୍ତୃତ ଭାବେ କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ମହେନ୍ଦ୍ରଗିରି ଭଳି ପବିତ୍ର ସ୍ଥାନରେ ପ୍ରଥମ କରି ପୁରୁଷୋତ୍ତମ ମେଳାର ଆୟୋଜନ କରାଯାଉଛି । ଏହି ପବିତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସମଗ୍ର ଭାରତବର୍ଷରୁ ଆସୁଥିବା ସମସ୍ତ ସାଧୁସନ୍ଥ ଏବଂ ମହାତ୍ମାଙ୍କ ରହଣି ତଥା ଅନ୍ୟାନ୍ୟ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଲାଗି ମଧ୍ୟ ସୁବନ୍ଦୋବସ୍ତ କରାଯାଇଛି । ବର୍ଷରେ ଯେଉଁ ମାସ ଦୁଇମାସରେ ପରିଣତ ହେବ ସେତେବେଳେ ପୁରୁଷୋତ୍ତମ ମାସ ହେବ ଆଉ ସେହି ମାସରେ ମେଳା ହେବ । ଯାହାକି ଜୁନ୍ ୧୫-୧୭ ତାରିଖ ପର୍ଯ୍ୟନ୍ତ ଚାଲିଥାନ୍ତା । ହେଲେ ଚଳିତ ଥର ପ୍ରଥମ କରି ଆୟୋଜନ ହେଉଥିବା ଯୋଗୁଁ ଜୁନ୍ ୧ରୁ ୯ ତାରିଖ ପର୍ଯ୍ୟନ୍ତ ୯ ଦିନ ବ୍ୟାପୀ ମହାଆଡମ୍ବର ସହକାରେ କରାଯାଉଛି । ଏହି ୯ ଦିନ ବ୍ୟାପୀ ଯଜ୍ଞ, ନାମ, ପାରାୟଣ, ପ୍ରବଚନ ଆଦି ମହେନ୍ଦ୍ରାଞ୍ଚଳର ବିଭିନ୍ନ ସ୍ଥାନରେ ସାଧୁସନ୍ଥଙ୍କ ଲାଗି ହେବ । ସାମୁହିକ ଭାବେ ୯ ଦିନ ବ୍ୟାପୀ ହରିହରାତ୍ମକ ମହାଯଜ୍ଞ ଯାହାକି ବଡ ଆକାରରେ ନବକୁଣ୍ଡି ଯଜ୍ଞ କୁଣ୍ଡ ହେବ । ଯେଉଁଥିରେ ୫୦ରୁ ଅଧିକ ପୁରୋହିତ ଯଜ୍ଞରେ ଭାଗନେବେ । ତାହା ସହିତ ୫୬ପ୍ରହର ନାମଯଜ୍ଞ, ମାନସ ମହାଯଜ୍ଞ, ଭାଗବତ ମହାଯଜ୍ଞ ଏପରି ଭାବେ ବିଭିନ୍ନ ପ୍ରକାରର ଯଜ୍ଞ ମହେନ୍ଦ୍ରରେ ହେବ । ଏପରି ଭାବେ ମହେନ୍ଦ୍ରାଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବ । ଏପରି ପୂର୍ବରୁ ହୋଇ ଆସୁଥିଲେ ମଧ୍ୟ ଆନ୍ଧ୍ର ସାଧୁ ସନ୍ଥ ମାନଙ୍କ ମଧ୍ୟରେ ସୀମିତ ରହୁଥିଲା । ଚଳିତ ବର୍ଷ ପ୍ରଥମ କରି ମନ୍ତ୍ରୀ ବିଭୂତିଭୂଷଣ ଜେନାଙ୍କ ପ୍ରଚେଷ୍ଟାରେ ବଡଧରଣର ଆୟୋଜନ କରାଯାଇଥିବାର ଗଣମାଧ୍ୟମକୁ ସୂଚନା ପ୍ରଦାନ କରିବା ସହ ଏହି ଆଧ୍ୟାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଯୋଗ ଦେବା ପାଇଁ ନିବେଦନ କରିଛନ୍ତି ସ୍ୱାମୀ ଭାସ୍କର ତୀର୍ଥ ।

## ଅଧା ଗଛ କଟିଲା, ଅଧା ରହିଗଲା

# ଇନ୍ଦ୍ରାବତୀ-ନବରଙ୍ଗପୁର ରାସ୍ତା ପାଲଟିଛି ମରଣଯନ୍ତା

ତେନ୍ତୁଲିଖୁଣ୍ଟି,୨୭।୫(ସମିସ): ନବରଙ୍ଗପୁର ଜିଲ୍ଲା ସଦର ମହକୁମା ଠାରୁ ଇନ୍ଦ୍ରାବତୀ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ଜାରିରହିଛି । ରାସ୍ତା ପ୍ରଶସ୍ତିକରଣ ହେତୁ ବୃକ୍ଷ ଏବଂ ବିଦ୍ୟୁତ ଖୁଣ୍ଟ ରାସ୍ତା ମଝିରେ ରହି ରାସ୍ତାଟି ଦୁର୍ଘଟଣାର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ରାସ୍ତା ଦୁର୍ଘଟଣା ଘଟି ୭ଟି ମୂଲ୍ୟବାନ ଜୀବନ ଯାଇଛି । ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇଛନ୍ତି । ଏହାପରେ ମଧ୍ୟ ପ୍ରଶାସନ ନିରବ ରହିବା ହେତୁ କଂଗ୍ରେସ ପକ୍ଷରୁ ଗତ ୨୧ ତାରିଖରେ ବିଜରାଗୁଡା ନିକଟରେ ରାସ୍ତା ଉପରେ ଧାରଣା ଦେଇ ପ୍ରତିବାଦ କରାଯାଇଥିଲା । ଏହାପରେ ପ୍ରଶାସନ ନବରଙ୍ଗପୁର ଠାରୁ ନରସିଂହଗୁଡା ପର୍ଯ୍ୟନ୍ତ ରାସ୍ତାରୁ ବୃକ୍ଷ ହଟାଇ ନିରବ ରହିଛି । ଫଳରେ ଚରାମୂଳା ଠାରୁ ଗଡିପୁଟ ଛକ ପର୍ଯ୍ୟନ୍ତ ରାସ୍ତାରେ ବୃକ୍ଷ ଗୁଡିକ ରାସ୍ତା ମଝିରେ ରହିଛି । ଫଳରେ ସ୍ଥାନୀୟ ପାଇକ୍ ବାରଙ୍ଗପଦାର ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟରେ ରାସ୍ତା ଉପରେ ଥିବା ବୃକ୍ଷରେ ଜଣେ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହେଲେ । ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ନିତିଦିନିଆ ଭଳି ପରିସ୍ଥିତି ହୋଇଥିଲେ



ସୁଦ୍ଧା ପ୍ରଶାସନ ନିଘୋର ନିଦ୍ରାରେ ରହି ବଡ଼ ଧରଣର ଦୁର୍ଘଟଣା ଅପେକ୍ଷାରେ ରହିଥିବା ଅଭିଯୋଗ ହେଉଛି । ଲକିଗୁଡା ଠାରୁ ବେଜୁଗୁଡା, ଆଉଲିଗୁମ୍ମା ଛକ ଠାରୁ ନବୋଦୟ ବିଦ୍ୟାଳୟ ପର୍ଯ୍ୟନ୍ତ ବୃକ୍ଷ ଗୁଡିକ ରାସ୍ତା ଉପରେ ରହିଛି । ସେଗୁଡିକ ତୁରନ୍ତ ହଟାଇ ଦୁର୍ଘଟଣା ଏଡାଇବା ପାଇଁ ଦାବି ହେଉଥିଲେ ସିଧା ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ କରି ଅସନ୍ତୋଷ ବୃଦ୍ଧି ପାଉଛି । ଏହି ରାସ୍ତାରେ ମେଗା ଏୟାର ଭଲବ, ବୃକ୍ଷ ଏବଂ ବିଦ୍ୟୁତ ଖୁଣ୍ଟ ପାଇଁ ଦୁର୍ଘଟଣା ହେଲେ କିମ୍ବା ଜୀବନ ଗଲେ ପ୍ରଶାସନକୁ ଏହାର ବହୁମୂଲ୍ୟ ଦେବାକୁ ପଡିବ ବୋଲି ଚେତାବନୀ ଦେବା ସହ ତୁରନ୍ତ ଦୁର୍ଘଟଣା ଏଡାଇବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି କଂଗ୍ରେସ ନେତା ଅଖିଳ ଭତ୍ରା ।

■ ରାଜମିସ୍ତ୍ରୀଙ୍କ ପୁଅଙ୍କ କୃତିତ୍ୱ

# ଓସିଏସ୍‌ରେ କହ୍ନେଇ ଶବରଙ୍କ ସଫଳତା

ପଦ୍ମପୁର,୨୭।୫(ସମିସ):



ଦୃଢ଼ ସଙ୍କଳ୍ପ, କଠିନ ପରିଶ୍ରମ ଓ ଅଦମ୍ୟ ଇଚ୍ଛାଶକ୍ତି ଥିଲେ ସଫଳତା କେବେ ବି ଦୂର ନୁହେଁ। ଏହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ପଦ୍ମପୁର ବ୍ଲକ ଅନ୍ତର୍ଗତ ଛୋଟିଆ ଗ୍ରାମ ପେରୁପାଙ୍ଗାର କୃତି ସନ୍ତାନ କହ୍ନେଇ ଶବର। ସେ ନିକଟରେ ପ୍ରକାଶିତ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି ) ପରୀକ୍ଷାରେ ୧୩୨ତମ ରାଙ୍କ ହାସଲ କରି ଓଡ଼ିଶା ପ୍ରଶାସନିକ ସେବା (ଓଏଏସ ) ପାଇଁ ମନୋନୀତ ହୋଇଛନ୍ତି। କନେ୍ହଇ ଶବର ତ୍ରିବେଣୀ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଦ୍ମପୁରର ୨୦୧୯ ବ୍ୟାଚ୍‌ର ଟପର ଛାତ୍ର ଥିଲେ। ଛାତ୍ରଜୀବନରୁ ହିଁ ତାଙ୍କର ମେଧା, ଅଧ୍ୟବସାୟ ଓ ଲକ୍ଷ୍ୟପ୍ରତି ଏକାଗ୍ରତା ସମସ୍ତଙ୍କୁ ଆକର୍ଷିତ କରିଥିଲା। ଆଜି ସେହି ପରିଶ୍ରମର ଫଳସ୍ୱରୂପ ସେ ରାଜ୍ୟର ଅନ୍ୟତମ ସମ୍ମାନଜନକ ପ୍ରଶାସନିକ ସେବାରେ ସ୍ଥାନ ପାଇଛନ୍ତି। କହ୍ନେଇଙ୍କ ପିତା ଏକାକ୍ଷର ଶବର ଜଣେ ରାଜମିସ୍ତ୍ରୀ। ସୀମିତ ଆର୍ଥିକ ସାମର୍ଥ୍ୟ ସତ୍ତ୍ୱେ ସେ ପୁଅର ଶିକ୍ଷା ପାଇଁ ସଦା ପ୍ରେରଣା ଓ ସହଯୋଗ ଯୋଗାଇ ଆସିଥିଲେ। ପିତାଙ୍କ ତ୍ୟାଗ ଓ ପରିଶ୍ରମକୁ ସମ୍ମାନ ଜଣାଇ କହ୍ନେଇ ଆଜି ନିଜ ଅଞ୍ଚଳ ଏବଂ ପରିବାର ପାଇଁ ଗୌରବ ଆଣିଛନ୍ତି। କହ୍ନେଇଙ୍କ ଏହି ଅସାଧାରଣ ସଫଳତା ତ୍ରିବେଣୀ ଅନୁଷ୍ଠାନ, ପଦ୍ମପୁର ଅଞ୍ଚଳ ଏବଂ ସମଗ୍ର ରାୟଗଡା ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି। ତାଙ୍କ ସଫଳତା ଗ୍ରାମାଞ୍ଚଳର ଅନେକ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପ୍ରେରଣା ସୃଷ୍ଟି କରିଛି। କହ୍ନେଇ ଶବରଙ୍କ ଏହି କୃତିତ୍ୱ ପାଇଁ ବିଭିନ୍ନ ସାମାଜିକ, ଶିକ୍ଷାନୁଷ୍ଠାନ, ବୁଦ୍ଧିଜୀବୀ ଓ ଜନପ୍ରତିନିଧି ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ତ୍ରିବେଣୀ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା କମିଟି, ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀମାନେ ମଧ୍ୟ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଅଧା ଗଛ କଟିଲା, ଅଧା ରହିଗଲା

# ଇନ୍ଦ୍ରାବତୀ-ନବରଙ୍ଗପୁର ରାସ୍ତା ପାଲଟିଛି ମରଣଯନ୍ତା

ତେନ୍ତୁଳିଖୁଣ୍ଟି,୨୭।୫(ସମିସ): ନବରଙ୍ଗପୁର ଜିଲ୍ଲା ସଦର ମହକୁମା ଠାରୁ ଇନ୍ଦ୍ରାବତୀ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ଜାରିରହିଛି । ରାସ୍ତା ପ୍ରଶସ୍ତିକରଣ ହେତୁ ବୃକ୍ଷ ଏବଂ ବିଦ୍ୟୁତ ଖୁଣ୍ଟ ରାସ୍ତା ମଝିରେ ରହି ରାସ୍ତାଟି ଦୁର୍ଘଟଣାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ରାସ୍ତା ଦୁର୍ଘଟଣା ଘଟି ୭ଟି ମୂଲ୍ୟବାନ ଜୀବନ ଯାଇଛି। ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏହାପରେ ମଧ୍ୟ ପ୍ରଶାସନ ନିରବ ରହିବା ହେତୁ କଂଗ୍ରେସ ପକ୍ଷରୁ ଗତ ୨୧ ତାରିଖରେ ବିଜରାଗୁଡା ନିକଟରେ ରାସ୍ତା ଉପରେ ଧାରଣା ଦେଇ ପ୍ରତିବାଦ କରାଯାଇଥିଲା। ଏହାପରେ ପ୍ରଶାସନ ନବରଙ୍ଗପୁର ଠାରୁ ନରସିଂହଗୁଡା ପର୍ଯ୍ୟନ୍ତ ରାସ୍ତାରୁ ବୃକ୍ଷ ହଟାଇ ନିରବ ରହିଛି । ଫଳରେ ଚରାମୂଳା ଠାରୁ ଗଡିପୁଟ ଛକ ପର୍ଯ୍ୟନ୍ତ ରାସ୍ତାରେ ବୃକ୍ଷ ଗୁଡିକ ରାସ୍ତା ମଝିରେ ରହିଛି। ଫଳରେ ସ୍ଥାନୀୟ ପାଇକ୍ ବାରଙ୍ଗପଦାର ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟରେ ରାସ୍ତା ଉପରେ ଥିବା



ବୃକ୍ଷରେ ଜଣେ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହେଲେ। ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ନିତିଦିନିଆ ଭଳି ପରିସ୍ଥିତି ହୋଇଥିଲେ ସୁଦ୍ଧା ପ୍ରଶାସନ ନିଘୋର ନିଦ୍ରାରେ ରହି ବଡ଼ ଧରଣର ଦୁର୍ଘଟଣା ଅପେକ୍ଷାରେ ରହିଥିବା ଅଭିଯୋଗ ହେଉଛି। ଲକିଗୁଡା ଠାରୁ ବେଜୁଗୁଡା, ଆଉଲିଗୁମ୍ମା ଛକ ଠାରୁ ନବୋଦୟ ବିଦ୍ୟାଳୟ ପର୍ଯ୍ୟନ୍ତ ବୃକ୍ଷ ଗୁଡିକ ରାସ୍ତା ଉପରେ ରହିଛି। ସେଗୁଡିକ ତୁରନ୍ତ ହଟାଇ ଦୁର୍ଘଟଣା ଏଡାଇବା ପାଇଁ ଦାବି ହେଉଥିଲେ ସିଧା ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ କରି ଅସନ୍ତୋଷ ବୃଦ୍ଧି ପାଉଛି । ଏହି ରାସ୍ତାରେ ମେଗା ଏୟାର ଭଲବ, ବୃକ୍ଷ ଏବଂ ବିଦ୍ୟୁତ ଖୁଣ୍ଟ ପାଇଁ ଦୁର୍ଘଟଣା ହେଲେ କିମ୍ବା ଜୀବନ ଗଲେ ପ୍ରଶାସନକୁ ଏହାର ବହୁମୂଲ୍ୟ ଦେବାକୁ ପଡିବ ବୋଲି ଚେତାବନୀ ଦେବା ସହ ତୁରନ୍ତ ଦୁର୍ଘଟଣା ଏଡାଇବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି କଂଗ୍ରେସ ନେତା ଅଖିଳ ଭତ୍ରା।

# ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ତାଲିମ

ରାୟଗଡ଼, ୨୭।୫(ସମିସ): ରାୟଗଡ଼ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶୁତୋଷ କୁଳକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ ବ୍ଲକ ପରିସରରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ନିମନ୍ତେ ବୁଥ ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ରମେଶ କୁମାର ଜେନା, ବିଡିଓ ରାୟଗଡ଼ ସୁଜିତ କୁମାର ମିଶ୍ର, ସହକାରୀ ଜିଲ୍ଲାପାଳ କୈଳାଶ ଚନ୍ଦ୍ର ସ୍ୱାଇଁ, ଏବିଡିଓ କାଳୁ ଚରଣ ନାୟକ, ଜିପିଡିଓ ସ୍ମୃତିରେଖା ନାୟକ ଓ ସମ୍ବଳ ଶିକ୍ଷକ ନିଳାଞ୍ଚଳ ମିଶ୍ର ପ୍ରମୁଖ ପ୍ରୋଜେକ୍ଟର ମାଧ୍ୟମରେ ତାଲିମ ପ୍ରଦାନ କରିଥିଲେ। ରାୟଗଡ଼ ବ୍ଲକର ସମସ୍ତ ଏକଶହ ଚଉଦ ଜଣ ବୁଥ ସ୍ତରୀୟ ଅଧିକାରୀ ଓ ସୁପରଭାଇଜର ଏଥିରେ ଅଂଶ ଗ୍ରହଣ କରିଥିଲେ। ଏକ ତ୍ରୁଟିଶୂନ୍ୟ ଓ ସୁସ୍ଥ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଏହି ସ୍ୱତନ୍ତ୍ର ସଂଶୋଧନ ଅନୁଷ୍ଠିତ। ସମସ୍ତ ଯୋଗ୍ୟ ଭୋଟର ଯେପରି ବାଦ୍




ନପଡ଼ିବେ ଏବଂ ଅଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ନିମନ୍ତେ ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ଅନୁଷ୍ଠିତ ହେଉଥିବା ଉପଜିଲ୍ଲାପାଳ ଶ୍ରୀ ଜେନା କହିଛନ୍ତି। ଆସନ୍ତା ମେ ମାସ ତିରିଶ ତାରିଖ ଠାରୁ ଜୁନ ଅଠେଇଶି ମଧ୍ୟରେ ବୁଥ ସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ସର୍ଭେ କରି ସେମାନଙ୍କ ତଥ୍ୟ ଯାଞ୍ଚ କରିବା ସହ ନୂତନ ଭୋଟରଙ୍କ ନାମ ଯୋଗ, ଅଯୋଗ୍ୟ ଭୋଟରଙ୍କୁ ବାଦ୍ ନିମନ୍ତେ ଚିହ୍ନଟ କରିବେ ଏବଂ ଭୋଟରଙ୍କ ଆବଶ୍ୟକ ତଥ୍ୟ ସଂଶୋଧନ କାର୍ଯ୍ୟ ମଧ୍ୟ ଜାରି ରହିବ। ଯେଉଁ ଭୋଟର ନିଜର ପରିଗଣନା ଫର୍ମ ବିଏଲଓଙ୍କୁ ଦାଖଲ କରିବେ ନାହିଁ, ସେମାନଙ୍କ ନାମ ଚିଠା ଭୋଟର ତାଲିକାରେ ସ୍ଥାନ ପାଇବ ନାହିଁ। ଆସନ୍ତା ଜୁଲାଇ ପାଞ୍ଚ ତାରିଖ ଦିନ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ନିମନ୍ତେ ଦିନ ଧାର୍ଯ୍ୟ ହୋଇଥିବା ଡେପୁଟି କଲେକ୍ଟର ମାନୁଇଲା ପ୍ରିୟଦର୍ଶିନୀ ଅବଗତ କରିଛନ୍ତି। ସହକାରୀ ଜିଲ୍ଲାପାଳ ବିଚିତ୍ରା ସେଠୀଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଦିନ ରାୟଗଡ଼ ବିଧାନସଭା ମଣ୍ଡଳୀର ରାୟଗଡ଼ ଓ କାଶୀପୁର ବ୍ଲକ୍ ତଥା ରାୟଗଡ଼ ପୌରାଞ୍ଚଳରେ ପରିଗଣନା ଫର୍ମମାନ ପହଞ୍ଚିଥିଲା। ସହକାରୀ ଜିଲ୍ଲାପାଳ କୈଳାଶ ଚନ୍ଦ୍ର ସ୍ୱାଇଁ ସମସ୍ତ ବୁଥ ସ୍ତରୀୟ ଅଧିକାରୀଙ୍କୁ ଫର୍ମ ଗୁଡିକର ବଣ୍ଟନର ଦାୟିତ୍ୱ ନେଇଥିଲେ। ଶେଷରେ ସୁସ୍ଥ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଆରମ୍ଭ ହୋଇଥିବା ପ୍ରକ୍ରିୟାରେ ସମସ୍ତ ଜନସାଧାରଣ, ନିର୍ବାଚିତ ପ୍ରତିନିଧି ଏବଂ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ବୁଥ ସ୍ତରୀୟ ଏଜେଣ୍ଟ ମାଧ୍ୟମରେ ସଂପୂର୍ଣ୍ଣ ସହଯୋଗ ପ୍ରଦାନ ପାଇଁ ଉପଜିଲ୍ଲାପାଳ ଶ୍ରୀ ଜେନା ଅପିଲ କରିଛନ୍ତି।

# ଭୋଟର ଜନଗଣନା, ସଂଶୋଧନ ତାଲିମ କାର୍ଯ୍ୟକ୍ରମ

ପଦ୍ମପୁର,୨୭।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ଗୃହ ପରିସରରେ ଭୋଟର ଜନଗଣନା ଓ ସଂଶୋଧନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ୍‌ର ବିଭିନ୍ନ ବିଭାଗର ବିଶେଷତ୍ୱ ପ୍ରାଥମିକ ଶିକ୍ଷକ, ଅଙ୍ଗନବାଡ଼ି, ଆଶାକର୍ମୀ, ପ୍ରସୂତିଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ସକାଳ ୭ଟାରୁ୧୦ଟା ମଧ୍ୟରେ ବିଏଲ୍‌ଓଙ୍କୁ ସେମାନଙ୍କ କାର୍ଯ୍ୟରେ ସହାୟତା କରିବା ନିମନ୍ତେ ପ୍ରାୟ ୨୭୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ର ପ୍ରକୋପକୁ ଦୃଷ୍ଟିରେ ରଖି ବ୍ଲକ୍‌ର ସର୍ବୋମୋଟ ୫୪ଜଣ ବିଏଲଓ (ପ୍ରାଥମିକ ଶିକ୍ଷକ ଓ ଅଙ୍ଗନବାଡି) ଙ୍କୁ ତାଲିମ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଉପରୋକ୍ତ ସମସ୍ତ ୩



ଶହରୁ ଅଧିକ ସରକାରୀ କର୍ମଚାରୀ ୨୯ ତାରିଖ ଠାରୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମର ପ୍ରତ୍ୟେକ ପରିବାରକୁ ଯାଇ ଭୋଟର ଜନଗଣନା ଓ ସଂଶୋଧନ କାର୍ଯ୍ୟକ୍ରମ ଜାରି ରଖିବେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ବ୍ଲକ୍‌ର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ ସମସ୍ତଙ୍କୁ ତାଲିମ ପ୍ରଦାନ କରିଥିବା ବେଳେ ପଦ୍ମପୁର ବ୍ଲକ୍‌ର ମିଶନ୍ ଶକ୍ତିର କ୍ରାନ୍ତି କୁମାର ପାଢ଼ୀ , ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅର୍ଚ୍ଚନା ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ନିଗ୍ଧା ମୟୀ ବାରିକ୍, ଯୋଗାଣ ନିରୀକ୍ଷକ ଅମର ଶବର, ବିପିସି (ପେସା) ଶିବ ଶଙ୍କର ଗୌଡ ପ୍ରମୁଖ ଉକ୍ତ ଜନଗଣନା କାର୍ଯ୍ୟକ୍ରମରେ ଉପସ୍ଥିତ ଥାଇ ନିର୍ବାଚନ ସୁପରଭାଇଜର୍ ଭାବେ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି।

# କୁତୁରୁପୁଟ ଗାଁ ରାସ୍ତା ଅବରୋଧ



ସେମିଲିଗୁଡ଼ା, ୨୭।୫(ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ରାଜପୁଟ ଗ୍ରାମପଞ୍ଚାୟତ ଅଧିନରେ ଥିବା କୁତୁରୁପୁଟ ଗ୍ରାମର ରାସ୍ତାକୁ ବାରମ୍ବାର ଅବରୋଧ କରୁଥିବା ନେଇ ବୁଧବାର ଗ୍ରାମବାସୀ ଏକତ୍ରିତ ହୋଇ ସେମିଲିଗୁଡା ତହସିଲଦାର ଦେବବ୍ରତଙ୍କ ଦ୍ୱାରସ୍ଥ ହୋଇ

**ତହସିଲଦାରଙ୍କୁ ଦାବିପତ୍ର**

ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଉକ୍ତ ଅଭିଯୋଗ ପତ୍ରରେ ଜଣାଇଥିଲେ ଯେ, ପଡୋଶୀ ପାତ୍ରପୁଟ ଗ୍ରାମର ପାଞ୍ଚ ଜଣ କୁତୁରୁପୁଟ ଗାଁକୁ ଯିବା ରାସ୍ତାକୁ ଅବରୋଧ କରିଛନ୍ତି। ଏଥି ପୂର୍ବରୁ ମଧ୍ୟ ଏହି ରାସ୍ତା ଅବରୋଧ କରିଥିବା ନେଇ ଗ୍ରାମବାସୀ ତହସିଲଦାରଙ୍କୁ ଅବଗତ କରିଥିଲେ। ସମସ୍ୟାକୁ ଗମ୍ଭୀରତାର ସହ



ନେଇ ତହସିଲଦାର ଦେବବ୍ରତ କରାଟି, ସେମିଲିଗୁଡା ଥାନା ଅଧିକାରିଣୀ ଅନିତା କୁଜୁର ଏବଂ ଆରଡି ବିଭାଗର ଯନ୍ତ୍ରୀଙ୍କୁ ଏହି ବାବଦରେ ସୂଚନା ଦେଇ ଅବରୋଧ ହଟାଇବା ପାଇଁ କହିଥିଲେ। କୁତୁରୁପୁଟ ଗ୍ରାମବାସୀଙ୍କ ରାସ୍ତାରେ ଥିବା ମାଟି ଉଠାଇବା ପାଇଁ ପ୍ରତିଶୃତି ଦେଇଥିଲେ। ଏହି ଅଭିଯୋଗକାରୀଙ୍କ ମଧ୍ୟରେ କୁତୁରୁପୁଟ ଗ୍ରାମ ସାନିଆ ନାୟକ, ରବି ଗମାଙ୍ଗ, ସାନିଆ କୁତୁରୁ, କର୍ଣ୍ଣ ନାୟକ, ଆଡୁ ଗମାଙ୍ଗ, ରାମଚନ୍ଦ୍ର କୁତୁରୁ, ନିଧି କୁତୁରୁ, କୈଳାଶ ଜୟପୁରିଆ, ଜଗନ୍ନାଥ ଗୁଣ୍ଠା, ସାନାଦେଇ କୁତୁରୁ, ସୁମି ନାୟକ, ଅନିତା ନାୟକ, ନମିତା ନାୟକ ଉପସ୍ଥିତ ଥିଲେ। ସମସ୍ୟା ସମାଧାନ କରିବା ପାଇଁ ତହସିଲଦାର ଦେବବ୍ରତ ପ୍ରତିଶ୍ରୁତି ଦେଇଥିଲେ।

● ନନ୍ଦପୁରରେ ଭତ୍ତା ଯନ୍ତ୍ରଣା

# ଦୁଇ ମାସ ହେଲା ବୃଦ୍ଧ ବୃଦ୍ଧା ହନ୍ତସନ୍ତ

ନନ୍ଦପୁର, ୨୭।୫ (ସମିସ): ମାସେ ନୁହେଁ , ଦୁଇ ମାସ ବିତିଲାଲଣି। ବ୍ୟାଙ୍କ୍ ଖାତାକୁ ଆସୁନି ଭତ୍ତା ଟଙ୍କା। ବ୍ୟାଙ୍କ୍‌କୁ ଆସି ଆସି ନୟାନ୍ତ ହେଲେଣି ଭତ୍ତା ହିତାଧିକାରୀ ବୁଢା ବୁଢି। ଭତ୍ତା ଟଙ୍କା ନ ପାଇ ମୁଣ୍ଡରେ ହାତ ଦେଇଛନ୍ତି। ସୂଚିତ ଯେ ମଧୁବାବୁ ଭତ୍ତା ଓ ଜାତୀୟ ମଙ୍ଗଳ ଯୋଜନାରେ ପ୍ରତି ମାସର ୧୫ ତାରିଖରେ ଭତ୍ତା ମିଳୁଥିବା ବେଳେ ଗତ ଦୁଇ ମାସ ହେଲା ଜାତୀୟ ମଙ୍ଗଳ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ




ବ୍ୟାଙ୍କ୍ ଖାତାକୁ ଟଙ୍କା ଆସିନାହିଁ। ସେପେଟ ମଧୁବାବୁ ଭତ୍ତାଧାରୀଙ୍କୁ ପ୍ରତି ମାସର ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ନିୟମିତ ପ୍ରଦାନ ଚାଲୁ ରହିଥିବା ବେଳେ ବ୍ୟାଙ୍କ୍ ଧାରୀ ଭତ୍ତା ହିତାଧିକାରୀଙ୍କୁ ମିଳି ପାରିନାହିଁ ଭତ୍ତା ଟଙ୍କା । ଜାତୀୟ ମଙ୍ଗଳ ଯୋଜନା ଅନ୍ତର୍ଗତ ଭତ୍ତା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ଆସି ପାରୁନଥିବାରୁ ବୁଢାବୁଢୀମାନେ ମୋହନ ସରକାରଙ୍କୁ ସମାଲୋଚନା କରିଛନ୍ତି ।

## ଦୋରାଗୁଡା ହାଟରୁ ବାଇକ୍ ଚୋରି

ବୈପାରୀଗୁଡା, ୨୭।୫(ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ ଦୋରାଗୁଡା ସାପ୍ତାହିକ ହାଟରୁ ବାଇକ ଚୋରି ଅଭିଯୋଗ ନେଇ ଥାନା ଦ୍ୱାରସ୍ଥ ହୋଇଛନ୍ତି ଗାଡି ମାଲିକ ଉଗୁ ସାଗରିଆ। ଏତଲା ଅନୁଯାୟୀ, କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ବଡ଼କେରଙ୍ଗା ପଞ୍ଚାୟତର ଗଞ୍ଜେଇ ପଦର ଗାଁର ଉଗୁ ସଗରିଆ (୩୮) ନିଜ ସବୁଜ ରଙ୍ଗର ଏଚଡି ଡିଲକ୍ସ ବାଇକ୍ (ଓଡି ୧୦ଏଲ ୪୩୦୨ ) ଯୋଗେ ଗତ ୨୫ ଦିନ ବୈପାରୀଗୁଡା ଥାନା ଅନ୍ତର୍ଗତ ଚନ୍ଦ୍ରପୋଡା ପଞ୍ଚାୟତର ଦୋରାଗୁଡା ସାପ୍ତାହିକ ହାଟକୁ ଆସିଥିଲେ। ହାଟରୁ ବାଇକ୍ ଚୋରି ହୋଇ ଯାଇଥିବାରୁ ବୈପାରୀଗୁଡା ଥାନା ଦ୍ୱାରସ୍ଥ ହୋଇଛନ୍ତି ବାଇକ୍ ମାଲିକ ଉଗୁ ସାଗରିଆ।

# ସଠିକ୍ ସ୍ଥାନରେ ବଜାର ଗୃହ ନିର୍ମାଣ ଦାବି

ବୈପାରୀଗୁଡା, ୨୭।୫(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ପୂଜାରୀଗୁଡା ପଞ୍ଚାୟତର ଲିମ୍ବା ଗୁଡା ଗ୍ରାମବାସୀ ଆଜି ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଲିମ୍ବା ଗୁଡା ଗାଁରେ ବଜାର ଗୃହ ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଛି ଏବଂ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଜାଗା ଚିହ୍ନଟ ହୋଇଛି । କିନ୍ତୁ ଏହି କାମକୁ କିଛି କୁଜି ନେତା ଏବଂ ବିଭାଗୀୟ ଅଧିକାରୀଙ୍କ ନିଜସ୍ୱ ସ୍ୱାର୍ଥ ରଖି ଲିମ୍ବାଗୁଡା ରାଜସ୍ୱ ମୌଜାରେ କରାନଯାଇ ଗୁମ୍ମା /ଗୌଡ଼ଗୁଡା ରାଜସ୍ୱ ମୌଜା ଅଞ୍ଚଳରେ କରାଯାଉଛି । ଆରଡି ରାସ୍ତା ପାଶ୍ୱର୍ରେ ଫଳକ ଲଗାଯାଇଛି। ଯାହାକୁ ନେଇ ଲିମ୍ବା ଗୁଡା ଗାଁ ଲୋକେ ବିରୋଧ କରିଛନ୍ତି । ଏହାର ତଦନ୍ତ ପାଇଁ ବୈପାରୀଗୁଡା ବିଡିଓ ଅନୁପସ୍ଥିତିରେ ଏବିଡିଓ ନିବେଦିତା ଦଣ୍ଡସେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛ। ଏନେଇ ଏବିଡିଓ କହିଛନ୍ତି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତଦନ୍ତ କରାଯିବ।



# ଦେବାଳୟକୁ ଲୁଟେରାଙ୍କ ଟାର୍ଗେଟ

ବୋରିଗୁମ୍ମା,୨୭।୫ (ସମିସ): ବର୍ତ୍ତମାନ ଲୁଟେରାଙ୍କ ଟାର୍ଗେଟ୍ ମନ୍ଦିର। ଦେବତା ଠାକୁର କିଛି ମାନୁ ନାହାନ୍ତି। ସିଧା ଆସୁଛନ୍ତି, କଳାକନା ବୁଲାଇ ଚମ୍ପଟ ମାରୁଛନ୍ତି। ପୁଲିସ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଦେଖିବାକୁ ମିଳିଛି ବୋରିଗୁମ୍ମା ବ୍ଲକ୍ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଅଞ୍ଚଳବାସୀଙ୍କ କହିବା ପ୍ରକାରେ, ଗତ କିଛି ମାସ ହେଲା ବିଭିନ୍ନ ମନ୍ଦିର ଉପରେ ଲୁଟେରାଙ୍କ ଲୋଲୁପ ଦୃଷ୍ଟି ପଡିଛି। ସିଧା ପଶି, କଳାକନା ବୁଲାଇ ଚମ୍ପଟ ମାରୁଛନ୍ତି। ସୋମବାର ବିଳମ୍ବିତ ରାତିରେ ଗଙ୍ଗାମାଇ ଠାକୁରାଣୀ ମନ୍ଦିର, ସଂକୀଲାଇ ଠାକୁ ରାଣୀ ମନ୍ଦିର,

## ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ?

ବି.ସିଂହପୁର ଥାନା ଅଞ୍ଚଳରେ। ପ୍ରାପ୍ତ ସୂଚନା ମୁତାବକ ସୋମବାର ବିଳମ୍ବିତ ରାତିରେ ୩ଟି ମନ୍ଦିରରୁ ସିରିଜ୍ ଚୋରି ହୋଇଛି। ସେମେଲାଗୁଡାର ମା' ଗଙ୍ଗାମାଇ ମନ୍ଦିର ଓ ମୁଣ୍ଡାଗୁଡା ଠାକୁରାଣୀ ମନ୍ଦିରରୁ ସୁନାରୁପା ଆଭୂଷଣ ସହ ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି ହୋଇଥିବା ବେଳେ ସାଙ୍କୁଳାଇ ମନ୍ଦିରର ଦାନବାକ୍ସ ଭାଙ୍ଗି ସବୁ ଚୋରି କରି ନେଇଛନ୍ତି। ସେହିପରି ନୀଳକଣ୍ଠ ମନ୍ଦିରର କବାଟ ଭାଙ୍ଗି ଦୁର୍ବୃତ୍ତ ଚୋରି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ରାତ୍ରି ପାଟ୍ରୋଲିଂ ହେଉ ନଥିବାରୁ ଗୋଟିଏ ପରେ ଗୋଟିଏ ମନ୍ଦିରରୁ ଚୋରି ମା'ଶଂଶୁ ଲାଇ ମନ୍ଦିର ଆଦିରୁ ଚୋରି ହୋଇଛି। ସେହିପରି ନୀଳକଣ୍ଠ ମନ୍ଦିରର କବାଟ ଭାଙ୍ଗି ଚୋରି ଉଦ୍ୟମ କରିଥିଲେ ଦୁର୍ବୃତ୍ତ। ଆଜି ସକାଳେ ପୂଜା ପାଇଁ ମନ୍ଦିରକୁ ଆସି ପୂଜକ ମୁଖ୍ୟ ଫାଟକରେ ତାଲା ଭାଙ୍ଗିଥିବା ଦେଖି ତୁରନ୍ତ ଗ୍ରାମବାସୀ ଓ ପୁଲିସକୁ ଖବର ଦେଇଥିଲେ। ଯାଞ୍ଚ ବେଳେ ସେମେଲଗୁଡା ଏବଂ ମୁଣ୍ଡାଗୁଡା ମନ୍ଦିରରୁ ମା'ଙ୍କ ସୁନା ଆଭୂଷଣ, ମୁକୁଟ ନଥିଲା। ଏଥିସହିତ ହୁଣ୍ଡି ଭାଙ୍ଗି ଲୁଟେରାମାନେ ଟଙ୍କା ଲୁଟି ନେଇଥିବା ଜଣା ପଡିଥିଲା। ଗୋଟିଏ ରାତିରେ ସିରିଜ୍ ଚୋରିକୁ ନେଇ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ମନ୍ଦିରରୁ ଚୋରି ଘଟଣା ଗୋଟିଏ ଦିନର ନୁହେଁ, କିଛିମାସ ତଳେ ଦୁର୍ବୃତ୍ତମାନେ କୁମୁଲିର ନବନିର୍ମିତ ଜଗନ୍ନାଥ ମନ୍ଦିରରେ କଳାକନା ବୁଲାଇ ଠାକୁରଙ୍କ ଅଳଙ୍କାର ଲୁଟି ନେଇଥିଲେ। ଗତ ୧୮ ତାରିଖରେ ପୁଲିସ ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ଘଟଣା ସପ୍ତାହ ନ ପୁରୁଣୁ ପୁଣିଥରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଏକା ସାଙ୍ଗରେ ୩ଟି ମନ୍ଦିରରୁ ସିରିଜ ଲୁଟ୍ ହୋଇଛି। ସବୁଠୁ ବଡ଼କଥା ହେଲା ଏହି ଅଞ୍ଚଳରେ ଅନେକ ପୁରାତନ ମନ୍ଦିର ରହିଛି। କୌଣସି ମନ୍ଦିରରେ ସିସିଟିଭି ବା ସୁରକ୍ଷାକର୍ମୀ ବ୍ୟବସ୍ଥା ନାହିଁ। ଗ୍ରାମାଞ୍ଚଳ ମନ୍ଦିର ପ୍ରାୟତଃ ଜନଶୂନ୍ୟ ସ୍ଥାନରେ ରହୁଥିବାରୁ ଲୁଟେରାଙ୍କୁ ସୁବିଧା ହେଉଛି। ଏହାଛଡ଼ା ପ୍ରାଚୀନ ପଥର ଓ ଅଷ୍ଟଧାତୁ ମୂର୍ତ୍ତିର ଚୋରାଚାଲାଣ ଏହାର ଅନ୍ୟତମ ବଡ଼ କାରଣ ବୋଲି ଆଶଙ୍କା କରାଯାଉଛି। ମନ୍ଦିରରୁ ଏଭଳି ଲୁଟ୍ ଘଟଣା କେବଳ ଆର୍ଥିକ କ୍ଷତି ନୁହେଁ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବନାକୁ ଶକ୍ତ ଆଘାତ ଦେଉଛି। ଏହାକୁ ରୋକିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ସହ ମନ୍ଦିର କମିଟି ପକ୍ଷରୁ ଆଧୁନିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଜରୁରି ହୋଇପଡ଼ିଛି।

# ବିଜେପିର ମହିଳା ଆକ୍ରୋଶ ପଦଯାତ୍ରା

ଲକ୍ଷ୍ମୀପୁର,୨୭।୫(ସମିସ):

ମହିଳା ସଂରକ୍ଷଣ ବିଲକୁ ନେଇ ଏବେ ବିରୋଧି ଓ ଶାସକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି । ଚଳିତ ୨୫ ତାରିଖରେ ମହିଳାଙ୍କ ସଂରକ୍ଷଣ ବିଲ୍ ପାଳିତ କରିବା ପାଇଁ ବିଜେଡି ଏକ ପଦଯାତ୍ରା କରିଥିଲା। ଏହାର ଦୁଇ ଦିନ ପରେ ଶାସକ ଦଳ ପକ୍ଷରୁ ବିରୋଧିଙ୍କୁ ନାରୀ ଆକ୍ରୋଶ ପଦଯାତ୍ରା ବାହାରି ଥିଲା। ଡବଲ ଇଞ୍ଜିନ ସରକାର ସଦାବେଳେ ଲୋକଙ୍କ ପାଇଁ ଓ ନାରୀମାନଙ୍କ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି। କିନ୍ତୁ ଇଣ୍ଡିଆ ମେଣ୍ଟ ବିରୋଧ ଯୋଗୁଁ ତାହା ପାଳିତ ହୋଇପାରୁ ନାହିଁ। ଏହା ଦେଶ ପାଇଁ ଦୁର୍ଭାଗ୍ୟଜନକ ବୋଲି ପୂର୍ବତନ ବିଧାୟକ ତଥା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ କୈଳାସ କୁଲେସିକା କହିଛନ୍ତି। ତାର ପ୍ରତିବାଦରେ ଆଜି ନାରୀ ଆକ୍ରୋଶ ପଦଯାତ୍ରା ରେଳବାଇ




ଛକ ଠାରୁ ବାହାରି ସହର ପରିକ୍ରମା କରି ଆମ୍ବେଦକର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଘୋଡ଼ା ବନ୍ଧ ପର୍ଯ୍ୟନ୍ତ ଯାଇଥିଲା। ଏହି ପଦଯାତ୍ରା ମଣ୍ଡଳ ସଭାପତି ଅଜୟ ଖରାଙ୍କ ନେତୃତ୍ୱରେ ବାହାରି ଥିବା ବେଳେ ଏଥିରେ ଅନେକ ବିଜେପି ନେତା ତଥା ଅଧ୍ୟକ୍ଷା ସୁୱାଇ କୁଲେସିକା, ଉପାଧ୍ୟକ୍ଷା ଆରତୀ କୁଲଦୀପ, ଜିଲ୍ଲା ସତନ୍ତ୍ର ଉନ୍ନୟନ ଉପ ସଭାପତି ସୁକାନ୍ତି ମାଝୀ, ମହିଳା ନେତ୍ରୀ ସବିତା କୁଲେସିକା, ବରିଷ୍ଠ ନେତା ନକୁଳ ବିଷୋୟୀ,ଜିଲ୍ଲା ସାଧାରଣ ସମ୍ପାଦକ ଉଦୟ ହିକକା, ଯୁବ ନେତା ଦେବ୍ ଖରା ଓ ମନୋଜ କୁମାର ସାହୁ, ବିଜେପିର ନେତା ପ୍ରସାଦ ଖରା, ପରମା ଖରା ବାମଦେବ ତୁରୁକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସୋସିଆଲ ମିଡିଆ ତଥା ବ୍ଲକ ସାଧାରଣ ସମ୍ପାଦକ ପାତ୍ର ପିଲେଣ୍ଟୀ କାର୍ଯ୍ୟକ୍ରମର ଗୁରୁଦାୟିତ୍ୱ ବହନ କରିଥିଲେ।

# ୪ ଦିନ ହେଲା ନଦୀପଡ଼ାରେ ଲାଇନ୍ ନାହିଁ

ବରଗଡ଼, ୨୭।୫(ସମିସ): ବରଗଡ଼ ସହରର ନଦୀପଡ଼ାରେ ୪ ଦିନ ହେଲା ଲାଇନ୍ ନାହିଁ। ଗତ ଚାରି ଦିନ ପୂର୍ବେ ବରଗଡ଼ ସହରରେ ପ୍ରବଳ ଝଡ଼ ତୋଫାନ ହୋଇଥିଲା। ଏହାଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଗଛ ଡାଳ ପଡ଼ି ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। ସେହିଦିନଠାରୁ ନଦୀପଡ଼ାରେ ଲାଇନ୍ ନାହିଁ। ଏବେ ଗ୍ରୀଷ୍ମ ପ୍ରବାହରେ ୪ ଦିନ ଧରି ଲାଇନ୍ ନ ଥିବାର ଏ ଅଞ୍ଚଳର ଲୋକେ କଲବଲ ହେଉଛନ୍ତି। ବିଦ୍ୟୁତ ବିଭାଗକୁ ଯେତେ ଜଣାଇଲେ ମଧ୍ୟ ଫଳ ଶୂନ। ପ୍ରବଳ ଗରମରେ ଖରାରେ ପଡ଼ାବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ନ ଥିବାରୁ ଲୋକେ ପାଣି ସମସ୍ୟାରେ ମଧ୍ୟ ପଡ଼ିଛନ୍ତି। ତେବେ ପାଖରେ ଅବଶ୍ୟ ଜିରା ନଦୀ ଅଛି; ହେଲେ ପଡ଼ାବାସି ଏହି ନଦୀକୁ ଯିବା ପାଇଁ ଭୟ କରୁଛନ୍ତି। କାରଣ ଜୀରା ନଦୀ ଆଉ ନଦୀ ହୋଇ ନାହିଁ। ଏହା ନର୍ଦ୍ଦମାରେ ପରିଣତ ହୋଇଛି। ନର୍ଦ୍ଦମା ପାଣି ମିଶି ଜୀରା ନଦୀ ପାଣି ଏବେ ବିଷ ସାଜିଛି। ଯେଉଁ ଜିରା ନଦୀ ଦିନେ ଲୋକଙ୍କ ଜୀବନ, ଜୀବିକା ସହ ଜଡିତ ଥିଲା ଆଜି ତାହା ଲୋକଙ୍କୁ ଡରାଉଛି। ତେବେ ଏତେ ଗରମରେ ବିଦ୍ୟୁତ ବିଭାଗର ଏପରି କାର୍ଯ୍ୟକୁ ପଡ଼ାବାସୀ ବିରୋଧ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସଂଯୋଗ କରିବା ସହ ସମସ୍ୟାର ସମାଧାନ ପାଇଁ ଲୋକେ ଦାବି କରିଛନ୍ତି। ଅନ୍ୟଥା ସେମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିଲାଗି ଯେଉଁ ପରିସ୍ଥିତି ଉପୁଜିବ ସେଥିଲାଗି ପ୍ରଶାସନ ଦାୟୀ ରହିବ ବୋଲି ପଡ଼ାବାସୀ ସତର୍କ କରାଇ ଦେଇଛନ୍ତି।

**ତବଡ଼ାରେ ଭୟାବହ ଅଗ୍ନିକାଣ୍ଡ**

# ଜଳିଗଲା ଏକର ଏକର ଧାନ

- କାଳହେଲା ଜମିରେ ନଡ଼ା ପୋଡ଼ିବା
- ଲକ୍ଷାଧିକ ଟଙ୍କାର ଛତୁ ଚାଷ ମଧ୍ୟ ପାଉଁଶ

ଘେଁସ, /ମେଲଛାମୁଣ୍ଡା, ୨୭।୫(ସମିସ)



ସୋହେଲା ବ୍ଲକ ତବଡ଼ାରେ ଅଗ୍ନିକାଣ୍ଡ ଘଟିଛି। କେହି ଜଣେ ନିଜ ଜମିରେ ନଡ଼ା ପୋଡ଼ିବା କାରଣରୁ ବ୍ୟାପିଥିବା ନିଆଁ ଆଖି ପିଛୁଳାକେ ଏକର ଏକର ଜମିର ଧାନ ଛାରଖାର କରିଦେଇଛି। ଝାଞ୍ଜି ପବନ ଯୋଗୁଁ ଏହି ନିଆଁ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଆଖପାଖର ଅମଳକ୍ଷମ ଧାନ କ୍ଷେତକୁ ବ୍ୟାପି ଯାଇଥିଲା। ଦେଖୁଦେଖୁ ନିଆଁ ଏଭଳି ଉଗ୍ର ରୂପ ଧାରଣ କରିଥିଲା। ଚାଷୀ ବ୍ୟାସଦେବ ବେହେରାଙ୍କ ଅଧ ଏକର ଓ ପୁରୁଷୋତ୍ତମ ମହାପାତ୍ରଙ୍କ ଅଧ ଏକର ଜମିରୁ ଅମଳ ପାଇଁ ପ୍ରସ୍ତୁତ ଥିବା ଧାନ ଜଳି ପାଉଁଶ ହୋଇଯାଇଛି। ସେହିଭଳି ନିକଟରେ ଥିବା ଛତୁ ଚାଷୀ ଡୋଲାମଣି ବେହେରାଙ୍କ ଉପରେ ମଧ୍ୟ ଏହା ଦାଉ ସାଧିଛି। ଛତୁ ଚାଷ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ତିଆରି ହୋଇଥିବା ସ୍ୱତନ୍ତ୍ର ଘର ଏବଂ ସେଥିପାଇଁ ସଞ୍ଚିତ ରଖାଯାଇଥିବା ୬୦ ଟ୍ରିପ୍ ନଡ଼ା ସବୁ ମାତ୍ର କେଇ ମିନିଟ୍ ମଧ୍ୟରେ ପାଉଁଶ ଗଦାରେ ପରିଣତ ହୋଇଯାଇଛି। ବର୍ଷ ସାରା କରିଥିବା ପରିଶ୍ରମ ଓ ସ୍ୱପ୍ନ ନିଜ ଆଖି ଆଗରେ ଜଳିଯାଉଥିବା ଦେଖି ଚାଷୀ ସ୍ତବ୍ଧ ହୋଇଯାଇଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ସୋହେଲା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଲକ୍ଷାଧିକଟଙ୍କାର କ୍ଷୟକ୍ଷତି ହୋଇସାରିଥିଲା। ତେବେ ଏହି ସର୍ବନାଶ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କ୍ଷତିଗ୍ରସ୍ତ ଚାଷୀ ସୋହେଲା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି। ସର୍ବସ୍ୱାନ୍ତ ହୋଇପଡ଼ିଥିବା ଚାଷୀ ଭାଙ୍ଗି ପଡ଼ିଛନ୍ତି।

**● କାଳବୈଶାଖୀ ପ୍ରଭାବ**

## ଗଛ ଓ ଡାଳ ଭାଙ୍ଗି ରାସ୍ତା ଅବରୋଧ



ପାଇକମାଳ, ୨୭।୫(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଅଞ୍ଚଳରେ ବୁଧବାର ଅପରାହ୍ନରେ ହଠାତ୍ କାଳବୈଶାଖୀ ପ୍ରଭାବରେ ଝଡ଼ ପବନ ସହ ବର୍ଷା ହୋଇଥିଲା। ଦିନସାରା ଅସହ୍ୟ ଗରମ ଓ ଗୁଳୁଗୁଳି ପରିସ୍ଥିତିରେ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ଅଞ୍ଚଳବାସୀ ଏହି ବର୍ଷା ପରେ ବେଶ ଆଶ୍ୱସ୍ତି ଅନୁଭବ କରିଥିଲେ। ସୂଚନା ଅନୁଯାୟୀ, ଅପରାହ୍ନ ସମୟରେ ଘଡ଼ଘଡ଼ି ଓ ବଜ୍ରପାତ ସହ ଜୋର ପବନ ବହିଥିଲା। ଅଧଘଣ୍ଟାର ବର୍ଷା ଫଳରେ କିଛି ମାତ୍ରାରେ ଗରମରୁ ମୁକ୍ତି ମିଳିଥିଲା। ବିଶେଷକରି ଡୁଡୁକିଝରିଆ ଜଙ୍ଗଲ ରାସ୍ତାରେ ଜୋର ପବନ ଯୋଗୁଁ କିଛି ଗଛ ଓ ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା। ଫଳରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଜାମସେଠ ବିଟ ଫରେଷ୍ଟର ଦିବାକର ପ୍ରଧାନଙ୍କ ନେତୃତ୍ୱରେ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗିପଡ଼ିଥିବା ଗଛ ଓ ଡାଳ ସଫା କରିଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି କାଳବୈଶାଖୀ ପ୍ରଭାବରେ କିଛି ଗାଁରେ ସାମୟିକ ଭାବେ ବିଦ୍ୟୁତ ସେବା ବ୍ୟାହତ ହୋଇଥିବା ସୂଚନା ମିଳିଛି।

## ମୁରବୀଶୂନ୍ୟ ଝାରବନ୍ଧ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ

ଝାରବନ୍ଧ, ୨୭।୫(ସମିସ): ବରଗଡ଼ ଜିଲ୍ଲାର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ଝାରବନ୍ଧ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆଗକୁ ମୁରବୀ ଶୂନ୍ୟ ହେବାକୁ ଯାଉଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତିଙ୍କୁ ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ବ୍ଲକ ଶିକ୍ଷା ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶିକେଶନ ଶତପଥୀଙ୍କୁ ମଧ୍ୟ ଝାରବନ୍ଧରୁ ପାଇକମାଲ ବ୍ଲକକୁ ବଦଳି କରାଯାଇଛି। ବର୍ତ୍ତମାନ ଝାରବନ୍ଧ ବ୍ଲକରେ କେବଳ ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ କାର୍ଯ୍ୟରତ ଅଛନ୍ତି। ନିୟମନୁଯାୟୀ ଏଠାରେ ତିନିଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରହିବା କଥା ଥିବା ସତ୍ତ୍ୱେ ଦୀର୍ଘଦିନ ଧରି ପଦବୀ ଖାଲି ପଡ଼ିରହିଛି। ଝାରବନ୍ଧ ବ୍ଲକକୁ ଶିକ୍ଷା ବିଭାଗ ପକ୍ଷରୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ତୁରନ୍ତ ସମସ୍ତ ବଦଳି ଆଦେଶ ରଦ୍ଦ କରି ଝାରବନ୍ଧ ବ୍ଲକରେ ଆବଶ୍ୟକ ଅଧିକାରୀ ନିଯୁକ୍ତ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଭାରତୀୟ ସଂସ୍କୃତି ଓ ଆଧ୍ୟାତିକତା ଜ୍ଞାନ ଆହରଣ ଗ୍ରୀଷ୍ମ ଶିବିର

ବରଗଡ଼, ୨୭।୫(ସମିସ): ଶ୍ରୀ ସତ୍ୟ ସାଇ ସେବା ସଂଗଠନ ବରଗଡ଼ ଶାଖା ଆନୁକୂଲ୍ୟରେ ବରଗଡ଼ର ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମରେ ଭାରତୀୟ ସଂସ୍କୃତି ଓ ଆଧ୍ୟାତିକତା ଗ୍ରୀଷ୍ମ ଶିବିର ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ବ୍ଲକ ଧାଙ୍ଗେର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମନରେ ଆଧ୍ୟାତ୍ମିକ ଭାବ ଜାଗ୍ରତ ଓ ଭରତୀୟ ସଂସ୍କୃତି ସମ୍ବନ୍ଧରେ ଜ୍ଞାନ ଆହରଣ ପାଇଁ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚମ ପ୍ରଧାନଙ୍କ ସମେତ ସତ୍ୟ ସାଇ ସେବା ସଂଗଠନ ବରଗଡ଼ ଶାଖାର ବରିଷ୍ଠ ସଦସ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ୩୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା



ଅମ୍ବାଭୋନା, ୨୭।୫(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନସ୍ଥ ରୁଚିଦା ଗ୍ରାମର ଉପରପଡ଼ାଠାରେ ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ଗ୍ରାମବାସୀ ଏବଂ ଅଟଳ ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ମହିଳା ଓ ଶ୍ରଦ୍ଧାଳୁ ଗ୍ରାମର ମହାଦେବ ପୁଷ୍କରିଣୀରୁ ଜଳ କଳସ ଧରି ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ବିରାଟ ଶୋଭାଯାତ୍ରାରେ ଯାଇଥିଲେ। ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ବରଗାଁ ଗ୍ରାମର ରାଧାମାଧବ ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ ପକ୍ଷରୁ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଯଜ୍ଞ କାର୍ଯ୍ୟରେ ମୁଖ୍ୟ ପଣ୍ଡିତ ଭାବେ ସୁରେଶ ପୁରୋହିତ ଓ ସୁବାସ ପୁରୋହିତ ଦାୟିତ୍ୱ ତୁଲାଇଥିବା ବେଳେ ଗୌର ମହାପାତ୍ର ପୂଜାରୀ ଭାବେ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ଫକୀର ପ୍ରଧାନ ସପତ୍ନୀକ ଭାବେ ଯଜ୍ଞ କାର୍ଯ୍ୟରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଟଳ ଚାରିଟେବୁଲ ଟ୍ରଷ୍ଟର ସଭାପତି ତଥା ସମାଜସେବୀ ଶିବାଜୀ ପଟେଲ ଯୋଗଦେଇଥିବା ବେଳେ ଟ୍ରଷ୍ଟି ପ୍ରଫୁଲ୍ଲ ପଧାନ, ଜୟନ୍ତ ପଧାନ, ମୁକୁନ୍ଦ ପଧାନ, ଖଗେଶ୍ୱର ପଧାନ, ସାମ୍ବାଦିକ ରଞ୍ଜିତ ଦାଶ ଓ ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

## କୃଷି ସମବାୟ ସମିତି କାର୍ଯ୍ୟାଳୟର ଲୋକାର୍ପଣ ଉତ୍ସବ



ବରଗଡ଼, ୨୭।୫(ସମିସ): ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃର ନବୀକରଣ ହୋଇଥିବା ଅଫିସ ଗୃହ ଉଦ୍‌ଘାଟିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଉପନିବନ୍ଧକ ଯୁଗଳ କିଶୋର ଦାଶ, ସହକାରୀ ନିବନ୍ଧକ ରାଧାକୃଷ୍ଣ ମେହେର ପ୍ରମୁଖ ଯୋଗଦେଇ ଏହି ନୂତନ ଅଫିସ ଗୃହର ଲୋକାର୍ପଣ କରିଥିଲେ। ଏହି ଉତ୍ସବରେ କୃଷି ସମବାୟ ସମିତିର ଉପାଧ୍ୟକ୍ଷା ଆନନ୍ଦିନୀ ମହାପାତ୍ରଙ୍କ ସମେତ ଦମୟନ୍ତୀ ପଧାନ, ସରୋଜ କୁମାର ଭୋଇ, ତରୁଣ ନାଏକ, ଅନନ୍ତ କୁମାର ମହାପାତ୍ର, ବିରବଲ ମହାକୁର, କୃଷ୍ଣଚନ୍ଦ୍ର ଦାଶ, ପ୍ୟାରିଲାଲ ସାହୁ, ଇଶ୍ୱର ବାଗ, ରାଜେଶ୍ୱର ସାହୁ, ଶୁଶିଲ ଖମାରି, ବ୍ୟାସ ନାଏକ, ଧବଳେଶ୍ୱର ମେହେର, ରଘୁନାଥ ମହାପାତ୍ର, ଛତ୍ରପତି ଭୋଇ, ଅଶୋକ ସାହୁ ପ୍ରମୁଖ ନିର୍ଦ୍ଦେଶକ ବୃନ୍ଦ ଉପସ୍ଥିତ ରହିଥିଲେ। ସମ୍ପାଦକ ଅଶୋକ କୁମାର ଥପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତିର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ବରଗଡ଼ ନୂତନ ଏସ୍‌ପି ଭାବେ ଯୋଗଦେଲେ ରବୀନ୍ଦ୍ର ନାଥ ଶତପଥୀ

ବରଗଡ଼, ୨୭।୫(ସମିସ): ବରଗଡ଼ ଜିଲ୍ଲାର ନୂତନ ଏସ୍‌ପି ଭାବେ ରବୀନ୍ଦ୍ର ନାଥ ଶତପଥୀ ବୁଧବାର ଯୋଗଦେଇଛନ୍ତି। ଅତିରିକ୍ତ ଏସପି ଶିବ ପ୍ରସାଦ ବିଶ୍ୱାଳ, ବରଗଡ଼ ଏସଡିପିଓ ପଦାର ବିନ୍ଦ ତ୍ରିପାଠୀ, ପଦ୍ମପୁର ଏସଡିପିଓ ପାଣ୍ଡବ ଶବରଙ୍କ ସମେତ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ନୂତନ ଏସପି ରବୀନ୍ଦ୍ର ନାଥ ଶତପଥୀଙ୍କ ଅନୁଭବ, ଦକ୍ଷତା ଓ କାର୍ଯ୍ୟପ୍ରତିବଦ୍ଧତା ବରଗଡ଼ ଜିଲ୍ଲାରେ ଏକ ସୁସ୍ଥ, ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ପରିବେଶ ଗଠନରେ ସହାୟକ ହେବ ବୋଲି ସମସ୍ତଙ୍କ ଆଶା ରହିଛି।



## ସ୍ୱୟଂପ୍ରଭା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଦହି ସରବତ ବଣ୍ଟନ



ବରଗଡ଼, ୨୭।୫(ସମିସ): ବରଗଡ଼ର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସ୍ୱୟଂପ୍ରଭା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାଇ ମଲ୍ଟି ହସ୍ପିଟାଲ ସମ୍ମୁଖରେ ପଥଚାରୀଙ୍କୁ ଦହି ସରବତ ବଣ୍ଟନ କରାଯାଇଛି। ଡା ଅର୍ଚ୍ଚନା ଅଗ୍ରୱାଲ ଓ ଡା. ପ୍ରବୀଣ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରବତ୍ ବଣ୍ଟନର ଶୁଭାରମ୍ଭ କରିଥିଲେ। ସଂସଦର ସଭାନେତ୍ରୀ କମଳିନୀ ଦେବୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହ ସମ୍ପାଦିକା ସନ୍ତୋଷିନୀ ଦାଶ, ବରିଷ୍ଠ ସଦସ୍ୟା ମୀନା ପଣ୍ଡା, ରାଧାରାଣୀ ପଟ୍ଟନାୟକ, ପ୍ରତିମା ପାତ୍ର, ଦିବ୍ୟକାନ୍ତି ଭୋଇ, ନିରୁପମା ଶତପଥୀ, ଉପଦେଷ୍ଟା ଡ. ଡୋଳାମଣି ଶତପଥୀ, ଦୟାନିଧି ମହାପାତ୍ର, କପିଳେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ରହି ସରବତ ବଣ୍ଟନରେ ସହଯୋଗ କରିଥିଲେ।

## ବରପାହାଡ଼ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା ମହାସଂଘର ବୈଠକ



ଅମ୍ବାଭୋନା, ୨୭।୫(ସମିସ): ରାମଖୋଲ ଗ୍ରାମ ବରପାହାଡ଼ ବନସ୍ପତି ଉଦ୍ୟାନରେ ବରପାହାଡ଼ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା ମହାସଂଘ, ଅମ୍ବାଭୋନା ତରଫରୁ ୨୫ ଖଣ୍ଡ ଗ୍ରାମର ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ସଦସ୍ୟ/ସଦସ୍ୟାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକକୁ ମହାସଂଘର ସଭାପତି ଈଶାନ ଚନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ। ରାମଖୋଲ ଗ୍ରାମ ଭୈରବ ପାତ୍ର ପରିଚାଳନା କରିଥିଲେ। ବୈଠକରେ ଶିରୋନାମା ପାଇ ନ ଥିବା ୩୨ଟି ଗ୍ରାମ ପାଇଁ ଆସନ୍ତା ଜୁନ୍ ୮ ତାରିଖରେ ଅମ୍ବାଭୋନା ବ୍ଲକରେ ହେବାକୁ ଥିବା ଜିଲ୍ଲାପାଳଙ୍କ ଜନଶୁଣାଣିକୁ ପ୍ରତ୍ୟେକ ଗ୍ରାମରୁ ଦୁଇ ଜଣ ଯିବା ପାଇଁ ନିଷ୍ପତ୍ତି ନିଆଗଲା। ଶିରୋନାମା ପାଇଥିବା ୧୦ ଟି ଗ୍ରାମ ଏବଂ ଜଙ୍ଗଲ ସୁରକ୍ଷା କରୁଥିବା ଗ୍ରାମଗୁଡ଼ିକୁ ଚଳିତ ବର୍ଷ ବୃକ୍ଷରୋପଣ ପାଇଁ ଅନୁଦାନ ପ୍ରଦାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷକୁ ଜଣାଇବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ଆସନ୍ତା ୫ ତାରିଖରେ ଚଣ୍ଡୀପାଲିଠାରେ ବିଶ୍ୱ ପରିବେଶ ଦିବସ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକ ଶେଷରେ ମହାସଂଘର ସମ୍ପାଦକ ପିତାମ୍ବର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାନବ ଅଧିକାର ସେବା ସମିତି(ମାସ) ଅନୁଷ୍ଠାନ ତରଫରୁ ସାମନ୍ତ ପାତ୍ର ଏବଂ ଦେବାଶିଷ ସିଂ ସହାୟତା କରିଥିଲେ।

# ଧନୁଯାତ୍ରା ଗେଟ୍ ଭାଙ୍ଗିବା ଘଟଣାରେ ବିଜେଡିର ଥାନା ଘେରଉ







ବରଗଡ଼, ୨୭।୫(ସମିସ)

ବରଗଡ଼ ଟାଉନ ଥାନା ସମ୍ମୁଖରେ ଥିବା ଧନୁଯାତ୍ରା ଗେଟ୍ ଭାଙ୍ଗି ତଳେ ପଡ଼ିଯିବା ଘଟଣାକୁ ନେଇ ବିଜେଡି ଅସନ୍ତୋଷ ପ୍ରକାଶ କରିଛି। ଘଟଣାକୁ ନେଇ ବରଗଡ଼ ଟାଉନ ଥାନାରେ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ଅଭିଯୋଗ କରିଥିଲେ; ହେଲେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିଲା। ଏଣୁ ଆଜି ବିଜେଡି ପକ୍ଷରୁ ଟାଉନ୍ ଥାନାରେ ଧାରଣା ଦିଆଯାଇଥିଲା। ଏହି ଘଟଣାକୁ ନେଇ ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ଏତଲା ଦେଇଥିଲେ ହେଁ ଏଯାଏଁ କାହିଁକି ଏତଲା ରୁଜୁ କରାଯାଉନି ବୋଲି ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ଗେଟ୍ ନିର୍ମାଣରେ ଦୁର୍ନୀତି ହୋଇଥିବା ଯୋଗୁଁ ଅଳ୍ପ ମାସ ଭିତରେ ଗେଟ୍ ଭାଙ୍ଗି ଯାଇଥିବା ଅଭିଯୋଗ କରି ଏହାର ବିଧିବଦ୍ଧ ତଦନ୍ତ ଦାବି କରିଛି ବିଜେଡି। ଏହା ସହ ଏହି ଘଟଣାରେ ଯେଉଁ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ଦାବି କରିଛନ୍ତି। ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

**● ଓଏସ୍ଆର୍‌ଟିସିର ମାରଣ ନୀତି**

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳିନି ପ୍ରାପ୍ୟ

ପଦ୍ମପୁର, ୨୭।୫(ସମିସ): ଜୀବନ ସାରା ନିଗମକୁ ରକ୍ତ ଭିଜା ଶ୍ରମ ଦେଇ ଶେଷରେ ପ୍ରାପ୍ୟ ପାଇବାରୁ ବଞ୍ଚିତ ରହିଛନ୍ତି ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍ଆରଟିସି) ପଦ୍ମପୁର ଜୋନ୍‌ର ଅବସରପ୍ରାପ୍ତ କର୍ମଚାରୀ। ଦୀର୍ଘ ବର୍ଷ ଧରି ସେମାନେ ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ପାଇ ନଥିବା ଅଭିଯୋଗ ହୋଇଛି। ୨୦୦୨ ମସିହାରୁ ଆଜି ପର୍ଯ୍ୟନ୍ତ ଏହି ଜୋନରୁ ଅନେକ କର୍ମଚାରୀ ଅବସର ନେଇସାରିଥିବା ବେଳେ ପ୍ରଶାସନିକ ଉଦାସୀନତା ଯୋଗୁଁ ସେମାନଙ୍କର ପେନସନ, ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ସଂଗଠିତ ବକେୟା ରାଶି ମିଳିପାରି ନାହିଁ। ଏହି ସମସ୍ୟାର ସ୍ଥାୟୀ ସମାଧାନ ଏବଂ ତୁରନ୍ତ ବକେୟା ରାଶି ପ୍ରଦାନ ପାଇଁ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଓଏସଆରଟିସିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଦ୍ମପୁର ଜୋନର ସହକାରୀ ପରିବହନ ପ୍ରବନ୍ଧକଙ୍କ ଜରିଆରେ ପ୍ରେରଣ କରାଯାଇଛି।

ଅନ୍ୟପଟରେ ବିନା ପ୍ରାପ୍ୟରେ ବର୍ତ୍ତମାନ ସୁଦ୍ଧା ଆଖି ବୁଜିଲେଣି ୧୨ କର୍ମଚାରୀ ଏବଂ ୨୩ ଜଣ ଅବସର ନେଇସାରିଲେଣି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଲିଖିତ ଜଣାଇବା ସତ୍ତ୍ୱେ ମଧ୍ୟ କର୍ତ୍ତୃପକ୍ଷ କୌଣସି କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ସେମାନଙ୍କ ପ୍ରାପ୍ୟ ପ୍ରଦାନ ନେଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ଦାବି କରିଛନ୍ତି।

## ଅଟୋ ଚାଳକଙ୍କ ମହାନତା

# ପାଇଥିବା ସୁନାଗହଣା ଫେରାଇଲେ



ଢେଙ୍କାନାଳ, ୨୭।୫(ସମିସ): କଣ୍ଟାବଣିଆ ଥାନା ଅନ୍ତର୍ଗତ ଲକ୍ଷ୍ମୀଧର ସାହୁଙ୍କ ପୁଅ ବାବୁଲି ସାହୁ ଓଡି ୦୬ ପି ୭୬୭୧ ସିଂହ ବାହିନୀ ନାମକ ଏକ ପାସେଞ୍ଜର ଅଟୋ ଚଲାନ୍ତି। ଗତକାଲି ସେ ମଇଧରପୁରରୁ କଣ୍ଟାବଣିଆ ନିଜ ଗାଁକୁ ଫେରୁଥିଲେ। ଆସିବା ବାଟରେ ବଉଳିଗଡ଼ ଗାଁରୁ ଶୈଳବାଳା ବେହେରା ତାଙ୍କ ଅଟୋରେ ବସି ସନ୍ତୀଛକ ଆସିଥିଲେ। ସେ ବାବୁଲି ସାହୁଙ୍କ ଅଟୋରେ ତାଙ୍କର ସୁନା ଗହଣା ଥିବା ରୁମାଲଟିକୁ ଛାଡି ଯାଇଥିଲେ। ସେହି ରୁମାଲରେ ଏକ ସୁନା ମାଳ ଏବଂ ୨ ହଳ କାନ ଫୁଲ ଝରା ରହିଥିଲା। ସେହି ବୁଢି ମାଉସି ଯୋଗାଯୋଗ କରି ଆସି କଣ୍ଟାବଣିଆ ଛକରେ ପାହଞ୍ଚି ବାବୁଲିଙ୍କ ଠାରୁ ରୁମାଲରେ ଥିବା ସମସ୍ତ ସୁନା ଗହଣାକୁ ନେଇଥିଲେ। ତେବେ ବାବୁଲିଙ୍କ ଏହି ମହାନ କାର୍ଯ୍ୟରେ ସାମ୍ବାଦିକ ଜୟନ୍ତ କୁମାର ନାଥ ଓ ନବକିଶୋର ସାହୁ ସାଧୁବାଦ ଜଣାଇଛନ୍ତି।

# ଗଁଦିଆ ବ୍ଲକରେ ଝାଞ୍ଜିରୁ ମିଳୁନାହିଁ ନିସ୍ତାର

ଗଁଦିଆ, ୨୭।୫(ସମିସ)



ରାଜ୍ୟ ଗ୍ରୀଷ୍ମପ୍ରବାହ ରେକର୍ଡ ଭାଙ୍ଗୁଛି। ଅସହ୍ୟ ଗରମ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଥିବାବେଳେ ଏଥିରୁ ବାଦ୍ ପଡ଼ିନି ଗଁଦିଆବାସୀ। ତେବେ ବୁଧବାର ଗଁଦିଆରେ ପାରଦ ୪୦ ଡିଗ୍ରୀ ଟପିଥିବାବେଳେ ସକାଳୁ ଅପରାହ୍ନ ଯାଏ ପ୍ରବାହିତ ଝାଞ୍ଜିରେ ସନ୍ତୁଳିତ ହୋଇଥିଲେ ଗଁଦିଆ ବାସୀ। ଗଁଦିଆରେ ସକାଳୁ ସକାଳୁ ଆରମ୍ଭ ହୋଇଯାଉଛି ଖରାର ପ୍ରକୋପ। ପୂର୍ବାହ୍ନ ୧୦ଟା ପରେ ଗରମ ପବନ ପ୍ରବାହିତ ଯୋଗୁଁ ରାସ୍ତାଘାଟ ଶୂନ୍‌ଶାନ ହୋଇପଡୁଛି। ଗ୍ରୀଷ୍ମପ୍ରବାହର ମୁକାବିଲା ପଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ କରାଯାଉଛି। ତଥପି ପ୍ରଶାସନ ପକ୍ଷରୁ ସଚେତନତା କାଯ୍ୟକ୍ରମ ହାତକୁ ନିଆଯାଇ ନାହିଁ କି ଜଳଛତ୍ର ମଧ ଖୋଲିଲା ନାହିଁ। ହାତ ଗଣତି କେତେକ ସ୍ଥାନରେ ପାଣି ସର୍ବତ ବଣ୍ଟନ କରାଯାଇଛି। ପଥଚାରୀ, ଯାତ୍ରୀଙ୍କ ଲାଗି ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ଭାବେ ପାଣି ସୁବିଧା କରାଯାଇ ନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଭଳି ଗ୍ରୀଷ୍ମପ୍ରବାହ ସମୟରେ ଲୋ-ଭୋଲ୍‌ଟେଜ୍ ଏବଂ ବିଦ୍ୟୁଦ୍ କାଟ ସମସ୍ୟା ଉପଭୋକ୍ତାଙ୍କ ଯନ୍ତ୍ରଣାକୁ ବହୁଗୁଣିତ କରିଦେଉଛି। ବାରମ୍ବାର ବିଦ୍ୟୁତ କାଟ୍ ଯୋଗୁଁ ପନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି। ଯାହା ଏବେ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ସେହିପରି ଶୋସ ମେଣ୍ଟାଇବା ପାଇଁ ଲସି, ଜୁସ୍, ଆଖୁରସ, ଆଇସକ୍ରିମ, ଦହିବରା ଆଳୁଦମ, ତରଭୁଜ ଦୋକାନରେ ଭିଡ଼ ଜମୁଛି।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଭୁବନ, ୨୭।୫(ସମିସ): ଭୁବନ ବ୍ଲକ ଅରଖପାଳ ଗାଁରେ ଜଣେ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅରଖପାଳ ଗ୍ରାମର ଧରଣୀଧର ବରାଳ। ସେ ଗତକାଲି ନିଜ ଗାଈ ଚରାଇବାକୁ ସକାଳୁ ଯାଇ ଘରକୁ ଫେରି ନ ଥିଲେ। ବିଳମ୍ବିତ ରାତିରେ ଧରଣୀଧରଙ୍କୁ ନଦୀପଠାରୁ ପରିବାର ଲୋକ ଉଦ୍ଧାର କରି ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ପଠାଯାଇଛି।

## ଓଏଏସ ପାଇଲେ ଇନ୍ଦିପୁରର ଓମପ୍ରକାଶ



ଢେଙ୍କାନାଳ, ୨୭।୫(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମର ଓମପ୍ରକାଶ ସାହୁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୪ ନମ୍ବର ସ୍ଥାନରେ ରହି ଗ୍ରାମ, ଜିଲ୍ଲା ତଥା ବାପାମାଆଙ୍କ ପାଇଁ ସୁନାମ ଅର୍ଜନ କରିଛନ୍ତି। ଓମପ୍ରକାଶ ଇନ୍ଦିପୁର ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ ପରେ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଯୁକ୍ତଦୁଇ ପାସ କରିଥିଲେ। ପରେ ବୁର୍ଲା ଇଞ୍ଜିନିୟରିଂ କଲେଜରୁ ମେକାନିକାଲ ଇଞ୍ଜିନିୟର ଭାବରେ କୃତିତ୍ୱର ସହ ପାସ କରିଛନ୍ତି। ଇନ୍ଦିପୁର କଂସାରୀ ସାହିର ନିତ୍ୟାନନ୍ଦ ସାହୁ ଏବଂ ବାସନ୍ତୀ ସାହୁଙ୍କ ପୁଅ ଓମ୍‌ପ୍ରକାଶ ଦୈନିକ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିବା ବେଳେ କୌଣସି କୋଚିଂ ସେ ନେଇ ନ ଥିବା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପାଇଁ ଲକ୍ଷ୍ୟ ରଖିଥିବା ଜଣାଇଛନ୍ତି।

## ଓସିଏସ୍ ପରୀକ୍ଷାରେ ସତ୍ୟବ୍ରତଙ୍କ କୃତିତ୍ୱ



ଖଜୁରିଆକଟା, ୨୭।୫(ସମିସ): ହିନ୍ଦୋଳ ଉପଖଣ୍ଡର ସତ୍ୟବ୍ରତ ନାୟକ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୧୨୦ତମ ସ୍ଥାନ ରଖି ଏହି ସଫଳତା ପାଇଛନ୍ତି। ସତ୍ୟବ୍ରତ ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ପଞ୍ଚାୟତ ରଞ୍ଜାଗୋଳ ଗ୍ରାମର ବିଭୀଷଣ ନାୟକ ଓ ଗୀତାଞ୍ଜଳି ନାୟକଙ୍କ ଏକମାତ୍ର ପୁଅ। ସେହିପରି ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ତ୍ରିନାଥ ନାଏକ, ପୂର୍ବତନ ବିଧାୟିକା ପାଟ ନାଏକଙ୍କ ନାତି ତଥା ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରାଙ୍କ ପୁତୁରା ଓ ପୂର୍ବତନ ଜିଲ୍ଲାପରିଷଦ ଅଶୋକ ନାଏକଙ୍କ ଭଣଜା। ସେ ସ୍ଥାନୀୟ ଖଜୁରିଆକଟା ଶିଶୁବିଦ୍ୟାମନ୍ଦିରରେ ପାଠ ପଢୁଥିଲେ। ଉଚ୍ଚଶିକ୍ଷା ପରେ ଓସିଏସ୍ ପରୀକ୍ଷା ପାଇଁ ଭୁବନେଶ୍ୱରରେ ପ୍ରସ୍ତୁତି ଚଳାଇଥିଲେ।

## +୨ ବିଜ୍ଞାନ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଗଁଦିଆ, ୨୭।୫(ସମିସ): ଚଳିତ ଶିକ୍ଷା ବର୍ଷ +୨ ଉଚ୍ଚତର ମାଧ୍ୟମିକ ବିଜ୍ଞାନରେ ଢେଙ୍କାନାଳ ଜିଲ୍ଲାର ଗାଁଦିଆ ବ୍ଲକ ମଠତେନ୍ତୁଳିଆ ଗ୍ରାମର ପାର୍ଥସାରଥୀ ଖିଲାର ସର୍ବୋଚ୍ଚ ୬୦୦ ନମ୍ବରରୁ ୫୯୮ ନମ୍ବର ରଖି ଓଡ଼ିଶା ରାଜ୍ୟର ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ଭାରତର ଅଗ୍ରଣୀ ପୁସ୍ତକ ପ୍ରକାଶନ ସଂସ୍ଥା ମଡର୍ଣ୍ଣ ପବ୍ଲିସର୍ସ ତରଫରୁ କୃତୀ ଛାତ୍ର, ପିତା ପ୍ରସନ୍ନ ଖିଲାର, ମାତା କୁନି ଖିଲାରଙ୍କୁ ସଂସ୍ଥାର ଓଡ଼ିଶା ଆଞ୍ଚଳିକ ମ୍ୟାନେଜର ପ୍ରଦୀପ୍ତ କୁମାର ମିଶ୍ର ଓ ଜିଲ୍ଲା ମାର୍କେଟିଂ ମ୍ୟାନେଜର ବିଜୟ କୁମାର ମହାପାତ୍ର ଉପଢୌକନ ଓ ସ୍ମୃତିଫଳକ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଅଛି। କୃତୀ ଛାତ୍ର ଭବିଷ୍ୟତରେ ସମାଜ ସେବାରେ ନିଜକୁ ନିୟୋଜିତ କରିବେ ବୋଲି କହିଥିଲେ।

## ଓସିଏସ୍ ପରୀକ୍ଷାରେ ଟ୍ରକ ଡ୍ରାଇଭରଙ୍କ ପୁଅର ସଫଳତା



ଭୁବନ, ୨୭।୫(ସମିସ): ଟ୍ରକ ଡ୍ରାଇଭରଙ୍କ ପୁଅ ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଯମୁନାକୋଟ ଗ୍ରାମର ମାନସ ରାଉତଙ୍କ ପୁଅ ରାକେଶ ରାଉତ (୨୫) ଚଳିତ ବର୍ଷ ୩୬ ନମ୍ବର ରାଙ୍କରେ ରହି ଏହି କୃତିତ୍ୱ ହାସଲ କରିଛନ୍ତି। ସେ ତାଳଚେର ଦେଉଳବେଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରାଥମିକ ଶିକ୍ଷା ପରେ ଅନୁଗୋଳ ନବୋଦୟ ବିଦ୍ୟାଳୟ ଓ ପରେ ବିଜେବିରେ ପଦାର୍ଥ ବିଜ୍ଞାନ ଅନର୍ସ ଓ ପିଜି ଓ ପରେ ଏନଆଇଟି କାଲିକଟର ପାଠ ପଢୁଛନ୍ତି। ନିଜ ଦ୍ୱିତୀୟ ପ୍ରୟାସରେ ସେ ୧୦୮ ତମ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଆଣିଛନ୍ତି। ତାଙ୍କୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଓ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ନଗରପାଳ ଶୁଭେନ୍ଦୁ ସାହୁ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଅଧ୍ୟକ୍ଷ ଦିଲୀପ କୁମାର ଦାସ ଫୋନ୍ ଯୋଗେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଭିନ୍ନ ସଂଗଠନ ସମେତ କାଉନସିଲର ନରେନ୍ଦ୍ର ସାହୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ, ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଗୀତା ବହି ପ୍ରଦାନ କରି ତାଙ୍କୁ ସମ୍ମାନିତ କରିଛନ୍ତି।

## ଭୁବନ ସହର ମଧ୍ୟରେ ଦନ୍ତା



ଭୁବନ, ୨୭।୫(ସମିସ): ଭୁବନ ସହର ମଧ୍ୟରେ ଗୋଟିକିଆ ଦନ୍ତା। ଷଡ଼ଙ୍ଗୀ ରେଞ୍ଜ ଦଲାର ଜଙ୍ଗଲରୁ ବ୍ରାହ୍ମଣୀ ନଦୀ ପାର ହୋଇ ଭୁବନ ସହର ମଧ୍ୟରେ ପ୍ରବେଶ କରିଥିବା ବେଳେ କୋର୍ଟଛକ ନିକଟରେ ଜାତୀୟ ରାଜପଥ ୫୩ ପାର ହୋଇ ପାହାଡ଼କୁ ଯାଇଛି। ବନବିଭାଗ ପକ୍ଷରୁ ହାତୀକୁ ଘଉଡ଼ାଇବା ପାଇଁ ପ୍ରୟାସ ଜାରି ରହିଥିବା ବେଳେ ହାତୀ ଯୋଗୁଁ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ ହୋଇଛି।

## ଅସହାୟ ଦିବ୍ୟାଙ୍ଗଙ୍କୁ ଚିକିତ୍ସା ଓ ସହାୟତା ପ୍ରଦାନ

ଭୁବନ, ୨୭।୫(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସି ୨ ନମ୍ବର ୱାର୍ଡ ବସଷ୍ଟାଣ୍ଡ ନିକଟ ଅନୁସୂଚିତ ବସ୍ତିରେ ଜଣେ ଅସହାୟ ଦିବ୍ୟାଙ୍ଗଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଦୁଇଦିନ ପୂର୍ବେ ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ପ୍ରଘଟ ହେବା ପରେ ଲୋକଲୋଚନକୁ ଆସିଥିଲା। ସେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଡ଼ିରହିଥିବା



ଖବର ପାଇ ନଗରପାଳ ଶୁଭେନ୍ଦୁ କୁମାର ସାହୁ ସେଠାରେ ପହଞ୍ଚି ଡାକ୍ତରଙ୍କ ସହ ଦିବ୍ୟାଙ୍ଗ ଅଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଉନ୍ନତ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇବାର ବ୍ୟବସ୍ଥା କରିଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଦିବ୍ୟାଙ୍ଗ ଯୁବକଙ୍କ ତରଫରୁ କେହି ଅଭିଯୋଗ ନ କରିବାରୁ ପୁଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପଥଚାରୀଙ୍କୁ ପାନୀୟ ଜଳ ବଣ୍ଟନ

ପରଜଙ୍ଗ, ୨୭।୫(ସମିସ): ଚଳିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କିନ୍ନର ସଙ୍ଘ ପକ୍ଷରୁ ପିଟିରି ଛକ ନିକଟରେ ଥଣ୍ଡା ପାନୀୟ ଜଳ ଓ ଦହି ସର୍ବତ ବଣ୍ଟନ ଅବସରରେ ଏକ ସେବାମୂଳକ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। କିନ୍ନର ସଙ୍ଘ ପକ୍ଷରୁ ପଥଚାରୀମାନଙ୍କ ପାଇଁ ଦହି ସରବତ ଏବଂ ଥଣ୍ଡା ପାଣି ବଣ୍ଟନ କରାଯାଇଥିଲା। ପଥଚାରୀ, ବସଯାତ୍ରୀ ଗ୍ରୀଷ୍ମ ପ୍ରବାହ ଯୋଗୁଁ



ପାନୀୟ ଜଳ ପାଇବା ପାଇଁ ଡହଳ ବିକଳ ହେଉଥିବା ଦୃଷ୍ଟିରେ ରଖି କିନ୍ନର ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିଥିଲେ। ସଙ୍ଘର ସଭ୍ୟମାନେ ସକ୍ରିୟ ଭାବେ ଏହି ସେବା କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ସଭାପତି ମଲେଇ ଓ ସମ୍ପାଦକ ମୁନା ସମସ୍ତ ସଦସ୍ୟମାନଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଲୋକମାନେ ଏହି ପ୍ରୟାସକୁ ପ୍ରଶଂସା କରିବା ସହ ଭବିଷ୍ୟତରେ ମଧ୍ୟ ଏପରି ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସଂଘକୁ ଅନୁରୋଧ କରିଥିଲେ। ଆଗକୁ ଏହି ଭଳି ବିଭିନ୍ନ ସେବା କାର୍ଯ୍ୟ ଜାରି ରହିବ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି।

## ସିଦ୍ଧ ବଳରାମଜୀଉଙ୍କ ପୁରୁଷୋତ୍ତମୀ ଏକାଦଶୀ ନୀତି

ଢେଙ୍କାନାଳ, ୨୭।୫(ସମିସ): ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ମଳ ମାସର ପୁରୁଷୋତ୍ତମୀ ଏକାଦଶୀ ନୀତି ପାଳିତ ହୋଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ସକାଳେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅର୍ଣ୍ଣଧୁପ, ସନ୍ଧ୍ୟା ବେଳେ ଆଳତୀ ରାତ୍ର ଧୂପ ପରେ ଏକାଦଶୀ ବେଢ଼ା ମହାଦୀପ ମନ୍ଦିର ଉପରକୁ ଉଠିବା ପରେ ମନ୍ଦିର ପହଡ଼ ନୀତି ଅନୁଷ୍ଠିତ



ହେବ। ପୂଜକ ମଳୟ କର, ମନସୁମନ୍ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜ ମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା।

## ଓଲଟିଲା ଟ୍ରକ



ଭୁବନ, ୨୭।୫(ସମିସ): ଭୁବନ ଥାନା ଅନ୍ତର୍ଗତ ୫୩ ନଂ ଜାତୀୟରାଜପଥର ପଳାଶପିଠିଆ ଓଭରବ୍ରିଜ ତଳକୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କାଠ ବୋଝେଇ ଦଶଚକିଆ କଣ୍ଟେନର ଓଲଟି ପଡ଼ିଥିଲା। କଣ୍ଟେନରଟି ଯାଜପୁର ଜିଲ୍ଲାର ପାଣିକୋଇଲିରୁ ମହାରାଷ୍ଟ୍ର ଅଭିମୁଖେ ଯାଉଥିବା ବେଳେ ଡ୍ରାଇଭର ଭାରସାମ୍ୟ ହରାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଦୁର୍ଘଟଣାରେ କଣ୍ଟେନରଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲେ ମଧ୍ୟ ଡ୍ରାଇଭର ସୁରକ୍ଷିତ ରହିଛନ୍ତି। ଖବର ପାଇ ଭୁବନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାତାୟାତ ସ୍ୱାଭାବିକ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ଜାତୀୟରାଜପଥର ଲୁହା ସୁରକ୍ଷା ବାଡ଼ ଭାଙ୍ଗିଯାଇଛି।

## ବିଜେପିର ଦୁଇଦିନିଆ ପ୍ରଶିକ୍ଷଣ ବର୍ଗ ଉଦଯାପିତ

ଢେଙ୍କାନାଳ, ୨୭।୫(ସମିସ): ସ୍ଥାନୀୟ ଏସ୍‌ଏନ୍ ଇକୋ ରିସୋର୍ଟଠାରେ ଚାଲିଥିବା ଢେଙ୍କାନାଳ ଜିଲ୍ଲା ବିଜେପିର ଦୁଇଦିନିଆ ପ୍ରଶିକ୍ଷଣ ବର୍ଗ ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ମହାଅଭିଯାନ ଉଦ୍‌ଯାପିତ ହୋଇଛି। ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଦଳର ସଂଗଠନର ଅଭିବୃଦ୍ଧି ପାଇଁ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ ଜରୁରୀ ବୋଲି କହିଥିଲେ। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ବିଜେପି ପ୍ରଭାରୀ ତଥା ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ମାତୃପ୍ରସାଦ ନନ୍ଦ, ପ୍ରଶିକ୍ଷଣ ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ସହପ୍ରଭାରୀ ତଥା ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ବିରଞ୍ଚି ନାରାୟଣ ତ୍ରିପାଠୀ, ଉପସଭାନେତ୍ରୀ ସିପ୍ରା ବାଜପେୟୀ, ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ରାଜ୍ୟ ପ୍ରବକ୍ତା ଅନିଲ ବିଶ୍ୱାଳ, ରାଜ୍ୟ ସୋସିଆଲ ମିଡିଆ ଇନ୍‌ଚାର୍ଜ ଜ୍ୟୋତିରଞ୍ଜନ ନାୟକ, ମିଡିଆ ଇନ୍‌ଚାର୍ଜ ସୁଜିତ୍ ଦାସ, ବରିଷ୍ଠ ନେତା ଭୁବନାନନ୍ଦ ତ୍ରିପାଠୀ, କିଶୋର କୁମାର ପଣ୍ଡା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଲକ୍ଷ୍ମଣ ପଣ୍ଡା, ସଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଭଙ୍ଗା ପାଚେରିରେ ରଙ୍ଗ ଲଗାଇ ଅର୍ଥ ଆତ୍ମସାତ !

ପରଜଙ୍ଗ, ୨୭।୫(ସମିସ)

**ଫଳକରେ ସୂଚନା ନାହିଁ**

ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତର ପରମହଂସପୁର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭଙ୍ଗା ପାଚେରିରେ ରଙ୍ଗମରାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗତବର୍ଷ ୧୫ଦଶ ଅର୍ଥ କମିଶନ ଯୋଜନାରେ ବିଦ୍ୟାଳୟର ମରାମତି ଏବଂ ପାଚେରି, ମୁଖଶାଳା ନିମନ୍ତେ ୪.୭୯ ଲକ୍ଷ ଟଙ୍କା ଅନୁମୋଦନ ହୋଇ କାର୍ଯ୍ୟ କରି ବିଲ୍ ପୈଠ ହୋଇଛି। ବର୍ଷେ ନ ଯାଉଣୁ ପାଚେରିରୁ ସିମେଣ୍ଟ ବାଲି ଝରି ପଡ଼ିଥିବା ଦେଖିବାକୁ ମିଳିଛି। ତାକୁ ଲୁଚାଇବାକୁ ଯାଇ ଚଳିତ ମାସରେ ସରକାରୀ ଅର୍ଥରେ ବିଦ୍ୟାଳୟ ରଙ୍ଗ ହେଉଛି। ଅର୍ଦ୍ଧ ଭଗ୍ନ ପାଚେରିର ନିମ୍ନମାନର କାମ ଲୋକଙ୍କ ଦୃଷ୍ଟିରେ ନ ପଡ଼ିବା ପାଇଁ ରଙ୍ଗ ଲଗାଇ ବିଲ୍ ହଡ଼ପ କରିବାକୁ ମସୁଧା ଚଳାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକର ଆବଶ୍ୟକତା ଥିବା ବେଳେ ଫଳକ ତିଆରି ହୋଇଥିଲେ ହେଁ ସୂଚନା ଲେଖା ନ ଯାଇ କାର୍ଯ୍ୟ ହେଉଛି। ଏହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



# ଅଲେଖ ମହିମାଙ୍କ ନୂତନ ଟୁଙ୍ଗି ପ୍ରତିଷ୍ଠା



ପରଜଙ୍ଗ, ୨୭।୫(ସମିସ): ପରଜଙ୍ଗ ବ୍ଲକ ଜୟପୁରକାଟେଣୀ ଗାଁ ଠାରେ ମହିମା ଗୋସାଇଁଙ୍କ ଅଲେଖ ମହିମା ଟୁଙ୍ଗି ପ୍ରତିଷ୍ଠା ହୋଇଅଛି। ବାବା ବିଜୟଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋରନ୍ଦା ଗାଦିର ମୁଖ୍ୟ ବ୍ରହ୍ମ ଅବଧୂତ ଶୁକ ବାବା, ପ୍ରଶ୍ନ ବାବା, ପ୍ରଭାସ ବାବା, ଗୌତମ ବାବା, ତାରେକେଶ୍ୱର ବାବା ଯୋଗଦାନ କରି ମହିମା ଟୁଙ୍ଗୀର ଶୁଭ ଉଦଘାଟନ କରିଛନ୍ତି। ଅଲେଖ ଧର୍ମର ସାଧୁ ମହିମା ଗୋସାଇଙ୍କ ନୀତି ଆଦର୍ଶ ଅନୁ ଶାସନ ଗୁଡିକ ଟୁଙ୍ଗୀର ଅନୁଗାମୀ ମାନଙ୍କୁ ବ୍ରହ୍ମ ଅବଧୂତ ଶୁକ ବାବା ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଗାଁ ଠାରୁ ଆରମ୍ଭ କରି ଜାତି ସଂଘ ପର୍ଯ୍ୟନ୍ତ ଆଜି ବି ଲିପିବଦ୍ଧ ହୋଇରହିଛି ଅଲେଖ ମହିମା ଧର୍ମର ସର୍ବଶ୍ରେଷ୍ଠ ନିଦର୍ଶନ। ତେବେ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମହିମା ଧର୍ମର ବିଧି ନୀତି ସହ ଯଜ୍ଞ ଆଦି କାର୍ଯ୍ୟକ୍ରମ ମହା ଆଡମ୍ବରରେ କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳରୁ ଶତାଧିକ ମହିମା ଧର୍ମର ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମକୁ ଟୁଙ୍ଗୀର ସମସ୍ତ ସାଧୁ ସନ୍ଥ ଏବଂ ଗ୍ରାମବାସି ମାନେ ସହଯୋଗ କରିଥିଲେ। ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

# ରକ୍ଷଣାବେକ୍ଷଣ ଅଭାବରୁ ଭୁଶୁଡ଼ିବ ବାଲିପାଟପୁର ଜେଟି

## ପୁନରୁଦ୍ଧାର ଦାବି କଲେ ମତ୍ସ୍ୟଜୀବୀ ପରିବାର

ଭୂଷଣ୍ଡପୁର,୨୭।୫(ସମିସ):

ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତର ପ୍ରାୟ ଦେଢ଼ ହଜାରରୁ ଉଦ୍ଧ୍ୱର୍ ମତ୍ସ୍ୟଜୀବୀ ପରିବାର ଚିଲିକା ଉପରେ ନିର୍ଭର କରିଥାନ୍ତି। ଏହି ମତ୍ସ୍ୟଜୀବୀ ପରିବାର ଦୈନିକ ଡ଼ଙ୍ଗା ନେଇ ଚିଲିକାକୁ ଯାଇଥାନ୍ତି। ପରେ ମାଛମାରି ଫେରି ଥାନ୍ତି। ତେବେ ଚିଲିକାରୁ ମାଛମାରି ଆଣି ଆସିବା ବେଳେ ଉପଯୁକ୍ତ ରହଣି ସ୍ଥଳ ନଥିବାରୁ ଏମାନେ ନାନା ଅସୁବିଧାର ସମ୍ମୁଖୀନ ହେବା ସହ ଖୋଲା ମେଲାରେ ମୁକ୍ତାକାଶ ତଳେ ଏହା ବେପାର ବାଣିଜ୍ୟ କରୁଥିଲେ। ସେହିପରି ଦୂର ଦୁରାନ୍ତରୁ ବ୍ୟବସାୟ ଉଦେଶ୍ୟରେ ଆସୁଥିବା ବ୍ୟବସାୟମାନେ ମଧ୍ୟ ସମଦଶା ଭୋଗ କରୁଥିଲେ। ଏତଦବ୍ୟତୀତ ମାଛ ଧରିବା ନିମନ୍ତେ ବ୍ୟବହୃତ ଜାଲ ତଥା ଅନ୍ୟାନ୍ୟ ସାମଗ୍ରୀ ରଖିବା ନିମନ୍ତେ ମଧ୍ୟ କୌଣସି ସୁବିଧା ନଥିଲା। ଏ ନେଇ ମତ୍ସ୍ୟଜୀବୀ ପରିବାର ପକ୍ଷରୁ ସେମାନଙ୍କ ନିମନ୍ତେ ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ବାରମ୍ବାର ଦାବି ପରେ ୧୯୯୪/୯୫ମସିହାରେ ବିଭାଗୀୟ ଲକ୍ଷଲକ୍ଷ ଟଙ୍କାର ବିନିମୟରେ ୧୦ରୁ ଉର୍ଦ୍ଧ ଓପନସେଡ ସହ ବ୍ୟବହୃତ ନିମନ୍ତେ ଶୌଚାଳୟମାନ ନିର୍ମାଣ ହୋଇଥିଲା। ପ୍ରାରମ୍ଭରୁ ଏହା ମତ୍ସ୍ୟଜୀବୀଙ୍କ କାର୍ଯ୍ୟରେ ଲାଗିଲା। ହେଲେ ଇତି ମଧ୍ୟରେ



୩ ଦଶନ୍ଧି ବିତିବାକୁ ବସିଥିଲେ ସୁଦ୍ଧା ଅଦ୍ୟାବଧି ଏହାର ମରାମତି ହେଉନାହିଁ। ଯଦ୍ୱାରା ନିର୍ମିତ ଗୃହ ଗୁଡିକରେ ଭୁଶୁଡିବା ପରିସ୍ଥିତି ସୃଷ୍ଟି ହେଲାଣି। ଅନେକ ପିଲାର ଗୁଡିକ ଚିଲିକାରୁ ବହି ଆସୁଥିବା ଲୁଣିଆ ପବନ ପ୍ରଭାବରେ ଭିତରେ ଥିବା ଲୁହା ଛଡ଼ ସବୁ କଲଙ୍କି ହୋଇ ଫାଟ ସୃଷ୍ଟି କରିଛି। ସେହିପରି ଛାତ ଉପରୁ ମଧ୍ୟ କଂକ୍ରିଟ ଛେଲାମାନ ଖସିଲାଣି। ବର୍ଷା ଋତୁରେ ଛତୁପାର୍ଶ୍ୱରୁ ପାଣି ମଧ୍ୟ ଗଳୁ ଥିବାରୁ ବସିବା କଷ୍ଟକର ହୋଇପଡିଛି।କେତେବେଳେ ଯେ ଏହା ଭୁଶୁଡି ପଡିବ କହିହେବ ନାହିଁ ବୋଲି କୁହନ୍ତି ମତ୍ସ୍ୟଜୀବୀ।

ସେହିପରି ଏମାନଙ୍କ ଶୌଚ ନିମନ୍ତେ ନିର୍ମାଣ ହୋଇଥିବା ଶୌଚାଳୟରେ ପାଣି ଟାଙ୍କି ଥିଲେ ସୁଦ୍ଧା ପାଣିରେ ବ୍ୟବସ୍ଥା କରାଯାଇ ନଥିବାରୁ ତାହା ମଧ୍ୟ ମତ୍ସ୍ୟଜୀବିଙ୍କ କାର୍ଯ୍ୟରେ ଆସୁନି। ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଗୃହ ଗୁଡିକର ରକ୍ଷଣା ବେକ୍ଷଣ ନେଇ ଜିଲ୍ଲାପ୍ରଶାସନକୁ ଅଭିଯୋଗ ସତ୍ତ୍ୱେ ଏଥିପ୍ରତି କେହି ଦୃଷ୍ଟି ନଦେବା ବିଡମ୍ବନାର ବିଷୟ ବୋଲି କୁହନ୍ତି ବାଲିପାଟପୁର ଦୟାନିଧି ବେହେରା, ଅଜୟ ବେହେରା, ଗୋପୀ ବେହେରା, ସେହିପରି ଉକ୍ତ ଗୃହର ଅବ୍ୟବସ୍ଥା ସମ୍ପର୍କରେ ଅବଗତ ଥିଲେ ସୁଦ୍ଧା ମତ୍ସ୍ୟଜୀବୀ। ତେବେ ଏହି ଜେଟି ଉପରେ ନିର୍ଭର କରୁଥିବା ଦୈନିକ ହଜାର ହଜାର ମତ୍ସ୍ୟଜୀୱୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତ ପ୍ରମୁଖ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ଏହାକୁ ନେଇ ମତ୍ସ୍ୟଜୀବୀ ପରିବାର ପକ୍ଷରୁ ଆନ୍ଦୋଳନକୁ ଏଡାଇ ଦିଆଯାଇ ନପାରେ।

# ବିନା କାଗଜପତ୍ରରେ ଚାଲିଛି ଘରୋଇ ଆମ୍ବୁଲାନ୍ସ ସେବା

ଟାଙ୍ଗୀ,୨୭।୫ (ସମିସ):

ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ସରକାରୀ ଆମ୍ବୁଲାନସ ବାଦ ଘରୋଇ ଆମ୍ବୁଲାନସ କୁ ମଧ୍ୟ ବ୍ୟବହାର କରାଯାଉଛି। କିନ୍ତୁ ସରକାରୀ ଡାକ୍ତରଖାନା ରେ ଘରୋଇ ଆମ୍ବୁଲାନସ ବ୍ୟବହାର ସଂପର୍କରେ ସରକାରଙ୍କ ସ୍ୱତନ୍ତ୍ର ଆଇନ ନଥିବାରୁ ଏହାର ସରଳତାର ସୁଯୋଗ ନେଇ ଘରୋଇ ଆମ୍ବୁଲାନସ ଗୁଡିକ ଦ୍ୱାରା ବିନା କାଗଜପତ୍ର ରେ ବିପଦଜନକ ଭାବେ ରୋଗୀ ପରିବହନ କରାଯାଉଥିବା ନଜରକୁ ଆସିଛି। କୌଣସି ଆମ୍ବୁଲାନସ ସେ ଘରୋଇ ହେଉ ଅବା ସରକାରୀ ଫିଟନେସ, ଇନସ୍ୟୁରାନ୍ସ, ପ୍ରଦୂଷଣ ପ୍ରମାଣପତ୍ର ରହିବା ବାଧ୍ୟତାମୂଳକ। ଏପରିକି କୌଣସି ମୋଟର ଯାନ ନିରିକ୍ଷକ ଘରୋଇ ଆମ୍ବୁଲାନସ କୁ ଫିଟନେସ ଦେବା ପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସ୍ୱତନ୍ତ୍ର ପ୍ରମାଣପତ୍ର ମଧ୍ୟ ଆବଶ୍ୟକତା ରହିଛି। ପରିବହନ ବିଭାଗ ରୋଗୀ ପରିବହନ କରି ଯାଉଥିବା କୌଣସି ଆମ୍ବୁଲାନସ ବାଟ ରେ ଅଟକାଇ ଚାଲାଣ କରିବା ସମ୍ଭବ ନଥିବା,କୌଣସି ଟୋଲପ୍ଲାଜାରେ ଆମ୍ବୁଲାନସ ଯିବା ପାଇଁ କୌଣସି କଟକଣା ନଥିବା ସରଳତାର ସୁଯୋଗ ନେଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ରହୁଥିବା ଆମ୍ବୁଲାନସ ବିନା କାଗଜପତ୍ର ରେ ରୋଗୀ ପରିବହନ କରୁଥିବା ଜଣାପଡିଛି। କୌଣସି ପରିସ୍ଥିତି ରେ ପଡି ରୋଗୀ ର ଆଟେଣ୍ଡାଣ୍ଟ ଘରୋଇ ଆମ୍ବୁଲାନସ ରେ ଆଶୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭୁବନେଶ୍ୱର କଟକ ନେଉଥିବା ସମୟରେ ଯଦି ଦୁର୍ଘଟଣା ର ଶିକାର ହୁଏ ତେବେ ରୋଗୀ ହେଉ କି ସେ ଆମ୍ବୁଲାନସକୁ ଟଙ୍କା ଟିଏ କ୍ଷତିପୂରଣ ମିଳିବା ଦିବାସ୍ୱପ୍ନ। ତେବେ ବିନା କାଗଜପତ୍ର ରେ ଏକାଧିକ ଘରୋଇ ଆମ୍ବୁଲାନସ କିପରି ରୋଗୀ ପରିବହନ ପାଇଁ ବ୍ୟବହାର କରାଯାଉଛି ସେ ସଂପର୍କରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିନଟେଣ୍ଡେଣ୍ଟ ଡଃ ସତ୍ୟରଂଜନ ନନ୍ଦଙ୍କୁ ପଚାରିବାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମାତ୍ର ଗୋଟିଏ ୧୦୮ ଓ ଗୋଟିଏ ୧୦୨ ସରକାରୀ ଆମ୍ବୁଲାନସ ରହିଛି ତେବେ ଘରୋଇ ଆମ୍ବୁଲାନସ ଉପରେ କୌଣସି ବିଧିବ୍ୟବସ୍ଥା ନଥିବା ମତବ୍ୟକ୍ତ କରିଥିଲେ। ସେହିଭଳି ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏନଫୋର୍ସମେଣ୍ଟ ଟ୍ରାଫିକ ସବଇନସପେକ୍ଟର ତୃପ୍ତିରେଖା ଜେନାଙ୍କୁ ପଚାରିବାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ଥିବା ଏକ ଘରୋଇ ଆମ୍ବୁଲାନସ କୁ ଗତ ଏପ୍ରିଲ ତିନି ତାରିଖ ରେ ୨୦ ହଜାର ଟଙ୍କା ଜରିମାନା କରାଯାଇଥିଲେ ମଧ୍ୟ ସେ ଆମ୍ବୁଲାନସ କୌଣସି କାଗଜପତ୍ର ଠିକ କରିନଥିବା ସୂଚନା ପ୍ରଦାନ କରିଛନ୍ତି।

## ସରକାରଙ୍କ ଲଗାମ୍ ନାହିଁ

# ନିଆଁ ଲାଗି ୭ ପରିବାରର ୧୦ ବଖରା ପୋଡ଼ି ପାଉଁଶ

ବାଣପୁର,୨୭।୫(ସମିସ) : ବାଣପୁର ଥାନା ଅନ୍ତର୍ଗତ ନନ୍ଦପୁର ଗ୍ରାମପଞ୍ଚାୟତର ମାଣେନ୍ଦ୍ରୀ (ସରନଇ) ଗ୍ରାମରେ ବୁଧବାର ନିଆଁ ଲାଗି ୭ଟି ପରିବାରର ୧୦ ବଖରା ଘର ସମେତ ଘର ଭିତରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ସହ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ସବୁ କିଛି ଜଳି ପୋଡି ପାଉଁଶ ହୋଇଯାଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ବୁଧବାର ପୂର୍ବାହ୍ନ ସମୟରେ ମାଣେନ୍ଦ୍ରୀ (ସରନଇ) ଗ୍ରାମର ଉମା ଚରଣ ମହାରଣା, ଗୁଣ୍ଡିଚା ସାହୁ, ମହେଶ୍ୱର ସାହୁ, ଉଦୟନାଥ ସାହୁ, ଗୋପ ପଣ୍ଡା, ଦିଲ୍ଲୀପ ସାହୁ ଓ ଦ୍ରୌପଦୀ ମହାରଣା ଆଦି ୭ ପରିବାରର ଘରେ କୌଣସି କାରଣ ବଶତଃ ନିଆଁ ଲାଗି ଯାଇ ଥିଲା। ନିଆଁ ଲାଗି ଥିବାର ଦେଖି ଗ୍ରାମବାସୀ ନିଆଁ ଲିଭାଇବା ପାଇଁ ବହୁ ପ୍ରଚେଷ୍ଟା କରି ବିଫଳ ହୋଇ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ନିଆଁର ପ୍ରକୋପ ଅଧିକ ଥିବାରୁ ସ୍ୱଳ୍ପ ସମୟ ମଧ୍ୟରେ ୧୦ ବଖରା ଘର ସମେତ ସମସ୍ତ ଆସବାବ ପତ୍ର ପୋଡି ଯାଇ ଥିବା ବେଳେ ଉଦୟନାଥ ଝିଅର ବାହାଘର ପାଇଁ ରଖିଥିବା ସମସ୍ତ ଆସବାବ ପତ୍ର ମଧ୍ୟ ଉକ୍ତ ଅଗ୍ନିକାଣ୍ଡରେ ଜଳିପୋଡି ପାଉଁଶ ହୋଇଯାଇଛି। ଖବର ପାଇ ବାଲୁଗାଁ ଓ ବାଣପୁର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିବା ବେଳେ ସେତେବେଳକୁ ସବୁ କିଛି ଜଳିପୋଡି ପାଉଁଶ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ପୋଡି ଯାଇଥିବା ସମ୍ପତ୍ତିର ମୂଲ୍ୟ ୯ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବାଲୁଗାଁ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ମୋହନ ଦଳାଇ ସୂଚନା ଦେଇଥିବା ବେଳେ ରୋଷେଇ ସମୟରେ ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପ୍ରାଥମିକ ସ୍ତରରେ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ପ୍ରଦାନ କରା ଯାଇଥିବା ବେଳେ ରାଜସ୍ୱ ନିରୀକ୍ଷକ ଗ୍ରାମରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ ଗ୍ରାମବାସୀଙ୍କୁ ଚାଉଳ, ଡାଲି ଆଦି ଖାଦ୍ୟ ସାମଗ୍ରୀ ସହ ରନ୍ଧନ ସାମଗ୍ରୀ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତେବେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାରୁ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ବିପ୍ଳବୀ ନାଟ୍ୟକାର ପରଶୁରାମ ହରିଚନ୍ଦନଙ୍କ ଶ୍ରାଦ୍ଧୋତ୍ସବ

ଚିଲିକା,୨୭।୫(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ,ବିପ୍ଳବୀ ନାଟ୍ୟକାର, ସମାଜ ସୁଧାରକ ତଥା ବାଣପୁର ବ୍ଲକର ପ୍ରଥମ ଚେୟାରମ୍ୟାନ ସ୍ୱର୍ଗତ ପରଶୁରାମ ହରିଚନ୍ଦନଙ୍କ ୪୯ ତମ ଶ୍ରାଦ୍ଧୋତ୍ସବ ଓଡିଶା ସାହିତ୍ୟ ଏକାଡେମୀ ଏବଂ ପରଶୁରାମ ହରିଚନ୍ଦନ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ନିଜ ଜନ୍ମସ୍ଥାନ ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରିମୁଣ୍ଡା ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଗମ୍ଭାରୀ ମୁଣ୍ଡାସ୍ଥିତ ପତିତପାବନ କଲ୍ୟାଣ ମଣ୍ଡପ ଠାରେ ସ୍ମୃତି କମିଟିର ସଭାପତି ଗୋଲକ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଶ୍ରାଦ୍ଧ ଉତ୍ସବ ସଭା ଅନୁଷ୍ଠିତ ହୋଇଥିଲା। ସଭାର ପ୍ରାରମ୍ଭରେ ଅତିଥିମାନେ ପରଶୁରାମ ହରିଚନ୍ଦନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡକ୍ଟର ବିଜୟ କୁମାର ଶତପଥୀ, ବିଶିଷ୍ଟ ଅତିଥିଭାବେ 'ବିଶ୍ୱମୁକ୍ତି'ର ସଂପାଦକ ପ୍ରଫେସର ଡକ୍ଟର ଶଶାଙ୍କ ଶେଖର ଚୂଡ଼ାମଣି, ସମ୍ମାନିତ ଅତିଥିଭାବେ ପରଶୁରାମ ମହାବିଦ୍ୟାଳୟର ଅଧକ୍ଷ ପ୍ରେମରାଜ ପ୍ରଧାନ, ମୁଖ୍ୟବକ୍ତା ସୁସାହିତ୍ୟିକ ଡକ୍ଟର ସତ୍ୟ ଷଡଙ୍ଗୀ, ଅନ୍ୟତମ ଅତିଥି ଚିଲିକା ବ୍ଲକର ପୂର୍ବତନ ଅଧକ୍ଷ ଲଳିତ ମୋହନ ପଟ୍ଟନାୟକ ଓ ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ ପ୍ରମୁଖ ଯୋଗଦେଇ ନାଟ୍ୟକାର ପରଶୁରାମ ହରିଚନ୍ଦନଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ମୃତି କମିଟିର ସମ୍ପାଦକ ଡାକ୍ତର ସୁରେନ୍ଦ୍ର ନାଥ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ସୁପୁତ୍ର ତଥା ଚିଲିକାର ପୂର୍ବତନ ବିଧାୟକ ଡାକ୍ତର ବିଭୁତି ଭୂଷଣ ହରିଚନ୍ଦନ ଓ ପୌତ୍ର ଖୋର୍ଦ୍ଧା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।



# ବିପୁଳ ପୋଚ ଓ ଦେଶୀ ମଦ ଜବତ

ବେଗୁନିଆ, ୨୭।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା, ଜିଲ୍ଲା ଭ୍ରାମ୍ୟମାଣ ୟୁନିଟ ଓ ସଦର ଅବକାରୀ ଥାନା କର୍ମଚାରୀ ମାନେ ମିଳିତ ଭାବେ ବରପଦା ଜଙ୍ଗଲରେ ଚଢ଼ାଉ କରିଥିଲେ। ଏଥିରୁ ୧୩ହଜାର କେଜି ପୋଚ ଓ ୩୩ ଶହ ଲିଟର ହାତରନ୍ଧା ଦେଶୀ ମଦ ସହ ଆବଶ୍ୟକୀୟ ସରଞ୍ଜାମ ଜବତ କରିଛି ବୋଲି ସୂଚନା ମିଳିଛି।

# ଓସିଏସ୍ ପରୀକ୍ଷାରେ ଦିନେଶ ବିଶ୍ୱାଳ କୃତକାର୍ଯ୍ୟ

ଟାଙ୍ଗୀ,୨୭।୫ (ସମିସ): ଚଳିତ ବର୍ଷ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ଚିଲିକା ବ୍ଲକ ଅଧିନସ୍ଥ କଳକଳେଶ୍ୱର ପଞ୍ଚାୟତ ତାରିମି ଗ୍ରାମର କୁନଚନ୍ଦ୍ର ବିଶ୍ୱାଳ ଓ ବିଳାସିନୀ ବିଶ୍ୱାଳଙ୍କ ସୁପୁତ୍ର ଦୀନେଶ କୁମାର ବିଶ୍ୱାଳ ୧୨୮ ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଦୀନେଶ ନୌସେନାରେ କାର୍ଯ୍ୟକରି ୨୦୨୪ ରେ ଅବସର ନେଇ ଓପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ଗତବର୍ଷ ଓପିଏସସି ପରୀକ୍ଷାରେ ପ୍ରଥମ ଚେଷ୍ଟାରେ ୨୮୪ ରାଙ୍କ ରଖିଥିଲେ। ଏହା ତାଙ୍କୁ ସନ୍ତୁଷ୍ଟ କରିପାରିନଥିଲା। ପ୍ରସ୍ତୁତି ଜୋରଦାର କରିଥିଲେ। ନିଷ୍ଠା, ଏକାଗ୍ରତା, କଠୋର ପରିଶ୍ରମ ସହ ମାତା ପିତା, ଗୁରୁଜନ ଓ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ଆର୍ଶୀବାଦରୁ ଏହି ସଫଳତା ହାସଲ କରିଛି ବୋଲି ସେ ପ୍ରକାଶ କରିଛନ୍ତି। ବିଶେଷଭାବେ ଏହି ସଫଳତା ପଛରେ ସହଧର୍ମିଣୀ କ୍ଷୀତିପ୍ରଭାଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। ସେ କାଳୁପଡାଘାଟ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ, ନିରାକାରପୁର କେବିଡିଏଭି କଲେଜରୁ ଯୁକ୍ତ ଦୁଇ ପାସ୍ କରି ୨୦୦୯ ରେ ମନୋନୀତ ହୋଇ ନୌବାହିନୀରେ ଯୋଗ ଦେଇଥିଲେ। ସେ ପ୍ରଶାସନିକ ଅଧିକାରୀ ଭାବେ ସମାଜର ମଙ୍ଗଳ ପାଇଁ ସର୍ବଦା କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଛନ୍ତି।



# ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନିରାକାରପୁର,୨୭।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଶିକ୍ଷାନୁଷ୍ଠାନ "ବିଦ୍ୟାର୍ଥୀ ଟ୍ୟୁଟୋରିଆଲ୍' ପକ୍ଷରୁ ଚଳିତ ବର୍ଷ ପ୍ରକାଶିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଶୀପୁରସ୍ଥିତ ପ୍ରସିଦ୍ଧ ମା' ଭୈରବୀ ପୀଠ ପ୍ରାଙ୍ଗଣରେ ଏହି ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ବିଦ୍ୟାର୍ଥୀ ଟ୍ୟୁଟୋରିଆଲରୁ ମୋଟ ୪୭ ଜଣ ସରସ୍ୱତୀ ସାଧକ ପରୀକ୍ଷା ଦେଇଥିବା ବେଳେ ସମସ୍ତ ୪୭ ଜଣ ଯାକ ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ସଫଳତା ବଜାୟ ରଖିଛନ୍ତି। ଏଥିସହିତ ୧୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଅନୁଷ୍ଠାନ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ପରୀକ୍ଷାରେ ଲୋସମିନ୍ ଭୁଜବଳ (୫୬୪ ନମ୍ବର), ସୁନୟନା ବିଶ୍ୱାଳ (୫୬୨ ନମ୍ବର), କାଜଲ ସାହୁ (୫୫୮ ନମ୍ବର), ତନୁଶ୍ରୀ ଜେନା (୫୫୮ ନମ୍ବର),ସୁଜାତା ପରିଡ଼ା (୫୪୬ ନମ୍ବର), ଲିପ୍ସା ପ୍ରିୟଦର୍ଶିନୀ ପ୍ରଧାନ (୫୪୬ ନମ୍ବର), ସତ୍ୟବାନ ପାଇକରାୟ (୫୪୫ ନମ୍ବର), ବିଶ୍ୱଦେବ ବରିଶଲ (୫୪୩ ନମ୍ବର),ଲିପ୍ସା ରାଜନନ୍ଦିନୀ ପ୍ରଧାନ (୫୪୨ ନମ୍ବର) ଓ ରାଜସ୍ମିତା ସାହୁ (୫୪୦ ନମ୍ବର) ପ୍ରମୁଖ ବିଶେଷ ସଫଳତା ହାସଲ କରିଛନ୍ତି। ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଅତିଥି ଓ ଶିକ୍ଷାବିତ୍ ଭାବେ ସୌରଭ ମହାପାତ୍ର, ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ପଟ୍ଟନାୟକ, ସାମ୍ବାଦିକ ମାନସ ଚନ୍ଦ୍ର ପଟ୍ଟନାୟକ, ଛବିରାମ ପରିଡ଼ା, ବିଶ୍ୱଜିତ୍ ଚମ୍ପତିରାୟ, ଲକ୍ଷ୍ମୀଧର ପ୍ରଧାନ, ଲିପକ ବେହେରା, ଅଭିଜିତ୍ ମାଝୀ ଏବଂ ପପୁ ସାର୍ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।



# ଓଡ଼ିଶା ପ୍ରଶାସନିକ ସେବାରେ ଅରିଜିତଙ୍କ କୃତିତ୍ୱ

ଖୋର୍ଦ୍ଧା,୨୭।୫ (ସମିସ): ଖୋର୍ଦ୍ଧା ଭାଲିଆବାଡିର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ହରିଚନ୍ଦନ ମାଆ ସଙ୍ଗୀତାଙ୍କ ପୁଅ ଅରଜିତ ହରିଚନ୍ଦନ ଓ ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷାରେ ରାଜ୍ୟର ୨୫ ନମ୍ବର ସ୍ଥାନରେ ରହିଛନ୍ତି। ଖୋର୍ଦ୍ଧା ଡିଏଭିରୁ ୧୦ମ, ଭୁବନେଶ୍ୱର ପୋଖରୀପୁଟ ଡିଏଭି ଦ୍ୱାଦଶ ଏବଂ ଗୁଣୁପୁର ଜିଆଇଇଟି ୟୁନିଭରସିଟିରୁ କମ୍ପ୍ୟୁଟର ସାଇନ୍ସରେ ବି-ଟେକ ପାସ ପରେ ଟିସିଏସ ଭୁବନେଶ୍ୱରରେ ବର୍ଷେ ହେଲା କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟର ଭାବେ ଚାକିରୀ କରୁଥବା ଅରିଜିତ ୩ୟ ପ୍ରଚେଷ୍ଟାରେ ସେ ଏହି ସଫଳତା ପାଇଥିବା କହିଛନ୍ତି। ଏହି ସଫଳତା ପାଇ ପରେ ଅରିଜିତଙ୍କ ପରିବାର, ବନ୍ଧୁବର୍ଗଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି। ଅରଜିତଙ୍କ ବାପା ପ୍ରମୋଦ ଶ୍ରୀଚନ୍ଦନ ବରଗଡ ପଦ୍ମପୁର ଏକ ଉଚ୍ଚ ବିଦ୍ୟାଳୟ ଯରୁ ପ୍ରଧାନଶିକ୍ଷକ ଭାମେ ଅବସରଗ୍ରହଣ କରିଥିବା ବେଳେ ମାଆ ସଙ୍ଗୀତା ଜଣେ ଗୃହିଣୀ। ବିନା କୌଣସି କୋଚିଂରେ ଡିଜିଟାଲ ପ୍ଲାଟଫର୍ମରେ ଏଆଇକୁ ମାଧମ କରି ସେ ଏହି ସଫଳତା ପାଇଥିବା ବେଳେ ଆଗକୁ ଏହାକୁ ବ୍ୟବହାର ହାର କରି ଆଦିବାସୀ ଅଂଚଳର ଲୋକଙ୍କ ପାଇଁ କାମ କରିବେ ବୋଲି କହିଛନ୍ତି। ୟୁପିଏସି ଯୋଗ୍ୟତା ହାସଲ ଆଗକୁ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି।



# ଅସରାଏ ବର୍ଷାରେ ରାସ୍ତା ବେହାଲ



ବେଗୁନିଆ,୨୭।୫ (ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରି ବଜାର ହେଉ କି ରାଜ୍ୟ ରାଜପଥର ସିମୋର ବଜାର ସହ ପୂର୍ତ୍ତ ବିଭାଗ ରାସ୍ତା ଗଁପୁର ବଜାର ହେଉ ଅସରାଏ ଅଦିନିଆ ବର୍ଷା ଯୋଗୁଁ ପାଣି ଜମି ରହୁଛି। ଫଳରେ ଯାତାୟାତ କରୁଥିବା ଯାନବାହାନ ଚଳାଚଳ ଓ ଦୋକାନ ବଜାର ଗୁଡ଼ିକ ପ୍ରାୟତଃ କିଛି ସମୟ ପାଇଁ ପ୍ରଭାବିତ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏଥିରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଦୂରଦୃଷ୍ଟି ଅଭାବରୁ ଏଭଳି ସମସ୍ୟା ଦେଖା ଦେଇଛି ବୋଲି ସଚେତନ ନାଗରିକ ମାନେ ମତ ପ୍ରକାଶ କରିଛନ୍ତି। ତୁରନ୍ତ ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରାଗଲେ ଜଳ ନିଷ୍କାସନ ହୋଇ ପାରିବ ବୋଲି ସ୍ଥାନୀୟ ଜନ ସାଧାରଣ ଦାବି କରିଛନ୍ତି।

## ଲୋପ ପାଉଛି କମାରଶାଳ

# ଶୂନ୍ୟସ୍ଥାନ ପୂରଣ କରୁଛନ୍ତି ଯାଯାବର କାରିଗର

ଖୋର୍ଦ୍ଧା,୨୭।୫(ସମିସ): ଯାନ୍ତ୍ରିକ ଯୁଗର ଆରମ୍ଭ ସାଙ୍ଗକୁ କୃଷି କ୍ଷେତ୍ରରେ ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ପ୍ରୟୋଗ ଫଳରେ ଗ୍ରାମାଂଚଳରେ କମାରଶାଳ ଗୁଡିକ ଲୋପ ପାଇବାକୁ ବସିଲାଣି। ସେମାନଙ୍କ କୌଳିକ ବୃତ୍ତି ନିଶ୍ଚିହ୍ନ ହେବାକୁ ବସିଲାଣି। କାରିଗରମାନେ ଜୀବିକା ପାଇଁ ବାହାରକୁ ଦାଦନ ଖଟିବାକୁ ଗଲେଣି। ତଥାପି ଗ୍ରାମାଂଚଳରେ କୃଷକମାନେ କୃଷି ପାଇଁ ଆବଶ୍ୟକ କାତି, କୁରାଢ଼ି, ଲଙ୍ଗଳ, କୋଡା ଖୋସା ସମେତ ଲୁହା ଲଙ୍ଗଳକୁ ଛାଡି ନାହାନ୍ତି। ଏଣେ କୃଷକମାନଙ୍କ ଜରୁରୀ ଆବଶ୍ୟକତାକୁ ପୂରଣ କରିବା ପାଇଁ କମାରଶାଳର ସ୍ଥାନ ନେଇଛି ଯାଯାବର କମାରଶାଳ। ଅର୍ଥାତ ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶରୁ ଆସୁଥିବା ଏହି ଯାଯାବର କମାରମାନେ ରାସ୍ତାକଡ଼ରେ ଶାଳ ବସାଇ ବିଭିନ୍ନ ଲୁହା ଉପକରଣ ତିଆରି ସାଙ୍ଗକୁ ମରାମତି ବି କରୁଛନ୍ତି। ଦା, କୋଡି, କୋଦାଳ ଠାରୁ ଆରମ୍ଭ କରି ପନିକି, କୁରାଢ଼ି, କଟୁରି ଆଦି ଜିନିଷ ତିଆରି କରି ବିକୁଛନ୍ତି।



ଉଭୟ ପୁରୁଷ ଓ ମହିଳା ଏଥିରେ ଲାଗି ପଡ଼ିଛନ୍ତି। ପୁରୁଷମାନେ ବିଭିନ୍ନ ସାମଗ୍ରୀ ତିଆରି କରୁଥିବାବେଳେ ମହିଳାମାନେ ରାସ୍ତାକଡରେ ବସି ବିକ୍ରିବଟା କରୁଛନ୍ତି।

ଏହି ଯାଯାବର କମାର ମାନେ ଗାଁ ଗାଁ ପରିବାର ସହ ବୁଲି ନିଜେ କୃଷକ ମାନଙ୍କ ଘର ନିକଟରେ ପହଁଚି ପୁରୁଣା ଲୁହାକୁ ତରଳାଇ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ତିଆରି କରି ଚାଷୀମାନଙ୍କୁ ଯୋଗାଉଥିବା ଦେଖିବାକୁ ମିଳୁଛି।ଏହି ଯାଯାବର ପରିବାରର ସମସ୍ତ ସଦସ୍ୟ ନିଜକୁ ଲୁହାରେ କୃଷି ସାମଗ୍ରୀ ତିଆରି କରିବା ସହ ସେଥିରୁ ଯେଉଁ ଦି ପଇସା ମିଳେ ସେହି ଉପାର୍ଜନରୁ ପରିବାର ଭୋକ ମେଂଟାଉଛନ୍ତି। ଏ ସମ୍ପର୍କରେ ଜଣେ ରାଜସ୍ଥାନୀ ଲୁହାର (କମାର) ଚରଣ ଚମ୍ପକଙ୍କୁ ପଚାରିବାରୁ ଏହାକୁ ପେସା କରି ପରିବାର ଚଳାଉଥିବା ପ୍ରକାଶ କରିଛନ୍ତି।

ସେହିପରି ସ୍ଥାନୀୟ ଅଂଚଳର ବାବୁଲା ଓଝାଙ୍କ କହିବା କଥା ଗ୍ରାମାଂଚଳରେ ପୂର୍ବରୁ କମାରଶାଳ ଥିଲା। ସେତେବେଳ ଭଲ ଦିପଇସା ବି ରୋଜଗାର ହେଉଥିଲା। ଏହାକୁ ପେସା କରି କିଛି ଲୋକ ଦୈନନ୍ଦିନ ଗୁଜୁରାଣ ମେଂଟାଉଥିଲେ। ଗାଁ ଗହଳିର ନିତ୍ୟ ବ୍ୟବହାର ଜିନିଷଠାରୁ ଆରମ୍ଭ କରି ଚାଷ ପାଇଁ ବ୍ୟବହୃତ ହେଉଥିବା ସମସ୍ତ ଲୁହା ନିର୍ମିତ ଉପକରଣ ପ୍ରସ୍ତୁତ ହୋଇଥାଏ ଏହି କମାରଶାଳରେ। ମାତ୍ର ଆଜିର ଦିନରେ ଲୋକମାନେ ଅତ୍ୟାଧୁନିକ ମେସିନାରୀ ଯନ୍ତ୍ରାଂଶକୁ ଆଦରି ନେଉଥିବାବେଳେ କମାରଶାଳରେ ତିଆରି କରାଯାଉଥିବା ଜିନିଷର ଉଚିତ ମୂଲ୍ୟ କାରିଗରମାନେ ପାଉନାହାନ୍ତି।

ବରିଷ୍ଠ କାରିଗର ବେଣୁଧର ଓଝା କୁହନ୍ତି ଯେ ଆଗରୁ କମାରଶାଳରେ ଏତେ ଭିଡ ହେଉଥିଲା ଯେ ଖାଇବାକୁ ବି ସମୟ ହେଉନଥିଲା। ଲୋକମାନେ ଆମକୁ ଜଗି ବସୁଥିଲେ। ମାତ୍ର ଆଜି କି ସମୟ ହେଲା ଆଉ କମାରଶାଳ ନାହିଁ। ଗାଁ ଗହଳିରେ କେଉଁଠି କେମିତି ଥିବ। ମୁଁ କମାରଶାଳ କରିଥିଲି। ମୋର ଦୁଇ ପୁଅ। ସେମାନେ ଏ ବୃତ୍ତିକୁ ଛାଡ଼ିଦେଲେ। ଆମ ପରେ ଆଉ କମାରଶାଳ ଦେଖିବାକୁ ମିଳିବନି। ଦିନ ଆସିବ ଆଗାମୀ ପିଢ଼ି ସଂଗ୍ରହାଳୟରେ କମାରଶାଳ ସାଙ୍ଗକୁ ବିଭିନ୍ନ କୌଳିକ ବୃତ୍ତିକୁ ଦେଖିବାକୁ ପାଇବେ। ଆମ ପରେ ଏହି କମାରଶାଳ ପ୍ରାୟ ଲୁପ୍ତ ହୋଇଯିବ। ତେଣୁ ସରକାର ଏଥପ୍ରତି ଦୃଷ୍ଟି ଦେବା ସହ କୌଳିକ ବୃତ୍ତିଗୁଡ଼ିକୁ ବଂଚାଇ ରଖିବା ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି। କୃଷିକ୍ଷେତ୍ରରେ ଟ୍ରାକ୍ଟର ବ୍ୟବହାର ଯୋଗୁ ବଳଦ ଏବେ ଅଲୋଡା ହେଲାଣି। ସେହିପରି ବଳଦ ଟାଣୁଥିବା ଶଗଡ଼ ଗାଡି ବର୍ତମାନ ଚାଷୀଙ୍କ ଘରୁ ଉଭେଇ ଗଲାଣି। ତେଣୁ କୃଷି କ୍ଷେତ୍ରରେ ଆଧୁନିକତାର ଉପଯୋଗ କେତକ କାରିଗରଙ୍କ ଜୀବିକା ବୁଡିବା ସହ ସେହି ଜାଗାରେ ନୂତନ କାରିଗରୀ କଳାର ପ୍ରୟୋଗ ଅବଲମ୍ବନ ପାଲଟିଲାଣି। ଏଣେ ଫସଲ ଅମଳଠାରୁ ମଞ୍ଜି ବୁଣିବା, ଜମିରେ ସିଆର କାଟିବା ଭଳି ସବୁ କାର୍ଯ୍ୟ ମେସିନ କରୁଛି।

## ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପ୍ରତିବାଦ

# ବିଜୁ ଜନତା ଦଳ ପକ୍ଷରୁ ବିରାଟ ଶୋଭାଯାତ୍ରା

ଅନୁଗୋଳ,୨୭ ।୫(ସମିସ):

ପେଟ୍ରୋଲ, ଡିଜେଲର ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ଅନୁଗୋଳ ପୌରପାଳିକା ଅଫିସ ତଥା ରାଜା ଛକ ଠାରେ ଏକ ବିକ୍ଷୋଭ ପ୍ରଦର୍ଶନ ଏବଂ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ସାଂସଦ ମହେଶ ସାହୁ, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, ସମାଜସେବୀ ଡ. ଅବିନାଶ ସାମଲ, ରାଜ୍ୟ ବିଜେଡି ସମ୍ପାଦକ ବିପ୍ଳବ ଜେନା, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ନଗରପାଳ ଅକ୍ଷୟ କୁମାର ସାମନ୍ତ, ରାଜ୍ୟ ଯୁବ ବିଜେଡି ଉପ ସଭାପତି ସୁଜିତ ଦ୍ୱିବେଦୀ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଶିବାନୀ ଶଙ୍କର ଗୌଡ଼, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଅନୁଗୋଳ ଓକିଲ ସଂଘ ସଭାପତି ଦିଲୀପ ସାହୁ, ଓକିଲ ସଂଘ ଅତିରିକ୍ତ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ଅନୁଗୋଳ ଜିଲ୍ଲାର ପଞ୍ଚାୟତ ଏବଂ ପୌରପାଳିକା ୱାର୍ଡସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲ୍ଲା ଯୁବ ବିଜେଡି ସଭାପତି ଅରୁଣାଭ ସିଂହ, ପୂର୍ବତନ ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶୁଭ୍ରାଂଶୁ ଶେଖର ଜିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## କେବଳ କାଗଜପତ୍ରରେ ବୃକ୍ଷରୋପଣ

ତାଳଚେର,୨୭ ।୫(ସମିସ): ବହୁ ପୁରାତନ ତାଳଚେର ଅଞ୍ଚଳକୁ ପାହାଡ଼ ପର୍ବତରେ ଆଚ୍ଛାଦିତ ହୋଇ ପରିବେଶ ସୁନ୍ଦର ଦେଖାଯିବା ସହ ତାଳଚେର ଅଞ୍ଚଳବାସୀ ନିରୋଗ ରହୁଥିଲେ। ପର୍ଯ୍ୟାୟକ୍ରମେ ତାଳଚେରରେ ଶିଳ୍ପାନୁଷ୍ଠାନ ଖଣିଖାଦାନ ବୃଦ୍ଧି ପାଇବାରୁ ସେହି ଅନୁପାତରେ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବଡ଼ବଡ଼ ଜଙ୍ଗଲକୁ କାଟି ପଦା କରି ଦିଆଯାଉଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ତାଳଚେର ବ୍ଲକର ପ୍ରାୟ ୭ରୁ ୮ଟି ପଞ୍ଚାୟତ କୋଇଲା ଖଣିରେ ନିଶ୍ଚିହ୍ନ ହୋଇଥିବା ବେଳେ ଆଉ କିଛି ଜମି ଅଧିଗ୍ରହଣ କରାଯାଇ ତୁରନ୍ତ ଖଣି ଖନନ କରାଯିବା ନେଇ ବିଜ୍ଞପ୍ତି ଜାରି ହୋଇ ସାରିଛି। ଫଳରେ ଶିଳ୍ପନଗରୀ ତାଳଚେର ଉପଖଣ୍ଡରେ ବର୍ତ୍ତମାନ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି। ତାଳଚେରବାସୀ ଏହାକୁ ନେଇ କଷ୍ଟ ଅନୁଭବ କରୁଥିବା ବେଳେ ଅଞ୍ଚଳବାସୀଙ୍କ ଏହି ଦୁଃଖ କାହାକୁ କିପରି ଦେଖାଯାଉ ନାହିଁ ବୋଲି ଚର୍ଚ୍ଚା ଜୋର ଧରିଛି।

ତାଳଚେରରେ ଜିଲ୍ଲା ଖଣିଜପାଣ୍ଠି ଓ ସିଏସଆର ଅର୍ଥ ରହିଥିଲେ ହେଁ ଏହା ବାହାର ରାଜ୍ୟରେ ଲୋକଙ୍କ ସ୍ୱାର୍ଥରେ ଉତ୍ସର୍ଗୀକୃତ କରାଯାଉଥିବା ବେଳେ ତାଳଚେରବାସୀ ଦେଶର ବିକାଶ ଦିଗରେ ନିଜ ଭିଟାମାଟି ହରାଇଛନ୍ତି କିନ୍ତୁ ଅଞ୍ଚଳବାସୀଙ୍କ ବିକାଶ କ'ଣ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଠାରେ ଏନଟିପିସି, ଟିଟିପିଏସ୍ ଏଫସିଆଇ, କଣିହାଁ ଜିନ୍ଦଲ, ନାଲକୋ ଓ ୧୦ଟି ଖଣି ଖଦାନ ରହିଥିଲେ ମଧ୍ୟ ସେମାନେ ଜିଲ୍ଲା ଖଣିଜପାଣ୍ଠିକୁ ଦେଉଥିବା ଅର୍ଥ ଓ ସାମାଜିକ ଦାୟିତ୍ୱବୋଧ (ସିଏସଆର) କୁଆଡ଼େ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବୃକ୍ଷ ହିଁ ଜୀବନ କୁହାଯାଉଥିବା ବେଳେ ତାଳଚେର ଅଞ୍ଚଳରେ କେବଳ ଏହା କାଗଜପତ୍ରରେ ସୀମିତ ରହିଛି। ପ୍ରତିବର୍ଷ ବନବିଭାଗ ଓ ତାଳଚେରର ଅନେକ ଅନୁଷ୍ଠାନ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅଞ୍ଚଳରେ ବୃକ୍ଷରୋପଣ କରାଯାଉଥିଲେ ହେଁ ତାହା ସଠିକ ଭାବେ ହେଉନାହିଁ ବୋଲି ପରିବେଶବିତ୍ ମହଲରେ ଚର୍ଚ୍ଚା ହେଉଛି। ଫଳରେ ଜଳସଙ୍କଟ ସହ ଗ୍ରୀଷ୍ମଋତୁରେ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପବନରେ ଧରାଶାୟୀ ନବନିର୍ମିତ ସେଡ୍

ପାଲଲହଡ଼ା,୨୭ ।୫(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ସଦରମହକୁମା ସଇଡ଼ା ପଞ୍ଚାୟତ ଜୋଲଣ୍ଡା ଗାଁ ସାପ୍ତାହିକ ହାଟରେ ମାସେ ତଳେ ନିର୍ମିତ ରେଷ୍ଟ ସେଡ୍ ପବନରେ ଉଡ଼ିଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ପଞ୍ଚମ ରାଜ୍ୟ ଅର୍ଥ



କମିସନ ଅନୁଦାନରେ ସାପ୍ତାହିକ ହାଟରେ ବ୍ୟବସାୟୀଙ୍କ ପାଇଁ ୧.୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ରେଷ୍ଟ ସେଡ ଦୁଇଦିନ ତଳେ ପବନରେ ଉଡ଼ି ଯାଇଥିବା ଜଣାପଡ଼ିଛି। ଗତ ଏପ୍ରିଲ ମାସରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା କାମ ଶେଷ ହୋଇ ଟଙ୍କା ମଧ୍ୟ ଉଠାଯାଇଛି। ତତ୍କାଳୀନ ନିର୍ବାହୀ ଅଧିକାରୀ ରଜନୀ ପ୍ରଧାନଙ୍କ ନାମରେ କାର୍ଯ୍ୟଦେଶ ଥିବା ବେଳେ କନିଷ୍ଠ ଯନ୍ତ୍ରୀ

### ନିମ୍ନମାନର କାମ ଅଭିଯୋଗ

ତଦାରଖ କରି ସରପଞ୍ଚଙ୍କ ଦ୍ୱାରା ଦେୟ ପ୍ରଦାନ କରାଯାଇଛି। ତେବେ ନିର୍ମାଣର ଏକ ମାସ ବିତି ନ ଥିବା ବେଳେ ପିଣ୍ଡି ଉପରେ ତିଆରି ହୋଇଥିବା କଲମଗୁଡ଼ିକ ସହ ଆଜବେଷ୍ଟସ ଭାଙ୍ଗିଯାଇଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ନୁରୁଲ ହୋସେନ ଖାନଙ୍କ ସହ ଯୋଗାଯୋଗ କରିବାରୁ ଏହାକୁ ପୁଣିଥରେ ନିର୍ମାଣ ପାଇଁ କୁହାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ସମ୍ବାଦିକଙ୍କ ସହଯୋଗରେ ଜଳଛତ୍ର




ବଅଁରପାଳ,୨୭ ।୫(ସମିସ): ଚଳିତ ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରୁ ସାଧାରଣ ଜନତାଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ବଅଁରପାଳ ସାପ୍ତାହିକ ହାଟ ନିକଟରେ ଟାଟା ଷ୍ଟିଲ ମେରାମଣ୍ଡଳୀ ଓ ବଅଁରପାଳ ଗଣ ମାଧ୍ୟମ ପ୍ରତିନିଧିଙ୍କ ମିଳିତ ସହଭାଗିତାରେ ଏକ ଜଳଛତ୍ର ଶିବିର ଖୋଲାଯାଇଥିଲା। ଏଠାରେ ହାଟକୁ ଆସୁଥିବା ଗ୍ରାହକ, ବ୍ୟବସାୟୀ, ପଥଚାରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମେତ ୨,୫୦୦ରୁ ଅଧିକ ଲୋକଙ୍କୁ ଥଣ୍ଡା ଦହିପାଣି ବଣ୍ଟନ କରାଯାଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଏଭଳି ଏକ ଜନହିତକର ପ୍ରୟାସକୁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଛନ୍ତି। ବଅଁରପାଳ ଅଞ୍ଚଳର ସମସ୍ତ ସାମ୍ବାଦିକ ମାନେ ଏହି ବଣ୍ଟନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ଶିକ୍ଷାବିତ୍ ପୁରନ୍ଦର ପ୍ରଧାନଙ୍କ ପୁଣ୍ୟତିଥି ପାଳିତ

କିଶୋରନଗର,୨୭ ।୫(ସମିସ): ଆଠମଲ୍ଲିକ ଶିକ୍ଷା ଆକାଶର ଧ୍ରୁବତାରା ଶିକ୍ଷାବିତ୍ ପୁରନ୍ଦର ପ୍ରଧାନଙ୍କ ୩୫ତମ ପୁଣ୍ୟତିଥି ରବିବାର କିଶୋରନଗର ବ୍ଲକ ସାନରୋହିଲାଠାରେ ପାଳିତ ହୋଇଛି। ପୁରନ୍ଦର ପ୍ରଧାନ ସ୍ମୃତି ପରିଷଦ, କଳ୍ପତରୁ ଓ ଆମ ଗାଁ ଆମ ବିଚାର ମଞ୍ଚର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ବିଭିନ୍ନ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସ୍ମୃତି ପରିଷଦ ସଭାପତି ନନ୍ଦ କିଶୋର ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କଳ୍ପତରୁ ସଭାପତି ସୁଧୀରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଶ୍ରମିକ ନେତା ବିନୋଦ ପ୍ରଧାନ, ଗ୍ରାମର ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଆଇନଜୀବୀ ନବୀନ କୁମାର ପ୍ରଧାନ, ବାବୁ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ସାହୁ, ତାଙ୍କ ସୁପୁତ୍ର ଡାକ୍ତର ଅରୁଣ କୁମାର ପ୍ରଧାନ, କୃଷକପୁଞ୍ଜି ସଭାପତି ଉପେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ଦେହୁରୀ, ସୁଦାମ ଚରଣ ପ୍ରଧାନ, ରମାକାନ୍ତ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ଆଠମଲ୍ଲିକରେ ସେ ଡିଆଇ ପଦବୀରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଉଦ୍ୟମରେ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ତଥା ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗ୍ରନ୍ଥାଗାରିକ ଦେବରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## ସର୍ଜନ ମନୀଷୀ: କୁମୁଦ ଚନ୍ଦ୍ର

### ପ୍ରଫେସର କୁମୁଦଚନ୍ଦ୍ର ଦାଶଙ୍କ ଦ୍ୱାଦଶାହ ଉପଲକ୍ଷେ

'ଚଳଞ୍ଚିତ୍ତଂ ଚଳବିତ୍ତଂ ଚଳେ ଜୀବିତ ଯୌବନ।
ଚଳାଚଳଂ ଇଦମ୍ ସର୍ବଂ କୀର୍ତ୍ତିଯସ୍ୟ ସ ଜୀବତି।'

ଭୌତିକ ସଂସାରରେ ସବୁକିଛି ଗତିଶୀଳ। କିଛି ନିତ୍ୟ ନୁହେଁ। ମଣିଷର କର୍ମ ହିଁ ତା' ବ୍ୟକ୍ତିତ୍ୱର ପରିବ୍ୟାପ୍ତି। ଏହା କାଳର ଊର୍ଦ୍ଧ୍ୱରେ କୀର୍ତ୍ତି ହୋଇ ମମୁଭାସିତ ହେଉଥାଏ। ମୋର ବିଚାରରେ ପ୍ରଫେସର କୁମୁଦଚନ୍ଦ୍ର ଦାଶ ଥିଲେ ଏହି ଭଳି ଜଣେ ବୌଦ୍ଧିକ ବ୍ୟକ୍ତିତ୍ୱ, ଯାହାଙ୍କ ଦେହାବସାନରେ ସାରସ୍ୱତ ଜଗତରେ ଏକ ଅଧ୍ୟାୟର ପରିସମାପ୍ତି ଘଟିଲା। ଅବିଚଳିତ ନିଷ୍ଠା, ସାଧନା, ଅବିମିଶ୍ର ଅନୁସନ୍ଧିତ୍ସା ଏବଂ ଅସୀମ ଧୈର୍ଯ୍ୟ ସମ୍ପନ୍ନ ସାରସ୍ୱତ ଋଷି ପ୍ରଫେସର କୁମୁଦଚନ୍ଦ୍ର ବାସ୍ତବରେ ଉଭୟ ଆଙ୍ଗିକ ଓ ଆତ୍ମିକ ମାନବୀୟ ବିଭବ ଦୃଷ୍ଟିରୁ ଥିଲେ ଅନନ୍ୟ। କୁମୁଦଚନ୍ଦ୍ର ଦାଶ ଅନୁଗୋଳର ସୋମନାଥପୁର ଶାସନ ପରି ଏକ ଐତିହ୍ୟସମ୍ପନ୍ନ ଗ୍ରାମରେ ୧୯୫୩ ମସିହା ଜୁନ୍ ୭ ତାରିଖରେ ଜନ୍ମଗ୍ରହଣ କରିଥିଲେ। ୧୯୭୧ ମସିହାରେ ଅନୁଗୋଳ ହାଇସ୍କୁଲରୁ ହାଇସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ବାଣୀବିହାରରୁ ଓଡ଼ିଆରେ ଏମ୍ଏ ଡିଗ୍ରୀ ଲାଭ କରିଥିଲେ। ୧୯୭୮ ରୁ ସେ ବିଭିନ୍ନ କଲେଜରେ ଅଧ୍ୟାପନା କରିଥିଲେ। ଅନୁଗୋଳ ମହାବିଦ୍ୟାଳୟରୁ ପ୍ରଫେସର ଭାବେ ଅବସର ଗ୍ରହଣ କରିବା ପରେ ତାମଡ଼ା କଲୋନୀରେ ରହୁଥିଲେ ଏବଂ ସାରସ୍ୱତ କର୍ମରେ ସକ୍ରିୟ ଥିଲେ। ପ୍ରଫେସର କୁମୁଦଚନ୍ଦ୍ରଙ୍କ ସହ ମୋର ଦେଖା ହୋଇଥିଲା ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ସରକାରୀ ମହାବିଦ୍ୟାଳରେ ପାଳିତ ହେଉଥିବାଏକ ଅମୃତ ବେଳାରେ। ତାଙ୍କ ସହ ଏପରି ସମ୍ପର୍କ ଗଢ଼ି ଉଠିଲା ଯାହା ଥିଲା ଅଲୌକିକ। ତାଙ୍କ ସହ ମୋର କୌଣସି ଦେବାନେବା, ଆଶା-ଅଭିଳାଷ ନ ଥିଲା। ଆମ ଭିତରେ କେବଳ ଥିଲା ପରସ୍ପରକୁ ଆତ୍ମୀୟତାର ସହ ଭଲ ପାଇବାରେ। ଓଡ଼ିଆ ସାହିତ୍ୟର ନବନିର୍ମାଣରେ ଯେଉଁ କେତେଜଣ ଖ୍ୟାତି ଅର୍ଜନ କରିଛନ୍ତି ସେମାନଙ୍କ ମଧ୍ୟରେ କୁମୁଦଚନ୍ଦ୍ର ହେଉଛନ୍ତି ଅଜସ୍ର ଯଶର ଅଧିକାରୀ। ସେ ଏକାଧାରରେ କୃତବିଦ୍ୟ ପ୍ରାଂଧ୍ୟକ, କାବ୍ୟଶିଳ୍ପୀ ଏବଂ ସମାଲୋଚକ। ଜଣେ କାବ୍ୟଶିଳ୍ପୀ ହିସାବରେ ପ୍ରଫେସର କୁମୁଦ ୧୯୭୦ ମସିହା ପୂର୍ବରୁ କବିତା ରଚନା ଆରମ୍ଭ କରିଥିଲେ। ତାଙ୍କର ଉଲ୍ଲେଖନୀୟ ପ୍ରକାଶିତ କବିତା ଗ୍ରନ୍ଥଗୁଡ଼ିକ ହେଉଛି ଶବ୍ଦାନ୍ତର (୨୦୦୪) ୫୧ଟି କବିତା, ଆକାଶ ସମୁଦ୍ର ଧରିତ୍ରୀ (୨୦୨୫) ୧୧୯ଟି କବିତା, ଅଶବ୍ଦ ଶବ୍ଦ (୨୦୨୫) ୧୦୨ଟି କବିତା, ଯୁଗ୍ମ ସଂକଳନ 'ମୁହୂର୍ତ୍ତ ଓ ଅନ୍ୟ ପୃଥିବୀ' (୧୯୭୬) ରେ ସ୍ଥାନିତ ୧୫ଟି କବିତା। କବିତାଗୁଡ଼ିକରେ ଅନୁରଣିତସ୍ୱର ହେଉଛି ପ୍ରତୀକ ଓ ଚିତ୍ରକଳ୍ପର ପ୍ରାଧାନ୍ୟ ହ୍ରାସ, ଏଲିୟଟୀୟ ଚେତନାର ହ୍ରାସ, ରହସ୍ୟବାଦୀ ଆଧ୍ୟାତ୍ମ ଚେତନା ପରିବର୍ତ୍ତେ ପାର୍ଥିବ ଜୀବନର ପ୍ରାଧାନ୍ୟ ଇତ୍ୟାଦି। ଶ୍ରୀଦାଶ ଆତ୍ମାର କଥା କୁହନ୍ତୁ କି ଦେହର କଥା, ସବୁଠି ଶବ୍ଦ ତାଙ୍କ ପାଇଁ ଧ?ନିର କାନ୍ଥ,ବାସୁକୀର ଫଣା। ଶବ୍ଦ ଅଜର, ଅମର ଦିଗମ୍ବର। ସମାଲୋଚନା କ୍ଷେତ୍ରରେ ପ୍ରଫେସରକୁମୁଦଚନ୍ଦ୍ର ଖୁବ୍ ଜଣାଶୁଣା। ୧୮ଟି ପ୍ରବଂଧକୁ ନେଇ "କାବ୍ୟଭୂମି' (୨୦୦୮) ଏବଂ ୩୨ଟି ପ୍ରବନ୍ଧକୁ ନେଇ "ପରମ୍ପରା ଓ ଆଧୁନିକତା' ପୁସ୍ତକ ପ୍ରକାଶିତ। ସମାଲୋଚକ ଶ୍ରୀଦାଶଙ୍କ କ୍ଷେତ୍ର ବିଶାଳ ଓ ଗଭୀର। ତାଙ୍କ ସମାଲୋଚନାରେ ଶୁଭିଥାଏ ନିର୍ଭିକତାର ସ୍ୱର। କାବ୍ୟଭୂମିରେ ସ୍ଥାନିତ ଓଡ଼ିଆ କବିତାରେ ଲୋକସଂସ୍କୃତିର ପ୍ରଭାବ, ଆଧୁନିକ କବିତାରେ ଛନ୍ଦ, କବି ସୀତାକାନ୍ତଙ୍କ କାବ୍ୟଜଗତ ଅତ୍ୟନ୍ତ ପ୍ରଶଂସିତ। ପ୍ରଫେସର ଦାଶଙ୍କର ୧୦୦ରୁ ଊର୍ଦ୍ଧ୍ୱ ଆଲୋଚନା ପ୍ରକାଶିତ କିନ୍ତୁ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ନାହିଁ। ସମ୍ପାଦନା କ୍ଷେତ୍ରରେ ପ୍ରଫେସର ଦାଶ ଜଣେ ପ୍ରତିସ୍ପର୍ଶୀ ସମ୍ପାଦକ ଥିଲେ। ସମ୍ପାଦିତ ଉଲ୍ଲେଖନୀୟ ପୁସ୍ତକଗୁଡ଼ିକ ହେଉଛି ବହୁବଳୀକା (୨୦୦୪), ଶରତ ଆକାଶ (୨୦୧୦), କାବ୍ୟନାୟକ ଗଡ଼ନାୟକ (୨୦୧୧), ଗଡ଼ନାୟକ ଓ ମରୁବାୟତ (୨୦୧୯) ଏବଂ ଗଡ଼ନାୟକଙ୍କ ଜୟଦେବଙ୍କ ଗୀତଗୋବିନ୍ଦ। ପ୍ରଫେସର ଦାଶ ଗଡ଼ନାୟକ ସାହିତ୍ୟର ଜଣେମୁଗ୍ଧ ଉପାସକ। ଗଡ଼ନାୟକ କାବ୍ୟବିଭା ଉପରେ ତାଙ୍କ ବାକ୍‌ପଟୁତା ଅବିସ୍ମରଣୀୟ। ସେ ମଧ୍ୟ ଜଣେ ଶକ୍ତିମାନ୍ ଚିନ୍ତାବିଦ୍। ପ୍ରଫେସର ଦାଶଙ୍କ କୃତି ଓ କୀର୍ତ୍ତିକୁ ସ୍ୱୀକୃତି ଜଣାଇ ବହୁ ମର୍ଯ୍ୟାଦାଜନକ ସାରସ୍ୱତ ପ୍ରତିଷ୍ଠାନ ତାଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ସେ ୨୦୧୭ ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ବରିଷ୍ଠ ସାହିତ୍ୟିକ ସମ୍ମାନ, ୨୦୧୮ ରେ କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟାପୁରସ୍କାର, ବାଲେଶ୍ୱରରୁ ଫକୀରମୋହନ ସମାଲୋଚନା ସମ୍ମାନ, କଟକରୁ ପୁନର୍ନବା ଶ୍ରେଷ୍ଠ ସମାଲୋଚକ ସମ୍ମାନ, ସୋମନାଥ ସିଂ ଜଗଦେବ ସମ୍ମାନ, ଫୁଲପଡ଼ା ପ୍ରଜ୍ଞା ଜାଗୃତି ଶିକ୍ଷା ନିକେତନରୁ ରାଧାମୋହନ ଗଡ଼ନାୟକ ସମ୍ମାନ, ଜ୍ଞାନଦୀପ ସମ୍ମାନ, ଚେତନାଶ୍ରୀ ସମ୍ମାନ ପ୍ରଭୃତି ଲାଭ କରିଥିଲେ। ଅନୁଗୋଳ ଜିଲ୍ଲା ସାହିତ୍ୟ ସଂସଦ ଓ ରାଧାମୋହନ ଗଡ଼ନାୟକ ସ୍ମୃତି ପରିଷଦର ସଭାପତି ଭାବେ "ଏକଚକ୍ର' ପତ୍ରିକାକୁ ନିୟମିତ ପ୍ରକାଶ କରୁଥିଲେ। ପ୍ରଫେସର ଦାଶଙ୍କ ବିୟୋଗ ଫଳରେ ଓଡ଼ିଆ ଗବେଷଣା ଓ ଆଲୋଚନା ସାହିତ୍ୟରେ ଗୋଟିଏ ସ୍ୱର୍ଣ୍ଣିମ ଯୁଗର ଅବସାନ ହେଲା। ଆୟୁଷ କରେ ନାହିଁ ମଣିଷକୁ ଆୟୁଷ୍ମାନ, ଧନରତ୍ନ କରେ ନାହିଁ ମଣିଷକୁ ବିଭବାନ, ଅଳଙ୍କାର ପିନ୍ଧାଏ ନାହିଁ ମଣିଷକୁ କାଳଜୟୀ ହେବାର ଶିରସ୍ତ୍ରାଣ, କେବଳ ସଂସାରରେ ରହିଯାଏ ଯଶ ଓ କୀର୍ତ୍ତି, ଯାହା ତାକୁ ଆୟୁଷ୍ମାନ କରିଥାଏ। ପ୍ରଫେସର କୁମୁଦଚନ୍ଦ୍ରଙ୍କର ଅବର୍ତ୍ତମାନରେ ମଧ୍ୟ, ଆମ ସମସ୍ତଙ୍କ ହୃଦୟରେ ସେ ଏକ ଜ୍ୱଳନ୍ତ ଦୀପଶିଖା ହୋଇ ଚିରଦିନ ଜଳୁଥିବେ। ମହାନ୍ ଆତ୍ମାକୁ ମୋର ବାରମ୍ବାର ପ୍ରଣାମ। ପରିବାର ବର୍ଗଙ୍କୁ ଅଶ୍ରୁସିକ୍ତ ସମବେଦନା ଜଣାଉଛି।

ଡକ୍ଟର ଧରଣୀଧର ନାଥ
ପ୍ରାକ୍ତନ ସଭାପତି,ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

## ଅଘୋଷିତ ବିଦ୍ୟୁତ କାଟ ବନ୍ଦ ପାଇଁ ଏଆଇଇସିଏର ଦାବି

କିଶୋରନଗର,୨୭ ।୫(ସମିସ): ବାମୁର ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ କିଶୋରନଗର ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ଜନସାଧାରଣ ଗରମ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ଅଘୋଷିତ ଘନ ଘନ ବିଦ୍ୟୁତ କାଟ ବନ୍ଦ କରିବା, ଜନସ୍ୱାର୍ଥ ବିରୋଧୀ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ଟାଟା ପାୱାର ଜୁଲମ ବନ୍ଦ କରିବା ଦାବିରେ ଆଜି ଅଲ ଇଣ୍ଡିଆ ଇଲେକ୍ଟ୍ରିକ ସିଟି କଂଜୁମର୍ସ ଆସୋସିଏସନ୍ (ଏ ଆଇ ଇ ସି ଏ) ପକ୍ଷରୁ ଆମ୍ବପାଳ ପଞ୍ଚାୟତର ଖାଇରମୁଣ୍ଡା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।



ଏଥିରେ ଏ ଆଇ ଇ ସି ଏର ଜିଲ୍ଲା ଆବାହକ ତୀର୍ଥ ବାସୀ ଭୋଇ, ଲକ୍ଷ୍ମଣ ବେହେରା, ମନୋରମା ସାହୁ, ବାସନ୍ତୀ ସାହୁ ପ୍ରମୁଖ ଯୋଗଦେଇ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ କଟା ଘାରେ ଚୂନ ଦେବା ଭଳି ଟାଟା ପାୱାର ପକ୍ଷରୁଅଘୋଷିତ ବିଦ୍ୟୁତ କାଟକୁ ତୀବ୍ର ନିନ୍ଦା କରିଥିଲେ। ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରାନଗଲେ ଟାଟା ପାୱାର ଅଫିସ ସମ୍ମୁଖରେ ଆନ୍ଦୋଳନ ପାଇଁ ବିଦ୍ୟୁତ୍ ଉପଭୋକ୍ତା ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଅବସରପ୍ରାପ୍ତ ଥାନା ଅଧିକାରୀଙ୍କ ପରଲୋକ



କିଶୋରନଗର,୨୭ ।୫(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ମୟୁରକାଛେଣୀ ଗାଁର ଅବସରପ୍ରାପ୍ତ ଥାନା ଆଇଆଇସି ବ୍ରହ୍ମାନନ୍ଦ ପାତ୍ର (୬୨)ଙ୍କ ଗତକାଲି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଜଣେ ଦକ୍ଷ ପୁଲିସ ଅଧିକାରୀ ଭାବେ ବେଶ ସୁନାମ ଅର୍ଜନ କରିଥିଲେ। ସେ ଢେଙ୍କାନାଳ ଜିଲ୍ଲା ବାଲ୍ମୀ ଥାନା ଆଇଆଇସିରୁ ଅବସର ଗ୍ରହଣ କରିଥିଲେ। ମରଶରୀରକୁ ନିଜ ଗାଁ ମୟୂରକାଛେଣୀକୁ ଅଣାଯାଇ ଶେଷକୃତ୍ୟ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଶେଷଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ, ଝିଅ ପ୍ରଜ୍ଞା ପରମିତା, ଜ୍ୟୋତିର୍ମୟୀ, ପ୍ରିୟଙ୍କାଙ୍କ ସମେତ ବନ୍ଧୁ ପରିବାର ବର୍ଗ ଉପସ୍ଥିତ ଥିଲେ।

## ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ସମୀକ୍ଷା

ଅନୁଗୋଳ,୨୭ ।୫(ସମିସ): ଆଜି ଅନୁଗୋଳ ଜିଲ୍ଲା ଯୋଜନା କମିଟି କାର୍ଯ୍ୟାଳୟରେ ଦଲକ ଝରଣ ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅଶୋକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍?ାବଧାନରେ ଏହି ବୈଠକ ହୋଇଥିଲା। ଦଲକ ଝରଣ ଦ୍ୱାରା ଜଳସେଚନ ମାଧ୍ୟମରେ ଚାଷ ଓ ପାନୀୟ ଉପଯୋଗୀ କରିବା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତଃ ଡ. ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ଏହି ପ୍ରକଳ୍ପ ହୋଇଥିଲା। ଏହି ପ୍ରକଳ୍ପ ପାଇଁ ବିଗତ ୨୦୦୦ ମସିହାରେ ସାଂସଦ ଫାଣ୍ଡିରୁ ୧ କୋଟି ଟଙ୍କା ପ୍ରଦାନ କରିଥିଲେ ଓ ଏଥିରୁ ପ୍ରାୟ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏହି ପ୍ରକଳ୍ପ ହେବା ଦ୍ୱାରା ୫ଟି ଗ୍ରାମର ପ୍ରାୟ ୧୮୦ ହେକ୍ଟର ଜଳ ସେଚନ ହୋଇପାରିବ। ଏହି ପ୍ରକଳ୍ପ ପାଇଁ ୪.୬୬ ହେକ୍ଟର ପ୍ରାଇଭେଟ୍ ଜମି,୨.୫ ହେକ୍ଟର ସରକାରୀ ଜମି ଓ ୪.୮ ହେକ୍ଟର ଜଙ୍ଗଲ ଜମିରେ ଏହି ପ୍ରକଳ୍ପ ନିର୍ମାଣ ହେବାର ଅଛି। ଜମି ଅଧିଗ୍ରହଣ ପାଇଁ ପ୍ରାୟ ୧୩ ଲକ୍ଷ ୩୦ ହଜାର ୫୯୦ ଟଙ୍କା ଦିଆଯାଇଥିବା ସୂଚନା ମିଳିଛି। ଏହି ପ୍ରକଳ୍ପରେ ଜଳସେଚନ ପାଇଁ କେନାଲ ପ୍ରକ୍ରିୟା ହୋଇନଥିବା ବେଳେ ପୁନଃରୁଦ୍ଧାର ହେବାର ଆବଶ୍ୟକତା ଅଛି। ବର୍ତ୍ତମାନର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଜାଗାକୁ ବୁଲି ଦେଖିଲା ପରେ ଏହି ପ୍ରକଳ୍ପ ହେବାର ଆଶା ଉଜ୍ଜୀବିତ ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଅଧିକାରୀମାନଙ୍କୁ ତଦାରଖ ଓ ତର୍ଜମା କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭାଗୀୟ ଅଧିକାରୀ ଏସଇ ବିଦ୍ୟାଧର ସାମଲ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



## ମନ୍ଦିରରୁ ଚୋରି ସାମଗ୍ରୀ ଉଦ୍ଧାର, ଜଣେ ଗିରଫ

ନାଲକୋ ନଗର,୨୭ ।୫(ସମିସ): ନାଲକୋ ନଗର ଥାନା ଅନ୍ତର୍ଗତ କାଣ୍ଡସର ସ୍କୁଲ ସାହି ତାରିଣୀ ମନ୍ଦିରରୁ ସୋମବାର ରାତିରେ ଦୁର୍ବୃତ୍ତ ପଶି ଠାକୁରାଣୀଙ୍କ ପିତଳ ଘଣ୍ଟ, ଘଣ୍ଟା, ଜାଗର, ପୂଜାଥାଳି ପ୍ରଭୃତି ଚୋରି କରି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ତୁରଙ୍ଗ ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ରାକେଶ ବିଶ୍ୱାଳକୁ ପୁଲିସ ଗିରଫ କରିବା ସହ ଚୋରୀ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ନାମରେ ବଅଁରପାଳ, ନାଲକୋ ନଗର, ଅନୁଗୋଳ ପ୍ରଭୃତି ଥାନାରେ ପୂର୍ବରୁ ପ୍ରାୟ ୩୪ଟି ଚୋରି ମାମଲା ରହିଛି। ଅଭିଯୁକ୍ତ ବିଭିନ୍ନ ମଠ ମନ୍ଦିରରୁ ଚୋରି କରି ଜେଲ ଯାଇଥାଏ। ଜାମିନରେ ଫେରି ପୁଣି ଚୋରି କରିଥାଏ ବୋଲି ପୁଲିସ କହିଛି।

## ପେଟ୍ରୋଲ, ଡିଜେଲ ଦରବୃଦ୍ଧିର ପ୍ରତିବାଦ

# ଜିଲ୍ଲା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା




ଅନୁଗୋଳ,୨୭ ।୫(ସମିସ):

ଆଜି ସନ୍ଧ୍ୟାରେ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ୩୩ଧମହିଳା ସଂରକ୍ଷଣ ନେଇ କୁମ୍ଭୀର କାନ୍ଦଣା, ଦେଶରେ ପେଟ୍ରୋଲ, ଡିଜେଲ ଓ ଅନ୍ୟାନ୍ୟ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅପାରଗତା ନୀଟ ପ୍ରଶ୍ନ ପତ୍ରର ଲିକ୍ ଇତ୍ୟାଦି ବିରୁଦ୍ଧରେ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ କଂଗ୍ରେସ ଭବନଠାରୁ ବାହାରି ଅନୁଗୋଳ ବସଷ୍ଟାଣ୍ଡ ସ୍ଥିତ ରାଜା ସୋମନାଥ ସିଂହ ଜଗଦେବ ଛକଠାରେ ପହଞ୍ଚି ସେଠାରେ କେନ୍ଦ୍ର ସରକାର ବିରୋଧି ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବା ସହ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଉମେଶ ଚନ୍ଦ୍ର ସାହୁ, ତପନ ପ୍ରଧାନ, ନୀଳକଣ୍ଠ ନାଏକ, ଚିତ୍ତରଞ୍ଜନ ନାଏକ, ଏଲ ମାଣିକପ୍ରଭା, ପ୍ରଫୁଲ୍ଲ ଦାସ, ବିନୋଦ ମାଝୀ, ରାକେଶ ମିଶ୍ର, ରଶ୍ମିରଞ୍ଜନ ସାହୁ, ରାଜକିଶୋର ସାହୁ, ବଳବୀର ସିଂହ, ଜିତେନ୍ଦ୍ର ସାହୁ, ସଞ୍ଜୀବ ମାଣ୍ଡୋଠିଆ, ସୁଦୀପ ମିଶ୍ର, ସୁବାସ ସାହୁ, ପ୍ରଦ୍ୟୁମ୍ନ ମିଶ୍ର, ଲୁଲୁ ପାଣିଗ୍ରାହୀ, ହେମନ୍ତ ମହାଳିକ, ଅଳକାରାଣି ମହାପାତ୍ର, ପଦ୍ମିନୀ ନାଏକ, କୁନା ପୃଷ୍ଟି, ସଂଗ୍ରାମ କେଶରୀ କୁଅଁର, ନବକିଶୋର ଗଡନାୟକ, ହରେକୃଷ୍ଣ ମହାପାତ୍ର, ବିକାଶ ବାଦଶାହ, ସୌଭାଗ୍ୟ ବିଶ୍ୱାଳ, ମାନିନୀ ପ୍ରଧାନ, ଅରୁପ ସାମଲ, ଅରୁଣ ଦାସ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇଥିଲେ।

# ପିଏଚ୍‌ସିରେ ନାହିଁ ବିଦ୍ୟୁତ ସଂଯୋଗ
# କାର୍ଯ୍ୟକ୍ଷମ ହୋଇପାରୁନି ଅଂଶୁଘାତ କକ୍ଷ

ରାଇରଙ୍ଗପୁର,୨୭।୫(ସମିସ):






ରାଜ୍ୟ ସରକାର ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ମିଛ ଡିଣ୍ଡିମ ପିଟୁଥିବାବେଳେ ପ୍ରକୃତ ଚିତ୍ର ହୃଦୟ ବିଦାରକ ହେଉଛି। ଖୋଦ ରାଷ୍ଟ୍ରପତିଙ୍କ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଯାହାକି ବିଜେପି ସରକାରଙ୍କ ପାରିବା ପଣିଆକୁ ଲୋକଲୋଚନକୁ ଆଣିଛି। ଉପାନ୍ତ ଅଞ୍ଚଳରେ ଥିବା ପିଏଚ୍‌ସିରେ ବିଦ୍ୟୁତ ସଂଯୋଗ ନଥିବା ବେଳେ ୪୦ଡିଗ୍ରୀ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଅନ୍ଧାରରେ ରୋଗୀ ସେବା ହେଉଛି। ଏହିପରି ବିକଳ ଚିତ୍ର ବାମନଘାଟି ଉପଖଣ୍ଡର ବହଳଦା ବ୍ଲକ ଅନ୍ତର୍ଗତ ଅଶନା ପିଏଚସିରେ ଦେଖିବାକୁ ମିଳିଛି। ଆଦିବାସୀ ବହୁଳ ଉକ୍ତ ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପିଏଚସି ନିର୍ମାଣ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଅନେକ ଗ୍ରାମର ଲୋକେ ଉକ୍ତ ପିଏଚସି ଉପରେ ନିର୍ଭରଶୀଳ ଅଟନ୍ତି। କିନ୍ତୁ ବିଦ୍ୟୁତ ସଂଯୋଗ ନଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। କୋଭିଡ ସମୟରେ ଉକ୍ତ ପିଏଚସିରେ କରୋନା ରୋଗୀମାନେ ରହୁଥିଲେ। ପୂର୍ବରୁ ବିଦ୍ୟୁତ ସଂଯୋଗ ନଥିବାରୁ ଚିକିତ୍ସା ନିମନ୍ତେ କୋଭିଡ ଭଳି ଜରୁରିକାଳୀନ ସ୍ଥିତିରେ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନିଆଯାଇଥିଲା। ତତ୍କାଳୀନ ସରପଞ୍ଚ ବିଦ୍ୟୁତ ହୁକିଂ କରି ପିଏଚ୍‌ସିକୁ ବିଦ୍ୟୁତ ଦେଇଥିଲେ। ତେବେ କୋଭିଡ ପରିସ୍ଥିତି ପରେ ବିଦ୍ୟୁତ ସଂଯୋଗ ହେବ ବୋଲି ସୂଚନା ମିଳିଥିଲା। କିନ୍ତୁ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ହୁକିଂରେ ବିଦ୍ୟୁତ ସେବା ଜାରି ରହିଥିଲା। ପ୍ରାୟ ୩ବର୍ଷ ହେବ ବିଦ୍ୟୁତ ବିଭାଗ ଅଧିକାରୀ ମାନେ ଆସି ବିଦ୍ୟୁତ ହୁକିଂ ନେଇ ଅସନା ପିଏଚସିଠାରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଫାଇନ କାଟିବା ସହ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ। ତେବେ ଉକ୍ତ ଫାଇନ ଟଙ୍କା ଦେଇ ବିଦ୍ୟୁତ ସଂଯୋଗ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନଙ୍କୁ ବାରମ୍ବାର ଜଣାଇଥିଲେ ସୁଦ୍ଧା କୋଣସି ସୁଫଳ ମିଳିଲା ନାହିଁ। ୩ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଫାଇନ ଟଙ୍କା ପ୍ରଦାନ ହୋଇ ବିଦ୍ୟୁତ ସଂଯୋଗ ହେଲାନାହିଁ। ପିଏଚ୍‌ସି ବାୟୋୱେଷ୍ଟ-ମ୍ୟାନେଜମେଣ୍ଟ ସିଷ୍ଟମ ପାଇଁ ବିଦ୍ୟୁତ ସଂଯୋଗ ନିମନ୍ତେ ଟ୍ରାନ୍ସଫର୍ମର ମଧ୍ୟ ଲାଗିଛି। ଉକ୍ତ କାମ ପ୍ରାୟ ବର୍ଷକ ହେବ ଶେଷ ହୋଇଛି। କିନ୍ତୁ ସରକାରୀ ଅବହେଳା ଯୋଗୁଁ ଫାଇନ ଟଙ୍କା ଡିପୋଜିଟ ନହେବାରୁ ବିଦ୍ୟୁତ ସଂଯୋଗ ହେଉନାହିଁ। ଯାହା ଫଳରେ ୪୦ଡିଗ୍ରୀରୁ ଉପର ତାପମାତ୍ରାରେ ଗରମ ଅନ୍ଧାରରେ ରୋଗୀ ସେବା ଜାରି ରହିଛି। ଏମିତିକି ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ପ୍ରତି ଚିକିତ୍ସାଳୟରେ ଥିବା ଅଂଶୁଘାତ କକ୍ଷ ମଧ୍ୟ ବିଦ୍ୟୁତ ସଂଯୋଗ ନଥିବାରୁ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ମଝିରେ କିଛି ଦିନ ଜେନେରେଟର ଜରିଆରେ ବିଦ୍ୟୁତ ସଂଯୋଗ କରାଯାଇଥିଲା। ଉକ୍ତ ଜେନେରେଟର ମଧ୍ୟ ଖରାପ ହେବାରୁ ଅନ୍ଧାରରେ ରୋଗୀ ସେବା ହେଉଛି। ପୂର୍ବାହ୍ନ ଓ ଅପରାହ୍ନରେ ରୋଗୀ ସେବା ହେଉଥିବା ବେଳେ ଅସହ୍ୟ ଗ୍ରୀଷ୍ମପ୍ରବାହରେ ରୋଗୀ ସେବା କରିବାକୁ ସ୍ୱାସ୍ଥ୍ୟ କର୍ମଚାରୀମାନେ ଅତିଷ୍ଠ ହୋଇ ପଡୁଛନ୍ତି। ଦିନ ସମୟରେ ଗରମ ଓ ସନ୍ଧ୍ୟା ହେଲେ ଅନ୍ଧାରରେ ରୋଗୀ ସେବା ହେଉଛି। ଏମିତିକି ଗୁରୁତର ରୋଗୀଟି ଆସିଲେ ସ୍ୱାସ୍ଥ୍ୟ ଯାଞ୍ଚ କରିବାରେ ଅନେକ ବାଧା ସୃଷ୍ଟି ହେଉଛି। କ୍ୟାଣ୍ଡେଲ କିମ୍ବା ମୋବାଇଲ ଟର୍ଚ୍ଚ ଲାଇଟରେ ରୋଗୀ ସେବା ହେଉଛି। ବିଦ୍ୟୁତ ନଥିବାରୁ ଗୁରୁତର ରୋଗୀଙ୍କ ପାଇଁ ଟିକା ଉପଲବ୍ଧ ହୋଇପାରୁନି। ବିଦ୍ୟୁତ ନଥିବାରୁ ପାଣି ସମସ୍ୟା ଲାଗି ରହିଛି। ଲୋକଙ୍କ ଘରୁ ପାଣି ଆଣି ପିଏଚ୍‌ସିରେ ରଖାଯାଉଛି। ଖାଲି ସେତିକି ନୁହେଁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କ ଅଭାବ ମଧ୍ୟ ରହିଛି। ପୂର୍ବରୁ ଜଣେ ଆୟୁଷ ଡାକ୍ତର ଜୟନ୍ତ କୁମାର ଗିରି ଥିବା ବେଳେ ସପ୍ତାହକ ହେବ ଡାକ୍ତର ଅଭିଜିତ କିଶୋର ସାହୁ ଅସ୍ଥାୟୀ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ଅନ୍ୟାନ୍ୟ କର୍ମଚାରୀଙ୍କ ଅଭାବ ରହିଛି। ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ସ୍ଥାନୀୟ ଜନସାଧାରଣ ମାନଙ୍କ ପାଖରୁ ସମସ୍ୟା ବାବଦରେ ଖବର ପାଇ ଅଶନା ପିଏଚସି ଅନୁଧ୍ୟାନ କରିବାକୁ ଯାଇଥିଲେ। ନିରୀକ୍ଷଣ ବେଳେ ସମସ୍ୟା ବାବଦରେ ଜାଣିବାକୁ ପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଧନୁର୍ଜୟ ମହାନ୍ତଙ୍କୁ ଯୋଗାଯୋଗ କରିବାରୁ, ସେ ଘଟଣା ବାବଦରେ ଜାଣିନଥିବା କହିଛନ୍ତି। ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇ ଆସନ୍ତା ସପ୍ତାହକ ମଧ୍ୟରେ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

**● ଅସହ୍ୟ ତାତି ସାଙ୍ଗକୁ ଅନ୍ଧାରରେ ରୋଗୀ ସେବା**
**● ବ୍ୟବହାର ହେଉଛି ମୋବାଇଲ ଟର୍ଚ୍ଚ**

## ଅଂଶୁଘାତ ମୃତ୍ୟୁ ଅଭିଯୋଗ

ଉଦଳା,୨୭।୫(ସମିସ): ଅଂଶୁଘାତରେ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ତାଙ୍କର ପରିବାର ଲୋକେ ଅଭିଯୋଗ କରିଚନ୍ତି। ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ବୃନ୍ଦାଗଡ଼ି ଗ୍ରାମର କୈଳାସ ନାୟକ। କୈଳାସ ଗତକାଲି ଅପରାହ୍ଣରେ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ତେବେ ପୋଖରୀ ନିକଟରେ ସେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦଳା ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣରୁ କୈଳାସଙ୍କ ମୃତ୍ୟୁ ଘଟଛି ତାହା ସ୍ପଷ୍ଟ ହୋଇନଥିବାବେଳେ ପରିବାର ଲୋକେ ତାଙ୍କର ମୃତ୍ୟୁ ଅଂଶଘାତ ଜନିତ ବୋଲି କହିଛନ୍ତି। ଅପରପକ୍ଷରେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

## ଶିମିଳିପାଳରୁ ତିନି ଶିକାରୀ ଗିରଫ



ମହୁଲଡିହା,୨୭।୫(ସମିସ): ଶିମିଳିପାଳ ଅଭୟାରଣ୍ୟର ଡେପୁଟି ଡାଇରେକ୍ଟର (ଉତ୍ତର) ରମେଶ କୁମାରଙ୍କ ନିର୍ଦ୍ଦେଶରେ ଠାକୁରମୁଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ କର୍ମଚାରୀ ୨୭ ତାରିଖ ଭୋର ୫ ଟା ବେଳେ ହାତିଗୋଡ଼ା ଗ୍ରାମ ପଞ୍ଚାୟତ ଜାମୁଡିହା ଏବଂ ହାତିଗୋଡ଼ାରେ ଚଢ଼ଉ କରି ୩ ଜଣ ଶିକାରୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଚମ୍ପାଗଡା ବିଟ୍ ନିକଟ ଜଙ୍ଗଲରେ ଅସୁସ୍ଥତା ଯୋଗୁଁ ପ୍ରାୟ ୫୫ ବର୍ଷର ଏକ ମାଇ ହାତୀର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ହାତୀର ମୃତଦେହକୁ ଜୀବଜନ୍ତୁଙ୍କ ଖାଦ୍ୟ ଉଦ୍ଦେଶ୍ୟରେ ଛାଡ଼ି ଦିଆଯାଇଥିଲା। ୧୩ ତାରିଖ ଦିନ ଜାମୁଡିହା ଗ୍ରାମର ଦାସମାତ ମୁର୍ମୁ( ୪୩) ସୋନାର ମୁର୍ମୁ (୫୬) ହାତିଗୋଡା ଗ୍ରାମର ପାଣ୍ଡୁ ସୋରେନ (୩୮) ଜଙ୍ଗଲକୁ ଯାଇ କୁରାଢ଼ିରେ ହାଣି ହାତୀର ହାଡ଼, କଙ୍କାଳକୁ ଘରକୁ ନେଇଯାଇଥିଲେ। ଜଙ୍ଗଲରେ ଲାଗିଥିବ ଏଆଇ କ୍ୟାମେରାରେ ବନବିଭାଗ ଦେଖି ସମ୍ପୃକ୍ତ ୫ ଜଣଙ୍କୁ ଚିହ୍ନଟ କରି ଥିଲା। ୨୭ ତାରିଖ ଭୋର ୫ ଟାରେ ଠାକୁରମୁଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଦୁର୍ଗା ଚରଣ ବାସ୍କେଙ୍କ ନେତୃତ୍ୱରେ ଶିମିଳିପାଳ ଟାଇଗର ପ୍ରୋଟେକ୍ସନ ଫୋର୍ସ, ଆସିଷ୍ଟାଣ୍ଟ ପ୍ରୋଟେକ୍ସନ ଫୋର୍ସ ଏବଂ ବନବିଭାଗ କର୍ମଚାରୀ ୩ ଜଣଙ୍କ ଘରେ ଚଢ଼ଉ କରି ମୃତ ହାତୀର କଙ୍କାଳ, ଧନୁତୀର, ଫାସ ଜବତ କରି ଠାକୁରମୁଣ୍ଡା କାର୍ଯ୍ୟାଳୟକୁ ଆଣିଥିଲେ। ଠାକୁରମୁଣ୍ଡା ଶିମିଳିପାଳ ବନ୍ୟପ୍ରାଣୀ ବନାଞ୍ଚଳ କେଶ୍ ନଂ ଓଆର ୨୦/୨୦୨୬/୨୭ ରେ ମାମଲା ରୁଜୁ କରି ବାରିପଦା ସିଜିଏମ କୋର୍ଟରେ ହାଜର କରାଇଥିବା ଜଣାପଡ଼ିଛି।

## ଜଡ଼ିଦା ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ନେଲେ ନାଏବ ସରପଞ୍ଚ



କପ୍ତିପଦା,୨୭।୫(ସମିସ): କପ୍ତିପଦା ବ୍ଲକ୍ ଜଡ଼ିଦା ଗ୍ରାମପଞ୍ଚାୟତର ସରପଞ୍ଚ ଅନାସ୍ଥା ଭୋଟରେ କଟିବା ପରେ ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସରପଞ୍ଚ ମିନତୀ ରାଣୀ ମଢେଇଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ୨୦୨୫ଡିସେମ୍ବର ୧୧ତାରିଖରେ ୧୩ ଜଣ ୱାର୍ଡ ସଭ୍ୟ/ ସଭ୍ୟା ମଧ୍ୟରୁ୧୧ ଜଣ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଗୋପବନ୍ଧୁ ନଗର ବ୍ଲକ୍ ବିଡିଓଙ୍କ ଉପସ୍ଥିତିରେ ଭୋଟ ଦେଇଥିଲେ।ଆଇନ ଗତ ଲଢ଼େଇ କରି ସରପଞ୍ଚ ମିନତୀ ରାଣୀ ମଢେଇ ଏହି ପକ୍ରିୟାକୁ ଚ୍ୟାଲେଞ୍ଜ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଫଳାଫଳ ଘୋଷଣା ଉପରେ ରୋକ୍ ଲଗାଯାଇଥିଲା। ଦୀର୍ଘଦିନ ପରେ ଅପେକ୍ଷାର ଅନ୍ତ ପରେ, ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲୁପିସି ନଂ ୩୪୯୮୪ ୨୦୨୫ ନିର୍ଦ୍ଦେଶ ଅନୁଯାୟୀ କପ୍ତିପଦା ପଞ୍ଚାୟତ ସମିତି ପ୍ରାଙ୍ଗଣରେ ୱାର୍ଡ ସଭ୍ୟ/ ସଭ୍ୟା ମାନଙ୍କ ଉପସ୍ଥିତିରେ ଭୋଟ ବାକ୍ସ ଖୋଲାଯାଇ ଗଣତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏଥିରେ ମୋଟ୍ ୧୩ ଜଣ ୱାଡର୍ ସଭ୍ୟ/ ସଭ୍ୟା ଭୋଟ ଦେଇଥିବା ବେଳେ ୧୧ ଗୋଟି ଭୋଟ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଓ ୨ଗୋଟି ଭୋଟ ଅନାସ୍ଥା ପ୍ରସ୍ତାବ ବିପକ୍ଷରେ ଯାଇଥିଲା। ତେବେ ନ୍ୟାୟିକ ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅପନ୍ନାନନ୍ଦ ପୃଷ୍ଟି ନାଏବ ସରପଞ୍ଚ ବନଲତା ରଣାଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରିଛନ୍ତି।

## ଓଏଏସ୍‌ରେ କରଞ୍ଜିଆର ଝିଅ ଶତରୂପାଙ୍କ କୃତିତ୍ୱ



କରଞ୍ଜିଆ,୨୭।୫(ସମିସ): ଗତକାଲି ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷା ଫଳାଫଳରେ କରଞ୍ଜିଆର ଝିଅ ଶତରୂପା ମିତ୍ର କୃତିତ୍ୱ ହାସଲ କରିଛନ୍ତି। ସେ ସମଗ୍ର ମୟୂରଭଞ୍ଜ ଅଞ୍ଚଳ ଗର୍ବ ପାଲଟିଛନ୍ତି। ସ୍ୱର୍ଗତ ସଲିଲ ମିତ୍ରଙ୍କ ଜ୍ୟେଷ୍ଠ କନ୍ୟା ସୁଶ୍ରୀ ଶତରୂପା ମିତ୍ର ରାଜ୍ୟସ୍ତରରେ ୬୯ତମ ସ୍ଥାନ ଅଧିକାର କରି ଏହି ସଫଳତା ହାସଲ କରିଛନ୍ତି। ଶତରୂପାଙ୍କ ପିତା ସ୍ୱର୍ଗତ ସଲିଲ ମିତ୍ର ଓଲିଉଡ଼ ଜଗତର ଜଣେ ସୁନାମଧନ୍ୟ ହାସ୍ୟ ଅଭିନେତା ଥିବା ବେଳେ ମାତା ଦୀପିକା ମିତ୍ର ଜଣେ ଗୃହିଣୀ। ବାପାଙ୍କ ଦେହାନ୍ତ ପରେ ଦୁଇ ଝିଅଙ୍କୁ ଅନେକ କଷ୍ଟ ସହି ମଣିଷ କରିଥିଲେ ମାଆ। ଆଜି ଝିଅଙ୍କ ଏହି ସଫଳତା ସେହି ସଂଘର୍ଷ ଓ ପରିଶ୍ରମର ସାର୍ଥକ ପରିଣତି ବୋଲି କୁହାଯାଉଛି। ଶତରୂପା ଓ ତାଙ୍କ ସାନ ଭଉଣୀ ଦିଶା ମିତ୍ର, ଉଭୟେ ବିକାଶ କନଭେଣ୍ଟ ସ୍କୁଲର ଟପ୍ପର ଛାତ୍ରୀ ଥିଲେ। ସାନ ଭଉଣୀ ଦିଶା ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବର୍ତ୍ତମାନ ଅଧ୍ୟୟନରତ ଥିବା ବେଳେ ଶତରୂପା ଭୁବନେଶ୍ୱରରେ ରହି ଦ୍ୱାଦଶ ପରୀକ୍ଷା ପରେ ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ସ୍ୱର୍ଗତ ପିତାଙ୍କ ସ୍ୱପ୍ନକୁ ଦୁଇ ଝିଅ ସାକାର କରିଥିବାରୁ ମାଆ ଦୀପିକା ମିତ୍ର ଅତ୍ୟନ୍ତ ଖୁସି ପ୍ରକାଶ କରିଛନ୍ତି। ପରିବାରର କାକା, ଖୁଡ଼ୀ, ଭାଇ ଓ ଭଉଣୀମାନେ ମଧ୍ୟ ଶତରୂପାଙ୍କୁ ଅନେକ ଶୁଭେଚ୍ଛା ଜଣାଇଛନ୍ତି। ଶତରୂପାଙ୍କ ଏହି ସଫଳତା ପାଇଁ କରଞ୍ଜିଆ ସହ ସମଗ୍ର ମୟୂରଭଞ୍ଜ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କ ପାଇଁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟୁଛି।

## ଜାମବାଦି ଗ୍ରାମରେ ଆମ ପୁଲିସ ସମିତି ବୈଠକ



ଶୁଳିଆପଦା, ୨୭।୫ (ସମିସ): ଶୁଳିଆପଦା ପୁଲିସ ତରଫରୁ ବ୍ଲକ୍ ମହାବିଲା ପଞ୍ଚାୟତ ଜାମବାଦି ଗ୍ରାମରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁଳିଆପଦା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟନାରାୟଣ ବଳଙ୍କ ନିର୍ଦ୍ଦେଶକ୍ରମେ ଏହି ବୈଠକରେ ଶୁଳିଆପଦା ଥାନା ଏଏସଆଇ ମାର୍ଶାମୁର୍ମୁ, କନେଷ୍ଟବଳ ସବିତା ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସାଧାରଣ ଜନତାଙ୍କର ପୁଲିସ ପ୍ରତି ରହିଥିବା ଭୟ ଦୂର କରିବା ସହିତ ମଦ, ହାଣ୍ଡିଆ, ରସି ଇତ୍ୟାଦି ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବା ଓ ସାଇବର ଠକମାନଙ୍କ ଠାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସତର୍କତା ଉପରେ ଆଲୋଚନା ହୋଇଥିଲା। ପୂର୍ବତନ ମହାବିଲା ସରପଞ୍ଚ ଙ୍କ ସ୍ୱାମୀ ଗୋପୀନାଥ ନାଏକ୍ ଙ୍କ ସହିତ ଶତାଧିକ ଗ୍ରାମବାସୀ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ।ଶୁଳିଆପଦା ଥାନାର ଅନ୍ୟ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଦୁଇବର୍ଷ ହେଲାଣି ସରୁନି ପଙ୍କ ଉଦ୍ଧାର କାର୍ଯ୍ୟ

ଶୁକ୍ରୁଳି,୨୭।୫(ସମିସ): ଶୁକ୍ରୁଳି ବ୍ଲକ ଅର୍ଜୁନବିଲା ଗ୍ରାମପଞ୍ଚାୟତ ନୂଆଗାଁରେ କୃଷ୍ଣସାଗର ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ କାମ ଆରମ୍ଭ ହୋଇଥିଲା। ୨୦୨୫ ମସିହାରୁ କାମ ଆରମ୍ଭ ହୋଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କିଛି କାମ ହୋଇ ନ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। କୃଷ୍ଣସାଗର ପୋଖରୀ ଗ୍ରାମବାସୀଙ୍କୁ ଏକ ମାତ୍ର ଭରସା। ସାଂସ୍କୃତିକ, ମାଙ୍ଗଳିକ, ପାରମ୍ପରିକ କାର୍ଯ୍ୟକ୍ରମ ପାଇଁ ଏହି ପୋଖରୀ ହିଁ ଭରସା। ତା ଛଡ଼ା ନିତ୍ୟ ବ୍ୟବହାର ପାଇଁ ମଧ୍ୟ ପୋଖରୀ ଉପରେ ଗ୍ରାମବାସୀ ନିର୍ଭର କରନ୍ତି। ଗତ ବର୍ଷ ପଙ୍କ ଉଦ୍ଧାର ପାଇଁ ପୋଖରୀ ପାଣି କାଢ଼ି ଥିଲେ, ଚଳିତବର୍ଷ ମଧ୍ୟ ପଙ୍କ ଉଦ୍ଧାର ପାଇଁ ପାଣି କାଢ଼ିଥିଲେ। କିନ୍ତୁ ଅଳ୍ପ କାମ କରି କାମ ବନ୍ଦ ହୋଇ ଯାଇଛି। ଏ ବାବଦରେ ଶୁକ୍ରୁଳି ବିଡିଓଙ୍କୁ ପଚାରିବାରୁ ଶୀଘ୍ର କାମ ସରିଯିବ ବୋଲି କହିଛନ୍ତି ବିଡିଓ।



## ୫୯ ଗୋରୁ ଉଦ୍ଧାର

ବୈଶିଙ୍ଗା,୨୭।୫(ସମିସ): ମୟୂରଭଞ୍ଜ ବାଲେଶ୍ୱର ଜିଲ୍ଲା ସୀମାବର୍ତ୍ତୀ ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟପୁର, ତାଳପଦା ଓ ଦାହିବାଡି ଗ୍ରାମରେ ଗୋଟିଏ ସାଇଜର ଶତାଧିକ ଗୋରୁଗାଈଙ୍କୁ ବେଆଇନ ଭାବେ ରଖାଯାଇଥିବା ନେଇ ମୟୂରଭଞ୍ଜ ଏସ୍‌ପିଙ୍କୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ତେବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ବେତନଟୀ ଏସ୍‌ଡିପିଓଙ୍କ ନେତୃତ୍ୱରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ମୁରୁଡ଼ା ଥାନା ଅଧିକାରୀ ସୁମିତ ସୋରେନ ଓ ବେତନଟୀ ଥାନା ଅଧିକାରୀ କ୍ରିଷ୍ଣା ପିଙ୍ଗୁଆଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ପ୍ରସ୍ତୁତ କରାଯାଇଥିଲା। ପରେ ବୁଧବାର ଭୋର ୪ଟା ସମୟରେ ୨ପ୍ଲାଟୁନ ପୁଲିସ ଫୋର୍ସ ସହିତ ଉକ୍ତ ଗ୍ରାମଗୁଡ଼ିକରେ ଅତର୍କିତ ଚଢ଼ଉ କରି ପ୍ରାୟ ୧୦୦ରୁ ଅଧିକ ଗୋରୁଗାଈଙ୍କୁ ଉଦ୍ଧାର କରାଯାଇଥିବାବେଳେ ତଦନ୍ତ ପରେ ଏକାଧିକ ଘରୁଆ ଗୋରୁଗାଈଙ୍କୁ ଛାଡ଼ି ଦିଆଯାଇଥିଲା। ୫୯ଟି ଗୋରୁଙ୍କୁ ଏକତ୍ରିତ କରି ସ୍ଥାନୀୟ ମହେଶପୁର ଗ୍ରାମରେ ସୁରକ୍ଷିତ ରଖାଯାଇଥିଲା। ତେବେ ସେଠାରେ ଖିଆପିଆ ନ କରିବାରୁ ଅବସ୍ଥା ଗୁରୁତର ହେବାରୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ସେମାନଙ୍କୁ ଚାରା ଓ ପିଇବାକୁ ପାଣି ଦିଆଯାଇଥିଲା। ପରେ ୫ଟି ପିକଅପ ଦ୍ୱାରା ସେଗୁଡ଼ିକୁ ପଡ଼ୋଶୀ ବାଲେଶ୍ୱର ଜିଲ୍ଲାର ଏକ ଗୋଶାଳାକୁ ସୁରକ୍ଷିତ ଭାବେ ପଠାଯାଇଥିଲା। ବୈଶିଙ୍ଗା ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରିରଖିଛି।



## ଅଘୋଷିତ ବିଦ୍ୟୁତ୍‌କାଟ୍ ଲୋକେ ହନ୍ତସନ୍ତ / କାମ କରୁନି ଟୋଲ ଫ୍ରି' ନମ୍ବର

ସାରସକଣା,୨୭।୫(ସମିସ): ଶକ୍ତିମନ୍ତ୍ରୀ କିଛିଦିନ ତଳେ ଚିତ୍କାର କରି କରି କହିଲେ ଯେ ଏଥରକ ଯଦି ବିଦ୍ୟୁତ କାଟ ହୁଏ, ଅଘୋଷିତ ବିଦ୍ୟୁତ କାଟ ହୁଏ, ତାକୁ ଦଣ୍ଡ ଦିଆଯିବ, ତାକୁ ଜେଲ ଦିଆଯିବ। ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଝାରପୋଖରୀଆ ସେକ୍ସନ ଅଞ୍ଚଳ କିଛି ଦିନଧରି ବାରମ୍ବାର ବିଦ୍ୟୁତ୍ କାଟ ହେବାରୁ ଉପଭୋକ୍ତାମାନେ ହନ୍ତସନ୍ତ ହେଉଛନ୍ତି। ଦିନ ଓ ରାତି ଯେ କୌଣସି ସମୟରେ ବିନା ପୂର୍ବ ସୂଚନାରେ ବିଦ୍ୟୁତ୍ କାଟ ହେବାରୁ ବୟସ୍କ, ରୋଗୀ, ଛୋଟ ଛୋଟ ପିଲା ମାନେ ଅଧିକ କଷ୍ଟ ପାଉଛନ୍ତି। ଗତ ମାର୍ଚ୍ଚ ମାସରେ ଉପମୁଖ୍ୟ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସରକାର ଭାବେ ଘୋଷଣା କରିଥିଲେ ଯେ ବିଦ୍ୟୁତ୍ କାଟ ହେବନାହିଁ ଓ କାଟ କଲେ ଦାୟୀ ବ୍ୟକ୍ତି ବିରୋଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଇ ମାସ ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ କହିଛନ୍ତି। ଏହି ପ୍ରତିଶ୍ରୁତି ପରେ ମଧ୍ୟ ଅଞ୍ଚଳ ରେ ନିୟମିତ ବିଜୁଳି କାଟ ଜାରି ରହିଛି ଏହି ବାବଦରେ ବିଦ୍ୟୁତ୍ ବିଭାଗ ବିଭାଗ ଯନ୍ତ୍ର ସହ ଯୋଗାଯୋଗ କରିବାରୁ ଫୋନ୍ ରିସିଭ କରୁନାହାନ୍ତି। ବିଦ୍ୟୁତ୍ ଉପଭୋକ୍ତା ମାନଙ୍କୁ ଦେଇଥିବା ଫୋନ୍ ନଂ ବି ଲାଗୁନାହିଁ ଓ ଲାଗିଲେ ଫୋନ୍ ରିସିଭ୍ କରୁନାହାନ୍ତି ଅଧିକାରୀ ଅଭିଯୋଗ ଆଣିଛନ୍ତି ଉପଭୋକ୍ତା ମାନେ। ଏହି ସବୁ ର ସମାଧାନ କରିବାକୁ ଦାବି କରିଛନ୍ତି ଲୋକ ମାନେ।ସାରସକଣା ବ୍ଲକ ବିଜୁ ଜନତା ଦଳ ସଭାପତି ଏବଂ ଉପଭୋକ୍ତା ମାନେ ଏହି ପରିସ୍ଥିତି କୁ ଦୃଢ଼ ଭାବରେ ନିନ୍ଦା କରାଯାଇଛି। ସାରସକଣା ବ୍ଲକ ର ବିଜେଡି ବ୍ଲକ ସଭାପତି ମଣିଶଙ୍କର ବାରିକ କହିଛନ୍ତି ସରକାର ପ୍ରତିଶ୍ରୁତି ପାଳନ କରି ପାରୁନଥିବାରୁ। ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ପଡୁଛନ୍ତି। ସ୍ଥାନୀୟ ବାସିନ୍ଦାମାନେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଶୀଘ୍ର ସମାଧାନ ଦାବି କରିଛନ୍ତି।

## ଠାକୁରମୁଣ୍ଡାରେ କାଳବୈଶାଖୀ; ବ୍ୟାପକ କ୍ଷୟକ୍ଷତି

ମହୁଲଡିହା,୨୭।୫(ସମିସ): ଠାକୁରମୁଣ୍ଡା ବ୍ଲକ୍‌ରେ ସୋମବାର କାଳବୈଶାଖୀ ପ୍ରଭାବରେ ଏକାଧିକ ଗ୍ରାମ ପଞ୍ଚାୟତରେ କ୍ଷୟକ୍ଷତି ହୋଇଛି। ଠାକୁରମୁଣ୍ଡା ପଞ୍ଚାୟତରେ ୧୩ ଟି ଘରର ଆଜବେଷ୍ଟସ ଓ ଟାଇଲ ଛପର ଉଡ଼ିଯାଇଥିବା ବେଳେ ୬ ଟି ଗୁହାଳ ଘର ଭାଙ୍ଗିଯାଇଛି। ପଡିଆବେଡା ଓ ଖଣ୍ଡବନ୍ଧ ପଞ୍ଚାୟତରେ ୨୦ ଟି ଘର ଓ ୭ଟି ଗୁହାଳ ଘର ଭାଙ୍ଗିଛି। ସେଥି ମଧ୍ୟରୁ ପୂଜାରାଣୀ ପାତ୍ରଙ୍କ ଘର ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ତାଙ୍କ ଉପରେ ଗଛ ଡାଳ ପଡି ସେ ନିଜେ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କର ୧୩ ବର୍ଷର ଝିଅ ସ୍ୱିଟି ମୃତ୍ୟୁବରଣ କରିଛି। ଦିଗଧର ପଞ୍ଚାୟତରେ ୮ ଟି ଘର ଭାଙ୍ଗିଛି। ଚମ୍ପାଝର ଗ୍ରାମପଞ୍ଚାୟତର ଗିରିବେଡା ଗ୍ରାମରେ ଗୋଟିଏ ଘର ସଂପୂର୍ଣ୍ଣ ଆଜବେଷ୍ଟସ ଉଡ଼ିଯାଇଛି। ତାଳପଦା ଗ୍ରାମପଞ୍ଚାୟତରେ ୨୭ଟି ଘର ଛପର ଉଡିଯାଇଛି। ପଡିଆବେଡ଼ା ଫୁଲମତୀ ହେମ୍ବ୍ରମ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩ଟି ଶ୍ରେଣୀ କକ୍ଷର ଆଜବେଷ୍ଟସ ଉଡିଯାଇଛି। ସେହିପରି କେନ୍ଦୁଜିଆଣୀ ଗ୍ରାମ ପଞ୍ଚାୟତର ସୁନାରୀପୋଶି ଓ ଜାମପୋଶି ଗ୍ରାମ ରେ ୪ ଟି ଘର ଛପର ଉଡି ଭାଙ୍ଗିଛି। ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା କୃଷି କାର୍ଯ୍ୟାଳୟ ସେଡ ଉପରେ କୃଷ୍ଣ ଚୂଡ଼ାମଣି ଗଛ ଭାଙ୍ଗିପଡ଼ିଛି ଏବଂ ଠାକୁରମୁଣ୍ଡା କରଞ୍ଜିଆ ରାସ୍ତାର ରୁଗୁଡିବେଡା ଠାରେ ଆମ୍ବ ଗଛ ପଡ଼ି ରାସ୍ତା ଅବରୋଧ ହୋଇ ଥିଲା। ଉଭୟ ଗଛକୁ ଅଗ୍ନିଶମ ବିଭାଗ କଟରରେ କାଟି ସଫା କରିବାରୁ ଯାନବାହାନ ସ୍ୱାଭାବିକ ଚଳାଚଳ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଖବର ମୁତାବକ ଗଛ ପଡି ଭାଙ୍ଗିଥିବା ଓ ଛପର ଉଡି ଭାଙ୍ଗିଥିବା କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି ବୋଲି ସୂଚନା ମିଳିଛି।କାଳ ବୈଶାଖୀ ପବନରେ ଅନେକ ଗ୍ରାମର ଇଲେକଟ୍ରି ଖୁଣ୍ଟ ଭାଙ୍ଗି ନଷ୍ଟ ହୋଇଛି।

## ଦୁଇ ମାସହେଲା ମିଳୁନି ଭତ୍ତା; ହିତାଧିକାରୀ ହନ୍ତସନ୍ତ

ସାରସକଣା,୨୭।୫(ସମିସ): ପୂର୍ବ ସରକାର ପ୍ରତି ମାସର ୧୫ ତାରିଖରେ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ମଧୁବାବୁ ପେନସନ ଯୋଜନାରେ ଭତ୍ତା ଅର୍ଥ ପ୍ରଦାନ କରୁଥିବା ବେଳେ ଏପ୍ରିଲ୍ , ମେ ମାସ ସରିବାକୁ ବସିଲାଣି ହେଲେ ଏଯାଏଁ ଭତ୍ତା ଦେବାରେ ବିଫଳ ଡବଲ ଇଂଜିନ ସରକାର। ଇନ୍ଦିରା ଗାନ୍ଧି ଭତ୍ତା ହିତାଧିକାରୀଙ୍କୁ ମିଳିଲାନି ଏପ୍ରିଲ୍ ଓ ମଇ ମାସର ଭତ୍ତା। ମଧୁବାବୁ ପେନସନ ସୁବିଧା ହାତାହାତି ଭତ୍ତା ପାଉଥିବା ହିତାକାରୀମାନେ ବିଳମ୍ବରେ ହେଲେ ମଧ୍ୟ ଭତ୍ତା ପାଉଛନ୍ତି। ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ଭତ୍ତା ପାଉଥିବା ହିତାକାରୀ ଆଜି ପର୍ଯ୍ୟନ୍ତ ଭତ୍ତା ନପାଇ ହତୋତ୍ସାହିତ ହୋଇପଡିଛନ୍ତି। ସାରସକଣା ରେ ବ୍ଲକ୍‌ରେ ୫୧୫୪ ଜଣଙ୍କୁ ଇନ୍ଦିରା ଗାନ୍ଧୀ ପେନସନ ଯୋଜନା ରେ ଭତ୍ତା ଦିଆଯାଉଥିବା ବେଳେ। ୧୦୫୨୮ ଜଣ ହିତାଧୁକାରୀ ଙ୍କୁ ମଧୁବାବୁ ପେନସନ ଯୋଜନା ରେ ହାତାହାତି ଭତ୍ତା ପାଉଛନ୍ତି। ଏହି ଭତ୍ତା ଟଙ୍କାରୁ କିଏ ଔଷଧ କିଣୁଛି ତ ଆଉ କିଏ ତେଲ ଲୁଣ କିଣି ଜୀବନ ବିତାଉଛି। ବିଶେଷ କରି ଏହି ଭତ୍ତା ଅନେକ ଗରିବ ବୃଦ୍ଧବୃଦ୍ଧାଙ୍କ ସାହାରା ପାଲଟି ଥିବାବେଳେ ଠିକ୍ ସମୟରେ ଭତ୍ତା ମିଳୁ ନଥିବାରୁ ଏହା ହିତାଧୂକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି ଓ ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି ବ୍ୟବସ୍ଥାରେ ସୁଧାର ଆଣି ପୂର୍ବ ନବୀନ ପଟ୍ଟନାୟକ ସରକାରଙ୍କ ଭଳି ପ୍ରତି ମାସ ୧୫ ତାରିଖରେ ଭତ୍ତା ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଚାମ୍ପରୁ ବେସେରା ଙ୍କୁ ପଚାରିବାରେ ୨ ମାସ ହେଲା ଏପରି ସମସ୍ୟା ଅଛି ଓ ତେବେ, ଆସନ୍ତା ଜୁନ୍ ମାସ ସୁଦ୍ଧା ସବୁ ହିତାଧିକାରୀଙ୍କ ଆକାଉଣ୍ଟକୁ ୨ ମାସର ଭତ୍ତା ଯୋଗାଇ ଦିଆଯିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ସେ ଶ୍ରୀ ବେସେରା କହିଛନ୍ତି।

# ଲଘୁ ଖଣିଜ ଚାଲାଣ: ୩ ହାଇୱା ସହ ଜେସିବି ଜବତ

ସାରସକଣା,୨୭।୫(ସମିସ):



ସାରସକଣା ବ୍ଲକ ସାରସକଣା ତହସିଲ ସୁବର୍ଣ୍ଣରେଖା ନଦୀ ଜାମଶୋଳା ଠାରେ ବେଆଇନ ଲଘୁଖଣିଜ ଚୋରା ଚାଲାଣ ହେଉଥିବାବେଳେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉବେଳେ ୩ଟି ହାଇୱା ସହ ଗୋଟିଏ ଜେସିବି ଜବତ କରାଯାଇଛି। ଆଜି ଭୋର ସମୟରେ ଖଣି ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ବିଭାଗର ଏକ ସ୍ପେଶାଲ ଟିମ୍ ଦୁଇଟି ପୃଥକ୍ ସ୍ଥାନରେ ଚଢ଼ଉ କରିଥିଲା। ଝାରପୋଖରିଆ ଥାନା ଜାମଶୋଳା ଅଞ୍ଚଳରୁ ବେଆଇନ ଗଚ୍ଛିତ ବାଲି ଡିପୋରୁ ବାଲି ବୋଝେଇ କରୁଥିବା ଗୋଟିଏ ଜେସିବି ଏବଂ ଗୋଟିଏ ଝାଡ଼ଖଣ୍ଡର ହାଇୱାକୁ ସେମାନେ କାବୁ କରିଥିଲେ। ସେହିପରି ଅନ୍ୟ ଏକ ସ୍ଥାନ ପାଣ୍ଡରା ଘାଟରୁ ବେଆଇନ ଲଘୁଖଣିଜ ସାମଗ୍ରୀ ଲୋଡ୍ କରି ଆସୁଥିବା ଦୁଇଟି ଝାଡ଼ଖଣ୍ଡ ନମ୍ବର ହାଇୱାକୁ ଜାଳଦା ନିକଟରେ ଚଢ଼ଉ କରି ଜବତ କରାଯାଇଛି। ଏହି ବେଆଇନ ବାଲି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଚୋରା ଚାଲାଣ ନେଇ ମାଇନିଂ ବିଭାଗ ପକ୍ଷରୁ ସ୍ଥାନୀୟ ଝାରପୋଖରିଆ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସମସ୍ତ ଗାଡ଼ିକୁ ଜବତ କରି ପୁଲିସକୁ ହସ୍ତାନ୍ତର କରିଛି ମାଇନିଂ ବିଭାଗ ଏହି ବେଆଇନ୍ କାରବାର ପଛରେ ଖଳନାୟକ କିଏ ଓ କାହା ଛତ୍ରଛାୟା ତଳେ ସେ ନେଇ ରହିଛନ୍ତି ସେ ନେଇ ଅଧିକ ତଦନ୍ତ ଜାରି ରଖିବାକୁ ସାଧାରଣରେ ଚର୍ଚ୍ଚା ହେଉଛି।



# ଚକରା ଗ୍ୟାଙ୍ଗ୍‌ର ପପୁନ୍‌କୁ ଏନ୍‌କାଉଣ୍ଟର

ଭୁବନେଶ୍ୱର, ୨୭।୫ (ସମିସ): କିଛି ଦିନର ବିରତି ପରେ ପୁଣି ରାଜଧାନୀରେ ଏନକାଉଣ୍ଟର ହୋଇଛି। ଗୁଳିକରି ଖସିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ଗୁଳିରେ ଘାଇଲା ହୋଇଛି ଦୁର୍ଦ୍ଦାନ୍ତ ଚକରା ଗ୍ୟାଙ୍ଗର ସଦସ୍ୟ ପପୁନ ମାଝୀ। ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଛି। କ୍ୟାପିଟାଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା

- ବ୍ରାଉନସୁଗର ଡିଲ୍ ବେଳେ ପୁଲିସର ଚଢ଼ଉ
- ଗୁଳିକରି ଖସିବା ବେଳେ ପୁଲିସ ଗୁଳିରେ ଘାଇଲା
- ଗୋଟିଏ ବନ୍ଧୁକ, ୩ ଜୀବନ୍ତ ଗୁଳି ଓ ୨୫ ଗ୍ରାମ ବ୍ରାଉନସୁଗର ଜବତ
- ବରମୁଣ୍ଡା ଏନକାଉଣ୍ଟର ବେଳେ ଖସି ଯାଇଥିଲା
- ଗତବର୍ଷ ମଲିପଡ଼ା ଗୁଳିକାଣ୍ଡରେ ଗିରଫ ହୋଇଥିଲା



ପରେ ପପୁନକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତା'ର ଘର ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ହୋଇଥିବା ବେଳେ ସେ ଡୁମୁଡୁମା ଅଞ୍ଚଳରେ ରହୁଥିଲା।

ପୁଲିସ ସୂଚନା ଅନୁସାରେ, ପପୁନ ଗତକାଲି ବ୍ରାଉନସୁଗର ଓ ବନ୍ଧୁକ ଧରି ଜଟଣୀ ଅଞ୍ଚଳକୁ ଯୋଗାଇବାକୁ ଯାଉଥିବା ସ୍ୱ?ଶାଳ କ୍ରାଇମ୍ ୟୁନିଟ୍ (ଏସସିୟୁ)କୁ ଖବର ମିଳିଥିଲା। ସେ ଇନଫୋସିଟି ଥାନା ଅଞ୍ଚଳ ଦେଇ ଜଟଣୀ ଆଡ଼କୁ ଯାଉଥିବା ଖବରପାଇ ରାତି ପ୍ରାୟ ୨ଟା ୩୦ରେ ଏସସିୟୁ ଟିମ୍ ଅରିଶଲ ନିକଟରେ ଛକି ରହିଥିଲା। ପୁଲିସକୁ ଦେଖିବା ମାତ୍ରେ ପପୁନ ଖସିଯିବାକୁ ଚେଷ୍ଟା କରିଥିଲା। ଏମିତିକି ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସର ପାଲଟା ଗୁଳି ପପୁନର ଡାହାଣ ଗୋଡ଼ରେ ବାଜିଥିଲା ଓ ସେ ଘଟଣାସ୍ଥଳରେ ପଡ଼ି ଯାଇଥିଲା। ତା' ଠାରୁ ଗୋଟିଏ ବନ୍ଧୁକ, ୩ ଜୀବନ୍ତ ଗୁଳି, ୨୫ ଗ୍ରାମ ବ୍ରାଉନସୁଗର ଜବତ, ଗୋଟିଏ ବାଇକ୍, ମୋବାଇଲ ଫୋନ୍ ଓ ୧୫୪୦ ଟଙ୍କା ଜବତ କରିଥିଲା। କ୍ୟାପିଟାଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ପପୁନକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଡାକ୍ତରଖାନାରୁ ଡିସଚାର୍ଜ ହେବାପରେ ତାକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି। ଏନେଇ ଇନଫୋସିଟି ଥାନା ପୁଲିସ କେସ୍ ନଂ - ୧୯୨/୨୬ ରେ ୧୦୯(୧), ୧୩୨ ବିଏନ୍‌ଏସ୍, ୨୫/୨୭ ଆର୍ମ୍ସ ଆକ୍ଟ ଓ ୨୧(ବି) ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ ହୋଇଛି।



ପପୁନ ନାମରେ ପୂର୍ବରୁ ଭୁବନେଶ୍ୱର ଓ କଟକର ବିଭିନ୍ନ ଥାନାରେ ୨୦ଟି ଅପରାଧିକ ମାମଲା ରହିଛି। କୁଖ୍ୟାତ ଅପରାଧୀ ଚକରା ଓରଫ୍ ଚକ୍ରଧର ବାରିକ ଗ୍ୟାଙ୍ଗର ସଦସ୍ୟ ଭାବେ କାମ କରୁଥିଲା। ୨୦୨୨ ମେ' ମାସରେ ଖଣ୍ଡଗିରି ଥାନା ପୁଲିସ ବରମୁଣ୍ଡା ପଡ଼ିଆରେ ଚକରାକୁ ଏନକାଉଣ୍ଟର କରିଥିଲା। ସେଠାରେ ଉପସ୍ଥିତ ଥିବା ପପୁନ ଓ ସହଯୋଗୀମାନେ ଖସି ଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ସେହିପରି ଗତବର୍ଷ ମାର୍ଚ୍ଚ ମାସରେ ସରକାରୀ ଜମି ବିବାଦକୁ ନେଇ ମଲିପଡ଼ା ଅଞ୍ଚଳରେ ବିବାଦ ହୋଇଥିଲା। ପପୁନ ସେହି ସମୟରେ ରାଜା ନାମକ ଯୁବକକୁ ଗୁଳିମାଡ଼ କରିଥିଲା। ସେହିବର୍ଷ ମେ' ମାସରେ ଗିରଫ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଜାମିନରେ ଆସିଥିଲା।

● ରାଜମହଲ ଓଭରବ୍ରିଜରେ କଳା ସ୍କୋର୍ପିଓ ଆତଙ୍କ

## ବାଇକ୍ ଆରୋହୀଙ୍କୁ ସାଇଡ୍ ମାରିବା ପରେ ହାଣିଲେ

- ଏଆଇଜିଆଇଜି ଆସୋସିଏସନ୍ ସଭାପତି ଆହତ
- କ୍ୟାପିଟାଲ ଥାନାରେ ମାମଲା; ୩ ଗିରଫ



ଭୁବନେଶ୍ୱର, ୨୭।୫ (ସମିସ): ରାତିର ରାଜଧାନୀରେ ଆତଙ୍କ ଖେଳାଇଛି କଳା ରଙ୍ଗର ସ୍କୋର୍ପିଓ। ବାଇକ୍ ଆରୋହୀଙ୍କୁ ସାଇଟ୍ ମାରିବା ପରେ ଖଣ୍ଡାରେ ହାଣିଛନ୍ତି। ରାଜମହଲ ଓଭରବ୍ରିଜ୍ ଉପରେ ଏଭଳି ଘଟଣା ଘଟିଛି। ଅଲ୍ ଓଡ଼ିଶା ଗିଗ୍ କର୍ମଚାରୀ ସଙ୍ଘର ସଭାପତି ବିଜୟ ମହାପାତ୍ର ଆହତ ହୋଇଛନ୍ତି। ଅଭିଯୋଗ ପାଇବା ପରେ ୩ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଏସକେ ସମସାଦ୍, ଦୁର୍ଗା ମଲାଲ ଓ ସିପୁନ ଗୁରୁ।

ପୁଲିସ ସୂଚନା ଅନୁସାରେ, ଗତକାଲି ରାତିରେ ବିଜୟ ଓ ତାଙ୍କ ସହଯୋଗୀ ନିରଞ୍ଜନ ଦୁଇଟି ଗାଡ଼ିରେ କଳ୍ପନାରୁ ରାଜମହଲ ଆଡ଼କୁ ଆସୁଥିଲେ। ସେହି ସମୟରେ କଳା ରଙ୍ଗର ସ୍କୋର୍ପିଓ ଆସି ନିରଞ୍ଜନଙ୍କ ସ୍କୁଟିକୁ ସାଇଟ୍ ମାରି ଆଗରେ ରଖି ଦେଇଥିଲା। ପଛରେ ଆସୁଥିବା ବିଜୟ ମଧ୍ୟ ସେଠାରେ ଅଟକି ବେପରୁଆ ଗାଡ଼ି ଚାଳନା ବିଷୟରେ ପଚାରିଥିଲେ। ଏତିକିରେ ଆରମ୍ଭ ହୋଇଥିଲା ଆତଙ୍କ। କାର୍ ଭିତରୁ ୪ ଜଣ ଯାକ ବାହାରି ନିରଞ୍ଜନ ଓ ବିଜୟଙ୍କୁ ମାଡ଼ ମାରିଥିଲେ। ଧସ୍ତାଧସ୍ତି ଓ ମାରପିଟ୍ ଭିତରେ କାର୍ ଭିତରୁ ଆଉଜଣେ ବାହାରି ବିଜୟଙ୍କୁ ଖଣ୍ଡାରେ ହାଣିଥିଲା। ବିଜୟ ନିଜକୁ ବଞ୍ଚାଇବାକୁ ଉଦ୍ୟମ କରିବାରୁ ଚୋଟଟି ତାଙ୍କ ହାତରେ ବାଜିଥିଲା। ଖଣ୍ଡାରେ ଆକ୍ରମଣ କରିବା ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ଖବରପାଇ କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଜୟଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନା ନେଇଥିଲା। ବିଜୟ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସନ୍ଧ୍ୟାରେ ଏସକେ ସମସାଦ୍, ଦୁର୍ଗା ଓ ସିପୁନକୁ ଗିରଫ କରିଛି।

# ଗୋଚର ଜମିରେ ଶ୍ମଶାନ ପିଣ୍ଡି ନିର୍ମାଣ ନେଇ ଅସନ୍ତୋଷ

ବାଲିଅନ୍ତା, ୨୭।୫(ସମିସ): ବାଲିଅନ୍ତା ବ୍ଲକ ବଇଁଚୁଆ କାଜ ନିକଟସ୍ଥ ସାନ ବଇଁଚୁଆ ମୌଜାରେ ଗୋଚର ଜମିରେ ଶ୍ମଶାନ ପିଣ୍ଡି ନିର୍ମାଣ କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉକ୍ତ ଗୋଚର ଜମି ଚାରିପାର୍ଶ୍ୱରେ ଥିବା ସ୍ଥିତିବାନ ସତ୍ୱ ମାଲିକ ଏସମ୍ପର୍କରେ ବଇଁଚୁଆ ରାଜସ୍ୱ ନିରୀକ୍ଷକ, ବାଲିଅନ୍ତା

**ଅଧିକାରୀଙ୍କୁ ଆପତ୍ତି ଜଣାଇଲେ ସତ୍ୱ ମାଲିକ**



ତହସିଲଦାର, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବଇଁଚୁଆ ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ନିକଟରେ ଆପତ୍ତି ଅଭିଯୋଗ ଜଣାଇଛନ୍ତି। ଉକ୍ତ ପ୍ଲଟରେ ହେବାକୁ ଥିବା ଶ୍ମଶାନ ପିଣ୍ଡି ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବା ନେଇ ପ୍ରତିବାଦ କରିଛନ୍ତି। ଏସମ୍ପର୍କରେ ସତ୍ୱ ମାଲିକ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ଗୁହାରି କରିବେ ବୋଲି କହିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସାନ ବଇଁଚୁଆ ପ୍ଲଟ ନଂ ୧୦୭୫ରେ ୭ ଡିସିମିଲ ପରିମିତ ଗୋଚର ଜମି ରହିଛି। ଏହି ପ୍ଲଟର ଚୌହଦିରେ ୧୦ ଜଣ ସତ୍ୱ ମାଲିକଙ୍କର ଘରବାଡି କିସମ ଜମି ରହିଛି। ବାହାର ଅଞ୍ଚଳର କିଛି ନିମ୍ନ ମଧ୍ୟବିତ୍ତ ବର୍ଗର ବ୍ୟକ୍ତି ଏଠାରେ ସ୍ଥାୟୀ ଭାବେ ବାସ କରିବା ଉଦ୍ଦେଶ୍ୟରେ ଜମି କିଣିଥିଲେ। ଏବେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିଶେଷ ସରକାରୀ ଅନୁଦାନରେ ଉକ୍ତ ଗୋଚର ଜମିରେ ଶ୍ମଶାନ ପିଣ୍ଡି ନିର୍ମାଣ ନେଇ ନିଅଁ ଖୋଳିବା ସହ ବାଲି ଓ ପଥର ପକାଇଛନ୍ତି। ଜାଗା ମାଲିକମାନେ ଏନେଇ ସୂଚନା ପାଇବା ପରେ ବଇଁଚୁଆ ପଞ୍ଚାୟତ ଠାରୁ ଆରମ୍ଭ କରି ଜୟଦେବ ବିଧାୟକ, ତହସିଲ ଓ ବ୍ଲକ ପ୍ରଶାସନ ନିକଟରେ ଦୃଢ଼ ଅଭିଯୋଗ କରିଛନ୍ତି। ଜାଗା ମାଲିକମାନଙ୍କ କହିବାନୁସାରେ ନଜର ସ୍ୱଳ୍ପ ରୋଜଗାରରେ ଏଠାରେ ରହିବା ନେଇ ଜାଗା କିଣିଥିଲୁ। ଏହି ଗୋଚର ଜମରେ ଶ୍ମଶାନ ପିଣ୍ଡି କରାଗଲେ ଆଉ ଘର କରି ରହିପାରିବୁ ନାହିଁ ବୋଲି ଦୁଃଖର ସହ କହିଛନ୍ତି। ତାଛଡା ସରକାରୀ ନିୟମ ଅନୁସାରେ ରେକର୍ଡ ଅନୁସାରେ ଶ୍ମଶାନ କିସମ ସଂରକ୍ଷିତ ଜମିରେ କେବଳ ସରକାରୀ ଅନୁଦାନ ଖର୍ଚ୍ଚରେ ସେଠାରେ ଶ୍ମଶାନ ପିଣ୍ଡି ନିର୍ମାଣ କରାଯାଇପାରିବ। ଅପରପକ୍ଷରେ ବାଲିଅନ୍ତା ତହସିଲଦାର ଲିଲନ ପ୍ରସାଦ ସାହୁଙ୍କ ସୂଚନା ଅନୁସାରେ ଏନେଇ ସେ ଅବଗତ ଥିବାବେଳେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ରାଜସ୍ୱ ନିରୀକ୍ଷକ ସମୀର ବେହେରା କେବଳ ଜାଗାର ସ୍କେଜମ୍ୟାପ ଦିଆଯାଇଥିବା କହିଛନ୍ତି। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ କହିବାନୁସାରେ କାମ ଚାଲିଥିବା ଜମି ଶ୍ମଶାନ କିସମ କି ଗୋଚର ସେନେଇ ଅନୁଧ୍ୟାନ କଲାପରେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ସେହିପରି ସରପଞ୍ଚ ରଶ୍ମିତା ସାହୁଙ୍କୁ ଯୋଗାଯୋଗ କରାଯିବାରେ ସେ ଏନେଇ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ସତ୍ୱ ମାଲିକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଶ୍ମଶାନ ପିଣ୍ଡି ଅନ୍ୟତ୍ର ନିର୍ମାଣ କରାଯିବା ଦିଗରେ ଖୋର୍ଦ୍ଧା ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

ଭିକାରି ବେଶରେ ମହିଳା ଲୁଟେରା

# ପତ୍ନୀ ଲୁଟୁଥିଲେ, ସ୍ୱାମୀ ବିକୁଥିଲେ

ଭୁବନେଶ୍ୱର, ୨୭।୫ (ସମିସ): ଭିକାରି ବେଶରେ ଟ୍ରେନରେ ବୁଲୁଥିଲେ, ସୁଯୋଗ ପାଇଲେ ଯାତ୍ରୀଙ୍କ ଠାରୁ ସୁନାଗହଣା ଲୁଟି ନେଉଥିଲେ। ଯାତ୍ରୀଙ୍କ ଠାରୁ ଏଭଳି ଢଙ୍ଗରେ ଲୁଟପାଟ କରୁଥିବା ବଞ୍ଜାରା ଗ୍ୟାଙ୍ଗ ତଥା ଦୁଇ ଦମ୍ପତିଙ୍କୁ ଗିରଫ କରିଛି ଜିଆରପି ପୁଲିସ। ସେମାନେ ହେଲେ ଝାଡ଼ଖଣ୍ଡର ପ୍ରିୟା ଦେବୀ, ତାଙ୍କ ସ୍ୱାମୀ ହେମରାଜ ଗୋସ୍ୱାମୀ ଏବଂ ବିହାରର କୁମକୁମ୍ କୁମାରୀ ଓ ତାଙ୍କ ସ୍ୱାମୀ ସରୱନ ଖରୱାଲ୍। ସେମାନଙ୍କ ଠାରୁ ୧୪ ଲକ୍ଷ ଟଙ୍କାର ସୁନାଗହଣା ଜବତ କରିଛି।



- ଜିଆର୍‌ପି ଓ ଆର୍‌ପିଏଫ୍ କବଜାରେ ଦୁଇ ଦମ୍ପତି
- ଟାର୍ଗେଟରେ ଥିଲେ ଟ୍ରେନରେ ଯାଉଥିବା ଯାତ୍ରୀ
- ୧୪ ଲକ୍ଷର ଗହଣା ଜବତ

ପୁଲିସ ସୂଚନା ଅନୁସାରେ, ଗତ ସୋମବାର ଭଦ୍ରକ ଜିଲ୍ଲା ବାଂଶଡା ଥାନା ଅଞ୍ଚଳର ଜଗବନ୍ଧୁ ଦାସ ଓ ତାଙ୍କ ପତ୍ନୀଙ୍କ ସହ ଭୁବନେଶ୍ୱର ରେଳ ଷ୍ଟେସନରୁ ମହାରାଷ୍ଟ୍ର ଅଭିମୁଖେ ଯାଉଥିଲେ। ଟ୍ରେନ୍ ଛାଡ଼ିବା ପରେ ପରେ ଦୁଇ ଜଣ ମହିଳା ତାଙ୍କ ପତ୍ନୀଙ୍କ ଭ୍ୟାନିଟି ବ୍ୟାଗରୁ ସୁନା ଚେନ୍, ସୁନା ହାର, ସୁନା କାନଫୁଲ, ସୁନା ମୁଦି, ରୁପା ଅଳଙ୍କାର ସମେତ ୧୪ ଲକ୍ଷର ସୁନାଗହଣା ଚୋରିକରି ନେଇଥିଲେ। ଭିକ୍ଷାବୃତ୍ତି କରୁଥିବା ଦୁଇ ଜଣ ମହିଳା ଏହି ଚୋରି କରିଥିବା ସନ୍ଦେହ କରି ଜଗବନ୍ଧୁ ଅଭିଯୋଗ କରିଥିଲେ। ଆରପିଏଫ୍ ଏନେଇ ଜିଆରପିକୁ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଦୁଇ ଜଣ ବଞ୍ଜାରା ମହିଳା ରଙ୍ଗିଲା ଗେଟ୍ ପଟେ ଷ୍ଟେସନକୁ ପ୍ରବେଶ କରିବା ପରେ ଟିକଟ କିଣି ସମ୍ପୃକ୍ତ ଟ୍ରେନରେ ଯାତ୍ରା କରିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା।

ବୁଧବାର ସକାଳେ ଜିଆରପି ଓ ଆରପିଏଫର ମିଳିତ ସହଯୋଗରେ ୩ଟି ଟିମ୍ ଗଠନ କରାଯାଇ ପାଟ୍ରୋଲିଂ ଆରମ୍ଭ ହୋଇଥିଲା। ସେହି ଦୁଇ ସନ୍ଦେହଜନକ ମହିଳା ପୁରୁଣା କଟକ ଇଣ୍ଟରସିଟି ଏକ୍ସପ୍ରେସରେ ଚଢ଼ିବା ପରେ ପୁଲିସ ଟିମ୍ ସେମାନଙ୍କ ପିଛା କରି ମଞ୍ଚେଶ୍ୱର ଷ୍ଟେସନରେ କାବୁ କରିଥିଲେ। ପଚରାଉଚରା କରିବା ପରେ ସେମାନଙ୍କ ନାମ ପ୍ରିୟା ଓ କୁମକୁମ୍ ବୋଲି ଜଣାପଡ଼ିଥିଲା। ଦୁଇ ଜଣ ଯାକ ମିଶି ସୋମବାର ଦିନ ଟ୍ରେନରୁ ଚୋରି କରିଥିବା ସ୍ୱୀକାର କରିବା ସହ ସୁନାଗହଣା ଗୁଡ଼ିକୁ ବିକ୍ରି କରିବାକୁ ସେମାନଙ୍କ ସ୍ୱାମୀଙ୍କୁ ଦେଇଛନ୍ତି ବୋଲି କହିଥିଲେ। ଏହାପରେ ପୁଲିସ ୟୁନିଟ୍ ୪ ଅଞ୍ଚଳରେ ଚଢ଼ଉ କରି ସରୱନ ଓ ହେମରାଜକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଗୋଟିଏ ସୁନା ହାର, ୩ଟି ସୁନା ଚେନ୍, ୨ ହଳ ସୁନା କାନଫୁଲ, ସୁନା ନାକ ଫୁଲ, ରୁପା ପାଉଁଜି, ୧୦ ଗ୍ରାମ ଓଜନର ମେଲ୍ଟ ହୋଇଥିବା ସୁନା ସମେତ ଅନ୍ୟାନ୍ୟ ସୁନାଗହଣା ଜବତ କରିଥିଲା। ଏନେଇ ଜିଆରପି ପୁଲିସ ଏକ ମାମଲା ରୁଜୁ କରି ଦୁଇ ଦମ୍ପତିଙ୍କୁ ଗିରଫ କରିଛି।

# ଭଡ଼ାଘରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣାରେ ସ୍ୱାମୀ ଗିରଫ

ହଂସପାଳ, ୨୭।୫(ସମିସ): ପାହାଳ ଥାନା ଅଧୀନ ବିଷ୍ଣୁ ବିହାର ଲେନ, ୩ ଭଡ଼ା ଘରେ ରହୁଥିବା ବି.କେ ମନୀଷାଙ୍କ ଆତ୍ମହତ୍ୟା ଘଟଣାରେ ଅଭିଯୋଗକାରୀ ବିଜୟ କୁମାର ଜେନାଙ୍କ ଲିଖିତ ରିପୋର୍ଟ ଆଧାରରେ ମନୀଷାଙ୍କ ସ୍ୱାମୀ ଜଗତପୁର ଥାନା ନୂଆସାହି ଗ୍ରାମର ସୂର୍ଯ୍ୟନାରାୟଣ ଜେନା(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ସୂଚନା ଅନୁସାରେ ମୃତକ ବି. କେ ମନୀଷା ୨୦୧୪ ମସିହାରୁ ଭୁବନେଶ୍ୱରରେ ରହୁଥିଲେ। ଗତ ୨୦୨୪ ମସିହା ନଭେମ୍ବର ୨୬ ତାରିଖରେ ମନୀଷା ଏବଂ ସୂର୍ଯ୍ୟନାରାୟଣ ପ୍ରଥମେ କଟକର ବିଏନ ସନ୍ ରେଷ୍ଟୁରାଣ୍ଟରେ ସାକ୍ଷାତ କରିଥିଲେ। ପରେ, ସେମାନଙ୍କ ମଧ୍ୟରେ ବନ୍ଧୁତା ଗଢ଼ି ଉଠିଥିଲା ଏବଂ ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ, ଉଭୟ ପରିବାର ବିବାହରେ ରାଜି ହୋଇ ନ ଥିଲେ। ଫଳସ୍ୱରୂପ, ସେମାନେ ୨୦୨୫ ମସିହା ଜାନୁଆରୀ ୨୮ ତାରିଖରେ ସୂର୍ଯ୍ୟନାରାୟଣଙ୍କ ଭଉଣୀ ଏବଂ ମନୀଷା ଙ୍କ କିଛି ବନ୍ଧୁଙ୍କ ଉପସ୍ଥିତିରେ କଟକ, ମଙ୍ଗୁଳିର ବିରୁପାକ୍ଷ ମନ୍ଦିରରେ ବିବାହ କରିଥିଲେ। ମନୀଷା ନ୍ୟୁ ମାରିଅନ୍ ହୋଟେଲରେ ଏଚଆର ମ୍ୟାନେଜର ଭାବରେ କାମ କରୁଥିଲେ। କିନ୍ତୁ ପ୍ରାୟ ୮ ମାସ ପୂର୍ବରୁ ସେ ଚାକିରି ହରାଇଥିଲେ। ଗତ ୨୪ ତାରିଖ ସନ୍ଧ୍ୟାରେ ତାଙ୍କ ସ୍ୱାମୀ ସୂର୍ଯ୍ୟନାରାୟଣ ଜେନାଙ୍କ ଅନୁପସ୍ଥିତିରେ ମନୀଷା ବାହାରକୁ ଯାଇ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ଅଭିଯୁକ୍ତ ସ୍ୱାମୀ ଏହି ଘଟଣା ବିଷୟରେ ଜାଣିବା ପରେ, ସେମାନଙ୍କ ମଧ୍ୟରେ ଏକ ଭୟଙ୍କର ଝଗଡ଼ା ହୋଇଥିଲା। ପୁଣି, ୨୫ ତାରିଖ ସକାଳ ପ୍ରାୟ ୮ଟା ସମୟରେ, ସୂର୍ଯ୍ୟନାରାୟଣ ଆପାର୍ଟମେଣ୍ଟକୁ ଆସିଥିଲେ ଏବଂ ସେମାନଙ୍କ ମଧ୍ୟରେ ପୁନର୍ବାର ଝଗଡ଼ା ଆରମ୍ଭ ହୋଇଥିଲା। ପରେ ସୂର୍ଯ୍ୟନାରାୟଣ ତାଙ୍କ କାମକୁ ଚାଲିଗଲେ। ପରେ ଯେତେବେଳେ ସେ ମୃତକଙ୍କୁ ଫୋନ୍ କରି ମେସେଜ୍ କଲେ ଏବଂ କୌଣସି ଉତ୍ତର ନ ପାଇଲେ, ସେ ସନ୍ଧ୍ୟା ପ୍ରାୟ ୬ ଟାରେ ଆପାର୍ଟମେଣ୍ଟକୁ ଫେରି ଆସିଲେ ଏବଂ ମୁଖ୍ୟ ଦ୍ୱାର ଭିତରୁ ବନ୍ଦ ଥିବା ଦେଖିଲେ। ତା'ପରେ ସେ ପୋଲିସକୁ ସୂଚନା ଦେଲେ। ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ମୁଖ୍ୟ ଦ୍ୱାର ତାଲା ଭାଙ୍ଗି ଆପାର୍ଟମେଣ୍ଟ ଭିତରକୁ ପ୍ରବେଶ କରାଯାଇଥିଲା। ମନୀଷା ନିଜ ଶାଢ଼ି ସାହାଯ୍ୟରେ ସିଲିଂ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା।

କ୍ଷତାକ୍ତ ମୃତଦେହ ମିଳିବା ଘଟଣା

# ସୁନ୍ଦରପଦାରେ ଟ୍ରକ୍ ଚଢ଼ାଇଲା; ପିତାପଲ୍ଲୀରେ ଫିଙ୍ଗିଥିଲେ

ଭୁବନେଶ୍ୱର, ୨୭।୫ (ସମିସ)

ଗଙ୍ଗପଡ଼ା ମୋରମ୍ ଖଣି ନିକଟରୁ ଅଜଣା ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ଠାବ ଘଟଣାରେ ପୁଲିସକୁ ସଫଳତା ମିଳିଛି। ମୃତକଙ୍କ ପରିଚୟ ପାଇବା ସହ ଘଟଣା ଉପରେ ରହସ୍ୟ ହଟାଇଛି। ମୃତକ ହେଉଛନ୍ତି ଛତିଶଗଡ଼ ବିଳାସପୁର

- ହାଇୱା ଡ୍ରାଇଭର ଗିରଫ; ମାଲିକ ପୁଅ ଓ ମ୍ୟାନେଜର ଫେରାର୍
- କଲ୍‌ପେବଲ୍ ହୋମିସାଇଡ୍ ଓ ପ୍ରମାଣ ନଷ୍ଟ ଦଫାରେ ମାମଲା

ଜିଲ୍ଲା ଚମ୍ପା ଥାନା ଅଧୀନସ୍ଥ ଜାଙ୍ଗିର୍ ଗାଁର ଗୋବର୍ଦ୍ଧନ ଯାଦବ (୪୭)। ସୁନ୍ଦରପଦାରେ ଟ୍ରକ୍ ଚଢ଼ାଇବା ପରେ ମୃତଦେହକୁ ଆଣି ରତନପୁର କାଜୁ ଜଙ୍ଗଲରେ ଫୋପାଡ଼ି ଦେଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ହାତରେ ପ୍ରମାଣ ଲାଗିଛି। ଘଟଣାରେ ସମ୍ପୃକ୍ତ ହାଇୱା ଟ୍ରକ୍ ଡ୍ରାଇଭରକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ପିଠାଘାଇ ଗାଁର ରାମଚନ୍ଦ୍ର ଲେଙ୍କା। ଘଟଣାରେ ସମ୍ପୃକ୍ତ ମାଲିକର ପୁଅ ସୋନୁ ସୁନ୍ଦରାୟ ଓ ମ୍ୟାନେଜର ରାଜା ସ୍ୱାଇଁ ଫେରାର ରହିଛନ୍ତି।

ପୁଲିସ ସୂଚନାନୁସାରେ, ମଙ୍ଗଳବାର ସକାଳୁ ଗଙ୍ଗପଡ଼ା ମୋରମ୍ ଖଣି ରାସ୍ତାର ରତନପୁର କାଜୁ ଜଙ୍ଗଲ ନିକଟରୁ ଅଜଣା ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ପାଇଥିଲା ଇନଫୋସିଟି ଥାନା ପୁଲିସ। ମୃତକଙ୍କ ଶରୀରରେ ବାଲି ଲାଗିଥିବା ବେଳେ ଘଟଣାସ୍ଥଳରେ ଟାୟାର ଚିହ୍ନ ରହିଥିଲା। ମୃତଦେହ ମିଳିଥିଲେ ମଧ୍ୟ ମୃତକଙ୍କ ପରିଚୟ କି ମୃତ୍ୟୁର କାରଣ ଜଣା ପଡ଼ିନଥିଲା। ମୃତକଙ୍କ ପରିଚୟ ପାଇବା ପାଇଁ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯିବା ସହ ପରିଚୟ ଜଣାଇଲେ ୨୫ ହଜାର ଟଙ୍କା ପ୍ରଦାନ କରାଯିବ



ବୋଲି ପୁଲିସ ଘୋଷଣା କରିଥିଲା। ମଙ୍ଗଳବାର ଭୋର୍ ସମୟରେ ମା ଦୁର୍ଗା ଲେଖାଥିବା ଏକ ହାଇୱା ଟ୍ରକକୁ ସେହି ସ୍ଥାନରେ ଦେଖିଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଥିଲେ। ମୃତକଙ୍କ ଶରୀରରେ ବାଲି ଲାଗିଥିବା କଥାକୁ ନେଇ ସନ୍ଦେହ କରୁଥିବା ପୁଲିସ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ପରେ ଘଟଣା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରିଥିଲା। ଏମ୍‌ସ ଅଞ୍ଚଳରୁ ହାଇୱା ଟ୍ରକ୍ ଜବତ କରିବା ପରେ ପୁରା ଘଟଣା ପଦାକୁ ଆସିଥିଲା।

ଦିଲ୍ଲୀପ ମହାପାତ୍ର ସୁନ୍ଦରପଦା ଅଞ୍ଚଳରେ ଘର ନିର୍ମାଣ କରୁଥିବା ବେଳେ ମୃତକ ଗୋବର୍ଦ୍ଧନ ସେଠାରେ କେୟାର ଟେକର ଭାବେ କାମ କରୁଥିଲେ। ଦିଲ୍ଲୀପ ତାଙ୍କ ଘର ନିର୍ମାଣ ପାଇଁ ଠିକାଦାର ବଟକୃଷ୍ଣ ଜେନାଙ୍କୁ କାମ ଦେଇଥିଲେ। ବଟକୃଷ୍ଣଙ୍କ କହିବା ମୁତାବକ, ଆଇଗିଣିଆର ଡମ୍ବରୁଧର ସୁନ୍ଦରାୟ ତାଙ୍କ ହାଇୱା ଡ୍ରାଇଭର ରାମଚନ୍ଦ୍ରଙ୍କୁ ସମ୍ପୃକ୍ତ ନିର୍ମାଣାଧୀନ ସାଇଟରେ ବାଲି ପକାଇବାକୁ କହିଥିଲେ। ସୋମବାର ବିଳମ୍ବିତ ରାତିରେ ରାମଚନ୍ଦ୍ର ବାଲି ବୋଝେଇ ହାଇୱା ନେଇ ସେଠାକୁ ଯାଇଥିଲେ। ପଛ ଗିୟର୍ ପକାଇ ବାଲି ଅନଲୋଡ୍ କରିବାକୁ ଉଦ୍ୟମ କରୁଥିବା ବେଳେ ବାହାରେ ଶୋଇଥିବା ଗୋବର୍ଦ୍ଧନ ଉପରେ ଗାଡ଼ି ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୋବର୍ଦ୍ଧନ ମରିଯିବା ପରେ ରାମଚନ୍ଦ୍ର ତା'ର ମାଲିକ ଡମ୍ବରୁଧରକୁ ଫୋନ୍ କରି ଘଟଣା ବିଷୟରେ ଜଣାଇଥିଲା। ଡମ୍ବରୁଧର ନିଜ ପୁଅ ସୋନୁ ସୁନ୍ଦରାୟ ଓ ମ୍ୟାନେଜର ରାଜା ସ୍ୱାଇଁଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଏହାପରେ ରାମଚନ୍ଦ୍ର, ସୋନୁ ଓ ରାଜା ମିଶି ପ୍ରମାଣ ନଷ୍ଟ କରିବାକୁ ସୁଚିନ୍ତିତ ଯୋଜନା କରିଥିଲେ। ୩ ଜଣ ଯାକ ମିଶି ଗୋବର୍ଦ୍ଧନଙ୍କ ମୃତଦେହକୁ ହାଇୱା ଟ୍ରକରେ ନେଇ ରତନପୁର କାଜୁ ଜଙ୍ଗଲରେ ଫୋପାଡ଼ି ଫେରାର ହୋଇ ଯାଇଥିଲେ।

ଅଜଣା ମୃତଦେହ ଘଟଣାରୁ ରହସ୍ୟ ହଟିବା ପରେ ଆରମ୍ଭରୁ ଅପମୃତ୍ୟୁ ମାମଲା ରୁଜୁ କରିଥିବା ପୁଲିସ ଧର୍ତ୍ତବ୍ୟ ମାମଲା ରୁଜୁ କରିଥିଲା। କଲପେବଲ୍ ହୋମିସାଇଡ୍ ଓ ପ୍ରମାଣ ନଷ୍ଟ ଭଳି ସାଙ୍ଘାତିକ ଦଫା ଲଗାଇ ରାମଚନ୍ଦ୍ରକୁ ଗିରଫ କରିଥିବା ବେଳେ ସୋନୁ ଓ ରାଜାକୁ ଖୋଜୁଛି।

### କଲ୍‌ପେବଲ୍ ହୋମିସାଇଡ୍ କ'ଣ?

କଲପେବଲ୍ ହୋମିସାଇଡ୍ ଭଳି ଅପରାଧ ଘଟାଇଲେ ବିଏନ୍‌ଏସ୍ ଦଫା ୧୦୫ ଲାଗିବାର ପ୍ରାବଧାନ ରହିଛି। 'କ' ଓ 'ଖ' ଉଦାହରଣ ଭାବେ ନେଇପାରିବା। ଯଦିଓ କାହାରିକୁ ହତ୍ୟା କରିବା 'କ' ର ଉଦ୍ଦେଶ୍ୟ ନୁହଁ। କିନ୍ତୁ 'କ' ର କାର୍ଯ୍ୟ ଦ୍ୱାରା 'ଖ' ର ମୃତ୍ୟୁ ଘଟିଥାଏ। ଯେଉଁଠି କି 'କ' ଜାଣିଥାଏ ଯେ, ସେ କରୁଥିବା କାମ ଅତ୍ୟନ୍ତ ବିପଦଜନକ ଓ ଏହା ନିଶ୍ଚିତ ଭାବରେ 'ଖ' ର ମୃତ୍ୟୁ ଘଟାଇପାରେ କିମ୍ବା ମୃତ୍ୟୁ ହେବାର ସମ୍ଭାବନା ରହିଛି। ସେହି କ୍ଷେତ୍ରରେ ଦଫା ୧୦୫ ବିଏନ୍‌ଏସ୍‌ଏସ୍ ଲାଗିଥାଏ।

କେୟାର ଟେକର ଗୋବର୍ଦ୍ଧନ ମୃତ୍ୟୁ ଘଟଣାକୁ ଯଦି ଉଦାହରଣ ଭାବେ ନିଆଯାଏ। ଯଦିଓ ଗୋବର୍ଦ୍ଧନକୁ ହତ୍ୟା କରିବା ରାମଚନ୍ଦ୍ରର ଉଦ୍ଦେଶ୍ୟ ନୁହଁ। କିନ୍ତୁ ରାମଚନ୍ଦ୍ର ଜାଣିଥିଲା ଯେ ବେପରୁଆ ଗାଡ଼ି ଚାଳନା ଦ୍ୱାରା ଗୋବର୍ଦ୍ଧନର ପ୍ରାଣହାନୀ ହୋଇପାରେ। ଗୋବର୍ଦ୍ଧନଙ୍କୁ ହତ୍ୟା କରିବା ଯଦିଓ ରାମଚନ୍ଦ୍ରର ଉଦ୍ଦେଶ୍ୟ ନଥିଲା, କିନ୍ତୁ ତା'ର କାର୍ଯ୍ୟ ଦ୍ୱାରା ଗୋବର୍ଦ୍ଧନ ପ୍ରାଣ ହରାଇଥିଲେ। ସେଥିଲାଗି ରାମଚନ୍ଦ୍ର ବିରୋଧରେ ବିଏନ୍‌ଏସ୍ ଦଫା - ୧୦୫ (କଲପେଡଲ୍ ହୋମିସାଇଡ୍) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଗଲା।

# ବ୍ୟାସନଗରରେ ବିଜେଡିର ନାରୀ ଅଧିକାର ଅଭିଯାନ

ବ୍ୟାସନଗର,୨୭।୫(ସମିସ):



ଯାଜପୁର ଜିଲ୍ଲା ବ୍ୟାସନଗର ସହରର ବ୍ୟାସଦେବ ଟାଉନ ହଲଠାରେ ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତା ଏବଂ ଅପରିଣାମଦର୍ଶିତା ଉପରେ ବର୍ଷିଛନ୍ତି ମହିଳା ବିଜେଡି ନେତ୍ରୀ। ରାଜ୍ୟରେ ଡବଲ ଇଞ୍ଜିନ ଡବଲ ବିକାଶର ମିଛ ପ୍ରତିଶ୍ରୁତି ଦେଇ ରାଜ୍ୟବାସୀଙ୍କ ଭାବନା ସହିତ ଖେଳ ଖେଳିବା ସହିତ ଏବର ବିଜେପି ସରକାର ନାରୀ ନିର୍ଯାତନାରେ ଏକ ନମ୍ବର ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଖାଉଟି ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ୟାସନଗର ପୌରାଞ୍ଚଳ ଟାଉନ ହଲଠାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ନାରୀ ଅଧିକାର ଅଭିଯାନ ସମାବେଶରେ ଯୋଗ ଦେଇ ରାଜ୍ୟସଭା ସାଂସଦ ସୁଲତା ଦେଓ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଭବ ପ୍ରସାଦ ଦାସ, ପ୍ରାକ୍ତନ ବ୍ୟାସନଗର ନଗରପାଳିକା ତଥା ଏବର ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ୍ ପ୍ରମୁଖ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହିତ କେନ୍ଦ୍ର ସରକାର ଶତକଡ଼ା ୩୩ ଭାଗ ମହିଳା ସଂରକ୍ଷଣ ବିଲକୁ ନେଇ ଲୋକମାନଙ୍କୁ ଭୂଆଁ ବୁଲାଉଥିବା ମତବ୍ୟକ୍ତ କରିଥିଲେ।

ରାଜ୍ୟସଭା ସାଂସଦ ସୁଲତା କହିଥିଲେ କି ପ୍ରଭାବୀ ରାଜ୍ୟକୁ ଆଜି ବିଜେପି ସରକାର ଅଭାବୀ କରିଦେଲେ। ପ୍ରାକ୍ତନ ସାଂସଦ ଶର୍ମିଷ୍ଠା କହିଥିଲେ କି ମୋଦି ସରକାର ନାରୀକୁ ସମ୍ମାନ ଦେବା ପାଇଁ ଏକ ନାଟକ ଚଲାଇଛନ୍ତି। ଯେଉଁଠିକି ନବୀନ ସରକାର ନାରୀକୁ ସମ୍ମାନ ଦେଇ ସଂରକ୍ଷଣ କରିଛନ୍ତି। ଅଭିଯାନରେ ହଜାର ହଜାର ସଂଖ୍ୟାର ମହିଳା ଯୋଗ ଦେଇଥିବା ବେଳେ ଟାଉନହଲରୁ ଏକ ଶୋଭାଯାତ୍ରାରେ ବାହାରି ଏଡିଏମ କଳିଙ୍ଗନଗର କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବ୍ୟାସନଗର ନଗର ସଭାପତି ଅମୂଲ୍ୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନାରୀ ଅଧିକାର ସମାବେଶରେ ନଗର ମହିଳା ସଭାନେତ୍ରୀ ଇନ୍ଦିରା ପ୍ରିୟଦର୍ଶୀନୀ ମହାନ୍ତି, ସଂପାଦିକା ମଞ୍ଜୁଶ୍ରୀ ପଣ୍ଡା, ତପସ୍ଵିନୀ ଶତପଥୀ, ରଶ୍ମିତା ପଣ୍ଡା, ବ୍ୟାସନଗର ପୌରପାଳ ସୁବାସ ଚନ୍ଦ୍ର ବଳ, କାଉନସିଲର ଇଂ ମୋନାଲିସା ସାହୁ, କୁନି ହସଁଦା, ରଶ୍ମିତା ଖୁଣ୍ଟିଆ, ସୁଜାତା ପ୍ରିୟଦର୍ଶନୀ ପରିଡ଼ା, ସରିତା ଜେନା, ବୁଦୁନି ଦରାଇ, ଉର୍ମିଳା ପରିଡ଼ା, କୁମୁଦୁନୀ ରାଉତ, ବିଜୟ ଜେନା, ସିଦ୍ଧାର୍ଥ ଶଙ୍କର ସାମଲ, ଅଶୋକ ଦାସ, ଶିବାନନ୍ଦ ନାୟକ, ପାର୍ଥସାରଥୀ ନାୟକ, ଦିଲୀପ ସେଠୀ, ମନୋଜ ରାଉତ୍, ବିକାଶ ଆଏଚ, ମନୋଜ ପରିଡ଼ା, ପ୍ରଭାତ ରାଉତ୍, ପ୍ରଶାନ୍ତ ଖୁଣ୍ଟିଆ, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳେଇ, ଜିଲା ପରିଷଦ ସଭ୍ୟ ସସ୍ମିତା ତରେଇ, ଉମାକାନ୍ତ ମାଝୀ, କୋରେଇ ବ୍ଲକ ବିଜେଡି ସଭାପତି ସୌଭାଗ୍ୟ ମହାନ୍ତି, ଭକ୍ତବତ୍ସଳ ସ୍ୱାଇଁ, ତାରକେଶ୍ୱର ମହାନ୍ତି, ପ୍ରତାପ ମହାନ୍ତି, ସନ୍ତୋଷ ସ୍ୱାଇଁ, ପ୍ରଫୁଲ କୁମାର ଆଏଚ, ରସୁଲପୁର ବ୍ଲକ ସଭାପତି ବିଜୟ ଘଡ଼ାଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଓସିଏସ୍ ପରୀକ୍ଷାରେ ସଫଳତା



**ବିଞ୍ଝାରପୁର,୨୭।୫(ସମିସ):** ବିଞ୍ଝାରପୁର ବ୍ଲକ ଅରେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗ୍ରାମର ଶିକ୍ଷାବିତ୍ ଲଳିତ କୁମାର ରାଉତ ଓ ଯାଜପୁର ଜିଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ପରିଡାଙ୍କ ଝିଅ ଅନ୍ୱେଷା ରାଉତ ଚଳିତ ବର୍ଷର ଓସିଏସ୍ ପରୀକ୍ଷାରେ ୯୯ତମ ସ୍ଥାନ ହାସଲ କରି ସଫଳତା ଅର୍ଜନ କରିଛନ୍ତି। ଅନ୍ୱେଷା ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରରେ ଜୀବବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରୁଛନ୍ତି। ତା'ଙ୍କର ଏହି ସଫଳତା ପରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡା, କୈଳାସ ସେଠୀ, ପଦ୍ମାକର ଗୁରୁ, ବଟକୃଷ୍ଣ ନାୟକ, ସରପଞ୍ଚ କାର୍ତ୍ତିକ ଧଳ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଓସିଏ ପାଇଲେ ସତ୍ୟବ୍ରତ



**ଦାନଗଦି,୨୭।୫(ସମିସ):** ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ପଞ୍ଚାୟତ ଯଆଁର ଗ୍ରାମର ସତ୍ୟବ୍ରତ ବଳ ଓପିଏସ୍‌ସି ପରୀକ୍ଷାରେ ୭୭ତମ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ପିତା ଗୋପବନ୍ଧୁ ବଳ ଓ ମାତା ସରୋଜିନୀ ବଳଙ୍କ ଆଶୀର୍ବାଦ ଯୋଗୁ ସେ ଆଜି କୃତକାର୍ଯ୍ୟ ହୋଇ ଦେଶବାସୀଙ୍କ ସେବା କରିବାର ସୁଯୋଗ ପାଇଛନ୍ତି ବୋଲି କହିଛନ୍ତି। ଦାନଗଦି ତଥା ଟମକା ଅଞ୍ଚଳର ଗର୍ବ ଓ ଗୌରବ ମାଟିର ମହକକୁ ମହାଗିରି ପ୍ରେସ୍ କ୍ଲବ ଏବଂ କଳିଙ୍ଗନଗର ପ୍ରେସ୍ କ୍ଲବ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଦୃଷ୍ଟିବାଧିତ ଛାତ୍ର ଓସିଏସ୍‌ରେ ସଫଳ



**ଦାନଗଦି, ୨୭।୫(ସମିସ):** ଦାନଗଦି ବ୍ଲକ ରାମ୍ପିଲୋ ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର କୃଷ୍ଣଚନ୍ଦ୍ର ହେମ୍ବ୍ରମ୍ ପ୍ରକାଶିତ ଓପିଏସ୍‌ସି ପରୀକ୍ଷା ତାଲିକାରେ ୧୮୫ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। କୃଷ୍ଣଙ୍କ ଘର କେନ୍ଦୁଝର ଜିଲ୍ଲା ଖାଲିଆମେଣ୍ଟା ପାଞ୍ଚଗୋଛିଆ ଗ୍ରାମରେ ଓ ସେ ଜଣେ ଦୃଷ୍ଟିବାଧିତ। ସାମାନ୍ୟ ଦୃଷ୍ଟି ଶକ୍ତି ପାଇଁ ସେ କେବଳ ପାଠ ଶୁଣିଶୁଣି ମନେ ରଖୁଥିଲେ। ଅତ୍ୟନ୍ତ ଗରୀବ ପରିବାରର କୃଷ୍ଣଙ୍କ ପିତାମାତାଙ୍କ ପରଲୋକ ଘଟିଛି। ଉଚ୍ଚଶିକ୍ଷା ପାଇଁ କୃଷ୍ଣ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିବା ପରେ ତାଙ୍କୁ ପ୍ରଶାସନ ସହାୟତାର ହାତ ବଢାଇଥିଲା। ଓପିଏସସିରେ କୃଷ୍ଣ ସଫଳତା ପାଇବା ପରେ ଏକଲବ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ କର୍ମଚାରୀ ଖୁସି ମନାଇଛନ୍ତି।

## ପଞ୍ଚାୟତ ଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



**ବ୍ୟାସନଗର,୨୭।୫(ସମିସ):** ଯାଜପୁର ଜିଲ୍ଲା ଭୁବନେଶ୍ୱରପୁର ଗ୍ରାମ ପଞ୍ଚାୟତଠାରେ ଏକ 'ପଞ୍ଚାୟତ ଶିକ୍ଷଣ କେନ୍ଦ୍ର' (ପିଏଲ୍‌ସି) ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧି, ସରକାରୀ କର୍ମଚାରୀ ଏବଂ ସ୍ଥାନୀୟ ସରପଞ୍ଚ ମନିଦୀପା ରାୟ ଯୋଗଦେଇଥିଲେ। ଏହି ପଞ୍ଚାୟତ ଶିକ୍ଷଣ କେନ୍ଦ୍ରରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ସମ୍ମୁଖ ଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଯୁବପିଢ଼ି ଏବଂ ଗୋଷ୍ଠୀ ତଥା ଅନୁଷ୍ଠାନଗୁଡ଼ିକୁ ପଞ୍ଚାୟତ ପ୍ରଶାସନ, ପଞ୍ଚାୟତ ବିକାଶ ଯୋଜନା (ପିଡିପି), ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ, ସାମାଜିକ ଅନ୍ତର୍ଭୁକ୍ତିକରଣ, ଡିଜିଟାଲ୍ ଶାସନ ଏବଂ ନାଗରିକ-କେନ୍ଦ୍ରିକ ସେବା ପ୍ରଦାନ ଭଳି ବିଷୟ ଉପରେ ନିରନ୍ତର ଶିକ୍ଷା ପ୍ରଦାନ କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ରବି ନାରାୟଣ ବେହେରା, ଯାଜପୁର ବିଧାୟିକା ସୁଜାତା ସାହୁ, ସ୍ଥାନୀୟ ସରପଞ୍ଚ ମନଦିପା ରାୟ, ସମିତିସଭ୍ୟ ଜୟପ୍ରଦା ଦାସ, ଯୁବ ନେତା ଇଂ. ସୌମ୍ୟ ରଞ୍ଜନ ଧଳ ପ୍ରମୁଖ ସାମିଲ ହୋଇ ନିଜର ମତବ୍ୟକ୍ତ କରିଥିଲେ।

## ସିରିଜ ଟ୍ରକ୍ ଦୁର୍ଘଟଣା,୨ ଗୁରୁତର

**ପାଣିକୋଇଲି,୨୭।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍କି ନିକଟରେ ସିରିଜ ଟ୍ରକ୍ ଦୁର୍ଘଟଣା ଘଟିଛି। ରାଜପଥରେ ଏକ ଟ୍ରକ୍ ଛିଡା ହୋଇଥିବା ବେଳେ ଭଦ୍ରକରୁ ଭୁବନେଶ୍ୱର ଯାଉଥିବା ଏକ ଆଇଚର ଟ୍ରକ୍ ତାର ପଛ ପଟେ ଧକ୍କା ଦେଇଥିଲା। ଫଳରେ ଆଇଚର ସମ୍ମୁଖ ସାମନ୍ୟ ଭାଙ୍ଗିଥିବା ବେଳେ ଆଗ ଟ୍ରକ୍‌ଟି ଦୁର୍ଘଟଣା ଦେଖି ଫେରାର ହୋଇଯାଇଥିଲା। ଆଇଚର ପଛରେ ଆସାମରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଅନ୍ୟ ଏକ ଟ୍ରକ୍ ଦ୍ରୁତଗତିରେ ଧକ୍କା ହୋଇଥିଲା। ଫଳରେ ଗାଡିର ସମ୍ମୁଖ ଭାଗ ଚୁରମାର ହେବା ସହ ଚାଳକ ଓ ଖଲାସୀ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ଘଟଣାସ୍ଥଳେ ପୁଲିସ ପହଞ୍ଚି ଚାଳକ ଆସାମ କେକ୍ରୋଝରର ରଫିକୁଲ ଅଲ୍ଲୀ ଓ ଖଲାସୀ ଆସିକ ହୁସେନକୁ ଉଦ୍ଧାର କରି ଗୁରୁତର ଦ୍ୱୟଙ୍କୁ ଯାଜପୁର ମୁଖ୍ୟ ଚିକତ୍ସାଳୟ ପଠାଇଥିଲା। ପରେ ପୁଲିସ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ମହିଳାଙ୍କୁ ଆକ୍ରମଣ ଓ ଦୁଇ ଯୁବକଙ୍କୁ ପୁଲିସ ଉଠେଇ ଆଣିବା ବିରୋଧରେ ଧାରଣା

**ବଡଚଣା,୨୭।୫(ସମିସ):** ବଡ଼ଚଣା ଥାନା ଅନ୍ତର୍ଗତ ସିହା ପଞ୍ଚାୟତର କମ୍ପିରା ଗ୍ରାମରେ ଜଣ ମହିଳାକୁ ସଂଘବଦ୍ଧ ଆକ୍ରମଣ ସହିତ ୨ ଜଣ ଯୁବକଙ୍କୁ ବଡ଼ଚଣା ପୁଲିସ ବେଆଇନ୍ ଭାବେ ଉଠାଇ ଆଣିବା ପ୍ରତିବାଦରେ ଗ୍ରାମବାସୀ ଆଜି ବଡ଼ଚଣା ଥାନା ଆଗରେ ଧାରଣା ଦେଇଛନ୍ତି। ଖବରରୁ ପ୍ରକାଶ ଗ୍ରାମରେ ଥିବା ଗୋଚର ଜମିରେ ଖେଳପଡ଼ିଆ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିବାରୁ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନ ପ୍ରକାଶ ପାଇଥିଲା। ଗ୍ରାମରେ ଥିବା ଗ୍ରାମ୍ୟ ଜଙ୍ଗଲ ଖାତା ନମ୍ବର ୧୭୭, ପ୍ଲଟ ନଂ ୧୮୭ରେ ଗ୍ରାମର ସିପୁନ ସ୍ୱାଇଁ କେତେ ଜଣ ଯୁବକଙ୍କୁ ଧରି ବ୍ୟକ୍ତିଗତ ଜମିରୁ ମାଟି ଉଠାଇ ଖେଳପଡ଼ିଆ ପକାଉଥିଲେ। ଏହାକୁ ଗ୍ରାମର କିଛି ଯୁବକ ବିରୋଧ କରିଥିଲେ। ଏ ସମ୍ପର୍କରେ ଦୁଇ ଗୋଷ୍ଠୀ ବଡ଼ଚଣା ଥାନାର ଅଭିଯୋଗ କରିଥିଲେ। ଆଜି ଭୋରରୁ ବଡ଼ଚଣା ପୁଲିସ ଗ୍ରାମର ଅଶୋକ ସାମଲ ଓ ନରେଶ ବେହେରାଙ୍କୁ ଆଣି ଥାନାରେ ଅଟକ ରଖିଥିଲେ। ପରେ ଗ୍ରାମର ସିପୁନ ସ୍ୱାଇଁ, ଚକ ସ୍ୱାଇଁ, ଶରତ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ପପିଲ ସାମଲ, ଅଭିମନ୍ୟୁ ସାମଲ ସମେତ ୧୦ରୁ ଊର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ଭାବରେ ଗ୍ରାମର ପାର୍ବତୀ ବେହେରା (୬୨)ଙ୍କୁ ଆକ୍ରମଣ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ହତ୍ୟା ଧମକ ଦେବା ସହିତ ତାଙ୍କର ସମ୍ବେଦନଶିଳ ସ୍ଥାନରେ ମାଡ଼ ମାରିବା ସହିତ ପିନ୍ଧିଥିବା ଶାଢ଼ିକୁ ଟଣା ଓଟରା କରିଥିଲେ। ଫଳରେ ପାର୍ବତୀ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହାର ପ୍ରତିବାଦ କରିବା ସହିତ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଆଜି କମ୍ପୀରା ଗ୍ରାମର ମହିଳା ଓ ପୁରୁଷମାନେ ବଡ଼ଚଣା ଥାନାରେ ଧାରଣ ଦେଇଥିଲେ। ପରେ ବଡ଼ଚଣା ପୁଲିସ୍ ଅଟକ ରଖିଥିବା ଦୁଇ ଜଣ ଯୁବକଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲା। ଗ୍ରାମରେ ଏକ ଶାନ୍ତି କମିଟି ଗଠନ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ବଡ଼ଚଣା ପୁଲିସ୍ ଠାରୁ ସୂଚନା ମିଳିଛି।

## କାର୍ ସହ ବାଇକ୍ ଧକ୍କା, ଚାଳକ ଗୁରୁତର

**ପାଣିକୋଇଲି,୨୭।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ପଥପ୍ରାନ୍ତ ସୁବିଧା କେନ୍ଦ୍ର ସମ୍ମୁଖରେ କାର ସହ ବାଇକ୍ ଦୁର୍ଘଟଣା ହେବାରୁ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଯାଜପୁର ଟାଉନରୁ ଆସୁଥିବା ଏକ କାର ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିକଟରେ ରାଜପଥକୁ ଉଠୁଥିବା ବେଳେ ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ବାଇକ୍ ପଛ ପଟେ ଧକ୍କା ହୋଇଥିଲା। କାର୍‌ଟି ଘଟଣାସ୍ଥଳୁ ଫେରାର ହୋଇଯାଇଥିବା ବେଳେ ବାଇକ ଚାଳକ ଭଦ୍ରକ ତିରିଡିର ଅକ୍ଷୟ କୁମାର ଦାସ ଗୁରୁତର ଆହତ ହୋଇଥିଲେ। ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ସଦଳବଳେ ପହଞ୍ଚି ଗୁରୁତର ଆହତ ଅକ୍ଷୟକୁ ଯାଜପୁର ମୁଖ୍ୟ ଚକିତ୍ସାଳୟକୁ ପଠାଇଥିଲେ।

## ବେଦାନ୍ତ ଫେଙ୍କର କ୍ରୋମ ବିଶୋଧନ କାରଖାନାକୁ ବିରୋଧ




**ଦାନଗଦୀ,୨୭।୫(ସମିସ):** ଦାନଗଦୀ ତହସିଲ ଅନ୍ତର୍ଗତ ଟମକା ଥାନା ଅଧିନସ୍ଥ ଦେଉଳକଣ ପଞ୍ଚାୟତର ପାଟବାଲି ମୌଜାରେ ହେବାକୁ ଥିବା ବେଦାନ୍ତ ଫେଙ୍କର କ୍ରୋମ ବିଶୋଧନ କାରଖାନାକୁ ନେଇ ଦିନକୁ ଦିନ ବିରୋଧର ସ୍ୱର ତୀବ୍ର ହେବାକୁ ଲାଗିଛି। ବୁଧବାର ଜମିହରା କ୍ଷତିଗ୍ରସ୍ତ ଆଞ୍ଚଳିକ ସୁରକ୍ଷା ମଞ୍ଚ ତରଫରୁ ଏକ ପ୍ରତିବାଦ ଶୋଭାଯାତ୍ରା ସହ ସଭା କରାଯାଇ ବେଦାନ୍ତ କମ୍ପାନୀ ଗୋବ୍ୟାକର ନାରା ଦିଆଯାଇଛି। ପୂର୍ବାହ୍ନରେ ମଞ୍ଚର ବରିଷ୍ଠ ନେତା ପଞ୍ଚାନନ ଜେନା, ବିଦ୍ୟାଧର ନାୟକ, ବିପିନ୍ ପାତ୍ର, ଶୁକଦେବ ପାତ୍ରଙ୍କ ତତ୍ତ୍ୱାବଧାନରେ ଶତାଧିକ ପୁରୁଷ, ମହିଳା, ଯୁବକ ମାନେ ମା' ଖଣ୍ଡୁରାଇଙ୍କ ପୀଠରେ ଏକତ୍ରିତ ହେବା ପରେ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ପରେ ମଞ୍ଚ ତରଫରୁ ଏକ ପ୍ରତିନିଧି ଦଳ ଉପସ୍ଥିତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ ପ୍ରଦାନ କରିଥିଲେ। ଏହି ଅବସରରେ ଦାନଗଦି ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକ ଉପସ୍ଥିତ ରହିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଟମକା ଥାନା ଅଧିକାରିଣୀ ବିନତୀ ଦାସ, କାଳିଆପାଣି ଥାନା ଅଧିକାରୀ ପ୍ରକାଶ କୁମାର ପ୍ରଧାନଙ୍କ ସମେତ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ଉପସ୍ଥିତ ରହିଥିଲେ।

## ଅଶ୍ରୁମୋଚନ ପାଇବେ ରବି ଲାବଣ୍ୟ ଗୌରବ ସମ୍ମାନ

**ଧର୍ମଶାଳା,୨୭।୫(ସମିସ):** ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୯ତମ ଜୟନ୍ତୀ ଉତ୍ସବ ଆସନ୍ତା ୩୦ ତାରିଖ ଶନିବାର ଅନୁଷ୍ଠିତ ହେବାକୁ ନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ରାଜନେତା, ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କଳାକ୍ଷେତ୍ରରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଏବଂ ଶିକ୍ଷା କ୍ଷେତ୍ରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ସାହୁଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ଧର୍ମଶାଳା ବ୍ଲକର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ -୧ ପାଇଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ରବି ଲାବଣ୍ୟ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମରେ ଉପସ୍ଥାପକ ଭାବେ ଯୋଗଦେବା ସହିତ କଟକ ନବ କଳିକା ଅନୁଷ୍ଠାନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯିବ ବୋଲି ଜଣାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ଟ୍ରମା କେୟାର ଟ୍ରାନ୍ସଫର୍ମର ଚୋରି

**ପାଣିକୋଇଲି,୨୭।୫(ସମିସ):** ବର୍ଷକ ତଳେ ପାଣିକୋଇଲି ଟ୍ରମା କେୟାରେ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫରରୁ କଏଲ ଚୋରି ହୋଇ ହେବା ସହ ଥାନାରେ ମାମଲା ମଧ ରୁଜୁ କରାଯାଇଥିଲା। ପୁଣି ଟ୍ରମା କେୟାରରେ ଲାଗିଥିବା ଏକ ୭୫୦ କେଭି ଟ୍ରାନ୍ସଫରରୁ କପର କଏଲ ଚୋରି ହୋଇଛି। ଏନେଇ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କୋମଳ କୁମାର ସ୍ୱାଇଁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଚୋରିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତ ରହିଛି। ଥାନାର ଅନତୀ ଦୂରରେ ଥିବା ଟ୍ରମା କେୟାରରେ ଜଗୁଆଳି ଥିବା ସତ୍ତ୍ୱେ ଚୋରି କିପର ବାରମ୍ବାର ହେଉଛି ତାହା ବଡ ପ୍ରଶ୍ନବାଚୀ ହୋଇଛି।

## ଗ୍ରାମାଞ୍ଚଳ ରାସ୍ତାରେ ବାଲିଗାଡ଼ିକୁ ବିରୋଧ

**ପାଣିକୋଇଲି,୨୭।୫(ସମିସ):** ଗ୍ରାମଞ୍ଚଳ ରାସ୍ତାରେ ବାଲି ଭାରୀଯାନ ଚଳାଚଳ ଯୋଗୁ ଗ୍ରାମାଞ୍ଚଳ ରାସ୍ତା ଭାଙ୍ଗିରୁଜି ଚୁରମାର ହୋଇଯାଉଛି। ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ରାସ୍ତାରେ ବାଲି ଭାରୀଯାନ ଚଳାଚଳ କରିବାରୁ ରାସ୍ତା ଖରାପ ଦେଖି ଗ୍ରାମବାସୀ ଏହାକୁ ବିରୋଧ କରି ଗାଡି ଛାଡୁନଥିଲେ। ଫଳରେ ବାଲି ଭାରୀଯାନ ଚଳାଚଳ ବନ୍ଦ ରହିଥିଲା। ଆଜି ପୁଣି ବାଲି ହାଇୱା ଅମୃତିଆ ରାସ୍ତାରେ ଚଳାଚଳ କରିବାରୁ ଗ୍ରାମାବସୀ ବାଲି ଗାଡିକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଫଳରେ ଗ୍ରାମାବସୀ ଅଟକ ରଖିଥିବା ସ୍ଥଳରେ ପାଣିକୋଇଲି ପୁଲିସ ଯାଇ ପହଞ୍ଚିଥିଲା। ଗ୍ରାମବାସୀ ତାଙ୍କ ଗ୍ରାମ ଉନ୍ନୟନ ବିଭାଗ ରାସ୍ତାରେ ବାଲି ଭାରୀଯାନ ଗାଡି ଛାଡି ରାସ୍ତା ନଷ୍ଟ କରିବାକୁ ଦେବେନାହିଁ ବୋଲି ଜିଦରେ ଅଟଳ ରହିଥିଲେ। ଫଳରେ ବାଲି ଭାରୀଯାନକୁ ପୁଲିସ ଉପସ୍ଥିତିରେ ସେଠାରୁ ଫେରାଇ ଦିଆଯାଇଥିଲା।

● ନାବାଳିକା ଅପହରଣ ଓ ଦୁଷ୍କର୍ମ ଘଟଣା

## ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ



**ଯାଜପୁର,୨୭।୫(ସମିସ):** ନାବାଳିକାକୁ ଅପହରଣ କରି ଦୁଷ୍କର୍ମ ଘଟଣାରେ ୨୦ବର୍ଷ ପାଇଁ ଜେଲ ଗଲେ ଅଭିଯୁକ୍ତ। ୨୦୨୫ ମସିହା ଯାଜପୁର ରୋଡ୍ ଥାନା ଅଞ୍ଚଳର ରାହୁଲ ଘଡ଼ାଇ ଜୈନିକ ୧୬ବର୍ଷୀୟ ନାବାଳିକାକୁ ଅପହରଣ କରି ଭଦ୍ରକରେ ୨ଦିନ ରଖି ନାବାଳିକା ସହ ବାରମ୍ବାର ଦୁଷ୍କର୍ମ କରିଥିଲେ। ପଇସା ସରିଯିବାରୁ ନାବାଳିକାକୁ ଆଣି ନିଜ ଘରେ ଛାଡି ଥିଲା ଅଭିଯୁକ୍ତ। ତାଙ୍କ ଘରେ ନାବାଳିକାକୁ ଗ୍ରହଣ ନ କରି ଭଦ୍ରକର ଏକ ରାସ୍ତାରେ ଛାଡିଦେଇଥିଲେ। ପରେ ନାବାଳିକା ନିଜ ବାପା ମା'କୁ ଏହି ଘଟଣା ଜଣାଇବା ପରେ ନାବାଳିକାକୁ ଉଦ୍ଧାର କରି ଯାଜପୁର ରୋଡ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତ ରାହୁଲକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଆଜି ଏହି ମାମଲାର ଶୁଣାଣି କରିଛନ୍ତି ଯାଜପୁରର ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଅଦାଲତ। ୬ ଜଣଙ୍କ ସାକ୍ଷ୍ୟକୁ ଗ୍ରହଣ କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଏଥି ସହିତ ଅନାଦୟ ୬ ମାସ ଅଧିକ କାରାଦଣ୍ଡାଦେଶ ସହ ପୀଡ଼ିତାଙ୍କୁ ୨ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଆଇନସେବା ପ୍ରାଧିକରଣକୁ ମଧ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ଶରତ କୁମାର ଦେହୁରୀ। ଏହି ମାମଲାକୁ ସରକାରୀ ଓକିଲ ଦିଲ୍ଲୀପ କୁମାର ଦାସ ପରିଚାଳନା କରିଛନ୍ତି।

## ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

**ପାଣିକୋଇଲି,୨୭।୫(ସମିସ):** ପାଣିକୋଇଲି ରଗଡି ରାସ୍ତାର ଅମୃତିଆ ରାସ୍ତା ଆରମ୍ଭରେ ଜଣେ ବାଇକ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଣାର ଶିକାର ହୋଇଛି। ଗୁରୁତର ଆହତ ପଥରପଦା ଗ୍ରାମର ଗଦାଧର ନାୟକଙ୍କ ପୁଅ ଗୌତମ ବୋଲି ଜଣାପଡିଛି। ଦୁର୍ଘଟଣାର ସଠିକ କାରଣ ଜଣାପଡିନଥିଲେ ବି ସେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିବା କୁହାଯାଉଛି। ତାକୁ ପ୍ରଥମେ ଯାଜପୁର ଓ ପରେ କଟକସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଗୌତମ ଏକ ବାଇକରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ ତାଲିମ କାର୍ଯ୍ୟକ୍ରମ

**ଯାଜପୁର,୨୭।୫(ସମିସ):** ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ପ୍ରକ୍ରିୟାକୁ ସୂଚାରୁ ରୂପେ ତୁଲାଇବା ପାଇଁ ଆଜି ସୁକିନ୍ଦା, ବରୀ, ଧର୍ମଶାଳା, ବିଞ୍ଝାରପୁର, ଯାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାନଗଦି, ରସୁଲପୁର, ଦଶରଥପୁର, କୋରେଇ, ବରୀ, ବିଞ୍ଝାରପୁର, ଯାଜପୁର ବ୍ଲକ, ଯାଜପୁର ମୁନିସିପାଲିଟିରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ଏସଆଇଆର ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସଆଇଆର୍ ସମୟ ସାରଣୀ, ଏନୁମେରେସନ୍ ଫର୍ମ ବିତରଣ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା ଇତ୍ୟାଦି ସମ୍ପର୍କରେ ତାଲିମ ଦିଆଯାଇଛି। ଏହାସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା କ୍ରମେ ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସତର୍କତା ନିୟମାବଳୀ ଅବଲମ୍ବନ କରି କାର୍ଯ୍ୟ ସମ୍ପାଦନ କରିବାକୁ ବିଏଲଓମାନଙ୍କୁ ପରାମର୍ଶ ଦିଆଯାଇଛି। ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବିଡ଼ିଓ, ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ।

## ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

**ମଙ୍ଗଳା,୨୭।୫(ସମିସ):** ବିଞ୍ଝାରପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରତିକାନ୍ତ ସାମଲଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକମାନେ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ଶ୍ରୀଯୁକ୍ତ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ରତନଲାଲ ଭୂୟାଁ, ସଂଗ୍ରାମ କେଶରୀ ସାମଲ, ବିଶ୍ୱମ୍ବର ସାମଲ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସଭାପତି ରଶ୍ମି ରଞ୍ଜନ ଧଳ, ସମ୍ପାଦକ ଦେବେନ୍ଦ୍ର ନାୟକ, ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମାନେ ଯୋଗଦାନ କରିଥିଲେ। ପ୍ରିୟଦର୍ଶିନୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଖରିଫ୍ ଧାନ ସଂଗ୍ରହ ପାଇଁ ସଚେତନତା ରଥ

ଯାଜପୁର,୨୭।୫(ସମିସ):



ଖରିଫ ୨୦୨୫-୨୬ ବିପଣନ ଋତୁରେ ରବି ଧାନ ସଂଗ୍ରହ ପାଇଁ ଚାଷୀଙ୍କ ସଚେତନତା ନିମନ୍ତେ ପ୍ରଚାର ରଥକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଚଳିତ ଖରିଫ ବିପଣନ ବର୍ଷ ନିମନ୍ତେ ପଞ୍ଜିକୃତ ଚାଷୀ ଭାଇ ଭଉଣୀମାନଙ୍କଠାରୁ ୩୦ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କ୍ରୟ କରାଯାଉଛି। ପଞ୍ଜିକୃତ ଚାଷୀମାନେ ସମ୍ପୃକ୍ତ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନଙ୍କ ସହ ଯୋଗାଯୋଗ କରି ସେମାନଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ ଧାନ କ୍ରୟ ସମ୍ବନ୍ଧରେ ଆସିଥିବା ବାର୍ତ୍ତା (ଟୋକନ ନମ୍ବର, ତାରିଖ, ଧାନର ପରିମାଣ ଇତ୍ୟାଦି) ଅନୁସାରେ ନିର୍ଦ୍ଧାରିତ ତାରିଖ ଓ ପରିମାଣ ଅନୁଯାୟୀ ବିକ୍ରିଯୋଗ୍ୟ ବଳକା ଧାନ ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଚଳିତ ଖରିଫ ଧାନ କ୍ରୟରେ ବଡ଼ଚଣା, ବିଞ୍ଝାରପୁର, ଦଶରଥପୁର, ଯାଜପୁର, କୋରେଇ, ସୁକିନ୍ଦା ବ୍ଲକର ପ୍ରାଥମିକ କୃଷି ସମବାୟ ସମିତି ଅଂଶଗ୍ରହଣ କରୁଛନ୍ତି। ଚଳିତ ଖରିଫ ବର୍ଷରେ ଜିଲ୍ଲାରେ ମୋଟ ୪୬୦୩ ଜଣ କୃଷକ ପଞ୍ଜୀକରଣ କରିଛନ୍ତି। ଏହି ପ୍ରଚାର ରଥ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଡିଆର୍‌ସିଏସ ଅମୂଲ୍ୟ କୁମାର ସେଠୀ, ସହକାରୀ ନିବନ୍ଧକ ନିହାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଭୁବନେଶ୍ୱର ସିଟି

# ‘ଖୁସି’ରୁ ବଞ୍ଚିତ ରାଜଧାନୀ ଉପକଣ୍ଠର ମହିଳା ଓ କିଶୋରୀ

ଭୁବନେଶ୍ୱର, ୨୭ ।୫(ସମିସ)

କିଶୋରୀ ଓ ମହିଳାମାନଙ୍କ ପାଇଁ ମାସିକ ଋତୁସ୍ରାବ ଏକ ପ୍ରାକୃତିକ ଏବଂ ସ୍ୱାଭାବିକ ପ୍ରକ୍ରିୟା। ଏହା ମାନସିକ, ଶାରୀରିକ ବିକାଶ ଏବଂ ସୁସ୍ଥତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ପ୍ରତ୍ୟେକ ମହିଳାଙ୍କୁ ପ୍ରକୃତିର ଏହି ନିୟମ ଓ ସମୟ ଦେଇ ଅତିକ୍ରମ କରିବାକୁ ହୁଏ। ବର୍ତ୍ତମାନ ଏ ସମ୍ପର୍କରେ ପରିବାର, ବନ୍ଧୁ, ସମସ୍ତଙ୍କ ସହ ଆଲୋଚନା କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଜାତିସଂଘର ଚିରନ୍ତନ ବିକାଶ ଲକ୍ଷ୍ୟ(ଏସ୍‌ଡିଜି)ରେ ଋତୁସ୍ରାବ ଜନିତ ସ୍ୱଚ୍ଛତାକୁ ସାମିଲ୍ କରିଛି। ଏହି କାରଣରୁ ପ୍ରତି ବର୍ଷ ମଇ ୨୮ ତାରିଖକୁ ‘ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ’ ଭାବେ ପାଳନ କରାଯାଏ। ବିଭିନ୍ନ ବେସରକାରୀ ସଂସ୍ଥା, ବ୍ୟକ୍ତିବିଶେଷ ଓ ସରକାରୀ ଭାବେ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଅନେକ ସ୍ଥାନରେ ସରକାରଙ୍କ ତରଫରୁ ମାଗଣାରେ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ବିନାମୂଲ୍ୟରେ ନାପ୍‌କିନ୍ ଯୋଗାଇ ଦିଆଯାଉଛି। ହେଲେ ସରକାରୀ ଯୋଜନା ଯେ ଅନେକଙ୍କ ପାଇଁ ସ୍ୱପ୍ନ ପାଲଟିଛି ତାହା ଆଜିର ଦିନରେ ଅବିଶ୍ୱାସନୀୟ ହୋଇଥିଲେ ମଧ୍ୟ ସତ। ରାଜଧାନୀ ଭୁବନେଶ୍ୱରରୁ ମାତ୍ର ୨୦କିମି ଦୂରରେ ରହିଥିବା କନ୍ଦଲେଇ ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଉଦାହରଣ। ଏଠାରେ ମହିଳା ଓ କିଶୋରୀମାନେ ପ୍ରାୟ ଦେଢ଼ବର୍ଷ ହେବ ସାନିଟାରୀ ନାପକିନ୍ ପାଇବାକରୁ ବଞ୍ଚିତ ହୋଇଥିବା ସୂଚନା ରହିଛି। ସେହିପରି ଡମପଡ଼ା ପଞ୍ଚାୟତ ଅଧିନସ୍ଥ ପିଠାଖିଆ, ଢ଼ୋଲାକାଠ, ଡାହାଣାଗାଡ଼ିଆ, ବେହେଣ୍ଡା ସାହି ଆଦି ୫ଟି ଗାଁର ମଧ୍ୟ ସମାନ ସ୍ଥିତି। ରାଜଧାନୀ ଉପକଣ୍ଠ ଛତାବର ଗ୍ରାମ ପଞ୍ଚାୟତ ବିଞ୍ଝଗିରି ଅଧୀନରେ ରହିଥିବା କନ୍ଦଲେଇ ମୁଣ୍ଡାସାହି ଗ୍ରାମରେ ମହିଳା ଓ କିଶୋରୀ ମାନେ ମାସିକ ଋତୁସ୍ରାବ ସମୟରେ କପଡ଼ା ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ସହରୀ ସଭ୍ୟତା ଠାରୁ ଏକପ୍ରକାର ବିଚ୍ଛିନ୍ନାଞ୍ଚଳ ଭାବେ ରହିଯାଇଥିବା ଏହି ଆଦିବାସୀ ଗ୍ରାମରେ ବାସ କରନ୍ତି ପ୍ରାୟ ୨୦୦ ପରିବାର। ସେମାନଙ୍କ ମଧ୍ୟରେ ରହିଛନ୍ତି ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ମହିଳା ଓ ୨୦ରୁ ଉର୍ଦ୍ଧ୍ୱ ଜଣ କିଶୋରୀ। ଏଠାରେ ବାସ କରୁଥିବା ପ୍ରତ୍ୟେକ ପରିବାରର ସଦସ୍ୟ ମଜୁରୀ ଖଟିଲେ ସେମାନଙ୍କ ପରିବାରର ଚୁଲି ଜଳେ। ତେଣୁ ସେମାନେ ବଜାରରୁ ପ୍ରତି ମାସରେ ସାନିଟାରୀ ପ୍ୟାଡ୍ କିଣିବା ସମ୍ଭବ ହେଉ ନ ଥିବାରୁ କପଡ଼ା ବ୍ୟବହାର କରୁଥିବା କହିଛନ୍ତି। ଏଠାରେ ଏବେବି ଅନେକ ମହିଳା ଓ କିଶୋରୀ ଏହାକୁ ପାରମ୍ପରିକ ସାମାଜିକ ଲଜ୍ଜା ଭାବେ ଗ୍ରହଣ କରିନେଇଛନ୍ତି। ସରକାରଙ୍କ ଦ୍ୱାରା ସୁଲଭ ମୂଲ୍ୟରେ ମହିଳା ଓ କିଶୋରୀଙ୍କ ପାଇଁ ସାନୀଟାରୀ ପ୍ୟାଡ୍ ଯୋଗାଇ ଦିଆଯାଉଥିବା ବେଳେ ଏହି ଗ୍ରାମର ମହିଳାମାନେ ଏବେବି କପଡ଼ା ବ୍ୟବହାର କରୁଛନ୍ତି, ଯାହା ଋତୁସ୍ରାବ ସମୟରେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟଗତ ପ୍ରସଙ୍ଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ସମୟରେ କୌଣସି ପ୍ରକାର ଗର୍ଭାଶୟ ସଂକ୍ରମଣ ଏବଂ ଭବିଷ୍ୟତରେ ଜରାୟୁଜନିତ ଗୁରୁତର ରୋଗରୁ ରକ୍ଷା ପାଇବାକୁ ହେଲେ ମହିଳା ଓ କିଶୋରୀମାନେ ଋତୁସ୍ରାବଜନିତ ପରିଚ୍ଛନ୍ନତା ରକ୍ଷା କରିବା ଏକାନ୍ତ ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ସଂଗଠକ ଓ ବିଶେଷଜ୍ଞ ପରାମର୍ଶ ଦେଉଛନ୍ତି। ବିଶେଷକରି ବାଳିକାଙ୍କୁ ଋତୁସ୍ରାବ ସଂକ୍ରମଣରୁ ସୁରକ୍ଷା ଦେବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ‘ଖୁସି’ ଯୋଜନା ଆରମ୍ଭ ହୋଇଥିଲା। ତେବେ ଗ୍ରାମର ମହିଳାଙ୍କ କହିବା ଅନୁସାରେ ପ୍ରାୟ ଦେଢ଼ବର୍ଷ ପୂର୍ବରୁ ଏଠାରେ ଅଶା ଦିଦିଙ୍କ ମାଧ୍ୟମରେ ୬ଟଙ୍କାରେ ସାନିଟାରୀ ପ୍ୟାଡ୍ ମିଳୁଥିବା ବେଳେ ଦିର୍ଘମାସ ହେବ ତାହା ମିଳୁ ନାହିଁ। ହେଲେ ମାସିକ ଋତୁସ୍ରାବ ଏକ ପ୍ରାକୃତିକ ପ୍ରକ୍ରିୟା ହୋଇଥିବାରୁ ଏବାବଦରେ ଗୋଟିଏ ପରିବାରରେ ମହିଳା ଓ କିଶୋରୀଙ୍କ ମାସିକ ଖର୍ଚ୍ଚ ତୁଲାଇବା କଷ୍ଟକର। ଫଳରେ ଏଥିପାଇଁ ବଜାରରେ ଉପଲବ୍ଧ ହେଉଥିବା ପ୍ୟାଡ୍ ଅଧିକ ଟଙ୍କା ଦେଇ କିଣିବା ସମ୍ଭବ ହେଉ ନ ଥିବାରୁ ଏବେବି ଏହି ସମୟରେ କପଡ଼ା ବ୍ୟବହାର କରିବାକୁ ପଡୁଥିବା ମହିଳମାନେ କହିଛନ୍ତି।

**ଆଜି ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ**



## ଜୟନ୍ତୀରେ ବିଜେଡି ପକ୍ଷରୁ ପଣ୍ଡିତ ନେହରୁଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୨୭।୫(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଅବସ୍ଥିତ ପଣ୍ଡିତ ଜବାହାରଲାଲ ନେହରୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କର ପୁଣ୍ୟତିଥି ପାଳିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ପ୍ରଥମେ ପଣ୍ଡିତ ନେହରୁଙ୍କ ଅମ୍ଲାନ ସ୍ମୃତିକୁ ଆଧାର କରି ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ନରୋତ୍ତମ ପୃଷ୍ଟି, ମନୋହର ନନ୍ଦ, ବିଶ୍ୱନାଥ ମଲ୍ଲିକ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଦେବରଞ୍ଜନ ବାରିକ ପ୍ରମୁଖ ପଣ୍ଡିତ ଜବାହାରଲାଲ ନେହରୁଙ୍କ ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ।

## କ୍ରିୟାଶୀଳ ହେବ ଜୟଦେବ ନିର୍ବାଚମଣ୍ଡଳୀରେ ସାଂଗଠନିକ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୭।୫(ସମିସ): ଜୟଦେବ ନିର୍ବାଚନମଣ୍ଡଳୀରେ ଦଳର ସାଂଗଠନିକ କାର୍ଯ୍ୟକ୍ରମକୁ ସୁଦୃଢ଼ ଏବଂ କ୍ରିୟାଶୀଳ କରିବା ପାଇଁ ବିଜେଡି ପକ୍ଷରୁ ଏକ ନିର୍ବାଚନମଣ୍ଡଳୀ ସମନ୍ୱୟ କମିଟି ଗଠନ କରାଯାଇଛି। ଏହି କମିଟିରେ ବାଲିପାଟଣା ବ୍ଲକ ଅଞ୍ଚଳର ତ୍ରିବିକ୍ରମ ଦାଶ, ବାବୁରାମ ମଲ୍ଲିକ, ସଦାଶିବ ଦାସଙ୍କୁ ସ୍ଥାନ ମିଳିଛି। ସେହିପରି ବାଲିଅନ୍ତା ବ୍ଲକର ବିରଞ୍ଚି ନାରାୟଣ କର, ମଙ୍ଗରାଜ ବେହେରା, ବିଜୟ ନାୟକ ଓ ନିଗମାନନ୍ଦ ଦାସ ମଧ୍ୟ ସ୍ଥାନ ପାଇଛନ୍ତି।

## ଫୁଲନଖରା ସମ୍ କ୍ୟାମ୍ପସରେ ସିଜୋଫ୍ରେନିଆ ଦିବସ




ଭୁବନେଶ୍ୱର, ୨୭ ।୫(ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌କ୍ୟାମ୍ପସ-୨ ଫୁଲନଖରା ପକ୍ଷରୁ ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳିତ ହୋଇଯାଇଛି। ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ରାଜେଶ କୁମାର ଲେଙ୍କା, ଆଡିସ୍‌ନାଲ୍ ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ. ତାପସି ପତି ଏବଂ ମାନସିକ ରୋଗ ବିଭାଗର ମୁଖ୍ୟ ଡ. ଭବାନୀଶଙ୍କର ଶିତଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସୋସିଏଟ୍ ପ୍ରଫେସର ଡ. ଲଗ୍ନଜିତ ଦାଶ, ଡ. ସ୍ୱର୍ଣ୍ଣପ୍ରଭା ବରାଳ ଓ ଡ. ଜ୍ଞାନେନ୍ଦ୍ର ରଘୁବଂଶୀ ଯୋଗଦେଇ ସମାଜରେ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ସମସ୍ୟା ଓ ଏହି ସମସ୍ୟାରୁ ସୁସ୍ଥ ହେବା ନିମନ୍ତେ ଉପଯୁକ୍ତ ସମୟରେ ମାନସିକ ଚିକିତ୍ସା, ପରିବାର ଓ ସମାଜର ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆସିଷ୍ଟାଣ୍ଟ ପ୍ରଫେସର ଡ. ଅଭିଷେକ ସାମଲ, ଡ. କୀର୍ତ୍ତି ଅନୁରାଗ, ଡ. ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଆସିଷ୍ଟାଣ୍ଟ ପ୍ରଫେସର ଡ. ସାଇ ପ୍ରସାଦ ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭ ।୫(ସମିସ): ଭୁବନେଶ୍ୱର ସ୍ଥିତ ହାଇଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀମାନଙ୍କର ଏକ ବିଶେଷ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡା. ଚିତ୍ତରଞ୍ଜନ ସାହୁ କହିଛନ୍ତି ଯେ ବିଦ୍ୟାର୍ଥୀମାନେ ନିରନ୍ତରଭାବେ ଅଧ୍ୟୟନ ଜାରିରଖିଲେ ସଫଳତା ସେମାନଙ୍କ ହାତ ପାଖରେ ରହିବ ଏହି ଅବସରରେ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ବିଦ୍ୟାର୍ଥୀମାନଙ୍କର ସଫଳ ଜୀବନ କାମନା କରିଥିବା ବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶକ୍ତିମୟୀ ପାଢ଼ୀ ବିଦ୍ୟାର୍ଥୀମାନଙ୍କୁ ଜୀବନକୁ ସୁନ୍ଦରରୂପେ ଗଢିବା ପାଇଁ ଆହ୍ୱାନ ଦେଇଥିଲେ। ଉପାଧ୍ୟକ୍ଷ ବିଭୁତି ଭୂଷଣ ବେହେରା ବିଦ୍ୟାର୍ଥୀମାନଙ୍କୁ ପାଠପଢ଼ା ଏବଂ ଦେଶ ଜାତି ରାଷ୍ଟ୍ର ପାଇଁ କାର୍ଯ୍ୟ କରିବାକୁ କହିଥିବାବେଳେ ଅଧ୍ୟାପକ ଡା. ମୁରଲିଧର ସ୍ୱାଇଁ ବିଦ୍ୟାର୍ଥୀମାନଙ୍କୁ ସଦାସର୍ବଦା କର୍ତ୍ତବ୍ୟନିଷ୍ଠା ହେବା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ତଥା ଅନ୍ତରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ଡା. ଚିତ୍ତରଞ୍ଜନ ସାହାଣୀ ଏହି ସମ୍ବର୍ଦ୍ଧନା ଉତ୍ସବକୁ ସୁଚାରୁରୂପେ ଆୟୋଜନ କରିଥିବାବେଳେ ଅଧ୍ୟାପକ ବିଶ୍ୱଜିତ ବେହେରା, ବେଦବ୍ରହ୍ମା ଦାସ ପ୍ରମୁଖ ସହଯୋଗ କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ବିଦ୍ୟାର୍ଥୀମାନେ ଶତକଡା ୧୦୦ ଭାଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆସୁଥିବାବେଳେ ଚଳିତ ବର୍ଷ ଶତକଡା ୯୭ ଭାଗ ବିଦ୍ୟାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଉଥିଲାବେଳେ ମାତ୍ର ୫ ଜଣ ବିଦ୍ୟାର୍ଥୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୀର୍ଘ ବର୍ଷ ହେବ ଏଠାରୁ ବିଦ୍ୟାର୍ଥୀମାନେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ପରୀକ୍ଷାରେ କୃତିତ୍ୱ ହାସଲ କରି ଦେଶ ବିଦେଶରେ ବିଭିନ୍ନ ଉଚ୍ଚ ପଦପଦବୀରେ ଓଡ଼ିଶାର ନାମକୁ ଗୌରବାନ୍ୱିତ କରିଆସୁଛନ୍ତି।



## ଦଶମ ପାସ୍ ପିଲାଙ୍କ ପାଇଁ ବିଦ୍ୟାଧନ ବୃତ୍ତି




ଭୁବନେଶ୍ୱର, ୨୭।୫ (ସମିସ): ସରୋଜିନୀ ଦାମୋଦରନ ଫାଉଣ୍ଡେସନ ପକ୍ଷରୁ ୨୦୨୬ର ବିଦ୍ୟାଧନ ବୃତ୍ତି ଘୋଷଣା କରାଯାଇଛି। ଚଳିତ ବର୍ଷ ବିଏସଇ ଓ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଥିବା ଓଡ଼ିଶାର ଦୁର୍ବଳ ଆର୍ଥିକ ପୃଷ୍ଠଭୂମି ଏବଂ ପରିବାରର ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ କମ ଥିବା ଛାତ୍ରଛାତ୍ରୀ ମାନେ ଏହି ବୃତ୍ତି ପାଇଁ ଆବେଦନ କରିପାରିବେ। ସେହିଭଳି ୬୫ ପ୍ରତିଶତ ନମ୍ବର ରଖିଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ମଧ୍ୟ ଆବେଦନ କରିପାରିବେ। ମନୋନୀତ ଛାତ୍ରଛାତ୍ରୀଙ୍କୁ ଯୁକ୍ତ ୨ ପାଠପଢ଼ା ପାଇଁ ବାର୍ଷିକ ୧୦ ହଜାର ଟଙ୍କା ବୃତ୍ତି ଦିଆଯିବ। ଛାତ୍ରଛାତ୍ରୀମାନେ ଭଲ ପ୍ରଦର୍ଶନ ଜାରି ରଖିଲେ ସେମାନେ ଚୟନ କରିଥିବା ଡିଗ୍ରୀ ପାଠପଢ଼ା ପାଇଁ ସେମାନଙ୍କୁ ବାର୍ଷିକ ୨୫ ହଜାର ଟଙ୍କାରୁ ୭୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ। ଛାତ୍ରଛାତ୍ରୀମାନେ ଜୁଲାଇ ୧୦ ସୁଧା www.vidyadhan.orgରେ ଆବେଦନ କରିପାରିବେ। ଅଧିକ ବିବରଣୀ ପାଇଁ ୦୮୦୬୮୩୩୩୫୦୦ ଓ ୯୬୬୩୫୧୭୧୩୧ରେ ଯୋଗାଯୋଗ କରିପାରିବେ। ଫାଉଣ୍ଡେସନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ କ୍ୟାରିଅର ମାର୍ଗଦର୍ଶନ ଓ ଲଘୁ ଦକ୍ଷତା ତାଲିମ ମଧ୍ୟ ଦିଆଯାଉଛି। ଏହି ଫାଉଣ୍ଡେସନକୁ ଇନଫୋସିସର ସହ ପ୍ରତିଷ୍ଠାତା ଏସ୍ ଡି ଶିବୁଲାଲ ଓ କେ ଶିବୁଲାଲ ସ୍ଥାପନ କରିଛନ୍ତି।

## ଏମ୍‌ପିଇଡିଏର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଆଇଏଏସ୍ ପି. ଜବାହର



ଭୁବନେଶ୍ୱର, ୨୭।୫(ସମିସ): ଆଇଏଏସ୍ ପି. ଜବାହର ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ପିଇଡିଏ)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏମ୍ପିଇଡିଏ ଭାରତ ସରକାରଙ୍କ ଅଧୀନରେ ଥିବା ଏକ ଶୀର୍ଷ ସଂସ୍ଥା, ଯାହା ଦେଶର ସାମୁଦ୍ରିକ ଉତ୍ପାଦ କ୍ଷେତ୍ରର ବିକାଶ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ପ୍ରୋତ୍ସାହନ ଦିଗରେ କାର୍ଯ୍ୟ କରୁଛି। ଜଣେ ଅଭିଜ୍ଞ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ ଶ୍ରୀ ଜବାହରଙ୍କର ଶିଳ୍ପ, ବାଣିଜ୍ୟ, ଶିକ୍ଷା, ନିର୍ବାଚନ ପ୍ରଶାସନ, ଦୀର୍ଘସ୍ଥାୟୀ ବିକାଶ ଏବଂ ସୁଶାସନ କ୍ଷେତ୍ରରେ ବ୍ୟାପକ ପ୍ରଶାସନିକ ଅଭିଜ୍ଞତା ରହିଛି। ଏମ୍ପିଇଡିଏର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ ପୂର୍ବରୁ ସେ ପୁଡୁଚେରୀ ସରକାରର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ କମିଶନର-ତଥା-ସଚିବ ଭାବେ କାର୍ଯ୍ୟରତ ଥିଲେ।

## ‘ଯୁବ ସଙ୍ଗମ୍’ ଛାତ୍ରଛାତ୍ରୀଙ୍କ ସହ ରାଜ୍ୟପାଳଙ୍କ ଭାବବିନିମୟ



ଭୁବନେଶ୍ୱର, ୨୭ ।୫(ସମିସ): ଲୋକଭବନ ଅଭିଷେକ ହଲଠାରେ ‘ଯୁବ ସଙ୍ଗମ’ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିଛନ୍ତି ରାଜ୍ୟପାଳ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। ‘ଏକ ଭାରତ ଶ୍ରେଷ୍ଠ ଭାରତ’ ଅଭିଯାନ ଅଧୀନରେ ଆୟୋଜିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମ ‘ଯୁବ ସଙ୍ଗମର ଷଷ୍ଠ ପର୍ଯ୍ୟାୟ’ ଅଧୀନରେ ଓଡ଼ିଶା ଗସ୍ତରେ ଆସିଥିବା ଗୁଜରାଟର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା ସମୟରେ ରାଜ୍ୟପାଳ ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ଏହାସହ ଓଡ଼ିଶାର ପ୍ରସିଦ୍ଧ ପାରମ୍ପରିକ କଳା ଏବଂ ହସ୍ତଶିଳ୍ପ ବିଷୟରେ ମଧ୍ୟ ରାଜ୍ୟପାଳ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଇଭି ଭିତ୍ତିଭୂମି, ଇଥାନଲ୍ ମିଶ୍ରଣ ଏବଂ ଅନ୍ୟାନ୍ୟ ସମସାମୟିକ ପ୍ରସଙ୍ଗ ଉପରେ ମଧ୍ୟ ପ୍ରଶ୍ନ ପଚାରିଥିଲେ।

## ସ୍ୱସ୍ତିବନରେ ଶ୍ରୀଶ୍ରୀଠାକୁରଙ୍କ ମହାସ୍ନାନଯାତ୍ରା

ନନ୍ଦନକାନନ, ୨୭।୫(ସମିସ): ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପରମ ତୀର୍ଥ ସତସଙ୍ଗକେନ୍ଦ୍ର ସ୍ୱସ୍ତିବନରେ ବୁଧବାର ପରମ ଦୟାଲ ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ୫୨ତମ ପବିତ୍ର ମହାସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃଠାରୁ ମାଙ୍ଗଳିକ କାର୍ଯ୍ୟକ୍ରମମାନ କରାଯାଇଥିଲା। ସମବେତ ଉଷାବିନତୀ ଓ ତତ୍ ପରେ ପବିତ୍ର ସଦଗ୍ରନ୍ଥ ପାଠ, ସଙ୍ଗିତାଞ୍ଜଳୀ, ମହାସ୍ନାନଯାତ୍ରା, ନାମସଂକୀର୍ତ୍ତନ ସତସଙ୍ଗ, ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବେନ୍ଦ୍ର ରାଉତ, ଅକ୍ଷୟ ସ୍ୱାଇଁ, ଅଜୟ ସ୍ୱାଇଁ, ଅମିତାଭ ସାମନ୍ତରାୟ, ସଞ୍ଜୟ ସାମନ୍ତରାୟ ଓ ପାଞ୍ଚ ପଞ୍ଚାୟତ ଉପଯୋଜନା କେନ୍ଦ୍ରର ମାଆ ଓ ଭାଇମାନଙ୍କୁ ନେଇ ମିଳିତ ଭାବରେ ପରିପାଳନ କରାଯାଇଥିଲା।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲିଅନ୍ତା, ୨୭।୫(ସମିସ): ସ୍ଥାନୀୟ ବାଳକାଟିସ୍ଥିତ ନିର୍ମାଣ କନଫରେନ୍ସ ହଲ୍‌ଠାରେ ଏକ ଭବ୍ୟ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ, ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ ଏବଂ 'ସାଇପୋ'ର ମିଳିତ ଆନୁକୂଲ୍ୟରେ ‘୯ମ ଗୀତାଞ୍ଜଳି ପ୍ରତିଭା ସମ୍ମାନ’, ‘୮ମ ଗୀତାଞ୍ଜଳି ଆଦର୍ଶ ଶିକ୍ଷକ ସମ୍ମାନ-୨୦୨୬’ ଓ ‘୮ମ ଗୀତାଞ୍ଜଳି ଆଦର୍ଶ ବିଦ୍ୟାଳୟ ସମ୍ମାନ-୨୦୨୬’ ମହାସମାରୋହରେ ସମ୍ପନ୍ନ ହୋଇଛି। ଏହି ଉତ୍ସବରେ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି ଯୋଗଦେଇ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଡ. ଢ଼ାଲି ନିଜ ବକ୍ତବ୍ୟରେ କହିଥିଲେ ଯେ, ଶିକ୍ଷା ଓ ଶିକ୍ଷକମାନେ ହିଁ ସମାଜର ପ୍ରକୃତ ମେରୁଦଣ୍ଡ ଏବଂ ଗ୍ରାମାଞ୍ଚଳର ଏଭଳି ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ଟ୍ରଷ୍ଟର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀ ଏବଂ ଶିକ୍ଷା କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଇ୧ ଗ୍ରେଡ୍ ରଖିଥିବା ୧୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ ସହ ଶିକ୍ଷାଦାନ କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ପାଇଁ ୧୦ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ‘ଆଦର୍ଶ ଶିକ୍ଷକ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଅଞ୍ଚଳର ଦୁଇଟି ବିଦ୍ୟାଳୟକୁ ସେମାନଙ୍କର ଉତ୍କୃଷ୍ଟ ଶିକ୍ଷାବ୍ୟବସ୍ଥା ପାଇଁ ‘ଆଦର୍ଶ ବିଦ୍ୟାଳୟ ସମ୍ମାନ’ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଶିକ୍ଷାବିତ୍ ନାରାୟଣ ବେହେରା, ଏସପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ କାଉନସେଲର ସୁଶ୍ରୀ ସୁସରିତା ବାରିକ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ବାଳକାଟି ବିଜେପି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ ଏବଂ ନିର୍ମାଣ ଏଜୁକେସନ ଟ୍ରଷ୍ଟର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରତିଭାମାନଙ୍କୁ ସେମାନଙ୍କର ଶୁଭେଚ୍ଛା ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଶୁଭ୍ରଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଟ୍ରଷ୍ଟର କର୍ମକର୍ତ୍ତା ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ପରିଚାଳନା କରିଥିଲେ। ଏହି ଉତ୍ସବ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଛି।

### ସରକାରଙ୍କୁ ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କ ସମାଲୋଚନା

## ପ୍ରଶ୍ନ ପଚାରିଲେ ପାକିସ୍ତାନୀ କହିବା ବନ୍ଦ କର

ଭୁବନେଶ୍ୱର, ୨୭ ।୫(ସମିସ): ସିପିଆଇ(ଏମଏଲ) ଲିବରେସନର ସାଧାରଣ ସମ୍ପାଦକ କମ୍. ଦୀପଙ୍କର ଭଟ୍ଟାଚାର୍ଯ୍ୟ ବୁଧବାର ଭୁବନେଶ୍ୱରରେ ଆୟୋଜିତ ଏକ ପ୍ରେସ ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସମାଲୋଚନା କରିବା ସହ ସେ କହିଛନ୍ତି ଯେ, ଦେଶରେ ଯେ କେହି ପ୍ରଶ୍ନ ଉଠାଉଛନ୍ତି, ସେମାନଙ୍କୁ ‘ପାକିସ୍ତାନୀ’, ‘ବାଙ୍ଗଲାଦେଶୀ’ ବୋଲି ଟାଗ୍ କରି ଦମନ କରିବାର ରାଜନୀତି ଚାଲିଛି। ଏଥିସହିତ ନିଟ୍ ପରୀକ୍ଷାରେ ପୁଣିଥରେ ପେପର ଲିକ୍ ଘଟଣା ସାମ୍ନାକୁ ଆସିଛି ଏବଂ ସିବିଏସଇ ପରୀକ୍ଷାରେ ଗଡ଼ବଡ଼ି ନେଇ ପ୍ରଶ୍ନ ଉଠାଇଥିବା ଜଣେ ଛାତ୍ରଙ୍କୁ ‘ପାକିସ୍ତାନୀ’ କୁହାଯାଇଥିବା ଘଟଣା ଗଭୀର ଚିନ୍ତାର ବିଷୟ। ପ୍ରଶ୍ନ ପଚାରିବା ଯଦି ଅପରାଧ ହେବ, ତେବେ ଗଣତନ୍ତ୍ର କେଉଁଠି ରହିବ? ବୋଲି ସେ ପ୍ରଶ୍ନ କରିଥିଲେ। ଓଡ଼ିଶା ପରିପ୍ରେକ୍ଷିରେ ଦୀପଙ୍କର କହିଲେ ଯେ ବିଜେପି ସରକାର ଆଦିବାସୀଙ୍କ ନାମରେ ପ୍ରଚାର କରୁଥିବା ବେଳେ ବାସ୍ତବରେ ରାୟଗଡ଼ା, କଳାହାଣ୍ଡି, କେନ୍ଦୁଝର ସହ ସମଗ୍ର ଓଡ଼ିଶାରେ ଆଦିବାସୀମାନେ ନିଜ ଜମି, ଜଙ୍ଗଲ ଓ ଅସ୍ତିତ୍ୱ ବଞ୍ଚାଇବା ପାଇଁ ଲଢୁଛନ୍ତି। ଆଦିବାସୀମାନେ ଧର୍ମ ଆଧାରିତ ବିଭାଜନ ନୁହେଁ ବରଂ ସମ୍ବିଧାନ ଦେଇଥିବା ପଞ୍ଚମ ସୂଚୀ, ଗ୍ରାମସଭା ଓ ଜଳ-ଜଙ୍ଗଲ-ଜମିର ଅଧିକାର ଚାହୁଁଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ କର୍ପୋରେଟ୍ ମାଇନିଂ ପାଇଁ ଆଦିବାସୀଙ୍କ ଜମି ଛିନାଯାଉଛି ଏବଂ ରାଜ୍ୟର ସମ୍ପଦ କେବଳ କିଛି ବଡ଼ କର୍ପୋରେଟ୍ ଘରାଣାଙ୍କ ହାତକୁ ସମର୍ପଣ କରାଯାଉଛି। ଓଡ଼ିଶାର ଖଣିଜ ସମ୍ପଦରୁ କର୍ପୋରେଟ୍‌ମାନେ ଲାଭ କମାଉଛନ୍ତି। କିନ୍ତୁ ଓଡ଼ିଶାର ଲୋକ ଦାରିଦ୍ର୍ୟ, ବେରୋଜଗାରି ଓ ପ୍ରବାସ ଭୋଗୁଛନ୍ତି ବୋଲି ସେ କହିଛନ୍ତି। କମ୍. ଦୀପଙ୍କର ନୂତନ ଲେବର କୋଡ୍ ଓ ମନ୍‌ରେଗାକୁ ଦୁର୍ବଳ କରିବାର ବିରୋଧ କରିବା ସହ ଦେଶରେ ‘କର୍ପୋରେଟ୍ ଜଙ୍ଗଲରାଜ’ ଚାଲିଛି। ଶ୍ରମିକ, ଗିଗ୍ ୱାର୍କର, ଡେଲିଭରି କର୍ମଚାରୀ ଓ ଗ୍ରାମୀଣ ଶ୍ରମିକମାନଙ୍କ ଜୀବନ ଅଧିକ ସଂକଟପୂର୍ଣ୍ଣ ହୋଇପଡ଼ିଛି। ଦେଶରେ ଆର୍ଥିକ ସଙ୍କଟ ଗଭୀର ହେଉଛି, କିନ୍ତୁ ସରକାର ଲୋକଙ୍କ ମୂଳ ସମସ୍ୟା ମହଙ୍ଗାଇ, ବେରୋଜଗାରି, କୃଷକ ଓ ଶ୍ରମିକଙ୍କ ଦୁରବସ୍ଥା ଉପରେ କଥା ନକହି ଘୃଣା ଓ ବିଭାଜନର ରାଜନୀତି କରୁଛି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ରାଜ୍ୟ କମିଟି ସଦସ୍ୟ ଅଶୋକ ପ୍ରଧାନ, ମହେନ୍ଦ୍ର ପରିଡ଼ା, ଶ୍ରୀନିବାସ ନାୟକ, ବଂଶୀଧର ପରିଡ଼ା ଓ ସଞ୍ଜୀବ ରାଉତ ଉପସ୍ଥିତ ଥିଲେ।

**■ ଓଡ଼ିଶାର ଜଳ-ଜଙ୍ଗଲ-ଜମି କର୍ପୋରେଟ୍ ଲୁଟ୍‌କୁ ରୋକ ଲଗାଯାଉ**



# ଓସିଏସ୍ ପରୀକ୍ଷାରେ ୮୮ତମ ସ୍ଥାନରେ ଅଉସାଫ୍



ଆଠଗଡ଼, ୨୭।୫(ସମିସ): ମଙ୍ଗଳବାର ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ଆଠଗଡ଼ ମାଟିର ପୁଅ କୃତିତ୍ୱ ଅର୍ଜନ କରିଛନ୍ତି। ଆଠଗଡ଼ ଟାଉନ୍ ଜେଲ୍‌ରୋଡ୍ (ମୁସଲମାନ ବସ୍ତି) ଅଞ୍ଚଳର ମହମ୍ମଦ ମୋମିନ ଓ ଅନିତା କୌସରଙ୍କ ମଧ୍ୟମ ପୁତ୍ର ଅଉସାଫ୍ ମୋମିନ (୨୬) ଏହି ସମ୍ମାନଜନକ ପରୀକ୍ଷାରେ ରାଜ୍ୟରେ ୮୮ତମ ସ୍ଥାନ ହାସଲ କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ (ଗ୍ରାଜୁଏସନ୍) ଶେଷ କରିବା ପରେ ସେ ଆଇଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସେ ପ୍ରଥମ ଉଦ୍ୟମରେ ହିଁ ଓସିଏସ ପରୀକ୍ଷାରେ ସଫଳ ହୋଇଥିବା ଜଣାପଡ଼ିଛି। ଏହି ଗୌରବମୟ ସଫଳତା ପାଇଁ ଆଠଗଡ଼ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ଶ୍ରୀଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ



ନରସିଂହପୁର,୨୭।୫(ସମିସ): ନରସିଂହପୁରର ଆରାଧ୍ୟ ଶ୍ରୀଜୀଉଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆଗୁଆ ପ୍ରସ୍ତୁତି ପାଇଁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ତଥା ରଥଯାତ୍ରା ପରିଚାଳନା କମିଟିର ସଭାପତି ସୁଶ୍ରୀ ଅମ୍ରିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଗତ ବର୍ଷର ଆୟବ୍ୟୟର ଆକଳନ କରାଯିବା ସହ ଚଳିତ ବର୍ଷର ରଥ ନିର୍ମାଣ, ଅର୍ଥ ସଂଗ୍ରହ ଓ ଯାତ୍ରା ପରିଚାଳନା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମନ୍ୱୟ ସଭାରେ କାଳୀଚରଣ ପଟ୍ଟନାୟକ, ପ୍ରଭାକର ମିଶ୍ର, ତୃଷ୍ଟି ବିରଞ୍ଚି ନାରାୟଣ ସାହୁ, ପ୍ରତାପ ଚନ୍ଦ୍ର ମହାନ୍ତି, ଦିଗମ୍ବର ବାରିକ, ମେଘନାଦ ପାତ୍ର, ମାନସ ସାହୁ, ବୀଣାପାଣି ବେହେରା ଓ ଶୁଭ୍ରାଂଶୁ ମହାପାତ୍ରଙ୍କ ସମେତ ବହୁ ସେବାୟତ ଓ କମିଟି ସଦସ୍ୟ ମତ ଦେଇଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିବା ବେଳେ ପ୍ରଭାକର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମନ୍ଦିରରୁ ଚୋରି ଘଟଣା: ୪ ଗିରଫ

ନିଶ୍ଚିନ୍ତକୋଇଲି,୨୭।୫(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧୀନ କେଣ୍ଟୋଳ ପଞ୍ଚାୟତ ମଲୀପୁରସ୍ଥିତ ନାରାୟଣୀ ମନ୍ଦିରରୁ ଚୋରି ଅଭିଯୋଗରେ ପୁଲିସ ୪ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋମବାର ବିଳମ୍ବିତ ରାତିରେ ମନ୍ଦିରର ତାଲା ଭାଙ୍ଗି ମା'ଙ୍କ ମୂର୍ତ୍ତି ସମେତ ବିଭିନ୍ନ ସାମଗ୍ରୀ ଲୁଟ୍ ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦା ରଘୁନାଥ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଗ୍ରାମବାସୀ ଜଣେ ସନ୍ଦିଗ୍ଧ ଯୁବକଙ୍କୁ କାବୁ କରି ପଚରାଉଚରା କରିବା ପରେ ଚୋରି ସମ୍ପର୍କରେ ସୂଚନା ମିଳିଥିଲା ଏବଂ ତାକୁ ପୁଲିସ ଜିମା ଦିଆଯାଇଥିଲା। ଉକ୍ତ ଘଟଣାରେ ପୁଲିସ କେସ୍ ନମ୍ବର ୨୦୨/୨୦୨୬ ରେ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ପାତ୍ର, ଆକାଶ ମଲିକ, ଚନ୍ଦନ ମଲିକ ଓ କାଳନ୍ଦୀ ଦାସଙ୍କୁ ଗିରଫ କରିଥିଲା। କୋର୍ଟରେ ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ନୂତନ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




କଣ୍ଟାପଡ଼ା,୨୭।୫(ସମିସ): କଟକ ଜିଲ୍ଲା କଣ୍ଟାପଡ଼ା ତହସିଲର ନୂତନ ତହସିଲଦାର ଭାବେ ଶୁଭଙ୍କର ମହାନ୍ତି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବତନ ତହସିଲଦାର ଭିଜିଲାନ୍ସ ଦ୍ୱାରା ଗିରଫ ଓ ନିଲମ୍ବିତ ହେବା ପରେ ଏହି ପଦ ଖାଲି ପଡ଼ିଥିଲା। ସରକାର କାମାକ୍ଷାନଗରରୁ ଶ୍ରୀ ମହାନ୍ତିଙ୍କୁ ଏଠାକୁ ବଦଳି କରିଛନ୍ତି। ଏହି ଅବସରରେ କଣ୍ଟାପଡ଼ା ବ୍ଲକର ବିଭିନ୍ନ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମର ସାମ୍ବାଦିକ ରଘୁନାଥ ଆଚାର୍ଯ୍ୟ, ଦୁଃଶାସନ ସାହୁ, ସୁରନାରାୟଣ ସାହୁ, ଆର୍ତ୍ତତ୍ରାଣ ଦାସ, ମହେଶ୍ୱର ପାତ୍ର, ବିଷ୍ଣୁଚରଣ ନାୟକ ଏବଂ ବିଜୟ ମହାନ୍ତି ପ୍ରମୁଖ ନୂତନ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ସାମ୍ବାଦିକମାନେ ବିଶେଷ କରି ମାଟି ମାଫିଆଙ୍କ ବେଆଇନ ମାଟି ଖୋଳା ଏବଂ ବାଲି ବୋଝେଇ ହାଇୱା ଚଳାଚଳ ଉପରେ କଡ଼ା କଟକଣା ନେଇ ନୂତନ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

**ନାମକୁ ମାତ୍ର ଲାଗିଛି ଜେନେରେଟର**

# ଲାଇନ୍ କଟିଲେ ଚୌଦ୍ୱାର ଥାନା ଅନ୍ଧାର

ଚୌଦ୍ୱାର,୨୭।୫(ସମିସ):

ଜନସାଧାରଣଙ୍କୁ ସୁରକ୍ଷା ଓ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟରେ କମିଶନରେଟ ପୁଲିସ ବ୍ୟବସ୍ଥା କାର୍ଯ୍ୟ କରୁଥିବା ବେଳେ କଟକ ଜିଲ୍ଲାର ଅତ୍ୟନ୍ତ ସମ୍ବେଦନଶୀଳ ଚୌଦ୍ୱାର ଥାନାରେ ଏକ ସାଙ୍ଘାତିକ ଭିତ୍ତିଭୂମି ସମସ୍ୟା ସାମ୍ନାକୁ ଆସିଛି। ସରକାରଙ୍କ ପକ୍ଷରୁ ଥାନାର ଉନ୍ନତିକରଣ ଓ ଆଧୁନିକୀକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିଲେ ମଧ୍ୟ ଏଠାରେ ବିଦ୍ୟୁତ ବିଭ୍ରାଟ ସମୟରେ ବିକଳ୍ପ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରହସନ ପାଲଟିଛି। ଥାନା ପରିସରରେ ଲକ୍ଷାଧିକ ଟଙ୍କାର ବ୍ୟୟବହୁଳ ଜେନେରେଟର ସେଟ୍ (ଡିଜି) ସ୍ଥାପନ କରାଯାଇଥିଲେ ହେଁ ତାହା କେବଳ ଶୋଭାବର୍ଦ୍ଧନ କରୁଛି। ସନ୍ଧ୍ୟା ସମୟରେ ଲାଇନ୍ କଟିଗଲେ ସମଗ୍ର ଥାନା ଅନ୍ଧକାରରେ ବୁଡ଼ି ରହୁଥିବାରୁ ପୁଲିସର କାର୍ଯ୍ୟଦକ୍ଷତା ଏବଂ ଥାନାର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ପ୍ରବଳ ଗୁଳୁଗୁଳି ଓ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବିଦ୍ୟୁତ ସରବରାହ ବନ୍ଦ ହେବା ମାତ୍ରେ ଥାନା ଭିତରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ବ୍ୟତିବ୍ୟସ୍ତ ହୋଇ ବାହାରକୁ ଆସି ବସୁଛନ୍ତି। ଲାଇନ୍ ନ ଥିବା ଯୋଗୁଁ କମ୍ପ୍ୟୁଟର ଓ ଅନ୍ୟାନ୍ୟ ଯୋଗାଯୋଗ ବ୍ୟବସ୍ଥା ଠପ୍ ହୋଇଯାଉଛି, ଯାହାଫଳରେ ଜରୁରୀକାଳୀନ ପୁଲିସ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି।

**ସିସିଟିଭି ଅଚଳ, ଅଭିଯୁକ୍ତ ଖସିଯିବା ଆଶଙ୍କା**

ଭରତପୁର ଥାନା ଘଟଣା ପରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ସମସ୍ତ ଥାନାରେ ୨୪ ଘଣ୍ଟା ସିସିଟିଭି ସକ୍ରିୟ ରଖିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଚୌଦ୍ୱାର ଥାନାରେ ଲାଇନ୍ କଟିଲେ ଜେନେରେଟର ଚାଲୁ ନ ଥିବାରୁ ସିସିଟିଭି ମଧ୍ୟ ବନ୍ଦ ହୋଇଯାଉଛି। ଅନ୍ଧାରର ସୁଯୋଗ ନେଇ ଥାନାରେ ଥିବା ଅଭିଯୋଗକାରୀ କିମ୍ବା ଅଭିଯୁକ୍ତମାନେ ଖସିଯିବାର ସୁଦୂର ପ୍ରସାରୀ ଆଶଙ୍କା ରହିଛି। ସରକାରୀ ପାଣ୍ଠିରେ କିଣାଯାଇଥିବା ଜେନେରେଟର ସେଟ୍‌ଟି ଅଚଳ ହୋଇ ପଡ଼ିରହିଛି ନା ତେଲ ଅଭାବରୁ ଏହାକୁ ଚଳାଯାଉ ନାହିଁ, ସେ ନେଇ ଥାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରୁ ନାହିଁ। ଏଭଳି ଏକ ସମ୍ବେଦନଶୀଳ ଶିଳ୍ପାଞ୍ଚଳ ଥାନାର ସୁରକ୍ଷାକୁ ଆଖି ଆଗରେ ରଖି ତୁରନ୍ତ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥାକୁ ସଚଳ କରିବା ସହ ଏହି ଦାୟିତ୍ୱହୀନତା ପ୍ରତି ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦାବି କରିଛନ୍ତି।

# ଇଦ୍-ଉଲ୍-ଜୁହା ପାଇଁ ପୁଲିସର ଫ୍ଲାଗ୍ ମାର୍ଚ୍ଚ



ତିଗିରିଆ,୨୭।୫(ସମିସ): ମୁସଲମାନ ସମ୍ପ୍ରଦାୟର ପବିତ୍ର ଇଦ୍-ଉଲ୍-ଜୁହା (ବକ୍ରି-ଇଦ୍) ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ତିଗିରିଆ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଥାନା ଆଇଆଇସି ରମାକାନ୍ତ ନାୟକଙ୍କ ନେତୃତ୍ୱରେ ବ୍ଲକର ଦୁଇ ପ୍ରମୁଖ ମୁସଲମାନ ବହୁଳ ଗ୍ରାମ କରଡ଼ାପଲ୍ଲୀ ଓ ପଙ୍କାଳ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଗୋଟିଏ ପ୍ଲାଟୁନ୍ ଏବଂ ଗୋଟିଏ ସେକ୍ସନ ଫୋର୍ସଙ୍କୁ ନେଇ ମାର୍ଚ୍ଚ ଫାଷ୍ଟ (ଫ୍ଲାଗ୍ ମାର୍ଚ୍ଚ) କରାଯାଇଛି। ପର୍ବ ଅବସରରେ କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଆଜି ରାତିଠାରୁ ଆସନ୍ତାକାଲି ପ୍ରାର୍ଥନା ସଭା ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ପର୍ବକୁ ସୁଚାରୁରୂପେ ସମ୍ପାଦନ କରିବା ଲାଗି ଗତ ୨୫ ତାରିଖ ଦିନ ଥାନା ପରିସରରେ ଉଭୟ ଗ୍ରାମର ମୁଖିଆମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆଇଆଇସି ଶ୍ରୀ ନାୟକ ପର୍ବ ପାଳନ ସମୟରେ ପଶୁବଳି/ ପଶୁହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ ରଖିବା ଏବଂ ସ୍ଥାନୀୟ ପ୍ରଶାସନକୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ, ଯାହାକୁ ଉଭୟ ଗ୍ରାମର ମୁଖିଆ ଓ ଭଦ୍ରବ୍ୟକ୍ତିମାନେ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

# +୨ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ମାହାଙ୍ଗା,୨୭।୫(ସମିସ): ଚଳିତ ଯୁକ୍ତ ଦୁଇ (+୨) ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମାହାଙ୍ଗା ଅଞ୍ଚଳର କୃତୀ ଛାତ୍ରଛାତ୍ରୀଙ୍କୁ "ବନ୍ଧନ ଫାଉଣ୍ଡେସନ' ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଏକ ଘରୋଇ କଲେଜର ଯୁକ୍ତ ଦୁଇ ବିଜ୍ଞାନ ବିଭାଗର କୃତୀ ଛାତ୍ର ଶୀତୁଲ ସାହୁ ଚଳିତ ବର୍ଷ ୯୨ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଏହାସହିତ ସେ ଓଡ଼ିଆ ବିଷୟରେ ୧୦୦ରୁ ୧୦୦ ନମ୍ବର ରଖି ନିଜ କଲେଜ ତଥା ଓଡ଼ିଆ ଭାଷା ସାହିତ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏହି ଉପଲବ୍‌ଧି ପାଇଁ ବନ୍ଧନ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସମାଜସେବୀ ତାପସ କୁମାର ପତି, ସମ୍ପାଦିକା ଭାଗ୍ୟଲକ୍ଷ୍ମୀ ଜେନା, ଧୀରେନ୍ଦ୍ର ଭୋଇ, ଅମରେନ୍ଦ୍ର ଜେନା, ସୁମନ୍ତ ମଲ୍ଲିକ ଓ କାଦମ୍ବିନୀ ବେହେରା ଶୀତୁଲଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ବିଭାଗର ଛାତ୍ରୀ ଭାରତୀ ବେହେରା ମୋଟ ୫୧୦ ନମ୍ବର ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ମଧ୍ୟ ଉଚ୍ଛ୍ୱସିତ କୃତଜ୍ଞତା ଜ୍ଞାପନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି।

# ଜ୍ଞାନୋଦୟ ଶିକ୍ଷାନୁଷ୍ଠାନରେ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ




କଣ୍ଟାପଡ଼ା,୨୭।୫(ସମିସ): କଣ୍ଟାପଡ଼ା ବ୍ଲକ ବାଲିପଡ଼ାସ୍ଥିତ 'ଜ୍ଞାନୋଦୟ ଘରୋଇ ଶିକ୍ଷାନୁଷ୍ଠାନ' ପକ୍ଷରୁ ଚଳିତ ବର୍ଷ ଯୁକ୍ତ ଦୁଇ (+୨) ବିଜ୍ଞାନ ପରୀକ୍ଷାରେ ସଫଳତା ପାଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେ.ଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ଅଭୟ କୁମାର ଦାସ ଓ ପ୍ରଭଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ଅନୁଷ୍ଠାନରୁ ମୋଟ ୨୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଶତପ୍ରତିଶତ ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣ ପ୍ରଥମ, ୬ ଜଣ ଦ୍ୱିତୀୟ ଏବଂ ୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଶେଷ କରି ଛାତ୍ରୀ ପୁଷ୍ପଲତା ସାହୁ ସର୍ବାଧିକ ୫୬୯ ନମ୍ବର (୯୪.୮୩ ପ୍ରତିଶତ) ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ଚିତ୍ତରଞ୍ଜନ ସାହୁ (୫୫୧ ନମ୍ବର) ଏବଂ ସ୍ମୃତି ପାତ୍ର (୫୨୭ ନମ୍ବର) ରଖି ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସଭା ଶେଷରେ ଗଣିତ ଅଧ୍ୟାପକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**● ଚୌଦ୍ୱାର ପୌରପାଳିକା**

# ଜେଇଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଆରମ୍ଭ

ଚୌଦ୍ୱାର,୨୭।୫(ସମିସ): ଚୌଦ୍ୱାର ପୌରପାଳିକାରେ ପୁଣି ଏକ ବଡ଼ଧରଣର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିଛି। ପୌରପାଳିକାର ୧୩ ଓ ୧୪ ନମ୍ବର ୱାର୍ଡରେ ମିନିପାର୍କ ନିର୍ମାଣ ନାମରେ ପ୍ରାୟ ୧୫ ଲକ୍ଷ ଟଙ୍କା ବାଟମାରଣା ହୋଇଥିବା ନେଇ କନିଷ୍ଠ ଯନ୍ତ୍ରୀ ଶୁଭଶ୍ରୀ ସନ୍ଦୀପ୍ତା ନାୟକଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ହୋଇଛି। ସୂଚନା ଅଧିକାର କର୍ମୀ ମନୋଜ ସାହୁ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଏବଂ ଭିଜିଲାନ୍ସ ଏସପିଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚୌଦ୍ୱାର ପୌରପାଳିକା କାର୍ଯ୍ୟାଳୟରେ ପହଞ୍ଚି ଘଟଣାର ଖୋଳତାଡ଼ ଓ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ ନାୟକ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିବା ସହ ସେ ତଦନ୍ତକାରୀ ଦଳକୁ ସମସ୍ତ ପ୍ରକାର ସହଯୋଗ କରୁଥିବା ପ୍ରକାଶ କରିଛନ୍ତି।

# ମହାନଦୀରୁ ନିଖୋଜ ନାବାଳକଙ୍କ ମୃତଦେହ ଉଦ୍ଧାର

କନ୍ଦରପୁର,୨୭।୫(ସମିସ): କନ୍ଦରପୁର ଥାନା ଅନ୍ତର୍ଗତ ଦାମୋଦରପୁର ନାଗେଶ୍ୱରନାଥ ମନ୍ଦିର ନିକଟ ମହାନଦୀ ପଠାରେ ମଙ୍ଗଳବାର ଅପରାହ୍ନରେ ଗାଧୋଇବା ବେଳେ ପାଣିରେ ଭାସିଯାଇଥିବା ଜଣେ ନାବାଳକଙ୍କ ଶବ ବୁଧବାର ସକାଳେ ଉଦ୍ଧାର କରାଯାଇଛି। ମୃତ ନାବାଳକ ଜଣକ ହେଲେ ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଗରାମ୍ ଗ୍ରାମର ଶୁକଦେବ ସେଠୀଙ୍କ ଏକମାତ୍ର ପୁଅ ସୋମନାଥ (୧୪)। ସେ କନ୍ଦରପୁର ସିଦ୍ଧେଶ୍ୱର ଅରବିନ୍ଦ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର। ମଙ୍ଗଳବାର ସେ ନିଜ ସାଙ୍ଗମାନଙ୍କ ସହ ସାଇକଲ୍ ଯୋଗେ ଆୟଉପୁର ଗଡ଼ାକୁ ଗାଧୋଇବାକୁ ଯାଇଥିବା ବେଳେ ନଦୀର ଚୋରାବାଲିରେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଚେଷ୍ଟା କରି ମଧ୍ୟ ତାଙ୍କୁ ରକ୍ଷା କରିପାରି ନ ଥିଲେ। ବୁଧବାର ସକାଳେ କିଶୋରନଗର ଥାନା ବାରଦା ନିକଟରୁ ପୁଲିସ ଓ ଓଡ୍ରାଫ୍ ଟିମ୍ ମିଳିତ ଭାବେ ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। କିଶୋରନଗର ପୁଲିସ ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିବା ବେଳେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ମୋବାଇଲ୍ ଓ ଟଙ୍କା ଲୁଟ୍ ଅଭିଯୋଗରେ ୨ ଗିରଫ

ଚୌଦ୍ୱାର,୨୭।୫(ସମିସ): ଚୌଦ୍ୱାର ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରି ମୋବାଇଲ୍ ଏବଂ ନଗଦ ଟଙ୍କା ଲୁଟିବା ଅଭିଯୋଗରେ ଦୁଇ ଜଣ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଣ୍ଡମାଳ ଗ୍ରାମର ସନତ କୁମାର ପଣ୍ଡା ଓରଫ ସନିଆ (୨୬) ଏବଂ ଗୋପାଳନଗରର ଦିଲୁ ମହାନଦିଆ (୨୭)। ପୁଲିସ ସେମାନଙ୍କଠାରୁ ଲୁଟ୍ ହୋଇଥିବା ମୋବାଇଲ୍‌ଟିକୁ ଜବତ କରିଛି। ସୂଚନା ଅନୁଯାୟୀ, ଅସିତ୍ ଦତ୍ତ ନାମକ ଜଣେ ବ୍ୟକ୍ତି ସୋମବାର ଅପରାହ୍ନରେ ଚାରବାଟିଆରୁ ମଙ୍ଗୁଳି ଅଭିମୁଖେ ଯାଉଥିବା ସମୟରେ ଏହି ଦୁଇ ଯୁବକ ତାଙ୍କୁ ବାଟରେ ଅଟକାଇଥିଲେ। ଏହାପରେ ତାଙ୍କୁ ଆକ୍ରମଣ କରି ତାଙ୍କ ପାଖରୁ ମୋବାଇଲ୍ ସହ ନଗଦ ୪,୩୭୦ ଟଙ୍କା ଲୁଟି ନେଇଥିଲେ। ଏନେଇ ଅସିତ୍‌ଙ୍କ ଲିଖିତ ଅଭିଯୋଗ ଆଧାରରେ ଚୌଦ୍ୱାର ପୁଲିସ ମାମଲା ରୁଜୁ କରି ଚଢ଼ଉ କରିଥିଲା। ଗିରଫ ହୋଇଥିବା ସନିଆ ଓ ଦିଲୁଙ୍କ ନାମରେ ପୂର୍ବରୁ ମଧ୍ୟ ଚୌଦ୍ୱାର ଥାନାରେ ୪ଟି ସଙ୍ଗୀନ ମାମଲା ରହିଛି।

# ୫ ଦିନ ପରେ ଗୋକର୍ଣ୍ଣଖାଲରେ ଜଳଯୋଗାଣ ସ୍ୱାଭାବିକ

ତିଗିରିଆ,୨୭।୫(ସମିସ): ତିଗିରିଆ ବ୍ଲକ ଭୋଗଡ଼ା ପଞ୍ଚାୟତ ଅଧୀନ ଗୋକର୍ଣ୍ଣଖାଲ ଗ୍ରାମରେ ଦୀର୍ଘ ୫ ଦିନ ଧରି ଦେଖାଦେଇଥିବା ପାନୀୟ ଜଳ ସଙ୍କଟର ଅନ୍ତ ଘଟିଛି। ଗ୍ରାମରେ ବସୁଧା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ପାଣି ମୋଟରଟି ପୋଡ଼ିଯାଇଥିବାରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା, ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ପାନୀୟ ଜଳଯୋଗାଣ ଯନ୍ତ୍ରୀ ନଗେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ସନ୍ଧ୍ୟାରେ ପୋଡ଼ିଯାଇଥିବା ମୋଟର ସ୍ଥାନରେ ଏକ ନୂତନ ମୋଟର ସଂଯୋଗ କରାଯାଇଥିଲା। ଏହାଫଳରେ ବୁଧବାରଠାରୁ ଗ୍ରାମକୁ ପୂର୍ବପରି ସ୍ୱାଭାବିକ ଭାବେ ପାଣି ଯୋଗାଇ ଦିଆଯାଇଛି। ଦୀର୍ଘ ଦିନ ପରେ ଜଳକଷ୍ଟରୁ ମୁକ୍ତି ମିଳିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ବାତାବରଣ ଦେଖାଦେଇଛି।

# ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଗଠନ ସଚେତନତା

ବଡ଼ମ୍ବା,୨୭।୫(ସମିସ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଷିକିଆରୀ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଉତ୍କଳ ସେବକ ସମାଜ ଏବଂ 'ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ୍'ର ମିଳିତ ଆନୁକୂଲ୍ୟରେ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଗଠନ ଓ ନାବାଳିକାଙ୍କ ଉପରେ ହେଉଥିବା ହିଂସା ରୋକିବା ନେଇ ଏକ ସଚେତନତା ସଭା ଏବଂ "ପିଲାଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଅଧିକାର କର୍ମୀ ଚିନ୍ମୟ ଗୋଛି ଓ ଅଙ୍ଗନବାଡ଼ି କର୍ମୀ ନିଳେନ୍ଦ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ପ୍ରଧାନ ମୁଖ୍ୟଅତିଥି ଭାବେ ବାଲ୍ୟ ବିବାହ ଓ ଶିଶୁ ନିର୍ଯାତନା ବନ୍ଦ କରିବାକୁ ଆହ୍ୱାନ ଦେଇଥିବା ବେଳେ ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନ, ସିଏଚ୍‌ଓ ହାରାବତୀ ମୁଣ୍ଡା ଓ ସ୍ୱାସ୍ଥ୍ୟ କର୍ମୀ ବାସନ୍ତୀ ସିଂ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁ ଅଧିକାର କର୍ମୀ ବାଲ୍ୟ ବିବାହ ନିଷେଧ ଅଧିନିୟମ-୨୦୦୬ ଏବଂ ଚାଇଲ୍ଡ ହେଲ୍ପଲାଇନ୍ ନମ୍ବର '୧୦୯୮' ବାବଦରେ ସୂଚନା ଦେଇଥିଲେ। ବୈଠକରେ ଉପସ୍ଥିତ ସିଆରସି, ଆଶା କର୍ମୀ, ୱାର୍ଡସଭ୍ୟ, ଏମବିକେ ଏବଂ ଗ୍ରାମର ମହିଳା ଓ କିଶୋରୀମାନେ ପଞ୍ଚାୟତକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଶପଥ ପାଠ କରିବା ସହ ସ୍ଲୋଗାନ ଜରିଆରେ ସଚେତନତା ସୃଷ୍ଟି କରିଥିଲେ। ଅଙ୍ଗନବାଡ଼ି କର୍ମୀ ନିଳେନ୍ଦ୍ରୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



**ସାଲେପୁର ସ୍ୱୟଂଶାସିତ କଲେଜ ଯୁକ୍ତ-୩ ଫଳ ପ୍ରକାଶ**

# ପାସ୍ ହାର ୯୬.୦୫ ପ୍ରତିଶତ, ମିଲନ୍ ବେଷ୍ଟ ଗ୍ରାଜୁଏଟ୍










ସାଲେପୁର,୨୭।୫(ସମିସ):

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି (+୩) ଡିଗ୍ରୀ ପରୀକ୍ଷାଫଳ ବୁଧବାର ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସଙ୍ଗୀତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପରୀକ୍ଷା ଫଳ ପୁସ୍ତିକାକୁ ବିଧିବଦ୍ଧ ଭାବେ ଉନ୍ମୋଚନ କରିଥିଲେ। ଚଳିତ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ସର୍ବମୋଟ ୫୮୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୬୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ସାମଗ୍ରିକ ସଫଳତା ହାର ୯୬.୦୫ ପ୍ରତିଶତ ରହିଥିବା ବେଳେ ପ୍ରାଣୀବିଜ୍ଞାନ ସମ୍ମାନର ଛାତ୍ର ମିଲନ୍ କୁମାର ସାହୁ କଲେଜର "ଶ୍ରେଷ୍ଠ ସ୍ନାତକ' (ବେଷ୍ଟ ଗ୍ରାଜୁଏଟ୍) ଏବଂ ବିଜ୍ଞାନ ଟପ୍ପର ଗୌରବ ହାସଲ କରିଛନ୍ତି। ସେହିପରି କଳା ବିଭାଗରେ ବର୍ଷା ପ୍ରିୟଦର୍ଶିନୀ ପଣ୍ଡା ଓ ବାଣିଜ୍ୟରେ ସୂର୍ଯ୍ୟକାନ୍ତ ଗାହାଣ କଲେଜ ଟପ୍ପର ହୋଇଛନ୍ତି। ଡିଗ୍ରୀ ପରୀକ୍ଷାଫଳ ଅନୁଯାୟୀ, କଳା ବିଭାଗରେ ୨୨୪ ଜଣଙ୍କ ମଧ୍ୟରୁ ୨୧୮ ଜଣ ପାସ୍ କରିଛନ୍ତି, ଯେଉଁଥିରେ ୯୧ ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିନ୍‌ସନ ପାଇଛନ୍ତି। ବିଜ୍ଞାନରେ ୨୧୯ ଜଣଙ୍କ ମଧ୍ୟରୁ ୨୦୭ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୯୭ ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିନ୍‌ସନ ପାଇଛନ୍ତି ଏବଂ ବାଣିଜ୍ୟରେ ୧୪୦ ଜଣଙ୍କ ମଧ୍ୟରୁ ୧୩୫ ଜଣ ସଫଳ ହୋଇଥିବା ବେଳେ ୪୮ ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିନ୍‌ସନ ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟପକ୍ଷରେ, ମହାବିଦ୍ୟାଳୟର ସ୍ନାତକୋତ୍ତର ପାଠ୍ୟକ୍ରମରେ ମଧ୍ୟ ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ପିଜି ଓଡ଼ିଆରେ ୨୪ ଜଣ, ଶିକ୍ଷାରେ ୨୭ ଜଣ, ସଂସ୍କୃତରେ ୨୨ ଜଣ, ବାଣିଜ୍ୟରେ ୮ ଜଣ ଏବଂ ଏମଏସଡବ୍ଲୁ ପାଠ୍ୟକ୍ରମରେ ୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସେହିପରି ରସାୟନ ଶାସ୍ତ୍ର ପିଜିରେ ୨୮ ଜଣଙ୍କ ମଧ୍ୟରୁ ୨୪ ଜଣ ଏବଂ ଗଣିତରେ ୨୫ ଜଣଙ୍କ ମଧ୍ୟରୁ ୨୪ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ବିଭିନ୍ନ ବିଭାଗରୁ ଅର୍ଥନୀତିରେ ବର୍ଷା ପ୍ରିୟଦର୍ଶିନୀ, ଶିକ୍ଷାରେ ରୁବି ସାହୁ, ଇଂରାଜୀରେ ଗାୟତ୍ରୀ ପ୍ରଧାନ, ଇତିହାସରେ ସମିତା ସାମଲ, ଗୃହବିଜ୍ଞାନରେ ଲୋପାମୁଦ୍ରା ସାହୁ, ଓଡ଼ିଆରେ କାଜଲ ବେହେରା, ଦର୍ଶନଶାସ୍ତ୍ରରେ ବର୍ଷାରାଣୀ ପଣ୍ଡା, ରାଜନୀତି ବିଜ୍ଞାନରେ ପୁଲକ ଷଡ଼ଙ୍ଗୀ, ସଂସ୍କୃତରେ ମୋନାଲିସା ଭୂୟାଁ ଓ ସମାଜଶାସ୍ତ୍ରରେ ଦିପିକା ଦିଗଦର୍ଶିନୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଜ୍ଞାନର ଉଦ୍ଭିଦ ବିଜ୍ଞାନରେ ବି.ଏମ୍. ବନ୍ଦନା, ରସାୟନଶାସ୍ତ୍ରରେ ସ୍ମିତାରାଣୀ ଜେନା, ଗଣିତରେ ଶୁଭଶ୍ରୀ ବେହେରା, ପଦାର୍ଥବିଜ୍ଞାନରେ ଶ୍ରୀୟାଶ୍ରୀ ଶତପଥି ଏବଂ ପରିସଂଖ୍ୟାନରେ ରଚନା ବେହେରା ବିଭାଗୀୟ ଟପ୍ପର ହୋଇଛନ୍ତି। ଏହି ଫଳ ପ୍ରକାଶନ ଅବସରରେ କଲେଜର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ପଟ୍ଟନାୟକ, ହରପ୍ରିୟା ସିଂହ, ଅୟସକାନ୍ତ ଷଡ଼ଙ୍ଗୀ, ଅନିଲ କୁମାର ଦାସ, ତାପସ କୁମାର ମହାନ୍ତି, ସଞ୍ଜୟ ନାୟକ, ଯଜାତି ଲେଙ୍କା, ଜୟବନ୍ଦନ ଜେନା ଓ ସୁଶାନ୍ତ କୁମାର ପାଢ଼ୀ ପ୍ରମୁଖ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ।

# ଗାଁ ପାଇଁ ଆସିଥିବା ନଳକୂପକୁ ନିଜ ଘରେ ବସାଇ ଦେଲେ ସରପଞ୍ଚ

ଦେବଗଡ଼, ୨୭।୫(ସମିସ)

ତିଲେଇବଣି ବ୍ଲକ ବଡଛାପଲ ପଞ୍ଚାୟତ କୁଟୁରାପଶି ଗ୍ରାମର ହରିଜନ ସାହିରେ ସର୍ବସାଧାରଣ ପାଇଁ ଆସିଥିବା ନଳକୂପକୁ ଗ୍ରାମରେ ନ ବସାଇ ସ୍ଥାନୀୟ ସରପଞ୍ଚ ନିଜ ଘରର ଅଗଣା ପଛପଟେ ନଳକୂପ ଖନନ

## ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ



କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ସୂଚନାନୁଯାୟୀ, ତିଲେଇବଣି ବ୍ଲକର ବଡଛାପଲ ପଞ୍ଚାୟତ କୁଟୁରାପଶି ଗ୍ରାମର ହରିଜନ ସାହିରେ ସରକାରଙ୍କ ପକ୍ଷରୁ ଗୋଟିଏ ନଳକୂପ ଖନନ ପାଇଁ ମଞ୍ଜୁର ହୋଇଥିଲା। କିନ୍ତୁ ସ୍ଥାନୀୟ ସରପଞ୍ଚ ସୁନୀତା ଅମାନ୍ତ ଉପଯୁକ୍ତ ସ୍ଥାନରେ ନ ଖୋଳି ତାଙ୍କ ଘର ଅଗଣା ପଛପଟେ ଖୋଳିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମବାସୀ ଏନେଇ ସରପଞ୍ଚଙ୍କ ନିକଟରେ ଦୃଢ଼ ବିରୋଧ କରିଥିଲେ ମଧ୍ୟ ସେ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ଶେଷରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

# ଜାତୀୟ ଶିକ୍ଷା ସୂଚକାଙ୍କରେ ଝାରସୁଗୁଡ଼ା ଓଡ଼ିଶାରେ ପ୍ରଥମ

**ଝାରସୁଗୁଡା, ୨୭।୫(ସମିସ):** ଝାରସୁଗୁଡା ଜିଲ୍ଲା ପୁଣିଥରେ ଓଡ଼ିଶାକୁ ଗର୍ବିତ କରିଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ପରଫର୍ମାନ୍ସ ଗ୍ରେଡିଙ୍ଗ ଇଣ୍ଡେକ୍ସ ଫର୍ ଡିଷ୍ଟ୍ରିକ୍ଟସ୍ (ପିଜିଆଇ-ଡି) ୨୦୨୪-୨୫ରେ ଝାରସୁଗୁଡା ଜିଲ୍ଲା ଓଡ଼ିଶାର ସର୍ବଶ୍ରେଷ୍ଠ ଜିଲ୍ଲା ଭାବେ ଉଭା ହୋଇଛି। ଜିଲ୍ଲା ସମୁଦାୟ ୬୦୦ ମଧ୍ୟରୁ ୩୯୫ ଅଙ୍କ ହାସଲ କରି ଉତ୍ତମ-୩ ଗ୍ରେଡ୍‌ରେ ସ୍ଥାନ ପାଇଛି। ଏହା ଝାରସୁଗୁଡାର ଶିକ୍ଷା କ୍ଷେତ୍ରରେ ନିରନ୍ତର ପ୍ରଗତି ଓ ସାମୁହିକ ପ୍ରୟାସର ଫଳ ବୋଲି ମନେ କରାଯାଉଛି। ପିଜିଆଇ-ଡି ହେଉଛି ଦେଶର ସମସ୍ତ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ମୂଲ୍ୟାୟନ ପାଇଁ ତିଆରି ହୋଇଥିବା ଏକ ଜାତୀୟ ସୂଚକାଙ୍କ। ଏଥିରେ ଶିକ୍ଷାର ଫଳାଫଳ, କ୍ଲାସ୍‌ରୁମ୍ ପରିଚାଳନା, ପାରସ୍ପରିକ ସୁବିଧା, ଛାତ୍ର ସୁରକ୍ଷା, ଡିଜିଟାଲ ଶିକ୍ଷା ଓ ପ୍ରଶାସନିକ ପ୍ରକ୍ରିୟା ଭଳି ମୁଖ୍ୟ କ୍ଷେତ୍ରକୁ ଆଧାର କରି ଜିଲ୍ଲାମାନଙ୍କର ପ୍ରଦର୍ଶନ ମାପାଯାଏ। ରିପୋର୍ଟ ଅନୁସାରେ, ଝାରସୁଗୁଡା ଆଉଟକମ୍ ବିଭାଗରେ ୧୫୯ ଅଙ୍କ, ଇଫେକ୍ଟିଭ୍ କ୍ଲାସ୍‌ରୁମ୍ ଟ୍ରାଞ୍ଜାକ୍ସନ୍‌ରେ ୭୦ ଅଙ୍କ, ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏବଂ ଷ୍ଟୁଡେଣ୍ଟ ଏଣ୍ଟାଇଟଲମେଣ୍ଟରେ ୩୮ ଅଙ୍କ, ସ୍କୁଲ ସେଫ୍ଟି ଏବଂ ଚାଇଲ୍ଡ ପ୍ରୋଟେକ୍ସନ୍‌ରେ ୩୦ ଅଙ୍କ, ଡିଜିଟାଲ ଲର୍ଣ୍ଣିଂରେ ୩୩ ଅଙ୍କ ଏବଂ ଗଭର୍ନାନ୍ସ ପ୍ରୋସେସ୍‌ରେ ୬୬ ଅଙ୍କ ଅର୍ଜନ କରିଛି। ଝାରସୁଗୁଡା ଜିଲ୍ଲା ସମ୍ବଲପୁର, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ଗଞ୍ଜାମ ଓ ପୁରୀ ପରି ବଡ଼ ଜିଲ୍ଲାମାନଙ୍କୁ ପଛକୁ ପକାଇ ରାଜ୍ୟରେ ଶୀର୍ଷ ସ୍ଥାନ ହାସଲ କରିଛି। ସମ୍ବଲପୁର ୩୬୪ ଅଙ୍କ ଓ ସୁନ୍ଦରଗଡ଼ ୩୬୦ ଅଙ୍କ ପାଇଥିବା ବେଳେ ଝାରସୁଗୁଡା ସବୁଠାରୁ ଆଗରେ ରହିଛି। ଏହି ସଫଳତା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା, ସେମାନଙ୍କର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ଓ ଶିକ୍ଷଣ ଫଳାଫଳ ବୃଦ୍ଧି କରିବାରେ ସହାୟକ ହୋଇଛି। ଏହା ଝାରସୁଗୁଡା ଜିଲ୍ଲା ପ୍ରଶାସନର ମାର୍ଗଦର୍ଶନରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ 'ଉଦିଆଁ ତରା', 'ପଠନ ପାର୍ବଣ', 'ଉନ୍ମେଷ' ଆଦି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସହିତ ଜିଲ୍ଲାର ଶିକ୍ଷକଶିକ୍ଷୟିତ୍ରୀଙ୍କ ନିଷ୍ଠା, ଶିକ୍ଷାଧିକାରୀମାନଙ୍କର ସଠିକ୍ ନେତୃତ୍ୱ ଓ ନିୟମିତ ନିରୀକ୍ଷଣର ଫଳ ବୋଲି ଝାରସୁଗୁଡା ଜିଲ୍ଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ପ୍ରକାଶ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଟୁଇଟର ଆକ୍ଟିଭିଷ୍ଟ' ପକ୍ଷରୁ ସାମାଜିକ କର୍ମୀ ସମ୍ବର୍ଦ୍ଧିତ




**ନାକଟିଦେଉଳ, ୨୭।୫(ସମିସ):** ସାମାଜିକ ଅନୁଷ୍ଠାନ ଆସୋସିଏସନ ଅଫ ଟୁଇଟର ଆକ୍ଟିଭିଷ୍ଟ ପକ୍ଷରୁ ରବିବାର ଭୁବନେଶ୍ୱରର ପାନ୍ଥନିବାସରେ ରାଜ୍ୟସ୍ତରୀୟ ପଞ୍ଚମ ବାର୍ଷିକ ମହୋତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସମ୍ବଲପୁର ଅଞ୍ଚଳର ସାମାଜିକ କର୍ମୀ ନନ୍ଦ କିଶୋର ପ୍ରଧାନଙ୍କୁ ଜିଲ୍ଲା ସଂଯୋଜକ ଭାବରେ ଦାୟିତ୍ୱଦେଇ ସମ୍ବର୍ଦ୍ଧିତ ହୋଇଛନ୍ତି। ଶ୍ରୀ ପ୍ରଧାନ ଟୁଇଟର ମାଧ୍ୟମରେସମ୍ବଲପୁର ଜିଲ୍ଲା ସହିତ ଅନ୍ୟ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରି କରି ସମାଧାନ ଦିଗରେ ପ୍ରମୁଖ ଭୂମିକା କରି ଆସିଛନ୍ତି। ପାନୀୟଜଳ, ସ୍ୱାସ୍ଥ୍ୟସେବା, ଆବାସ, ଗମନାଗମନ, ରାସନ, ବିଦ୍ୟୁତ, ସାମାଜିକ ସୁରକ୍ଷା, ଶିକ୍ଷା, ଚାଷୀ ସମସ୍ୟା ଭଳି ଅନେକ ଲୋକେ ଭୋଗୁଥିବା ଅସୁବିଧାକୁ ଟୁଇଟ୍ (ଏକ୍ସ) ମାଧ୍ୟମରେ ପ୍ରଶାସନ ନିକଟରେ ପହଞ୍ଚାଇ ସମାଧାନ କରିଥାନ୍ତି।

# ଯୁବ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଟ୍ରାଫିକ ପୁଲିସଙ୍କୁ ଥଣ୍ଡା ପାଣି ବଣ୍ଟନ

**ସମ୍ବଲପୁର, ୨୭।୫ (ସମିସ):** ଗ୍ରୀଷ୍ମ ପ୍ରବାହ ଓ ପ୍ରବଳ ଖରାକୁ ଦୃଷ୍ଟିରେ ରଖି ବରେଇପାଲି ଅଞ୍ଚଳର କିଛି ଉତ୍ସାହୀ ଯୁବ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଦିନତମାମ ପ୍ରଖର ଖରାରେ କର୍ତ୍ତବ୍ୟରତ ଥିବା ଟ୍ରାଫିକ ପୁଲିସ ଏବଂ ବିଭିନ୍ନ ଫାଣ୍ଡିର ପୁଲିସ କର୍ମଚାରୀଙ୍କୁ ଏହି ଯୁବକମାନେ ଥଣ୍ଡା ପାଣି ଓ ଓଆରଏସ ବଣ୍ଟନ କରିଛନ୍ତି। ଏଭଳି ଅସହ୍ୟ ଗରମରେ ମଧ୍ୟ ପୁଲିସ ଭାଇମାନେ ଆମ ସୁରକ୍ଷା ଓ ଶୃଙ୍ଖଳା ପାଇଁ ରାସ୍ତାରେ ଠିଆ ହୋଇ ରହୁଛନ୍ତି। ସେମାନଙ୍କର ଏହି ନିଷ୍ଠାକୁ ସମ୍ମାନ ଜଣାଇ ଆମେ ଏହି ଛୋଟ ପ୍ରୟାସ କରିଛୁ ବୋଲି ବିକାଶ ଖାତୀ କହିଛନ୍ତି। ସହରର ରେମେଡ, ବରେଇପାଲି, ଅଇଁଠାପାଲି, ଫାଟକ, ଲକ୍ଷ୍ମୀ ଟକିଜ, ଧନୁପାଲି ଆଦି ଟ୍ରାଫିକ ପୋଷ୍ଟ ଓ ସ୍ଥାନୀୟ ଫାଣ୍ଡିଗୁଡ଼ିକରେ ଏହି ସେବା ପ୍ରଦାନ କରାଯାଇଥିବା ସନ୍ତୋଷ ମହାନ୍ତି କହିଛନ୍ତି। ସୁରଜ ଓରାମ, ମିନିକେତନ ମହାନନ୍ଦ, ରୋଶନ ସିଂ, ହୀରା ସିଂ, ଟିକେଶ୍ୱର ସାହୁ, ଶଙ୍କର ଯାଦବ, ହରିଶ ଖାତୀ, ଗୋବିନ୍ଦ ଓ ରାଜେଶ ଓରାମ ପ୍ରମୁଖ ସହଯୋଗ କରିଥିଲେ।



# ଗଞ୍ଜେଇ ଜବତ, ୩ ଗିରଫ





**ନାକଟିଦେଉଳ/ରେଢ଼ାଖୋଲ, ୨୭।୫(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଯାମୁଯୋରୀଗ୍ରାମ ବୃଷଭ କଟା ନିକଟସ୍ଥ ନିର୍ମାଣଧୀନ ପୋଲ ନିକଟରେ ବେଆଇନ ଚୋରା ଚାଲାଣ ପ୍ରାୟ ୭. ୩୬୦କେଜି ଗଞ୍ଜେଇ ଜବତ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ନାକଟିଦେଉଳ ପୁଲିସ। ଅଭିଯୁକ୍ତ ଗିରଫମାନେ ସମ୍ବଲପୁର ଜିଲ୍ଲା ଯାମୁଯୋରୀ ବାସିନ୍ଦା ନେପାଳ ମାଟିଆରୀ (୩୩) ଓ ପ୍ରଫୁଲ୍ଲ ମାଟିଆରୀ (୩୦)। ସୂଚନା ଯୋଗ୍ୟ ଯେ ପୂର୍ବରୁ ଗଞ୍ଜେଇ ଚୋରା ଚାଲାଣ ଖବର ପାଇ ଯାମୁଯୋରୀଗ୍ରାମ ବୃଷଭକଟା ନିକଟସ୍ଥ ନିର୍ମାଣଧୀନ ପୋଲ ନିକଟରେ ନାକଟିଦେଉଳ ପୁଲିସ ଅପେକ୍ଷା କରିଥିଲା।ପୁଲିସକୁ ଦେଖି ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଅଭିଯୁକ୍ତ ଦୁହିଁଙ୍କୁ ପୁଲିସ କାବୁ କରିଥିଲା। ଅଭିଯୁକ୍ତଙ୍କ ପାଖରୁ ୭.୩୬୦ କେଜି ଗଞ୍ଜେଇ ଜବତ କରିଥିବା ବେଳେ ହୋଣ୍ଡା ୟୁନିକର୍ନ ଗାଡି ନମ୍ବର ଓଡି ୧୯-ଏକ୍ସ -୦୬୪୫ ଗାଡିକୁ ଜବତ କରିଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ସେହିପରି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି ଶୁଣ୍ଡିମୁଣ୍ଡାସ୍ଥିତ ରେଳଷ୍ଟେସନ ଓଭର ବ୍ରିଜ ନିକଟରେ ବେଆଇନ ଚୋରା ଚାଲାଣ ପ୍ରାୟ ୫.୬ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ରେଢ଼ାଖୋଲ ପୁଲିସ। ଅଭିଯୁକ୍ତ ଯୁବକ ଜଣଙ୍କ ଜିଲ୍ଲା ସୋନପୁର ଥାନା ବିରମହାରାଜପୁର ଅମରପାଲି ଗ୍ରାମର ବାସିନ୍ଦା ଭାଗବତ ପ୍ରଧାନ(୨୭)।ରେଳଷ୍ଟେସନ ଓଭର ବ୍ରିଜ ନିକଟରେ ରେଢ଼ାଖୋଲ ପୋଲିସ ପକ୍ଷରୁ ପ୍ରେଟ୍ରୋଲିଂ କରୁଥିବା ସମୟରେ ପୁଲିସ କର୍ମଚାରୀମାନେ ଦ୍ରୁତ ଗତିରେ ଆସୁଥିବା ବାଇକ୍ ଓଡ଼ି ୩୧ଏଫ୍ ୭୯୫୭ନମ୍ବର ବିଶିଷ୍ଟ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ଏଥିରେ ଉକ୍ତ ଅଭିଯୁକ୍ତ ପାଖରୁ ଗୋଟିଏ କଳା ରଙ୍ଗର ଏୟାର ବ୍ୟାଗରୁ ୫.୬ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଉକ୍ତ ଅଭିଯୁକ୍ତକୁ ଗିରଫ କରିଥିଲେ। ରେଢ଼ାଖୋଲ ଥାନା କେସ ନଂ ୯୯/୨୬ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଥାନା ଅଧିକାରୀ ସନୟ କୁମାର ନାଏକ ସୂଚନା ଦେଇଛନ୍ତି।

# ଓସିଏସ୍ ପରୀକ୍ଷାରେ ପୀୟୁଷଙ୍କ ସଫଳତା

**ଦେବଗଡ଼, ୨୭।୫(ସମିସ):** ଦେବଗଡ଼ ପୌରାଞ୍ଚଳ ମଠ ସାହି ଦୁର୍ଗା ମନ୍ଦିର ନିକଟରେ ରହୁଥିବା କଳାମାଟି



ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ସାହୁ ଓ ସେଲିବାଳା ସାହୁଙ୍କ ବଡ ପୁଅ ପୀୟୁଷ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୪୦ ର୍‍ୟାଙ୍କ ରଖିଛନ୍ତି। ପୀୟୁଷ ନିଜସ୍ୱ ଉଦ୍ୟମରେ ଓସିଏସ୍ ପରୀକ୍ଷା ପାଇଁ ପ୍ରୟାସ କରି ଦ୍ୱିତୀୟ ପ୍ରୟାସରେ ସେ କୃତକାର୍ଯ୍ୟ ହୋଇଛନ୍ତି।

# ବିଏଲଓ ଓ ସୁପରଭାଇଜରଙ୍କୁ ଏସ୍‌ଆଇଆର୍ ତାଲିମ

**ଦେବଗଡ଼, ୨୭।୫(ସମିସ):** ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀ ୩୩୮ ଜଣ ବିଏଲଓ ଓ ୩୪ ଜଣ ସୁପରଭାଇଜରଙ୍କୁ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ପ୍ରତ୍ୟେକ ଯୋଗ୍ୟ ନିର୍ବାଚକଙ୍କ ନାମକୁ ଭୋଟର ତାଲିକାରେ ଯୋଗ କରିବା ଏବଂ ଅଯୋଗ୍ୟ ନାମକୁ ଭୋଟର ତାଲିକାରୁ ବାଦ୍ ଦିଆଯିବା ତଥା ଏସଆଇଆର୍ ନେଇ ତିନିଦିନିଆ ତାଲିମ ଗତକାଲି ଠାରୁ ଆରମ୍ଭ ହୋଇଛି। ସକାଳ ୭ଟା ରୁ ୧୦ଟା ମଧ୍ୟରେ ତିନି ବ୍ଲକ, ପୌରପରିଷଦର ଅଞ୍ଚଳରେ ବିଦ୍ୟାଳୟ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ତାଲିମ ପ୍ରଦାନ ପାଇଁ ବାରକୋଟ ବ୍ଲକରେ ଏଇଆରଓ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା, ତହସିଲଦାର ରବୀନ୍ଦ୍ର କୁମାର ସାମଲ ଓ ତିଲେବଣି ବ୍ଲକରେ ଏଇଆରଓ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର କର୍ଣ୍ଣ ମଲିକ ଓ ରିଆମାଳ ବ୍ଲକରେ ଏଇଆରଓ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ତହସିଲଦାର ବିଜୟ ଲକ୍ଷ୍ମୀ ନାୟକ ଦେବଗଡ଼ ପୌରାଞ୍ଚଳରେ, ଏଇଆରଓ ତଥା ପୌରପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥି, ସହକାରୀ ଜିଲ୍ଲାପାଳ ସୁଶ୍ରୀ ରେଖା ମହନ୍ତଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ନିର୍ବାଚନ ପଞ୍ଜୀକରଣ ଅଧିକାରି ତଥା ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଓ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଡେପୁଟି କଲେକ୍ଟର (ଇଲେକ୍ସନ) ଏଜଲିନ ବାରା ବ୍ଲକ ଓ ପୌରାଞ୍ଚଳକୁ ଯାଇ କାର୍ଯ୍ୟକ୍ରମ ଗୁଡିକୁ ପରିଦର୍ଶନ କରି ବିଏଲ୍‌ଓ ଓ ସୁପରଭାଇଜରଙ୍କୁ ଉତ୍ସାହିତ କରିଥିଲେ।

# ଗ୍ରାମୀଣ ଶିଶୁ ଉଦ୍ୟାନ ପାଲଟିଛି ଖୋଲା ମଦ ବାର୍

**ନାକଟିଦେଉଳ, ୨୭।୫ (ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ପଞ୍ଚାୟତ ସମିତି ବଳମପଞ୍ଚାୟତ ଠାରେ ଥିବା ଏକମାତ୍ର ଗ୍ରାମୀଣ ଶିଶୁ ଉଦ୍ୟାନ ଏବେ ଖୋଲା ମଦବାର ପାଲଟିଛି। ସନ୍ଧ୍ୟା ହେଲେ ମଦ୍ୟପଙ୍କ ଆଡା ଜମୁଛି। ଯାହାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉଦ୍ୟାନର ଚାରିଆଡେ ଖୋଲା ମେଲା ଯୋଗୁଁ ପଡ଼ିଆ ଭିତରେ ମଦ୍ୟପଙ୍କ ଆଡ୍ଡା ଜମୁଛି। ରାତି ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆସର ଜମୁଛି। ଏପରକି ମଦ୍ୟପମାନେ ପଡ଼ିଆ ଭିତରେ ମଦ ପିଇ କାଚ ବୋତଲ ଭାଙ୍ଗିଦେଉ ଥିବାରୁ ତାହା ବିଛାଇ ହୋଇ ପଡ଼ିଛି। ଯାହା ଫଳରେ ଉଦ୍ୟାନକୁ ଶିଶୁମାନେ ନିରାପଦ ମଣୁନାହାନ୍ତି। ଉଦ୍ୟାନ ସମେତ ଚତୁଃପାର୍ଶ୍ୱରେ ଥିବା ନିର୍ମିତ ଫୁଟ୍‌ପାଥ୍ ଅବସ୍ଥା ମଧ୍ୟ ଦୟନୀୟ ଫୁଟପାଥର ଉଭୟ ପାର୍ଶ୍ୱ ଅନାବନା ଗଛ ଭରି ଯାଇଛି। ଉଦ୍ୟାନରେ ଲାଗିଥିବା ଉପକରଣ ମଧ୍ୟ ଅଧିକାଂଶ ନଷ୍ଟ ହୋଇଯିବା ଫଳରେ ପଞ୍ଚାୟତର ଏହି ଏକ ମାତ୍ର ଶିଶୁ ଉଦ୍ୟାନ ଧୀରେ ଧୀରେ ଅକାମୀ ହେବାକୁ ଲାଗିଲାଣି। ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଅପରାଧ ହୋଇଥିଲେ ମଧ୍ୟ କିସିଣ୍ଡା ପୁଲିସ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ଦେଖିବାକୁ ମିଳୁଛି। ପୁଲିସ୍ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ନିଶାସକ୍ତଙ୍କ ଦାଉରୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



# ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଆଲୋଚନା

**କୁଚିଣ୍ଡା, ୨୭।୫ (ସମିସ):** ମଙ୍ଗଳବାର କୁଚିଣ୍ଡା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସରୱାନନ୍ ସଙ୍କ ଅଧ୍ୟକ୍ଷତାରେ ଏବଂ ସହକାରୀ ଜିଲ୍ଲାପାଳ ରମେଶ ସାହୁ ଓ ଇଲେକସନ ଆସିଷ୍ଟାଣ୍ଟ ୱିଲିଅମ ବାଘଙ୍କ ଉପସ୍ଥିତିରେ ସମସ୍ତ ରାଜନୈତିକ ଦଳର ଜନ ପ୍ରତିନିଧିଙ୍କୁ ନେଇ ଏସ୍‌ଆଇଆର-୨୦୨୬ ସମ୍ବନ୍ଧୀୟ ଆଲୋଚନା ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ବିଜେଡି, ବିଜେପି କଂଗ୍ରେସ ଓ ଆପ୍ ଦଳର ଜନ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଏସଆଇଆର-୨୦୨୬ ର ସମସ୍ତ ପର୍ଯ୍ୟାୟର ସମୟ ସୀମା ବିଷୟରେ ତାଙ୍କୁ ଅବଗତ କରାଗଲା। ସମସ୍ତ ରାଜନୈତିକ ଦଳକୁ ପ୍ରତି ବୁଥ୍‌ରେ ବୁଥ୍ ଲେଭେଲ୍ ଏଜେଣ୍ଟ ନିୟୋଜିତ କରିବା ପାଇଁ ଅନୁରୋଧ କରାଗଲା। ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନ ଧରି ବ୍ଲକ ସ୍ତରରେ ବିଏଲ୍‌ଓ ଓ ବିଏଲଏ ମାନଙ୍କର ପ୍ରଶିକ୍ଷଣ ପାଇଁ ଏସଆଇଆରର ସଫଳ ପରିଚାଳନା ପାଇଁ ଜଣାଇ ଦିଆଗଲା। ଜନସାଧାରଣଙ୍କୁ ସୂଚନା ପ୍ରଦାନ ଲାଗି ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ହେଲ୍ପ ଡେସ୍କ ଖୋଲା ଯାଇଥିବା ବିଷୟ ଜଣାଇ ଦିଆଗଲା।ଶେଷରେ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରି ସଭା ସମାପ୍ତ କରାଗଲା।

# ଛିଡ଼ା ହୋଇଛି ଲୌହ ସ୍ତମ୍ଭ; ଉଡୁନି ଜାତୀୟ ପତାକା

ଦେବଗଡ଼, ୨୭।୫(ସମିସ)

ଦେବଗଡ଼ ପୌର ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଧ୍ୱଜା ସ୍ତମ୍ଭ ନିର୍ମାଣର ୫ ମାସ ମଧ୍ୟରେ ଉଦ୍ଦେଶ୍ୟ ହୀନ ହୋଇପଡ଼ିଥିବା ଦେଖାଯାଇଛି। କାର୍ଯ୍ୟାଳୟରେ ଲୌହ ସ୍ତମ୍ଭ ଛିଡ଼ା ହୋଇଛି, କିନ୍ତୁ ଏଯାଏଁ ଜାତୀୟ ପତାକା ଉଡିପାରିନି। ପୌର ପରିଷଦ ପକ୍ଷରୁ ପ୍ରାୟ ୮ ଲକ୍ଷ ଟଙ୍କାରେ ନିର୍ମିତ ଧ୍ୱଜା ସ୍ତମ୍ଭକୁ ଜାନୁଆରୀ ୨୬ ତାରିଖ ୭୭ତମ ସାଧାରଣତନ୍ତ୍ର ଦିବସରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଉପସ୍ଥିତିରେ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ସମେତ ନିର୍ବାହୀ ଅଧିକାରୀ ଓ ୧୧ ପାରିଷଦଙ୍କ ନାମ ଥାଇ ନାମଫଳକକୁ ଉନ୍ମୋଚନ କରାଯାଇଥିଲା। ଏଥିସହ ଧ୍ୱଜା ସ୍ତମ୍ଭରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ମାତ୍ର ୪ ମାସ ମଧ୍ୟରେ ଉକ୍ତ ସ୍ତମ୍ଭରୁ ଜାତୀୟ ପତାକା ଗାୟବ ହୋଇଯାଇଛି। କେବଳ ନାମ ଫଳକ ସହ ଲୌହ ସ୍ତମ୍ଭଟି ଛିଡା ହୋଇଥିବା ଦେଖିବାକୁ ମିଳିଛି। ତେବେ ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୋଠାରେ ପ୍ରତିଦିନ ଜାତୀୟ ପତାକା ଉଡୁଥିବା ବେଳେ ଧ୍ୱଜା ସ୍ତମ୍ଭ ନିର୍ମାଣ ପରେ କାର୍ଯ୍ୟାଳୟ କୋଠା ପରିବର୍ତ୍ତେ ଉକ୍ତ ଧ୍ୱଜା ସ୍ତମ୍ଭରେ ଜାତୀୟ ପତାକାକୁ ଖଞ୍ଜା ଯାଇଥିଲା। ମାତ୍ର କୌଣସି କାରଣରୁ ନିମ୍ନମାନର କପଡ଼ାରେ ନିର୍ମିତ ଜାତୀୟ ପତାକା ନଷ୍ଟ ହେବା ପରଠାରୁ ଗତ କିଛିଦିନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜାତୀୟ ପତାକା ଉଡୁ ନଥିବାରୁ ବୁଦ୍ଧାଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜାତୀୟ ପତାକାର ଏଭଳି ଅସମ୍ମାନ ଯେକୌଣସି ଶିକ୍ଷିତ ସମାଜ ପାଇଁ ଅପମାନ ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।







# ରେଢ଼ାଖୋଲରେ କାଳବୈଶାଖୀ ତାଣ୍ଡବ



**ରେଢ଼ାଖୋଲ, ୨୭।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗରମ ଭିତରେ ଆଶ୍ୱସ୍ତି ଆଣିଛି କଳାବୈଶାଖୀ ବର୍ଷା। ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ, ବଡବାହାଲ, କୁକୁଡାବାହାଲି, କଦଳୀଗଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୁଧବାର ଦିନ ସନ୍ଧ୍ୟାରେ କାଳବୈଶାଖୀ ବର୍ଷା ଓ କୁଆପଥର ମାଡ ସାଙ୍ଗକୁ ପ୍ରବଳ ପବନ ବହିବା ଦେଖିବାକୁ ମିଳିଛି। ଫଳରେ ଚାଷୀଙ୍କ ବିଭିନ୍ନ ପନିପରିବା କୁଆପଥର ମାଡରେ ନଷ୍ଟ ହୋଇଥିବା ଜଣାପଡ଼ିଛି। ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ଜଣାପଡ଼ିଛି।

# ସମ୍ବଲପୁରରେ ଏସ୍‌ଆଇଆର୍ ତାଲିମ



**ସମ୍ବଲପୁର, ୨୭।୫ (ସମିସ) :** ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ଯୋଡ଼ିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ହଟାଇବା ଉଦ୍ଦେଶ୍ୟ ନେଇ ସମ୍ବଲପୁର ଜିଲ୍ଲାରେ ସ୍ୱତନ୍ତ୍ରସଘନସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆରମ୍ଭ ହେଉଛି। ଏହି କ୍ରମରେ ସମ୍ବଲପୁର-୧୭ ନିର୍ବାଚନ ମଣ୍ଡଳୀରେ ବୁଥସ୍ତରୀୟ ଅଧିକାରୀ (ବିଏଲ୍‌ଓ) ମାନଙ୍କ ଏସଆଇଆର ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସ୍‌ଆଇଆର୍ ସମୟ ସାରଣୀ, ଏନୁମେରେସନ୍ ଫର୍ମ ବିତରଣ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା ଇତ୍ୟାଦି ସମ୍ପର୍କରେ ତାଲିମ ଦିଆଯାଇଛି। ସମ୍ବଲପୁର ସଦର ଉପଜିଲ୍ଲାପାଳ ଏବଂ ଇଆର୍‌ଓ ଡା. ପୁଷ୍ପାଞ୍ଜଳି ପଣ୍ଡା, ଏଇଆର୍‌ଓ ସଦର ତହସିଲଦାର ଅଭିଜିତ ମହାନ୍ତ, ଡେପୁଟି କଲେକ୍ଟର ଶୁଭ୍ରାଂଶୁ ଶେଖର ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ସୁଶାନ୍ତ ନାୟକ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ସୂଚନାଯୋଗ୍ୟ ଯେ, ମେ ୩୦ ତାରିଖରୁ ଜୁନ୍ ୨୮ ତାରିଖ ଯାଏ ବିଏଲଓମାନଙ୍କ ଦ୍ୱାରା ଘର ଘର ବୁଲି ସର୍ଭେ କରାଯିବ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମ୍ବଲପୁର-୧୭ ନିର୍ବାଚନ ମଣ୍ଡଳୀର ୧୦୦ ଜଣ ବୁଥ୍‌ସ୍ତରୀୟ ଅଧିକାରୀ, ୯ ଜଣ ବିଏଲଓ ସୁପରଭାଇଜର ତଥା ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ।

ସକାଳ THE SAKALA



■ ଦରବୃଦ୍ଧି ଓ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ବିଜେଡିର ରାସ୍ତାରୋକ

# ବହୁ ନେତାକର୍ମୀଙ୍କୁ ଉଠାଇ ନେଲା ପୁଲିସ





**କୁଚିଣ୍ଡା, ୨୭।୫(ସମିସ)**

ବୁଧବାର ଦିନ ବାମରା ବ୍ଲକ କେଶାଇବାହାଲ ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ବରାସ୍ତା ରୋକୋ ଆନ୍ଦୋଳନ ଆୟୋଜିତ ହୋଇଥିଲା। ପେଟ୍ରୋଲ, ଡିଜେଲ ଓ ନିତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ଓ ରାଜ୍ୟର ନିରାଶାଜନକ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜେଡି ଆନ୍ଦୋଳନ କରିଥିଲା।ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ ଓ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ବାମରାକୁଚିଣ୍ଡା ମୁଖ୍ୟ ରାସ୍ତାକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନକାରୀମାନେ ରାଜ୍ୟର ମୋହନ ସରକାର ଓ କେନ୍ଦ୍ରର ମୋଦି ସରକାରଙ୍କ ବିରୋଧରେ ଜୋରଦାର ସ୍ଲୋଗାନ ଦେଇଥିଲେ। ଆନ୍ଦୋଳନକୁ ଦୃଷ୍ଟିରେ ରଖି ସକାଳୁ ହିଁ କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବା ପରେ ପୁଲିସ ହସ୍ତକ୍ଷେପ କରି ଆନ୍ଦୋଳନକାରୀଙ୍କୁ ରାସ୍ତାରୁ ହଟାଇଥିଲା। ପରେ ପୁଲିସ କୁମୁଦିନୀ ନାୟକ, ରାଜେନ୍ଦ୍ର ଛତ୍ରିଆ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଜିଲ୍ଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ ଓ ଅଜିତ ମହାପାତ୍ରଙ୍କ ସହ ପ୍ରକାଶ ପଟେଲ, ସଞ୍ଜୀବ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ପୂର୍ବତନ ବ୍ଲକ ସଭାପତି ଅରବିନ୍ଦ ସାହୁ, ରାମଲାଲ ଓଝା, ଇନ୍ଦ୍ରଦେବ ଚୌଧୁରୀ, ରାଜକୁମାର ପଟେଲ, ମିଥୁନ କୋହ୍ଲି, ଭେଷଜ ପଟ୍ଟା, ଧର୍ମେନ୍ଦ୍ର ଶୁକ୍ଲା, ଦ୍ରୁପଦ କିସାନ, ତୁଳସୀ ମଞ୍ଜରୀ ବହିଦାର ସମେତ ଅନ୍ୟାନ୍ୟ ବହୁ ନେତା ଓ କର୍ମୀଙ୍କୁ ମହୁଲପାଲି ପୁଲିସ ଘଟଣାସ୍ଥଳରୁ ଉଠାଇ ଥାନାକୁ ନେଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ଆନ୍ଦୋଳନକାରୀଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

# ଶୋଚନୀୟ କାଂସଢା-ଢେଙ୍କିମୁଣ୍ଡା ରାସ୍ତା; ପୁନଃନିର୍ମାଣ ଦାବି

**ପାଇକମାଳ, ୨୭।୫ (ସମିସ):** ପାଇକମାଳ ବ୍ଲକ ଅନ୍ତର୍ଗତ କାଂସଢା ପଞ୍ଚାୟତର ଆରଡି ରାସ୍ତାରୁ କାଂସଢା ଭାୟା ଢେଙ୍କିମୁଣ୍ଡା ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରାୟ ୫ କିଲୋମିଟର ଦୀର୍ଘ ଏହି ରାସ୍ତା ସ୍ଥାନେ ସ୍ଥାନେ ଖାଲ ଢିପ ହୋଇ ଶୋଚନୀୟ ହୋଇଛି। ଫଳରେ ଯାତାୟାତରେ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ କାଂସଢା ଓ ଢେଙ୍କିମୁଣ୍ଡା ଗ୍ରାମବାସୀ ନିର୍ଭର କରୁଥିବା ବେଳେ କାଂସଢା ଓ ଆଖପାଖ ଗ୍ରାମର ବହୁ ଛାତ୍ରଛାତ୍ରୀ ପ୍ରତିଦିନ ଏହି ରାସ୍ତା ଦେଇ ଢେଙ୍କିମୁଣ୍ଡା ହାଇସ୍କୁଲକୁ ପାଠ ପଢ଼ିବାକୁ ଯାଉଛନ୍ତି। ବର୍ଷା ଋତୁରେ ରାସ୍ତାରେ କାଦୁଅ ସୃଷ୍ଟି ହେବାରୁ ଯାତାୟାତ ପ୍ରାୟ ଅସମ୍ଭବ ହୋଇପଡୁଛି। ଅନେକ ସମୟରେ ଛାତ୍ରଛାତ୍ରୀମାନେ ପଡ଼ି ଆହତ ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ସେହିପରି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ଭଳି ଗାଡ଼ି ଗାଁକୁ ପହଞ୍ଚିବାରେ ବହୁ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତା ମରାମତି ଓ ପୁନଃନିର୍ମାଣ ପାଇଁ ପ୍ରଶାସନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେଇ ରାସ୍ତାଟିର ପୁନଃନିର୍ମାଣ କରିବାକୁ ଉଗ୍ରସେନ ଭୋଇ, ସୁରେନ୍ଦ୍ର ଭୋଇ, ସୁପ୍ଲେଟ ସାହୁ, କେଶବ ଶାନ୍ତ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।



# ପାଚିଲା ଆମ୍ବ ଖାଇବାକୁ ଆସୁଛନ୍ତି ହାତୀ



**ସମ୍ବଲପୁର, ୨୭।୫ (ସମିସ):** ଏବେ ଆମ୍ବ ଗୁଡ଼ିକ ପାକଳ ହୋଇ ପାଚୁଥିବାବେଳେ ସମ୍ବଲପୁରର ମାନେଶ୍ୱର, ଯୁଯୋମୁରା ଆଦି ବିଭିନ୍ନ ବ୍ଲକରେ ହାତୀମାନେ ଦେଖାଦେଲେଣି। ହାତୀ ଆମ୍ବ ବୁରେଇ (ତୋଟା)କୁ ଆସି ପାଚିଲା ଆମ୍ବ ଖାଇବା ସହ ଗଛ ଭାଙ୍ଗି ଦେଉଥିବା ଅଭିଯୋଗ ହେଉଛି। ବରଙ୍ଗାମାଲ ଘେନୁପାଲି ଡଙ୍ଗରପଡ଼ା ପଞ୍ଚାୟତକୁ ଲାଗି ମୁର୍ଗାବାରି ପ୍ରାୟ ୫ କିଲୋମିଟରରୁ ଅଧିକ ଘଞ୍ଚ ଜଙ୍ଗଲ ରହିଛି। ଏଠାରେ ପାଣି ସୁବିଧା ମଧ୍ୟ ଅଛି। ଜଙ୍ଗଲରୁ ହାତୀ ଆସି ଆମ୍ବ ବଗିଚାରେ ଆମ୍ବ ଖାଉଥିବା ଦେଖାଯାଉଛି।

ବଡ଼ସାହିର, ଚିକଲାମ, ବାହାମ, ମୁର୍ଗାବାରି, ରେଙ୍ଗାଲମୁଣ୍ଡା, କାପୁଟିକ୍ରା ଆଦି ବିଭିନ୍ନ ଗ୍ରାମାଞ୍ଚଳରେ କେଉଁଠି ଗୋଟିଏ ଦନ୍ତା ହାତୀ ତ ଆଉ କେଉଁଠି ତିନି-ଚାରି ଟିକିଆ ହାତୀ ପଲ ଆମ୍ବ ବଗିଚାରେ ପଶୁଛନ୍ତି। ହାତୀକୁ ନେଇ ଆମ୍ବ ଚାଷୀ ଭୟ ଓ ଆଶଙ୍କାରେ ରହୁଛନ୍ତି। ଚଳିତବର୍ଷ ସଦର ଉପଖଣ୍ଡର କେତେକ ବ୍ଲକରେ ଭଲ ଆମ୍ବ ଆସିଛି, ଏପରିସ୍ଥଳେ ହାତୀ ପଶି ନଷ୍ଟ କରିବାକୁ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବନବିଭାଗ ପକ୍ଷରୁ ହାତୀର ଚଳପ୍ରଚଳ ଉପରେ ନଜର ରଖିବାସହ ଘଉଡ଼ାଇବା ପାଇଁ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



ବରଗଡ଼ ସରକାରୀ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର

# ‘ନିରାମୟ’ କେନ୍ଦ୍ରରେ ଔଷଧ ଅଭାବ

**ବରଗଡ଼, ୨୭।୫(ସମିସ):** ବରଗଡ଼ରେ ସରକାରୀ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ସହରରେ ଥିବା ନିରାମୟ ଔଷଧ କେନ୍ଦ୍ରରେ ସାମାନ୍ୟ ଔଷଧ ମଧ୍ୟ ଉପଲବ୍ଧ ନଥିବା ଅଭିଯୋଗ ହୋଇଛି। ଡାକ୍ତରମାନେ ରୋଗୀଙ୍କୁ ଲେଖୁଥିବା ଔଷଧ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ଔଷଧ ନିରାମୟ କେନ୍ଦ୍ରରେ ମିଳୁନଥିବାରୁ ରୋଗୀ ମାନେ ନିରାଶ ହୋଇ ବାହାରୁ ଔଷଧ କିଣିବାକୁ ବାଧ ହେଉଛନ୍ତି। ନିରାମୟ କେନ୍ଦ୍ରରେ ଔଷଧ ବିଷୟରେ ପଚାରିଲେ, ଆମ ପାଖକୁ ଯେତିକି ଷ୍ଟକ୍ ଆସୁଛି ସେତିକି ଦେଉଛୁ, ଆବଶ୍ୟକ ଅନୁସାରେ ଔଷଧ ମିଳୁନାହିଁ ବୋଲି କାର୍ଯ୍ୟରତ କର୍ମଚାରୀମାନେ ନିଜର ଅସହାୟତା ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଏହାର ପ୍ରଭାବରେ ଗରିବ ଓ ମଧ୍ୟବିତ୍ତ ରୋଗୀମାନେ ସରକାରୀ ଚିକିତ୍ସାରୁ ଆସ୍ଥା ହରାଇ ଘରୋଇ ଚିକିତ୍ସାଳୟ ମୁହାଁ ହେଉଛନ୍ତି। ସୋମବାର ଯୁଗଳ କିଶୋର ନାମକ ଜଣେ ରୋଗୀ ମୁହଁରେ ସଂକ୍ରମଣ ହୋଇଥିବାରୁ କିଛି ଖାଇପିଇ ପାରୁନଥିବା ଅବସ୍ଥାରେ ବରଗଡ଼ ସହର ସିଏଚସିକୁ ଚିକିତ୍ସା ପାଇଁ ଯାଇଥିଲେ। ଡାକ୍ତର ତାଙ୍କୁ କିଛି ଔଷଧ ଲେଖି ନିରାମୟ କେନ୍ଦ୍ରରୁ ମିଳିବ ବୋଲି କହିଥିଲେ। କିନ୍ତୁ ନିରାମୟ କେନ୍ଦ୍ରକୁ ଯିବା ପରେ ସେଠାରେ କେବଳ ବି-କମ୍ପ୍ଲେକ୍ସ ଓ ଏସିଡିଟି ଔଷଧ ଦିଆଯାଇଥିଲା। ଅନ୍ୟ ତିନୋଟି ଔଷଧ ବାହାରୁ କିଣିବାକୁ କହାଯାଇଥିଲା। ଏପରିକି ସାଧାରଣତଃ ବ୍ୟବହୃତ ‘ପ୍ୟାନ୍-୪୦’ଭଳି ଇଞ୍ଜେକ୍ସନ ମଧ୍ୟ ଉପଲବ୍ଧ ନଥିବା କଥା କର୍ମଚାରୀ ସ୍ୱୀକାର କରିଥିଲେ। ଇଣ୍ଡୋରରୋଗୀଙ୍କ ପାଇଁ ମଧ୍ୟ ନାହିଁ ସାମାନ୍ୟ ସାମଗ୍ରୀ କେବଳ ଔଷଧ ନୁହେଁ, ଇଣ୍ଡୋର ରୋଗୀଙ୍କ ପାଇଁ ଦରକାରୀ ସାମାନ୍ୟ ଚିକିତ୍ସା ଉପକରଣ ମଧ୍ୟ ଉପଲବ୍ଧ ନଥିବା ଦେଖାଯାଇଛି। ବରଗଡ଼ର ନଦୀ ପଡ଼ା ଅଞ୍ଚଳରୁ ଆସିଥିବା ଜଣେ ରୋଗୀଙ୍କୁ ସାଲାଇନ ଲାଗିଥିବା ବେଳେ ଭେନଫ୍ଲନ ଓ ଇଜି ଫିକ୍ସ ଭଳି ସାମାନ୍ୟ ସାମଗ୍ରୀ ମିଳିନଥିଲା। କେତେକ ସାମଗ୍ରୀ ରୋଗୀଙ୍କ ପରିବାର ଲୋକେ ବାହାରୁ କିଣିଥିବା ବେଳେ ଇଜି ଫିକ୍ସ ବଦଳରେ ପେପର ଟେପ ବ୍ୟବହାର କରାଯାଉଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଏହା ସରକାରୀ ସ୍ୱାସ୍ଥ୍ୟ ସେବାର ଦୟନୀୟ ସ୍ଥିତିକୁ ପ୍ରକାଶ କରୁଛି। ଏଭଳି ଅବ୍ୟବସ୍ଥା ମଧ୍ୟରେ ବରଗଡ଼ ସ୍ୱାସ୍ଥ୍ୟ ବିଭାଗ ଚାଲୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଗରିବ ରୋଗୀମାନେ ମାଗଣା ଚିକିତ୍ସା ପାଇଁ ସରକାରୀ ଚିକିତ୍ସାଳୟକୁ ଆସୁଥିବା ବେଳେ ଔଷଧ ଓ ସାମାନ୍ୟ ଚିକିତ୍ସା ସାମଗ୍ରୀ ନମିଳିବା ଘଟଣା ଚିନ୍ତାଜନକ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ସମସ୍ୟା ଉପରେ ତୁରନ୍ତ ଧ୍ୟାନ ଦେଇ ନିରାମୟ କେନ୍ଦ୍ରରେ ପର୍ଯ୍ୟାପ୍ତ ଔଷଧ ଓ ଚିକିତ୍ସା ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାକୁ ସାଧାରଣରେ ଦାବି ହେଉଛି।




# ବିଏଲଓ ଏବଂ ବୁଥ୍ ଏଜେଣ୍ଟଙ୍କ ଏସ୍ଆଇଆର୍ ପ୍ରଶିକ୍ଷଣ

**କୁଚିଣ୍ଡା, ୨୭।୫ (ସମିସ):** କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜମନକିରା, ବାମରା ଓ କୁଚିଣ୍ଡା ବ୍ଲକରେ ବିଏଲଓ ଓ ବୁଥ୍ ଲେଭେଲ ଏଜେଣ୍ଟଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଏଇଆରଓ, ଏସଆଇଆରର ସମସ୍ତ କାର୍ଯ୍ୟସୂଚୀ ଓ ପ୍ରଣାଳୀ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଚାଲିବ। ପ୍ରଶିକ୍ଷଣ ପରେ ୩୦ତାରିଖରୁ ବିଏଲଓମାନେ ଘରକୁ ଘର ପରିଦର୍ଶନ କରି ଏନୁମୁରେସନ ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ।

# କବାଡ଼ି ପ୍ରଶିକ୍ଷାର୍ଥୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ

**ସମ୍ବଲପୁର, ୨୭।୫ (ସମିସ) :** ସମ୍ବଲପୁର ଟାଉନ୍ ହଲ୍ ପଡ଼ିଆରେ ସମ୍ବଲପୁର କ୍ଲବ୍ ଆନୁକୂଲ୍ୟରେ ପ୍ରତିଦିନ କବାଡ଼ି ପ୍ରଶିକ୍ଷଣ ନେଉଥିବା ଛୋଟ ଛୋଟ ପିଲା ଏବଂ ଯୁବକ-ଯୁବତୀଙ୍କୁ ଆଜି ‘ପ୍ରଦାନ’ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଆଜି ସକାଳ ୭ ଟାରେ ପ୍ରଶିକ୍ଷଣ ଶେଷ ହେବାପରେ ସଂଗଠନ ତରଫରୁ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ କଦଳୀ, ସିଝା ଅଣ୍ଡା, ଗ୍ଲୁକୋଜ୍ ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଇଥିଲା। ପ୍ରାୟ ୧୨୦ ଜଣ ଖେଳାଳି ଉପକୃତ ହୋଇଥିଲେ। କାର୍ଯ୍ୟକ୍ରମରେ ‘ପ୍ରଦାନ’ ସଂଗଠନର ଅଧ୍ୟକ୍ଷା ମିନୁ ନାୟକ, ସମ୍ପାଦିକା ମୋନାଲିସା ପରିଡ଼ା, ସଦସ୍ୟା ସୁଭଦ୍ରା ନାଗ, ମଧୁମିତା, ହୀନା କୌଶର, ପିଙ୍କି ନାଗ, ଗାୟତ୍ରୀ ସିଂ, ଜୟଶ୍ରୀ ପ୍ରଧାନ, ଦୁର୍ଗା ଦାସ, ମଧୁମିତା ମୁଖୀ ପ୍ରମୁଖ ସାମିଲ ଥିଲେ। ଅଧ୍ୟକ୍ଷା ମିନୁ ନାୟକ କହିଥିଲେ, କେବଳ ଖେଳ ଅଭ୍ୟାସ କଲେ ହେବ ନାହିଁ, ଶରୀରକୁ ପୁଷ୍ଟିକର ଖାଦ୍ୟ ମଧ୍ୟ ଦରକାର। ଆମ ସଂଗଠନ ଛୋଟ ଛୋଟ ପିଲାମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସବୁବେଳେ ସେମାନଙ୍କ ସାଥିରେ ଅଛି।



# ସମ୍ବଲପୁରୀ ଗାୟକ ଫକୀର ପଟ୍ଟନାୟକଙ୍କ ସ୍ମୃତିରେ ସଙ୍ଗୀତ ଆସର

**ସମ୍ବଲପୁର, ୨୭।୫ (ସମିସ) :** ସମ୍ବଲପୁରୀ ଲୋକ ସଙ୍ଗୀତର ପ୍ରତିଷ୍ଠିତ ଗାୟକ ଫକୀର ମୋହନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଆଜି ସନ୍ଧ୍ୟାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଏବଂ ଭାରତୀ ସମାଜ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ସଙ୍ଗୀତ ଆସର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗୀତିକାର ବିଭୁତି ଭୂଷଣ ନାଥ ଏବଂ ଗାୟକ ବିଭୂତି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସମ୍ବଲପୁରୀ ଲୋକ ଗାୟକ, ସଙ୍ଗୀତକାର ଏବଂ ସଙ୍ଗୀତ ନିର୍ଦ୍ଦେଶକ ଫକୀର ମୋହନ ପଟ୍ଟନାୟକଙ୍କର ଜନ୍ମ ୧୯୪୪ ମସିହା ମେ ମାସ ୨୭ ତାରିଖରେ ସୁବର୍ଣ୍ଣପୁରରେ ହୋଇଥିଲା। ଆଜି ପର୍ଯ୍ୟନ୍ତ ତାଙ୍କ କଣ୍ଠରୁ ନିଃସୃତ ସମ୍ବଲପୁରୀ ଗୀତ ଶ୍ରୋତାଙ୍କୁ ବିମୋହିତ କରିଆସିଛି ବୋଲି ଗୀତିକାର ବିଭୁତି ଭୂଷଣ ନାଥ କହିଥିଲେ। ଅତିଥି ବିଭୂତି ପଟ୍ଟନାୟକ କହିଲେ ଯେ, ସମ୍ବଲପୁରୀ ଲୋକଗୀତ ଏବଂ ନୃତ୍ୟର ସଂସ୍କୃତି ଅତ୍ୟନ୍ତ ସମୃଦ୍ଧ ଓ ନିଆରା। ଏହି ମାଟିର ବାସ୍ନା ଏବଂ ସଂସ୍କୃତିକୁ ନିଜ କଣ୍ଠର ଯାଦୁରେ ଫକୀର ପଟ୍ଟନାୟକ ଦେଶ-ବିଦେଶରେ ପହଞ୍ଚେଇ ପାରିଥିଲ। ଆବାହକ ଭବାନୀଶ ଭୋଇ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ପ୍ରମୋଦ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନସ ଷଡ଼ଙ୍ଗୀ ଆରତ ତାରିଣୀ, ଆରତୀ ମିଶ୍ର ବଇଲେ ରାଧୀକା ଶୁଣଗୋ, ଦୟାନିଧି ବେହେରା ଆଗରେ ବଲିଆ ଭାଇ, କାହ୍ନୁ କେଶବ ବହିଦାର ଗଲା ମାଲିରେ ଆଛା ବିଦେଶୀ ହେଲି, ଆହା ନବ ନାଗରୀ ପରମ ବୈଭବ ମେହେର, ମାନସ ଷଡ଼ଙ୍ଗୀ ଏବଂ ଆରତୀ ମିଶ୍ର ଲବଙ୍ଗ ଲତା ଗଜମୁକ୍ତା, ଭବାନୀଶ ଭୋଇ ଆସ ଦେଖିଯିମା ଧନୁଯାତ୍ରା, କାହ୍ନୁ କେଶବ ବହିଦାର ଲିଟି ଉଡେ ଫୁରୁଫୁରୁ ଭଳି ଗୀତ ଗାଇ ସ୍ୱରାଞ୍ଜଳି ଦେଇଥିଲେ। କାର୍ଯ୍ୟକ୍ରମରେ ଡଃ ଶ୍ୟାମ ସୁନ୍ଦର ଧର, ଗୁରୁ ରଞ୍ଜନ ସାହୁ, ପ୍ରଫୁଲ୍ଲ ହୋତା, ଅପର୍ଣ୍ଣା ପାଢ଼ୀ, ଗୁରୁ ରତନ ପୂଜାରୀ, ସଙ୍ଗଠକ କୈଳାସ ଚନ୍ଦ୍ର ବାରିକ, ତ୍ରିଲୋଚନ ସାହୁ, ଦେବେନ୍ଦ୍ର ଭୋଇ, ଲଳିତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ବିଜେପି ସମ୍ବଲପୁର ଜିଲ୍ଲାର ପ୍ରଶିକ୍ଷଣ ଶିବିର

# ପୂର୍ବତନ ଜିଲ୍ଲା ସଭାପତିଙ୍କୁ ଅସମ୍ମାନକୁ ନେଇ ଚର୍ଚ୍ଚା

**କୁଚିଣ୍ଡା, ୨୭।୫(ସମିସ)**

ସମ୍ବଲପୁର ଜିଲ୍ଲା ବିଜେପି ପକ୍ଷରୁ ସ୍ଥାନୀୟ କେସେଇବାହାଲସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ପରିସରରେ ଆରମ୍ଭ ହୋଇଥିବା ୨ ଦିବସୀୟ ଜିଲ୍ଲା ପ୍ରଶିକ୍ଷଣ ଶିବିର ପ୍ରଥମ ଦିନରୁ ହିଁ ବିବାଦ ଘେରକୁ ଆସିଛି। ବିଜେପିର ପୂର୍ବତନ ସମ୍ବଲପୁର ଜିଲ୍ଲା ସଭାପତି ଗିରିଶ ପଟେଲଙ୍କୁ ଅସମ୍ମାନ କରାଯାଇଥିବା ଅଭିଯୋଗକୁ ନେଇ ଦଳୀୟ ମହଲରେ ଚର୍ଚ୍ଚା ତୀବ୍ର ହୋଇଛି। ମଙ୍ଗଳବାର ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ଡ଼ଃ ଯତୀନ ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ମଞ୍ଚରେ ସୀମାଞ୍ଚଳ ଖଟେଇ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାମଚନ୍ଦ୍ର ମେହେର, ସୁଶିଲ କୁମାର କର, ସମୀର ରଞ୍ଜନ ବାବୁ, ନାଉରୀ ନାଏକ, ସବିତା ନନ୍ଦ, ଗିରିଶ ପଟେଲ ଓ ବୃନ୍ଦାବନ ମାଝି ଉପସ୍ଥିତ ଥିଲେ। ସଂଗଠନକୁ ଆହୁରି ମଜବୁତ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଶିବିରର ଆୟୋଜନ କରାଯାଇଥିବା କୁହାଯାଇଥିଲା।କାର୍ଯ୍ୟକ୍ରମ ଚାଲିଥିବା ସମୟରେ ପୂର୍ବତନ ଜିଲ୍ଲା ସଭାପତି ଗିରିଶ ପଟେଲ ହଠାତ୍ ବୈଠକ ଛାଡ଼ି ଚାଲିଯିବା ଘଟଣା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପରେ ତାଙ୍କୁ ସମ୍ପର୍କ କରିବାରୁ ସେ ଖୋଲାଖୋଲି ଭାବେ ଅସନ୍ତୋଷ ପ୍ରକାଶ କରିଥିଲେ। ଗିରିଶ ପଟେଲଙ୍କ କହିବା ଅନୁସାରେ, ପ୍ରଶିକ୍ଷଣ ଶିବିରରେ ପ୍ରକୃତ ପ୍ରଶିକ୍ଷାର୍ଥୀଙ୍କ ଠାରୁ ଅଣଅପେକ୍ଷିତ କାର୍ଯ୍ୟକର୍ତ୍ତାଙ୍କ ସଂଖ୍ୟା ଅଧିକ ଥିଲା। ସେ ଅଭିଯୋଗ କରି କହିଥିଲେ ଯେ, ଦଳର ଅନେକ ପୁରୁଣା ଓ ସକ୍ରିୟ କର୍ମୀଙ୍କୁ ଶିବିରକୁ ଡାକାଯାଇନଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେ ବୈଠକକୁ ଯାଇଥିବାବେଳେ ମଞ୍ଚାସୀନ ଜଣେ ରାଜ୍ୟ ପଦାଧିକାରୀ ତାଙ୍କୁ ସଭାରୁ ଚାଲିଯିବା ପାଇଁ କହିଥିବା ସେ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ସଂଗଠନ ପାଇଁ କାମ କରିଥିବା ଏବଂ ଜିଲ୍ଲା ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଦାୟିତ୍ୱ ନିଭାଇଥିବା ଜଣେ ବରିଷ୍ଠ ନେତାଙ୍କ ସହ ଏଭଳି ବ୍ୟବହାର ହୋଇଥିବା ଅଭିଯୋଗ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ଜିଲ୍ଲା ବିଜେପି ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ।



ସରକାରୀ କଲେଜରେ ପ୍ରଶିକ୍ଷଣ ଶିବିରକୁ ନେଇ ବିବାଦ

# ନିୟମ ଉଲ୍ଲଂଘନ ଅଭିଯୋଗ ପ୍ରଶ୍ନ ଉଠାଇଲା ବିଜେଡି

**କୁଚିଣ୍ଡା, ୨୭।୫ (ସମିସ):** ସମ୍ବଲପୁର ଜିଲ୍ଲା ବିଜେପି ପକ୍ଷରୁ କେଶାଇବାହାଲସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ପରିସରରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ପଣ୍ଡିତ ଦିନଦୟାଲ ପ୍ରଶିକ୍ଷଣ ଶିବିର ଓ ମହାଅଭିଯାନକୁ ନେଇ ଏବେ ନୂଆ ବିବାଦ ସୃଷ୍ଟି ହୋଇଛି। ଏକ ସରକାରୀ ଶିକ୍ଷାନୁଷ୍ଠାନ ପରିସରରେ ରାଜନୈତିକ ଦଳର କାର୍ଯ୍ୟକ୍ରମ କିପରି ଆୟୋଜନ କରାଗଲା ତାହାକୁ ନେଇ ବିଜେଡି ପକ୍ଷରୁ ତୀବ୍ର ଆପତ୍ତି ଉଠାଯାଇଛି। ଘଟଣାକୁ ନେଇ ସ୍ଥାନୀୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ବିଜେଡି ନେତା ଓ କର୍ମୀମାନେ ଅଭିଯୋଗ କରିଛନ୍ତି ଯେ, ସରକାରୀ ଅନୁଦାନରେ ପରିଚାଳିତ ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଇଁ ନିର୍ଦ୍ଧାରିତ ଏକ ଶିକ୍ଷାନୁଷ୍ଠାନକୁ ରାଜନୈତିକ ମଞ୍ଚରେ ପରିଣତ କରାଯିବା ନିୟମ ସମ୍ମତ ନୁହେଁ। ସେମାନଙ୍କ କହିବା ଅନୁସାରେ, ଶିକ୍ଷାନୁଷ୍ଠାନ ରାଜନୀତିରୁ ଦୂରେ ରହିବା ଉଚିତ। ଏପରି କାର୍ଯ୍ୟକ୍ରମ ଶିକ୍ଷା ପରିବେଶ ଉପରେ ପ୍ରଭାବ ପକାଇପାରେ। ସରକାରୀ ନିୟମ ଅନୁଯାୟୀ, ସରକାରୀ ଶିକ୍ଷାନୁଷ୍ଠାନର ସମ୍ପତ୍ତି, ପରିସର କିମ୍ବା ଭିତ୍ତିଭୂମିକୁ କୌଣସି ଦଳୀୟ ରାଜନୈତିକ ପ୍ରଚାର, ସଂଗଠନାତ୍ମକ ବୈଠକ କିମ୍ବା ରାଜନୈତିକ ସଭା ପାଇଁ ବ୍ୟବହାର କରାଯିବାକୁ ସାଧାରଣତଃ ନିଷେଧ କରାଯାଇଥାଏ, ଯଦିନା ଉଚ୍ଚ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟ ଅନୁମତି ଥାଏ। ଶିକ୍ଷା ବିଭାଗର ବିଭିନ୍ନ ନିର୍ଦ୍ଦେଶିକାରେ ମଧ୍ୟ ଶିକ୍ଷା ପରିସରର ରାଜନୈତିକ ବ୍ୟବହାରକୁ ନିରୁତ୍ସାହିତ କରାଯାଇଥିବା ଉଲ୍ଲେଖ ରହିଛି। ବିଶେଷ କରି ଶିକ୍ଷାନୁଷ୍ଠାନର ନିରପେକ୍ଷତା ଓ ଶିକ୍ଷା ପରିବେଶ ଅକ୍ଷୁଣ୍ଣ ରଖିବାକୁ ଏଥିରେ ଗୁରୁତ୍ୱ ଦିଆଯାଇଥାଏ। ଏହି ପ୍ରସଙ୍ଗରେ କଲେଜ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। କାର୍ଯ୍ୟକ୍ରମ ପାଇଁ କଲେଜ ପକ୍ଷରୁ ଅନୁମତି ଦିଆଯାଇଥିଲା କି ନାହିଁ, ଯଦି ଦିଆଯାଇଥିଲା ତେବେ କେଉଁ ଆଧାରରେ ଓ କାହାର ନିର୍ଦ୍ଦେଶରେ ଏହା ହେଲା ଏନେଇ ଚର୍ଚ୍ଚା ଜୋର ଧରିଛି। ଅନେକ ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ମଧ୍ୟ କହୁଛନ୍ତି ଯେ, କଲେଜ ପରିସରକୁ ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ସୃଜନଶୀଳ କାର୍ଯ୍ୟକ୍ରମରେ ସୀମିତ ରଖିବା ଉଚିତ। ଅନ୍ୟପଟେ, ବିଜେପି ପକ୍ଷରୁ ଏନେଇ କୌଣସି ଔପଚାରିକ ପ୍ରତିକ୍ରିୟା ମିଳିନାହିଁ। ତେବେ ଦଳୀୟ ସୂତ୍ରରୁ କୁହାଯାଉଛି ଯେ, ସାଂଗଠନିକ ପ୍ରଶିକ୍ଷଣ ଶିବିର ହେତୁ ଏହାକୁ ସାଧାରଣ ବୈଠକ ଭାବେ ଦେଖାଯିବା ଉଚିତ ଏବଂ ଏଥିରେ କୌଣସି ଅନିୟମିତତା ନାହିଁ। ତଥାପି ସରକାରୀ ଶିକ୍ଷାନୁଷ୍ଠାନରେ ରାଜନୈତିକ କାର୍ଯ୍ୟକ୍ରମ ଆୟୋଜନ ଘଟଣା ଏବେ କେବଳ ଦଳୀୟ ବିବାଦରେ ସୀମିତ ରହିନାହିଁ; ବରଂ ଏହା ଶିକ୍ଷାନୁଷ୍ଠାନର ନିରପେକ୍ଷତା, ପ୍ରଶାସନିକ ଦାୟିତ୍ୱ ଓ ସରକାରୀ ନିୟମ ପାଳନକୁ ନେଇ ବଡ଼ ପ୍ରଶ୍ନ ଉଠାଇଛି ବୋଲି ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାଏକ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାର ତଦନ୍ତ ଓ ସ୍ପଷ୍ଟୀକରଣ ଦାବି କରି ବିପକ୍ଷ ମହଲରେ ସ୍ୱର ଉଚ୍ଚ ହେଉଥିବା ଦେଖାଯାଉଛି।